# ବ୍ୟବହାରିକ

# ଖ୍ରୀଷ୍ଟିଆନ ଜୀବନଯାପନ

shepherds
GLOBAL CLASSROOM

Shepherds Global Classroom ଖ୍ରୀଷ୍ଟଙ୍କ ଦେହକୁ ସଜ୍ଜ କରିବା ପାଇଁ ପୃଥିବୀରେ ଉଦିୟମାନ ଖ୍ରୀଷ୍ଟିୟ ନେତାମାନଙ୍କ ପାଇଁ ପାଠ୍ୟକ୍ରମ ପ୍ରଦାନ କରୁଛି । ଆମର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଦେଶର ଆଧ୍ୟାତ୍ମିକ ଶିକ୍ଷକମାନଙ୍କ ହାତରେ ୨୦ଟି ପାଠ୍ୟକ୍ରମ ଟୁଲ୍ ଦେଇ ଉଦ୍ଦେଶ୍ୟମୂଳକ ଶିକ୍ଷା ଅଭିଯାନକୁ ବୃଦ୍ଧି କରିବା ।

ଏହି ପୁସ୍ତକଟି ନିଃଶୁଳ୍କ ଡାଉନଲୋଡ ପାଇଁ https://shepherdsglobal.org/courses ରେ ଉପଲବ୍ଧ ।

ପ୍ରଧାନ ଲେଖକ: Dr. Stephen K. Gibson

କପିରାଇଟ © ୨୦୨୧ Shepherds Global Classroom ।

ଓଡ଼ିଆରେ ଅନୁବାଦ କରାଯାଇଛି ପ୍ରଥମ ଆବୃତ୍ତି ଇଂରାଜୀରୁ ।

ସମସ୍ତ ଅଧିକାର ସଂରକ୍ଷିତ ।

ତୃତୀୟ ପକ୍ଷ ଉପକରଣଗୁଡ଼ିକ ତାଙ୍କର ସମ୍ବନ୍ଧିତ ମାଲିକମାନଙ୍କ କପିରାଇଟ ଓ ବିଭିନ୍ନ ଲାଇସେନ୍ସରେ ଅଂଶୀଦାର ।

ଏହାରେ ଉଲ୍ଲେଖିତ ସମସ୍ତ ଶାସ୍ତ୍ର ଅଂଶ 'ପବିତ୍ର ବାଇବଲ (Re-edited)' ଓଡ଼ିଆ ଅନୁବାଦରୁ ନିଆଯାଇଛି, ଯାହା ବାଇବଲ ସୋସାଇଟି ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ।

**ଅନୁମତି ସୂଚନା:**

ଏହି ପୁସ୍ତକଟିକୁ ମୁଦ୍ରଣ କରିବା ଓ ଡିଜିଟାଲ୍ ଫର୍ମାଟରେ ନିଃଶୁଳ୍କ ବଣ୍ଟନ କରାଯାଇପାରେ ନିମ୍ନଲିଖିତ ନିୟମ ଅନୁସାରେ: (1) ପୁସ୍ତକର ବିଷୟବସ୍ତୁ କୌଣସି ଭାବେ ପରିବର୍ତ୍ତନ କରିହେବ ନାହିଁ; (2) କପିଗୁଡ଼ିକୁ ଲାଭ ପାଇଁ ବିକ୍ରି କରାଯାଇପାରିବ ନାହିଁ; (3) ଶିକ୍ଷାତ୍ମକ ସଂସ୍ଥାଗୁଡ଼ିକ ଏହି ପୁସ୍ତକକୁ ବ୍ୟବହାର/ନକଲ କରିପାରିବେ, ଯଦି ସେମାନେ ଶିକ୍ଷା ଶୁଳ୍କ ମଧ୍ୟ ଆଦାୟ କରନ୍ତି; (4) ପୁସ୍ତକକୁ Shepherds Global Classroom ର ଅନୁମତି ଓ ନିର୍ଦ୍ଦେଶନା ଚାଡ଼ା ଅନୁବାଦ କରାଯାଇପାରିବ ନାହିଁ ।

# ସୂଚୀପତ୍ର


ଶ୍ରେଣୀ ନେତାଙ୍କ ନିମନ୍ତେ ନିର୍ଦ୍ଦେଶ ........ ୫

(୧) ଖ୍ରୀଷ୍ଟିୟାନ ସଚ୍ଚୋଟତା ........ ୭

(୨) ଈଶ୍ୱରଙ୍କ ପ୍ରତି ଆଜ୍ଞାପାଳନର ଅଭ୍ୟାସ ........ ୨୩

(୩) କାର୍ଯ୍ୟ ........ ୩୫

(୪) ସମ୍ପର୍କ ........ ୪୭

(୫) ଈଶ୍ୱରଙ୍କ ପଥ ପ୍ରଦର୍ଶନ ........ ୬୧

(୬) ବାଇବଲରେ ବିବାହର ଧାରଣା ........ ୭୫

(୭) ବିବାହର ପବିତ୍ରତା ........ ୮୯

(୮) ଖ୍ରୀଷ୍ଟିୟାନ ପରିବେଶ ବିଜ୍ଞାନ ........ ୧୦୯

(୯) ଟଙ୍କା ........ ୧୧୯

(୧୦) ଧାର୍ମିକତା ........ ୧୩୫

(୧୧) ମାନବିକ ମୂଲ୍ୟବୋଧ ........ ୧୪୯

(୧୨) ସରକାର ........ ୧୬୫

(୧୩) ଖ୍ରୀଷ୍ଟିୟାନର ଶରୀର ........ ୧୭୫

ସୁପାରିଶ କରାଯାଇଥିବା ସାଧନଗୁଡ଼ିକ ........ ୧୮୭

ଦିଆଯାଇଥିବା କାର୍ଯ୍ୟର ରେକର୍ଡ ........ ୧୮୯

# ଶ୍ରେଣୀ ନେତାଙ୍କ ନିମନ୍ତେ ନିର୍ଦ୍ଦେଶ

ଯଦି ଆପଣ ଦଳରେ ପଢ଼ିଛନ୍ତି, ତେବେ ଆପଣ ପାଳି ପାଳି କରି ଏହି ବିଷୟକୁ ପାଠ କରିପାରିବେ । ଯେକୌଣସି ଶ୍ରେଣୀର ଆଲୋଚନା ନିମନ୍ତେ ଆପଣ ସମୟ ସମୟରେ କ୍ଲାସ୍ ବନ୍ଦ କରିପାରିବେ । ଶ୍ରେଣୀ ନେତା ଭାବରେ ଆପଣ ଆଲୋଚନା ଚାଲୁ ରଖିବେ, ଯେଉଁ ବିଷୟରୁ ପାଠ କରାଗଲା । ପ୍ରତ୍ୟେକ ଆଲୋଚନା ପାଇଁ ଏକ ସମୟସୀମା ନିର୍ଦ୍ଧାରଣ କରିବା ଉଚିତ ।

**ପ୍ରଶ୍ନ ଆଲୋଚନା ଏବଂ ଶ୍ରେଣୀ କାର୍ଯ୍ୟକ୍ରମ ବିନ୍ଦୁ** ଦେଇ ଚିହ୍ନିତ ହୋଇଛି ► । ପ୍ରଶ୍ନ ଆଲୋଚନା ପାଇଁ ଶ୍ରେଣୀ ନେତା ପ୍ରଶ୍ନ ପଚାରିବେ ଏବଂ ଉତ୍ତର ଆଲୋଚନା ପାଇଁ ଛାତ୍ରମାନଙ୍କୁ ସମୟ ଦେବେ । ଯଦି ସେହି ସମାନ ଛାତ୍ର ପ୍ରଥମରେ ଉତ୍ତର ଦେଉଛନ୍ତି କିମ୍ବା କୌଣସି ଛାତ୍ର କିଛି କହୁ ନାହାନ୍ତି, ନେତା ସେହି ପ୍ରଶ୍ନକୁ ଅନ୍ୟ କାହାକୁ ପଚାରି ପାରନ୍ତି ।

ପାଠ୍ୟକ୍ରମର ଅଧିକାଂଶ **ଶାସ୍ତ୍ରାଂଶ** ବ୍ୟବହୃତ ହୋଇଛି । ଯେଉଁ ପାରାଗ୍ରାଫ୍‌ଗୁଡ଼ିକ ଉଚ୍ଚ ସ୍ୱରରେ ପାଠ କରାଯିବ ସେଗୁଡ଼ିକ ବିନ୍ଦୁ ଦେଇ ଚିହ୍ନିତ କରାଯାଇଛି ► । ଦଳ ପାଇଁ ଜଣେ ଛାତ୍ରଙ୍କୁ ଏହା ପାଠ କରିବାକୁ କୁହନ୍ତୁ । ଅନ୍ୟ ସମୟରେ, ଶାସ୍ତ୍ରର ସୂଚନା ବନ୍ଧନୀ ମଧ୍ୟରେ ଦିଆଯାଇଛି । ଉଦାହରଣ ସ୍ୱରୂପ : (୧ କରିନ୍ଥୀୟ ୧୨:୧୫) । ସେହି ସନ୍ଦର୍ଭଗୁଡ଼ିକ ପାଠରେ ଥିବା ବକ୍ତବ୍ୟ ପାଇଁ ସମର୍ଥନ କରେ । ବନ୍ଧନୀ ମଧ୍ୟରେ ଥିବା ପାରାଗୁଡ଼ିକ ପାଠ କରିବା ସର୍ବଦା ଆବଶ୍ୟକ ନୁହେଁ ।

ପ୍ରତ୍ୟେକ ପାଠର ଶେଷରେ ଭାରାର୍ପିତ **ଦିଆଯାଇଥିବା କାର୍ଯ୍ୟ** ବ୍ୟାଖ୍ୟା କରାଯାଇଛି । ଦିଆଯାଇଥିବା କାର୍ଯ୍ୟ ପାଠର ଶେଷରେ ସମାପ୍ତ ହେବା ଉଚିତ ଏବଂ ପରବର୍ତ୍ତୀ ଶ୍ରେଣୀ ଆରମ୍ଭରେ ଶ୍ରେଣୀ ନେତାଙ୍କୁ ରିପୋର୍ଟ କରିବା ଉଚିତ । ଯଦି ଛାତ୍ର ପାଠକୁ ଏବଂ ଏହାର ଦିଆଯାଇଥିବା କାର୍ଯ୍ୟ ଶେଷ କରି ନାହିଁ, ସେ ପରବର୍ତ୍ତି ସମୟରେ ତାହା ସମାପ୍ତ କରିପାରିବ । ତଥାପି, ନେତା ଛାତ୍ରମାନଙ୍କୁ ସମୟ ସାରଣୀ ପାଳନ କରିବାକୁ ଉତ୍ସାହିତ କରିବା ଉଚିତ ଯାହା ଦ୍ୱାରା ସେମାନେ ଶ୍ରେଣୀରୁ ଅଧିକ ଶିଖିପାରିବେ । ଛାତ୍ରଟି ସମାପ୍ତ କରିଥିବା ଦିଆଯାଇଥିବା କାର୍ଯ୍ୟଗୁଡ଼ିକୁ ରେକର୍ଡ଼ କରିବା ପାଇଁ ପାଠ୍ୟକ୍ରମର ପଛ ପଟେ ଏକ ଚାର୍ଟ ଦିଆଯାଇଛି ।

ଏହି ପାଠ୍ୟକ୍ରମର ଏକ ଉଦ୍ଦେଶ୍ୟ ହେଉଛି ଛାତ୍ରମାନଙ୍କୁ ଶିକ୍ଷକ ହେବା ପାଇଁ ପ୍ରସ୍ତୁତ କରିବା । ଶ୍ରେଣୀ ନେତା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶିକ୍ଷା ଦାନ ଦକ୍ଷତା ବିକାଶ କରିବା ପାଇଁ ସୁଯୋଗ ଦେବା ଉଚିତ । ଉଦାହରଣ ସ୍ୱରୂପ, ଶ୍ରେଣୀ ନେତା ବେଳେବେଳେ ଛାତ୍ରଙ୍କୁ ପାଠର ଏକ ଛୋଟ ଅଂଶ ଶ୍ରେଣୀକୁ ପଢ଼ାଇବାକୁ ଦେବା ଉଚିତ ।

ପ୍ରତ୍ୟେକ ପାଠର ଶେଷରେ ଦଳଗତ ଆଲୋଚନା ନିମନ୍ତେ ନିର୍ଦ୍ଦେଶାବଳୀ ସହିତ ଏକ ବିଭାଗ ଅଛି । ଏହି ଆଲୋଚନା ପାଇଁ ଶ୍ରେଣୀ ନେତା ସମୟ ନିର୍ଦ୍ଧାରଣ କରିବେ । ଏହି ବିଷୟବସ୍ତୁ ସମାପ୍ତ କରିବା ପର୍ଯ୍ୟନ୍ତ ଅନେକ ପାଠରେ ବହୁତ ଆଲୋଚନାର ବିଷୟ ଥାଇପାରେ ।

ପ୍ରତ୍ୟେକ ପାଠର ଶେଷରେ ଏକ ଛୋଟ ପ୍ରାର୍ଥନା ମଧ୍ୟ ରହିଛି : ଛାତ୍ରମାନଙ୍କ ଜୀବନରେ ସତ୍ୟର ପ୍ରୟୋଗ ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା । ସେହି ପ୍ରାର୍ଥନାର ଅଂଶକୁ ପାଠ କରିବା ପାଇଁ ଶ୍ରେଣୀ ନେତା ଜଣେ ଛାତ୍ରଙ୍କୁ କହିପାରିବେ ।

**Shepherds Global Classroom**ଠାରୁ ଯଦି ଜଣେ ଛାତ୍ର **ସାର୍ଟିଫିକେଟ୍ ପାଇବାକୁ ଇଚ୍ଛା** କରନ୍ତି, ସେ କ୍ଲାସ୍‌ରେ ଉପସ୍ଥିତ ରହିବେ ଏବଂ ଦିଆଯାଇଥିବା କାର୍ଯ୍ୟ ସମାପ୍ତ କରିବେ । ପାଠ୍ୟକ୍ରମର ଶେଷରେ ସମାପ୍ତ ହୋଇଥିବା ଦିଆଯାଇଥିବା କାର୍ଯ୍ୟ ରେକର୍ଡ଼ କରିବା ପାଇଁ ଏକ ଫର୍ମ ପ୍ରଦାନ କରାଯାଇଛି ।

# ପାଠ - ୧

# ଖ୍ରୀଷ୍ଟିୟାନ ସଙ୍କୋଚତା

## ପାଠର ଉଦ୍ଦେଶ୍ୟ

ଏହି ପାଠର ଶେଷ ସୁଦ୍ଧା ଛାତ୍ର ଛାତ୍ରୀମାନେ ଯେପରି :

(୧) ବୁଝିପାରିବେ ଯେ, ଏହାର ଅର୍ଥ କ'ଣ? ଯେତେବେଳେ ବାଇବଲ "ଜଗତ" ବିଷୟରେ କହେ ।

(୨) ଜଗତର ମୂଲ୍ୟବୋଧ ଜଣଙ୍କ ଜୀବନକୁ କେଉଁ କ୍ଷେତ୍ରରେ ପ୍ରଭାବିତ କରିଛି, ତାହା ଚିହ୍ନିତ କରିପାରିବେ ।

(୩) ଜଣେ ବିଶ୍ୱାସୀର ଚିନ୍ତାଧାରା ଜଣେ ଅଣବିଶ୍ୱାସୀଙ୍କ ଚିନ୍ତାଧାରାଠାରୁ କିପରି ଏବଂ କାହିଁକି ଭିନ୍ନ ହେବା ଉଚିତ, ତାହା ବର୍ଣ୍ଣନା କରିପାରିବେ ।

(୪) ଜଣେ ବିଶ୍ୱାସୀ ପାଇଁ ସଙ୍କୋଚ ଜୀବନଯାପନ କରିବାର ଅର୍ଥ କ'ଣ ତାହା ବ୍ୟାଖ୍ୟା କରିପାରିବେ ।

(୫) ଦର୍ଶାଇ ପାରିବେ ଯେ, ଖ୍ରୀଷ୍ଟିୟ ସତ୍ୟତା ଜୀବନର ସମସ୍ତ ବିଷୟରେ ପ୍ରୟୋଗ ହେବା ଉଚିତ ।

## ଯୋହନ କ୍ରୀସୋଷ୍ଟମ୍, ସଙ୍କୋଚତାର ପ୍ରଚାରକ

ଯୋହନ କ୍ରୀସୋଷ୍ଟମ୍ (୩୭୦),[1] ଜଣେ ଈଶ୍ୱର ପରାୟଣ ପାଳକ ଥିଲେ ଯେ, ପରବର୍ତ୍ତୀ ସମୟରେ ତାଙ୍କର ଶକ୍ତିଶାଳୀ ଏବଂ ବାଗ୍ମିକ ପ୍ରଚାର ପାଇଁ "ସ୍ୱର୍ଣ୍ଣ ମୂଖ" ରେ ପରିଚିତ ହେଲେ । ସେ ସାଧାରଣ ଲୋକଙ୍କ ଦ୍ୱାରା ବହୁତ ପ୍ରିୟ ଥିଲେ ଏବଂ ପୂର୍ବ ରୋମୀୟ ସାମ୍ରାଜ୍ୟର ସବୁଠାରୁ ପ୍ରସିଦ୍ଧ ପ୍ରଚାରକ ହୋଇଗଲେ । ୩୯୮ ମସିହାରେ ତାଙ୍କୁ ୧୦୦,୦୦୦ ସଦସ୍ୟ ବିଶିଷ୍ଟ ଜାତୀୟ ଚର୍ଚ୍ଚର ପାଳକ ଏବଂ କୁଳପତି ଭାବରେ ସେବା କରିବା ପାଇଁ କନ୍‌ଷ୍ଟାଣ୍ଟିନୋପୋଲ୍ (ବର୍ତ୍ତମାନର ଇସ୍ତାମ୍ବୁଲ୍, ତୁର୍କୀ) କୁ ନିଆଯାଇଥିଲା ।

ଜନ୍ ତାଙ୍କର ଅଟଳ ଚରିତ୍ର ପାଇଁ ଜଣାଶୁଣା ଥିଲେ । ସେ କେବଳ ଧନୀମାନଙ୍କୁ ନୁହେଁ ମାତ୍ର ସମୁଦାୟ ସହରର ଆବଶ୍ୟକକୁ ମେଣ୍ଟାଇବା ପାଇଁ ତାଙ୍କର କାର୍ଯ୍ୟାଳୟକୁ ବ୍ୟବହାର କରୁଥିଲେ । ସେ ଦରିଦ୍ରଙ୍କୁ ଖାଦ୍ୟ ଯୋଗାଉଥିଲେ, ଡାକ୍ତରଖାନା ତିଆରି କରିଥିଲେ ଏବଂ ବିଧବାମାନଙ୍କୁ ସାହାଯ୍ୟ କରୁଥିଲେ । ସେ ଏସିଆ ମାଇନରରେ ଥିବା ବିଶପ୍‌ମାନଙ୍କୁ ସେମାନଙ୍କର ଦୁର୍ନୀତି ଏବଂ

---

[1] Gerald L. Sittser. *Water from a Deep Well*. (Downers Grove: InterVarsity Press, 2007), ୧୩୫

ଆର୍ଥିକକୁ ପରିଚାଳନା ପାଇଁ ସାମ୍ନା କରିଥିଲେ ଏବଂ ସେମାନଙ୍କର ଭୋଗବିଳାସ ଓ ଅନୈତିକତା ବିରୁଦ୍ଧରେ ପ୍ରଚାର କରିଥିଲେ । ସେ କନ୍‌ଷ୍ଟାଣ୍ଟିନୋପଲ୍‌ର ଉଚ୍ଚବର୍ଗଙ୍କୁ ସତର୍କ କରାଇ ଦେଇଥିଲେ ଯେ, ଥିଏଟରରେ ଯୋଗ ଦେବା ସେମାନଙ୍କୁ ନଷ୍ଟ କରିଦେବ । ଥିଏଟରରେ ଉପସ୍ଥିତିକୁ ଏକ ମାରାତ୍ମକ ଭାଇରସ୍ ସଂସ୍ପର୍ଶ ସହିତ ସେ ତୁଳନା କରୁଥିଲେ । ଜନ୍ କୁହନ୍ତି,

> ଯଦି ଜଣେ ନିର୍ଲଜ୍ଜ ମହିଳାଙ୍କୁ ଥିଏଟରରେ ଦେଖିବ, ଯିଏ ମୁକୁଳା ମସ୍ତକ ଏବଂ ସାହସିକ ମନୋଭାବ ସହିତ ମଞ୍ଚ ଉପରେ ଚାଲନ୍ତି, ସୁନାରେ ସଜ୍ଜିତ ପୋଷକ ପିନ୍ଧି ତାଙ୍କର କୋମଳ କାମୁକତାକୁ ପ୍ରଦର୍ଶନ କରନ୍ତି, ଅନୈତିକ ଗୀତ ଗାଇ ନୃତ୍ୟରେ ତାଙ୍କର ଅଙ୍ଗ ପ୍ରତ୍ୟଙ୍ଗକୁ ଫୋପାଡ଼ି ଲଜ୍ଜାହୀନ ଭାଷଣ ଦିଅନ୍ତି ... ତୁମେ କ'ଣ କହିବାକୁ ସାହସ କରୁଛ ଯେ, ମନୁଷ୍ୟ ଭାବରେ ତୁମ ସହିତ କିଛି ଘଟିବ ନାହିଁ ? ଯେତେବେଳେ ବିଳମ୍ବରେ ଥିଏଟର ବନ୍ଦ ହୋଇଯାଏ ଏବଂ ସମସ୍ତେ ଚାଲି ଯାଆନ୍ତି, ସେହି ଦୃଶ୍ୟଗୁଡ଼ିକ, ସେହି ଶବ୍ଦ/କଥା, ସେମାନଙ୍କର ଚାହାଣି, ସେମାନଙ୍କର ଚାଲି, ସେମାନଙ୍କର ଅଶୁଦ୍ଧ ଅଙ୍ଗ ଆପଣଙ୍କ ମନରେ ଭାସୁଥିବ । ଯେତେବେଳେ ତୁମେ ହଜାର କ୍ଷତ ସହ ଘରକୁ ଯାଇଛ, ତୁମେ ଏକାକୀ ନୁହେଁ, ମାତ୍ର ତୁମ ହୃଦୟରେ, ତୁମ ଭାବନାରେ ଅଦୃଶ୍ୟ ଭାବରେ ବେଶ୍ୟା ତୁମ ସହିତ ଯାଏ ଏବଂ ସେଠାରେ ତୁମ ମଧ୍ୟରେ ସେ ବାବିଲୋନୀୟ ଚୁଲ୍ଲୀ ପ୍ରଜ୍ୱୋଳିତ କରେ, ଯାହା ମଧ୍ୟରେ ତୁମ ଗୃହର ଶାନ୍ତି, ତୁମ ହୃଦୟର ପବିତ୍ରତା, ତୁମ ବିବାହର ଆନନ୍ଦ, ପୋଡ଼ି ପାଉଁଶ ହୋଇଯାଏ ।

ଧନୀ ନାଗରୀକମାନଙ୍କୁ ସେ ଚେତାବନୀ ଦେଇଥିଲେ ।

> ଆଲ୍‌ମାରୀଗୁଡ଼ିକୁ ପୋଷାକରେ ପୂରଣ କରିବା ଏବଂ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତି ଏବଂ ଆମ ପ୍ରତିରୂପରେ ସୃଷ୍ଟି ହୋଇଥିବା ଲୋକମାନଙ୍କୁ ଶୀତରେ ଥରି ଥରି ଠିଆ ହେବାକୁ ଦେବା ଏବଂ ସେମାନେ ନିଜେ ସିଧା ଠିଆ ହୋଇ ନ ପାରିବା ମୂର୍ଖତା ଏବଂ ସାର୍ବଜନୀନ ପାଗଳାମି ... ତୁମେ ପୁଥଳ ଅଟ, ବିଳମ୍ବ ରାତି ପର୍ଯ୍ୟନ୍ତ ତୁମେ ପାର୍ଟିରେ ମଦ୍ୟପାନ କରି ଏକ ଉଷୁମ ଓ କୋମଳ ବିଛଣାରେ ଶୋଇଥାଅ । ତୁମେ କ'ଣ ଭାବୁ ନାହଁ ଯେ ତୁମେ ପରମେଶ୍ୱରଙ୍କ ଦାନର ଅପବ୍ୟବହାରର ହିସାବ କିପରି ଦେବ ? କାରଣ ଆମର ଟଙ୍କା ଈଶ୍ୱରଙ୍କର ଅଟେ, ସେଗୁଡ଼ିକୁ କେବଳ ଆମେ ସାଉଣ୍ଟିଥାଉ, ସେଥିପାଇଁ ପ୍ରଭୁ ତୁମକୁ ଅଧିକ ପାଇବାକୁ ଦେଇଛନ୍ତି - ତୁମେ ତାହା ନଷ୍ଟ କରିବା ପାଇଁ ନୁହେଁ - ମାତ୍ର ଯେଉଁମାନଙ୍କର ଆବଶ୍ୟକ ସେମାନଙ୍କୁ ବିତରଣ କରିବା ପାଇଁ ।

ଜନ୍ କ୍ରୀସୋଷ୍ଟମଙ୍କୁ ଶେଷରେ କୃଷ୍ଣ ସାଗରର ପୂର୍ବ କୂଳକୁ ନିର୍ବାସିତ କରାଯାଇଥିଲା, କିନ୍ତୁ ୪୦୭ ଖ୍ରୀ.ଅ.ରେ ଯାତ୍ରା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ଅନ୍ତିମ ବାକ୍ୟ ଥିଲା, "ସବୁ ବିଷୟରେ ପରମେଶ୍ୱରଙ୍କର ମହିମା ହେଉ" । ଆମେନ୍

## ବାଇବଲ ମାଧ୍ୟମରେ ବିଶ୍ୱକୁ ବୁଝିବା

ଯୋହନ ୧୭ ତାଙ୍କର କ୍ରୁଶାର୍ପିତର ଅଳ୍ପ ସମୟ ପୂର୍ବରୁ ଶିଷ୍ୟମାନଙ୍କ ନିମନ୍ତେ ଯୀଶୁଙ୍କର ପ୍ରାର୍ଥନା । ଏହା ତାଙ୍କ ଶିଷ୍ୟମାନଙ୍କ ପ୍ରତି ତାଙ୍କର ମହାନ ପ୍ରେମ ଏବଂ ଚିନ୍ତାକୁ ପ୍ରକାଶ କରେ । ୨୦ ପଦରେ ସେ କହନ୍ତି, ପ୍ରେରିତମାନଙ୍କ ପ୍ରଚାରକୁ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କ ପାଇଁ ମଧ୍ୟ ସେ ପ୍ରାର୍ଥନା କରନ୍ତି, ତେଣୁ ଆଜିର ବିଶ୍ୱାସୀ ମଧ୍ୟ ସଂପୃକ୍ତ ।

► ଜଣେ ଛାତ୍ର ଯୋହନ ୧୭:୧୪-୧୮ ଦଳ ପାଇଁ ପାଠ କରିବେ ।

ଯେତେବେଳେ ଯୀଶୁ କହିଲେ, ମୁଁ ଏ ଜଗତରୁ ଉତ୍ପନ୍ନ ନୁହେଁ, ତା'ର ଅର୍ଥ କ'ଣ ? ଆମେ ଜାଣୁ ଯେ ସେ ଏହି ଜଗତରୁ ଜନ୍ମ ହୋଇ ନାହାଁନ୍ତି; ସେ ହେଉଛନ୍ତି ପରମେଶ୍ୱରଙ୍କ ପୁତ୍ର, ଯିଏ ସ୍ୱର୍ଗରୁ ପୃଥିବୀକୁ ଆସିଥିଲେ । ତଥାପି, ଯେତେବେଳେ ସେ ଏହି ବିବୃତ୍ତି ଦେଇଥିଲେ ଯେ ସେ ଜଗତର ନୁହଁନ୍ତି, ସେ ଏହି କଥା କହୁନଥିଲେ ଯେ ସେ ଏହି ଜଗତର କୌଣସି ସ୍ଥାନରୁ ଆସିଛନ୍ତି । ତଥାପି, ଯେତେବେଳେ ସେ କହିଲେ, ମୁଁ ଏହି ଜଗତରୁ ଉତ୍ପନ୍ନ ନୁହେଁ, ସେ ଅନ୍ୟ କୌଣସି ସ୍ଥାନରୁ ଆସିବା କଥା କହି ନ ଥିଲେ । ଯେପରି ସେ ଜଗତରୁ ଉତ୍ପନ୍ନ ନୁହଁନ୍ତି, ଶିଷ୍ୟମାନେ ମଧ୍ୟ ଏହି ଜଗତରୁ ଉତ୍ପନ୍ନ ହୋଇ ନାହାନ୍ତି ବୋଲି କହନ୍ତି । ଯୀଶୁ ସେହି ବ୍ୟକ୍ତିମାନଙ୍କ ବିଷୟରେ କହନ୍ତି, ଯେଉଁମାନେ ପିତା, ମାତାଙ୍କ ମାଧ୍ୟମରେ ଜଗତରେ ଜାତ ହେଲେ ଏବଂ ସେହି ଦେଶର ନାଗରିକ ଭାବରେ ବୃଦ୍ଧି ପାଇଲେ ।

ତେଣୁ ଯେତେବେଳେ ଯୀଶୁ କହିଲେ, ଶିଷ୍ୟମାନେ ଏହି ଜଗତରୁ ନୁହନ୍ତି ତା'ର ଅର୍ଥ କ'ଣ ? ଆମକୁ ବୁଝିବାକୁ ହେବ ଯେ, ବାଇବଲ ଜଗତ ବିଷୟରେ କ'ଣ କହେ ?

► ଜଣେ ଛାତ୍ର ଏଫିସୀୟ ୨:୧-୩ ଦଳ ପାଇଁ ପାଠ କରିବେ ।

ଏହି ପଦଗୁଡ଼ିକ ଆମକୁ ଦର୍ଶାଏ ଯେ, ଜାଗତିକ ଜୀବନଯାପନ କାଟିବା ସୟତାନର ନିର୍ଦ୍ଦେଶ ଅନୁସରଣ କରିବା ସହିତ ସମାନ ଅଟେ । ଆମେ ମଧ୍ୟ ଦେଖୁ ଜାଗତିକ ଲୋକମାନେ ସେମାନଙ୍କର ପାପର ଇଚ୍ଛାକୁ ଅନୁସରଣ କଲେ ଏବଂ ସେମାନ ଈଶ୍ୱରଙ୍କ କ୍ରୋଧ/ଦଣ୍ଡର ଅନୁଭୂତି ପାଇଲେ । ବିଶ୍ୱାସୀମାନେ ନୂତନ ଜୀବନ ପ୍ରାପ୍ତ ହେଲେ ଏବଂ ଜାଗତିକ ପରି ଆଉ ଜୀବନ କାଟିଲେ ନାହିଁ ।

► ଜଣେ ଛାତ୍ର ୧ ଯୋହନ ୨:୧୫-୧୭ ଦଳ ପାଇଁ ପାଠ କରିବେ ।

ଜଗତ ଏକ ମନ୍ଦ ଅସ୍ତିତ୍ୱ ବୋଲି ୧ ଯୋହନ ରେ କୁହାଯାଏ । ଏହାକୁ କିମ୍ବା ଏଥିରେ ଥିବା ବସ୍ତୁକୁ ପ୍ରେମ କରିବା ଉଚିତ ନୁହେଁ । ମନ୍ଦ ଇଚ୍ଛା ଏବଂ ଉଦ୍ଦେଶ୍ୟ ଜଗତର ସାଧାରଣ କଥା । ଜଗତର ଇଚ୍ଛାକୁ ମନ୍ଦ ଇଚ୍ଛା ବୋଲି କୁହାଯାଏ ।

ଶୟତାନକୁ ଏହି ଜଗତର ଅଧିପତି ବୋଲି କୁହାଯାଏ (ଯୋହନ ୧୬:୧୧) ତା'ର ଅର୍ଥ ନୁହେଁ ଯେ, ଜଗତ ଯଥାର୍ଥ ଭାବରେ ତାହାର ଅଟେ, ସେ ଈଶ୍ୱର ବିରୋଧିମାନଙ୍କର ନେତା ଅଟେ ଏବଂ ଜଗତର ଲୋକ ତାକୁ ଅନୁସରଣ କରନ୍ତି । ସେ ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇସାରିଛି ଏବଂ ଯେଉଁମାନେ ତାକୁ ଅନୁସରଣ କରିଚାଲିବେ, ସେମାନେ ମଦ୍ୟ ଦୋଷୀ ସାବ୍ୟସ୍ତ ହେବେ ।

ଜଗତର ବନ୍ଧୁ ହେବା ଅର୍ଥ ଈଶ୍ୱରଙ୍କର ଶତ୍ରୁ (ଯାକୁବ ୪:୪) ।

ଏହି ଜଗତ ଲକ୍ଷ ଲକ୍ଷ ପ୍ରାକୃତିକ, ପତିତ ଲୋକଙ୍କ ଦ୍ୱାରା ଗଠିତ, ଯେଉଁମାନେ ଈଶ୍ୱରଙ୍କଠାରୁ ପୃଥକ ହୋଇଛନ୍ତି ଏବଂ ସେମାନଙ୍କର ସମାନତା ଦ୍ୱାରା ଏକୀକୃତ ହୋଇଛନ୍ତି । **ପ୍ରଥମତଃ ସେମାନଙ୍କର ଇଚ୍ଛା ମନ୍ଦ ଅଟେ** । ସେମାନେ ଜଗତର ସୃଷ୍ଟିକର୍ତ୍ତାଙ୍କ ଠାରୁ ଜଗତର ବିଷୟକୁ ଅଧିକ ଭଲ ପାଆନ୍ତି, ୧ ଯୋହନ ୨:୧୫-୧୬ କହେ, "ସଂସାର କିଅବା ସେଥିରେ ଥିବା ବିଷୟସବୁକୁ ପ୍ରେମ ନ କର। କାରଣ ଶାରୀରିକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ...ପିତାଙ୍କଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇଥାଏ।"

**ଦ୍ୱିତୀୟତଃ ସେମାନଙ୍କର ଭୁଲ ସ୍ନେହ ଭୁଲ ଆଚରଣ ଆଡ଼କୁ ନେଇଯାଏ**, ନ୍ୟାୟ ଏବଂ ଦୟାକୁ ହରାଇ ନିଜକୁ ସନ୍ତୁଷ୍ଟ କରିବା ଉପରେ କେନ୍ଦ୍ରିତ ଏକ ଜୀବନଶୈଳୀ (ଆମୋଷ ୫:୧୧-୧୫, ୨୧-୨୪) । ସେମାନେ ନିଜ ପଥରେ ଗମନ କରନ୍ତି, ଯାହା ଇଚ୍ଛା କରନ୍ତି ତାହା ଦାବୀ କରନ୍ତି ଏବଂ ନିଜ ପାଇଁ କ'ଣ ଠିକ୍ ଏବଂ କ'ଣ ଭୁଲ, ତାହା ନିର୍ଣ୍ଣୟ କରନ୍ତି । ଯଦିଚ ଧର୍ମର ଅନେକ ପଥ ସେମାନଙ୍କଠାରେ ଅଛି, ଯେଉଁମାନେ ଜଗତର ସେମାନେ ସମସ୍ତେ (ମାନବୀୟ ବୁଦ୍ଧି, ମାନବ ଜ୍ଞାନ, ମାନବ ଆକାଂକ୍ଷା, ମାନବ ମଙ୍ଗଳ, ମାନବ ଶକ୍ତି) ଉପାସନାର କେନ୍ଦ୍ର କରନ୍ତି (ରୋମୀୟ ୧:୨୫) । ସେମାନେ ପରମେଶ୍ୱରଙ୍କ କର୍ତ୍ତୃତ୍ୱକୁ ଘୃଣା କରନ୍ତି ଏବଂ ଜୀବନର ଏକ ଦର୍ଶନରେ ବିଶ୍ୱାସ କରନ୍ତି ଯାହା ସେମାନେ କରିବାକୁ ନିଷ୍ପତ୍ତି ନେଇଛନ୍ତି ତାହା ଯଥାର୍ଥ କରେ । ସେମାନେ କ'ଣ ଠିକ୍ ତାହା ଜାଣିବାକୁ ଏବଂ ତାହା କରିବାକୁ ଚେଷ୍ଟା କରନ୍ତି ନାହିଁ । ସେମାନେ ଯାହା ଇଚ୍ଛା କରନ୍ତି ତାହା କରନ୍ତି, ଏବଂ ତାକୁ ଯଥାର୍ଥ ବୋଲି ଦର୍ଶାଇବାକୁ ସେମାନେ ପଥ ଖୋଜନ୍ତି ।

ଜଗତର ଅଣ ଖ୍ରୀଷ୍ଟିୟାନ ଧ୍ୟାନ ମନସ୍ତତ୍ତ୍ୱବିଦ୍ ଏବଂ ପରାମର୍ଶଦାତା ଲୋକମାନଙ୍କର ଦୋଷକୁ ସମାଧାନ କରିବା ପାଇଁ ଈଶ୍ୱରଙ୍କର କ୍ଷମା ପ୍ରାପ୍ତ ଏବଂ ଅନୁତାପ ବିହୁନେ ଚେଷ୍ଟା କରନ୍ତି । ଜଗତରେ ଦାର୍ଶନିକମାନେ ଜୀବନ ଯାପନର ଏପରି ଏକ ଉଦ୍ଦେଶ୍ୟ ବର୍ଣ୍ଣନା କରିବାକୁ ଚେଷ୍ଟା କରନ୍ତି, ଯାହା ଈଶ୍ୱରଙ୍କୁ ଜଡ଼ିତ କରେ ନାହିଁ । ବିଶ୍ୱର ବୈଜ୍ଞାନିକମାନେ ପ୍ରତ୍ୟେକ ଜିନିଷର ଉତ୍ପତ୍ତିକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରନ୍ତି, କିନ୍ତୁ ଜଣେ ସ୍ରଷ୍ଟାଙ୍କୁ ଅସ୍ୱୀକାର କରନ୍ତି ।

ବିଶ୍ୱର ରାଜନେତା ଏବଂ ସାମାଜିକ କର୍ମୀମାନେ ପାପର ପ୍ରାକୃତିକ, ନକାରାତ୍ମକ ପରିଣାମକୁ ରୋକିବାର ଉପାୟ ଖୋଜିବାକୁ ଚେଷ୍ଟା କରନ୍ତି, ମାତ୍ର ପାପକୁ ପ୍ରକୃତ ସମସ୍ୟା ବୋଲି ଅସ୍ୱୀକାର କରନ୍ତି । ବିଶ୍ୱର ଫାଶନ୍ ଡିଜାଇନରମାନେ ଏପରି ପୋଷାକ

ଉତ୍ପାଦନ କରନ୍ତି ଯାହା କାମୁକ ଏବଂ ଧ୍ୟାନ ଆକର୍ଷଣକାରୀ । ଜଗତର ମନୋରଞ୍ଜନକାରୀମାନେ ପାପ, ନୈତିକତା ଏବଂ ଧର୍ମ ବିଷୟରେ ପରିହାସ କରନ୍ତି । ଜଗତର ପାଳକମାନେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ଯିଏ ପାପକୁ ସହ୍ୟ କରନ୍ତି ଏବଂ ଆପଣ ଧନୀ, ଖୁସି ଏବଂ ଭଲ ଆତ୍ମସମ୍ମାନ ଥିବା ବିଷୟରେ ସବୁଠାରୁ ଅଧିକ ଖୁସି ବିଷୟରେ ଚିନ୍ତା କରନ୍ତି ।

କଲସୀୟ ୨:୮ ଦର୍ଶନ ଏବଂ ଛଳନା ଦ୍ୱାରା, ଜଗତର ଉପାଦାନ ଦ୍ୱାରା ଲୁଟିତ ନ ହେବା ପାଇଁ ସତର୍କ କରାଇ ଦିଏ । ଜଣେ ଠକ ଏକ ମିଥ୍ୟା ଧାରଣା ବିକ୍ରୟ କରି ଜଣଙ୍କଠାରୁ ଲୁଟି ନିଅନ୍ତି । ଲୋକଙ୍କୁ ଭୁଲ୍ ଧାରଣାରେ ବାନ୍ଧିବା ଦ୍ୱାରା, ଜଗତ ଲୋକମାନଙ୍କର ଈଶ୍ୱରଙ୍କ ସହିତ ସମ୍ପର୍କ, ଆଧ୍ୟାତ୍ମିକ ଲାଭ ଏବଂ ସ୍ୱର୍ଗକୁ ଛଡ଼ାଇ ନେଇଥାଏ ।

ଜଗତର ଦର୍ଶନ ଏବଂ ନିୟନ୍ତ୍ରଣକାରୀ ପ୍ରେରଣା ଜଗତର ଲୋକଙ୍କ ଜୀବନଶୈଳୀରେ ଦେଖାଯାଏ । ଦୁନିଆର କଥାବାର୍ତ୍ତା, ମନୋରଞ୍ଜନ, ପୋଷାକ ଏବଂ ଆଚରଣ ସବୁ ସେମାନଙ୍କ ହୃଦୟର ପାପପୂର୍ଣ୍ଣତାର ପ୍ରକାଶ ।

ଖ୍ରୀଷ୍ଟଙ୍କ ଅନୁଗାମୀମାନେ ସେମାନଙ୍କର ସମାଜର ଅନୈତିକତାକୁ ଅନୁସରଣ କରିପାରିବେ ନାହିଁ । ଖ୍ରୀଷ୍ଟଙ୍କ ଅନୁଗାମୀମାନେ ସେମାନଙ୍କ ସମାଜଠାରୁ ଭିନ୍ନ ଅଟନ୍ତି ।

ବାଇବଲ ଯାହାକୁ *ଜଗତ* ବୋଲି କୁହେ, ସଂସ୍କୃତିଗୁଡ଼ିକ ଏହି ସତ୍ତା ଦ୍ୱାରା ଗଢ଼ି ଉଠିଥାଏ । ଗୋଟିଏ ସ୍ଥାନର ଲୋକଙ୍କ ପିଢ଼ି ଏକ ସଂସ୍କୃତି ବିକଶିତ କରେ । ସେମାନେ ସୁରକ୍ଷା, ସମୃଦ୍ଧି ଏବଂ ସ୍ଥିର ପରିବାର ଭଳି ଅନେକ ଭଲ ଜିନିଷ ଚାହାନ୍ତି, କିନ୍ତୁ ସେମାନେ ପରମେଶ୍ୱରଙ୍କ ବାକ୍ୟ ପ୍ରତି ସମର୍ପିତ ନ ହୋଇ ସେଗୁଡ଼ିକୁ ପାଇବା ପାଇଁ ଏକ ସାଂସାରୀକ ଦର୍ଶନ ଏବଂ ଦୃଢ଼ ସଂକଳ୍ପ ସହିତ ସେହି ଜିନିଷଗୁଡ଼ିକୁ ଅନୁସରଣ କରନ୍ତି । ଏହାର ଅର୍ଥ ଯେ ଖ୍ରୀଷ୍ଟଙ୍କର ଅନୁଗାମୀମାନେ ସେମାନଙ୍କଙ୍କର ସଂସ୍କୃତିକୁ ସମ୍ପୂର୍ଣ୍ଣ ଭାବରେ ଅନୁସରଣ କରିପାରିବେ ନାହିଁ । କେତେକ ସଂସ୍କୃତି ଅନ୍ୟମାନଙ୍କଠାରୁ ନୀତିମାନେ ଦ୍ୱାରା ଅଧିକ ପ୍ରଭାବିତ ହୋଇଛନ୍ତି, କିନ୍ତୁ କୌଣସି ଦେଶର ସଂସ୍କୃତି ସମ୍ପୂର୍ଣ୍ଣ ଭାବରେ ଖ୍ରୀଷ୍ଟିୟାନ ନୁହଁନ୍ତି ।

► ଯେପର୍ଯ୍ୟନ୍ତ ଆମେ ପାଠ କଲୁ ତା'ର ଆଧାରରେ, ଯୀଶୁଙ୍କର ଶିଷ୍ୟମାନେ "ଜଗତରୁ ଉତ୍ପନ୍ନ ନୁହଁନ୍ତି" ତା'ର ଅର୍ଥ କ'ଣ?

ବିଶ୍ୱାସୀଗଣ ପାପପୂର୍ଣ୍ଣ ଇଚ୍ଛା ଏବଂ ମହତ୍ୱାକାଂକ୍ଷାକୁ ଅନୁସରଣ କରନ୍ତି ନାହିଁ । ସେମାନେ ସବୁଠାରୁ ଅଧିକ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବାକୁ ଇଚ୍ଛା କରନ୍ତି । ସେମାନଙ୍କର ପ୍ରେମ ପରିବର୍ତ୍ତିତ ହୋଇଛି ଏବଂ ନିରନ୍ତର ବୃଦ୍ଧି ପାଉଛି (ଫିଲିପ୍ପୀୟ ୧:୯-୧୧) । ଈଶ୍ୱରଙ୍କ ବ୍ୟବସ୍ଥା ସେମାନଙ୍କ ହୃଦୟରେ ଉଲ୍ଲେଖ ଅଛି (ଯିରିମିୟ ୩୧:୩୩), ଈଶ୍ୱରଙ୍କ ଆଜ୍ଞା ସବୁ ବିଶ୍ୱାସୀମାନଙ୍କ ପ୍ରତି ଭାରସ୍ୱରୂପ ନୁହେଁ ବରଂ ସେଗୁଡ଼ିକ ଆନନ୍ଦଜନକ (୧ ଯୋହନ ୫:୧-୩, ଗୀତସଂହିତା ୧୯:୭-୧୧), ବିଶ୍ୱାସୀମାନଙ୍କଠାରେ ଅନନ୍ତ ପ୍ରାଥମିକତା ଅଛି

(ମାଥିଉ ୬:୩୩) ସେମାନଙ୍କର ଆଚରଣ ଦର୍ଶାଏ ଯେ, ସେମାନେ ପ୍ରଲୋଭନକୁ ପ୍ରତିରୋଧ କରିବାକୁ ଏବଂ ପାପ ଉପରେ ବିଜୟ ଲାଭ କରିବାକୁ ଚାହାନ୍ତି ।

ଜଗତର ଲୋକମାନେ ବିଶ୍ୱାସୀମାନଙ୍କୁ ଅଜବ ବୋଲି ଭାବନ୍ତି କାରଣ ସେମାନେ ସମାନ ଜିନିଷରେ ଆଗ୍ରହୀ ନୁହଁନ୍ତି (୧ ପିତର ୪:୪) । ଯୀଶୁ କହିଲେ, ଯିଏ ଆତ୍ମିକ ଭାବରେ ଭିନ୍ନ ତାହାକୁ ଜଗତ ଘୃଣା କରେ (ଯୋହନ ୧୭:୧୪) - ଯେଉଁମାନେ ଜଗତର ନୁହଁନ୍ତି ସେମାନଙ୍କ ପ୍ରତି ଜଗତ ପ୍ରତିକୂଳ ଅଟେ । ସେମାନେ ବୁଝନ୍ତି ନାହିଁ, ସେମାନେ ଧାର୍ମିକତାକୁ ଘୃଣା କରନ୍ତି ଏବଂ ସେମାନେ ନିଜ ଦ୍ୱାରା ଦୋଷୀ ସାବ୍ୟସ୍ତ ହୁଅନ୍ତି । ସେଥିପାଇଁ ଯୀଶୁ କହିଲେ, "ଜଗତରେ ତୁମ୍ଭମାନଙ୍କ ନିମନ୍ତେ କ୍ଳେଶ ଅଛି" (ଯୋହନ ୧୬:୩୩) । ପ୍ରେରିତ ପାଉଲ କହନ୍ତି, "ପ୍ରକୃତରେ ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗୀତାରେ ଧର୍ମଜୀବନ ଯାପନ କରିବାକୁ ଇଚ୍ଛା କରନ୍ତି, ସେମାନେ ତାଡ଼ନା ଭୋଗ କରିବେ" (୨ ତୀମଥି ୩:୧୨) ।

► ଜଣେ ଛାତ୍ର ୨ କରିନ୍ଥୀୟ ୬:୧୪-୧୮ ଦଳ ପାଇଁ ପାଠ କରିବେ ।

ବାଇବଲ କହେ ବିଶ୍ୱାସୀମାନେ ଜଗତଠାରୁ ସ୍ୱତନ୍ତ୍ର ହେବା ଆବଶ୍ୟକ । ଏହି ସ୍ୱତନ୍ତ୍ରତା ଜଣଙ୍କର ମନୋଭାବରୁ ଆରମ୍ଭ ହୁଏ ଯେପରି ପାର୍ବତ୍ୟ ଉପଦେଶରେ ଯୀଶୁଙ୍କ ଦ୍ୱାରା ଶିକ୍ଷା ଦିଆଯାଇଥିଲା । ଏଠାରେ ସେ ବିଶ୍ୱାସୀମାନଙ୍କର ମନୋଭାବକୁ ଏକ ନମ୍ର, ପାପ ପ୍ରତି ଅନୁତାପ, ଧାର୍ମିକତା, ଦୟା, ଆତ୍ମାରେ ସ୍ୱଚ୍ଛତା, ଶାନ୍ତି ଏବଂ ତାଡ଼ନା ସହ୍ୟ କରିବାକୁ ଇଚ୍ଛୁକତାର ମନୋଭାବ ପରି ବର୍ଣ୍ଣନା କରିଛନ୍ତି । ସ୍ୱତନ୍ତ୍ର ମନୋଭାବ ସ୍ୱତନ୍ତ୍ର ଆଚରଣ ସୃଷ୍ଟି କରିବ । ଉଦାହରଣ ସ୍ୱରୂପ ବିଶ୍ୱାସୀମାନେ ଏପରି ଅଂଶୀଦାର ଗଠନ କରିପାରିବେ ନାହିଁ, ଯାହା ସେମାନଙ୍କୁ ଭୁଲ କାମ କରିବାକୁ ବାଧ୍ୟ କରେ । ଜଗତରୁ ଭିନ୍ନ ବ୍ୟକ୍ତିର ପିତା ହେବା ପାଇଁ ପରମେଶ୍ୱର ପ୍ରତିଜ୍ଞା କରିଛନ୍ତି । ମନେ ଅଛି, ଆମେ ଏକ ପଦ ଦେଖିଲୁ ଯାହା କୁହେ ଯେ ଜଗତର ବନ୍ଧୁ ପରମେଶ୍ୱରଙ୍କ ଶତ୍ରୁ (ଯାକୁବ ୪:୪) ।

► ଜଣେ ଛାତ୍ର ମାଥିଉ ୫:୧୩-୧୬ ଦଳ ପାଇଁ ପାଠ କରିବେ ।

ଜଣେ ବ୍ୟକ୍ତି ଜଗତରୁ ଭିନ୍ନ ହେବା ଅର୍ଥ ନୁହେଁ ଯେ ସେ ତା'ର ସମାଜ ଏବଂ ସମ୍ପ୍ରଦାୟଠାରୁ ଭିନ୍ନ ବା ପୃଥକ ହେବ । ଯୀଶୁ କହିଲେ ସେମାନଙ୍କୁ ଜଗତରୁ ଘେନି ଯାଅ ବୋଲି ସେ ପ୍ରାର୍ଥନା କରିନାହାନ୍ତି (ଯୋହନ ୧୭:୧୫) । ସେ ଏହା ମଧ୍ୟ କହିଥିଲେ ଯେ ତାଙ୍କ ଶିଷ୍ୟମାନେ ବିଶ୍ୱ ପାଇଁ ଲୁଣ ଏବଂ ଆଲୋକ, ଯାହାର ଅର୍ଥ ହେଉଛି ସେମାନେ ସମାଜରେ ଉପସ୍ଥିତ ଏବଂ ଦୃଶ୍ୟମାନ ହେବା ଆବଶ୍ୟକ । ବିଶ୍ୱାସୀମାନେ ସରକାର ଏବଂ ସାମୁଦାୟିକ ବ୍ୟବସାୟରେ ଅଂଶଗ୍ରହଣ କରିବା ଉଚିତ, ତଥାପି ଯେତେବେଳେ ଅଂଶଗ୍ରହଣ ପାଇଁ ସେମାନଙ୍କୁ କିଛି ଭୁଲ କରିବାକୁ ପଡ଼ିବ, ସେ ସମୟକୁ ଛାଡ଼ି ।

Gerald Sittser (ଜେରାଲ୍ଡ ସିଟ୍‌ସେର୍) ଆଦ୍ୟ ଖ୍ରୀଷ୍ଟିୟାନ ସମାଜ କିପରି ଥିଲା ତାହା କହନ୍ତି :

ଆରିଷ୍ଟିଡେସ୍, ଜଣେ ଆଥେନିୟ ଦାର୍ଶନୀକ ଯିଏ ଦ୍ୱିତୀୟ ଶତାବ୍ଦୀରେ ବାସ କରୁଥିଲେ । ସେ ଅନେକ ଗୁଣାବଳୀ ତାଲିକାଭୁକ୍ତ କରିଥିଲେ ଯାହା ଖ୍ରୀଷ୍ଟିଆନମାନଙ୍କୁ ଅନ୍ୟ ଜନସଂଖ୍ୟାଠାରୁ ପୃଥକ କରିଥିଲା । । ତାଙ୍କ ତାଲିକାରେ ଖ୍ରୀଷ୍ଟିୟାନମାନେଥିଲେ, ତାଙ୍କ ପ୍ରତିଜ୍ଞାରେ ବିଶ୍ୱସ୍ତ, ସତ୍ୟବାଦୀ, ସନ୍ତୁଷ୍ଟ, ପିତାମାତାଙ୍କ ପ୍ରତି ସମ୍ମାନ, ପ୍ରତିବାସୀ ପାଇଁପ୍ରେମ, ସ୍ୱଚ୍ଛତା, ତାଡ଼ନା ଆଗରେ ଧୈର୍ଯ୍ୟ, ଅପରିଚିତ ଲୋକଙ୍କ ପ୍ରତି ଦୟା । ସେମାନେ ବିଧବା ଏବଂ ଅନାଥଙ୍କ ପ୍ରତି ଯତ୍ନ ନିୟନ୍ତି । ସେମାନେ ଦାସମାନଙ୍କ ସହିତ ମଧ୍ୟ ଅସାଧାରଣ ଦୟା ବ୍ୟବହାର କରୁଥିଲେ । "ସେମାନଙ୍କ ପ୍ରତି ଥିବା ପ୍ରେମ ସକାଶୁ ସେମାନେ ଯେକୌଣସି ପୁରୁଷ ଏବଂ ମହିଳା କ୍ରୀତଦାସଙ୍କୁ ଖ୍ରୀଷ୍ଟିୟାନ ହେବାକୁ ପ୍ରବର୍ତ୍ତାନ୍ତି । ଯଦି ସେମାନେ ଖ୍ରୀଷ୍ଟିୟାନ ହୁଅନ୍ତି, ତେବେ ସେମାନେ କୌଣସି ପ୍ରକାରର ଭେଦଭାବ ବିନା ଭାଇ ହୋଇଥାନ୍ତି ।"[2]

## ଏକ ପ୍ରକୃତ ବିଶ୍ୱାସ

ଯାକୁବଙ୍କ ପତ୍ର ଗୁରୁତ୍ୱ ଦିଏ ଯେ, ପ୍ରକୃତ ଖ୍ରୀଷ୍ଟିୟାନ ବିଶ୍ୱାସ ଜୀବନରେ ପ୍ରଦର୍ଶିତ ହୁଏ । ଯାକୁବ କହନ୍ତି ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ଶୁଣନ୍ତି ଏବଂ ତାହା ଅନୁଯାୟୀ କାର୍ଯ୍ୟ କରନ୍ତି ନାହିଁ, ସେମାନେ ନିଜକୁ ପ୍ରବଞ୍ଚନା କରନ୍ତି (ଯାକୁବ ୧:୨୨) । କେତେକ ବ୍ୟକ୍ତି ମନେକରନ୍ତି ଯେ, ସେମାନେ ଅନ୍ୟମାନଙ୍କଠାରୁ ଉତ୍ତମ କାରଣ ସେମାନେ ଅଧିକ ଖ୍ରୀଷ୍ଟିୟାନ ସତ୍ୟତା ଜାଣନ୍ତି - ଯଦିଚ ସେମାନେ ତାହା ପାଳନ କରନ୍ତି ନାହିଁ । କିନ୍ତୁ ତାହା ଠିକ୍ ନୁହେଁ ।

ଯାକୁବ କହନ୍ତି କେତେକ ଲୋକ ଧାର୍ମିକ ଅଟନ୍ତି, କିନ୍ତୁ ସେମାନଙ୍କର ଧର୍ମ ମୂଲ୍ୟହୀନ ଅଟେ । ଯେଉଁମାନେ ଅନ୍ୟମାନଙ୍କର ଆବଶ୍ୟକତା ପୂରଣ କରନ୍ତି ଏବଂ ଜଗତ ଦ୍ୱାରା କଳୁଷିତ ନ ହୋଇ ନିଜକୁ ପବିତ୍ର ରଖନ୍ତି ସେମାନଙ୍କ ଧର୍ମରେ ଈଶ୍ୱର ସନ୍ତୁଷ୍ଟ ହୁଅନ୍ତି (ଯାକୁବ ୧:୨୭) ।

► ଜଣେ ଛାତ୍ର ଯାକୁବ ୨:୧୪-୨୬ ଦଳ ପାଇଁ ପାଠ କରିବେ ।

କିଛି ଲୋକ ଅଛନ୍ତି ଯେଉଁମାନେ କୁହନ୍ତି ଯେ ପରିତ୍ରାଣ ବିଶ୍ୱାସ ଦ୍ୱାରା ମିଳିଥାଏ ଏବଂ କର୍ମ ଦ୍ୱାରା ନୁହେଁ ତେଣୁ ଆମର ଆଚରଣ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସେମାନେ ଭାବନ୍ତି ଯେ ଜଣେ ବ୍ୟକ୍ତିର ମନୋଭାବ ଏବଂ ଜୀବନଶୈଳୀ ଜଣେ ଅବିଶ୍ୱାସୀ ପରି ହେଲେ ମଧ୍ୟ ତାଙ୍କ ପାଇଁ ପରିତ୍ରାଣରେ ବିଶ୍ୱାସ ରଖିବା ଯାକୁବଙ୍କର ପତ୍ରରେ ଥିବା ଏହି ଅଂଶ ସେହିପରି ଲୋକମାନଙ୍କୁ ଉଦ୍ଦେଶ୍ୟ କରି କହିଛି ।

[2] Gerald L. Sittser. *Water from a Deep Well*. (Downers Grove: InterVarsity Press, 2007), ୫୪

ଯାକୁବ କୁହନ୍ତି ଯେ *ବିଶ୍ୱାସ* ଯଥେଷ୍ଟ ନୁହେଁ; ଏପରିକି ରାକ୍ଷସମାନଙ୍କର ମଧ୍ୟ ସଠିକ ବିଶ୍ୱାସ ଅଛି, କିନ୍ତୁ ସେମାନେ ଈଶ୍ୱରଙ୍କ ସହିତ ସଠିକ ସମ୍ପର୍କରେ ନାହାନ୍ତି (ପଦ ୧୯) ଜଣେ ବ୍ୟକ୍ତି ଯିଏ ଈଶ୍ୱରଙ୍କଠାରେ ବିଶ୍ୱାସ କରେ କିନ୍ତୁ ଈଶ୍ୱରଙ୍କ ନିକଟରେ ସମର୍ପଣ ହୁଏ ନାହିଁ, ସେ ସୁସମାଚାର ଶୁଣି ଅନୁତାପ ନ କରିବା ଲୋକ ପରି ।

୨୧ ଏବଂ ୨୪ ପଦକୁ ବ୍ୟାଖ୍ୟା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ସେମାନେ କହନ୍ତି ଯେ ଅବ୍ରହାମ କର୍ମ ଦ୍ୱାରା ଧାର୍ମିକ ଗଣିତ ହୋଇଥିଲେ ଏବଂ ଜଣେ ବ୍ୟକ୍ତି ଉଭୟ କାର୍ଯ୍ୟ ଏବଂ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୋଇଥାଏ । ଏହା ସେହି ଶାସ୍ତ୍ରାଂଶର ବିପରିତ ଅଟେ ଯାହା କହେ ଯେ, ଜଣେ ବ୍ୟକ୍ତି କେବଳ ଅନୁଗ୍ରହରେ ଉଦ୍ଧାର ପାଏ କାଯ୍ୟ ଦ୍ୱାରା ନୁହେଁ (ଏଫିସୀୟ ୨:୮-୯, ଗାଲାତୀୟ ୨:୧୬, ରୋମୀୟ ୩:୨୮) । ଯାକୁବଙ୍କ ଅନୁଯାୟୀ *ଧାର୍ମିକ* ଗଣିତ ହେବାର ଅର୍ଥ ବିଶ୍ୱାସ ଏବଂ କାର୍ଯ୍ୟ ଦ୍ୱାରା *ଜଣେ ବ୍ୟକ୍ତି ଉଦ୍ଧାର ପ୍ରାପ୍ତ ହୋଇଛି* ବୋଲି ଦେଖାଯିବା ଉଚିତ୍ , ଏହା ନୁହେଁ ଯେ ଜଣେ ବ୍ୟକ୍ତି କାର୍ଯ୍ୟ ଏବଂ ବିଶ୍ୱାସ ଦ୍ୱାରା *ଉଦ୍ଧାର* ପାଏ । ସେ କାର୍ଯ୍ୟ ଦ୍ୱାରା ପରିତ୍ରାଣ ପାଆନ୍ତି ନାହିଁ, କିନ୍ତୁ ଯଦି ସେ ଧାର୍ମିକ ଜୀବନଯାପନ କରନ୍ତି ନାହିଁ, ତେବେ ତାଙ୍କର ପରିତ୍ରାଣର ବିଶ୍ୱାସ ମଧ୍ୟ ନାହିଁ । ଯାକୁବ କହନ୍ତି ଯଦି ଜଣେ ବ୍ୟକ୍ତିର ଜୀବନ ତା'ର ବିଶ୍ୱାସ ସହିତ ମେଳ ନ ଖାଏ ତେବେ ତା'ର ବିଶ୍ୱାସ ମୃତ ଅଟେ (*୨୬* ପଦ) ।

ଯାକୁବ କହନ୍ତି ଯେପରି ଗୋଟିଏ ଗଛରୁ ଦୁଇ ପ୍ରକାରର ଫଳ ଫଳିବା ଅସମ୍ଭବ କିମ୍ବା ଏକ ଝରଣାରୁ ଦୁଇ ପ୍ରକାରର ଜଳ ପ୍ରବାହିତ ହେବା ଅସମ୍ଭବ, ସେହିପରି ଜଣେ ବ୍ୟକ୍ତିର ମୁଖରୁ ଉଭୟ ଆଶୀର୍ବାଦ ଏବଂ ଅଭିଶାପ ନିର୍ଗତ ହେବା ଅସମ୍ଭବ (ଯାକୁବ ୩:୯-୧୨) । ଜଣେ ବ୍ୟକ୍ତିର ବ୍ୟବହାର ତା'ର ଖ୍ରୀଷ୍ଟିୟ ବିଶ୍ୱାସ ସହିତ ସ୍ଥିର ଭାବରେ ମେଳ ଖାଇବା ଉଚିତ୍ ।

## ସଚ୍ଚୋଟତାର ଧାରଣା

ରୋମୀୟ ୨:୨୧-୨୪ରେ ପାଉଲ ଯିହୁଦୀମାନଙ୍କୁ କହନ୍ତି, ଯେଉଁମାନେ ଭାବନ୍ତି ଯେ, ସେମାନେ ଅଣ-ଯିହୁଦୀମାନଙ୍କଠାରୁ ଶ୍ରେଷ୍ଠ କାରଣ ସେମାନଙ୍କ ପାଖରେ ଧର୍ମଶାସ୍ତ୍ର ଥିଲା, ଯଦିଓ ସେମାନେ ଏହାକୁ ପାଳନ କରୁ ନ ଥିଲେ । ସେ ପଚାରିଲେ, "ଚୋରି କର ନାହିଁ ବୋଲି ପ୍ରଚାର କରି ତୁମ୍ଭେ କି ଚୋରି କରୁଅଛ ?'' ସେ ପଚାରନ୍ତି, "ଚୋରି କର ନାହିଁ ବୋଲି ପ୍ରଚାର କରି ତୁମ୍ଭେ କି ଚୋରି କରୁଅଛ?" ସେ ପଚାରନ୍ତି, "ବ୍ୟବସ୍ଥାରେ ଗର୍ବ କରୁଅଛ ଯେ ତୁମ୍ଭେ, ବ୍ୟବସ୍ଥା ଲଙ୍ଘନ ଦ୍ୱାରା ତୁମ୍ଭେ କି ଈଶ୍ୱରଙ୍କୁ ଅନାଦର କରୁ ନାହଁ?" ସେମାନେ ନିଜକୁ ଧାର୍ମିକ ଲୋକ ବୋଲି ଗର୍ବ କରୁଥିଲେ, କିନ୍ତୁ ସେମାନଙ୍କର ଚରିତ୍ର ଭଲ ନ ଥିଲା, ତେଣୁ ଅଣ ଯିହୁଦୀମାନେ ପରମେଶ୍ୱର ଏବଂ ଶାସ୍ତ୍ର ବିଷୟରେ ନିନ୍ଦା କରିବାକୁ ଲାଗିଲେ ।

ଯଦି ଜଣେ ବ୍ୟକ୍ତିଠାରେ ସଚ୍ଚୋଟତା ଥାଏ, ତେବେ ତା'ର ଚରିତ୍ର ସହିତ ତା'ର ବିଶ୍ୱାସ ମେଳ ଖାଇବ । ଉଦାହରଣ ସ୍ୱରୂପ, ଜଣେ ସଚ୍ଚୋଟ ବ୍ୟକ୍ତି ତାଙ୍କର ସମସ୍ତ ଆଚରଣ ଏବଂ କଥାରେ ସଚ୍ଚୋଟତାକୁ ଏକତ୍ରିତ କରିବେ । ଜଣେ ବ୍ୟକ୍ତି ଯିଏ ନିଜକୁ ସଚ୍ଚୋଟ ବୋଲି କହେ କିନ୍ତୁ କିଛି ଅସତ୍ କାର୍ଯ୍ୟ କରେ, ତାହାର ସଚ୍ଚୋଟତା ନାହିଁ ।

*ସଚ୍ଚୋଟତା* ଶବ୍ଦ ଜଣେ ବ୍ୟକ୍ତିର ଚରିତ୍ର ପ୍ରତି ବ୍ୟବହାର କରାଯାଇ ପାରେ । କେତେକ ଭାଷାରେ ଏହି ଶବ୍ଦ ଅନ୍ୟ ବିଷୟ ପ୍ରତି ମଧ୍ୟ ବ୍ୟବହାର କରାଯାଇ ଥାଏ, ଯେପରି ଏକ ଗୃହର ଢ଼ାଞ୍ଚା ।

► ଆପଣ କ'ଣ ମନେ କରନ୍ତି ଏକ ଘରର ଢ଼ାଞ୍ଚାର ସଚ୍ଚୋଟତା ହେବା ଆବଶ୍ୟକ କି?

ଏକ ଘର ଠିଆ ହେବା ମୁଖ୍ୟ ବିଷୟ ଅଟେ । ଏହା ତା'ର ଓଜନ ଏବଂ ଏହା ମଧ୍ୟରେ ଥିବା ଉପକରଣର ଭାର ସମ୍ଭାଳିବା ଆବଶ୍ୟକ । ଯଦି ଏହା ଭାଙ୍ଗି ଯାଏ, ଲୋକମାନେ ଏବଂ ସମ୍ପତ୍ତି କ୍ଷତିଗ୍ରସ୍ଥ ହେବ ଏବଂ ଘରର ମୂଲ୍ୟ ନଷ୍ଟ ହେବ । ଏକ କୋଠା ପାଇଁ ସଚ୍ଚୋଟତା ଅର୍ଥ ହେଉଛି ସମଗ୍ର ଗଠନର ଦୃଢ଼ ନିର୍ମାଣର ନୀତି ବ୍ୟବହୃତ ହେବା ।

ଅଧିକ ଦିନ ନିମନ୍ତେ କୋଠା ତିଷ୍ଠି ରହିବା ମଧ୍ୟ ଉତ୍ତମ ବିଷୟ ଅଟେ । ଯେଉଁ ବ୍ୟକ୍ତି କୋଠା ନିର୍ମାଣ କରେ ଆଶା କରେ ଯେ ତା'ର ଜୀବନକାଳ ପର୍ଯ୍ୟନ୍ତ କୋଠା ଠିଆ ହୋଇଥାଉ । ସରକାରୀ ହେଉ କିମ୍ବା ବ୍ୟବସାୟୀକ କୋଠା ହେଉ ଅନେକ ଅର୍ଥ ଖର୍ଚ୍ଚ ହୋଇଥାଏ ଏବଂ କେତେକ ପିଢ଼ି ପର୍ଯ୍ୟନ୍ତ ତିଷ୍ଠି ରହିବା ପାଇଁ ଆଶା କରାଯାଏ ।

ଯଦି କୌଣସି କୋଠା ନଇଁବାକୁ ଆରମ୍ଭ କରେ, କିମ୍ବା ଭାଙ୍ଗିଯାଏ, ତେବେ ଏହାର କାରଣ ସଚ୍ଚୋଟତାର ଅଭାବ ବା ସାଧୁତାର ଅଭାବ । କେତେକ ସମୟରେ ଏକ ଭୂମିକମ୍ପ ଦ୍ୱାରା କୋଠା କ୍ଷତିଗ୍ରସ୍ତ ହୋଇଥାଏ । ତଥାପି ଠିଆ ହୋଇଥାଏ କିନ୍ତୁ ଏହା ସୁରକ୍ଷିତ ନୁହେଁ । ଏଥିରେ ସାଧୁତା ନ ଥାଏ ।

ଏକ ଗୁରୁତ୍ୱପୂର୍ଣ୍ଣ କୋଠା ଆରମ୍ଭ କରିବା ପୂର୍ବରୁ ଏକ ନକ୍ସା - ସମସ୍ତ ବିଷୟର ଏକ ରେଖାଚିତ୍ର ଆବଶ୍ୟକ ହୋଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିବରଣୀ ହେଉଛି ଯେ କୋଠାଟି କିପରି ଦୃଢ଼ ଭାବରେ ଠିଆ ହେବ । କୋଠାର ଅଂଶଗୁଡ଼ିକ ସଂଯୁକ୍ତ ଏବଂ ପାରସ୍ପରିକ ଭାବରେ ସହାୟକ ହେବା ଆବଶ୍ୟକ ।

କୋଠାର ପ୍ଲାନ୍‌କୁ ଅନୁକରଣ କରିବା ବିଲ୍ଡରର ଦାୟିତ୍ୱ ଅଟେ । ଯଦି ଖର୍ଚ୍ଚ କମ୍ କରିବା ପାଇଁ କୋଠାର କିଛି ଆବଶ୍ୟକୀୟ ଉପକରଣ ସେ ବାଦ୍ ଦେଇ ଦିଏ ତେବେ କୋଠା ସୁରକ୍ଷିତ ରହିବ ନାହିଁ ।

► ଜଣେ ବ୍ୟକ୍ତି ପାଇଁ ସଚ୍ଚୋଟତାର ଅର୍ଥ କ'ଣ?

ଏକ କୋଠାର ସଚ୍ଚୋଟତାର ଦୃଷ୍ଟାନ୍ତ ଯୀଶୁ ବ୍ୟବହାର କରନ୍ତି । ସେ କହିଲେ, ଯେଉଁ ବ୍ୟକ୍ତି ଈଶ୍ୱରଙ୍କର ବାକ୍ୟ ଶୁଣି ପାଳନ କରେ ସେ ସେହିପରି ବ୍ୟକ୍ତି ପରି ଯିଏ ପଥର ଉପରେ ଗୃହ ନିର୍ମାଣ କରେ । ଝଡ଼ ଆସିଲେ ସେହି ଗୃହ ଠିଆ ହୋଇଥାଏ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କୁ ମାନେ ନାହିଁ ସେ ବାଲି ଉପରେ ଗୃହ ତୋଳିବା ବ୍ୟକ୍ତି ସଦୃଶ (ମାଥିଉ ୭:୨୪-୨୭) । ସତ୍ୟକୁ ଶୁଣିବା ଏବଂ ଜାଣିବା ଯଥେଷ୍ଟ ନୁହେଁ ।

► ଜଣେ ଛାତ୍ର ଯାକୁବ ୧:୨୨-୨୫ ଦଳ ପାଇଁ ପାଠ କରିବେ ।

ଯାକୁବ କହନ୍ତି ଯେ ଯେଉଁ ମାନେ ଈଶ୍ୱରଙ୍କ ବାକ୍ୟ ଶୁଣି ତାହା ପାଳନ ନ କରନ୍ତି, ସେମାନେ ନିଜକୁ ପ୍ରବଞ୍ଚନା କରନ୍ତି । ସେ ସେହି ବ୍ୟକ୍ତିମାନଙ୍କ ପ୍ରତି ଇଙ୍ଗିତ କରନ୍ତି ଯେଉଁମାନେ ମନେ କରନ୍ତି ଯେ, ସେମାନେ ଉତ୍ତମ ଅଟନ୍ତି କାରଣ ସେମାନେ ବାଇବଲର ସତ୍ୟ ଜାଣନ୍ତି, ଯଦିଚ ତହିଁ ଅନୁଯାୟୀ ସେମାନେ ଜୀବନ କାଟନ୍ତି ନାହିଁ । ସେହି ଲୋକମାନଙ୍କଠାରେ ସଚ୍ଚୋଟତା ନାହିଁ ।

ଯାକୁବ କହନ୍ତି ଯେ, ଯେତେବେଳେ ଆମେ ଈଶ୍ୱରଙ୍କ ବାକ୍ୟ ପାଠ କରୁ ଆମେ ସେହିପରି ଲୋକ ସଦୃଶ ହେବା ଉଚିତ୍ ନୁହେଁ, କାରଣ ଯିଏ ଦର୍ପଣରେ ଆପଣା ମୁଖ ଦେଖେ କିନ୍ତୁ ପରିବର୍ତ୍ତନ କରେ ନାହିଁ । ଈଶ୍ୱରଙ୍କ ସତ୍ୟ ପରିବର୍ତ୍ତନକାରୀ ଅଟେ । ଯେବେ ଆମେ ଈଶ୍ୱରଙ୍କ ବାକ୍ୟ ଦେଖୁ ଆମେ ଆମର ଦୋଷ ଦେଖୁ ଏବଂ ଆମେ ଈଶ୍ୱରଙ୍କ ଆତ୍ମାକୁ ଆମର ଚରିତ୍ର ଏବଂ ଆଚରଣକୁ ଈଶ୍ୱରଙ୍କ ସତ୍ୟ ସହିତ ମେଳ ଖାଇବାକୁ ଅନୁମତି ଦେବା ଆବଶ୍ୟକ ।

ଜୀବନଶୈଳୀରେ ସଚ୍ଚୋଟତା ପ୍ରଦର୍ଶିତ ହୁଏ । ବିଶ୍ୱାସୀମାନେ ଯେତେବେଳେ ଅନୁଭବ କରନ୍ତି ଯେ, ଏକ ମନୋଭାବ କିମ୍ବା ଆଚରଣ ପରମେଶ୍ୱରଙ୍କ ସତ୍ୟ ସହିତ ସୁସଙ୍ଗତ ନୁହେଁ, ସେତେବେଳେ ସେମାନେ ନିଜ ଉପରେ ସନ୍ତୁଷ୍ଟ ହେବା ଉଚିତ ନୁହେଁ ।

### ଫଳକୁ ପରୀକ୍ଷା କରିବା

ଯୀଶୁ କହିଲେ, ଅନେକ ଭଣ୍ଡ ଭାବବାଦୀ ବାହାରିବେ, ଏମାନେ ହେଉଛନ୍ତି ସେହି ଲୋକମାନେ ଯେଉଁମାନେ ଧାର୍ମିକ ନେତୃତ୍ୱର ପଦବୀ ଚାହାନ୍ତି କିମ୍ବା ସେବାକାର୍ଯ୍ୟର ବ୍ୟବସାୟ କରିବାକୁ ଚାହାନ୍ତି କିନ୍ତୁ ସେମାନଙ୍କଠାରେ ଖ୍ରୀଷ୍ଟିୟାନ ଚରିତ୍ର ନାହିଁ । ସେ କହନ୍ତି ସେମାନଙ୍କର ଫଳ ଦ୍ୱାରା ସେମାନଙ୍କୁ ଆମେ ଚିହ୍ନି ପାରିବା (ମାଥିଉ ୭:୧୫-୧୮) । **ଫଳ ସଫଳତାକୁ ବୁଝାଏ ନାହିଁ । ବରଂ, ଫଳ ହେଉଛି ଗଛର ଚରିତ୍ରର ପ୍ରାକୃତିକ ପ୍ରକାଶନ** । ଜଣେ ବ୍ୟକ୍ତିର ଫଳ ହେଉଛି ତା'ର ଜୀବନର ଅନ୍ତର୍ନିହିତ ଚରିତ୍ରର ପ୍ରଦର୍ଶନ । ଯଦି ଜଣେ ବ୍ୟକ୍ତି ଆତ୍ମାଙ୍କର ଫଳ ଫଳୁ ନାହିଁ (ଗାଲାତୀୟ ୫:୨୨-୨୩, ୧ କରିନ୍ଥୀୟ ୧୩) କିମ୍ବା ଏକ ପାପର ଜୀବନ କାଟୁଛି, ତେବେ ତା'ଠାରେ ପାପପୂର୍ଣ୍ଣ ଚରିତ୍ର ଅଛି ଏବଂ ସେ ଜଣେ ପ୍ରକୃତ ଆତ୍ମିକ ନେତା ନୁହେଁ (୧ କରିନ୍ଥୀୟ ୬:୯-୧୦, ୨ କରିନ୍ଥୀୟ ୧୧:୧୩-୧୫) ।

ପ୍ରେରିତ ପିତର କହନ୍ତି ଯେ, ବିଶ୍ୱାସୀମାନେ ପୂର୍ବକୁ ଅଭିଳାଷ ଦ୍ୱାରା ପରିଚାଳିତ ନ ହୋଇ ସେମାନେ ଯାହା କରନ୍ତି ସେଥିରେ ପବିତ୍ର ହେବା ଆବଶ୍ୟକ (୧ ପିତର ୧:୧୪-୧୫) ।

ଭଲ ଫଳର ଅର୍ଥ ନୁହେଁ ଯେ, ଜଣେ ବ୍ୟକ୍ତି ତାଙ୍କ ଆଚରଣ ସମସ୍ତ ଖ୍ରୀଷ୍ଟିୟ ନୀତିଗୁଡ଼ିକୁ କିପରି ସମ୍ପୂର୍ଣ୍ଣ ଭାବରେ ପ୍ରୟୋଗ କରିବେ ତାହା ଜାଣିବା । ଆମେ ସମସ୍ତେ ଈଶ୍ୱରଙ୍କ ସତ୍ୟ ଶିଖିବା ପ୍ରକ୍ରୀୟାରେ ଅଛୁ । ଜଣେ ପିଲା ବଗିଚାରେ କାମ କରୁଥିବା ସମୟରେ

ଭୁଲ୍ ବଶତଃ ଅନ୍ୟ ଗଛ ଓପାଡ଼ି ଦେଇପାରେ । ଈଶ୍ୱର ଆମକୁ ସଚ୍ଚୋଟ ଭୁଲ୍ ପାଇଁ ବିଚାର କରନ୍ତି ନାହିଁ । ତଥାପି ଜଣେ ବ୍ୟକ୍ତି ତାଙ୍କ ପାପର ଅନୁତାପ କରିବାକୁ ମନା କରିବାରେ ଅନୁଗ୍ରହ କ୍ଷମା କରେ ନାହିଁ । ପ୍ରେରିତ ଯୋହନ କହନ୍ତି ଯେ, ଜଣେ ବ୍ୟକ୍ତି ଯେତେବେଳେ ସେ ଆଲୋକରେ ଗମନ କରେ, ଈଶ୍ୱରଙ୍କ ସତ୍ୟତାରେ ଜୀବନ କାଟେ ସେ ପରିଷ୍କୃତ ଅଟେ (୧ ଯୋହନ ୧:୭) ।.

### ନେତୃତ୍ୱରେ ସଚ୍ଚୋଟତା

ନେତାମାନେ ଏପରି ନିଷ୍ପତ୍ତି ନିଅନ୍ତି ଯାହା ଅନ୍ୟମାନଙ୍କୁ ନେବାକୁ ପଡ଼ିନଥାଏ । ଜଣେ ନେତାଙ୍କ ଦାୟିତ୍ୱ ଏବଂ ସୁଯୋଗ ପ୍ରଲୋଭନର ଅନେକ ସୁଯୋଗ ସୃଷ୍ଟି କରେ । ଜଣେ ନେତାଙ୍କ ନିଷ୍ପତ୍ତି ବିଶେଷ ଗୁରୁତ୍ୱପୂର୍ଣ୍ଣ କାରଣ ସେଗୁଡ଼ିକ ଅନେକ ଲୋକଙ୍କୁ ପ୍ରଭାବିତ କରେ ।

ଜଣେ ସେବାକାର୍ଯ୍ୟର ନେତା ମନେରଖିବା ଉଚିତ୍ ଯେ, ଯୀଶୁଙ୍କ ଦୃଷ୍ଟାନ୍ତ ଅନୁକରଣ କରିବା ହେଉଛି ଈଶ୍ୱରଙ୍କୁ ଏବଂ ଲୋକମାନଙ୍କ ପ୍ରତି ସେବା କରିବାର ଆହ୍ୱାନ । ଅନ୍ୟମାନେ ତାଙ୍କୁ ସେବା କରନ୍ତୁ ଏବଂ ପ୍ରଶଂସା କରନ୍ତୁ ଏହା ତାଙ୍କର ଲକ୍ଷ୍ୟ ହେବା ଉଚିତ ନୁହେଁ ।

ଯଦି କୌଣସି ମଣ୍ଡଳୀରେ ଅନେକ ଲୋକ ଥାଆନ୍ତି, ଯେଉଁମାନେ ଈଶ୍ୱରଙ୍କ ସଚ୍ଚୋଟ ଉପାସକ ନୁହନ୍ତି, ତେବେ ସେମାନେ କାର୍ଯ୍ୟ ଦକ୍ଷତା ଉପରେ ଧ୍ୟାନ ଦେବା ପାଇଁ ଉପାସନା ସେବାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତି । ଏହି ଲୋକମାନେ ଆତ୍ମିକତା ଅପେକ୍ଷା ପ୍ରତିଭାକୁ ସମ୍ମାନ ଦିଅନ୍ତି । ସେମାନେ ଉପାସନାକୁ ପରିଚାଳନା କରିବା ପାଇଁ ପ୍ରକୃତ ଆତ୍ମିକ ନେତା ଅପେକ୍ଷା ଜଣେ କାର୍ଯ୍ୟ ସମ୍ପାଦକକୁ ଚାହାନ୍ତି । ସେମାନେ ଇନ୍ଦ୍ରିୟଗତ ପ୍ରଦର୍ଶନ ଦ୍ୱାରା ମନୋରଞ୍ଜନ ପାଆନ୍ତି । ସେମାନେ ଏପରି ଅଣ-ପରିବର୍ତ୍ତିତ ସଂଗୀତଜ୍ଞମାନଙ୍କୁ ନିଯୁକ୍ତି ଦେବାକୁ ଇଚ୍ଛୁକ ଯେଉଁମାନେ ଡିସ୍କୋରେ ବଜାଇବାକୁ ମଧ୍ୟ ଇଚ୍ଛୁକ ଏବଂ ଉପାସନା ରେ ଅଂଶଗ୍ରହଣ କରିବାକୁ ଅଯୋଗ୍ୟ । ପାଳକ ମଣ୍ଡଳୀର ଉପାସନାକୁ ରକ୍ଷା କରିବା ଆବଶ୍ୟକ ଯାହା ଦ୍ୱାରା ଏହା ପ୍ରକୃତ ଉପାସକମାନଙ୍କୁ ଆକର୍ଷିତ କରେ ଏବଂ ସେବା କରେ ।[3]

► ଯଦି ଜଣେ ବ୍ୟକ୍ତି ଏକ ଗୀର୍ଜାକୁ ରବିବାର ଦିନ ସକାଳେ ଯାଏ ଏବଂ ସେହି ବାଦ୍ୟକାରକୁ ଦେଖେ ଯିଏ ଶନିବାର ଦିନ ଡିସ୍କୋରେ ବଜାଉଥିଲା ତେବେ ସେ ମଣ୍ଡଳୀ ବିଷୟରେ କ'ଣ ଭାବିବ?

---

[3] ଖ୍ରୀଷ୍ଟୟାନ ଉପାସନାର ସମ୍ପୂର୍ଣ୍ଣ ଅନୁସନ୍ଧାନ ପାଇଁ, ଏଠାରେ ଉପଲବ୍ଧ *Introduction to Christian Worship* Shepherds Global Classroom ପାଠ ପରିଚୟ ଦେଖନ୍ତୁ । https://www.shepherdsglobal.org/courses

ଜଣେ ନେତା ନିଜକୁ ନୈତିକତାର ସାଧାରଣ ନିୟମରୁ ମୁକ୍ତ ବୋଲି ବୁଝିବାକୁ ପ୍ରଲୋଭିତ ହୋଇପାରନ୍ତି । ଜାଗତିକ ନେତାମାନଙ୍କ ପରି କେତେକ ପାଳକ ସେମାନଙ୍କ ସହଭାଗିତାର ପୁରୁଷ ଏବଂ ମହିଳାଙ୍କ ସହିତ ଅବୈଧ ସମ୍ପର୍କ ଥାଏ । ପାଳକମାନଙ୍କର ସ୍ଥିତି ବା ଷ୍ଟାଟସ୍ ଯୋଗୁ କେତେକ ମଣ୍ଡଳୀ ସେମାନଙ୍କର ଅନୈତିକ ଆଚରଣକୁ ଭୁଲ୍ ଭାବରେ ସହ୍ୟ କରନ୍ତି ।

ଜଣେ ପାଳକ ବିଶ୍ୱାସ କରିବାକୁ ପ୍ରଲୋଭିତ ହୋଇପାରନ୍ତି ଯେ, ସେ ମଣ୍ଡଳୀର ମାଲିକ । ଯଦି ସେ ଏହିପରି ଭାବନ୍ତି ତେବେ ସେ ଲୋକମାନଙ୍କୁ ପଦବୀରେ ନିଯୁକ୍ତ କରନ୍ତି କାରଣ ସେମାନେ ତାଙ୍କ ପ୍ରତି ବିଶ୍ୱସ୍ତ, ଏଥିପାଇଁ ନୁହେଁ ଯେ ସେମାନେ ଭଲ ଭାବରେ କାମ କରିବେ । ଏହି ପ୍ରକାରର ପାଳକ ସମ୍ପର୍କୀୟମାନଙ୍କୁ ସମର୍ଥନ କରନ୍ତି ଏବଂ ତାଙ୍କ ପରି କିଏ ମଣ୍ଡଳୀର ଉତ୍ତରାଧିକାରୀ ହେବ ତାହା ବୁଝିବାକୁ ଇଚ୍ଛା କରନ୍ତି । ମଣ୍ଡଳୀରେ ତାଙ୍କର ସମର୍ଥନକାରୀମାନଙ୍କର ଦୋଷ ଏବଂ ପାପ ସେ ଢ଼ାଙ୍କନ୍ତି । ସେ ମଣ୍ଡଳୀର ଅର୍ଥ ଏବଂ ସମ୍ପତ୍ତିକୁ ଏପରି ବ୍ୟବହାର କରନ୍ତି ଯେପରି ସେଗୁଡ଼ିକ ତାଙ୍କର ନିଜର ।

**ମଣ୍ଡଳୀର ସାକ୍ଷ୍ୟ**

ମଣ୍ଡଳୀ ଯେତେବେଳେ ସଚ୍ଚୋଟତା ରକ୍ଷା କରିପାରେ ନାହିଁ, ସେତେବେଳେ ଏହା କଳୁଷିତ ହୋଇପାରେ । ଯେତେବେଳେ ମଣ୍ଡଳୀ ଜଗତର ଇଚ୍ଛାକୁ ସହଭାଗୀ କରେ, ସେମାନେ ଜଗତ ପରି ନେତାଙ୍କୁ ଗ୍ରହଣ କରନ୍ତି । ସେମାନେ ଧାର୍ମିକ ନେତାମାନଙ୍କର ପାପକୁ ସହ୍ୟ କରନ୍ତି । ଏପରିକି ବିଶ୍ୱସ୍ତ ଶିଷ୍ୟମାନେ ପାପପୂର୍ଣ୍ଣ ନେତାମାନଙ୍କୁ ଅନୁସରଣ କରିପାରନ୍ତି, କାରଣ ସେମାନେ ସଚ୍ଚୋଟତା ଏବଂ ଉତ୍ତମ ଫଳର ଆବଶ୍ୟକତାକୁ ବୁଝିପାରି ନାହାନ୍ତି । ଯେତେବେଳେ ଏହା ଘଟେ ଜଗତର ଲୋକମାନେ ମଣ୍ଡଳୀକୁ ନିୟନ୍ତ୍ରଣ କରନ୍ତି ଏବଂ ମଣ୍ଡଳୀ ତା'ର ସାକ୍ଷ୍ୟ ହରାଇ ଥାଏ ।

ପିତର ସତର୍କ କରାଇ ଦେଇଛନ୍ତି ଯେ, ଭଣ୍ଡ ଧାର୍ମିକ ନେତାମାନେ ଏକ ମଣ୍ଡଳୀର ବ୍ୟବସାୟ କରିପାରନ୍ତି (୨ ପିତର ୨:୩) । ଯେତେବେଳେ ମଣ୍ଡଳୀ ନିଜ ସମାଜରେ ଲୋକପ୍ରିୟ ହୋଇଯାଏ, ସାଂସାରିକ ଲୋକମାନେ ମଣ୍ଡଳୀରେ ପଦ ପାଇବା ପାଇଁ ଆଗ୍ରହୀ ହୋଇଯାଆନ୍ତି । ସେମାନେ ଉପାସନାର ଶୈଳୀ ଏବଂ ନେତୃତ୍ୱ ନେବାର ଶୈଳୀ ଶିଖନ୍ତି କିନ୍ତୁ ସେମାନଙ୍କ ପାପ ପାଇଁ ଅନୁତାପ କରନ୍ତି ନାହିଁ ଏବଂ ଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣ ପାଇ ନ ଥାନ୍ତି । ଉତ୍ତମ ସିଦ୍ଧାନ୍ତ ନ ଥିବା ମଣ୍ଡଳୀ ଏହିପରି ଭଣ୍ଡ ନେତାମାନଙ୍କୁ ଚିହ୍ନିବାରେ ବିଫଳ ହୁଏ ।[4]

---

[4] ୨ ପିତର ୨ ଏବଂ ଯିହୂଦାଙ୍କ ପୁସ୍ତକରେ ମିଥ୍ୟା ଆଧ୍ୟାତ୍ମିକ ନେତାମାନଙ୍କ ବିଷୟରେ ଲେଖାଯାଇଛି ।

ଯେତେବେଳେ ମଣ୍ଡଳୀ ତା'ର ଭିନ୍ନତା ହରାଇ ଦିଏ, ସେତେବେଳେ କ'ଣ ହୁଏ ତାକୁ ବର୍ଣ୍ଣନା କରି ଯୀଶୁ ଲବଣର ଦୃଷ୍ଟାନ୍ତ ଦେଇଛନ୍ତି, ଯେତେବେଳେ ତା'ର ଲବଣତ୍ୱ ହରାଇ ଥାଏ (ମାଥିଉ ୫:୧୩) । ଯେତେବେଳେ ଲବଣ ତା'ର ଲବଣତ୍ୱ ହରାଇଥାଏ ତାହା ଆଉ ବାଲି କିମ୍ୱା ପଥରଠାରୁ ଭଲ ନୁହେଁ ।

ଯେତେବେଳେ ମଣ୍ଡଳୀ ସମାଜ ପରି ହୋଇଯାଏ, ସେତେବେଳେ ମଣ୍ଡଳୀ ସମାଜକୁ କଦାପି ପରିବର୍ତ୍ତନ କରିପାରିବ ନାହିଁ ।

ଯେତେବେଳେ ମଣ୍ଡଳୀ ଜଗତର ପ୍ରଣାଳୀକୁ ଅନୁସରଣ କରେ ଏବଂ ବାଇବଲର ସତ୍ୟକୁ ଅନୁକରଣ କରେ ନାହିଁ, ସେତେବେଳେ ଜଗତ ମଣ୍ଡଳୀକୁ ପରିହାସ କରେ ।

## ଈଶ୍ୱରଙ୍କ ପ୍ରତିନିଧିତ୍ୱ କରିବା

*ପାରମାର୍ଥିକ* ଶିକ୍ଷା ଆମ ଖ୍ରୀଷ୍ଟିୟାନ ବିଶ୍ୱାସର ପ୍ରଣାଳୀ ଅଟେ, ଈଶ୍ୱର ସମ୍ୱନ୍ଧୀୟ ଶିକ୍ଷା, ମାନବିକତା, ପାପ, ଖ୍ରୀଷ୍ଟ ଏବଂ ପରିତ୍ରାଣ ଏଥିରେ ଅନ୍ତର୍ଭୁକ୍ତ । ଆମର ଈଶ୍ୱର ସମ୍ୱନ୍ଧୀୟ ବିଶ୍ୱାସ ଆଦ୍ୟ ସମସ୍ତ ବିଶ୍ୱାସଗୁଡ଼ିକ ପ୍ରତି ମୂଳଦୁଆ ଅଟେ ।

ଯେତେବେଳେ ଈଶ୍ୱର ନିଜକୁ ପ୍ରକାଶ କରିବାକୁ ଆରମ୍ଭ କଲେ, ତାଙ୍କ ପ୍ରକାଶନର ପ୍ରଥମ ଉଦ୍ଦେଶ୍ୟ ଥିଲା ସେ କେଉଁ ପ୍ରକାର ଈଶ୍ୱର ତାହା ଦର୍ଶାଇବା । ସେ ଯେ *ପବିତ୍ର* ତାହା ଈଶ୍ୱର ସ୍ୱୟଂ ବର୍ଣ୍ଣନା କଲେ । ପବିତ୍ରତା ନିମନ୍ତେ ଏବ୍ରୀ ଶବ୍ଦ *(କାଡୋସ୍)* ପୁରାତନ ନିୟମରେ ୬୦୦ ଥର ଠାରୁ ଅଧିକ ଥର ଉଲ୍ଲେଖ ଅଛି । ଉଦାହରଣ ସ୍ୱରୂପ, ଯିଶାଇୟ ଈଶ୍ୱରଙ୍କୁ "ଇସ୍ରାଏଲର ଧର୍ମସ୍ୱରୂପ" ବୋଲି ବାରମ୍ୱାର ଦର୍ଶାଇଛନ୍ତି । ଈଶ୍ୱରଙ୍କ ପବିତ୍ରତା ଉପାସନାର ବିଷୟବସ୍ତୁ ଥିଲା (ଗୀତସଂହିତା ୯୯:୩, ୫) । ତାଙ୍କର ଶକ୍ତି ହେତୁ ଈଶ୍ୱରଙ୍କ ଲୋକମାନେ ତାଙ୍କୁ ଉପାସନା କରୁ ନ ଥିଲେ ମାତ୍ର ତାହାଙ୍କ ପବିତ୍ରତା ସକାଶୁ ତାଙ୍କର ଉପାସନା କରୁଥିଲେ ।

ଈଶ୍ୱର ମଧ୍ୟ ନିଜକୁ ପ୍ରେମିକ ରୂପେ ପ୍ରକାଶ କରିଥିଲେ । ପୁରାତନ ନିୟମରେ ପ୍ରମୁଖ ଶାସ୍ତ୍ରାଂଶ ଯେଉଁଠାରେ ଈଶ୍ୱର ମୋଶା ଏବଂ ଇସ୍ରାଏଲ ପ୍ରତି ନିଜକୁ ପ୍ରକାଶ କରିଥିଲେ (ଯାତ୍ରା ପୁସ୍ତକ ୩୪:୬-୭) । ସେ ଈଶ୍ୱର, "...ସ୍ନେହଶୀଳ ଓ କୃପାମୟ, କ୍ରୋଧରେ ଧୀର, ଦୟା ଓ ସତ୍ୟତାରେ ପରିପୂର୍ଣ୍ଣ; ସହସ୍ର ସହସ୍ର ପୁରୁଷ ପର୍ଯ୍ୟନ୍ତ ଦୟାରକ୍ଷାକାରୀ, ଅପରାଧ ଓ ଆଜ୍ଞାଲଙ୍ଘନ ଓ ପାପ କ୍ଷମାକାରୀ, ତଥାପି ନିତା; ତହିଁର ଦଣ୍ଡଦାତା..." ରୂପେ ନିଜକୁ ବର୍ଣ୍ଣନା କରିଛନ୍ତି । ପରମେଶ୍ୱରଙ୍କ ପବିତ୍ରତା ଏବଂ ପ୍ରେମକୁ ଏକାଠି ରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ । ପରମେଶ୍ୱରଙ୍କ ସ୍ୱଭାବକୁ ବର୍ଣ୍ଣନା କରିବା ପାଇଁ ପ୍ରାୟତଃ ବ୍ୟବହୃତ ଏକ ଶବ୍ଦ ହେଉଛି "ପବିତ୍ର-ପ୍ରେମ" । ଯେହେତୁ ଈଶ୍ୱର ପବିତ୍ର ଅଟନ୍ତି ଆମଠାରେ ପବିତ୍ରତା ସେ ଦାବି କରନ୍ତି, ଯେହେତୁ ଈଶ୍ୱର ପ୍ରେମିକ ଅଟନ୍ତି, ଯେପରି ସେ ପବିତ୍ର ଅଟନ୍ତି, ଆମ୍ଭେମାନେ ପବିତ୍ର ହେବାକୁ ସେ ଏକ ଦ୍ୱାର ସୃଷ୍ଟି କରିଛନ୍ତି ।

ପରମେଶ୍ୱରଙ୍କ ପବିତ୍ରତା ଦର୍ଶାଇଲା ଯେ, ଲୋକମାନେ ପ୍ରଥମେ ଅନୁଗ୍ରହ ଦ୍ୱାରା ପରିବର୍ତ୍ତିତ ନ ହେଲେ ପରମେଶ୍ୱରଙ୍କ ସେବା ଏବଂ ଉପାସନା କରିବାକୁ ଯୋଗ୍ୟ ନୁହଁନ୍ତି । ଯିଶାଇୟ ଭାବବାଦୀ ଦେଖିଲେ ଯେ, ତାହାଙ୍କଠାରେ ପାପୀମାନଙ୍କ ପରି କିଛି ସମାନ ବିଷୟ ରହିଛି ଯେଉଁମାନଙ୍କୁ ସେ ପ୍ରଚାର କରୁଛନ୍ତି - ତାଙ୍କଠାରେ ଏକ ହୃଦୟ ଥିଲା ଯାହା ଶୁଦ୍ଧ ନ ଥିଲା (ଯିଶାଇୟ ୬:୫) । "ଅଶୁଚି ଓଷ୍ଠ" ମନ୍ଦ ବାକ୍ୟ ଏବଂ କାର୍ଯ୍ୟକୁ ଦର୍ଶାଏ ଯାହା ଏକ ଅଶୁଚି ହୃଦୟରୁ ନିର୍ଗତ ହୋଇଥାଏ । ଏହି ଅଶୁଚିତା ଯିଶାଇୟଙ୍କୁ ଈଶ୍ୱରଙ୍କ ସମ୍ମୁଖିନ ହେବାକୁ ଅଯୋଗ୍ୟ କରିଥିଲା । ଯିଶାଇୟ ତାଙ୍କ ଅବସ୍ଥାକୁ ଯଥାର୍ଥ କରିବାକୁ ଚେଷ୍ଟା କରି ନ ଥିଲେ କିମ୍ବା ଈଶ୍ୱର ମଧ୍ୟ କରି ନ ଥିଲେ । ଈଶ୍ୱର ଭାବବାଦୀଙ୍କ ସ୍ୱୀକାରୋକ୍ତିର ଉତ୍ତର ଅନୁଗ୍ରହରେ ଦେଲେ, ସହ୍ୟ କରିବାର ଅନୁଗ୍ରହ ନୁହେଁ ବରଂ ପରିଷ୍କାର ଏବଂ ପରିବର୍ତ୍ତନର ଅନୁଗ୍ରହ (ଯିଶାଇୟ ୬:୬-୭) ।

ଇସ୍ରାଏଲ ପରମେଶ୍ୱର ମିଥ୍ୟା ଦେବତାମାନଙ୍କଠାରୁ ଭିନ୍ନ ଥିଲେ ଏବଂ ଏକ ଭିନ୍ନ ଧରଣର ଉପାସନା ଆବଶ୍ୟକ କରୁଥିଲେ । ଗୀତସଂହିତା ୨୪ରେ ଦାଉଦ ରାଜା ସେହି ବ୍ୟକ୍ତି ବିଷୟରେ ବର୍ଣ୍ଣନା କରନ୍ତି ଯାହାକୁ ପ୍ରଭୁଙ୍କ ଉପସ୍ଥିତିରେ ଆସିବାକୁ ଅନୁମତି ଦିଆଯାଇଛି । ଜଣେ ଉପାସକ ଭାବରେ ଈଶ୍ୱର କାହାକୁ ଗ୍ରହଣ କରନ୍ତି ? "ଯାହାର ହସ୍ତ ଶୁଚି ଓ ଅନ୍ତଃକରଣ ନିର୍ମଳ" (ଗୀତସଂହିତା ୨୪:୪) । ଜଣେ ଈଶ୍ୱରଙ୍କ ଉପାସକ ଭାବରେ ପ୍ରତ୍ୟେକଙ୍କୁ ଗ୍ରହଣ କରାଯିବ ନାହିଁ । ଜଣେ ଉପାସକ କେବଳ ଜଣେ ବ୍ୟକ୍ତି ନୁହେଁ ଯିଏ ତା'ର ହାତ ଉଠାଇବ ଏବଂ ଭାବପ୍ରବଣ ହେବ । ଜଣେ ପାପୀ ଯୋଗ୍ୟ ବିବେଚିତ ହୁଏ ନାହିଁ ।[5]

ପରମେଶ୍ୱର କହିଛନ୍ତି ଯେ ତାଙ୍କ ଉପାସକମାନେ ପବିତ୍ର ହେବା ପାଇଁ ତାଙ୍କର ନିଜସ୍ୱ ପବିତ୍ରତା ତାଙ୍କର ଆବଶ୍ୟକତାର ମୂଳଦୁଆ । "ତୁମ୍ଭେମାନେ ପବିତ୍ର ହେବ, କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ପବିତ୍ର ଅଟୁ" (ଲେବୀୟ ପୁସ୍ତକ ୧୯:୨, ଲେବୀୟ ପୁସ୍ତକ ୧୧:୪୪-୪୫, ଲେବୀୟ ପୁସ୍ତକ ୨୦:୨୬, ଲେବୀୟ ପୁସ୍ତକ ୨୧:୮) । ପରମେଶ୍ୱର ପ୍ରାଚୀନ ପୂର୍ବ ଦେଶୀୟ ଦେବତା କିମ୍ବା ପରବର୍ତ୍ତୀ ଗ୍ରୀକ୍ ଏବଂ ରୋମାନ୍ ପୌରାଣିକ/କାଳ୍ପନିକ କାହାଣୀର ଦେବତାମାନଙ୍କ ପରି ଜଣେ ଈଶ୍ୱର ନ ଥିଲେ । ସେହି କାଳ୍ପନିକ ଦେବତାମାନଙ୍କୁ ଦୁର୍ନିତିଗ୍ରସ୍ତ, ପ୍ରତାରକ ଏବଂ ନିଷ୍ଠୁର ବୋଲି ବର୍ଣ୍ଣନା କରାଯାଇଛି । ଏହି ବତାମାନଙ୍କଠାରେ ମାନବତାର ସମସ୍ତ ଚରିତ୍ରଗତ ତୃଟି ଥିଲା । କାଚରେ ଛାଇ ପରି, ସେଗୁଡ଼ିକ ମଣିଷର ପ୍ରତିଛବିର ଅତିରଞ୍ଜିତ ବିକୃତି ଥିଲା । ଏହି ଦେବତାମାନେ କୌଣସି ନୈତିକ ମାନଦଣ୍ଡ କିମ୍ବା ଚରିତ୍ରର ମାନଦଣ୍ଡ ଆବଶ୍ୟକ କରୁ ନ ଥିଲେ, ଏବଂ ସେମାନଙ୍କ ଉପାସକମାନେ ଦୁଷ୍ଟ ଏବଂ ନିଷ୍ଠୁର ଥିଲେ ।

---

[5] ପ୍ରକୃତ ଉପାସନାର ସମ୍ପୂର୍ଣ୍ଣ ଅନୁସନ୍ଧାନ ପାଇଁ, ଏଠାରେ ଉପଲବ୍ଧ *Introduction to Christian Worship* Shepherds Global Classroom ପାଠର ପରିଚୟ ଦେଖନ୍ତୁ । https://www.shepherdsglobal.org/courses

ଇସ୍ରାଏଲର ପରମେଶ୍ୱର ମନୁଷ୍ୟ ପ୍ରତିମୂର୍ତ୍ତିର ପ୍ରତିଛବି ନୁହନ୍ତି । ସେ କାଳ୍ପନିକ ନୁହଁନ୍ତି, କିନ୍ତୁ ନିଜକୁ ଲୋକମାନଙ୍କ ନିକଟରେ ପ୍ରକାଶ କରିଛନ୍ତି । ସେ ଭିନ୍ନ ଅଟନ୍ତି ଏବଂ ସେଥିପାଇଁ ତାହାଙ୍କ ଉପାସକମାନେ ଭିନ୍ନ ହେବା ଆବଶ୍ୟକ ।

ନୂତନ ନିୟମରେ ଈଶ୍ୱରଙ୍କ ମାନଦଣ୍ଡ ପୁନରାବୃତ୍ତି ହୋଇଛି । "ମାତ୍ର ତୁମ୍ଭମାନଙ୍କର ଆହ୍ୱାନକର୍ତ୍ତା ଯେପରି ପବିତ୍ର, ତୁମ୍ଭେମାନେ ମଧ୍ୟ ଆଜ୍ଞାବହ ସନ୍ତାନମାନଙ୍କ ପରି ସମସ୍ତ ଆଚରଣରେ ସେହିପରି ପବିତ୍ର ହୁଅ । ଯେଣୁ ଲେଖା ଅଛି, ତୁମ୍ଭେମାନେ ପବିତ୍ର ହୁଅ, କାରଣ ଆମ୍ଭେ ପବିତ୍ର" (୧ ପିତର ୧:୧୫-୧୬) । *ଆଚରଣ* ଏପରି ଏକ ଶବ୍ଦ ଯାହା ଆମର ମନୋଭାବ ଏବଂ ଆଚରଣକୁ ବୁଝାଏ - ଜୀବନର ପ୍ରତ୍ୟେକ ଅଂଶ । ଈଶ୍ୱର କେବଳ ତାଙ୍କ ଉପାସକମାନଙ୍କୁ ଯେତେବେଳେ ସେମାନେ ପବିତ୍ର ନୁହନ୍ତି, *ଆନୁଷ୍ଠାନିକ ଭାବରେ* ପବିତ୍ର କିମ୍ବା "ପବିତ୍ର" ବୋଲି *ଡାକିବାକୁ* ଚାହାନ୍ତି ନାହିଁ । ସେ ଚାହାନ୍ତି ତାଙ୍କ ଉପାସକମାନେ ପ୍ରକୃତରେ ପବିତ୍ର ଜୀବନ କାଟନ୍ତୁ ।

ଆମର ମନୋଭାବ ଏବଂ ବ୍ୟବହାର ଦର୍ଶାଏ ଯେ, ଈଶ୍ୱରଙ୍କ ବିଷୟରେ ଆମେ କ'ଣ ଭାବୁ ଏବଂ ତାଙ୍କ ସହିତ ଆମର କେଉଁ ପ୍ରକାର ସମ୍ପର୍କ ଅଛି । ପ୍ରେରିତ ପାଉଲ କହନ୍ତି ଯେ, ଯେଉଁ ଯିହୁଦୀମାନଙ୍କଠାରେ ଈଶ୍ୱରଙ୍କ ବ୍ୟବସ୍ଥା ଅଛି ବୋଲି ଗର୍ବ କରୁଥିଲେ, ସେହି ବ୍ୟବସ୍ଥାକୁ ଭଙ୍ଗ କରି ସୋମନେ ଈଶ୍ୱରଙ୍କୁ ଅପମାନିତ କଲେ । ସେମାନଙ୍କର ବ୍ୟବହାର କାରଣରୁ ଲୋକମାନେ ସେମାନଙ୍କୁ ଏବଂ ସେମାନଙ୍କର ଈଶ୍ୱରଙ୍କ ବିଷୟରେ ଖରାପ କଥା କହିଲେ (ରୋମୀୟ ୨:୨୩-୨୪) ।

ଆପଣ କେଉଁ ପ୍ରକାର ଈଶ୍ୱରଙ୍କ ପ୍ରତିନିଧିତ୍ୱ କରୁଛନ୍ତି ? ଆପଣଙ୍କର ଈଶ୍ୱର କେଉଁ ପ୍ରକାରର ବୋଲି ଲୋକେ ଭାବନ୍ତି ? ଯଦି ଆପଣ ଚାହାନ୍ତି ଲୋକାମନେ ଜାଣନ୍ତୁ ଯେ, ଈଶ୍ୱର ପବିତ୍ର, କ୍ଷମାଶୀଳ, ଅନୁଗ୍ରହକାରୀ ଅଟନ୍ତି, ସେମାନେ ଆପଣଙ୍କୁ ସେହିପରି ଦେଖିବାକୁ ଚାହାନ୍ତି ।

ମଣ୍ଡଳୀଗୁଡ଼ିକୁ ସେମାନଙ୍କର ପାଳକମାନେ ବାରମ୍ବାର ଏବଂ ସିଦ୍ଧାନ୍ତ ମାଧ୍ୟମରେ ଶିକ୍ଷା ଦେବା ଆବଶ୍ୟକ । ଜଣେ ପାଳକ ମୌଳିକ ସିଦ୍ଧାନ୍ତକୁ ଅବହେଳା କରିବା ଉଚିତ ନୁହେଁ । ପ୍ରତ୍ୟେକ ପିଢ଼ି ଏବଂ ସମସ୍ତ ନୂତନ ବିଶ୍ୱାସୀମାନେ ଏହା ଶୁଣିବା ଆବଶ୍ୟକ । ଏପରିକି ପୁରୁଣା ବିଶ୍ୱାସୀମାନଙ୍କୁ ଏହା ସ୍ମରଣ କରାଇବା ଆବଶ୍ୟକ । ପାଳକଙ୍କ ପ୍ରଚାର କେବଳ ଉତ୍ତେଜନା ସୃଷ୍ଟି କରିବା ପାଇଁ ଭାବପ୍ରବଣ, ଗତିଶୀଳ ପ୍ରଦର୍ଶନ ହେବା ଉଚିତ ନୁହେଁ । ସେ ଈଶ୍ୱରଙ୍କୁ ବର୍ଣ୍ଣନା କରିବା ଆବଶ୍ୟକ ଏବଂ ଖ୍ରୀଷ୍ଟିୟାନର ଜୀବନ କିପରି ଶାସ୍ତ୍ର ଅନୁଯାୟୀ ମେଳ ଖାଇବା ଉଚିତ ତାହା ଶିକ୍ଷା ଦେବା ଆବଶ୍ୟକ ।

ମଣ୍ଡଳୀ ସମାଜ ଏବଂ ସଂସ୍କୃତିକୁ ପରିବର୍ତ୍ତ'ର୍ନ କରିବା ଉଚିତ, କିନ୍ତୁ ଏହା କେବଳ ସେତେବେଳେ ଘଟିବ ଯେତେବେଳେ ଆମର ବାଇବଲ ଈଶ୍ୱରଙ୍କ ଧାରଣା ଆମ ଜୀବନର ବିବରଣୀରେ ପ୍ରୟୋଗ କରାଯିବ ।

## ଦଳଗତ ଆଲୋଚନା ନିମନ୍ତେ

► ଏହି ପାଠରେ କେଉଁ ଧାରଣାଗୁଡ଼ିକ ତୁମ ପାଇଁ ନୂତନ ଥିଲା? ଖ୍ରୀଷ୍ଟିୟାନ ଜୀବନଯାପନ ପ୍ରତି ଆପଣଙ୍କର ଦୃଷ୍ଟିକୋଣକୁ କିପରି ପରିବର୍ତ୍ତନ କରିବାକୁ ଆପଣ ଯୋଜନା କରୁଛନ୍ତି ?

► ଆପଣଙ୍କ ସଂସ୍କୃତିରେ ମଣ୍ଡଳୀଗୁଡ଼ିକରେ କେଉଁ ଧାରଣାକୁ ସାଧାରରତଃ ଅବହେଳିତ କରାଯାଏ ବୋଲି ଆପଣ ଭାବନ୍ତି? ତୁମେ ଜାଣିଥିବା ବ୍ୟକ୍ତିଙ୍କୁ ଏହି ଧାରଣା କିପରି ବୁଝାଇବେ ?

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା,

ତୁମର ଚରିତ୍ର ସହିତ ମେଳ ଖାଉଥିବା ଜୀବନ ସହିତ ମୁଁ ତୁମକୁ ସମ୍ମାନିତ କରିବାକୁ ଚାହେଁ । ଯେଉଁ ଜଗତ ତୁମଠାରେ ସମର୍ପିତ ନୁହେଁ ମୁଁ ତୁମକୁ ସେହି ଜଗତର ପ୍ରତିନିଧିତ୍ୱ କରିବାକୁ ଚାହେଁ ।

ତୁମର ସତ୍ୟ ସହିତ ମୋର ଜୀବନ ସୁସଙ୍ଗତ ରଖ । ଏକ ବିଶ୍ୱାସୀ ଜୀବନରେ ଯାହା ନ ହେବା ଉଚିତ ସେହି ସବୁ ପରିବର୍ତ୍ତନ କରିବା ପାଇଁ ମୋତେ ସାହାଯ୍ୟ କର ।

ତୁମର ସଶକ୍ତିକରଣ ଆତ୍ମା ଏବଂ ପରିବର୍ତ୍ତନକାରୀ ଅନୁଗ୍ରହ ପାଇଁ ଧନ୍ୟବାଦ ।

ଆମେନ୍

## ପାଠ ୧ – ଦିଆଯାଇଥିବା କାର୍ଯ୍ୟ

(୧) ନିକଟ ଅତୀତରେ ଆପଣଙ୍କ ଚିନ୍ତାଧାରା କିମ୍ବା ଆଚରଣକୁ ପ୍ରଭାବିତ କରିଥିବା ଏକ ସାଂସାରୀକ ମୂଲ୍ୟ ବିଷୟରେ ଏକ ପାରାଗ୍ରାଫ୍ ଲେଖନ୍ତୁ । ତା'ପରେ ଜୀବନର ଏହି ଅଂଶକୁ ସମ୍ବୋଧିତ କରୁଥିବା ଦୁଇଟି ଶାସ୍ତ୍ରାଂଶ ଖୋଜି ବାହାର କରନ୍ତୁ ଏବଂ ସେଗୁଡ଼ିକୁ ଲିପିବଦ୍ଧ କରନ୍ତୁ । ଏହି ଶାସ୍ତ୍ରାଂଶଗୁଡ଼ିକର ଆଜ୍ଞା ପାଳନ କରି ଆପଣ କିପରି ଜୀବନଯାପନ ଆରମ୍ଭ କରିପାରିବେ ସେ ବିଷୟରେ ଏକ ପାରାଗ୍ରାଫ୍ ଲେଖନ୍ତୁ ।

(୨) ତୀତସ ୨:୧୧-୧୪ ପାଠ କରନ୍ତୁ । ଏହି ଅଂଶ ଉପରେ ଆଧାର କରି ଖ୍ରୀଷ୍ଟିୟାନ ସଚ୍ଚୋଟତା ବିଷୟରେ ଏକ ସଂକ୍ଷିପ୍ତ ଉପସ୍ଥାପନା ପ୍ରସ୍ତୁତ କରନ୍ତୁ । ଜୀବନର ସମସ୍ତ ବିବରଣୀରେ ବାଇବଲ ସତ୍ୟ କାହିଁକି ପ୍ରୟୋଗ କରାଯିବା ଉଚିତ୍ ତାହା ବ୍ୟାଖ୍ୟା କରିବା ପାଇଁ ଏହି ଅଂଶ ବ୍ୟବହାର କରନ୍ତୁ । ପରବର୍ତ୍ତୀ ଶ୍ରେଣୀ ସମୟର ଆରମ୍ଭରେ ଏହି ଉପସ୍ଥାପନା ସେୟାର କରନ୍ତୁ ।

# ପାଠ - ୨

# ଈଶ୍ୱରଙ୍କ ପ୍ରତି ଆଜ୍ଞାପାଳନର ଅଭ୍ୟାସ

## ପାଠର ଉଦ୍ଦେଶ୍ୟ

ଏହି ପାଠର ଶେଷ ସୁଦ୍ଧା ଛାତ୍ର ଛାତ୍ରୀମାନେ ଯେପରି :

(୧) ଖ୍ରୀଷ୍ଟିୟାନ ପ୍ରେମ ଏବଂ ବିଶ୍ୱାସୀମାନଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟରେ ବ୍ୟବହାରିକ ସମ୍ପର୍କ ଅନୁସନ୍ଧାନ କରିବେ ।

(୨) ବିଶ୍ୱାସୀମାନେ ଶାସ୍ତ୍ରୀୟ ନୀତିଗୁଡ଼ିକ ସହିତ ସେମାନଙ୍କର ଜୀବନକୁ ଅଧିକରୁ ଅଧିକ ସଜାଡ଼ିବା ଉଚିତ ବୋଲି ଦଶଟି କ୍ଷେତ୍ର ଉପରେ ଚିନ୍ତନ କରିବେ ।

(୩) ଜୀବନଶୈଳୀ ସମସ୍ୟା ସହିତ ଜଡ଼ିତ ଶାସ୍ତ୍ରୀୟ ନୀତିଗୁଡ଼ିକର ବ୍ୟକ୍ତିଗତ ପ୍ରୟୋଗରେ ବିଶ୍ୱାସୀମାନେ କାହିଁକି ଭିନ୍ନ, ଅତି କମ୍‌ରେ ଦୁଇଟି କାରଣ ବ୍ୟାଖ୍ୟା କର ।

(୪) ଜୀବନଶୈଳୀ ନିଷ୍ପତ୍ତି ନେବା ପାଇଁ ନଅଟି ନୀତି (ପାଠ୍ୟରେ ଦିଆଯାଇଥିବା) ସଂକ୍ଷେପ କରନ୍ତୁ ।

## ଜଣେ ଆଜ୍ଞାବହ ସନ୍ତାନ

ଜଣେ ଆଫ୍ରିକୀୟ ମାଆ ବାହାରକୁ ଯାଇ ତା'ର ପୁଅକୁ ଦେଖିବାକୁ ଗଲା ଯିଏ ଗୋଟିଏ ଗଛ ତଳେ ଖେଳୁଥିଲା । ସେ ଡରିଗଲା ଯେତେବେଳେ ସେ ଦେଖିଲା ଏକ ବିଷାକ୍ତ ସାପ ଠିକ୍ ତା' ପୁଅର ମୁଣ୍ଡ ଉପରେ ଗଛ ଉପରୁ ଝୁଲି ରହିଛି । ସାପଟି ପୁଅକୁ କାମୁଡ଼ିବାକୁ ଉଦ୍ୟତ ହେଉଥିଲା । ମାଆ ଜାଣିଥିଲା ଯେ, ଯଦିସେ ତାଙ୍କ ପୁଅକୁ ଚେତାବନୀ ଦେବାକୁ ଚେଷ୍ଟା କରନ୍ତି, ତେବେ ସେ ସେଠାରୁ ଶୀଘ୍ର ଘୁଞ୍ଚିଯିବା ପରିବର୍ତ୍ତେ ଉପରକୁ ଚାହିଁବ । ବର୍ଣ୍ଣନା କରିବା ପରିବର୍ତ୍ତେ ସେ ତାକୁ କହିଲେ, "ବର୍ତ୍ତମାନ ତଳକୁ ଡେଇଁ ପଡ଼" । ପିଲାଟି ବୁଝିପାରିଲା ନାହିଁ, କିନ୍ତୁ ଯେହେତୁ ତାକୁ ଆଜ୍ଞା ପାଳନ କରିବାକୁ ଶିକ୍ଷା ଦିଆଯାଇଛି, ତେଣୁ ସେ କଥା ମାନିଲା । ତା'ପରେ ତା'ର ମାଆ କହିଲେ, "ନଇଁ ପଡ଼ି ଗୁରୁଣ୍ଡି ଗୁରୁଣ୍ଡି ମୋ' ପାଖକୁ ଆସ" । ପୁନର୍ବାର କଥା ମାନିଲା ଏବଂ ସାପଠାରୁ ଶୀଘ୍ର ମୁକ୍ତି ପାଇଲା ।

ଆଦେଶର ଉଦ୍ଦେଶ୍ୟ ନ ବୁଝି ପିଲାଟି କାହିଁକି କଥା ମାନିଲା ? ସେ ତା'ର ମାଆକୁ ସମ୍ମାନ ଦେଲା ଯେହେତୁ ତାକୁ ଆଜ୍ଞା ପାଳନ କରିବାକୁ ଶିକ୍ଷା ଦିଆଯାଇଥିଲା ଏବଂ ଯେତେବେଳେ ସେ ଆଜ୍ଞାପାଳନ କରୁ ନ ଥିଲା ତାକୁ ସଂଶୋଧନ କରାଯାଇଥିଲା । ସେ

ମଧ୍ୟ ତା'ର ମାଆକୁ ଭରସା କରୁଥିଲା, କାରଣ ସେ ଜାଣିଥିଲା ଯେ, ତା'ର ମାଆ ତାକୁ ପ୍ରେମ କରେ । ଆମେ ମଧ୍ୟ ଈଶ୍ୱରଙ୍କୁ ସମ୍ପୂର୍ଣ୍ଣରୂପେ ମାନିବା ଉଚିତ, କେବଳ ଯେ ତାଙ୍କର ସଂଶୋଧନକୁ ଆମେ ଭୟ କରୁ ତା' ନୁହେଁ,ମାତ୍ର ଆମେ ଜାଣୁ ଯେ, ସେ ଆମକୁ ପ୍ରେମ କରନ୍ତି ।

## ପ୍ରେମର ପ୍ରେରଣା

ଯଦି ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ଅଧିକ ପ୍ରେମ କରେ ତେବେ କ'ଣ ଫଳାଫଳ ସବୁ ହେବ ? ଆପଣ ଏହି ବିବୃତ୍ତିକୁ ଶେଷ କରି ପ୍ରଶ୍ନଟି ଉପରେ ବିଚାର କରିପାରିବେ: "ଯଦି ମୁଁ ପରମେଶ୍ୱରଙ୍କୁ ଅଧିକ ଭଲ ପାଏ, ତେବେ ମୁଁ..."

ଈଶ୍ୱରଙ୍କୁ ଅଧିକ ପ୍ରେମ କରିବାର ଗୋଟିଏ ଫଳାଫଳ ଫିଲିପ୍‌ପୀୟ ୧:୯-୧୧: ରେ ବର୍ଣ୍ଣନା କରାଯାଇଛି:

> “ପୁଣି, ମୋହର ପ୍ରାର୍ଥନା ଏହି, ତୁମ୍ଭମାନଙ୍କର ପ୍ରେମ, ଜ୍ଞାନ ଓ ସମସ୍ତ ସୂକ୍ଷ୍ମ ବିଚାରରେ ଅଧିକରୁ ଅଧିକ ବୃଦ୍ଧି ପାଉ, ଯେପରି ତୁମ୍ଭେମାନେ ଉତ୍କୃଷ୍ଟ ବିଷୟଗୁଡ଼ିକ ସମର୍ଥନ କରି ପାର, ପୁଣି ଈଶ୍ୱରଙ୍କ ଗୌରବ ଓ ପ୍ରଶଂସା ଉଦ୍ଦେଶ୍ୟରେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଧାର୍ମିକତାର ଯେଉଁ ଫଳ, ସେଥିରେ ପରିପୂର୍ଣ୍ଣ ହୋଇ ଖ୍ରୀଷ୍ଟଙ୍କ ଦିନରେ ଶୁଦ୍ଧ ଓ ଅନିନ୍ଦନୀୟ ହୁଅ ।”

ବିଶ୍ୱାସୀର ଜୀବନରେ ଏକ ନିରନ୍ତର ପ୍ରକ୍ରୀୟା ବିଷୟରେ ଏହି ଶାସ୍ତ୍ରାଂଶ କହେ । ତାଙ୍କ ପ୍ରେମ ନିୟମିତ ଭାବରେ ବୃଦ୍ଧି ପାଇବା ଉଚିତ । ଯେତେବେଳେ ଈଶ୍ୱରଙ୍କ ନିମନ୍ତେ ତାହାଙ୍କ ପ୍ରେମ ବୃଦ୍ଧି ପାଏ । ଯାହା ଉତ୍ତମ ତାହା ବୁଝିବାର କ୍ଷମତା ସୁଦୃଢ଼ ହୁଏ ଏବଂ ପ୍ରସାରିତ ହୁଏ । ଯାହା ଉତ୍ତମ ଯେତେବେଳେ ସେ ତାହା ବୁଝିପାରେ ସେତେବେଳେ ତା' ଜୀବନ ପାଇଁ ଯାହା ଉତ୍ତମ ସେଥିପ୍ରତି ସେ ଧ୍ୟାନ ଦିଏ । ଜଣେ ବିଶ୍ୱାସୀ ସଚ୍ଚୋଟ ଏବଂ ଦୋଷମୁକ୍ତ ହେବା ପାଇଁ ଏହା ଘଟି ଚାଲିଥିବା ଆବଶ୍ୟକ ।

ଯେପରି ଏକ ନବଜାତ ଶିଶୁଠାରେ ଶିକ୍ଷା କରିବାକୁ ଏବଂ ବୃଦ୍ଧି ପାଇବାକୁ ତା'ର ଜୀବନକାଳ ଅଛି, ସେହିପରି ଆମର ପରିବର୍ତ୍ତନ ସମୟରେ ଆମ ଜୀବନକୁ ପରିଚାଳନା କରିବାକୁ ଯେଉଁ ସବୁ ସତ୍ୟ ଆମେ ତାହା ଜାଣିପାରୁନା । ଉପର ଲିଖିତ ଶାସ୍ତ୍ରାଂଶରେ ପାଉଲ ସେହି ଲୋକମାନଙ୍କୁ ଲେଖନ୍ତି, ଯେଉଁମାନେ କିଛି ସମୟ ଧରି ଖ୍ରୀଷ୍ଟଙ୍କର ଅନୁଗାମୀ ଥିଲେ । ତଥାପି ପାଉଲ ପ୍ରାର୍ଥନା କରନ୍ତି ଯେ, ଯେପରି ସେମାନେ ଈଶ୍ୱରଙ୍କୁ ଅଧିକ ପ୍ରେମ କରିବେ ଏବଂ ସେହି ପ୍ରେମ ଦ୍ୱାରା ସେମାନେ ଈଶ୍ୱରଙ୍କ ଇଚ୍ଛାକୁ ବୁଝିପାରିବେ ଏବଂ ପାଳନ କରିପାରିବେ ।

ଯେତେବେଳେ ଈଶ୍ୱର ଆମକୁ ବିବେଚନା ଦିଅନ୍ତି, ଆମେ ନିରନ୍ତର ଆମ ଜୀବନକୁ ଉନ୍ନତ କରିବାକୁ ଆଶା କରିବା ଉଚିତ୍ । କେବଳ ଧର୍ମ ପାଳନରେ ନୁହେଁ ବରଂ ଆମ ଜୀବନର ସମସ୍ତ ଦିଗରେ ପରମେଶ୍ୱର ଆମର ସମ୍ପୂର୍ଣ୍ଣ ଆଜ୍ଞାପାଳନ ଚାହାନ୍ତି ।

ଆମେ ଭାବିବା ଉଚିତ ନୁହେଁ ଯେ, ଆମେ କିପରି ବଞ୍ଚିବୁ ତାହା ସବୁ ଆମେ ଜାଣିଛୁ । ଆମେ ଏହା ଭାବିବା ଉଚିତ ନୁହେଁ ଯେ, ଆମେ ଆମ ଜୀବନରେ ଆବଶ୍ୟକ ସମସ୍ତ ବିଷୟ ପରିବର୍ତ୍ତନ କରିଛୁ ।

## କେତେକ କ୍ଷେତ୍ରରେ ଜଣେ ବିଶ୍ୱାସୀ ଉନ୍ନତି କରିବା ଉଚିତ

**(୧) ପ୍ରଭାବର ସତର୍କତା (ହିତୋପଦେଶ ୨୨:୧, ମାଥିଉ ୫:୧୪-୧୬)**

ତୁମେ ଏପରି କିଛି କରୁଛ ଯାହା ତୁମେ ଅନ୍ୟମାନେ କରନ୍ତୁ ବୋଲି ଚାହିଁବ ନାହିଁ ? କ'ଣ ତୁମେ ତୁମର ପାଳକଙ୍କୁ ତମେ କରୁଥିବା କାମ ଦେଖି ନିରାଶ ହେବ କି ?

**(୨) ଆତ୍ମ-ସଂଯମ (ହିତୋପଦେଶ ୧୬:୩୨, ହିତୋପଦେଶ ୨୫:୨୮, ଗାଲାତୀୟ ୫:୨୨-୨୩)**

ତୁମେ କ'ଣ ତୁମର ଭାବନା ଏବଂ ଇଚ୍ଛାକୁ ଏତେ ନିୟନ୍ତ୍ରଣ କରୁଛ ଯେ, ତୁମେ ଯାହା କରିବା ଉଚିତ୍ ତାହା କରିପାରିବ କିମ୍ବା ତୁମେ କେତେବେଳେ ତୁମର ଭାବନାକୁ ଏପରି କାର୍ଯ୍ୟ କରିବାକୁ ଦିଅ କି ଯାହା ଜଣେ ଅଣବିଶ୍ୱାସୀଙ୍କଠାରୁ ଆଶା କରାଯାଏ ?

**(୩) ସ୍ୱାସ୍ଥ୍ୟର ଯତ୍ନ (୧ କରିନ୍ଥୀୟ ୬:୧୯, ୧ କରିନ୍ଥୀୟ ୧୦:୩୧)**

ତୁମେ କ'ଣ ତୁମର ଶରୀରକୁ ଈଶ୍ୱରଙ୍କ ପାଇଁ କାର୍ଯ୍ୟ କରିବା ନିମନ୍ତେ ଉତ୍ସର୍ଗୀକୃତ ଏକ ଅପରିବର୍ତ୍ତନୀୟ ଉପକରଣ ଭାବରେ ଯତ୍ନ ନେଉଛ ? ଯେହେତୁ ତୁମ ଶରୀର ଈଶ୍ୱରଙ୍କର ଅଟେ, ଏହାକୁ କ୍ଷତି କରିବା ଉଚିତ୍ ନୁହେଁ । ତୁମେ ଏହାକୁ ଅସାବଧାନତାର ସହ ବ୍ୟବହାର କର ନାହିଁ ।

**(୪) ମନୋରଞ୍ଜନର ମନୋନୟନ (କଲସୀୟ ୩:୧୭, ୧ କରିନ୍ଥୀୟ ୬:୧୨)**

ତୁମର ମନୋରଞ୍ଜନ କ'ଣ ଭୁଲ୍ ଚିନ୍ତାଧାରା କିମ୍ବା ମନୋଭାବ ସୃଷ୍ଟି କରି ତୁମକୁ ପ୍ରଲୋଭନ ସହିତ ସଂଘର୍ଷ କରିବାକୁ ପ୍ରବୃତ୍ତ କରେ ? ପାପକୁ ଆକର୍ଷଣୀୟ କିମ୍ବା ହାସ୍ୟସ୍ପଦ ଭାବରେ ଉପସ୍ଥାପନ କରୁଥିବା ଯେକୌଣସି ଜିନିଷ ପ୍ରତି ସାବଧାନ ରୁହନ୍ତୁ ।

**(୫) ଆଚରଣ (ରୋମୀୟ ୧୩:୯, କଲସୀୟ ୩:୧୯, ୧ ତୀମଥି ୨:୮, ୧ ପିତର ୩:୭)**

ଅନ୍ୟମାନଙ୍କୁ ସମ୍ମାନର ସହିତ ବ୍ୟବହାର କର, କାରଣ ଲୋକମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଗଢ଼ା ହୋଇଛନ୍ତି ଏବଂ ସେମାନଙ୍କଠାରେ ଅନନ୍ତ ଭାଗ୍ୟ ରହିଛି । ଲୋକମାନଙ୍କର ସୌଜନ୍ୟତା ଦେଖାଇବାର ପ୍ରଥା ଅଛି । ତୁମେ ଏପରି ଭଦ୍ର ହେବାକୁ ଶିଖିବା ଉଚିତ୍ ଯେପରି ଲୋକମାନେ ଚିହ୍ନିପାରିବେ । କେହି ଯୋଗ୍ୟ ନ ଥିଲେ ମଧ୍ୟ ସେମାନଙ୍କ ପ୍ରତି ତୁମେ ଦୟାଳୁ ହେବା ଉଚିତ ।

**(୬) ବ୍ୟବସାୟିକ ନୀତିଶାସ୍ତ୍ର (ହିତୋପଦେଶ ୨୦:୨୩)**

ତୁମେ କ'ଣ ସମସ୍ତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସଚ୍ଚୋଟ କି ? ତୁମେ କ'ଣ ବିଷୟଗୁଡ଼ିକୁ ଠିକ୍ ସେହିପରି ବର୍ଣ୍ଣନା କରୁଛ ନା କାହାକୁ ଏପରି କିଛି ଭାବିବାକୁ ବାଧ୍ୟ କରୁଛ ଯାହା ସତ୍ୟ ନୁହେଁ ?

**(୭) ସମୟାନୁବର୍ତ୍ତିତା (ଗାଲାତୀୟ ୫:୧୪)**

ସମୟ ହେଉଛି ଏକ ମୂଲ୍ୟବାନ ସମ୍ବଳ ଯାହାକୁ ଆମେ ଈଶ୍ୱରଙ୍କ ପାଇଁ ବ୍ୟବହାର କରିବା ଉଚିତ । ଯେତେବେଳେ ସମ୍ଭବ ହୁଏ, ଏକ ସମୟସୂଚୀ ରଖି ଆପଣ କ'ଣ ଆପଣଙ୍କ ସମୟ ଏବଂ ଅନ୍ୟମାନଙ୍କ ସମୟକୁ ମୂଲ୍ୟ ଦିଅନ୍ତି ?

**(୮) ପୋଷାକ (୧ ତୀମଥି ୨:୯, ୧ ପିତର ୩:୩-୪)**

ତୁମର ପୋଷାକ ଏହି ମୂଲ୍ୟଗୁଡ଼ିକୁ ଦର୍ଶାଏ କି ?

- ଶାଳୀନତା - ଶରୀରକୁ ଯଥେଷ୍ଟ ପରିମାଣରେ ଲୁଚାଇବା
- ନମ୍ରତା - ଆପଣ ଯାହା ପିନ୍ଧୁଛନ୍ତି, ତାହା ଦ୍ୱାରା ଅଯଥା ଧ୍ୟାନ କିମ୍ବା ପ୍ରଶଂସା ଆକର୍ଷଣ କରିବାକୁ ଚେଷ୍ଟା କରନ୍ତୁ ନାହିଁ ।
- ମିତବ୍ୟୟତା - ଆବଶ୍ୟକତାଠାରୁ ଅଧିକ ମୂଲ୍ୟର ପୋଷାକ କିଣିବା ପ୍ରୟୋଜନ ନୁହେଁ ।

**(୯) ଭାଷା (କଲସୀୟ ୪:୬, ଏଫିସୀୟ ୪:୨୯)**

କ'ଣ ତୁମର କଥାବାର୍ତ୍ତା ଈଶ୍ୱର ଏବଂ ଅନ୍ୟମାନଙ୍କର ସମ୍ମାନୀୟ ଏବଂ ପବିତ୍ର/ସ୍ୱଚ୍ଛ ଅଟେ ? ଜଗତ ଯେଉଁ ଶବ୍ଦଗୁଡ଼ିକୁ ବିସ୍ମୟବୋଧ ଭାବରେ ବ୍ୟବହାର କରେ, ସେମାନଙ୍କ ମଧ୍ୟରୁ ଅନେକ ଅଶ୍ଳୀଳ ଭାଷା କିମ୍ବା ପରମେଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ ଶବ୍ଦରୁ ଆସିଥାଏ ।

**(୧୦) ନିର୍ଭରଯୋଗ୍ୟତା (ଗୀତସଂହିତା ୬୧:୮, ହିତୋପଦେଶ ୨୦:୬, ହିତୋପଦେଶ ୨୮:୨୦)**

ତୁମେ ପ୍ରତିଜ୍ଞାରକ୍ଷା କର କି ? ତୁମେ ଯାହା କୁହ ତାହା କରିପାର ବୋଲି ଲୋକମାନେ କ'ଣ ଆଶା କରନ୍ତି ? ତୁମେ ତୁମର ପ୍ରତିଜ୍ଞାଗୁଡ଼ିକୁ ଭୁଲି ଯାଅ କି, ଯଦି ସେଗୁଡ଼ିକ ସୁବିଧାଜନକ ନ ହୁଏ ?

ଅନେକ ଲୋକ ସେମାନଙ୍କର ଆବଶ୍ୟକ ଉନ୍ନତି ପ୍ରତି ଗମ୍ଭୀର ନୁହନ୍ତି । ଶାସ୍ତ୍ରରେ ଥିବା ସାଧାରଣ ଆଜ୍ଞା ପ୍ରତି କେବଳ ଦାୟୀତ୍ୱ ବୋଲି ମନେ କରନ୍ତି । ସେମାନେ ଜାଣନ୍ତି ନାହିଁ ଯେ, ସେହି ଆଜ୍ଞାଗୁଡ଼ିକର ଅନେକ ବିଭାଗ ରହିଛି ।

ଆମକୁ ଏହା ବୁଝିବାକୁ ପଡ଼ିବ ଯେ, ଉନ୍ନତି ପରମେଶ୍ୱରଙ୍କ ପ୍ରତି ଆମର ପ୍ରେମ ବୃଦ୍ଧି ସହିତ ଜଡ଼ିତ । ଯେଉଁ ପଦ ସହିତ ଏହି ପାଠ ଆମେ ଆରମ୍ଭ କରିଛୁ ସେହି ପଦକୁ ଗଭୀର ଭାବରେ ଧ୍ୟାନ କରିବା ଆବଶ୍ୟକ (ଫିଲିପ୍ପୀୟ ୧:୯-୧୧) । ଯଦି ଆମର ପ୍ରେମ ବୃଦ୍ଧି ପାଏ, ତେବେ ଆମର ବିଚକ୍ଷଣତା ଏବଂ ସଠିକ୍ ଆଚରଣ ବାଛିବାରେ ଉନ୍ନତି ହେବା ଉଚିତ୍ ।

## ଦଳଗତ ଆଲୋଚନା/ଦଳ ସେୟାରିଂ

► ଯେତେବେଳେ ଈଶ୍ୱର ତୁମକୁ ଦେଖାଇଲେ ଯେ, ଏକ ମନୋଭାବ ଅଭ୍ୟାସ କିମ୍ବା କାର୍ଯ୍ୟ ସର୍ବୋତ୍ତମ ବିଷୟ ନହେଁ, ସେତେବେଳେ ତୁମେ ତୁମ ଜୀବନରେ କରିଥିବା ପରିବର୍ତ୍ତନର ଏକ ଉଦାହରଣ କ'ଣ ଅଟେ?

► ତୁମ ଜୀବନଶୈଳୀରେ କିଛି ଏପରି ବିଷୟ ଅଛି କି ଯାହା ତୁମେ ଜାଣ ଯେ, ତାହା ପରିବର୍ତ୍ତନ ହେବା ଉଚିତ? ତୁମେ ଏହା କରିବ କି ?

► ତୁମେ ଏପରି ବିଷୟ କରୁଛ କି, ଯାହା ତୁମେ ନିଶ୍ଚିତ ନୁହଁ ଯେ, ଈଶ୍ୱର ତହିଁରେ ସନ୍ତୁଷ୍ଟ ଅଟନ୍ତି?

► ତୁମେ କ'ଣ ଈଶ୍ୱରଙ୍କୁ ପ୍ରାର୍ଥନାରେ ତୁମକୁ କୌଣସି ପରିବର୍ତ୍ତନ ଦେଖାଇବାକୁ ଇଚ୍ଛୁକ?

ଆସନ୍ତୁ ଏହି ସପ୍ତାହରେ ଖୋଲା ହୃଦୟରେ ପ୍ରାର୍ଥନା କରିବାକୁ ପ୍ରତିଜ୍ଞା କରିବା ଯାହା ଦ୍ୱାରା ଈଶ୍ୱର ଆମକୁ ତାଙ୍କର ମୂଲ୍ୟବୋଧ ଏବଂ ଆମ ଜୀବନରେ ସେ ଆଣିବାକୁ ଚାହୁଁଥିବା ଯେକୌଣସି ପରିବର୍ତ୍ତନ ଦେଖାଇ ପାରିବେ । ତୁମେ କ'ଣ ତାହା କରିବାକୁ ପ୍ରତିଜ୍ଞା କରିବ ? ଆଗାମୀ ସପ୍ତାହ ତୁମେ କରିଛ କି ନାହିଁ ମୁଁ ପଚାରିବି ।

## ବାଇବଲ ନୀତିଗୁଡ଼ିକର ବ୍ୟକ୍ତିଗତ ପ୍ରୟୋଗ

► ବିଶ୍ୱାସୀମାନଙ୍କ ମଧ୍ୟରେ, ବିଶେଷ କରି ସେମାନେ କ'ଣ କରନ୍ତି ଏବଂ କ'ଣ କରନ୍ତି ନାହିଁ, ସେ ବିଷୟରେ ବ୍ୟବହାରିକ ପ୍ରଶ୍ନରେ, ଆପଣ କେବେ ପାର୍ଥକ୍ୟ ଦେଖିଛନ୍ତି କି? ଯେତେବେଳେ ସେମାନେ ସମାନ ବାଇବଲ ବ୍ୟବହାର କରୁଛନ୍ତି, ତେବେ କାହିଁକି ଏହି ପାର୍ଥକ୍ୟ ? ବିଶ୍ୱାସୀମାନଙ୍କ ମଧ୍ୟରେ ଏତେ ପାର୍ଥକ୍ୟ ଥିବାରୁ, ଆମେ କ'ଣ କରୁ ତାହା ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ କି ? କାହିଁକି ?

ବାଇବଲର ନୀତି ଏବଂ ମୂଲ୍ୟବୋଧଗୁଡ଼ିକୁ କିପରି ପାଳନ କରିବେ ସେ ବିଷୟରେ ସମସ୍ତ ବିଶ୍ୱାସୀମାନେ ଏକମତ ନୁହଁନ୍ତି । ତଥାପି ଖ୍ରୀଷ୍ଟଙ୍କ ଜଣେ ଅନୁଗାମୀ ତାଙ୍କ ବିଶ୍ୱାସ ସହିତ ସ୍ଥିର ଜୀବନଯାପନ କରିବା ବିଷୟରେ ଗମ୍ଭୀର ହେବା ଉଚିତ ।

ଆଚରଣ, ମନୋରଞ୍ଜନର ପସନ୍ଦ ଏବଂ ପୋଷାକ ସବୁକିଛି ହୃଦୟର ଆଗ୍ରହ ବିଷୟରେ କିଛି ଦର୍ଶାଏ ।

ପ୍ରତ୍ୟେକ ବିଶ୍ୱାସୀ ଯେତେବେଳେ ନିର୍ଦ୍ଦିଷ୍ଟ ଜୀବନଶୈଳୀ ସମସ୍ୟାରେ କ'ଣ ସର୍ବୋତ୍ତମ ତାହା ବୁଝିବାକୁ ଚେଷ୍ଟା କରେ, ସେତେବେଳେ ଏଠାରେ କିଛି ନୀତିଗୁଡ଼ିକ ଅଛି ଯାହାକୁ ମନେରଖିବା ଉଚିତ୍ ।

**ଜୀବନଶୈଳୀ ନିଷ୍ପତ୍ତି ପାଇଁ ନୀତିଗୁଡ଼ିକ :**

**(୧) ବିଶ୍ୱାସୀମାନଙ୍କ ପ୍ରତି ବାଇବଲର ସମସ୍ତ ଆଜ୍ଞାଗୁଡ଼ିକ ଆମେ ପାଳନ କରିବା ଆବଶ୍ୟକ ।**

ମାଥିଉ ୫:୧୯ରେ ଯୀଶୁ କହିଲେ :

> "ଅତଏବ, ଯେକେହି ଏହିସମସ୍ତ କ୍ଷୁଦ୍ରତମ ଆଜ୍ଞା ମଧ୍ୟରୁ କୌଣସି ଗୋଟିଏ ଆଜ୍ଞା ଅମାନ୍ୟ କରେ ଓ ଲୋକଙ୍କୁ ସେହି ପ୍ରକାରେ ଶିକ୍ଷା ଦିଏ, ସେ ସ୍ୱର୍ଗରାଜ୍ୟରେ କ୍ଷୁଦ୍ରତମ ବୋଲି ଖ୍ୟାତ ହେବ, କିନ୍ତୁ ଯେକେହି ସେହିସମସ୍ତ ପାଳନ କରେ ଓ ଶିକ୍ଷା ଦିଏ, ସେ ସ୍ୱର୍ଗରାଜ୍ୟରେ ମହାନ୍ ବୋଲି ଖ୍ୟାତ ହେବ ।"

ଆମେ କେବଳ ସେହି ବିନ୍ଦୁକୁ ବାଛିପାରିବା ନାହିଁ ଯାହାକୁ ଆମେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁ । ଶାସ୍ତ୍ରର କୌଣସି ଆଦେଶ ଅଣ ଦେଖା କରିବା ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

**(୨) ଈଶ୍ୱରଙ୍କ ଆଜ୍ଞାଗୁଡ଼ିକ ଆମର ଲାଭ ପାଇଁ ଅଟେ ।**

ଦ୍ୱିତୀୟ ବିବରଣ ୧୦:୧୨-୧୩,

> "ଏବେ ହେ ଇସ୍ରାଏଲ, ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ଭୟ କରିବାର, ତାହାଙ୍କ ସକଳ ପଥରେ ଗମନ କରିବାର ଓ ତାହାଙ୍କୁ ପ୍ରେମ କରିବାର, ପୁଣି ଆପଣାର ସମସ୍ତ ଅନ୍ତଃକରଣ ଓ ଆପଣାର ସମସ୍ତ ପ୍ରାଣ ସହିତ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ସେବା କରିବାର, ଆଉ ଆଜି ମୁଁ ତୁମ୍ଭ ହିତ ନିମନ୍ତେ ସଦାପ୍ରଭୁଙ୍କ ଯେ ଯେ ଆଜ୍ଞା ଓ ବିଧି ତୁମ୍ଭମାନଙ୍କୁ ଦେଉଅଛି, ସେସମସ୍ତ ପାଳନ କରିବାର, ଏସବୁ ଛଡ଼ା ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭଠାରୁ ଆଉ କଅଣ ଲୋଡ଼ନ୍ତି?"

ଗୀତସଂହିତା ୮୪:୧୧,

> କାରଣ ସଦାପ୍ରଭୁ ପରମେଶ୍ୱର ସୂର୍ଯ୍ୟ ଓ ଢାଲ ଅଟନ୍ତି; ସଦାପ୍ରଭୁ ଅନୁଗ୍ରହ ଓ ଗୌରବ ଦେବେ; ସେ ସରଳାଚାରୀମାନଙ୍କଠାରୁ କୌଣସି ମଙ୍ଗଳ ବିଷୟ ଅଟକାଇବେ ନାହିଁ।

ଈଶ୍ୱର ଆମଠାରୁ କୌଣସି ଭଲ ବିଷୟ ଲୁଚାଇ ରଖନ୍ତି ନାହିଁ, କିମ୍ବା ଆମପାଇଁ କ୍ଷତିକାରକ ବିଷୟ ଆଜ୍ଞା ଦିଅନ୍ତି ନାହିଁ । ତାଙ୍କର ପ୍ରତିବନ୍ଧକ ବିନା ଆମର ଜୀବନ ଭଲ ଏବଂ ସୁଖୀ ହୋଇପାରିବ ନାହିଁ। ତାଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ କରିବା ହେଉଛି ତାଙ୍କ ଜ୍ଞାନ

ଏବଂ ପ୍ରେମ ଉପରେ ସନ୍ଦେହ କରିବା । ଯେତେବେଳେ ଆମେ ମାନବୀୟ ଜ୍ଞାନ ଅନୁସରଣ କରିବା ପରିବର୍ତ୍ତେ ତାଙ୍କ ବାକ୍ୟର ନିର୍ଦ୍ଦେଶାବଳୀ ପାଳନ କରୁ, ସେତେବେଳେ ଆମେ ପ୍ରମାଣିତ କରୁ ଯେ, ଆମର ପ୍ରକୃତରେ ଈଶ୍ୱରଙ୍କ ମଙ୍ଗଳ ଏବଂ ଜ୍ଞାନରେ ବିଶ୍ୱାସ ଅଛି ।

**(୩) ଖ୍ରୀଷ୍ଟିଆନ ସ୍ୱାଧିନତା ଈଶ୍ୱରଙ୍କ ଆଜ୍ଞା ପାଳନରୁ ସ୍ୱାଧିନତା ନୁହେଁ ।**

୧ କରିନ୍ଥୀୟ ୯:୨୧ ରେ ପାଉଲ ଏହା ବିଶ୍ୱାସୀମାନଙ୍କ ନିକଟକୁ ଲେଖନ୍ତି :

> "ଯେପରି ମୁଁ ବ୍ୟବସ୍ଥାବିହୀନ ଲୋକମାନଙ୍କୁ ଲାଭ କରି ପାରେ, ଏଥିପାଇଁ ମୁଁ ଈଶ୍ୱରଙ୍କ ବ୍ୟବସ୍ଥାବିହୀନ ନ ହୋଇ ଖ୍ରୀଷ୍ଟଙ୍କ ବ୍ୟବସ୍ଥାର ଅନୁଗତ ହେଲେ ହେଁ ବ୍ୟବସ୍ଥାବିହୀନ ଲୋକମାନଙ୍କ ନିକଟରେ ବ୍ୟବସ୍ଥାବିହୀନ ପରି ହେଲି ।"

ଧାର୍ମିକତାର ଏକ ଉପାୟ ଭାବରେ ଆମେ ବ୍ୟବସ୍ଥାରୁ ମୁକ୍ତ ହୋଇଅଛୁ - ଉଭୟ ମୋଶା ବ୍ୟବସ୍ଥା ଏବଂ ପରମେଶ୍ୱରଙ୍କ ନୈତିକ ଆବଶ୍ୟକତା - ଧାର୍ମିକତାର ଏକ ଉପାୟ ଭାବରେ, କାରଣ ଆମେ ଅନୁଗ୍ରହ ଦ୍ୱାରା ପରିତ୍ରାଣ ପାଇଛୁ ଏବଂ ପରମେଶ୍ୱରଙ୍କ ଆଜ୍ଞା ପାଳନ କରି ନୁହେଁ । ଆମ୍ଭର ପାପ କ୍ଷମା ହୋଇଯାଇଥିବାରୁ ଆମ୍ଭେ ବ୍ୟବସ୍ଥାର ଦଣ୍ଡରୁ ମଧ୍ୟ ମୁକ୍ତ ହୋଇଅଛୁ ।

ତଥାପି ଆମେ ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବାର ଆବଶ୍ୟକତା କିମ୍ବା ପ୍ରେମର ବାଧ୍ୟବାଧକତାରୁ ମୁକ୍ତ ନୋହୁଁ । "କାରଣ, ହେ ଭାଇମାନେ, ତୁମ୍ଭେମାନେ ସ୍ୱାଧୀନତା ନିମନ୍ତେ ଆହୂତ ହୋଇଅଛ; କେବଳ ତୁମ୍ଭର ସ୍ୱାଧୀନତାକୁ ଶାରୀରିକ ଅଭିଳାଷ ପୂରଣ ନିମନ୍ତେ ସୁଯୋଗ ସ୍ୱରୂପେ ବ୍ୟବହାର ନ କର, ବରଂ ପ୍ରେମରେ ପରସ୍ପର ଦାସ ହୁଅ" (ଗାଲାତୀୟ ୫:୧୩) । ଯେପରି ୧ କରିନ୍ଥୀୟ ୯:୨୧ ଦର୍ଶାଏ, ଆମେ ପରମେଶ୍ୱରଙ୍କ ଅଧିନରେ ଅଛୁ । ଆମ ପାଇଁ ତାଙ୍କର ଇଚ୍ଛା ବାଇବଲରେ ପ୍ରକାଶିତ ହୋଇଛି ।

କିଛି ଲୋକ ଭୁଲ୍ ଭାବରେ ବିଶ୍ୱାସ କରନ୍ତି ଯେ, ପାପରୁ କ୍ଷମା ପାଇଁ କିମ୍ବା ଆଧ୍ୟାତ୍ମିକତାକୁ ପରିପକ୍ୱ କରିବାର ଏକ ଉପାୟ ଭାବରେ ସେମାନଙ୍କୁ ପରମେଶ୍ୱରଙ୍କ ଆଜ୍ଞାପାଳନ କରିବାକୁ ପଡ଼ିବ । ସତ୍ୟ ଏହା ଯେ, ଆମ୍ଭେମାନେ ବ୍ୟବସ୍ଥା ଦ୍ୱାରା ନୁହେଁ ବରଂ ବିଶ୍ୱାସ ମାଧ୍ୟମରେ ଅନୁଗ୍ରହ ଦ୍ୱାରା ପରିତ୍ରାଣ ପାଇଅଛୁ (ଏଫିସୀୟ ୨:୮-୯) ।

ଯଦିଚ ଆମର କାର୍ଯ୍ୟ ହେତୁ ଆମେ ଧାର୍ମିକ ହୋଇନାହୁଁ, ତେଣୁ ଆମେ ଆମ ଜୀବନର ସମସ୍ତ ବିଷୟରେ ଈଶ୍ୱରଙ୍କୁ ମାନିବା ଉଚିତ, କାରଣ ଆମ୍ଭେମାନେ ତାହାଙ୍କ ସହିତ ଧାର୍ମିକ ଗଣିତ ହୋଇଅଛୁ । "ପୁଣି ପାପରୁ ମୁକ୍ତ ହୋଇ ଧାର୍ମିକତାର ଦାସ ହୋଇଅଛ" (ରୋମୀୟ ୬:୧୮) ।

ଯେହେତୁ ଆମେ ଈଶ୍ୱରଙ୍କୁ ପ୍ରେମ କରୁ ଏବଂ ତାଙ୍କ ଅନୁଗ୍ରହ ପାଇଁ କୃତଜ୍ଞ ଅଟୁ, ତେଣୁ ଆମେ ଆନନ୍ଦରେ ତାଙ୍କ ଆଜ୍ଞା ପାଳନ କରୁ (୧ ଯୋହନ ୫:୩) । ଧାର୍ମିକ ଗଣିତ ବ୍ୟକ୍ତିମାନଙ୍କର ଆଜ୍ଞାପାଳନ ତାଙ୍କ ପ୍ରତି ପ୍ରେମର ପ୍ରମାଣ (ଯୋହନ ୧୪:୧୫) ।

**(୪) ଯଦି ଆମେ ଈଶ୍ୱରଙ୍କୁ ପ୍ରେମ କରୁ, ତାଙ୍କର ଇଚ୍ଛାକୁ ଅଣଦେଖା ନ କରି ଆମେ ଜାଣିବାକୁ ଇଚ୍ଛା କରୁ ।**

୧ ଯୋହନ ୫:୨-୩ କହେ,

> "ଆମ୍ଭେମାନେ ଯେତେବେଳେ ଈଶ୍ୱରଙ୍କୁ ପ୍ରେମ କରୁ ଓ ତାହାଙ୍କ ଆଜ୍ଞା ପାଳନ କରୁ, ସେତେବେଳେ ତଦ୍ଦ୍ୱାରା ଜାଣି ପାରୁ ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନମାନଙ୍କୁ ପ୍ରେମ କରୁଅଛୁ । କାରଣ ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ, ତାହାଙ୍କ ଆଜ୍ଞା ପାଳନ କରିବା, ଆଉ ତାହାଙ୍କ ଆଜ୍ଞାସବୁ ଭାରସ୍ୱରୂପ ନୁହେଁ ।"

ଯିରିମିୟ ୩୧:୩୩ କହେ, "ସେହି ସକଳ ଦିନର ଉତ୍ତାରେ ଆମ୍ଭେ ଇସ୍ରାଏଲ-ବଂଶ ସହିତ ଏହି ନିୟମ ସ୍ଥିର କରିବା; ଆମ୍ଭେ ସେମାନଙ୍କ ଅନ୍ତରରେ ଆମ୍ଭର ବ୍ୟବସ୍ଥା ରଖିବା ଓ ସେମାନଙ୍କ ହୃଦୟରେ ଆମ୍ଭେ ତାହା ଲେଖିବା; ଆଉ, ଆମ୍ଭେ ସେମାନଙ୍କର ପରମେଶ୍ୱର ହେବା ଓ ସେମାନେ ଆମ୍ଭର ଲୋକ ହେବେ ।"

ଜଣେ ବ୍ୟକ୍ତି ଯିଏ ଈଶ୍ୱରଙ୍କୁ ପ୍ରେମ କରେ ପ୍ରଥମେ ପ୍ରଶ୍ନ କରିବ ନାହିଁ, "ଏହା କରିଥିବାରୁ ଈଶ୍ୱର କ'ଣ ମୋତେ ଦଣ୍ଡ ଦେବେ ?" କିନ୍ତୁ, "କେଉଁଥିରେ ଈଶ୍ୱର ଅଧିକ ସନ୍ତୁଷ୍ଟ ହେବେ ?" କିମ୍ବା "ସବୁଠାରୁ ଉତ୍କୃଷ୍ଟ ବିଷୟ କ'ଣ ?" (ଫିଲିପ୍ପୀୟ ୧:୧୦, ତୀତସ ୩:୮) ।

**(୫) ଶାସ୍ତ୍ର ଆମ ଜୀବନ ପାଇଁ ନିର୍ଦ୍ଦିଷ୍ଟ ନିୟମ ସ୍ଥାପନ କରିବାର ଏକ ଆଧାର ପ୍ରଦାନ କରେ ।**

ବାଇବଲ କେବଳ ସାଧାରଣ ନିୟମ ପ୍ରଦାନ କରେ ନାହିଁ । କିଛି ଅଂଶ ଦିଆଯାଇଥିବା କାର୍ଯ୍ୟ ୨ ରେ ତାଲିକାଭୁକ୍ତ ହୋଇଛି, ଯାହା ସତର୍କତାର ସହ ଖ୍ରୀଷ୍ଟିୟାନ ଜୀବନଯାପନ ପାଇଁ ଏକ ଆଧାର ପ୍ରଦାନ କରେ । ସେଥିମଧ୍ୟରୁ କିଛି ଖ୍ରୀଷ୍ଟିୟାନ ଜୀବନଶୈଳୀ ପାଇଁ ନିର୍ଦ୍ଦିଷ୍ଟ ଦିଗଦର୍ଶନ ପ୍ରଦାନ କରନ୍ତି ।

**(୬) ଜୀବନର ବିବରଣୀ ବିଷୟରେ ନିୟମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଶ୍ୱାସ ନୁହେଁ ।**

ଫାରୂଶୀମାନେ ଛୋଟ ଚୋଟ ବିଷୟ ଉପରେ ସର୍ବାଧିକ ଗୁରୁତ୍ୱ ଦେବାରେ ଭୁଲ୍ କରିଥିଲେ । ମାଥିଉ ୨୩:୨୩ରେ ଯୀଶୁ ସେମାନଙ୍କୁ କହିଲେ,

> "ହାୟ, ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୂଶୀମାନେ, କାରଣ ତୁମ୍ଭେମାନେ ପୋଦିନା, ପାନମହୁରୀ ଓ ଜୀରାର ଦଶମାଂଶ ଦେଉଥାଅ, ଆଉ ବ୍ୟବସ୍ଥାର ଗୁରୁତର ବିଷୟଗୁଡ଼ିକ, ନ୍ୟାୟବିଚାର, ଦୟା ଓ ବିଶ୍ୱାସ, ଏହାସବୁ ପରିତ୍ୟାଗ କରିଅଛ; କିନ୍ତୁ ଏହିସମସ୍ତ ପାଳନ କରିବା ଓ ଅନ୍ୟସବୁ ପରିତ୍ୟାଗ ନ କରିବା ଉଚିତ ।"

ଏହି ପଦ କହୁନାହିଁ ଯେ, ଏପରି କୌଣସି ସତ୍ୟ ଅଛି ଯାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ଏହା କହେ ଯେ, କିଛି ବିଷୟ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ଆମେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅଧିକ ଚିନ୍ତିତ ହେବା ଉଚିତ ।

**(୭) ଈଶ୍ୱରଙ୍କ ପ୍ରତି ଆମର ଆଜ୍ଞାପାଳନ କିମ୍ବା ପ୍ରେମକୁ ପ୍ରମାଣ କରିବା ପାଇଁ ନିୟମ ପାଳନ ଯଥେଷ୍ଟ ନୁହେଁ ।**

ଫାରୂଶୀମାନଙ୍କ ସହିତ ସମାନ ଆଲୋଚନାରେ ଯୀଶୁ କହିଲେ,

> "ହାୟ, ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୂଶୀ-ମାନେ, କାରଣ ତୁମ୍ଭେମାନେ ଗିନା ଓ ଥାଳିର ବାହାର ପରିଷ୍କାର କରୁଥାଅ, ମାତ୍ର ଭିତରେ ସେଗୁଡ଼ାକ ଲୁଣ୍ଠନକର୍ମ ଓ ଇନ୍ଦ୍ରିୟସେବାରେ ପରିପୂର୍ଣ୍ଣ" (ମାଥିଉ ୨୩:୨୫) ।"

ଜଣେ ବ୍ୟକ୍ତି ହୁଏତ ଏକ ନିୟମନିଷ୍ଠ ସଠିକ୍ ଜୀବନଯାପନ କରି ଈଶ୍ୱରଙ୍କୁ ପ୍ରେମ କରୁ ନ ଥାଏ, ଏପରିକି ସେ ତାଙ୍କ ଆଜ୍ଞାକୁ ସମ୍ପୂର୍ଣ୍ଣ ଭାବରେ ପାଳନ କରିପାରେ । ଅନ୍ୟ ପକ୍ଷରେ ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ପୂର୍ଣ୍ଣ ହୃଦୟରେ ପ୍ରେମ କରିପାରେ ଏବଂ ତଥାପି କିଛି ଆଦର୍ଶ ନିମନ୍ତେ କାରଣ ଦେଖିପାରେ ନାହିଁ । ତେଣୁ ଜଣେ ନିୟମରେ ଜୀବନ କାଟୁଥିବା ବ୍ୟକ୍ତି ଯେ ଅଧିକ ଆତ୍ମିକ ତାହା ଜରୁରୀ ନୁହେଁ ।

**(୮) ଅନ୍ୟମାନଙ୍କ ସାକ୍ଷ୍ୟ ଉପରେ ଆମର ବିଶ୍ୱାସ ସେମାନଙ୍କର ଜୀବନଶୈଳୀର ଛୋଟ ଛୋଟ ବିବରଣୀ ଉପରେ ନିର୍ଭର କରେ ନାହିଁ ।**

ରୋମୀୟ ୧୪:୧୦ରେ ପାଉଲ ବିଶ୍ୱାସୀମାନଙ୍କୁ ପଚାରନ୍ତି,

> "କିନ୍ତୁ ତୁମ୍ଭେ କାହିଁକି ଆପଣା ଭାଇର ବିଚାର କରୁଅଛ? କିମ୍ବା ତୁମ୍ଭେ କାହିଁକି ଆପଣା ଭାଇକୁ ତୁଚ୍ଛ କରୁଅଛ ? ଆମ୍ଭେମାନେ ସମସ୍ତେ ତ ଈଶ୍ୱରଙ୍କ ବିଚାରାସନ ଛାମୁରେ ଠିଆ ହେବା ।"

ଏହି ପଦଟି ବ୍ୟବହାରିକ ପ୍ରସଙ୍ଗରେ ବିଶ୍ୱାସୀମାନଙ୍କର ବିଭିନ୍ନ ଦୃଷ୍ଟିକୋଣ ବିଷୟରେ ଆଲୋଚନା କରୁଥିବା ଏକ ଅଂଶ ଭାବରେ ଆସିଛି । ଖ୍ରୀଷ୍ଟଙ୍କ ଜଣେ ଅନୁଗାମୀ କ'ଣ କରିବା ଉଚିତ ଏବଂ କ'ଣ କରିବା ଉଚିତ ନୁହେଁ, ସେ ବିଷୟରେ ପ୍ରାୟତଃ ଆନ୍ତରିକ ମତଭେଦ ଥାଏ ।

ଏକ ନିର୍ଦ୍ଦିଷ୍ଟ ଶାସ୍ତ୍ରାଂଶର ଆମର ଅନୁବାଦ ସହିତ ଅନ୍ୟ ବିଶ୍ୱାସୀ ଏକମତ ହୋଇ ନ ପାରେ କିମ୍ବା ଆମେ ପ୍ରତ୍ୟାଖ୍ୟାନ କରିଥିବା ବିଷୟ ସେ କ୍ଷତିକାରକ ବୋଲି ମନେ କରି ନ ପାରେ । ହୁଏତ ପରମେଶ୍ୱର ତାଙ୍କ ଜୀବନର ବିଭିନ୍ନ ଦିଗ ଉପରେ କାମ କରୁଛନ୍ତି କିମ୍ବା ଈଶ୍ୱର ତାଙ୍କୁ ଏକ ଭିନ୍ନ ସଂସ୍କୃତି ପରିପ୍ରେକ୍ଷୀରେ ରଖିଛନ୍ତି । ତା'ର ଅର୍ଥ ନୁହେଁ ଯେ, ସେହି ବ୍ୟକ୍ତି ଜଣେ ପ୍ରକୃତ ବିଶ୍ୱାସୀ ନୁହଁନ୍ତି ।

► ଆପଣ ଏହି ବକ୍ତବ୍ୟ ବିଷୟରେ କ'ଣ ଭାବୁଛନ୍ତି, "ଜଣେ କିପରି ଜୀବନ କାଟିବା ଉଚିତ, ସେ ବିଷୟରେ ଈଶ୍ୱର ପ୍ରତ୍ୟେକଙ୍କୁ ସତ୍ୟ ଜଣାଇବେ, ଅତଏବ, ପ୍ରତ୍ୟେକ ବିଶ୍ୱାସୀମାନେ ସମାନ ଭାବରେ ଅଭ୍ୟାସ କରିବା ଉଚିତ ।"

ଖ୍ରୀଷ୍ଟଙ୍କ ଅନୁଗାମୀମାନେ ଜୀବନର ସମସ୍ତ ଅଭ୍ୟାସ ବିଷୟରେ କଦାପି ସହମତି ପ୍ରକାଶ କରିନାହାନ୍ତି । ଲୋକମାନେ ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି ଏବଂ ଈଶ୍ୱରୀୟ ଜୀବନ କାଟନ୍ତି, ସମସ୍ତେ ଅଭ୍ୟାସ ଏବଂ ସିଦ୍ଧାନ୍ତର ବିବରଣୀ ବିଷୟରେ ସହମତ ନୁହଁନ୍ତି । ଆମର ଏହା କହିବା ଭୁଲ୍ ଅଟେ ଯେ, ସେମାନେ ଅନ୍ୟମାନେ ବିଶ୍ୱାସୀ ନୁହନ୍ତି କାରଣ ସେମାନେ ଶାସ୍ତ୍ରକୁ ଭିନ୍ନ ଭାବରେ ତର୍ଜ୍ଜମା କିମ୍ବା ବ୍ୟବହାର କରୁଛନ୍ତି । ଯଦିଓ ଆମେ ଭାବୁଛୁ ଯେ, ସେମାନଙ୍କ ମତ ଭୁଲ୍ ତଥାପି ଆମେ ସେମାନଙ୍କୁ ସଚ୍ଚୋଟ ବିଶ୍ୱାସୀ ଭାବରେ ଗ୍ରହଣ କରିପାରିବା । ପବିତ୍ର ଆତ୍ମାଙ୍କ କାର୍ଯ୍ୟ ସମସ୍ତ ବିଶ୍ୱାସୀମାନଙ୍କୁ ସମାନ ଜୀବନଶୈଳୀ ପ୍ରଦାନ କରନ୍ତି ନାହିଁ ।

ଆମ୍ଭେମାନେ ମଧ୍ୟ ଅନ୍ୟ ବିଶ୍ୱାସୀମାନଙ୍କ ଦୃଷ୍ଟିକୋଣରୁ ଶିଖିବାକୁ ପ୍ରସ୍ତୁତ ରହିବା ଉଚିତ । ଗର୍ବ ମୋତେ ଭାବିବାକୁ ବାଧ୍ୟ କରେ ଯେ, ମୁଁ ସର୍ବଦା ଶାସ୍ତ୍ରକୁ ସଠିକ୍ ଭାବରେ ବ୍ୟାଖ୍ୟା କରେ କିମ୍ବା ପ୍ରୟୋଗ କରେ । କିନ୍ତୁ ଏକ ନମ୍ର ଶିକ୍ଷଣୀୟ, ଗ୍ରହଣୀୟ ଆତ୍ମା ଖ୍ରୀଷ୍ଟିୟ ଏକତାକୁ ବୃଦ୍ଧି କରେ ଏବଂ ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳେ ।

### (୯) ବିଭିନ୍ନ ମତାମତ ପ୍ରତି ସହନଶୀଳତା ବ୍ୟକ୍ତିଗତ ଅସାବଧାନକାକୁ କ୍ଷମା କରେ ନାହିଁ ।

"ପ୍ରତ୍ୟେକ ଲୋକ ଆପଣା ମନରେ ସ୍ଥିର ବୋଧ କରୁ" (ରୋମୀୟ ୧୪:୫) ।

"କିନ୍ତୁ ଯେ ସନ୍ଦେହ କରି ଭୋଜନ କରେ, ସେ ଦଣ୍ଡନୀୟ ହୁଏ, କାରଣ ସେ ବିଶ୍ୱାସରେ ଭୋଜନ କରେ ନାହିଁ; ଆଉ ଯାହା କିଛି ବିଶ୍ୱାସରୁ ହୁଏ ନାହିଁ, ତାହା ପାପ" (ରୋମୀୟ ୧୪:୨୩) ।

ଯେତେବେଳେ ଜଣେ ନିଜ ବିବେକକୁ ଉଲଂଘନ କରେ, ସେତେବେଳେ ବିପର୍ଯ୍ୟୟଜନକ ଫଳାଫଳ ଆସିବ । ଯଦି ଜଣେ ବ୍ୟକ୍ତି ଏପରି କିଛି କରିବାକୁ ନିଷ୍ପତ୍ତି ନିଏ ଯାହାକୁ ସେ ଭୁଲ୍ ବୋଲି ଭାବେ, ତେବେ ସେ ପାପର ଦୋଷୀ । ଈଶ୍ୱର ଦେଇଥିବା ଆଲୋକରେ ଚାଲିଲେ ଆଶୀର୍ବାଦ ମିଳିଥାଏ (୧ ଯୋହନ ୧:୭) ।

### ଦଳଗତ ଆଲୋଚନା ନିମନ୍ତେ

ଏହି ବିଷୟରେ ଆଲୋଚନା ଆରମ୍ଭ କରିବାରେ କୌଣସି ଅସୁବିଧା ହେବ ନାହିଁ । କିଛି ଛାତ୍ର ଛାତ୍ରୀ ମଣ୍ଡଳୀଗୁଡ଼ିକ ପାଇଁ ଆଚରଣ ନିୟମ ଆବଶ୍ୟକ କରିବା ଉପରେ ଗୁରୁତ୍ୱ ଦେଇପାରନ୍ତି । ଅନ୍ୟମାନେ ପାର୍ଥକ୍ୟ ପ୍ରତି ସହନଶୀଳତା ଉପରେ ଗୁରୁତ୍ୱ ଦେଇପାରନ୍ତି ।

ଉପରେ ତାଲିକାଭୁକ୍ତ ନଅଟି ନୀତି ମଧ୍ୟରୁ ପ୍ରତ୍ୟେକଟି ପାଇଁ ନ୍ୟାୟ ସଙ୍ଗତ ବିଚାର ପାଇବାକୁ ଚେଷ୍ଟା କରନ୍ତୁ ।

► ଏହି ନୀତିଗୁଡ଼ିକ ମଧ୍ୟରୁ କେଉଁଟିକୁ ଅନେକ ଲୋକ ଭୁଲି ଯାଆନ୍ତି ବୋଲି ତୁମେ ଭାବୁଛ?

► ଏହି ନୀତିଗୁଡ଼ିକ ମଧ୍ୟରୁ କେଉଁଟିକୁ ତୁମେ ଭୁଲିଯିବାର ସମ୍ଭାବନା ଅଧିକ?

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା,

ତୁମ ପ୍ରତି ମୋ' ପ୍ରେମ ନିୟମିତ ବୃଦ୍ଧି ପାଉ । ମୋ' ନିମନ୍ତେ ତୁମର ଉଦ୍ଦେଶ୍ୟକୁ ଉତ୍ତମ ଭାବରେ ବୁଝିବାକୁ ଇଚ୍ଛା କରେ । ତୁମର ପ୍ରିୟ ବିଷୟକୁ ମୋତେ ବୁଝିବାରେ ସାହାଯ୍ୟ କର, ଯାହା ଦ୍ୱାରା ମୁଁ ପବିତ୍ର ଏବଂ ଦୋଷମୁକ୍ତ ଜୀବନଯାପନ କାଟି ପାରିବି ।

ପରିବର୍ତ୍ତନ ଆବଶ୍ୟକ କରୁଥିବା ଅଭ୍ୟାସ ଏବଂ ମନୋଭାବକୁ ଦେଖିବାରେ ସାହାଯ୍ୟ କରନ୍ତୁ ଏବଂ ଆପଣଙ୍କୁ ଗୌରବ ଦେଉଥିବା ଅଭ୍ୟାସ ଏବଂ ମନୋଭାବଗୁଡ଼ିକୁ ହାସଲ କରିବାରେ ମୋତେ ସାହାଯ୍ୟ କରନ୍ତୁ ।

ଈଶ୍ୱରଙ୍କର ଗୌରବ ନିମନ୍ତେ ମୁଁ ଫଳ ଫଳିବାକୁ ଚାହେଁ ।

ଆମେନ୍

## ପାଠ ୨ - ଦିଆଯାଇଥିବା କାର୍ଯ୍ୟ

(୧) ୧ କରିନ୍ଥୀୟ ୧୩ ପାଠ କର । ଏହି ଅଧ୍ୟାୟଟି ଜଣେ ବ୍ୟକ୍ତିଙ୍କ ଜୀବନକୁ ବର୍ଣ୍ଣନା କରେ ଯାହାର ଅନ୍ୟମାନଙ୍କ ପ୍ରତି ଥିବା ପ୍ରେମ ଅଛି ଯାହା ରହିବା ଉଚିତ । କିପରି ସେ ତୁମକୁ ପରିବର୍ତ୍ତନ କରିବାକୁ ଚାହାନ୍ତି ଯେପରି ପ୍ରେମରେ ତୁମର ଜୀବନ ଅଧିକ ସ୍ଥିର ରହିବ ତାହା ଈଶ୍ୱର ତୁମକୁ ଦେଖାଇ ଦିଅନ୍ତୁ । କିଛି ପରିବର୍ତ୍ତନର ତାଲିକା କରନ୍ତୁ, ଯାହା ଆପଣ ଚାହୁଁଛନ୍ତି ଯେ, ଈଶ୍ୱର ଆପଣଙ୍କୁ ନିଜର ଜୀବନ ଗଢ଼ିବା ପାଇଁ ସକ୍ଷମ କରନ୍ତୁ ।

(୨) ଯତ୍ନବାନ ଖ୍ରୀଷ୍ଟିୟାନ ଆଚରଣ ପାଇଁ ଆଧାର ଯୋଗାଇଥିବା ନିମ୍ନଲିଖିତ ଶାସ୍ତ୍ରାଂଶଗୁଡ଼ିକୁ ଅଧ୍ୟୟନ କରନ୍ତୁ:

- ୧ କରିନ୍ଥୀୟ ୬:୧୯-୨୦
- ୧ କରିନ୍ଥୀୟ ୧୦:୩୧
- ୧ କରିନ୍ଥୀୟ ୧୧:୧୪-୧୫
- ୧ ତୀମଥି ୨:୯-୧୦
- ୧ ପିତର ୩:୩-୪
- ଗୀତସଂହିତା ୧୯:୧୪
- ଗୀତସଂହିତା ୧୦୧:୩

ପ୍ରତ୍ୟେକ ଶାସ୍ତ୍ରାଂଶର ମୌଳିକ ଅର୍ଥ ଲେଖନ୍ତୁ । ସେହି ଶାସ୍ତ୍ରଗୁଡ଼ିକ ଯୋଗୁ ଆପଣ ଯେଉଁ ଜୀବନଶୈଳୀ ପାଳନ କରିବା ଉଚିତ ବୋଲି ଭାବନ୍ତି ତାହାରା ବିବରଣୀ ବର୍ଣ୍ଣନା କରନ୍ତୁ ।

# ପାଠ-୩

# କାର୍ଯ୍ୟ

## ପାଠର ଉଦ୍ଦେଶ୍ୟ

ଏହି ପାଠର ଶେଷ ସୁଦ୍ଧା ଛାତ୍ର ଛାତ୍ରୀମାନେ ଯେପରି :

(୧) କାର୍ଯ୍ୟ ବିଷୟରେ ବାଇବଲ କ'ଣ ଶିକ୍ଷା ଦିଏ ତାହା ବର୍ଣ୍ଣନା କରିପାରିବେ ।

(୨) ଖ୍ରୀଷ୍ଟିଆନ କାର୍ଯ୍ୟନୀତିର ବୈଶିଷ୍ଟଗୁଡ଼ିକୁ ପ୍ରଦର୍ଶନ କରିପାରିବେ ।

## ଭାଇ ଲରେନ୍ସ, ଈଶ୍ୱରଙ୍କ ନିମନ୍ତେ କାର୍ଯ୍ୟକାରୀ ।

ଭାଇ ଲରେନ୍ସ ଜଣେ ସରଳ ସନ୍ନ୍ୟାସୀ ଥିଲେ ଯିଏ ୧୬୦୦ ଦଶକରେ ଏକ ମଠରେ ରହୁଥିଲେ । ସେ ହୁଏତ ସାମାନ୍ୟ କାର୍ଯ୍ୟ ନିମନ୍ତେ ଲୋକ ପ୍ରିୟ ହେଲେ - ଆଳୁ ଚୋପା ଛଡ଼ାଇବା ଏବଂ ବର୍ତ୍ତନ ଧୋଇବା - ଈଶ୍ୱରଙ୍କୁ ପ୍ରେମ କରୁଥିବା ହେତୁ ଏବଂ ତାଙ୍କ ମନରୁ କଦାପି ଈଶ୍ୱରଙ୍କ ଉପସ୍ଥିତି ଦୂର ହେବାକୁ ଦେଉ ନ ଥିଲେ । ସେ ତାଙ୍କ କାର୍ଯ୍ୟ ସମେତ/ସହିତ ତାଙ୍କ ସମଗ୍ର ଜୀବନରେ ନିରନ୍ତର ଈଶ୍ୱରଙ୍କୁ କେନ୍ଦ୍ରବିନ୍ଦୁ କରିଥିଲେ ।

*"ଈଶ୍ୱରଙ୍କ ଉପସ୍ଥିତିର ଅଭ୍ୟାସ"* ଏକ କ୍ଷୁଦ୍ର ପୁସ୍ତକ ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ପାଠ କରାଯାଇଥିଲା । ଏଥିରେ ଭାଇ ଲରେନ୍ସଙ୍କର ସାକ୍ଷାତକାର ଏବଂ ପତ୍ର ଉଲ୍ଲେଖ ଥିଲା । ସେ ଲେଖନ୍ତି, "ଆମର ପବିତ୍ରତା ଆମର କାର୍ଯ୍ୟର ପରିବର୍ତ୍ତନ ଉପରେ ନିର୍ଭର କରେ ନାହିଁ, ବରଂ ଯାହା ଆମେ ସାଧାରରତଃ ନିଜ ପାଇଁ କରୁ ତାହା ଈଶ୍ୱରଙ୍କ ପାଇଁ କରିବା ଦ୍ୱାରା" ।

► କାର୍ଯ୍ୟ କ'ଣ ଅଟେ? କ'ଣ କାର୍ଯ୍ୟ କେବଳ *ଚାକିରୀ* ଅଟେ ? କ'ଣ ଜଣଙ୍କୁ ଅର୍ଥ ଦେଇ କାର୍ଯ୍ୟ କରାଇବା ?

କାର୍ଯ୍ୟରେ ଚାକିରୀ ଅନ୍ତର୍ଭୁକ୍ତ । କିନ୍ତୁ ଆମର ଏବଂ ଅନ୍ୟମାନଙ୍କର ଯତ୍ନ ନେବା, ଆମଠାରେ ଥିବା ବିଷୟ ସବୁକୁ ବ୍ୟବହାର କରିବା, ବିଷୟ ଉତ୍ପାଦନ କରିବା, ଲାଭ ନିମନ୍ତେ ବ୍ୟବସାୟ କରିବା ଏବଂ ବିନା ମୂଲ୍ୟରେ ଅନ୍ୟର ସାହାଯ୍ୟ କରିବା ମଧ୍ୟ ସାମିଲ ଅଟେ ।

► କ'ଣ ଜଣେ ବିଶ୍ୱାସୀ କାର୍ଯ୍ୟ କରିବା ଉଚିତ? କାହିଁକି?

ଅନେକ ଲୋକ ଭାବନ୍ତି ଯେ, ଅଧିକ ଅର୍ଥ ହେବା ଉତ୍ତମ ବିଷୟ ଯେପରି ସେମାନଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ ନାହିଁ । ସେମାନେ ଭାବନ୍ତି ଯେ, ସବୁଠାରୁ ଉପଭୋଗ୍ୟ ଜୀବନ ହେଉଛି ଏକ ଅବସର ଜୀବନ ।

## କାର୍ଯ୍ୟ ବିଷୟରେ ବାଇବଲ ମତ

ଆଦ୍ୟରେ ଈଶ୍ୱର କିପରି ଜଗତକୁ ଆଙ୍କିଥିଲେ ସେ ବିଷୟରେ ଚିନ୍ତା କରନ୍ତୁ । ଏହା ଅତ୍ୟୁତ୍ତମ ଥିଲା (ଆଦିପୁସ୍ତକ ୧:୩୧) । ଈଶ୍ୱର ସୃଷ୍ଟି କରିଥିବା ପ୍ରଥମ ଲୋକ ନିମନ୍ତେ ଏହା ଉତ୍ତମ ପରିବେଶ ଥିଲା । ଈଶ୍ୱର ପ୍ରଥମ ମନୁଷ୍ୟକୁ କାର୍ଯ୍ୟ ଦେଲେ (ଆଦିପୁସ୍ତକ ୧:୧୮) । ଈଶ୍ୱର କାର୍ଯ୍ୟ ବିନା ମନୁଷ୍ୟର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ଜଗତକୁ ତିଆରି କରିପାରି ଥାଆନ୍ତେ, କିନ୍ତୁ ସେ ତାହା କଲେ ନାହିଁ । ଈଶ୍ୱର ଜାଣିଥିଲେ ଯେ ଲୋକଙ୍କ ନିମନ୍ତେ କାର୍ଯ୍ୟ ଜଡ଼ିତ ଜୀବନ ଉତ୍ତମ ଜୀବନ ଅଟେ ।

ଆମ୍ଭମାନଙ୍କର ସମ୍ପର୍କ ସହିତ ଆମ୍ଭମାନଙ୍କର କାର୍ଯ୍ୟ ସଂଶ୍ଳିଷ୍ଟ ହେବା ନିମନ୍ତେ ଈଶ୍ୱର ଯୋଜନା କରିଥିଲେ । ଲୋକମାନେ ନିଶ୍ଚିତ ଭାବରେ ସହଯୋଗ କରିବା, ପରସ୍ପର ପ୍ରତି ନିର୍ଭରଶୀଳ ହେବା, ପରସ୍ପର ନିମନ୍ତେ ନିର୍ଭର ଯୋଗ୍ୟ ହେବା, ବଳ ବା ଶକ୍ତି ବ୍ୟବହାର କରିବା ଏବଂ ଦୁର୍ବଳତାରେ ଅନ୍ୟକୁ ସାହାଯ୍ୟ କରିବା, ମିଳିତ ଭାବରେ ସମସ୍ୟା ସମାଧାନ କରିବା, ମତଭେଦକୁ ନାଶ କରିବା, ତ୍ରୁଟି ସଂଶୋଧନ କରିବା, ଶିକ୍ଷିତ ହେବା ଏବଂ ଅନ୍ୟକୁ ଶିଖାଇବା ଏହି ସବୁ ଶିକ୍ଷା କରିବା ଆବଶ୍ୟକ ।

ଜଗତକୁ ପରିଚାଳନା କରିବାକୁ, ଏହାକୁ ନିୟନ୍ତ୍ରଣରେ ଆଣିବାକୁ ଏବଂ ତାହାଙ୍କ ଗୌରବ ନିମନ୍ତେ ବିକାଶ କରିବାକୁ ଈଶ୍ୱର ଲୋକମାନଙ୍କୁ ଅଧିକାର ଏବଂ ଦାୟିତ୍ୱ ଦେଲେ । ଏହି ଦାୟିତ୍ୱ ସେମାନଙ୍କୁ ଚାଷ କାର୍ଯ୍ୟ, ପଶୁପାଳନ, ପୃଥିବୀ ପୃଷ୍ଠରୁ ଖଣିଜ ଦ୍ରବ୍ୟ ଏବଂ କୌଶଳର ବିକାଶ ଦିଗରେ ଆଗେଇ ନେଲା ।

ଈଶ୍ୱର ଆମକୁ ପ୍ରକୃତିର ଅନ୍ୟାନ୍ୟ ସୃଷ୍ଟିଠାରୁ ଊର୍ଦ୍ଧ୍ୱରେ ସୃଷ୍ଟି କରିଛନ୍ତି, କାରଣ ଆମ ଭିତରେ ତାଙ୍କର କିଛି ପ୍ରକୃତି ଅଛି । ଗୀତସଂହିତା ୮:୬-୮ କହେ,

> ତୁମ୍ଭେ ଆପଣା ହସ୍ତକୃତ ସକଳ କର୍ମ ଉପରେ ତାହାକୁ କର୍ତ୍ତୃତ୍ୱ ଦେଉଅଛ;
> ତୁମ୍ଭେ ତାହାର ପଦ ତଳେ ସମୁଦାୟ ବିଷୟ ରଖିଅଛ;
> ଗୋମେଷାଦି ସକଳ, ହଁ, ବନ୍ୟ ପଶୁଗଣ;
> ଆକାଶର ପକ୍ଷୀଗଣ ଓ ସମୁଦ୍ରର ମତ୍ସ୍ୟଗଣ, ସମୁଦ୍ରପଥଗାମୀ ସକଳ ହିଁ ରଖିଅଛ ।

ପ୍ରଥମ ପାପ ହେତୁ, ଜଗତ ପରିବର୍ତ୍ତନ ହେଲା ଏବଂ କାର୍ଯ୍ୟରେ ଅନେକ ହତାଶା ଓ ସମସ୍ୟା ଜଡ଼ିତ ହେଲା ଯାହା ଈଶ୍ୱରଙ୍କ ମୂଳ ଗଠନରେ ନ ଥିଲା (ଆଦି ପୁସ୍ତକ ୨:୧୭-୧୯) । ଯା ହେଉନା କାହିଁକି ଆମେ ଜାଣି ରଖିବା ଆବଶ୍ୟକ ଯେ, କାର୍ଯ୍ୟ ଆବଶ୍ୟକତା ପ୍ରତି ଈଶ୍ୱର ଆମକୁ ସୃଷ୍ଟି କଲେ ।

ଈଶ୍ୱରଙ୍କର ସୃଷ୍ଟିର କାର୍ଯ୍ୟ ସହିତ ଆମ୍ଭମାନଙ୍କର କାର୍ଯ୍ୟ ସମାନ ଅଟେ । ମନୁଷ୍ୟର ପ୍ରଣାଳୀରେ ତାହାଙ୍କ ପରିବେଶକୁ ପୁନର୍ଗଠନ କରିବା ହେଉଛି କାର୍ଯ୍ୟ । ବଞ୍ଚିବା ପାଇଁ ରୋଜଗାର କରିବା ଏକମାତ୍ର ଉଦ୍ଦେଶ୍ୟ ନୁହେଁ । ଲୋକମାନଙ୍କଠାରେ ସେମାନଙ୍କର ପରିବେଶ ପରିବର୍ତ୍ତନ କରିବାର ପ୍ରବୃତ୍ତି ଅଛି । ସେମାନଙ୍କର ଘରଗୁଡ଼ିକୁ ଉନ୍ନତ କରିବାକୁ ଚେଷ୍ଟା କରନ୍ତି । ସେମାନେ ଅଳିଆ ଫୋପାଡ଼ିବାକୁ ଚେଷ୍ଟା କରନ୍ତି । ଜଣେ ବ୍ୟକ୍ତି ଯାହାଠାରେ କାର୍ଯ୍ୟ କରିବାକୁ ଇଚ୍ଛା ନାହିଁ ସେ ତାଙ୍କ ପରିବେଶ ପରିବର୍ତ୍ତନ କରିବାର ଇଚ୍ଛା ଏବଂ କ୍ଷମତା ତ୍ୟାଗ କରିଛନ୍ତି । ସେ ମଣିଷ ହେବାର ମୂଲ୍ୟ କିଛି ଅଂଶରେ ତ୍ୟାଗ କରିଛନ୍ତି ।

► ଯେତେବେଳେ ଆପଣ ଏପରି ଏକ ଘର କିମ୍ବା ଅଗଣାକୁ ଦେଖନ୍ତି ଯାହାର ରକ୍ଷଣାବେକ୍ଷଣ ଭଲ ଭାବରେ ହେଉ ନାହିଁ, ସେତେବେଳେ ଆପଣ କ'ଣ ଭାବନ୍ତି?

ସୃଷ୍ଟି, ଯୋଜନା, ସଂଗଠନ ଏବଂ ଉତ୍ପାଦନ-କାର୍ଯ୍ୟ-ପ୍ରତି ମାନବ ଆଭିମୁଖ୍ୟ ହେଉଛି ମନୁଷ୍ୟ ଭିତରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ଏକ ଅଂଶ । ତେଣୁ ବିଶ୍ୱାସୀ ନିମନ୍ତେ *ସମସ୍ତ* କାର୍ଯ୍ୟ ପବିତ୍ର ଅଟେ । ପ୍ରଭୁଙ୍କୁ ସନ୍ତୁଷ୍ଟ କରିବା ପାଇଁ କରାଯାଇଥିବା ସମସ୍ତ କାର୍ଯ୍ୟ ଉପାସନାର ଏକ କାର୍ଯ୍ୟ ଅଟେ (କଲସୀୟ ୩:୧୭, ୨୩) । ଯୀଶୁ କହିଲେ ଯେ, ତାହାଙ୍କ ପିତା ଏପର୍ଯ୍ୟନ୍ତ କାର୍ଯ୍ୟ କରୁଅଛନ୍ତି, ଏବଂ ସେ ମଧ୍ୟ କରୁଛନ୍ତି (ଯୋହନ ୫:୧୭) ।

ଅସୁସ୍ଥ ଥିବା ସମୟରେ ଔଷଧ ଖାଇବା ପରି କାମକୁ ଏକ ଅପ୍ରୀତିକର ଆବଶ୍ୟକତା ଭାବରେ ଭାବିବା ଉଚିତ ନୁହେଁ । କାର୍ଯ୍ୟ କେବଳ ବଞ୍ଚି ରହିବାର ଆବଶ୍ୟକୀୟ ବିଷୟ ନୁହେଁ । ଏହା ମାନବଜାତି ପାଇଁ ଈଶ୍ୱରଙ୍କ କଳ୍ପନାର ଏକ ଅଂଶ ।

୨ ଥେସଲନୀକୀୟ ୩:୧୦ କହେ, "କାରଣ ତୁମ୍ଭମାନଙ୍କ ସହିତ ଥିବା ସମୟରେ ହିଁ ଆମ୍ଭେମାନେ ତୁମ୍ଭମାନଙ୍କୁ ଏହି ଆଜ୍ଞା ଦେଲୁ, ଯେକେହି କାର୍ଯ୍ୟ କରିବାକୁ ଇଚ୍ଛା କରେ ନାହିଁ, ସେ ଭୋଜନ ମଧ୍ୟ ନ କରୁ ।"

ଯଦି ଆମର କାର୍ଯ୍ୟ ଗୁରୁତ୍ୱହୀନ ମନେହୁଏ ତେବେ ଆମେ କ'ଣ କରିବା ? ମହାତ୍ମାଗାନ୍ଧୀ କହନ୍ତି, "ତୁମେ ଯାହା କର ତାହା ଗୁରୁତ୍ୱହୀନ ହୋଇପାରେ, କିନ୍ତୁ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ଯେ, ତୁମେ ଏହା କର" । ମନେକରନ୍ତୁ ଜଣେ ବ୍ୟକ୍ତିଙ୍କୁ ମହଲା ସଫା କରିବା ପାଇଁ ନିଯୁକ୍ତି ଦିଆଯାଇଥିଲା । ତାହା ଗୁରୁତ୍ୱହୀନ କାର୍ଯ୍ୟ ବୋଲି ମନେ ହୁଏ, ମାତ୍ର ସେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ପ୍ରତ୍ୟେକ ଦିନ ଯେତେବେଳେ ସେ କାର୍ଯ୍ୟକୁ ଯାଆନ୍ତି, ସେ ଆଳସ୍ୟରେ ସମୟ ବିତାଇବା ଅପେକ୍ଷା ତାହା କରିବାକୁ ପସନ୍ଦ କରନ୍ତି, ଅନ୍ୟ କାହାକୁ ସମୟ ଦେଉ ନାହାନ୍ତି । ସେ ବନ୍ଧୁ ଏବଂ ପରିବାର ଉପରେ ନିର୍ଭରଶୀଳ ହେବା ଅପେକ୍ଷା ନିଜକୁ ପ୍ରତିପାଳନ କରିବାର ଦାୟିତ୍ୱ ନେବାକୁ ପସନ୍ଦ କରନ୍ତି । ସେ ତାଙ୍କ ଉପରେ ନିର୍ଭର କରୁଥିବା ଲୋକଙ୍କର ଯତ୍ନ ନେଉଛନ୍ତି, (ହୁଏତ ତାଙ୍କ ସ୍ତ୍ରୀ ଏବଂ ପିଲାମାନେ,) ସେମାନଙ୍କୁ ସାହାଯ୍ୟ ଖୋଜିବାକୁ ବାଧ୍ୟ ନକରିବା ଅପେକ୍ଷା । ଏହି ସମସ୍ତ ବିଚାର ଆମକୁ ଏହା ବୁଝିବାରେ ସାହାଯ୍ୟ କରେ ଯେ, କାର୍ଯ୍ୟଟି ଗୁରୁତ୍ୱହୀନ ମନେହୁଏ, କିନ୍ତୁ ସେ ଏହାକୁ କରିବାକୁ ବାଛିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

କ'ଣ ବହୁତ ଲୋକ ଅଛନ୍ତି, ଯେଉଁମାନେ କାର୍ଯ୍ୟ କରିପାରିବେ ନାହିଁ ? ନାଁ, ଯଦିଚ ଜଣେ ବ୍ୟକ୍ତି ମଜୁରୀ ପାଇଁ କାର୍ଯ୍ୟ କରିବାକୁ ଅକ୍ଷମ ଅଟେ, ତଥାପି ସେ ସମ୍ଭବତଃ ଅନ୍ୟମାନଙ୍କର ଆବଶ୍ୟକତା ମେଣ୍ଟାଇବାରେ ସାହାଯ୍ୟ କରିବା ପାଇଁ କିଛି କାର୍ଯ୍ୟ କରିପାରନ୍ତି ।

ଖ୍ରୀଷ୍ଟଙ୍କ ଅନୁକାରୀମାନେ କାର୍ଯ୍ୟ କରିବା ଉଚିତ, କାରଣ ସେମାନେ ନିଜ ପାଇଁ ଏବଂ ଅନ୍ୟମାନଙ୍କ ପାଇଁ ଦାୟୀ ଅଟନ୍ତି । ଯଦି ସେମାନେ କରିପାରୁଥିବା କାର୍ଯ୍ୟକୁ କରିବାକୁ ଇଚ୍ଛା କରନ୍ତି ନାହିଁ, ତେବେ ସେମାନେ ଅନ୍ୟମାନଙ୍କଠାରୁ ସାହାଯ୍ୟର ଅପେକ୍ଷା କରିବା ଉଚିତ ନୁହେଁ ।

ଜଣେ ବିଶ୍ୱାସୀର ପ୍ରଥମ ଦାୟିତ୍ୱ ତା'ର ପରିବାର ଅଟେ । "କିନ୍ତୁ ଯଦି କେହି ଆପଣା ଆତ୍ମୀୟ, ବିଶେଷରେ ଆପଣା ପରିବାରର ତତ୍ତ୍ୱ ନ ନିଏ, ସେ ବିଶ୍ୱାସମତ ଅସ୍ୱୀକାର କରିଅଛି, ଆଉ ସେ ଅବିଶ୍ୱାସୀଠାରୁ ଅଧମ ଅଟେ" (୧ ତୀମଥି ୫:୮) ।

ଜଣେ ବିଶ୍ୱାସୀ କାର୍ଯ୍ୟ କରିବାକୁ ଶାସ୍ତ୍ର ଦ୍ୱାରା ଆଦେଶ ପ୍ରାପ୍ତ ଅଟେ, ଯେଣୁ ଯେପରି ସେ ଅନ୍ୟମାନଙ୍କର ଆବଶ୍ୟକତାକୁ ମେଣ୍ଟାଇ ପାରିବ । "ଚୋର ଆଉ ଚୋରି ନ କରୁ, ବରଞ୍ଚ ଅଭାବଗ୍ରସ୍ତ ଲୋକକୁ ଦାନ କରିବା ନିମନ୍ତେ ଯେପରି ତାହା ପାଖରେ କିଛି ଥାଇ ପାରେ, ଏଥିନିମନ୍ତେ ନିଜ ହାତରେ ଉତ୍ତମ କାର୍ଯ୍ୟ କରି ପରିଶ୍ରମ କରୁ " (ଏଫିସୀୟ ୪:୨୮) । ଚୋରି କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଥିବା ବିପରୀତତାକୁ ଲକ୍ଷ୍ୟ କର, କିଛି ବିନା ମୂଲ୍ୟରେ ନେବା; ଏବଂ ଯିଏ କାମ କରେ ଯେପରି ସେ ଦାନ କରିପାରିବ । ଜଣେ ବିଶ୍ୱାସୀ ଯିଏ କେବଳ ଚୋରି କରେ ନାହିଁ, ମାତ୍ର ଯିଏ କାର୍ଯ୍ୟ କରେ ଯେପରି ଦାନ କରିପାରେ ।

ଯଦିଚ କାହା ଦ୍ୱାରା ଆପଣ ନିଯୁକ୍ତି ପାଇ ନାହାନ୍ତି, ତଥାପି ଆପଣ କାର୍ଯ୍ୟ କରିବାକୁ ଅନୁସନ୍ଧାନ କରିପାରନ୍ତି । ଅନ୍ୟମାନଙ୍କର ଆବଶ୍ୟକତାଗୁଡ଼ିକୁ ମେଣ୍ଟାଇବାକୁ ଏବଂ ସାହାଯ୍ୟକାରୀ ହେବାକୁ ପଥ ଅନୁସନ୍ଧାନ କରନ୍ତୁ । କିଛି ନ କରିବା ଅପେକ୍ଷା ଏବଂ ତୁମକୁ କେହି ସାହାଯ୍ୟ କରୁ ନାହାନ୍ତି ଏହା ଅଭିଯୋଗ କରିବା ଅପେକ୍ଷା ସେପରି ବଞ୍ଚିବା ଉତ୍ତମ ।

ବିଶ୍ୱାସୀମାନେ ନିଜକୁ ଏବଂ ସେମାନଙ୍କର ପରିବାରକୁ ଯୋଗାଇବା ନିମନ୍ତେ କାର୍ଯ୍ୟ କରିବା ଉଚିତ ଏବଂ ଯେଉଁମାନଙ୍କର ଆବଶ୍ୟକ ଅଛି ସେମାନଙ୍କୁ ଦାନ କରିବାରେ ସକ୍ଷମ ହେବା ଆବଶ୍ୟକ ।

## ଆମର ଆବଶ୍ୟକତାଗୁଡ଼ିକ ଯୋଗାଇବାର ଈଶ୍ୱରଙ୍କର ସାଧାରଣ ଉପାୟ

► ସେହି ବ୍ୟକ୍ତିକୁ ଆପଣ କ'ଣ କହିବେ ଯିଏ କହେ ସେ କାର୍ଯ୍ୟ କରିବେ ନାହିଁ କାରଣ ତା'ର ଆବଶ୍ୟକତାଗୁଡ଼ିକ ଯୋଗାଇବାକୁ ଈଶ୍ୱରଙ୍କ ଉପରେ ସେ ନିର୍ଭର କରେ?

ମନେକରନ୍ତୁ ଏକ ଗ୍ରୀଷ୍ମକାଳର ଶେଷ ଭାଗରେ ଆପଣ ଆପଣଙ୍କର ପଛ ପଟକୁ ଯାଇଛନ୍ତି ଏବଂ ଦେଖିଲେ ଯେ, ଟୋମାଟୋ, ମକା, ବିନ୍ ଏବଂ ଅନ୍ୟ ପରିବା ସବୁ ବହୁତ ଭାବରେ ଫଳିଛି ଏବଂ ସେସବୁ ଆପଣଙ୍କ ପାଇଁ ବହୁତ ଦିନ ପର୍ଯ୍ୟନ୍ତ ଯିବ ।

କ'ଣ ଏହା ଏକ ଆଶ୍ଚର୍ଯ୍ୟ କାର୍ଯ୍ୟ ବୋଲି ମନେ କରାଯାଏ କି ? ଗ୍ରୀଷ୍ମର ଶେଷ ଭାଗରେ ହଜାର ହଜାର ଲୋକଙ୍କ ପ୍ରତି ଏପରି ଘଟେ । ସେମାନେ ସେମାନଙ୍କର ପଛପଟକୁ ଯାଆନ୍ତି ଏବଂ ଦେଖନ୍ତି ତା'ଠାରୁ ଅଧିକ ଫଳ ହୋଇଛି । କିନ୍ତୁ ସେମାନେ ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ, କାରଣ କିଛି ମାସ ପୂର୍ବରୁ ସେମାନେ ଜମି ଚାଷ କରିଥିଲେ, ତା'ପରେ ସେଥିରେ ମଞ୍ଜି ପୋତିଥିଲେ । ତା'ପରେ ମାସ ମାସ ଧରି ପାଣି ଦିଆଗଲା ଏବଂ ଘାସ ସଫା କରାଗଲା । ଯେତେବେଳେ ସେମାନେ ଫସଲ ବଢୁଥିବାର ଦେଖିଲେ, ସେମାନେ କେବଳ ତାହାହିଁ ଅପେକ୍ଷା କରିଥିଲେ ।

ଆପଣ ପ୍ରତିକ୍ରୀୟା କରିପାରନ୍ତି, "ତେବେ ତାହା ଆଶ୍ଚର୍ଯ୍ୟ କାର୍ଯ୍ୟ ସବୁ ନ ଥିଲା" । କିନ୍ତୁ ଈଶ୍ୱର ଲକ୍ଷ୍ୟ ଲକ୍ଷ୍ୟ ବୃକ୍ଷ ସୃଷ୍ଟି କରିଛନ୍ତି ଏବଂ ଲୋକମାନେ ଗୋଟେ ମଧ୍ୟ କରିନାହାନ୍ତି । ଗୀତସଂହିତା ୧୦୪:୧୪ କହେ, "ସେ ପଶୁଗଣ ନିମନ୍ତେ ତୃଣ ଓ ମନୁଷ୍ୟର ସେବା ନିମନ୍ତେ ଶାକ ଅଙ୍କୁରିତ କରନ୍ତି; ଏହିରୂପେ ସେ ଭୂମିରୁ ଭକ୍ଷ୍ୟ ଉତ୍ପନ୍ନ କରନ୍ତି ।" ଈଶ୍ୱର ଏହା କରନ୍ତି କିନ୍ତୁ ଲୋକମାନେ ଜମି ପ୍ରସ୍ତୁତ କରିବା, ମଞ୍ଜି ଲଗାଇବା ଏବଂ ଆବଶ୍ୟକ ଅନୁଯାୟୀ ପାଣି ଦେବା ଦ୍ୱାରା ଏହା ପ୍ରସ୍ତୁତ କରନ୍ତି ।

ଅନେକ ଲୋକ ଈଶ୍ୱରଙ୍କ କାର୍ଯ୍ୟକୁ ଏକ ଅସାଧାରଣ, ପ୍ରାକୃତିକ ନିୟମର ବ୍ୟତିକ୍ରମ ବୋଲି ମନେ କରନ୍ତି ଯେପରି ଯୀଶୁ ଯେତେବେଳେ, ସୁସ୍ଥ କଲେ, କିମ୍ବା ସୂର୍ଯ୍ୟ ଯେତେବେଳେ ସ୍ଥିର ରହିଲା । ତେଣୁ ସେହି ଅର୍ଥରେ ଗଛଗୁଡ଼ିକ ବଢ଼ିବା ଏକ ଆଶ୍ଚର୍ଯ୍ୟ ବିଷୟ ନୁହେଁ, କାରଣ ଏହା ସାଧାରଣ ଅଟେ ।

କିନ୍ତୁ ଏକ ଆଶ୍ଚର୍ଯ୍ୟକାର୍ଯ୍ୟ ନିମନ୍ତେ ଇଚ୍ଛାରେ, ଈଶ୍ୱରଙ୍କ ସାଧାରଣ କାର୍ଯ୍ୟ କରିବାର ପ୍ରଣାଳୀକୁ ଆମେ ମଧ୍ୟ ଅଣ ଦେଖା କରୁ । ଆଜି ଲକ୍ଷ ଲକ୍ଷ ଲୋକ ସେମାନଙ୍କର ପଛ ପଟକୁ ଯାଆନ୍ତି ଏବଂ ସେମାନେ କୌଣସି ବିଷୟ ବଢ଼ିବାର ଦେଖିପାରନ୍ତି ନାହିଁ, ଯାହା ସେମାନେ ଖାଇପାରିବେ । ଈଶ୍ୱରଙ୍କ ପ୍ରଣାଳୀରେ ଖାଦ୍ୟ ପ୍ରସ୍ତୁତିରେ ସେମାନେ ନିୟୋଜିତ ହୋଇ ନାହାନ୍ତି । ଈଶ୍ୱରଙ୍କ କାର୍ଯ୍ୟ କରିବାର ସାଧାରଣ ଉପାୟର ଖାଦ୍ୟ ବୃଦ୍ଧି କେବଳ ଏକ ଦୃଷ୍ଟାନ୍ତ । ଉଦାହରଣ ସ୍ୱରୂପ ମନୁଷ୍ୟମାନଙ୍କ କାର୍ଯ୍ୟ ମାଧ୍ୟମରେ ଈଶ୍ୱର ସାଧାରଣ ଉପାୟରେ ଆବଶ୍ୟକ ଯୋଗାଇଥାଆନ୍ତି । ହିତୋପଦେଶ ୧୪:୨୩ ଆମକୁ ଶକ୍ଷା ଦିଏ ଯେ, "ସବୁ ପ୍ରକାର ପରିଶ୍ରମରେ ଫଳ ଅଛି", ଯେତେବେଳେ ହିତୋପଦେଶ ୧୯:୧୫ ଆମକୁ ସତର୍କ କରେ ଯେ, "ଅଳସ ପ୍ରାଣୀ କ୍ଷୁଧା ଭୋଗ କରିବ" ।

କିଛି ଲୋକ ଅଛନ୍ତି, ଯେଉଁମାନେ ଇଚ୍ଛା କରନ୍ତି ଈଶ୍ୱର ସେମାନଙ୍କ ନିମନ୍ତେ କିଛି ଯୋଗାଇବେ, ମାତ୍ର ସେମାନେ କାର୍ଯ୍ୟ କରିବାର ସୁଯୋଗକୁ ପ୍ରତ୍ୟାଖ୍ୟାନ କରନ୍ତି, କାରଣ ଏହି ସୁଯୋଗଗୁଡ଼ିକ ସେମାନେ କରିବାକୁ ଚାହୁଁଥିବା ଜିନିଷ ନୁହେଁ ।

କ'ଣ ଯଦି ଆପଣ କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି କିନ୍ତୁ କେହି ଆପଣଙ୍କୁ ନିଯୁକ୍ତି ନ ଦିଅନ୍ତି ? ଅନ୍ୟର ସେବା କରିବାକୁ ଆପଣ କିଛି କାର୍ଯ୍ୟ କରିପାରିବେ ଏବଂ ସେହି କାର୍ଯ୍ୟ ମାଧ୍ୟମରେ ଆପଣଙ୍କର କିଛି ଆବଶ୍ୟକତା ପୂରଣ ହୋଇପାରିବ । ଯଦି ଆପଣ ନିଯୁକ୍ତି ପାଇନାହାନ୍ତି, ଆପଣଙ୍କଠାରେ ସମୟ ଅଛି । କାହିଁକି ଆମେ ଆମର ଚତୁର୍ଦ୍ଦିଗକୁ ଦୃଷ୍ଟି କରି କାହାକୁ ସାହାଯ୍ୟ ନ କରିବା ?

ମନେକରନ୍ତୁ ଜଣେ ବ୍ୟକ୍ତି ନିଯୁକ୍ତି ପାଇନାହାନ୍ତି ଏବଂ କିଛି ନ କରି ସବୁ ଦିନ କେବଳ ବସି ବସି ସମୟ ବିତାଉଛନ୍ତି । ତାଙ୍କ ପାଇଁ ପ୍ରକୃତରେ କିଛି ମୂଲ୍ୟବାନ କାର୍ଯ୍ୟ ନାହିଁ କି ? ତାଙ୍କ ପଡ଼ୋଶୀ ଯେଉଁମାନଙ୍କର ସାହାଯ୍ୟ ଆବଶ୍ୟକ । ତାଙ୍କ ଅଗଣାରେ ଏବଂ ରାସ୍ତାରେ ଅଳିଆ ଅଛି ଯାହା ପରିଷ୍କାର କରିବା ଆବଶ୍ୟକ । ଜମି ଅଛି ଯାହାକୁ ଚାଷ କରି ଫଳ ଉତ୍ପନ୍ନ କରିବା ଆବଶ୍ୟକ । ଜ୍ଞାନ ଆହରଣ କରିବାକୁ ପାଠ କରିବା ନିମନ୍ତେ ଅନେକ ପୁସ୍ତକ ରହିଛି । କେହି ଜଣେ ଅଛନ୍ତି ଯାହା ପାଇଁ ପ୍ରାର୍ଥନା କରିପାରିବେ । ଯେଉଁ ବ୍ୟକ୍ତି କେବଳ ବସିଥାଏ ଓ କିଛି କରେ ନାହିଁ, ସେ କିଛି ଫଳେ ନାହିଁ କିମ୍ବା ବିକଶିତ ହୁଏ ନାହିଁ । ସେ ନିଜେ ଜଣେ ଭଲ ନିଯୁକ୍ତିଦାତା ନୁହଁନ୍ତି, ତେଣୁ ସେ ହୁଏତ ଅନ୍ୟମାନଙ୍କୁ ପରଚାଳନା କରିବାର ସୁଯୋଗ ପାଇବେ ନାହିଁ ।

ଅନେକ ସମୟରେ ଅଧିକାଂଶ ଲୋକେ କାହା ଦ୍ୱାରା ନିଯୁକ୍ତି ପାଆନ୍ତି ନାହିଁ । ସେମାନେ ବିନିମୟ ପାଇଁ କିଛି ଉତ୍ପାଦନ କରନ୍ତି କିମ୍ବା ଅନ୍ୟମାନଙ୍କୁ ସେବା ପ୍ରଦାନ କରନ୍ତି । ଏହି ସମସ୍ତ ଉପାୟ/ପଥଗୁଡ଼ିକ ଈଶ୍ୱର ଆମ ନିମନ୍ତେ ଯୋଗାଇ ଦିଅନ୍ତି ।

## ଖ୍ରୀଷ୍ଟିଆନ ଚାକିରି ନିମନ୍ତେ ବାଇବଲର ନୀତିଗୁଡ଼ିକ

ଦାୟତ୍ୱ ଏବଂ ସଚ୍ଚୋଟତାର ନୀତିଗୁଡ଼ିକ ବିଶ୍ୱାସୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ପ୍ରୟୋଗ କରିବା ପାଇଁ କିଛି ନୀତି ପ୍ରଦାନ କରେ ।

► ଜଣେ ବିଶ୍ୱାସୀ ଯେତେବେଳେ ଜଣେ ନିଯୁକ୍ତିଦାତାଙ୍କ ପାଇଁ କାର୍ଯ୍ୟ କରେ, ସେ କିପରି ବାଇବଲର ନୀତିଗୁଡ଼ିକୁ ପ୍ରୟୋଗ କରିବା ଉଚିତ?

ନୂତନ ନିୟମ କାର୍ଯ୍ୟକାରୀମାନଙ୍କୁ ନିର୍ଦ୍ଦେଶ ଦିଏ । ଯେତେବେଳେ ନୂତନ ନିୟମର ପୁସ୍ତକଗୁଡ଼ିକ ଲେଖାଯାଇଥିଲା, ଅଧିକାଂଶ କାର୍ଯ୍ୟକାରୀମାନେ କ୍ରୀତଦାସ ଥିଲେ । ଆଜିକାଲି ଜଣେ କର୍ମଚାରୀ ଜଣେ କ୍ରୀତଦାସଠାରୁ ଭିନ୍ନ ଅଟେ କାରଣ ସେମାନଙ୍କୁ ଭିନ୍ନ ଚାକିରୀକୁ ଯିବାର ସୁଯୋଗ ମିଳିପାରେ । ସେହି ସ୍ୱାଧିନତା ସେମାନଙ୍କୁ ନିଯୁକ୍ତିର ସର୍ତ୍ତାବଳୀଗୁଡ଼ିକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବା ସମ୍ଭବ କରିଥାଏ । ତଥାପି, ଯଦି ସେମାନେ କିଛି ସୁବିଧା ପାଇଁ କାମ କରିବାକୁ ରାଜି ହୋଇଛନ୍ତି, ତେବେ ଶାସ୍ତ୍ର ଅନୁଯାଇ ସେମାନେ ନିଯୁକ୍ତିଦାତାଙ୍କ ସହିତ ରହିବା ପର୍ଯ୍ୟନ୍ତ ଭଲ କର୍ମଚାରୀ ହେବା ଆବଶ୍ୟକ ।

ଆପଣ ଏପରି ଏକ ପରିସ୍ଥିତିରେ ଥାଇପାରନ୍ତି, ଯେଉଁଠାରେ ଆପଣ ଇଚ୍ଛା କରୁଥିବା କାର୍ଯ୍ୟ କରିବାକୁ ସ୍ୱାଧିନତା ପାଆନ୍ତି ନାହିଁ । ହୁଏତ ଆପଣଙ୍କୁ ଏକ ଦମନକାରୀ ପରିସ୍ଥିତିରେ କାମ କରିବାକୁ ବାଧ୍ୟ କରାଯାଇଛି । ତୁମେ ଏବେ ବି ଖ୍ରୀଷ୍ଟଙ୍କ ମନୋଭାବ ରଖିବା ଉଚିତ । କେତେକ ଲୋକ ଯେତେବେଳେ ସେମାନଙ୍କୁ ବାଧ୍ୟ କରାଯାଏ ସେମାନେ କାମ ଧିରେ କିମ୍ବା ଖରାପ କରନ୍ତି, କାରଣ ସେମାନେ ଦେଖାଇବାକୁ ଚାହାନ୍ତି ଯେ, ସେମାନଙ୍କର କାମ କରିବାକୁ ଇଚ୍ଛା ନାହିଁ । ଯେତେବେଳେ ଜଣେ ବ୍ୟକ୍ତି ଏପରି କରେ, ସେ ଦର୍ଶାଏ ଯେ, ସେ ସ୍ୱାଧିନ ନୁହେଁ । ଯଦି ତୁମେ ମୁକ୍ତ ଭାବରେ କାର୍ଯ୍ୟ କରିବାକୁ ଇଚ୍ଛା କର, ତେବେ ତୁମେ ଆନନ୍ଦରେ ଏବଂ ଉତ୍ତମ

ଭାବରେ କାର୍ଯ୍ୟ କରିବା ଉଚିତ । ଯେତେବେଳେ ତୁମେ ସେହିପରି କାର୍ଯ୍ୟ କର, ତୁମେ ମୁକ୍ତ ଭାବରେ କରିପାର, କାରଣ ତାହା କରିବାକୁ ତୁମକୁ କେହି ବାଧ୍ୟ କରିପାରିବେ ନାହିଁ ।

ଯଦି କେହି ତୁମକୁ ନିଯୁକ୍ତି ଦେଇନାହାନ୍ତି, ତେବେ ତୁମେ ନିଜ ପରିଦର୍ଶକ ଅଟ । ତୁମେ ନିଜ ପାଇଁ କେଉଁ ପ୍ରକାରର କର୍ମଚାରୀ ହୋଇଛ ?

### ଏଫିସୀୟ ୬:୫-୮ - ଦାୟିତ୍ୱର ନୀତିଗୁଡ଼ିକ

► ଜଣେ ଛାତ୍ର ଏଫିସୀୟ ୬:୫-୮ ଦଳ ପାଇଁ ପାଠ କରିବେ । ଏହି ଅଧ୍ୟାୟର ଅର୍ଥ ଅଲୋଚନା କରିବେ, ତା'ପରେ ଆପଣଙ୍କ ପର୍ଯ୍ୟବେକ୍ଷଣରେ ଯୋଡ଼ିବା ପାଇଁ ନିମ୍ନରେ ଥିବା ତାଲିକା ଦେଖନ୍ତୁ ।

ଏପିସୀୟ ୬:୫-୮ରୁ କେତେକ ପ୍ରୟୋଗ

୧) ଜଣେ କର୍ମଚାରୀ ତା'ର ନିଯୁକ୍ତିକର୍ତ୍ତାଙ୍କର ଆଜ୍ଞା ପାଳନ କରିବା ଆବଶ୍ୟକ । କେବଳ ଯେତେବେଳେ ସେ ନିରିକ୍ଷଣ କରୁଥିବେ ସେତେବେଳେ ନୁହେଁ ମାତ୍ର ସର୍ବଦା । ଏହାର ଅର୍ଥ ମଧ୍ୟ ଏହା ଯେ, ସେ ଏପରି ବିବରଣୀକୁ ଅବହେଳା କରିବା ଉଚିତ୍ ନୁହେଁ, ଯାହା ସେ ଜାଣନ୍ତି ଯେ, ଯାଞ୍ଚ କରାଯିବାର ସମ୍ଭାବନା କମ୍ । ("... ମନୁଷ୍ୟକୁ ସନ୍ତୁଷ୍ଟ କଲା ପରି ଦୃଷ୍ଟି ଆଗରେ ତାହା କର ନାହିଁ ...') ।

୨) ଈଶ୍ୱରଙ୍କ ନିମନ୍ତେ କାର୍ଯ୍ୟ କଲାପରି ଜଣେ କର୍ମଚାରୀ ଗୁଣବତ୍ତା ଏବଂ ଅଧ୍ୟବସାୟ ବଜାୟ ରଖିବା ଆବଶ୍ୟକ । ("... କିନ୍ତୁ ଖ୍ରୀଷ୍ଟଙ୍କ ଦାସ ପରି ଅନ୍ତର ସହ ଈଶ୍ୱରଙ୍କ ଇଚ୍ଛା ସାଧନ କର") ।

୩) ଜଣେ କାର୍ଯ୍ୟକାରୀ ତା'ର କାର୍ଯ୍ୟରେ ବିଶ୍ୱସ୍ତତା ନିମନ୍ତେ ଈଶ୍ୱରଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୁଏ ("ସେ ଯେ ପ୍ରଭୁଙ୍କଠାରୁ ସେଥିର ପୁରସ୍କାର ପାଇବ ...) ।

### ତୀତସ ୨:୯-୧୦ – ସତ୍ୟବାଦୀର ନୀତିଗୁଡ଼ିକ

► ଜଣେ ଛାତ୍ର ତୀତସ ୨:୯-୧୦ ଦଳ ପାଇଁ ପାଠ କରିବେ । ଏହି ଅଧ୍ୟାୟର ଅର୍ଥ ଆଲୋଚନା କରିବେ, ତା'ପରେ ଆପଣଙ୍କ ପର୍ଯ୍ୟବେକ୍ଷଣରେ ଯୋଡ଼ିବା ପାଇଁ ନିମ୍ନରେ ଥିବା ତାଲିକା ଦେଖନ୍ତୁ ।

ତୀତସ ୨:୯-୧୦ରୁ କେତେକ ପ୍ରୟୋଗ

୧) ଜଣେ କର୍ମଚାରୀ ତାଙ୍କ ମାଲିକଙ୍କ ନିର୍ଦ୍ଦେଶ ପ୍ରତି ସମ୍ମାନଜନକ ପ୍ରତିକ୍ରିୟା ଦେବା ଉଚିତ ("ପ୍ରତିବାଦ ନ କରନ୍ତୁ ...") । ଯେତେବେଳେ ଜଣେ କର୍ମଚାରୀ ତା'ର ମାଲିକ ବିଷୟରେ ଅସମ୍ମାନ ଭାବରେ ଅନ୍ୟ କାର୍ଯ୍ୟକାରୀଙ୍କୁ କହେ ତେବେ ତା'ର ପରିଣାମ କ'ଣ ହୁଏ?

୨) ଜଣେ କର୍ମଚାରୀ ତା'ର ମାଲିକଠାରୁ ଚୋରି କରିବା ଉଚିତ ନୁହେଁ, ଯଦିଓ ସେ ମନେକରେ ଯେ, ଅଧିକ ପାଇବାକୁ ଯୋଗ୍ୟ ("... କିଛି ହିଁ ଚୋରି ନ କରି ...) ।

୩) ସୁସମାଚାର ନିମନ୍ତେ ବିଶ୍ୱସ୍ତପୂର୍ଣ୍ଣ କାର୍ଯ୍ୟ ଏକ ସାକ୍ଷ୍ୟ ଅଟେ, ଅବିଶ୍ୱସ୍ତତା ସୁସମାଚାର ଉପରେ ଏକ ନିନ୍ଦା ଅଟେ । ("ଯେପରି ସେମାନେ ସବୁ ବିଷୟରେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଈଶ୍ୱରଙ୍କ ଶିକ୍ଷାର ଅଳଙ୍କାର ସ୍ୱରୂପ ହୁଅନ୍ତି") ।

► କେତେକ ଲୋକ ସେମାନଙ୍କ କାର୍ଯ୍ୟରେ ଅବିଶ୍ୱସ୍ତ ହେବାର ଉପାୟଗୁଡ଼ିକର ଦୃଷ୍ଟାନ୍ତ କ'ଣ ଅଟେ ? ଜଣେ ବିଶ୍ୱାସୀ କିପରି ଭିନ୍ନ ହେବା ଉଚିତ୍ ତାହା ବର୍ଣ୍ଣନା କର ।

ତୀତସ ଏବଂ ଏଫିସୀୟ ଶାସ୍ତ୍ରାଂଶଗୁଡ଼ିକ ବର୍ଣ୍ଣନା କରନ୍ତି ଯେ ଯଦି କେହି ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଅନ୍ତି, ତେବେ ସେ କିପରି କାମ କରିବା ଉଚିତ୍ । ସମାନ ନିୟମ ଜଣେ ବ୍ୟକ୍ତି ପ୍ରତି ପ୍ରୟୋଗ କରାଯାଏ ଯିଏ ତିଆରି କିମ୍ବା ମରାମତି ନିମନ୍ତେ ନିଯୁକ୍ତି ପାଇଥାଏ । ଯେପରି ତା' ପାଇଁ କେହି ଜଣେ କାର୍ଯ୍ୟ କରୁ ବୋଲି ସେ ଇଚ୍ଛା କରେ ସେହି ଗୁଣରେ ସେ କାର୍ଯ୍ୟ କରିବା ଉଚିତ । ଜଣେ କୌଣସି ବିଷୟ ବିକ୍ରୟ ନିମନ୍ତେ ତିଆରି କରେ ସେ କ୍ରେତାମାନଙ୍କୁ ତା'ର ତ୍ରୁଟି ଅନ୍ୟମାନଙ୍କୁ ଲୁଚାଇବା ଉଚିତ୍ ନୁହେଁ ଯେପରି କ୍ରେତାମାନେ ଉତ୍ତମ ବିଷୟ ପାଉଛନ୍ତି ବୋଲି ଭାବିବେ ।

## ନିଯୁକ୍ତି ନିମନ୍ତେ ଗ୍ରହଣୀୟ ଗୁଣଗୁଡ଼ିକର ବିକାଶ କରିବା

ଜଣେ କାର୍ଯ୍ୟକାରୀଠାରେ ନିଯୁକ୍ତିକର୍ତ୍ତା କେଉଁସବୁ ଗୁଣଗୁଡ଼ିକ ଦେଖିବାକୁ ଇଚ୍ଛା କରେ ? ଗବେଷଣାରୁ ଜଣାଯାଏ ଯେ, ନିଯୁକ୍ତି କର୍ତ୍ତାମାନେ ଏପରି ବ୍ୟକ୍ତିକୁ ଚାହାନ୍ତି ଯେଉଁମାନଙ୍କଠାରେ କାର୍ଯ୍ୟ କରିବା ପାଇଁ ସକରାତ୍ମକ ମନୋଭାବ ଅଛି । ସେମାନେ ଏପରି ବ୍ୟକ୍ତିଙ୍କୁ ଚାହାନ୍ତି ଯେଉଁମାନେ ଭରସା ଯୋଗ୍ୟ ଏବଂ ଶିଖିବାକୁ ପ୍ରସ୍ତୁତ ଅଟନ୍ତି । ପ୍ରାୟତଃ ଲୋକମାନଙ୍କୁ ସେମାନଙ୍କର ତାଲିମ କିମ୍ବା ପ୍ରତିଭା ଅପେକ୍ଷା କାମ ପ୍ରତି ସେମାନଙ୍କର ମନୋଭାବ ପାଇଁ ନିଯୁକ୍ତି ଦିଆଯାଏ । ଈଶ୍ୱର ମଧ୍ୟ କାମ ପ୍ରତି ଆମର ମନୋଭାବ ବିଷୟରେ ଯତ୍ନବାନ, ଯେପରି ଆମେ ଶାସ୍ତ୍ରରେ ପୂର୍ବରୁ ଦେଖିଛୁ ।

ଗୁଣଗୁଡ଼ିକ ବିକଶିତ କରନ୍ତୁ ଯାହା ଆପଣଙ୍କୁ ଜଣେ ମୂଲ୍ୟବାନ କାର୍ଯ୍ୟକାରୀ ଭାବରେ ଗଢ଼େ । ସେବା କରିବାକୁ ଆପଣ ପ୍ରସ୍ତୁତ ରହିବା ଉଚିତ୍ । ଆପଣଙ୍କୁ ବିଶ୍ୱସ୍ତ, ନିର୍ଭର ଯୋଗ୍ୟ ଏବଂ ଧୈର୍ଯ୍ୟଶୀଳ ହେବା ଆବଶ୍ୟକ । କିଛି ନିଯୁକ୍ତିହୀନ-ବ୍ୟକ୍ତିମାନେ କେବଳ

ସେମାନଙ୍କର ଆବଶ୍ୟକ ବିଷୟରେ ଚିନ୍ତା କରନ୍ତି । ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ମାଲିକ/ନିଯୁକ୍ତିକର୍ତ୍ତା ନିଯୁକ୍ତି ଦିଏ ନାହିଁ, ତା'ର ସାହାଯ୍ୟ ପାଇଁ ସେ ଆପଣଙ୍କୁ ନିଯୁକ୍ତି ଦିଏ । ଆପଣ ସେହି ଧରଣର ବ୍ୟକ୍ତି ହେବା ଆବଶ୍ୟକ ଯିଏ ଜଣେ ନିଯୁକ୍ତିକର୍ତ୍ତା ପ୍ରତି ମୂଲ୍ୟବାନ ହୋଇପାରିବେ ।

ଜଣେ ବ୍ୟକ୍ତି କହିପାରନ୍ତି, "ଯଦି ମୁଁ ଏଥିପାଇଁ ଦେୟ ପାଉଥାନ୍ତି, ତେବେ ମୁଁ ବନ୍ଧୁତ୍ୱପୂର୍ଣ୍ଣ, ସହାୟକ ଏବଂ ସଚ୍ଚୋଟ ହୋଇଥାନ୍ତି", କିନ୍ତୁ ନିଯୁକ୍ତିକର୍ତ୍ତାମାନେ ଜଣେ ଅବନ୍ଧୁରହିତ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଅନ୍ତି ନାହିଁ ଏବଂ ତାଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ହେବା ପାଇଁ ଟଙ୍କା ଦିଅନ୍ତି ନାହିଁ। ସେମାନେ ଅର୍ଥ ବ୍ୟୟ କରି ଅବିଶ୍ୱସ୍ତ ବ୍ୟକ୍ତିକୁ ବିଶ୍ୱସ୍ତ କରନ୍ତି ନାହିଁ । ସେମାନେ ଜଣେ ବନ୍ଧୁତ୍ୱପୂର୍ଣ୍ଣ, ସାହାଯ୍ୟକାରୀ ଏବଂ ସଚ୍ଚୋଟ ବ୍ୟକ୍ତିକୁ ନିଯୁକ୍ତି ପ୍ରଦାନ କରନ୍ତି ।

ମଣ୍ଡଳୀର ବିଷୟଗୁଡ଼ିକ ଭିନ୍ନ ଅଟେ । ଆମେ ଲୋକମାନଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ହେବା ପୂର୍ବରୁ ସେମାନେ କିଛି ଦେବେ କିମ୍ବା ବନ୍ଧୁତ୍ୱପୂର୍ଣ୍ଣ ହେବେ ବୋଲି ଅପେକ୍ଷା କରୁନାହୁଁ। ଆପଣ କୌଣସି ଉତ୍ତମ କାର୍ଯ୍ୟ କରିବା ପୂର୍ବରୁ ଈଶ୍ୱର ମଧ୍ୟ ଆପଣଙ୍କ ପାଖକୁ ହାତ ବଢାଇ ଆଶୀର୍ବାଦ କରନ୍ତି । କିନ୍ତୁ ଆପଣଙ୍କର ନିଜର ଲାଭ ପାଇଁ ଆପଣ ଅନୁଗ୍ରହ ପ୍ରତି ଆଗେଇବା ଆବଶ୍ୟକ । ଦାନ କରିବାକୁ, ସେବା କରିବାକୁ ଏବଂ ହସ ମୁଖ ହେବାକୁ ଶିକ୍ଷା କରନ୍ତୁ ।

ଆପଣଙ୍କ ଗୁଣଗୁଡ଼ିକୁ ବିକଶିତ କରନ୍ତୁ । ଯେଉଁମାନଙ୍କଠାରେ କୌଶଳ/ଦକ୍ଷତା ଅଛି ସେମାନଙ୍କ ସହିତ କାର୍ଯ୍ୟ କରିବା ଦ୍ୱାରା ଦକ୍ଷତା ଶିକ୍ଷା କରନ୍ତୁ । ହୋଇପାରେ ଅନ୍ୟମାନଙ୍କ ପ୍ରତି ଆପଣ ଏକ ସେବା ପ୍ରଦାନ କରିପାରନ୍ତି । ହୋଇପାରେ ବିକ୍ରୀ କରିବା ପାଇଁ ଏକ ଉତ୍ପନ୍ନ ଦ୍ରବ୍ୟ ଆପଣ ତିଆରି କରିପାରନ୍ତି । ହୁଏତ ତୁମେ ଫସଲ ଚାଷ କରିପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଅନ୍ୟ ପ୍ରତି ସାହାଯ୍ୟପୂର୍ଣ୍ଣ ଗୁଣ ରଖନ୍ତୁ ଯଦିଚ ତାହା ଆପଣଙ୍କ ପାଇଁ ଲାଭଦାୟକ ହୋଇ ନ ପାରେ । ଈଶ୍ୱର ଆପଣଙ୍କ ସେବାରେ ଆଶୀର୍ବାଦ କରିବେ ।

*ସେବା* କରିବାର ଅର୍ଥ କ'ଣ ? ସେବା କରିବା ହେଉଛି ଅନ୍ୟ କାହାର ହିତ ପାଇଁ ନିଜର ଦକ୍ଷତା, ସମୟ ଏବଂ ଶକ୍ତି ବ୍ୟବହାର କରିବା ।

ଆପଣ ନିଯୁକ୍ତିଦାତାଙ୍କ ପାଖରେ କାମ କରନ୍ତୁ ବା ନ କରନ୍ତୁ, ସେବା ପାଇଁ ଆପଣଙ୍କୁ ଆପଣଙ୍କର କିଛି ଅଧିକାର ଏବଂ ସୁବିଧାକୁ ଅଲଗା ରଖିବାକୁ ପଡ଼ିବ । ଉଦାହରଣ ସ୍ୱରୂପ ଯଦି ଆପଣ ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି, ଆପଣ ଚାହିଁଲେ ମଧ୍ୟ ବିଳମ୍ବ ପର୍ଯ୍ୟନ୍ତ ଶୋଇ ପାରିବେ ନାହିଁ, ଯାହା କରିବାକୁ ଚାହିଁଲେ ତାହା କରିବାରେ ସମୟ ବିତାଇ ପାରିବେ ନାହିଁ। ଆପଣ ଆପଣଙ୍କର ଜୀବନର କିଛି ଦିଗକୁ ସେହି ଉଦ୍ଦେଶ୍ୟ ପାଇଁ ସମର୍ପଣ କରିଛନ୍ତି ଯେଉଁଥି ପାଇଁ ଆପଣଙ୍କୁ ନିଯୁକ୍ତି ଦିଆଯାଇଛି । ଚାକିରି ଆପଣଙ୍କର ପୋଷାକ ପିନ୍ଧିବା ଶୈଳୀ ଏବଂ ଅନ୍ୟ ଲୋକଙ୍କ ସହିତ ବ୍ୟବହାର କରିବାର ଶୈଳୀକୁ ମଧ୍ୟ ପ୍ରଭାବିତ କରେ ।

ସେବା କରିବା ପାଇଁ ପ୍ରସ୍ତୁତତା ଅନେକ ଲାଭ ଆଣିଥାଏ ।

୧) ଏହା ଏପରି ସମ୍ପର୍କ ଗଠନ କରେ ଯାହା ଫଳରେ ଆପଣଙ୍କର କିଛି ଆବଶ୍ୟକତା ପୂରଣ ହୁଏ । ଅନେକ ସମୟରେ ଏହା ଅପ୍ରତ୍ୟାଶିତ ଭାବରେ ଘଟେ, ତେଣୁ ଏହା କେବଳ ସେହି ଲୋକମାନଙ୍କୁ ସାହାଯ୍ୟ କରିବା ନୁହେଁ ଯେଉଁମାନେ ଆପଣଙ୍କ ପାଇଁ କିଛି କରିବେ ବୋଲି ଆପଣ ମନେ କରନ୍ତି ।

୨) ଏହା ଖ୍ରୀଷ୍ଟଙ୍କ ଶରୀରରୂପୀ ମଣ୍ଡଳୀରେ ଆପଣଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରେ ।

୩) ଏହା ଆପଣଙ୍କୁ ଏପରି ଜଣେ ବ୍ୟକ୍ତି କରିପାରେ ଯାହାକୁ କେହି ନିଯୁକ୍ତି ଦେବାକୁ ଚାହିଁବେ ।

କ'ଣ ଆପଣ ଏକ ନୂତନ ମାନସିକତା ଗଠନ କରିପାରିବେ - ଅନ୍ୟମାନଙ୍କ ପ୍ରତି ସେବାର ଉପାୟ ଖୋଜୁଛନ୍ତି କି ? ଯୀଶୁ କହିଲେ, "ଗ୍ରହଣ କରିବା ଅପେକ୍ଷା ଦାନ କରିବା ଅଧିକ ଶ୍ରେୟସ୍କର" (ପ୍ରେରିତ ୨୦:୩୫) । ଆପଣ କ'ଣ ତାହା ବିଶ୍ୱାସ କରନ୍ତି ? ଏହି ବିଶ୍ୱାସରେ କ'ଣ ଆପଣ ବଞ୍ଚନ୍ତି ?

ଅନ୍ୟମାନଙ୍କ ଆବଶ୍ୟକତା ବିଷୟରେ ଚିନ୍ତା କରିବା ଏବଂ ନିଜ ଆବଶ୍ୟକତାରେ ସମ୍ପୂର୍ଣ୍ଣ ମଗ୍ନ ନ ହେବାର ଏକ ଆଧ୍ୟାତ୍ମିକ ନୀତି ଅଛି (ଫିଲିପ୍ପୀୟ ୨:୪) । ଏକ ବ୍ୟବହାରିକ ନୀତି ମଧ୍ୟ ଅଛି । ମନେରଖନ୍ତୁ, ଯେଉଁମାନେ ଲୋକଙ୍କୁ ନିଯୁକ୍ତି ଦିଅନ୍ତି, ସେମାନେ ସାଧାରଣତଃ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଏହା କରନ୍ତି ନାହିଁ । ସେମାନେ ଜଣଙ୍କୁ ନିଯୁକ୍ତ କରନ୍ତି କାରଣ ସେମାନେ ମନେ କରନ୍ତି ଯେ, ସେ ସେମାନଙ୍କର ଆବଶ୍ୟକତା ପୂରଣ କରିବେ । ତେଣୁ ଯଦି ଜଣେ ବ୍ୟକ୍ତି କେବଳ ଏହା ଭାବିପାରୁଛି ଯେ ତାଙ୍କ ପାଇଁ କେହି ଜଣେ କିଛି କରୁ ବୋଲି, ତେବେ ସେ ନିଯୁକ୍ତି ଦେବା ଯୋଗ୍ୟ ନ ହୋଇପାରେ ।

ଯେତେବେଳେ ଲୋକମାନେ କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି, ସେତେବେଳେ ଘଟଣାଗୁଡ଼ିକ ଘଟେ । ସେହି ଲାଭଗୁଡ଼ିକ ଯଦି ଅପ୍ରତ୍ୟାଶିତ ଭାବରେ ଘଟେ ତେବେ ସେଗୁଡ଼ିକ ଆଶ୍ଚର୍ଯ୍ୟକାର୍ଯ୍ୟ ପରି ମନେହୁଏ, କିନ୍ତୁ ଆପଣଙ୍କ ଜୀବନରେ ସେହି ଲାଭଗୁଡ଼ିକ ଆଣିପାର ଇଶ୍ୱରଙ୍କଠାରେ ଏକ ସାଧାରଣ ଉପାୟ ଅଟେ ।

ଯଦି ଆପଣ କାର୍ଯ୍ୟ କରିବାକୁ ଇଚ୍ଛା ନ କରି ଆଶା କରିବେ, ଇଚ୍ଛା କରିବେ ଏବଂ ଏକ ଆଶ୍ଚର୍ଯ୍ୟ କାର୍ଯ୍ୟ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିବେ, ତେବେ ଏହା ପ୍ରାୟତଃ ସମୟ ନଷ୍ଟ ଅଟେ । କାର୍ଯ୍ୟ କରନ୍ତୁ ଯେପରି ଈଶ୍ୱର ଯେଉଁ ଭାବରେ ସାହାଯ୍ୟ ଦେବାକୁ ଚାହାନ୍ତି ଆପଣ ସେହିପରି ସାହାଯ୍ୟ ପାଇପାରିବେ ।

## ଦଳଗତ ଆଲୋଚନା ନିମନ୍ତେ

► ଜଣେ ନିଯୁକ୍ତିଦାତାଙ୍କ ପାଇଁ ଭଲ କାମ କିପରି ସୁସମାଚାର ପାଇଁ ଏକ ସୁଯୋଗ ସୃଷ୍ଟି କଲା, ସେ ବିଷୟରେ କେହି ଜଣେ କାହାଣୀ ସେୟାର କରିପାରିବ ।

► କେହି ଜଣେ ତାଙ୍କ ପଡ଼ୋଶୀଙ୍କର ଜଣେ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା କିପରି ଖ୍ରୀଷ୍ଟିୟାନ ଯତ୍ନର ଏକ ଭଲ ପ୍ରଦର୍ଶନ ଥିଲା, ସେ ବିଷୟରେ ଏକ କାହାଣୀ ସେୟାର କରିବେ ।

► ବେକାର ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ କାର୍ଯ୍ୟ ସୁଯୋଗ ବିଷୟରେ ଦଳ ଏକାଠି ଚିନ୍ତାଧାରା ସେୟାର କରିବେ ।

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା,

ମୁଁ ସୃଜନଶୀଳ ଭାବରେ କାମ କରିବାର ସୁଯୋଗ ପାଇଁ ଆପଣଙ୍କୁ ଧନ୍ୟବାଦ ଜ୍ଞାପନ କରେ । ଅନ୍ୟମାନଙ୍କୁ ସାହାଯ୍ୟ କରିବାର ସୁଯୋଗ ଦେଖିବାକୁ ମୋତେ ସାହାଯ୍ୟ କର । ଯେତେବେଳେ ମୁଁ ମୋର ଏବଂ ଅନ୍ୟମାନଙ୍କର ଦାୟିତ୍ୱ ନେବା ବେଳେ ମୁଁ ମୋର ଏବଂ ଅନ୍ୟମାନଙ୍କର ଦାୟିତ୍ୱ ନେବା ନିମନ୍ତେ କାର୍ଯ୍ୟ କରେ, ମୋର ଆବଶ୍ୟକତା ଯୋଗାଇ ଦିଅ ।

ମୋତେ ଉତ୍ସରେ ଆଶୀର୍ବାଦ କର, ଯେପରି ମୁଁ ମୋର ପରିବାରକୁ ସାହାଯ୍ୟ କରିପାରିବି, ମଣ୍ଡଳୀକୁ ଦାନ କରିପାରିବି ଏବଂ ଆବଶ୍ୟକତା ସହିତ ଅନ୍ୟମାନଙ୍କର ସାହାଯ୍ୟ କରିପାରିବି ।

ମୋର ଦାୟିତ୍ୱଗୁଡ଼ିକରେ ସଚ୍ଚୋଟ ଏବଂ ଭରସାଯୋଗ୍ୟ ହେବାରେ ମୋତେ ସାହାଯ୍ୟ କର । ତୁମର ଇଚ୍ଛା ଥିଲେ, ମୋତେ ମହାନ ଦାୟିତ୍ୱ ଏବଂ ସୁଯୋଗଗୁଡ଼ିକ ନିମନ୍ତେ ପ୍ରସ୍ତୁତ କର । ସର୍ବଦା ମୋ' ପ୍ରତି ବିଶ୍ୱସ୍ତ ଥିବା ହେତୁ ତୁମକୁ ଧନ୍ୟବାଦ ଦିଏ ।

ଆମେନ୍

## ପାଠ ୩- ଦିଆଯାଇଥିବା କାର୍ଯ୍ୟ

(୧) ଏହି ଶାସ୍ତ୍ରାଂଶଗୁଡ଼ିକ ପାଠ କର

- ହିତୋପଦେଶ ୬:୬-୧୧
- ହିତୋପଦେଶ ୧୦:୪-୫
- ହିତୋପଦେଶ ୧୨:୧୧, ୨୪, ୨୭
- ହିତୋପଦେଶ ୧୩:୪,୧୧
- ହିତୋପଦେଶ ୧୪:୨୩
- ହିତୋପଦେଶ ୧୮:୯
- ହିତୋପଦେଶ ୨୦:୧୩
- ହିତୋପଦେଶ ୨୨:୨୯
- ହିତୋପଦେଶ ୨୪:୩୦-୩୪
- ହିତୋପଦେଶ ୨୬:୧୩-୧୬

ଏହି ପଦଗୁଡ଼ିକରୁ କାମ ଏବଂ ଆଳସ୍ୟ ବିଷୟରେ ପଏଣ୍ଟ ଏବଂ ପ୍ରୟୋଗଗୁଡ଼ିକର ଏକ ପୃଷ୍ଠା ଲେଖ ।

(୨) ନିମ୍ନଲିଖିତ ତାଲିକା ମଧ୍ୟରୁ ଗୋଟିଏ ଉପରେ ଏକ ସଂକ୍ଷିପ୍ତ ଉପସ୍ଥାପନା କରିବା ପାଇଁ ଅନ୍ୟ ଜଣେ ସହପାଠୀଙ୍କ ସହ କାର୍ଯ୍ୟ କରନ୍ତୁ । (ଶ୍ରେଣୀର ମନିଟର ପ୍ରତ୍ୟେକ ଟିମ୍‌କୁ ଗୋଟିଏ ବିଷୟ ଦେବେ) ପରବର୍ତ୍ତୀ କ୍ଲାସ୍‌ର ପ୍ରାରମ୍ଭରେ ତାହା ଉପସ୍ଥାପନ କରନ୍ତୁ ।

- କର୍ଯ୍ୟ ଏବଂ ମଣିଷ ଭିତରେ ପରମେଶ୍ୱରଙ୍କ ପ୍ରତିଛବି
- ନିଜ ପାଇଁ ଏବଂ ଅନ୍ୟମାନଙ୍କ ପାଇଁ କାର୍ଯ୍ୟ ଏବଂ ଦାୟିତ୍ୱ
- ଜଣେ ଖ୍ରୀଷ୍ଟିଆନ କର୍ମଚାରୀ କିପରି କାର୍ଯ୍ୟ କରିବା ଉଚିତ୍ (ଏହି ଉପସ୍ଥାପନା ଏଫିସୀୟ ୬:୫-୮ ଏବଂ ତୀତସ ୨:୯-୧୦ ଉପରେ ଆଧାରିତ ହେବା ଉଚିତ)
- ଈଶ୍ୱର ସାଧାରଣତଃ ଲୋକଙ୍କ ଆବଶ୍ୟକତା ପୂରଣ କରିବାର ଉପାୟ
- ଅନ୍ୟମାନଙ୍କ ସହିତ କାର୍ଯ୍ୟ ଏବଂ ସମ୍ପର୍କ

# ପାଠ - ୪

# ସମ୍ପର୍କ

## ପାଠର ଉଦ୍ଦେଶ୍ୟ

ଏହି ପାଠର ଶେଷ ସୁଦ୍ଧା ଛାତ୍ର ଛାତ୍ରୀମାନେ ଯେପରି :

(୧) ପ୍ରେମ, ଶାନ୍ତି ଏବଂ ଅନ୍ୟମାନଙ୍କ ସହିତ ସମ୍ପର୍କରେ ସମ୍ମାନର ନିୟମଗୁଡ଼ିକୁ ପ୍ରୟୋଗ କରିବେ ।

(୨) ନଅଟି ଶାସ୍ତ୍ରୀୟ ନିୟମ ଗ୍ରହଣ କରିବେ ଯାହା ଜଣେ ବିଶ୍ୱାସୀଙ୍କ ଭାଷା ଅନ୍ୟମାନଙ୍କୁ ଆଶୀର୍ବାଦ କରିବା ଏବଂ ଈଶ୍ୱରଙ୍କୁ ଗୌରବ ଦେବାରେ ସକ୍ଷମ କରିଥାଏ ।

## ରବିନ୍‌ସନ୍ କ୍ରୁସୋ, ସମ୍ପର୍କ ଦ୍ୱାରା ଆଶ୍ଚର୍ଯ୍ୟ ହେଲେ ।

କାଳ୍ପନିକ କାହାଣୀରେ *ରବିନ୍‌ସନ୍ କ୍ରୁସୋ* ଜଣେ ବ୍ୟକ୍ତି ସମୁଦ୍ରରେ ଏକ ଜାହାଜ ବୁଡ଼ିଯିବାରୁ ବଞ୍ଚି ଯାଇ ପହଁରି ପହଁରି ଏକ ଦ୍ୱୀପରେ ପହଞ୍ଚିଥିଲେ । ଅନେକ ମାସ ପର୍ଯ୍ୟନ୍ତ ସେଠାରେ ସେ ଏକାକୀ ଥିଲେ । ସେ ଏକ ବାସସ୍ଥାନ ତିଆରି କଲେ, ପୋଷାକ ତିଆରି କଲେ ଏବଂ କିପରି ଖାଦ୍ୟ ଖୋଜିପାଇବେ ତାହା ଶିକ୍ଷା କଲେ । ତା'ପରେ ଦିନେ ସେ ସମୁଦ୍ର ପାଖ ଦେଇ ଯିବା ସମୟରେ ବାଲିରେ ପଡ଼ିଥିବା ଏକ ମନୁଷ୍ୟର ପଦଚିହ୍ନ ଦେଖି ଆଶ୍ଚର୍ଯ୍ୟ ହେଲେ । ତା'ର ଅର୍ଥ ଆଉ ଜଣେ ମନୁଷ୍ୟ ସେଠାରେ ଥିଲା । ସେ ଜାଣି ନ ଥିଲେ ଯେ, ଯଦି ସେହି ବ୍ୟକ୍ତି ତାଙ୍କର ବନ୍ଧୁ କିମ୍ବା ଶତ୍ରୁ ହୋଇପାରନ୍ତି ବୋଲି । ସେ ସେହି ବ୍ୟକ୍ତିର ଚରିତ୍ର, ଭାଷା, ଜାତି ଏବଂ ସେ କ'ଣ ପାଇଁ ସେଠାକୁ ଆସିଥିଲେ, ସେ ବିଷୟରେ କିଛି ଜାଣି ନ ଥିଲେ । ସେ ଜାଣି ନ ଥିଲେ ଯେ, ଏହି ବ୍ୟକ୍ତି ଦ୍ୱୀପରେ ତାଙ୍କ ଜୀବନକୁ କିପରି ପରିବର୍ତ୍ତନ କରିଥିବେ । ଯେହେତୁ ସମ୍ପର୍କଗୁଡ଼ିକ ଜଣେ ବ୍ୟକ୍ତିଙ୍କ ଜୀବନକୁ ବହୁତ ପ୍ରଭାବିତ କରେ, ରବିନ୍‌ସନ୍ ପାଦଚିହ୍ନ ଦେଖିବା ପରେ ଆଶା ଓ ଭୟ ଉଭୟ ଅନୁଭବ କରିଥିଲେ ।

## ଆଧ୍ୟାତ୍ମିକ ବିକାଶ ପାଇଁ ସମ୍ପର୍କର ଗୁରୁତ୍ୱ

ପ୍ରଥମ ଶତାବ୍ଦୀର ମଣ୍ଡଳୀ, ଯାହା ପୁରୁଷ ଓ ମହିଳା, ଯିହୂଦୀ ଏବଂ ଅଣ ଯିହୁଦୀ ଓ ବିଭିନ୍ନ ସାମାଜିକ ବର୍ଗ ଏବଂ ସଂସ୍କୃତିର ଲୋକଙ୍କୁ ନେଇ ଗଠିତ ଥିଲା, ସେମାନଙ୍କୁ ଅନେକ ଦ୍ୱନ୍ଦର ମଧ୍ୟ ଦେଇ କାର୍ଯ୍ୟ କରିବାକୁ ପଡ଼ିଥିଲା । ପରସ୍ପରକୁ ସ୍ୱାଗତ କରିବାକୁ ପ୍ରେରିତ ପାଉଲ ସେମାନଙ୍କୁ କହିଥିଲେ (ରୋମୀୟ ୧୫:୭) ।

► ଭାବି ଦେଖନ୍ତୁ ଜଣେ ମନୁଷ୍ୟ ଏକ ଦ୍ୱୀପରେ ଏକାକୀ ଅଛି । କ'ଣ ସେ କାହା ସହିତ ଧୈର୍ଯ୍ୟବାନ ହୋଇପାରିବ କି? କ'ଣ ସେ କାହାକୁ କ୍ଷମା ଦେଇପାରିବ କି ?

ଅନ୍ୟ ଲୋକଙ୍କ ସହିତ ସମ୍ପର୍କରେ ନ ରହି ଆପଣ ଖ୍ରୀଷ୍ଟିୟାନର ଧୈର୍ଯ୍ୟ ଗୁଣକୁ ବିକଶିତ କରିପାରିବେ ନାହିଁ ଏବଂ ଦେଖାଇ ପାରିବେ ନାହିଁ । ଅନ୍ୟମାନଙ୍କ ସହିତ ସମ୍ପର୍କ ନ ରଖିବା ଦ୍ୱାରା ଆପଣ କାହାକୁ କ୍ଷମା ଦେଇପାରିବେ ନାହିଁ କିମ୍ବା କ୍ଷମା ପାଇବେ ନାହିଁ ।

► ଅନ୍ୟ କେଉଁ ଖ୍ରୀଷ୍ଟିୟ ଗୁଣଗୁଡ଼ିକ ଏବଂ କାର୍ଯ୍ୟକଳାପଗୁଡ଼ିକ ଯାହା ଅନ୍ୟ ଲୋକଙ୍କୁ ଆବଶ୍ୟକ କରେ?

ଅନ୍ୟ ଲୋକଙ୍କ ସହିତ ସମ୍ପର୍କରେ ଏହି ବିଷୟଗୁଡ଼ିକ ଘଟେ । କେବଳ ସମ୍ପର୍କରେ ଗୁଣଗୁଡ଼ିକ ବିକଶିତ ଏବଂ ପ୍ରଦର୍ଶିତ କରାଯାଇପାରେ, ଏହାର ଅର୍ଥ ହେଉଛି ଲୋକଙ୍କ ସହିତ ଆମର ସମ୍ପର୍କ ଆମର ଆଧ୍ୟାତ୍ମିକ ବିକାଶ ଉପରେ ବହୁତ ପ୍ରଭାବ ପକାଇ ଥାଏ ।

ବିଭିନ୍ନ ଧରଣର ସମ୍ପର୍କ ନିମନ୍ତେ ବାଇବଲ ନିର୍ଦ୍ଦେଶ ଦିଏ । ସ୍ୱାମୀ ଏବଂ ସ୍ତ୍ରୀ, ପିତାମାତା ଏବଂ ସନ୍ତାନ, ନିଯୁକ୍ତି ଦାତା ଏବଂ କର୍ମଚାରୀ, ପାଳକ ଏବଂ ମଣ୍ଡଳୀ, ବୟସ୍କ ବ୍ୟକ୍ତି ଏବଂ ଯୁବକମାନଙ୍କ ମଧ୍ୟରେ ସମ୍ପର୍କ ପାଇଁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଅଛି ।

ଶାସ୍ତ୍ରରେ ଅତି କମ୍‌ରେ ତିନୋଟି ନୀତି ଅଛି, ଯାହା ଯେକୌଣସି ପ୍ରକାରର ମାନ ସମ୍ପର୍କରେ ପ୍ରଯୁଜ୍ୟ, ଶାନ୍ତି, ପ୍ରେମ ଏବଂ ସମ୍ମାନର ନୀତି ।

## ଶାନ୍ତିର ନୀତି

"ସମସ୍ତଙ୍କ ସହିତ ଶାନ୍ତିରେ ରହିବାକୁ ଚେଷ୍ଟା କର, ପୁଣି ଯେଉଁ ପବିତ୍ରତା ବିନୁ କେହି ପ୍ରଭୁଙ୍କ ଦର୍ଶନ ପାଇବ ନାହିଁ, ସେଥିର ଅନୁସରଣ କର" (ଏବ୍ରୀ ୧୨:୧୪) ।

ଏହି ପଦଟି ସମ୍ପର୍କର ଗୁରୁତ୍ୱକୁ ଅତି ପ୍ରାଧାନ୍ୟଯୁକ୍ତ ଭାବରେ ଦର୍ଶାଏ । ପବିତ୍ରତା ସମସ୍ତଙ୍କ ସହିତ ଶାନ୍ତି ସ୍ଥାପନ କରିବାକୁ ଘନିଷ୍ଠ ଭାବରେ ଜଡ଼ିତ ।

► ଲୋକଙ୍କ ସହିତ ଶାନ୍ତି ସ୍ଥାପନ କରିବା ପାଇଁ ଆମକୁ କ'ଣ କରିବା ଉଚିତ?

ଶାନ୍ତି ସ୍ଥାପନ କରିବାକୁ, ତୁମେ ଅତି କମ୍‌ରେ ପ୍ରତ୍ୟେକ ବ୍ୟକ୍ତିକୁ ସେହି ବ୍ୟବହାର ଦେବ ଯାହା ତୁମ ପ୍ରତି ପ୍ରାପ୍ୟ (ରୋମୀୟ ୧୩:୭) । ଯେଉଁମାନଙ୍କୁ ତୁମେ କୃତଜ୍ଞତା, ସମ୍ମାନ କିମ୍ବା ଆଜ୍ଞାବହତା ପ୍ରଦାନ କରିବା ଆବଶ୍ୟକ, ତାହା ଦେବା ଆବଶ୍ୟକ । ଯଦି ତୁମେ ଏପରି କରୁ ନାହଁ, ତେବେ ତୁମେ ବିବାଦ ସୃଷ୍ଟି କରିବାର ଦୋଷୀ ଅଟ । ଯଦି ତୁମେ ତୁମର ଦାୟୀତ୍ୱରେ ଅସଫଳ ହେଲ,

ପ୍ରତିଜ୍ଞା ରକ୍ଷା ନ କର କିମ୍ବା ଅନ୍ୟ ପ୍ରତି ଯାହା କରିବା କଥା ତାହା ନ କର ତେବେ ତୁମେ ଶାନ୍ତି ସ୍ଥାପନ କରୁ ନାହଁ । ଯେତେବେଳେ ତୁମେ ଜାଣିପାର ଯେ, ତାହା ଅନ୍ୟକୁ ଦେବା କଥା ତହିଁରେ ବିଫଳ ହୋଇଛ ତେବେ ତୁମେ କ୍ଷମା ମାଗିବା ଉଚିତ ଏବଂ ଯେତେ ବେଶୀ ହେଉ ନା କାହିଁକି ତୁମର କର୍ତ୍ତବ୍ୟ ପୂରଣ କରିବ ।

କିନ୍ତୁ ଆପଣ ଋଣ ପରିଶୋଧ କରିବା ଠାରୁ ଅଧିକ ଶାନ୍ତି ସ୍ଥାପନ କରିବା ଆବଶ୍ୟକ । ଏଥିରେ ଯାହାଙ୍କୁ ଆପଣ କିଛି ଦେବାକୁ ବାଧ୍ୟ ନୁହନ୍ତି, ସେମାନଙ୍କୁ ପ୍ରେମ ଓ ସହାନୁଭୂତି ଦେବା ମଧ୍ୟ ଅଟେ ।

► ଜଣେ ଛାତ୍ର ତୀତସ୍ ୩:୨-୩ ଦଳ ପାଇଁ ପାଠ କରିବେ ।

ଆମେ ଧୈର୍ଯ୍ୟବାନ ଏବଂ କ୍ଷମାଶୀଳ ହେବା ଉଚିତ, ଏହା ବୁଝିବା ଉଚିତ ଯେ, ମନ ପରିବର୍ତ୍ତନ କରି ନ ଥିବା ଲୋକମାନଙ୍କର ଭୁଲ ମନୋଭାବ ଏବଂ ଭୁଲ୍ ଉଦ୍ଦେଶ୍ୟ ଥାଏ ।

ଯଦି ଆପଣ ଶାନ୍ତି ଚାହୁଁଛନ୍ତି, ତେବେ ବିବାଦ ହେଲେ ଆପଣ ସମାଧାନ ଖୋଜିବେ । ଆପଣ କ୍ଷମା ଦେବାକୁ ଚାହିଁବେ । ଆପଣ ଶୀଘ୍ର ମନେ କରିବା ଉଚିତ୍ ନୁହେଁ ଯେ, ଶାନ୍ତି ପୁନଃ ସ୍ଥାପିତ ହୋଇପାରିବ ନାହିଁ । ଏକ ସ୍ଥାୟୀ ବିଭାଜନ ଆପଣ ସହଜରେ ଗ୍ରହଣ କରିବେ ନାହିଁ ।

ଯୀଶୁ କହିଲେ ଯେ, ଯିଏ ତୁମ ପ୍ରତି ଅନ୍ୟାୟ କରିଛି ତୁମେ ସେହି ବ୍ୟକ୍ତି ନିକଟକୁ ଯିବା ଉଚିତ ଏବଂ ସେ କ'ଣ କରିଛି ତାହା ତାକୁ ବୁଝାଇବା ଉଚିତ (ମାଥିଉ ୧୮:୧୫) । ଯଦି ତୁମେ ବିବାଦ ପାଇଁ ମାମଲାକୁ ବହୁତ ଛୋଟ ବୋଲି ଭାବୁଛ, ତେବେ ତୁମେ ଏହା ବିଷୟରେ ଅନ୍ୟମାନଙ୍କୁ କହିବା ଉଚିତ ନୁହେଁ କିମ୍ବା ଭୁଲ୍ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କ୍ଷୋଭ ରଖିବା ଉଚିତ ନୁହେଁ ।

ବେଳେବେଳେ ଲୋକମାନେ ଅନ୍ୟ ବିଶ୍ୱାସୀମାନଙ୍କ ପ୍ରତି କ୍ଷମାହୀନତା ସହିତ ସଂଘର୍ଷ କରନ୍ତି, ଯେଉଁମାନେ ସେମାନଙ୍କ ବିରୁଦ୍ଧରେ ଭୁଲ୍ କରିଛନ୍ତି । ଆମେ ମନ ପରିବର୍ତ୍ତିତ ହୋଇ ନ ଥିବା ଲୋକଙ୍କଠାରୁ ଦୁର୍ବ୍ୟବହାର ଆଶା କରିପାରୁ, କିନ୍ତୁ ଯେତେବେଳେ ଅନ୍ୟ ବିଶ୍ୱାସୀମାନେ ଆମ ବିରୁଦ୍ଧରେ କିଛି ଭୁଲ୍ କରନ୍ତି, ସେତେବେଳେ ଏହା ବୁଝିବା କଷ୍ଟକର ।

ଯୀଶୁ କହିଲେ ଯେ, ଲୋକମାନେ ଆମକୁ ବାରମ୍ବାର ଖରାପ ବ୍ୟବହାର କଲେ ମଧ୍ୟ ଆମେ କ୍ଷମା କରି ଚାଲିବାକୁ ଇଚ୍ଛୁକ ହେବା ଉଚିତ (ମାଥିଉ ୧୮:୨୧-୨୨) । ଲୋକମାନେ ମଣ୍ଡଳୀ ମଣ୍ଡଳୀ ଛାଡ଼ିବା ଏବଂ ଆଧ୍ୟାତ୍ମିକ ଭାବରେ ହାର ମାନିବାର ସାଧାରଣ କାରଣ ହେଉଛି ଖ୍ରୀଷ୍ଟିୟାନମାନଙ୍କଠାରୁ ଦୁର୍ବ୍ୟବହାର ପ୍ରତି ଅସନ୍ତୋଷ । ଅନ୍ୟ ପ୍ରକାରର ଆଧ୍ୟାତ୍ମିକ ବିଫଳତା ପୂର୍ବରୁ ତିକ୍ତତା ପ୍ରାୟତଃ ଆସିଥାଏ ।

ଯେତେବେଳେ ଜଣେ ବ୍ୟକ୍ତି କ୍ଷମା କରିବାକୁ ମନା କରନ୍ତି, ସେ ତାଙ୍କ ଜୀବନର ଏକ କ୍ଷେତ୍ରକୁ ଈଶ୍ୱରଙ୍କ ଅଧିକାରର ପ୍ରତିରୋଧରେ ଲଗାନ୍ତି, କାରଣ ଈଶ୍ୱର ଆମକୁ କ୍ଷମା କରିବାକୁ ଆବଶ୍ୟକ କରନ୍ତି (ଏଫିସୀୟ ୪:୩୨ ପାଠ କରନ୍ତୁ) । ସେହି କ୍ଷେତ୍ର ଏପରି ଏକ କ୍ଷେତ୍ର ହୋଇଯାଏ ଯେଉଁଠାରେ ଶୟତାନ ଜୀବନର ଅନ୍ୟାନ୍ୟ ଅଂଶକୁ ପ୍ରଭାବିତ କରିପାରିବ । ଯଦି ଜଣେ ବ୍ୟକ୍ତି କ୍ଷମା ଦେବାକୁ ମନା କରନ୍ତି, ତେବେ ସେ ବୋଧହୁଏ ସମ୍ପୂର୍ଣ୍ଣ ଅସମ୍ପର୍କିତ ପ୍ରଲୋଭନକୁ ପ୍ରତିରୋଧ କରିପାରିବେ ନାହିଁ ।

ପ୍ରତ୍ୟେକ ବ୍ୟକ୍ତିଗତ ଅପରାଧର ମୂଳ ହେଉଛି ଆମର ଅଧିକାରର ମୂଲ୍ୟ । କାରଣ ଆମେ ବିଶ୍ୱାସ କରୁ ଯେ, ଆମେ କିଛି ନିର୍ଦ୍ଦିଷ୍ଟ ସତ୍କାର କିମ୍ବା ସମ୍ମାନ ପାଇବାକୁ ଯୋଗ୍ୟ ଅଟୁ, ଯେତେବେଳେ ଆମେ ତାହା ପାଇ ନ ଥାଉ, ଆମେ ଅପମାନିତ ହେଉ । ଆମେ ବିଶ୍ୱାସ କରୁ ଯେ, ଆମେ ଯାହା ପାଇଛୁ ତାହାଠାରୁ ଅଧିକ ପାଇବାର ଆମେ ଯୋଗ୍ୟ ଅଟୁ ।

ଅନ୍ୟମାନଙ୍କୁ କ୍ଷମା କରିବାର ଚାବିକାଠି ହେଉଛି ମୁକ୍ତିକୁ ବୁଝିବା । ମୁକ୍ତ କରିବାର ଅର୍ଥ ହେଉଛି ପଛୁଆଇ କିଣି ନେବା । ଯେହେତୁ ଈଶ୍ୱର ଆମକୁ ମୁକ୍ତ କରିଛନ୍ତି, ଆମେ ତାହାଙ୍କର ଅଟୁ ଏବଂ ଆମର ଅଧିକାର ତାଙ୍କ ପାଖରେ ଅଛି । ଆମକୁ ସଚେତନ ଭାବରେ ଆମର ଅଧିକାର ଈଶ୍ୱରଙ୍କୁ ସମର୍ପଣ କରିବାକୁ ପଡ଼ିବ । ଆପଣ ପ୍ରାର୍ଥନା କରିପାରନ୍ତି - "ପ୍ରଭୁ, ମୁଁ ଜାଣେ ମୋର ସମସ୍ତ ଅଧିକାର ତୁମଠାରେ ଅଛି । ସେଗୁଡ଼ିକର ଦାୟିତ୍ୱ ତୁମେ ନିଅ ବୋଲି ମୁଁ ଇଚ୍ଛା କରେ ଏବଂ ମୋ' ପାଇଁ ଯାହା ଉତ୍ତମ କେବଳ ତାହା ମୋତେ ପ୍ରଦାନ କର" । ତା'ପରେ ଯେତେବେଳେ ଲୋକମାନେ ତୁମକୁ ଉତ୍ତମ ବ୍ୟବହାର କରିବେ, ତୁମେ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଇପାରିବ ଯେ ସେ ତୁମକୁ ସେହି ସୁଯୋଗ ପ୍ରଦାନ କରିଛନ୍ତି । ଯେତେବେଳେ ଜଣେ ତୁମ ପ୍ରତି ଖରାପ ବ୍ୟବହାର କରେ, ତେବେ ମନେରଖ ଆପଣଙ୍କ ଅଧିକାରଗୁଡ଼ିକ ଈଶ୍ୱରଙ୍କ ଦାୟିତ୍ୱରେ ଅଛି ଏବଂ ସେହି ସମୟରେ ସେହି ଅଧିକାର ବିନା ଆପଣ ଭଲ ଉନ୍ନତି କରିପାରିଛନ୍ତି ବୋଲି ସେ ଦେଖନ୍ତି ।

ଅନ୍ୟମାନଙ୍କୁ କ୍ଷମା କରିବା ଦ୍ୱାରା, ତୁମେ ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରୁଛ ଏବଂ ତାଙ୍କ ଇଚ୍ଛା ଅନୁସାରେ ବିକଶିତ କରିବାକୁ ତାଙ୍କଠାରେ ସମର୍ପିତ ହେଉଛ । ଈଶ୍ୱରଙ୍କ ନିକଟରେ ନିଜର ଅଧିକାର ସମର୍ପଣ କରିବାର ଏହି ନୀତି ପ୍ରତ୍ୟେକ ମାନବ ସମ୍ପର୍କ ପାଇଁ ପ୍ରଯୁଜ୍ୟ - (କ୍ଷମା ବିଷୟରେ ଅନ୍ୟାନ୍ୟ ଶାସ୍ତ୍ରାଂଶଗୁଡ଼ିକ ହେଉଛି କଲସୀୟ ୩:୧୩, ମାଥିଉ ୬:୧୫ ଏବଂ ରୋମୀୟ ୧୨:୧୯) ।

## ପ୍ରେମର ନୀତି

ଯାହାଙ୍କ ପ୍ରତି ଆମେ ଆଦୌ ଋଣୀ ନୋହୁଁ, ତଥାପି ଆମେ ତାହାଙ୍କ ସହିତ ପ୍ରେମରେ ବ୍ୟବହାର କରିବା ଉଚିତ । କାରଣ ଆମେ ଅନୁଗ୍ରହ ପ୍ରାପ୍ତ ହୋଇଛୁ, ଆମେ ଈଶ୍ୱରଙ୍କଠାରେ ଋଣୀ ଅଟୁ । ଆମେ ତାହାଙ୍କ ଋଣ ସୁଝି ପାରିବା ନାହିଁ । ତାହାଙ୍କର କିଛି ଆବଶ୍ୟକ ନାହିଁ କିନ୍ତୁ ଅଯୋଗ୍ୟ ହୋଇ ଯେଉଁ ପ୍ରେମ ପାଇଅଛୁ ତାହା ଅନ୍ୟକୁ ପ୍ରଦାନ କରିବାକୁ ଈଶ୍ୱର ଆମକୁ କହିଛନ୍ତି ।

"ପରସ୍ପରକୁ ପ୍ରେମ କରିବା ବିନା ଆଉ କାହିଁରେ କାହାରିଠାରେ ଋଣୀ ହୁଅ ନାହିଁ" (ରୋମୀୟ ୧୩:୮) ।

ଜଣେ ବ୍ୟକ୍ତି ପ୍ରକୃତରେ ବିଶ୍ୱାସୀ ଅଟେ ପ୍ରେମ ହେଉଛି ତା'ର ପ୍ରମାଣ ।

> ଈଶ୍ୱରଙ୍କୁ ପ୍ରେମ କରୁଅଛି ବୋଲି କହି ଯଦି କେହି ଆପଣା ଭାଇକୁ ଘୃଣା କରେ, ତାହାହେଲେ ସେ ମିଥ୍ୟାବାଦୀ, ଯେଣୁ ଯେଉଁ ଭାଇକୁ ଦେଖିଅଛି, ଯଦି ତାହାକୁ କେହି ପ୍ରେମ ନ କରେ, ତାହାହେଲେ ଯେଉଁ ଈଶ୍ୱରଙ୍କୁ ସେ ଦେଖି ନାହିଁ, ତାହାଙ୍କୁ ପ୍ରେମ କରି ପାରେ ନାହିଁ (୧ ଯୋହନ ୪:୨୦) ।

ଖ୍ରୀଷ୍ଟ ବିଶ୍ୱାସୀମାନଙ୍କ ମଧ୍ୟରେ ଏକ ବିଶେଷ ପ୍ରେମ ଅଛି ଏବଂ ଅନ୍ୟ ବିଶ୍ୱାସୀମାନଙ୍କ ପ୍ରତି ତୁମର କାର୍ଯ୍ୟ ଏବଂ ମନୋଭାବକୁ ଯୀଶୁ ବ୍ୟକ୍ତିଗତ ଭାବରେ ନିଅନ୍ତି । ବିଚାର ଦିନରେ ସେ କହିବେ, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ମୋହର ଏହି କ୍ଷୁଦ୍ରତମ ଭ୍ରାତୃବୃନ୍ଦଙ୍କ ମଧ୍ୟରୁ ଜଣକ ପ୍ରତି ଏହା କରିଥିବାରୁ ମୋ' ପ୍ରତି ହିଁ ତାହା କରିଅଛ" (ମାଥିଉ ୨୫:୪୦) ।

କିନ୍ତୁ ଖ୍ରୀଷ୍ଟିୟ ପ୍ରେମ କେବଳ ଅନ୍ୟ ବିଶ୍ୱାସୀମାନଙ୍କ ପ୍ରତି ପ୍ରକାଶିତ ହେବା ଉଚିତ ନୁହେଁ । ମାଥିଉ ୫:୪୪-୪୫ରେ ଯୀଶୁ କହଲେ,

> "କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କର, ପୁଣି ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର, ଯେପରି ତୁମ୍ଭେମାନେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ସନ୍ତାନ ହେବ । ସେ ତ ଦୁଷ୍ଟ ଓ ସନ୍ଥ ଉଭୟଙ୍କ ଉପରେ ଆପଣା ସୂର୍ଯ୍ୟ ଉଦୟ କରାନ୍ତି, ପୁଣି ଧାର୍ମିକ ଓ ଅଧାର୍ମିକମାନଙ୍କ ଉପରେ ବୃଷ୍ଟି ବର୍ଷାନ୍ତି ।"

ଯେଉଁମାନେ ଅପମାନ କରନ୍ତି ସେମାନଙ୍କ ପ୍ରତି କିଛି ଲୋକ ଦୟାଭାବ ଦେଖାଇବା କଷ୍ଟକର ହୋଇଥାଏ, କିନ୍ତୁ ଅଭଦ୍ର ହେବା ପାଇଁ କଦାପି କୌଣସି ବାହାନା ନାହିଁ । ଆମେ ଲୋକମାନଙ୍କୁ ସେମାନଙ୍କ ଯୋଗ୍ୟତା ଅନୁସାରେ ବ୍ୟବହାର କରିବା ଉଚିତ ନୁହେଁ । ସେମାନେ ଯୋଗ୍ୟ ହୁଅନ୍ତୁ ବା ନ ହୁଅନ୍ତୁ ସେମାନଙ୍କୁ ଆମେ ପ୍ରେମ ଏବଂ ଦୟା ଦେଖାଇବାର ଅଛି - (୧ କରିନ୍ଥୀୟ ୧୬:୧୪) । ଆମକୁ ମନେରଖିବାକୁ ହେବ ଯେ, ଯେତେବେଳେ ଆମେ ଅଣ ବିଶ୍ୱାସୀ ଥିଲୁ, ଆମେ ଈଶ୍ୱରଙ୍କ ପ୍ରେମ ପାଇବାର ଯୋଗ୍ୟ ନ ଥିଲୁ, ତଥାପି ସେ ଆମକୁ ପ୍ରେମ କଲେ (ତୀତସ ୩:୨-୩) ।

## ସମ୍ମାନର ନୀତି

► ଯଦି ମୁଁ ଆପଣଙ୍କୁ ୧୦୦ ଡଲାର ର ଏକ ମଇଳା ଏବଂ ଛିଣ୍ଡି ଯାଇଥିବା ବିଲ୍ ବନାମୂଲ୍ୟରେ ପ୍ରଦାନ କରେ କ'ଣ ଆପଣ ତାହା ଗ୍ରହଣ କରିବେ? କ'ଣ ଆପଣ ତାହା ମଇଳା ଏବଂ ଛିଣ୍ଡା ବୋଲି ଗ୍ରହଣ କରିବେ ନାହିଁ ?

ଆପଣ ଏହାକୁ ଗ୍ରହଣ କରିବେ କାରଣ ଏହାର ଏକ ମୂଲ୍ୟ ଅଛି ଯାହା ଏହାର ଅବସ୍ଥା ଉପରେ ନିର୍ଭର କରେ ନାହିଁ ।

ପ୍ରତ୍ୟେକ ବ୍ୟକ୍ତି ସମ୍ମାନ ପାଇବାର ଯୋଗ୍ୟ ଅଟନ୍ତି କାରଣ ମାନବଜାତି ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଛି (ଆଦିପୁସ୍ତକ ୧:୨୭) । ଈଶ୍ୱରଙ୍କ ପ୍ରତିମୂର୍ତ୍ତି ପ୍ରତ୍ୟେକ ବ୍ୟକ୍ତିକୁ ଅନ୍ତର୍ନିହିତ ମୂଲ୍ୟ ପ୍ରଦାନ କରେ ।

କିଛି ଲୋକଙ୍କର ବୁଦ୍ଧିମତା ଉଚ୍ଚ ନଥାଇପାରେ । କିଛି ଲୋକଙ୍କ ପାଖରେ ଦକ୍ଷତା, ତାଲିମ କିମ୍ବା ଅନ୍ୟ କିଛି ଅଭାବ ଥାଏ ଯାହା ସେମାନଙ୍କୁ ସାଧାରଣ ମାନଦଣ୍ଡ ଅନୁଯାୟୀ ସଫଳ କିମ୍ବା ଉପଯୋଗୀ କରିପାରିବ । ତଥାପି ସେମାନଙ୍କର ମୂଲ୍ୟ ରହିଛି କାରଣ ସେମାନେ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଥିଲେ ।

ସମସ୍ତ ଲୋକଙ୍କ ପାଖରେ ଏହି ଅତ୍ୟାବଶ୍ୟକ ମୂଲ୍ୟ ଅଛି, ଯଦିଓ ସେମାନେ ସେମାନଙ୍କର ମୂର୍ଖତାପୂର୍ଣ୍ଣ ନିଷ୍ପତ୍ତି ଦ୍ୱାରା ଅନ୍ୟ ଉପାୟରେ ନିଜକୁ କମ୍ ମୂଲ୍ୟବାନ କରିଛନ୍ତି । ଯେଉଁମାନେ ପାଠପଢ଼ା ସମାପ୍ତ ନକରି ସ୍କୁଲ ଛାଡିଛନ୍ତି, ସେମାନଙ୍କର ସ୍ୱାସ୍ଥ୍ୟ ନଷ୍ଟ କରିଛନ୍ତି, କିମ୍ବା ଖରାପ ଅଭ୍ୟାସ ଗଢ଼ିଛନ୍ତି, ସେମାନେ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ବ୍ୟକ୍ତି ଭାବରେ ମୂଲ୍ୟବାନ ଅଟନ୍ତି ।

ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ଅନ୍ତର୍ନିହିତ ମୂଲ୍ୟ ହେତୁ, ଲୋକମାନଙ୍କ ମଧ୍ୟରେ ପ୍ରତ୍ୟେକ ସମ୍ପର୍କରେ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ । ସୌଜନ୍ୟ ହେଉଛି ସର୍ବନିମ୍ନ ।

ହେରଫେର ଏବଂ ଠକେଇ ଭୁଲ, କାରଣ ସମସ୍ତେ ଅନନ୍ତ ପରିଣାମ ସହିତ ନିଷ୍ପତ୍ତି ନିଅନ୍ତି ଏବଂ ନିଷ୍ପତ୍ତି ପାଇଁ ପ୍ରକୃତ କାରଣଗୁଡ଼ିକୁ ଜାଣିବା ଆବଶ୍ୟକ । ଭୁଲ କାରଣ ପାଇଁ ଜଣେ ବ୍ୟକ୍ତିଙ୍କୁ କିଛି ଠିକ୍ କରିବାକୁ ପ୍ରବର୍ତ୍ତାଇବା ସଫଳତା ନୁହେଁ, କାରଣ ସେ ଏପର୍ଯ୍ୟନ୍ତ ସଠିକ୍ ନିଷ୍ପତ୍ତି ନେଇନାହିଁ ।

ଯଥାସମ୍ଭବ, ଆମେ ଲୋକମାନଙ୍କ ସହିତ ସମ୍ମାନର ସହିତ ବ୍ୟବହାର କରିବା ଉଚିତ, ଯେତେବେଳେ ସେମାନଙ୍କର ଆଚରଣ ଭୁଲ ଥାଏ । ଭୁଲ ସଂଶୋଧନ ଏବଂ ଭୁଲର ଦଣ୍ଡ (ଯେଉଁମାନଙ୍କ ପାଖରେ ଏହା କରିବାର ଉପଯୁକ୍ତ ଅଧିକାର ଅଛି) ମଧ୍ୟ ଏହି ସଚେତନା ସହିତ କରାଯାଏ ଯେ ଆମେ ଈଶ୍ୱରଙ୍କ ପ୍ରକୃତିର କିଛି ଅମର ପ୍ରାଣୀଙ୍କ ସହିତ ବ୍ୟବହାର କରୁଛୁ ।

### ଦଳଗତ ଆଲୋଚନା ନିମନ୍ତେ

ସେହି ନୀତିଗୁଡ଼ିକୁ ପ୍ରୟୋଗ କରିବାର ପ୍ରଚୁର ଉଦାହରଣ ରହିବା ଉଚିତ

► କେତେବେଳେ କିଏ ଶାନ୍ତି ପାଳନ କରିବାକୁ ଚେଷ୍ଟା କରିଥିଲେ, ସେୟାର କରନ୍ତୁ ଏବଂ ଉଦାହରଣ ଦିଅନ୍ତୁ ।

► ଯାହାଙ୍କ ବିରୁଦ୍ଧରେ ସେମାନଙ୍କର ଅସନ୍ତୋଷ ଅଛି ସେମାନଙ୍କୁ କ୍ଷମା କରିବା ପାଇଁ ଅଂଶୀଦାର କରନ୍ତୁ ଏବଂ ସଦସ୍ୟମାନଙ୍କଠାରୁ ପ୍ରତିବଦ୍ଧତା ମାଗନ୍ତୁ ।

► ଏପରି ଏକ ପରିସ୍ଥିତି ପାଇଁ ପ୍ରଶ୍ନ କର, ଯେତେବେଳେ ଜଣେ ବ୍ୟକ୍ତି କାହାକୁ ତାଙ୍କ ଯୋଗ୍ୟତାଠାରୁ ଅଧିକ ପ୍ରେମ ଦେଖାଇ ପାରିବ ।

► ଜଣେ ବ୍ୟକ୍ତିଙ୍କ ଆଚରଣ ଭୁଲ୍ ଥିଲେ ମଧ୍ୟ ତାଙ୍କୁ ସମ୍ମାନ ଦେବାର ଅର୍ଥ କ'ଣ ତାହା ଆଲୋଚନା କରନ୍ତୁ ।

## ବାର୍ତ୍ତାଳାପ ନିମନ୍ତେ ବାଇବଲ ନୀତି

► ଏକ ପୁରୁଣା କଥା ଅଛି, "ଖଣ୍ଡାଠାରୁ କଲମ ଅଧିକ ଶକ୍ତିଶାଳୀ" ।ଏହାର ଅର୍ଥ କ'ଣ?

ଯୋଗାଯୋଗରେ, ପ୍ରେରଣାରେ, ଏକ ଧାରଣାରେ ଶକ୍ତି ଅଛି ।ଆପଣ ଲୋକଙ୍କୁ ବାଧ୍ୟ କରିବା ଅପେକ୍ଷା ପ୍ରେରଣା ଦେଇ ଅଧିକ ସାଧନ କରିପାରିବେ ।ଏକ ଧାରଣା - ଏକ ଚିନ୍ତାଧାରା - ଅନେକ ଲୋକଙ୍କୁ ପ୍ରସାରିତ ଏବଂ ପ୍ରଭାବିତ କରିପାରିବ ।

ଭଲ କିମ୍ବା କ୍ଷତି କରିବାର ବାକ୍ୟର ଶକ୍ତି ବିଷୟରେ ବାଇବଲ କହେ (ଯାକୁବ ୩) । ମାନବ ବାର୍ତ୍ତାବାହକମାନଙ୍କୁ ସମର୍ପିତ ସୁସମାଚାରର ଶକ୍ତି ଦ୍ୱାରା ପରିତ୍ରାଣର ଯୋଜନା ସମାପ୍ତ ହୋଇଛି ।

ଆମେ କିପରି ଭଲ କାମ କରିବା ଏବଂ କ୍ଷତିକୁ ଏଡାଇବା ପାଇଁ ଆମର ଶବ୍ଦ ବ୍ୟବହାର କରିପାରିବା? ବାଇବଲ କେତେକ ନୀତି ପ୍ରଦାନ କରେ ।

### (୧) ବହୁତ କଥା କୁହନ୍ତୁ ନାହିଁ ।

"ମୂର୍ଖ ବହୁତ କଥା କହେ ..." (ଉପଦେଶକ ୧୦:୧୪) ।

"ବହୁ ବାକ୍ୟରେ ଧର୍ମର ଅଭାବ ନ ଥାଏ, ମାତ୍ର ଯେ ଆପଣା ଓଷ୍ଠାଧରକୁ ଦମନ କରେ, ସେ ବୁଦ୍ଧିମାନ" (ହିତୋପଦେଶ ୧୦:୧୯) ।

"ଅଜ୍ଞାନ ହିଁ ତୁନି ହେଲେ, ଜ୍ଞାନବାନ ଗଣିତ ହୁଏ; ପୁଣି, ସେ ଆପଣା ଓଷ୍ଠ ବନ୍ଦ କଲେ, ବୁଦ୍ଧିମାନ ଗଣିତ ହୁଏ" (ହିତୋପଦେଶ ୧୭:୨୮) ।

ତେଣୁ ବହୁତ କଥା କୁହନ୍ତୁ ନାହିଁ ।ଅତ୍ୟଧିକ କୁହାଳି ନିଜର କିମ୍ବା ଅନ୍ୟର କଥାକୁ ସଠିକ୍ ମୂଲ୍ୟ ଦିଏ ନାହିଁ ।ସେ ଏପରି କିଛି କୁହନ୍ତି ଯାହା ତାଙ୍କର ପ୍ରକୃତ ଅର୍ଥ ନୁହେଁ, ଏବଂ ସେ ଅନୁମାନ କରନ୍ତି ଯେ ଅନ୍ୟ ଲୋକମାନେ ମଧ୍ୟ ସେହିପରି କରନ୍ତି ।କିଛି ନ ଜାଣି ସେ ମତାମତ ଦେଇଥାଏ । ଯେଉଁ ବିଷୟରେ ଆପଣଙ୍କର ଜ୍ଞାନ ନାହିଁ, ସେ ବିଷୟରେ ମତାମତ ଦେବା ଉଚିତ ନୁହେଁ । ପ୍ରତ୍ୟେକ ମତାମତର ସମାନ ମୂଲ୍ୟ ନାହିଁ ।

**(୨) ଭାବିବା ପୂର୍ବରୁ କଥା କୁହନ୍ତୁ ନାହିଁ ।**

ତୁମର ଭାବନାକୁ ଏପରି ବିବୃତ୍ତି ଦେବାକୁ ଦିଅ ନାହିଁ ଯାହା ପାଇଁ ତୁମେ ଅନୁତାପ କରିବ ।

"ହେ ମୋହର ପ୍ରିୟ ଭାଇମାନେ, ତୁମ୍ଭେମାନେ ଏହା ଜ୍ଞାତ ଅଛ । ପ୍ରତ୍ୟେକ ଜଣ ଶୁଣିବାରେ ତତ୍ପର, କହିବାରେ ଧୀର ପୁଣି କ୍ରୋଧ କରିବାରେ ଧୀର ହେଉ" (ଯାକୁବ ୧:୧୯) ।

"ମୁଖ ଆପଣାର ସବୁ କ୍ରୋଧ ପ୍ରକାଶ କରେ; ମାତ୍ର ଜ୍ଞାନୀ ତାହା ସମ୍ଭାଳି ରଖେ; କରେ" (ହିତୋପଦେଶ ୨୯:୧୧) ।

ଯେ କ୍ରୋଧ କରିବାରେ ଧୀର, ସେ ବଡ଼ ବୁଦ୍ଧିମାନ; ପୁଣି, ହଠାତ୍ କ୍ରୋଧୀ ଅଜ୍ଞାନତାରୂପ (ଧ୍ୱଜା) ଟେକେ" (ହିତୋପଦେଶ ୧୪:୨୯) ।

**(୩) ପ୍ରଥମ ଦେଖାରେ ଏକ ପରିସ୍ଥିତିର ବିଚାର କରନ୍ତୁ ନାହିଁ ।**

"ଯେ ଶୁଣିବା ପୂର୍ବେ ଉତ୍ତର କରେ, ତାହା ତାହାର ପ୍ରତି ଅଜ୍ଞାନତା ଓ ଲଜ୍ଜା'' (ହିତୋପଦେଶ ୧୮:୧୩) ।

"ଯେଉଁ ଲୋକ ପ୍ରଥମେ ଆପଣା ବିବାଦ ଜଣାଏ, ସେ ଧାର୍ମିକ ଦେଖାଯାଏ, ମାତ୍ର ତାହାର ପ୍ରତିବାସୀ ଆସି ତାହାକୁ ପରୀକ୍ଷା କରେ" (ହିତୋପଦେଶ ୧୮:୧୭) ।

ଅଧିକାଂଶ ବିବାଦ ଭୁଲ ବାଝାମଣା ଉପରେ ଆଧାରିତ । ସମୟ ଏବଂ ସତର୍କତା ସାଧାରଣତଃ ସେଗୁଡ଼ିକୁ ସମାଧାନ କରିପାରିବ । ଯଦି କେହି ସଚ୍ଚୋଟତାର ଖ୍ୟାତି ସମ୍ପର୍ଣ୍ଣ ବ୍ୟକ୍ତି ତୁମକୁ କିଛି କହେ ଯାହା ତୁମକୁ ଭୁଲ୍ ମନେହୁଏ, ତେବେ ସେହି ବ୍ୟକ୍ତିଙ୍କୁ ଶୀଘ୍ର ବିଚାର କର ନାହିଁ ।

"ଯେଉଁ ଲୋକ ପଥରେ ଯାଉ ଯାଉ ଆପଣାର ଅସମ୍ପର୍କୀୟ ବିବାଦରେ ରାଗାନ୍ୱିତ ହୁଏ, ସେ କୁକ୍କୁର କାନ ଧରିବା ଲୋକ ତୁଲ୍ୟ" (ହିତୋପଦେଶ ୨୬:୧୭) ।

**(୪) ହାସ୍ୟରସ ସହିତ ସତର୍କ ରୁହନ୍ତୁ ।**

ଶବ୍ଦର ପ୍ରଭାବ ହେତୁ, ଅନିୟନ୍ତ୍ରିତ ହାସ୍ୟରସ ପାଗଳ ହାତରେ ଏକ ଅସ୍ତ୍ର ସଦୃଶ ।

"ଆପଣା ପ୍ରତିବାସୀକି ଯେଉଁ ଲୋକ ଭୁଲାଇ କହେ, ମୁଁ କ'ଣ କୌତୁକ କରୁ ନାହିଁ? ସେ ସେପରି'' (ହିତୋପଦେଶ ୨୬:୧୮-୧୯) ।

ଆପଣଙ୍କ କୌତୁକକୁ ବିଶ୍ୱାସ କରିବା କାରଣରୁ ଲୋକମାନଙ୍କୁ ଗଭୀର ଭୁଲ୍ କରିବାର କାରଣ ହୁଅନ୍ତୁ ନାହିଁ । ଯେତେବେଳେ ଆପଣ ଗମ୍ଭୀର ନୁହଁନ୍ତି, କୁହନ୍ତୁ ନାହିଁ ଯେ ଆପଣ ଗମ୍ଭୀର ଅଟନ୍ତି - ନ ହେଲେ ସେମାନେ ଆପଣାଙ୍କୁ ପୁନର୍ବାର ବିଶ୍ୱାସ କରିବେ ନାହିଁ । ଯେଉଁ ଦୋଷଗୁଡ଼ିକ ସାହାଯ୍ୟ କରିପାରିବେ ନାହିଁ, ସେଗୁଡ଼ିକୁ ଉପହାସ କର ନାହିଁ। କାହାର ବିଫଳତାରେ ମଜା କରନ୍ତୁ ନାହିଁ । ପାପକୁ ସାମାନ୍ୟ ମନେ କରୁଥିବା ମଜା କଥା କୁହନ୍ତୁ ନାହିଁ।

► ହାସ୍ୟରସ ପାଇଁ ଆଉ କ'ଣ ଭୁଲ୍ ବ୍ୟବହାର?

**(୫) ଭୁଲ୍ ବ୍ୟକ୍ତି ପ୍ରତି ଏହା କୁହନ୍ତୁ ନାହିଁ ।**

"ଯେ ଖଟୁଆ ହୋଇ ବୁଲେ, ସେ ଗୁପ୍ତ କଥା ପ୍ରକାଶ କରେ, ମାତ୍ର ଯାହାର ବିଶ୍ୱସ୍ତ ମନ, ସେ କଥା ଢାଙ୍କେ" (ହିତୋପଦେଶ ୧୧:୧୩) ।

"କାଷ୍ଠ ଶେଷ ହେଲେ ଅଗ୍ନି ନିଭି ଯାଏ, କର୍ଣ୍ଣେଜପ ନ ଥିଲେ କଳି ନିବୃତ୍ତ ହୁଏ'' (ହିତୋପଦେଶ ୨୬:୨୦) ।

କିଛି କହିବାର ଆବଶ୍ୟକତା ପଡ଼ିପାରେ, କିନ୍ତୁ ତୁମେ ତାହା କହିବା ପାଇଁ ଠିକ୍ ବ୍ୟକ୍ତି ନ ହୋଇପାରେ । ଯେଉଁ କର୍ତ୍ତୃପକ୍ଷ ଏହା କହିବା ଉଚିତ, ତାଙ୍କ ସ୍ଥାନରେ ତୁମେ ଏହା କହିବା ଉଚିତ ନୁହେଁ।

ଲୋକମାନଙ୍କର ତ୍ରୁଟି ବିଷୟରେ ସୂଚନା ପ୍ରସାରଣ କର ନାହିଁ।

ଯଦି ଲୋକମାନେ ଭାବନ୍ତି ଯେ, ତୁମେ ଅନ୍ୟମାନଙ୍କୁ କହିବ, ତେବେ ସେମାନେ ତୁମକୁ ବ୍ୟକ୍ତିଗତ ସୂଚନା ସହିତ ବିଶ୍ୱାସ କରିବେ ନାହିଁ ।

"ଆପଣା ପ୍ରତିବାସୀ ସହିତ ଆପଣା ବିବାଦର ପ୍ରତିବାଦ କର, ପୁଣି ପରର ଗୋପନୀୟ କଥା ପ୍ରକାଶ କର ନାହିଁ'' (ହିତୋପଦେଶ ୨୫:୯) ।

ମାଥିଉ ୧୮:୧୫-୧୭ ରେ, ଜଣେ କାପୁରୁଷ ପ୍ରକ୍ରିୟା ଅନୁସରଣ କରିବା ପରିବର୍ତ୍ତେ ଭୁଲ୍ ଲୋକଙ୍କୁ ନିଜର ସମସ୍ୟା କହିଥାଏ ।

**(୬) ସମାଲୋଚନା ପ୍ରତି ସତର୍କ ରୁହନ୍ତୁ ।**

ସମାଲୋଚନା କରିବାର ଏକ ସଠିକ୍ ସମୟ ଏବଂ ଉପାୟ ଅଛି ।

"ଗୁପ୍ତ ପ୍ରେମଠାରୁ ପ୍ରକାଶିତ ଅନୁଯୋଗ ଭଲ । ପ୍ରେମକାରୀର କ୍ଷତ ବିଶ୍ୱାସ୍ୟ..." (ହିତୋପଦେଶ ୨୭:୫-୬) ।

ନିଶ୍ଚିତ କରନ୍ତୁ ଯେ, ତୁମର ସମାଲୋଚନା ନଷ୍ଟ କରିବା ପାଇଁ ନୁହେଁ ବରଂ ନିର୍ମାଣ କରିବା ପାଇଁ ଅଟେ । ତୁମେ ଦେଖାଇବା ଉଚିତ୍ ଯେ, ତୁମେ ସେମାନଙ୍କ ବିଷୟରେ ଚିନ୍ତା କରୁଛ ଏବଂ ସାହାଯ୍ୟ କରିବାକୁ ଚାହୁଁଛ । ସାଧାରଣତଃ ତୁମର ସମାଲୋଚନା ସାହାଯ୍ୟ କରିବା ପୂର୍ବରୁ ଏକ ସୁସ୍ଥ ସମ୍ପର୍କ ଆବଶ୍ୟକ ।

**(୭) ପ୍ରତାରଣା କର ନାହିଁ**

"ପରସ୍ପର ମିଥ୍ୟା କୁହ ନାହିଁ; ତୁମ୍ଭେମାନେ ତ ପୁରାତନ ସ୍ୱଭାବ ଓ ସେଥିର ସମସ୍ତ କର୍ମ ପରିତ୍ୟାଗ କରି ନୂତନ ସ୍ୱଭାବ" (କଲସୀୟ ୩:୯-୧୦) ।

ପ୍ରତାରଣା ଖ୍ରୀଷ୍ଟିୟାନ ଜୀବନରେ ନୁହେଁ ବରଂ ପାପ ପୂର୍ଣ୍ଣ ଜୀବନରେ ଫିଟ୍ ହୁଏ ।

"ମିଥ୍ୟାବାଦୀ ଓଷ୍ଠ ସଦାପ୍ରଭୁଙ୍କ ଘୃଣା ବିଷୟ; ମାତ୍ର ଯେଉଁମାନେ ସତ୍ୟ ବ୍ୟବହାର କରନ୍ତି, ସେମାନେ ତାହାଙ୍କର ତୁଷ୍ଟିକର" (ହିତୋପଦେଶ ୧୨:୨୨) ।

**(୮) ତୁମର କଥା ପବିତ୍ର ରଖ ।**

"ପୁଣି ଯାହା ଯାହା ଅନୁପଯୁକ୍ତ, ଏପରି କୁତ୍ସିତ ବ୍ୟବହାର ବା ଅସାର କଥା ବା ହାସ୍ୟପରିହାସ ତୁମ୍ଭମାନଙ୍କ ମଧ୍ୟରେ ନ ହେଉ, ବରଂ ଧନ୍ୟବାଦ ଦିଆଯାଉ" (ଏଫିସୀୟ ୫:୪) ।

ଏକ ପରିସ୍ଥିତିର ଆନୁଷ୍ଠାନିକ ଭାବରେ ମୁକାବିଲା କରିବା ପାଇଁ ଉପଯୁକ୍ତ ସମୟରେ ବ୍ୟତୀତ ଅତୀତ କିମ୍ବା ବର୍ତ୍ତମାନର ଦୁର୍ନୀତି ବିଷୟରେ କୁହନ୍ତୁ ନାହିଁ । ଯେଉଁ ମଜାଗୁଡ଼ିକୁ ତୁମେ ଗୁପ୍ତ ଭାବରେ କହିବାକୁ ପଡ଼ିବ ତାହା କୁହ ନାହିଁ । ଜଗତର ଲୋକମାନେ ସାଧାରଣତଃ ସେମାନଙ୍କ ଉଦ୍‌ବୋଧକ ଶବ୍ଦରେ ଯୌନ ଶବ୍ଦ କିମ୍ବା ଶରୀରର ଗୁପ୍ତ ଅଙ୍ଗ ବ୍ୟବହାର କରନ୍ତି, କିନ୍ତୁ ତାହା ଜଣେ ବିଶ୍ୱାସୀ ପାଇଁ ସଠିକ୍ ନୁହେଁ । ଯଦି ଆପଣ ଆନ୍ତିରିକ ଭାବରେ ସାହାଯ୍ୟ ପାଇଁ ଈଶ୍ୱରଙ୍କୁ ଡାକୁ ନାହାନ୍ତି, ତେବେ ଚାପ ସମୟରେ ଈଶ୍ୱର କିମ୍ବା ଯୀଶୁଙ୍କୁ ଉଦ୍‌ବୋଧକ ଶବ୍ଦ ଉପରେ ବ୍ୟବହାର କରିବା ଅପ୍ରୀତିକର ଅଟେ ।

**(୯) ତୁମ କଥାରେ ଲୋକମାନଙ୍କୁ ବିଭାଜିତ କର ନାହିଁ ।**

"କୁଟିଳ ମନୁଷ୍ୟ କଳି ବୁଣେ, ପୁଣି କର୍ଣ୍ଣେଜପ ବିଶେଷ ମିତ୍ରଗଣକୁ ବିଭିନ୍ନ କରେ'' (ହିତୋପଦେଶ ୧୬:୨୮) ।

"ଛଅଗୋଟି ବିଷୟକୁ ସଦାପ୍ରଭୁ ଘୃଣା କରନ୍ତି; ସପ୍ତବସ୍ତୁ ମଧ୍ୟ ତାହାଙ୍କର ଘୃଣାଯୋଗ୍ୟ ... (ସପ୍ତମଟି) ମିଥ୍ୟାସାକ୍ଷୀ ଯେ ମିଥ୍ୟା କହେ ଓ ଯେ ଭାଇମାନଙ୍କ ମଧ୍ୟରେ କଳିର ବୀଜ ବୁଣେ'' (ହିତୋପଦେଶ ୬:୧୬, ୧୯) ।

ଅନ୍ୟ କାହାର ଖର୍ଚ୍ଚରେ ନିଜକୁ ଭଲ ଦେଖାଇବାକୁ ଚେଷ୍ଟା କର ନାହିଁ । ଅନ୍ୟମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କର ନାହିଁ । ଚର୍ଚ୍ଚା କରି କାହର ସେବାର ପ୍ରଭାବକୁ କ୍ଷତି ପହଞ୍ଚାଅ ନାହିଁ ।

କହିବା ପୂର୍ବରୁ କେବଳ "ଏହା ସତ୍ୟ" ବୋଲି ନୁହେଁ, କିନ୍ତୁ "କାହିଁକି ମୁଁ ଏହା କହିବି ?" ବୋଲି ବିଚାର କର ।

**ଉପସଂହାର :**

ଜଣେ ବିଶ୍ୱାସୀ ଯଦି ମନେ କରନ୍ତି ଯେ, ତାଙ୍କର କଥାରେ କାହାକୁ କ୍ଷତି ପହଞ୍ଚାଇଛନ୍ତି, ତେବେ ସେ କ୍ଷମା ମାଗିବା ଉଚିତ । ଯଦି ସେ ଜାଣିପାରନ୍ତି ଯେ, ସେ ଯାହା କହିଛନ୍ତି ତାହା ସଠିକ୍ ନୁହେଁ, ତେବେ ସେ ତାହା ସଂଶୋଧନ କରିବାକୁ ପ୍ରସ୍ତୁତ ହେବା ଉଚିତ ।

ଅନ୍ୟମାନଙ୍କର କ୍ଷତିକାରକ ଏବଂ ଆପତ୍ତିଜନକ ଶବ୍ଦଗୁଡ଼ିକ ତୁମର ଭୁଲ୍ କଥାର ଯଥାର୍ଥତା ପ୍ରମାଣିତ କରେ ନାହିଁ ।

କଥାବାର୍ତ୍ତାରେ କିଛି ତ୍ରୁଟି ଅଛି ଯାହାକୁ ଆପଣ ଧିରେ ଧିରେ ସୁଧାର କରିପାରିବେ । ଉଦାହରଣ ସ୍ୱରୂପ, ତୁମେ କହିବା ପୂର୍ବରୁ ଭାବିବା ପାଇଁ ଶିଖିପାରିବେ । ଅନ୍ୟ କିଛି ତ୍ରୁଟି ଅଛି ଯାହା ହୃଦୟରେ ସମସ୍ୟା ଦେଖାଏ, ଯେପରିକି ଆପଣଙ୍କ କଥାରେ କାହାକୁ ଆଘାତ ଦେବାର ଇଚ୍ଛା । ଯଦି ଆପଣ ସେହି ପ୍ରକାରର କଥା ପାଇଁ ଦୋଷୀ, ତେବେ ଆପଣଙ୍କୁ ଈଶ୍ୱରଙ୍କଠାରେ କ୍ଷମା ମାଗିବାକୁ ପଡ଼ିବ ଏବଂ ଆପଣଙ୍କ ହୃଦୟକୁ ସେହି ପ୍ରବୃତ୍ତିରୁ ପରିଷ୍କାର କରିବାକୁ ପଡ଼ିବ ।

ଆପଣଙ୍କର କଥା ଆପଣଙ୍କର ହୃଦୟ ବିଷୟରେ ବହୁତ କିଛି ପ୍ରକାଶ କରେ (ଲୂକ ୬:୪୫) । ଖ୍ରୀଷ୍ଟିଆନ ମୂଲ୍ୟବୋଧ ସହିତ ସୁସଙ୍ଗତ ନୁହେଁ ବୋଲି କହି ଆପଣଙ୍କ ଖ୍ରୀଷ୍ଟିଆନ ସାକ୍ଷ୍ୟକୁ କ୍ଷତି ପହଞ୍ଚାନ୍ତୁ ନାହିଁ।

ଆପଣଙ୍କୁ ଚତୁଃପାର୍ଶ୍ୱର୍ରେ ଥିବା ଲୋକଙ୍କୁ ଆପଣଙ୍କର ବଚନ ଆଶୀର୍ବାଦ କରିପାରିବ । ଅଧିକାଂଶ ସେବାକାର୍ଯ୍ୟ ଯୋଗାଯୋଗ ଉପରେ ଆଧାରିତ । ଯଦି ଆପଣ ବାଇବଲର ନୀତିଗୁଡ଼ିକୁ ଅନୁସରଣ କରିବେ, ତେବେ ଆପଣଙ୍କର କଥାର ପ୍ରଭାବ ବହୁତ ବଢ଼ିପାରିବ ।

## ଦଳଗତ ଆଲୋଚନା ନିମନ୍ତେ

► ଅଧିକାଂଶ ଲୋକମାନେ ନିଜର ଦୋଷକୁ ନ ଦେଖି ଅନ୍ୟମାନଙ୍କର କଥାର ଦୋଷକୁ ଦେଖିଥା'ନ୍ତି । ଦଳର ମନିଟର ଏହି ନୀତିଗୁଡ଼ିକ ମଧ୍ୟରୁ ଗୋଟିଏରେ ଅନୁସରଣ କରିବାକୁ କେବେ ବିଫଳ ହୋଇଛନ୍ତି ତା'ର ଏକ ଦୃଷ୍ଟାନ୍ତ ଦେବେ କି । ଏଥିମଧ୍ୟରୁ କେଉଁଥିରେ ସେ ଦୁର୍ବଳ ଅଟନ୍ତି ତାହା ସ୍ୱୀକାର କରିବେ ।

► ସଦସ୍ୟମାନଙ୍କୁ ପଚାରନ୍ତୁ, କେଉଁଥିରେ ସେମାନେ ଦୁର୍ବଳ ଅଟନ୍ତି ଏବଂ ଈଶ୍ୱରଙ୍କ ସାହାଯ୍ୟରେ ଉନ୍ନତି କରିପାରିବେ ।

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା,

ମୋର ସମସ୍ତ ସମ୍ପର୍କରେ ଶାନ୍ତି, ପ୍ରେମ ଏବଂ ସମ୍ମାନର ଆଧ୍ୟାତ୍ମିକ ନୀତି ଅନୁସାରେ ବଞ୍ଚିବାକୁ ମୋତେ ସାହାଯ୍ୟ କର । ଯେଉଁମାନେ ମୋ' ପ୍ରତି ଭୁଲ୍ କରନ୍ତି, ମୁଁ ସେମାନଙ୍କୁ କ୍ଷମା ଦେବାକୁ ଚାହେଁ । ମୋ' ସହିତ ଯେଉଁମାନେ ବିବାଦରେ ଅଛନ୍ତି ସେମାନଙ୍କ ସହିତ ସମାଧାନ କରିବାକୁ ମୋତେ ସାହାଯ୍ୟ କର ।

ପ୍ରତ୍ୟେକଙ୍କୁ ସମ୍ମାନ ଦେବା ପାଇଁ ମୋତେ ସାହାଯ୍ୟ କର, ଯେହେତୁ ସେମାନେ ତୁମର ପ୍ରତିମୂର୍ତ୍ତିରେ ଗଢ଼ା ଅଟନ୍ତି । ମୋ' କଥାବାର୍ତ୍ତାର ପ୍ରଭାବକୁ ମନେରଖିବାରେ ଏବଂ ମୋ' କଥାର ଦାୟୀତ୍ୱ ନେବାରେ ମୋତେ ସାହାଯ୍ୟ କର । ମୁଁ ଚାହେଁ ମୋ' କଥା କ୍ଷତି ନୁହେଁ ବରଂ ଭଲ କରୁ ।

ମୁଁ ଚାହେଁ ଯେ, ତୁମ ପାଇଁ ମୋର ସାକ୍ଷ୍ୟକୁ ସମ୍ମାନ ଦିଆଯାଉ ।

ତୁମର ସତ୍ୟ ପ୍ରକାଶ କରିବାର ସୁଯୋଗ ପାଇଁ ଧନ୍ୟବାଦ ଜ୍ଞାପନ କରୁଅଛି ।

ଆମେନ୍

## ପାଠ ୪ - ଦିଆଯାଇଥିବା କାର୍ଯ୍ୟ

(୧) ଯାକୁବ ୩ ପର୍ବ ପାଠ କର । ଏଠାରେ ବର୍ଣ୍ଣନା କରାଯାଇଥିବା କଥାବାର୍ତ୍ତାର ମହାନ ସମ୍ଭାବନାକୁ ନିରୀକ୍ଷଣ କର । ୧୩-୧୮ ପଦରେ ବ୍ୟକ୍ତିର ଆଧ୍ୟାତ୍ମିକ ଅବସ୍ଥାରୁ କଥାବାର୍ତ୍ତା କିପରି ସ୍ୱାଭାବିକ ଭାବରେ ପ୍ରବାହିତ ହୁଏ ତାହା ଲକ୍ଷ୍ୟ କର । ଏଫିସୀୟ ୪:୨୫-୩୨ ପାଠ କର, ଏହି ଶାସ୍ତ୍ରାଂଶର ପ୍ରତ୍ୟୁତ୍ତର ଏକ ଅନୁଚ୍ଛେଦ ପ୍ରାର୍ଥନା ଲେଖ ।

(୨) ଏଫିସୀୟ ୫:୨୨-୬:୯ ପାଠ କର, ବିଭିନ୍ନ ସମ୍ପର୍କଗୁଡ଼ିକରେ ଆଚରଣର ନିର୍ଦ୍ଦିଷ୍ଟ ଦିଗଗୁଡ଼ିକୁ ତାଲିକାଭୁକ୍ତ କର ଏବଂ ବ୍ୟାଖ୍ୟା କର । ଏହି ପାଠରେ ଆଲୋଚନା ହୋଇଥିବା ପ୍ରେମ, ଶାନ୍ତି ଏବଂ ସମ୍ମାନର ନୀତି ସହିତ ଏହି ନିର୍ଦ୍ଦେଶଗୁଡ଼ିକ କିପରି ଜଡ଼ିତ ତାହାର ଏକ ବର୍ଣ୍ଣନା ଲେଖ ।

(୩) ନିମ୍ନ ଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ତିନୋଟି ବାଛ । ସେଗୁଡ଼ିକର ପ୍ରତିଟି ଉପରେ ଏକ ଉତ୍ତର ସ୍ୱରୂପେ ଅନୁଚ୍ଛେଦ ଲେଖ ।

- ଈଶ୍ୱର ଆମକୁ ଆମ ସମ୍ପର୍କରେ ଶାନ୍ତି ସ୍ଥାପନ କରିବାକୁ ଆହ୍ୱାନ କରିଛନ୍ତି, ଏହାର ବ୍ୟବହାରିକ ପ୍ରଭାବ କ'ଣ ଅଟେ?
- ନିଜର ପରିତ୍ରାଣ ପାଇଁ ଅନ୍ୟମାନଙ୍କୁ କ୍ଷମା କରିବା କାହିଁକି ଜରୁରୀ?
- ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ନିଜର ଅଧିକାର ଦେବାର ଅର୍ଥ କ'ଣ ଅଟେ?
- ଯେଉଁମାନେ ଅଯୋଗ୍ୟ ହୋଇପାରନ୍ତି ସେମାନଙ୍କ ପ୍ରତି ଆମର ପ୍ରେମର ପ୍ରେରଣା କ'ଣ ଅଟେ?
- ପ୍ରତ୍ୟେକ ଲୋକ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଥିବା ସତ୍ୟ ଅନ୍ୟମାନଙ୍କ ସହିତ ଆମର ସମ୍ପର୍କକୁ କିପରି ପ୍ରଭାବିତ କରିବା ଉଚିତ?

# ପାଠ - ୫

# ଈଶ୍ୱରଙ୍କ ପଥ ପ୍ରଦର୍ଶନ

## ପାଠର ଉଦ୍ଦେଶ୍ୟ

ଏହି ପାଠର ଶେଷ ସୁଦ୍ଧା ଛାତ୍ର ଛାତ୍ରୀମାନେ ଯେପରି :

(୧) ବୁଝିପାରିବେ ଯେ, ନିଷ୍ପତ୍ତି ନେବାରେ ଈଶ୍ୱର ଆମକୁ କିପରି ସାହାଯ୍ୟ କରନ୍ତି ।

(୨) ଜାଣିପାରିବେ ଯେ, କିପରି ଈଶ୍ୱରଙ୍କ ଇଚ୍ଛାକୁ ବୁଝିବେ ଏବଂ ଭଲ ନିଷ୍ପତ୍ତି ନେବା ପାଇଁ ପ୍ରସ୍ତୁତ ରହିବେ ।

(୩) ଦିଗ ଖୋଜିବା ସମୟରେ ତୃଟି ଏଡ଼ାଇ ପାରିବେ ।

## ପାଲୁରେ ସୁନାମି, ଯୋଗାଯୋଗର ଏକ ବିଫଳତା

ସେପ୍ଟେମ୍ବର ୨୦୧୮ ରେ ଏକ ଦ୍ୱୀପ ତଳେ ଏକ ଭୂମିକମ୍ପ ଯୋଗୁ ସୁନାମି (ଏକ ବିଶାଳ ସାମୁଦ୍ରିକ ତରଙ୍ଗ) ଇଣ୍ଡୋନେସିଆର ପାଲୁ ସହର ଆଡ଼କୁ ଗତି କରିଥିଲା । ଏକ ଉଚ୍ଚ କୋଠାଘର ଉପରୁ ଜଣେ ଲୋକ ଢେଉ ମାଡ଼ି ଆସିବାର ଦେଖିଲା । ସେ ରାସ୍ତାରେ ଯାଉଥିବା ଲୋକଙ୍କୁ ସତର୍କ କରାଇଥିଲା, କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକେ ତା'ର କଥା ଶୁଣିଲେ ନାହିଁ । ୪୦୦୦ ଊର୍ଦ୍ଧ୍ୱ ଲୋକ ମଲେ ଏବଂ ପ୍ରାୟ ୧୦,୦୦୦ ଲୋକ ଆହତ ହେଲେ ।

୧୦ ବର୍ଷ ପୂର୍ବରୁ (୨୦୦୮ ରେ) ସରକାର ୨୨ଟି ଭାସମାନ ବସ୍ତୁ ରଖିଥିଲେ ଯେଉଁଥିରେ ସୁନାମି ଆସିଲେ ସତର୍କତା ପଠାଇବା ପାଇଁ ଇଲେକ୍ଟ୍ରୋନିକ୍ ସେନ୍ସର ଡିଜାଇନ୍ କରାଯାଉଥିଲା । ମାତ୍ର ପରବର୍ତ୍ତୀ କିଛି ବର୍ଷ ମଧ୍ୟରେ, ବସ୍ତୁଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଇ ନ ଥିଲା ଏବଂ ସେ ସବୁ କାମ କରିବା ବନ୍ଦ କରି ଦେଇଥିଲେ । ସେମାନଙ୍କ ମଧ୍ୟରୁ କେହି ୨୦୧୮ ରେ ହୋଇଥିବା ସୁନାମିର ବିଷୟରେ ସତର୍କତା କରାଇ ନ ଥିଲେ ।

## ଆମର କମାଣ୍ଡର ସହିତ ଯୋଗାଯୋଗ

► ପ୍ରତ୍ୟେକ ସାମରୀକ ଯାନବାହନରେ କେଉଁ ବିଷୟଟି ସ୍ଥାପିତ କରାଯାଇଥାଏ?

ପ୍ରତ୍ୟେକ ଟ୍ୟାଙ୍କ, ଜିପ୍ ଏବଂ ପ୍ଳେନ୍‌ରେ ଏକ ରେଡିଓ ଅଛି । ଏହି ରେଡିଓ ସୈନ୍ୟମାନଙ୍କ ନିମନ୍ତେ ସେମାନଙ୍କର ମନ ପସନ୍ଦର ଗୀତ ଶୁଣିବାକୁ ନୁହେଁ ବରଂ ଏହି ରେଡିଓ ସେମାନଙ୍କ ସହିତ ଯୋଗାଯୋଗ କରିବା ନିମନ୍ତେ ।

ଏକ ଯୁଦ୍ଧ ଜୟ କରିବାକୁ ଯୋଗାଯୋଗ ପ୍ରମୁଖ ଅଟେ । ଯୁଦ୍ଧ କ୍ଷେତ୍ରରେ ଯେତେବେଳେ ସୈନ୍ୟ ଥାଏ ସେ ସବୁ ଦିଗକୁ ଦେଖିପାରେ ନାହିଁ । ସେମାନେ ହୁଏତ ଜାଣି ନ ପାରନ୍ତି ଯେ ସେମାନଙ୍କ ବନ୍ଧୁ କେଉଁଠି ଏବଂ ଶତ୍ରୁ କେଉଁଠି । ସେମାନେ ଜାଣିପାରନ୍ତି ନାହିଁ କେଉଁ ଦିଗକୁ ଗୁଳି କରିବେ ଏବଂ କେଉଁ ଦିଗକୁ ସେମାନେ ଯିବେ କେବଳ ସେମାନଙ୍କର ସେନାପତିଙ୍କ ନିର୍ଦ୍ଦେଶ ବିନା ।

ଅନେକ ଘଟଣା ଘଟିଛି ଯେଉଁଠାରେ ସୈନିକମାନେ ସେମାନଙ୍କ ସାଥି ସୈନିକମାନଙ୍କ "ବନ୍ଧୁତ୍ୱପୂର୍ଣ୍ଣ ଗୁଳି" ଦ୍ୱାରା, ଭୁଲ ନିର୍ଦ୍ଦେଶିତ ଗୁଳିରେ ପ୍ରାଣ ହରାଇଛନ୍ତି । ଖରାପ ଯୋଗାଯୋଗ ଯୋଗୁଁ ଏପରି ସମୟ ଆସିଛି ଯେତେବେଳେ କ୍ଷେପଣାସ୍ତ୍ର ଏବଂ ବୋମା ଶତ୍ରୁଙ୍କ ବଦଳରେ ବନ୍ଧୁମାନଙ୍କ ଉପରେ ପଡ଼ିଛି ।

ଆଧୁନିକ ଯୁଦ୍ଧରେ, ଶତ୍ରୁର ଯୋଗାଯୋଗ କେନ୍ଦ୍ରକୁ ଭାଙ୍ଗି ଦେବାକୁ ଚେଷ୍ଟା କରିବା ଏକ ସାଧାରଣ ରଣନୀତି । ଯେଉଁ ପକ୍ଷ ଏଥିରେ ସଫଳ ହୁଏ, ସେ ଯୁଦ୍ଧରେ ବିଜୟୀ ହେବ ।

ଏକ ଆତ୍ମିକ ଯୁଦ୍ଧରେ ଆମେ ଅଛୁ । ଶୟତାନ ଆମକୁ ପ୍ରଲୋଭିତ କରେ ଏବଂ ପ୍ରତାରଣା କରିବାକୁ ଚେଷ୍ଟା କରେ । ଜଗତ ଆମକୁ ଏହାର ଜୀବନଶୈଳୀ ଏବଂ ମୂଲ୍ୟବୋଧ ଭିତରକୁ ଟାଣି ନେବାକୁ ଚେଷ୍ଟା କରୁଛି । ଆମ ଚତୁର୍ଦ୍ଦିଗରେ ଥିବା ଲୋକମାନେ ବେଳେବେଳେ ଆମକୁ ଈଶ୍ୱରଙ୍କ ପାଇଁ ବଞ୍ଚିବାରୁ ବାଧା ଦିଅନ୍ତି ଏବଂ ନିରୁତ୍ସାହିତ କରନ୍ତି । ଆମେ ଏକ ଶତ୍ରୁ ଦେଶର ସୈନିକ ଅଟୁ, ଆମର କେବଳ ଅଳ୍ପ ବନ୍ଧୁ ଅଛନ୍ତି ଏବଂ ଶତ୍ରୁ ଅନେକ ଅଛନ୍ତି ।

**ଈଶ୍ୱର ଚାହାନ୍ତି, ଆମେ ଆତ୍ମିକ ଯୁଦ୍ଧରେ ବିଜୟୀ ହେଉ । ପ୍ରାର୍ଥନା ହେଉଛି ଆମର ସେନାପତିଙ୍କ ସହ ଯୋଗାଯୋଗ କରିବାର ମାଧ୍ୟମ ଅଟେ ।**

ଚିନ୍ତା କରନ୍ତୁ ଏକ ଯୁଦ୍ଧ କ୍ଷେତ୍ରରେ ଜଣେ ସୈନିକ ଯିଏ ତା'ର ସେନାପତିର ନିର୍ଦ୍ଦେଶକୁ ନ ମାନି ନିଜ ଇଚ୍ଛାରେ ଚାଲେ । ସେ ଭଲ ବଦଳରେ କ୍ଷତି କରିପାରେ; ସେ ଲୋକମାନଙ୍କୁ ସାହାଯ୍ୟ କରିବାରେ ବିଫଳ ହୋଇପାରେ ଯେଉଁମାନେ ତା' ଉପରେ ନିର୍ଭର କରନ୍ତି ଏବଂ ସେ ସମ୍ଭବତଃ ଧରାପଡ଼ିପାରେ କିମ୍ବା ନିହତ ହୋଇପାରେ ।

> ସର୍ବପ୍ରକାର ପ୍ରାର୍ଥନା ଓ ନିବେଦନରେ ସର୍ବଦା ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କର, ପୁଣି ସମସ୍ତ ସାଧୁଙ୍କ ନିମନ୍ତେ ଏକାଗ୍ର ଉଦ୍ୟମ ଓ ନିବେଦନ କରିବାରେ ଜାଗି ରହି ପ୍ରାର୍ଥନା କର (ଏଫିସୀୟ ୬:୧୮) ।

ଏକ ଶାସ୍ତ୍ରାଂଶର ଶେଷ ଭାଗରେ ଏହି ପଦ ଆସେ ଯେଉଁଠାରେ ପାଉଲ ତାଙ୍କ ଯୁଗର ସାମରିକ କବଚ ସହିତ ଜଣେ ବିଶ୍ୱାସୀର ଆତ୍ମିକ କବଚକୁ ଚିତ୍ରଣ କରିଥିଲେ । ସେ କହିଥିଲେ, ଯେ ଆମର ଶତ୍ରୁମାନେ ଶାରୀରିକ ନୁହଁନ୍ତି, ମାତ୍ର ଆମର ଶତ୍ରୁ ଆତ୍ମିକ ଅଟନ୍ତି ।

ହୁଏତ ସେହି ସମୟରେ ସୈନିକମାନଙ୍କ ନିମନ୍ତେ ରେଡିଓର ସୁବିଧା ଥାଆନ୍ତା, ତେବେ ପାଉଲ ସେମାନଙ୍କୁ ଆଧ୍ୟାତ୍ମିକ ସୈନିକଙ୍କ ଉପକରଣର ଆଉ ଏକ ଅଂଶକୁ ଦର୍ଶାଇବା ପାଇଁ ବ୍ୟବହାର କରିଥାନ୍ତେ - ପ୍ରାର୍ଥନା । କବଚ ବର୍ଣ୍ଣନା କରିବା ପରେ, ପାଉଲ କହିଲେ ଯେ, ଆତ୍ମିକ କବଚ ସହିତ *ପ୍ରାର୍ଥନା* ମଧ୍ୟ ବ୍ୟବହାର କରାଯିବା ଉଚିତ ।

ଆତ୍ମିକ ମନ୍ଦତା ବିରୁଦ୍ଧରେ ଯୁଦ୍ଧରେ ଯେତେବେଳେ ଆମେ ଠିଆ ହୋଇଛୁ, ଆମକୁ ପ୍ରାର୍ଥନା କରିବାକୁ ହେବ, ଆମର ସେନାପତିଙ୍କ ସହିତ ଯୋଗାଯୋଗ ରଖିବାକୁ ହେବ । ଆମକୁ ପ୍ରାର୍ଥନାରେ ଜାଗ୍ରତ ରହିବାକୁ ଏବଂ ଦୃଢ଼ ରହିବାକୁ ଆହ୍ୱାନ କରାଯାଇଛି ।

ଯେଉଁମାନେ ଶୁଣିବେ, ପରମେଶ୍ୱର ସେମାନଙ୍କ ପାଇଁ ମାର୍ଗଦର୍ଶନର ପ୍ରତିଶ୍ରୁତି ଦେଇଛନ୍ତି ।

> ତୁମ୍ଭେ ସର୍ବାନ୍ତଃକରଣ ସହିତ ସଦାପ୍ରଭୁଙ୍କଠାରେ ବିଶ୍ୱାସ କର ଓ ନିଜ ସୁବିବେଚନାରେ ଆଉଜି ପଡ଼ ନାହିଁ । ଆପଣାର ସବୁ ଗତିରେ ତାହାଙ୍କୁ ସ୍ୱୀକାର କର; ତହିଁରେ ସେ ତୁମ୍ଭର ପଥସବୁ ସରଳ କରିବେ (ହିତୋପଦେଶ ୩:୫-୬) ।
>
> ସଦାପ୍ରଭୁଙ୍କ ଦ୍ୱାରା ମନୁଷ୍ୟର ଗତି ସ୍ଥିରୀକୃତ ହୁଏ ଓ ସେ ତାହାର ପଥରେ ସନ୍ତୁଷ୍ଟ ହୁଅନ୍ତି (ଗୀତସଂହିତା ୩୭:୨୩) ।

ଜଗତର ଲୋକମାନଙ୍କ ପରି ଖ୍ରୀଷ୍ଟଙ୍କର ଜଣେ ଅନୁଗାମୀ ଜଗତର ଲୋକମାନଙ୍କ ପରି ନିଷ୍ପତ୍ତି ନିଅନ୍ତି ନାହିଁ । କେତେକ ଲୋକ ସେମାନଙ୍କର ଇଚ୍ଛା ଦ୍ୱାରା ଚାଳିତ ହୁଅନ୍ତି । ସେମାନେ କୁହନ୍ତି, "ମୋ' ପାଇଁ ଯାହା ଠିକ୍ ମୁଁ ତାହା କରିବି" । ସେମାନଙ୍କର ଅର୍ଥ ହେଉଛି ଯେ, ସେମାନେ ଅନ୍ୟ କାହାକୁ, ଲୋକମାନଙ୍କୁ ନିୟନ୍ତ୍ରଣ କରିବାକୁ ଦେବା ଅପେକ୍ଷା ପ୍ରଥମେ ନିଜର ଇଚ୍ଛା ବିଷୟରେ ବିଚାର କରିବା ଉଚିତ । ସେମାନେ ଭାବନ୍ତି ଯେ, ସ୍ୱାଧିନତାର ଅର୍ଥ ସ୍ୱ-କେନ୍ଦ୍ରିକ ହେବା । ଖ୍ରୀଷ୍ଟଙ୍କର ଅନୁକାରୀମାନେ ଭିନ୍ନ ଅଟନ୍ତି, କାରଣ ସେମାନେ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବାକୁ ଇଚ୍ଛା କରନ୍ତି ଏବଂ ସେମାନଙ୍କ ଜୀବନରେ ଅନେକଙ୍କୁ ଆଶୀର୍ବାଦ କରିବାକୁ ଚାହାନ୍ତି ।

କେତେ ଲୋକ ସମସ୍ତ ଉତ୍ତର ନିମନ୍ତେ ଆମର ଅନ୍ତରକୁ ଦେଖିବାକୁ ପରାମର୍ଶ ଦେଇଥାଆନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ, ଆମର ଭାବନା ଏବଂ ପ୍ରବୃତ୍ତି ନିଷ୍ପତ୍ତି ନେବା ପାଇଁ ଯଥେଷ୍ଟ ମାର୍ଗଦର୍ଶକ ଅଟେ । ବୟସ୍କ ଲୋକମାନଙ୍କର ଉପଦେଶ ଏବଂ ସଂସ୍କୃତିକୁ ଅଣଦେଖା କରିବା ପାଇଁ ସେମାନେ ଯୁବାମାନଙ୍କୁ ଉତ୍ସାହିତ କରନ୍ତି । ସେମାନେ ଧାର୍ମିକ ନୈତିକତାକୁ ତୁଚ୍ଛ କରନ୍ତି । ଏହି ପ୍ରକାରର ଉପଦେଶ ହଲିଉଡ୍ ମନୋରଞ୍ଜନରେ ଜଣାଶୁଣା ଅଟେ । ସେମାନେ ଏକ ଯୁବା ଲୋକ ବିଷୟରେ କାହାଣୀ କହନ୍ତି ଯିଏ କର୍ତ୍ତା ଏବଂ ପରମ୍ପରା ବିରୁଦ୍ଧରେ ବିଦ୍ରୋହ କରି ସଫଳ ହୁଏ । ସେମାନେ ସତ୍ୟ ଦେଖାନ୍ତି ନାହିଁ ଯେ, ଏହିପରି ନିଷ୍ପତ୍ତି ସେମାନଙ୍କୁ ଦୁଃଖ ଏବଂ ବିପର୍ଯ୍ୟୟ ଆଡ଼କୁ ଘେନିଯିବ ।

କିଛି ସଂସ୍କୃତିରେ, ବ୍ୟକ୍ତିମାନେ ନିଷ୍ପତ୍ତି ବିସ୍ତୃତ ପରିବାର କିମ୍ବା ଜନଜାତି କିମ୍ବା ଦଳ ଦ୍ୱାରା ସୀମିତ ଅଟେ । ବ୍ୟକ୍ତିଗତ ଭାବରେ କେହି ଧର୍ମ ପରିତ୍ୟାଗ କରାପରିବେ ନାହିଁ, ସେମାନଙ୍କର ବ୍ୟବସାୟ ପରିତ୍ୟାଗ କରିପାରିବେ ନାହିଁ, ଉଚ୍ଚ ଶିକ୍ଷା ଗ୍ରହଣ କରିପାରିବେ ନାହିଁ କିମ୍ବା ଦଳର ଅନୁମୋଦନ ବିନା ବିବାହ କରିପାରିବେ ନାହିଁ । ସେହି ପରିବେଶରେ ସବୁଠାରୁ କଷ୍ଟକର ପରିବର୍ତ୍ତନ ହେଉଛି ଜଣେ ବ୍ୟକ୍ତିର ଧର୍ମ ପରିବର୍ତ୍ତନ କରିବା । ଯଦି ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କର ଅନୁସରଣକାରୀ ହୁଏ ଏବଂ ତାଙ୍କ ଲୋକମାନେ ବୁଝିପାରୁନଥିବା ନୀତି ଦ୍ୱାରା ପରିଚାଳିତ ହୁଅନ୍ତି, ତେବେ ସେ ନିର୍ଯାତନା ଭୋଗ କରିପାରନ୍ତି । ଏହିପରି ପରିସ୍ଥିତିରେ ଜଣେ ବିଶ୍ୱାସୀ ଜ୍ଞାନ ଏବଂ ଚାଳନା ନିମନ୍ତେ ପ୍ରାର୍ଥନା କରିବା ଉଚିତ ।

ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ଈଶ୍ୱରଙ୍କ ପରିଚାଳନା ଆବଶ୍ୟକ କରୁ ଏବଂ ସେ ଆମକୁ ଏପରି ଉପାୟରେ ମାର୍ଗଦର୍ଶନ କରନ୍ତି ଯାହା ବିଷୟରେ ଆମେ ସବୁବେଳେ ସଚେତନ ନଥାଉ । ଯଦିଚ ଆମେ ତାଙ୍କ ବିଷୟରେ ନ ଭାବୁଛୁ, ତଥାପି ସେ ଆମକୁ କଦାପି ଭୁଲନ୍ତି ନାହିଁ । କିନ୍ତୁ କେତେକ ସମୟରେ ଯେତେବେଳେ ଆମେ ତାଙ୍କ ନିୟନ୍ତ୍ରଣ ଅନୁସନ୍ଧାନ କରିବା ଆବଶ୍ୟକ ଅଟେ ଏବଂ ଆମ ପସନ୍ଦଗୁଡ଼ିକୁ ପ୍ରକୃତରେ କି ନାହିଁ ତାହା ଦେଖିବାକୁ ସାହାଯ୍ୟ କରିବା ପାଇଁ ପ୍ରାର୍ଥନା କରିବା ଆବଶ୍ୟକ । ଈଶ୍ୱର ହୁଏତ ଆମର ଗତିପଥକୁ ଅପ୍ରତ୍ୟାଶିତ ଭାବରେ ପରିବର୍ତ୍ତନ କରିବାକୁ ଚାହିଁପାରନ୍ତି ।

► କେଉଁ ସମୟରେ ଆମେ ଈଶ୍ୱରଙ୍କଠାରୁ ବିଶେଷ ନିର୍ଦ୍ଦେଶନା ଆବଶ୍ୟକ କରୁ ?

ଈଶ୍ୱରଙ୍କଠାରୁ ନିର୍ଦ୍ଦେଶନା ନିର୍ଦ୍ଦେଶ ନିମନ୍ତେ ଆମେ ଅପେକ୍ଷା କରିବା :

୧) **ଯେତେବେଳେ ଜୀବନ-ପରିବର୍ତ୍ତନକାରୀ ନିଷ୍ପତ୍ତି ନେଉ** : ବିବାହ, ବୃତ୍ତି, ଶିକ୍ଷା, ଏକ ମଣ୍ଡଳୀ ପ୍ରତି ସମର୍ପଣ ।

୨) **ଯେତେବେଳେ ବ୍ୟବହାରିକ ନିଷ୍ପତ୍ତି ନେଉ** : ଚାକିରୀର ସୁଯୋଗ, କେଉଁଠାରେ ବାସ କରିବା, ବଡ଼ କ୍ରୟ ।

୩) **ଯେତେବେଳେ ଯୋଜନା କରୁ ଏବଂ ସେବାକର୍ଯ୍ୟ କରୁ:**[6] ଏକ ବ୍ୟକ୍ତିର ବ୍ୟକ୍ତିଗତ ଆହ୍ୱାନ, କାହାକୁ ଏବଂ କେଉଁଠାରେ ସେବାକାର୍ଯ୍ୟ କରିବା, ପ୍ରଚାର ଏବଂ ଶିକ୍ଷା ଦେବା ପାଇଁ ବିଷୟବସ୍ତୁ ।

---

[6] ପ୍ରେରିତ ୧୬:୬-୯ ପାଉଲ ଏବଂ ସିଲାଙ୍କୁ ସେବାକାର୍ଯ୍ୟ ଯାତ୍ରା ସମୟରେ ପବିତ୍ର ଆତ୍ମା ଦେଇଥିବା ବିଶେଷ ମାର୍ଗଦର୍ଶନ ବିଷୟରେ କହେ ।

୪) **ଯେତେବେଳେ ମଣ୍ଡଳୀର ଜୀବନରେ ଅଂଶ ଗ୍ରହଣ କରିବା :**[7] କିପରି ଉପାସନା କରିବା, କ'ଣ ଶିଖିବା, କ'ଣ ଦାନ ଦେବା, ଜଗତରେ ଈଶ୍ୱରଙ୍କ ଶରୀରର କିପରି ଏକ ଅଙ୍ଗ ହେବା ।

**ଆପଣ କିପରି ଈଶ୍ୱରଙ୍କ ମାର୍ଗ ଦର୍ଶନକୁ ଭଲ ଭାବରେ ଜାଣିପାରିବେ ?**

**(୧) ପ୍ରାର୍ଥନାରେ ଈଶ୍ୱରଙ୍କ ସହିତ ଲାଗି ରୁହନ୍ତୁ** (ଫିଲିପ୍ପୀୟ ୪:୬) । ଯଦି ଆପଣଙ୍କର ଅଧିକାଂଶ ଜୀବନ ଈଶ୍ୱରଙ୍କ ସହିତ ବାର୍ତ୍ତାଳାପରୁ ବିଚ୍ଛିନ୍ନ ହୋଇଯାଏ, ତେବେ ଆପଣ ଆପଣଙ୍କର ନିଜସ୍ୱ ଇଚ୍ଛା ଏବଂ ସୀମିତ ଧାରଣାକୁ ଅନୁସରଣ କରୁଅଛନ୍ତି ।

**(୨) ଶାସ୍ତ୍ରର ସତ୍ୟ ଅପେକ୍ଷା ନିଜ ଯୁକ୍ତି ଉପରେ ଅଧିକ ବିଶ୍ୱାସ କରନ୍ତୁ ନାହିଁ** । ଯେପରି ଶାସ୍ତ୍ର କହେ, "ନିଜ ସୁବିବେଚନାରେ ଆଉଜି ପଡ଼ ନାହିଁ" (ହିତୋପଦେଶ ୩:୫) ।

**(୩) ଈଶ୍ୱରଙ୍କ ଇଚ୍ଛା ସୁନିଶ୍ଚିତ କରି ସର୍ବଦା ପାଳନ କର** । ତାହା ତୁମର ଧାରଣାକୁ ଉନ୍ନତ କରିବ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ବାକ୍ୟ ପାଳନ କରେ ନାହିଁ, ସେ ପ୍ରକୃତରେ ଈଶ୍ୱରଙ୍କ ଇଚ୍ଛା ଆବଶ୍ୟକ କରେ ନାହିଁ, କାରଣ ଈଶ୍ୱର ଶାସ୍ତ୍ର ମାଧ୍ୟମରେ ତାଙ୍କ ଇଚ୍ଛାକୁ ପ୍ରକାଶ କରନ୍ତି । ଯଦି ତୁମେ ଈଶ୍ୱରଙ୍କ ଇଚ୍ଛା ବିଷୟରେ ଯାହା ଜାଣ, ତାହାର କେବଳ କିଛି ଅଂଶ ପାଳନ କର, ତେବେ ତୁମେ ଅଧିକ ଦ୍ୱନ୍ଦରେ ପଡ଼ିବ - ଆଲୋକ ଅନ୍ଧକାରରେ ପରିଣତ ହେବ (ଲୂକ ୧୧:୩୫) ।

ଆମେ ଜାଣୁ ଯେ ଏହା ପରମେଶ୍ୱରଙ୍କ ଇଚ୍ଛା ଯେ ଆମେ:

- ପ୍ରତିଦିନ ଆମର କ୍ରୁଶ ବହନ କରି ଯୀଶୁଙ୍କ ପଛରେ ଚାଲ (ଲୂକ ୯:୨୩) ।
- ସଠିକ୍ କାର୍ଯ୍ୟ କର ଏବଂ ନିଜ ହୃଦୟରେ ସତ୍ୟ କୁହ (ଗୀତସଂହିତା ୧୫:୨) ।
- ବିଶ୍ୱସ୍ତ ଆତ୍ମିକ ନେତାମାନଙ୍କୁ ସମ୍ମାନ କର (୧ ଥେସଲନୀକୀୟ ୫:୧୨-୧୩) ।
- ସର୍ବଦା ଆନନ୍ଦ କର (୧ ଥେସଲନୀକୀୟ ୫:୧୬) ।
- ନିରନ୍ତର ପ୍ରାର୍ଥନା କର (୧ ଥେସଲନୀକୀୟ ୫:୧୭) ।
- ସବୁ ଅବସ୍ଥାରେ ଧନ୍ୟବାଦ ଦିଅ (୧ ଥେସଲନୀକୀୟ ୫:୧୮) ।
- ଆତ୍ମାଙ୍କୁ ନିର୍ବାପିତ କରୁ ନାହିଁ (୧ ଥେସଲନୀକୀୟ ୫:୧୯) ।
- ଭାବବାଣୀ ତୁଚ୍ଛ କର ନାହିଁ (୧ ଥେସଲନୀକୀୟ ୫:୨୦) ।

---

[7] ପବିତ୍ର ଆତ୍ମାଙ୍କର ଉପାସନା ନିର୍ଦ୍ଦେଶନା, ସେମାନଙ୍କ ସିଦ୍ଧାନ୍ତକୁ ରକ୍ଷା କରିବା, ସମସ୍ୟା ସମାଧାନରେ, ସେମାନଙ୍କୁ ମାର୍ଗଦର୍ଶନ ଏବଂ ସେମାନଙ୍କ ପ୍ରଚାରକୁ ସଶକ୍ତ କରିବା ବିଷୟରେ ଆଦ୍ୟ ମଣ୍ଡଳୀ ସଚେତନ ଥିଲା, ଦେଖନ୍ତୁ : ପ୍ରେରିତ ୧୫:୨୮, ପ୍ରେରିତ ୫:୩-୫ ଏବଂ ପ୍ରେରିତ ୬:୧୦

- ସମସ୍ତ ବିଷୟକୁ ପରୀକ୍ଷା କର (୧ ଥେସଲନୀକୀୟ ୫:୨୧) ।
- ଯାହା ଉତ୍ତମ ତାହା ଧରି ରଖ (୧ ଥେସଲନୀକୀୟ ୫:୨୧) ।
- ସମସ୍ତ ମନ୍ଦଠାରୁ ପୃଥକ ହୁଅ (୧ ଥେସଲନୀକୀୟ ୫:୨୨) ।
- ସଂପୂର୍ଣ୍ଣ ରୂପେ ପବିତ୍ର ହୁଅ (୧ ଥେସଲନୀକୀୟ ୫:୨୩) ।

ଏବଂ ଅନେକ ଆଦେଶ ଅଛି ଯାହା ଗୋଟେ ଶବ୍ଦରେ ବର୍ଣ୍ଣନା କରାଯାଇଛି : ପ୍ରେମ (ରୋମୀୟ ୧୩:୮-୧୦) । ଯେତେବେଳେ ଆମେ ଈଶ୍ୱରଙ୍କ ଇଚ୍ଛା ବୋଲି ଜାଣୁ, ତାହା କରୁ, ଆମର ଅନେକ କମ୍ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସ୍ୱଷ୍ଟ ହୋଇଯାଏ ।

**(୪) ଧୈର୍ଯ୍ୟ ରଖ** । ଈଶ୍ୱର ତୁମ ପାଇଁ ଦ୍ୱାର ଖୋଲିବା ଏବଂ ପରିସ୍ଥିତି ପ୍ରସ୍ତୁତ କରିବା ପର୍ଯ୍ୟନ୍ତ ତୁମକୁ ଅପେକ୍ଷା କରିବାକୁ ପଡ଼ିପାରେ । ଅଧୈର୍ଯ୍ୟ ହୋଇ ତୁରନ୍ତ ନିଷ୍ପତ୍ତି ନିଅ ନାହିଁ । "ସଦାପ୍ରଭୁଙ୍କଠାରେ ସୁସ୍ଥିର ହୁଅ ଓ ଧୈର୍ଯ୍ୟ ଧରି ତାହାଙ୍କ ଅପେକ୍ଷାରେ ରୁହ" (ଗୀତସଂହିତା ୩୭:୭) । ଜରୁରୀ ଭାବି କେବେବି ଏପରି କିଛି କର ନାହିଁ ଯାହା ତୁମେ ଜାଣିଛ ଯେ, ତାହା ଭୁଲ୍ ଅଟେ ।

**(୫) ଭଲ ପରାମର୍ଶ ଶୁଣନ୍ତୁ**, "ଅବଶ୍ୟ ତୁମ୍ଭେ ଭଲ ପରାମର୍ଶ ଘେନି ଆପଣା ଯୁଦ୍ଧ କରିବ; ଆଉ, ମନ୍ତ୍ରୀମାନଙ୍କ ବାହୁଲ୍ୟରେ ରକ୍ଷା ହୁଏ" (ହିତୋପଦେଶ ୨୪:୬) । ଯେତେବେଳେ ଈଶ୍ୱର ଚାହାନ୍ତି ଯେ, ଆପଣ ଏକ ବଡ଼ ନିଷ୍ପତ୍ତି ନିଅନ୍ତୁ, ସେ ପ୍ରାୟତଃ ଆପଣଙ୍କ ଜୀବନର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଲୋକଙ୍କୁ ତାହା ଦେଖାଇବେ । ଯଦି ଆପଣଙ୍କୁ ଜାଣିଥିବା ଏବଂ ଆପଣଙ୍କର ଯତ୍ନ ନେଇଥିବା ଈଶ୍ୱରଙ୍କ ଲୋକ ଏବଂ ବୟସ୍କ ଲୋକ ଯାହା ଭୁଲ୍ ବୋଲି କୁହନ୍ତି, ତାହା ସହଜେ କରିବାକୁ ନିଷ୍ପତ୍ତି ନିଅନ୍ତୁ ନାହିଁ ।

### ଦଳଗତ ଆଲୋଚନା ନିମନ୍ତେ

► ଏକ ନିଷ୍ପତ୍ତିର ଉଦାହରଣ ଦିଅ ଯାହା ତୁମେ ଜାଣ ଯେ, ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଦେଶିତ ଅଟେ । ତାହା ଯେ ସଠିକ୍ ନିଷ୍ପତ୍ତି, ଈଶ୍ୱର ତୁମକୁ କିପରି ଦେଖାଇଲେ?

► ଯଦି ଆପଣ ଏକ ଭୁଲ୍ ନିଷ୍ପତ୍ତିର ଉଦାହରଣ ମଧ୍ୟ ସେୟାର କରିପାରିବେ, ତେବେ ଏହା ସହାୟକ ହେବ । ଈଶ୍ୱରଙ୍କ ଦ୍ୱାରା ଉତ୍ତମ ମାର୍ଗଦର୍ଶନ ପାଇବା ପାଇଁ ଆପଣ ପାଞ୍ଚୋଟି ନୀତି ମଧ୍ୟରୁ ଗୋଟିଏ ଅନୁସରଣ କରିବାରେ ବିଫଳ ହୋଇଛ କି?

ସେହିପରି ଅନ୍ୟମାନଙ୍କୁ ସେୟାର୍ କରିବାକୁ କୁହନ୍ତୁ ।

## ଈଶ୍ୱରଙ୍କ ନିର୍ଦ୍ଦେଶନା ଅନୁସନ୍ଧାନ କରିବା ସମୟରେ ତ୍ରୁଟିଗୁଡ଼ିକ ଏଡ଼ାଇବା ।

ଏକ କାହାଣୀ ଅଛି, ଚାର୍ଲସ୍ ଷ୍ଟାଲକାର ନାମରେ ଜଣେ ପ୍ରଚାରକ ଦିନେ ସକାଳେ ପ୍ରାର୍ଥନା କରୁଥିବା ସମୟରେ ଈଶ୍ୱର ତାହାଙ୍କୁ କହିଲେ, "ମୁଁ ଚାହୁଁଛି ତୁମେ ଚିନ୍ ଯାଅ" । ଷ୍ଟାଲକାର ଆଶ୍ଚର୍ଯ୍ୟ ହେଲେ, କାରଣ ସେ ସେଠାରେ କାହାକୁ ଜାଣନ୍ତି ନାହିଁ କିମ୍ବା ତାଙ୍କଠାରେ ଯିବା ପାଇଁ ଅର୍ଥ ନାହିଁ । ତାଙ୍କର ଭାବନା ଏତେ ଦୃଢ଼ ଥିଲା ଯେ, ସେ ତାଙ୍କର ସୁଟକେସ ଉଠାଇ ଷ୍ଟେସନ୍‌କୁ ଗଲେ, ଯେଉଁଠାରୁ ଏପରି ଯାତ୍ରା ଆରମ୍ଭ ହେବ । ଜଣେ ଅଜଣା ବ୍ୟକ୍ତି ତାଙ୍କ ପାଖକୁ ଆସି ପଚାରିଲେ, "ତୁମେ କ'ଣ ଚାର୍ଲସ୍ ଷ୍ଟାଲକାର ?" ତା'ପରେ କହିବାକୁ ଲାଗିଲେ, "ତୁମକୁ ଚିନ୍ ଯିବା ପାଇଁ ମୋତେ ଏକ ଟିକେଟ୍ ଦେଇ ପଠାଯାଇଛି" ।

► ଆମେ *ସାଧାରଣତଃ* ଈଶ୍ୱରଙ୍କୁ ତାଙ୍କ ଇଚ୍ଛା ଦେଖାଇବା ପାଇଁ କ'ଣ ଏହି ଉପାୟରେ ଆଶା କରିବା ଉଚିତ୍ କି? ଜଣେ ବ୍ୟକ୍ତି ଏହି ଉପାୟରେ ତାଙ୍କ ନିଷ୍ପତ୍ତି ପାଇଁ ଈଶ୍ୱରଙ୍କ ଇଚ୍ଛା ପାଇବା ଆଶା କରିବାରେ କ'ଣ କୌଣସି ସମସ୍ୟା ହେବ ?

କିଛି ଲୋକ ପ୍ରତ୍ୟେକ ନିଷ୍ପତ୍ତି ପାଇଁ ଅଲୌକିକ ନିୟନ୍ତ୍ରଣ ଆଶା କରନ୍ତି । ସେମାନେ ସାଧାରଣ ଯୁକ୍ତି ଏବଂ ପରିସ୍ଥିତିକୁ ଅଣ ଦେଖା କରନ୍ତି, କାରଣ ସେମାନେ ଅନୁମାନ କରନ୍ତି ଯେ, ଈଶ୍ୱରଙ୍କ ଇଚ୍ଛା ସମସ୍ତ ଯୁକ୍ତି ଏବଂ ପରିସ୍ଥିତିର ବିପରୀତ ହୋଇପାରେ ।

ଆମର ନିଷ୍ପତ୍ତି ପାଇଁ ଈଶ୍ୱରଙ୍କୁ ଅଲୌକିକ ପ୍ରକାଶନ ଦେବାକୁ ପଡ଼ିବ ବୋଲି ଜିଦ୍ ଧରିବା ଭୁଲ୍ ଅଟେ, କାରଣ ଈଶ୍ୱର ପ୍ରାୟତଃ ତାଙ୍କ ଇଚ୍ଛାକୁ ସେପରି ଦେଖାନ୍ତି ନାହିଁ । ଯଦି ଜଣେ ବ୍ୟକ୍ତି ଯୁକ୍ତି ଏବଂ ପରିସ୍ଥିତିକୁ ଅଣଦେଖା କରେ, ତେବେ ସେ ଭାବିପାରେ ଯେ ସେ ଈଶ୍ୱରଙ୍କଠାରୁ ନିର୍ଦ୍ଦେଶ ପାଉଛି, ଯେତେବେଳେ ସେ ପ୍ରକୃତରେ ନିଜର ଭାବନା କିମ୍ବା କଳ୍ପନାକୁ ଅନୁସରଣ କରୁଛି ।

ଯେତେବେଳେ ଶାସ୍ତ୍ର ଦ୍ୱାରା କିଛି ସ୍ପଷ୍ଟ ଭାବରେ ଆଦେଶ କିମ୍ବା ନିଷେଧ କରାଯାଏ, ତାହା ଈଶ୍ୱରଙ୍କ ଇଚ୍ଛା ବୋଲି ଆମେ ଜାଣୁ । ତଥାପି ଜୀବନରେ ଅନେକ ନିଷ୍ପତ୍ତିଗୁଡ଼ିକ ଅଛି ଯେଉଁଠାରେ ଆମର ଅନେକ ବିକଳ୍ପ ରହିଛି ଯେଉଁଗୁଡ଼ିକ ବିଶେଷ ଭାବରେ ଆଦେଶ ଦିଆଯାଇଛି କିମ୍ବା ନିଷେଧ କରାଯାଇ ନାହିଁ । ଜଣେ ବ୍ୟକ୍ତି କିପରି ଜାଣିପାରିବେ ଯେ ସେ କେଉଁଠି ରହିବା ଉଚିତ, ତାଙ୍କର କେଉଁ କାର୍ଯ୍ୟ କରିବା ଉଚିତ, ଏବଂ ସେ କିପରି ତାଙ୍କ ଟଙ୍କା ଖର୍ଚ୍ଚ କରିବା ଉଚିତ?

► ବିଶେଷ ପ୍ରକାଶନ ବିନା, ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ଭାବରେ ନିର୍ଦ୍ଦେଶିତ ନ ଥିବା ନିଷ୍ପତ୍ତି ପାଇଁ ଜଣେ ବ୍ୟକ୍ତି ପରମେଶ୍ୱରଙ୍କ ଇଚ୍ଛା କିପରି ଜାଣିପାରିବ?

କିଛି ଲୋକ, କାରଣ ସେମାନେ ଆଶା କରନ୍ତି ଯେ, ଈଶ୍ୱରଙ୍କ ଇଚ୍ଛା ଯୁକ୍ତି ଏବଂ ପରିସ୍ଥିତି ବ୍ୟତୀତ ଅଲୌକିକ ଭାବରେ ପ୍ରକାଶିତ ହେବା ଆବଶ୍ୟକ, ସେମାନେ ଏକ ଅଯୌକ୍ତିକ ପଦ୍ଧତି ଖୋଜନ୍ତି ଯାହାକୁ ସେମାନେ ଭାବନ୍ତି ଯେ, ଈଶ୍ୱର ସେମାନଙ୍କୁ ଦିଗ୍‌ଦର୍ଶନ ଦେବା ପାଇଁ ବ୍ୟବହାର କରିବେ । ସେମାନେ ଈଶ୍ୱରଙ୍କୁ ତାଙ୍କ ଇଚ୍ଛା ଦେଖାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ଚିହ୍ନ ଦେବାକୁ କହିପାରନ୍ତି ।

ଅଥବା ସେମାନେ ବାଇବଲକୁ ଏକ ଅନିୟମିତ ପଦ ଦେଇପାରନ୍ତି ଯାହାକୁ ସେମାନେ ସେମାନଙ୍କ ପରିସ୍ଥିତିରେ ପ୍ରୟୋଗ କରିପାରିବେ ।

## ଭଲ ନିଷ୍ପତ୍ତି ନେବା ପାଇଁ ଅଧିକ ବ୍ୟବହାରିକ ପରାମର୍ଶ ।

ଈଶ୍ୱରଙ୍କ ଇଚ୍ଛାକୁ କିପରି ବୁଝିବା ସେ ବିଷୟରେ ଜନ୍ ୱେସ୍‌ଲି କିଛି ବ୍ୟବହାରିକ ନିର୍ଦ୍ଦେଶ ଦେଇଛନ୍ତ । ସେ କହନ୍ତି ଯେ, ଆମେ ଜାଣୁ ଯେ ବାଇବଲରେ ପ୍ରକାଶିତ ଆମ ପାଇଁ ଈଶ୍ୱରଙ୍କ ସାଧାରଣ ଇଚ୍ଛା ହେଉଛି ଯେ, ଆମେ ପବିତ୍ର ହେବା ଏବଂ ଭଲ କାର୍ଯ୍ୟ କରିବା । **ତେଣୁ, ଏକ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନେବା ପାଇଁ, ଆମକୁ ବିଚାର କରିବାକୁ ପଡ଼ିବ ଯେ, କେଉଁ ବିକଳ୍ପ ଆମକୁ ପବିତ୍ର ହେବାକୁ ସର୍ବାଧିକ ସକ୍ଷମ କରିବ ଏବଂ ଆମର ପ୍ରଭାବକୁ ସର୍ବାଧିକ କରିବ ।**

**ଆମେ ଅଭିଜ୍ଞତାରୁ ଶିଖିଥାଉ ଯେ, କେଉଁ ପରିସ୍ଥିତି ଆମ ପାଇଁ ଆତ୍ମିକ ଭାବରେ ସହାୟକ ହେବ ଏବଂ କେଉଁଗୁଡ଼ିକ ବିପଦପୂର୍ଣ୍ଣ ।** କେତେକ ପରିସ୍ଥିତି ସମସ୍ତଙ୍କ ପାଇଁ ଆତ୍ମିକ ଭାବରେ ବିପଦପୂର୍ଣ୍ଣ ଅଟେ; ଅନ୍ୟ କେତେକ ପରିସ୍ଥିତି କିଛି ଲୋକଙ୍କ ପାଇଁ ବିପଦପୂର୍ଣ୍ଣ, କିନ୍ତୁ ସମସ୍ତଙ୍କ ପାଇଁ ନୁହେଁ । ଯେତେ ଦୂର ସମ୍ଭବ, ଆମେ ନିଜକୁ ଏପରି ପରିସ୍ଥିତିରେ ପକାଇବା ଉଚିତ ଯାହା ଆମକୁ ଆଧ୍ୟାତ୍ମିକ ଭାବରେ ଦୃଢ଼ ହେବାରେ ସାହାଯ୍ୟ କରିବ ଏବଂ ଏପରି ପରିସ୍ଥିତିକୁ ଏଡ଼ାଇବା ଉଚିତ୍ ଯାହା ଆମକୁ ପ୍ରଲୋଭନ ଆଣିବ (୧ କରିନ୍ଥୀୟ ୧୦:୧୨-୧୩) ।

**ବିବେକ ଏବଂ ଅଭିଜ୍ଞତା ଓ ଅନ୍ୟମାନଙ୍କ ପରାମର୍ଶ ଦ୍ୱାରା ଆମେ ଏହା ମଧ୍ୟ ଜାଣିପାରିବା ଯେ, କେଉଁ ବିକଳ୍ପ ଆମର ପ୍ରଭାବକୁ ସର୍ବାଧିକ କରିବ ।**

ଈଶ୍ୱର ସାଧାରଣତଃ ବିଶେଷ ପ୍ରକାଶନ ଦ୍ୱାରା ତାଙ୍କର ଇଚ୍ଛା ପ୍ରକାଶ କରନ୍ତି ନାହିଁ । **ଯେତେବେଳେ ଆମେ ସତର୍କତାର ସହିତ ଯୁକ୍ତି କରୁ ଏବଂ ପରିସ୍ଥିତିକୁ ପରୀକ୍ଷା କରୁ, ସେ ଆଶା କରନ୍ତି ଯେ, ଆମେ ଶାସ୍ତ୍ର ନୀତିଗୁଡ଼ିକୁ ପ୍ରୟୋଗ କରିବୁ ।** ଆମେ ଜାଣି ନ ଥିବା ବେଳେ ମଧ୍ୟ ପବିତ୍ର ଆତ୍ମା ଆମକୁ ମାର୍ଗଦର୍ଶନ କରନ୍ତି । ଅଧିକାଂଶ ନିଷ୍ପତ୍ତି ପାଇଁ ଆମେ ପ୍ରକାଶନ ଆଶା କରିବା ଉଚିତ ନୁହେଁ ବରଂ ଜ୍ଞାନ ଏବଂ ବୁଝାମଣା ପାଇଁ ପ୍ରାର୍ଥନା କରିବା ଉଚିତ ।

ଯେଉଁମାନେ ଈଶ୍ୱରଙ୍କଠାରୁ ବିଶେଷ ନିର୍ଦ୍ଦେଶ ପାଇବାକୁ ଦାବି କରନ୍ତି, ସେମାନେ କେତେକ ସମୟରେ ଅନ୍ୟମାନଙ୍କୁ ଶୁଣିବାକୁ ମନା କରନ୍ତି (ହିତୋପଦେଶ ୧୨:୧୫) । ଯେତେବେଳେ ଲୋକମାନେ ସେମାନଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ କରନ୍ତି, ସେମାନେ ରାଗିପାରନ୍ତି । ସେମାନେ ନମ୍ରତା ଅପେକ୍ଷା ଗର୍ବ ଏବଂ ଜିଦ୍‌ଖୋର ଦେଖାନ୍ତି ।

► ଜଣେ ଛାତ୍ର ୧ ପିତର ୫:୫-୬ ଦଳ ପାଇଁ ପାଠ କରିବେ ।

ଅସାଧାରଣ ପରିସ୍ଥିତି ବ୍ୟତୀତ, ଈଶ୍ୱର ତାଙ୍କୁ କ'ଣ କରିବାକୁ ହେବ ତାହା ସ୍ପଷ୍ଟ ଭାବରେ କହିଛନ୍ତି ବୋଲି ଜଣେ ବ୍ୟକ୍ତି ପାଇଁ ଏହା ଦାବି ନ କରିବା ଭଲ । ଯେତେବେଳେ ଜଣେ ବ୍ୟକ୍ତି ଏପରି କହେ, ତାଙ୍କୁ ପରାମର୍ଶ କିମ୍ବା ମତାମତ ଦେବା ପାଇଁ ଯେକୌଣସି ବ୍ୟକ୍ତି ପାଇଁ କଷ୍ଟକର ହୋଇପଡ଼େ । ଏହା କହିବା ତା' ପାଇଁ ଭଲ ହେବ ଯେ, ଈଶ୍ୱରଙ୍କ ସାହାଯ୍ୟରେ ସେ ଉତ୍ତମ ନିଷ୍ପତ୍ତି ନେବାକୁ ଚେଷ୍ଟା କରୁଅଛି ।

ଆପଣଙ୍କ ବିକଳ୍ପଗୁଡ଼ିକ ବିଷୟରେ ଚିନ୍ତା କରିବା ସମୟରେ, ୱେସ୍‌ଲି ଦେଇଥିବା ନୀତିଗୁଡ଼ିକ ବ୍ୟତୀତ ବିଚାର କରନ୍ତୁ :

୧) **ଏହା କ'ଣ ସ୍ପଷ୍ଟ ଶାସ୍ତ୍ରୀୟ ଆଦେଶ ସହିତ ସୁସଙ୍ଗତ ଅଟେ ?** ଈଶ୍ୱର କଦାପି ଚାହାନ୍ତି ନାହିଁ ଯେ ଆପଣ ତାଙ୍କ ବାକ୍ୟକୁ ଅମାନ୍ୟ କରନ୍ତୁ ।

୨) **ଏହା କ'ଣ ଶାସ୍ତ୍ରୀୟ ପ୍ରାଥମିକତା ସହିତ ସୁସଙ୍ଗତ ଅଟେ କି ?** ବାଇବଲ ଆମକୁ ବିଷୟଗୁଡ଼ିକ ଦର୍ଶାଏ ଯାହା ଈଶ୍ୱରଙ୍କ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅଟେ । ତୁମର ନିଷ୍ପତ୍ତି କ'ଣ ପ୍ରଥମ ବିଷୟକୁ ପ୍ରଥମେ ରଖେ ?

୩) **ଏହା ପରିସ୍ଥିତିର ବାସ୍ତବବାଦୀ ଦୃଷ୍ଟିକୋଣ ସହିତ ସୁସଙ୍ଗତ ଅଟେ କି ?** ତୁମେ ଦେଖିପାରିବ ଯେ, ଈଶ୍ୱର ତୁମର ପରିସ୍ଥିତିକୁ ଏହି ନିଷ୍ପତ୍ତି ପାଇଁ କିପରି ପ୍ରସ୍ତୁତ କରୁଛନ୍ତି ।

୪) **ଏହା କ'ଣ ଯୁକ୍ତି ଯୁକ୍ତ ଅଟେ ?** ବେଳେବେଳେ ଈଶ୍ୱର କିଛି କରିବାକୁ କହାଇ ନିଅନ୍ତି ଯାହା ଯୁକ୍ତି ଯୁକ୍ତ ପରି ଜଣାଯାଏ ନାହିଁ, କିନ୍ତୁ ଯଦି ଏପରି ହୁଏ ତେବେ ସେ ତାଙ୍କର ଇଚ୍ଛାକୁ ସ୍ପଷ୍ଟ କରିବେ । ଈଶ୍ୱରଙ୍କ ଇଚ୍ଛାକୁ ବୁଝାଇବାରେ ସାହାଯ୍ୟ କରିବା ପାଇଁ ଯୁକ୍ତିକୁ କଦାପି ପ୍ରତ୍ୟାଖ୍ୟାନ କର ନାହିଁ ।

୫) **ଏହା କ'ଣ ଈଶ୍ୱରୀୟ ଆଚରଣ ଅଟେ କି ?** କୌଣସି ପରିସ୍ଥିତି ଏତେ ଅସାଧାରଣ ଯେ, ତୁମେ ଏପରି କିଛି କରିପାରିବ ଯାହା ସାଧାରଣତଃ ଈଶ୍ୱରଙ୍କୁ ଅସନ୍ତୁଷ୍ଟ କରିବ ବୋଲି ଭାବ ନାହିଁ ।

୬) **ଏହା କ'ଣ ଅନ୍ୟମାନଙ୍କୁ ନିଜ ପରି ଭଲ ପାଇବା ସହିତ ସୁସଙ୍ଗତ ଅଟେ କି ?** ସ୍ୱାର୍ଥପର ଉଦ୍ଦେଶ୍ୟ ତୁମର ବିଚକ୍ଷଣତାକୁ ବିକୃତ କରିବ ।

୭) **ଏହା କ'ଣ ଭଲ ପ୍ରଭାବ ପକାଇବ ?** ଯଦି ଅନ୍ୟମାନେ ତୁମେ ଯେପରି କରୁଛ ସେହିପରି କରନ୍ତି ତେବେ କ'ଣ ହେବ ? ତାହା ଭଲ ହେବ କି ?

୮) **ଏହା କ'ଣ ଈଶ୍ୱରୀୟ ପରାମର୍ଶଦାତାମାନଙ୍କ ଦ୍ୱାରା ନିଶ୍ଚିତ କରାଯାଇଛି ?** ଆମ ସହିତ ସହମତ ହେଉଥିବା ବନ୍ଧୁମାନଙ୍କୁ କିପରି ଖୋଜିବା ତାହା ଆମେ ସମସ୍ତେ ଜାଣୁ, କିନ୍ତୁ ଯେଉଁମାନେ ସବୁଠାରୁ ଆଧ୍ୟାତ୍ମିକ ଏବଂ ଜ୍ଞାନୀ ମନେ ହୁଏ, ସେମାନେ ତୁମର ନିଷ୍ପତ୍ତି ବିଷୟରେ କ'ଣ କହିବେ ?

ଯେତେବେଳେ ପରମେଶ୍ୱରଙ୍କ ଇଚ୍ଛା କିଛି ଅସାଧାରଣ ହୋଇଥାଏ, ତେବେ ସେ ଆପଣଙ୍କୁ ଏହା ନିଃସନ୍ଦେହରେ ଜଣାଇ ପାରନ୍ତି । ଅତୀତରେ କିଛି ଲୋକଙ୍କୁ ଏକ ଦୂତ, କିମ୍ବା ଦର୍ଶନ, କିମ୍ବା ଏକ ଜ୍ୱଳନ୍ତା ବୁଦା ନିଶ୍ଚିତ ଭାବରେ ଦେଇଛି । ଈଶ୍ୱର କେବଳ ଏକ ଆଭ୍ୟନ୍ତରୀଣ ଆଶ୍ୱାସନା ଦେଇପାରନ୍ତି ଯାହା ସନ୍ଦେହ ବାହାରେ ଅଟେ । କିନ୍ତୁ ଯେତେବେଳେ ପରମେଶ୍ୱରଙ୍କଠାରୁ କୌଣସି ସ୍ପଷ୍ଟ ବାର୍ତ୍ତା ଗ୍ରହଣ କରାଯାଇ ନାହିଁ, ସେତେବେଳେ ତୁମେ ସଠିକ୍ ବିକଳ୍ପ ଚିହ୍ନିବା ପାଇଁ ପ୍ରାସଙ୍ଗିକ ନୀତି ଅନୁସରଣ କରିବା ଉଚିତ । ପ୍ରତ୍ୟେକ ନିଷ୍ପତ୍ତି ନିମନ୍ତେ ବିଶେଷ ପ୍ରକାଶନ ପ୍ରାପ୍ତ ହେବାକୁ ଅପେକ୍ଷା କର ନାହିଁ । ଯଦି ଆପଣ ଆନ୍ତରିକତା ଏବଂ ପ୍ରାର୍ଥନା ପୂର୍ବକ ସଠିକ୍ ପ୍ରାଥମିକତା ସହିତ ଯୁକ୍ତି କରନ୍ତି, ତେବେ ଈଶ୍ୱର ଆପଣଙ୍କ ନିଷ୍ପତ୍ତିକୁ ମାର୍ଗଦର୍ଶନ କରିବା ପାଇଁ ବିଶ୍ୱସ୍ତ ହେବେ ।

ରୋମୀୟ ୧୨:୧-୨ରେ **ପାଉଲ ଲେଖନ୍ତି**,

> "ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ, ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣି ପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।"

ଏହି ପଦଗୁଡ଼ିକ ଦର୍ଶାଏ ଯେ, ଜଣେ ବ୍ୟକ୍ତିଙ୍କ ଆଧ୍ୟାତ୍ମିକ ଅବସ୍ଥା ତାଙ୍କ ନିଷ୍ପତ୍ତିଗୁଡ଼ିକୁ କିପରି ପ୍ରଭାବିତ କରେ । ଈଶ୍ୱରଙ୍କ ଇଚ୍ଛା ପାଇବା ନିମନ୍ତେ, ଜଣେ ସମ୍ପୂର୍ଣ୍ଣ ଭାବରେ ଈଶ୍ୱରଙ୍କ ପ୍ରତି ସମର୍ପିତ ହେବା ଆବଶ୍ୟକ । ଜଣେ ବିଶ୍ୱାସୀର ନିଷ୍ପତ୍ତିଗୁଡ଼ିକ ଜଗତର ନିଷ୍ପତ୍ତିଗୁଡ଼ିକ ଠାରୁ ବିପରିତ ଅଟେ କାରଣ ବିଶ୍ୱାସୀ ଜଗତର ଅନୁରୂପୀ ନୁହେଁ ବରଂ ନୂତନୀକରଣ ହୁଏ ଏବଂ ନୂତନ ମନ ସହିତ ନିଷ୍ପତ୍ତି ନେଇଥାଏ ।

ଈଶ୍ୱରଙ୍କ ନିର୍ଦ୍ଦେଶନାକୁ ବୁଝିବାରେ ଉଦ୍ଦେଶ୍ୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ । ଜଣେ ବ୍ୟକ୍ତି ଯିଏ କେବଳ ଈଶ୍ୱରଙ୍କ ଇଚ୍ଛା ଅନୁସନ୍ଧାନ କରେ, ଯାହା ଦ୍ୱାରା ସେ ଏହା କରିବ କି ନାହିଁ ତାହା ନିଷ୍ପତ୍ତି ନେଇପାରିବ, ସେ ହୁଏତ ଦ୍ୱନ୍ଦରେ ପଡ଼ିବ । ଯଦି ଜଣେ ବ୍ୟକ୍ତି ଶାସ୍ତ୍ରୀୟ ଏବଂ ଯୁକ୍ତି ଯୁକ୍ତ ଅନୁସାରେ ଈଶ୍ୱରଙ୍କ ଇଚ୍ଛା ଖୋଜେ ଏବଂ ସମ୍ପୂର୍ଣ୍ଣ ହୃଦୟର ସହିତ ତାହା କରେ ତେବେ ସେ ଈଶ୍ୱରଙ୍କ ଇଚ୍ଛାକୁ ହରାଇବ ନାହିଁ ।

## ଦଳଗତ ଆଲୋଚନା ନିମନ୍ତେ

► ୱେସ୍‌ଲିଙ୍କ ନୀତିର କେତେକ ପ୍ରୟୋଗ ବିଷୟରେ ଆଲୋଚନା କର । କିଛି ଉଦାହରଣ ହୋଇପାରେ କେଉଁ ପସନ୍ଦର ବନ୍ଧୁଙ୍କ ସହିତ ସମୟ ବିତାଇବା, ଚାକିରି ବିକଳ୍ପ କିମ୍ବା ୱେଡିଂ ସମ୍ପର୍କ (ଯଦି ଅବିବାହିତ) ବଚାର କରିବା, *"କେଉଁ ପରିସ୍ଥିତି ମୋତେ ପବିତ୍ର ହେବାରେ ସାହାଯ୍ୟ କରିବ ଏବଂ ମୋର ପ୍ରଭାବକୁ ସର୍ବାଧିକ କରିବ?"*

► କେତେ ଲୋକ ସେମାନେ ନିର୍ଦ୍ଦିଷ୍ଟ ଲୋକଙ୍କ ସହିତ କିମ୍ବା ନିର୍ଦ୍ଦିଷ୍ଟ ସ୍ଥାନରେ ଥିବା ସମୟରେ ସେମାନଙ୍କର ଖ୍ରୀଷ୍ଟିୟାନ ପରିଚୟ ବଜାୟ ରଖିପାରନ୍ତି ନାହିଁ ବୋଲି ମନେ ହୁଏ । ଉଦାହରଣଗୁଡ଼ିକ ବିଚାର କରନ୍ତୁ ।

► ଆଲୋଚନା ନିମନ୍ତେ ସମ୍ଭାବ୍ୟ ଅନ୍ୟାନ୍ୟ ବିଷୟ:

- ନିଷ୍ପତ୍ତି ନେବାରେ ପ୍ରେରଣାର ଭୂମିକା
- ଏକ ସଙ୍କେତ ପାଇଁ ଅପେକ୍ଷା କରିବାର ତ୍ରୁଟି
- ଅନ୍ତର୍ନିହିତ ଭାବନାକୁ ଅତ୍ୟଧିକ ବିଶ୍ୱାସ କରିବାର ବିପଦ

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା,

ମୋ ନିମନ୍ତେ ଉତ୍ତମ ବିଷୟ ଯୋଜନା କରିଥିବା ହେତୁ ତୁମକୁ ଧନ୍ୟବାଦ ଦେଉଛି । ମୁଁ ଜାଣେ ଯେ, ତୁମେ ମୋ’ ପାଦଗୁଡ଼ିକୁ ମୁଁ ଦେଖିବା ଅପେକ୍ଷା ଅଧିକ ମାର୍ଗଦର୍ଶନ କରୁଛି ।

ପ୍ରାର୍ଥନାରେ ତୁମର ନିକଟବର୍ତ୍ତୀ ରହିବାକୁ ମୋତେ ସାହାଯ୍ୟ କର । ତୁମେ ଦେଖାଇଥିବା ସତ୍ୟ ପ୍ରତି ଧ୍ୟାନ ଦେବାରେ ମୋତେ ସାହାଯ୍ୟ କର ।

ମୁଁ ପବିତ୍ର ହେବାକୁ ଚାହୁଁଛି ଏବଂ ତୁମର ମହିମା ପାଇଁ ମୁଁ ଯାହା କରିପାରିବି ତାହା କରିବାକୁ ଚାହୁଁଛି ।

ମୋର ଉଦ୍ଦେଶ୍ୟକୁ ପବିତ୍ର କର, ଯେପରି ସେମାନେ ତୁମ୍ଭ ଇଚ୍ଛାରୁ ମୋତେ ଦୂରେଇ ନ ନେଇଯିବେ । ମୋ ଜୀବନରେ ତୁମେ ଯେଉଁ ଜ୍ଞାନୀ ପରାମର୍ଶଦାତାମାନଙ୍କୁ ରଖିଛ, ସେମାନଙ୍କ ମାଧ୍ୟମରେ ତୁମେ ମୋତେ ମାର୍ଗଦର୍ଶନ କର ।

ପ୍ରତ୍ୟେକ ନିଷ୍ପତ୍ତିରେ ମୁଁ ତୁମକୁ ବିଶ୍ୱାସ କରିବାକୁ ଇଚ୍ଛା କରେ । ମୁଁ ସମ୍ପୂର୍ଣ୍ଣ ହୃଦୟର ସହିତ ତୁମର ଇଚ୍ଛା ପାଳନ କରିବାକୁ ଚାହେଁ ।

ମୋ’ ପାଇଁ ସର୍ବୋତ୍ତମ ଚାହାନ୍ତି ବୋଲି ତୁମ୍ଭଙ୍କୁ ଧନ୍ୟବାଦ ଜ୍ଞାପନ କରୁଅଛି ।

ଆମେନ୍

## ପାଠ ୫ - ଦିଆଯାଇଥିବା କାର୍ଯ୍ୟ

(୧) ହିତୋପଦେଶ ୩:୧-୧୨ ପାଠ କର । ଏଠାରେ ବର୍ଣ୍ଣନା କରାଯାଇଥିବା ପ୍ରାଥମିକତା, ମନୋଭାବ ଏବଂ ଚରିତ୍ର ବିଷୟରେ ଲେଖ । ଆପଣ ବ୍ୟକ୍ତିଗତ ଭାବରେ ଏହି ଗୁଣଗୁଡ଼ିକ କିପରି ବିକଶିତ କରିପାରିବେ ସେ ବିଷୟରେ ଲେଖନ୍ତୁ (ସବୁକୁ ୧-୨ ପୃଷ୍ଠାରେ ଲେଖନ୍ତୁ) ।

(୨) ଯାକୁବ ୪:୧୩-୧୭ ପରୀକ୍ଷା କର । ପରିସ୍ଥିତି ଉପରେ ପରମେଶ୍ୱରଙ୍କ ସାର୍ବଭୌମତ୍ୱ ଲକ୍ଷ୍ୟ କର । ୧୬ ପଦରେ ଉଲ୍ଲେଖ କରାଯାଇଥିବା ମନ୍ଦତା - "ଅହଂକାର" କ'ଣ ଅଟେ ? ଏହି ଶାସ୍ତ୍ରାଂଶରେ ଭବିଷ୍ୟତ ପାଇଁ ଯୋଜନା ବିଷୟରେ କ'ଣ କହେ ତାହା ବ୍ୟାଖ୍ୟା କରି ଏକ ଅନୁଚ୍ଛେଦ ଲେଖ ।

(୩) ପ୍ରାର୍ଥନା ଏବଂ ନିଷ୍ପତ୍ତି ନେବା ମଧ୍ୟରେ ସମ୍ପର୍କ ବ୍ୟାଖ୍ୟା କରି ଦୁଇଟି ଅନୁଚ୍ଛେଦ ଲେଖ ।

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

- ଆମର ନିଷ୍ପତ୍ତି ନେବାରେ ପ୍ରାର୍ଥନା କିପରି ପ୍ରଭାବିତ କରିବା ଉଚିତ?
- ପ୍ରାର୍ଥନା ଏବଂ ନିଷ୍ପତ୍ତି ନେବାରେ ଜଡ଼ିତ କେଉଁ ସବୁ ତ୍ରୁଟିଗୁଡ଼ିକ ଏଡ଼ାଇବା ଉଚିତ?

# ପାଠ - ୬

# ବାଇବଲରେ ବିବାହର ଧାରଣା

## ପାଠର ଉଦ୍ଦେଶ୍ୟ

ଏହି ପାଠର ଶେଷ ସୁଦ୍ଧା ଛାତ୍ର ଛାତ୍ରୀମାନେ ଯେପରି :

(୧) ଈଶ୍ୱରଙ୍କ ଚିତ୍ରଣକୁ ଏବଂ ବିବାହର ଉଦ୍ଦେଶ୍ୟଗୁଡ଼ିକୁ ଗ୍ରହଣ କରିବେ ।

(୨) ଈଶ୍ୱରଙ୍କ ଦୃଷ୍ଟିକୋଣରୁ ମହିଳାମାନଙ୍କର ମୂଲ୍ୟ ବୁଝିପାରିବେ ।

(୩) ଖ୍ରୀଷ୍ଟିୟ ବିବାହ ନିମନ୍ତେ ଈଶ୍ୱରଙ୍କ ନୀତିଗୁଡ଼ିକ ପ୍ରତି ବ୍ୟକ୍ତିଗତ ଭାବରେ ବିଶ୍ୱସ୍ତ ରହିବାକୁ ସମର୍ପିତ ହେବେ ।

## ହର୍ନାଣ୍ଡୋ କୋର୍ଟସ୍ : ଜଣେ ସମର୍ପିତ ବ୍ୟକ୍ତି

ହର୍ନାଣ୍ଡୋ କୋର୍ଟସ୍ ଏକ ଦୃଷ୍ଟାନ୍ତ ନୁହଁନ୍ତି ଯେ, ଯାହାର ଚରିତ୍ର ଏବଂ ମହତ୍ୱାକାଂକ୍ଷା ଅନୁସରଣ କରିବା । ତଥାପି ତାଙ୍କର ଗୋଟିଏ କାର୍ଯ୍ୟ ତାଙ୍କ ଲକ୍ଷ୍ୟ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲା । ୧୫୧୯ ବସନ୍ତ ଋତୁରେ ହର୍ନାଣ୍ଡୋ କୋର୍ଟସ୍ ବର୍ତ୍ତମାନର ମେକ୍ସିକୋ ଅଞ୍ଚଳକୁ ଜୟ କରିବାର ଆଶା ରଖିଥିଲେ । ଏହି ମିଶନ୍‌କୁ ସ୍ପେନ୍‌ର ରାଜ୍ୟପାଳ ୧୧ଟି ଜାହାଜ ଏବଂ ୭୦୦ ଲୋକଙ୍କୁ ଦେଇ ସାହାଯ୍ୟ କରିଥିଲେ । ଅନେକ ମାସ ସମୁଦ୍ରରେ ଯାତ୍ରା କରିବା ପରେ ହର୍ନାଣ୍ଡୋ କୋର୍ଟସ୍ ଏବଂ ତାଙ୍କର ଲୋକମାନେ ଶେଷରେ ମେକ୍ସିକୋର କୂଳରେ ପହଞ୍ଚିଲେ । ପରବର୍ତ୍ତି ଆହ୍ୱାନ ଥିଲା ସ୍ଥଳ ପଥ ଦେଇ ସହରର ରାଜଧାନୀରେ ପ୍ରବେଶ କରିବା । ହର୍ନାଣ୍ଡୋ କୋର୍ଟସ୍ ଜାଣିଥିଲେ ଯେ, ସ୍ଥଳ ପଥରେ ଚାଲିବା କଷ୍ଟଦାୟକ ଏବଂ ବିପଦପୂର୍ଣ୍ଣ ଅଟେ । ସେ ଚାହୁଁଥିଲେ ଯେ, ତାଙ୍କ ଲୋକମାନେ ଏହା ଅନୁଭବ କରନ୍ତୁ ଯେ, ପଛକୁ ଫେରିବା ଏକ ବିକଳ୍ପ ନୁହେଁ, ତେଣୁ ସେ ସମସ୍ତ ଜାହାଜ ପୋଡ଼ି ଦେଲେ । ସେ ସ୍ପେନ୍‌କୁ ଫେରିବା ଅସମ୍ଭବ କରିଥିଲେ ଏବଂ ସେହି ସମୟରେ ସଫଳ ହେବା ପାଇଁ ଏକ ଶକ୍ତିଶାଳୀ ପ୍ରେରଣା ସୃଷ୍ଟି କଲେ । ସେହିପରି ବିବାହ ମଧ୍ୟରେ ପ୍ରବେଶ କରିଥିବା ପ୍ରତ୍ୟେକ ବ୍ୟକ୍ତି ନିଶ୍ଚିତ ଭାବରେ ସମର୍ପିତ ହେବା ଉଚିତ, ଜାଣିରଖିବା ଦରକାର ଯେ, ଯେତେବେଳେ ସେ ବିବାହିତ, ଅନ୍ୟ ବିକଳ୍ପ ଆଉ କିଛି ନାହିଁ ।

## ପରିଚୟ

ବାଇବଲ ଅନୁଯାୟୀ ବିବାହ ଏକ ସୁନ୍ଦର ବିଷୟ ଅଟେ ।[୫] କିନ୍ତୁ ପତୀ ପତ୍ନୀ ଯେଉଁମାନେ ଏହାର ସୁନ୍ଦରତାକୁ ଅନୁଭବ କରିବାକୁ ଇଚ୍ଛା କରନ୍ତି ଏବଂ ଏହାର ଉତ୍ତମତାର ସ୍ୱାଦ ଚାଖିବାକୁ ଇଚ୍ଛା କରନ୍ତି, ଏ ବିଷୟରେ ଶାସ୍ତ୍ର କ'ଣ ଶିକ୍ଷା ଦିଏ ତାହା ପରୀକ୍ଷା କରିବା ଆବଶ୍ୟକ ଏବଂ ସେମାନେ ଯାହା ଶିକ୍ଷା କରିଛନ୍ତି ସେଥିରେ ପାଳନ କରିବେ । ଏକ ସନ୍ତୁଷ୍ଟଜନକ ବିବାହ ପରିଶ୍ରମ ଏବଂ ବଳିଦାନ ଆବଶ୍ୟକ କରେ ।

► କେହି ଜଣେ ସେୟାର କରିବାକୁ ପସନ୍ଦ କରିବେ କି, ଆବଶ୍ୟକୀୟ ପ୍ରତିବଦ୍ଧତାକୁ ଅନୁଭବ ନ କରି କିପରି ସେ ଲାଭ ଆଶା କରି ବିବାହରେ ପ୍ରବେଶ କରିଥିଲେ?

ବିବାହ ବୁଝିବାକୁ ଆରମ୍ଭ କଲେ ଆମକୁ ପ୍ରାରମ୍ଭକୁ ଯିବାକୁ ହେବ - ଆଦିପୁସ୍ତକ । ସୃଷ୍ଟିର କାହାଣୀ ବିବାହ ବିଷୟରେ ଆମକୁ ଶିକ୍ଷା ଦିଏ ।

## ବାଇବଲ ଅନୁଯାୟୀ ବିବାହ

**ସହଭାଗିତା ନିମନ୍ତେ ବାଇବଲ ଅନୁଯାୟୀ ବିବାହ ଅଟେ :**

"ଅନନ୍ତର ସଦାପ୍ରଭୁ ପରମେଶ୍ୱର କହିଲେ, ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ, ଆମ୍ଭେ ତାହା ନିମନ୍ତେ ତାହାର ଅନୁରୂପ ସହକାରିଣୀ ନିର୍ମାଣ କରିବା" (ଆଦିପୁସ୍ତକ ୨:୧୮) ।

ଯେପରି ପିତା ଈଶ୍ୱର, ପୁତ୍ର ଏବଂ ପବିତ୍ର ଆତ୍ମା ସହଭାଗିତାରେ ଅଛନ୍ତି, ସେପରି ଈଶ୍ୱର ଆମକୁ ସାମାଜିକ ହେବା ପାଇଁ ଡିଜାଇନ୍ କରିଛନ୍ତି । ବାର୍ତ୍ତାଳାପ କରିବା ପାଇଁ ଆମେ ସୃଷ୍ଟି ହୋଇଅଛୁ । ଆମେ ଅନ୍ତରଙ୍ଗତା ଏବଂ ସହଭାଗିତା ପାଇଁ ସୃଷ୍ଟି ହୋଇଥିଲୁ । ଈଶ୍ୱର କହିଲେ, ଏକାକୀ ରହିବା ଭଲ ନୁହେଁ ।

ଆଦିପୁସ୍ତକର ଘଟଣାଗୁଡ଼ିକ ବିବରଣୀ ବିବାହର ମର୍ଯ୍ୟାଦା ପ୍ରଦାନ କରେ । ସଦାପ୍ରଭୁ ମନୁଷ୍ୟଠାରୁ ଏକ ପଞ୍ଜରା ନେଲେ ଏବଂ ତହିଁରୁ ଏକ ସୁନ୍ଦର ସ୍ତ୍ରୀ ସୃଷ୍ଟି କଲେ, ଏକ ବ୍ୟକ୍ତି ଈଶ୍ୱରଙ୍କ ପ୍ରତିମୂର୍ତ୍ତି ସଦୃଶ ସୃଷ୍ଟ, ସମାନ ଗୁଣ, କିନ୍ତୁ ଭିନ୍ନ ଡିଜାଇନ୍‌ରେ, ଯିଏ ମନୁଷ୍ୟକୁ

[୫] ଟିମ୍ କିପ୍‌ଙ୍କ ଦ୍ୱାରା ଏହି ପାଠ ଲେଖା ହୋଇଥିଲା।

ସମ୍ପୂର୍ଣ୍ଣ କଲେ । ସେ "ସ୍ରଷ୍ଟାଙ୍କ ଶେଷ ଏବଂ ସବୁଠାରୁ ସିଦ୍ଧ କୃତି ଭାବରେ ପୁରୁଷଙ୍କ ପ୍ରତି ବିଶେଷ ସମ୍ମାନର ସହିତ ଅଣାଯାଆନ୍ତି" । □

***ବିବାହ ଏକ ଆନନ୍ଦଦାୟକ ମିଳନ ହେବା ଉଚିତ ।***

ଯେତେବେଳେ ଆଦମ କହିଲେ, "ଏ ମୋହର ଅସ୍ଥିର ଅସ୍ଥି ଓ ମାଂସର ମାଂସ" (ଆଦିପୁସ୍ତକ ୨:୨୩) । ସେ ସମ୍ମାନ ଏବଂ ଆନନ୍ଦ ପ୍ରକାଶ କରୁଥିଲେ । ଆଦମ କହିଲେ, ନାହିଁ ଯେ, "ଶେଷରେ, ଏବେ ମୋର ଜଣେ ଦାସୀ ହେଲା ଯିଏ ମୋର ପୋଷାକ ସଫା କରିବ, ମୋ' ପାଇଁ ଖାଦ୍ୟ ପ୍ରସ୍ତୁତ କରିବ, ମୋର ପିଠି ଘସି ଦେବ ଏବଂ ମୋର କାମ କରିବ " ନା, ଆଦମ କହିଲେ, "ଏକ ସାହାଯ୍ୟକାରିଣୀ ଯିଏ ମୋତେ ସମ୍ପୂର୍ଣ୍ଣ କରେ" ।

***ବିବାହ ହେଉଛି ସମାନତାର ଏକ ମିଳନ***

"... ତାହାର ଅନୁରୂପ ସହକାରିଣୀ (ଆଦିପୁସ୍ତକ ୨:୧୮) ଈଶ୍ୱର ନାରୀକୁ ପୁରୁଷ ସହିତ ସମ୍ପୂର୍ଣ୍ଣ ଭାବରେ ମେଳ ଖାଇବା ପାଇଁ ଏବଂ ସମ୍ପୂର୍ଣ୍ଣ କରିବା ପାଇଁ ଡିଜାଇନ୍ କରିଥିଲେ ।

ମାଥିଉ ହେନେରୀ ଆମକୁ ସ୍ମରଣ କରାଇ ଦିଅନ୍ତି, "ଆଦମଙ୍କର ପଞ୍ଜରାରୁ ନାରୀକୁ ସୃଷ୍ଟି କରାଗଲା, ତାଙ୍କ ମସ୍ତକରୁ ନୁହେଁ ଯେ ତାଙ୍କ ଉପରେ ରାଜତ୍ୱ କରିବେ, ତାଙ୍କ ପାଦରୁ ନୁହେଁ ଯେ, ତାଙ୍କୁ ପାଦ ତଳେ ଦଳିତ ହେବେ, ମାତ୍ର ତାଙ୍କର ବକ୍ଷ ଦେଶରୁ ନିଆଗଲା ଯେପରି ଦୁହେଁ ସମାନ ହେବେ, ଆଦମଙ୍କର ବାହୁତଳେ ଯେପରି ସେ ସୁରକ୍ଷିତ ହେବେ ଏବଂ ତାହାଙ୍କ ହୃଦୟ ନିକଟରୁ ଯେପରି ସେ ପ୍ରେମ ପାଇବେ । □□ ନାରୀ ପୁରୁଷଠାରୁ ନିକୃଷ୍ଟ କିମ୍ବା ଶ୍ରେଷ୍ଠ ନ ଥିଲା, ବରଂ ତାଙ୍କ ସହିତ ତୁଳନୀୟ ଥିଲା ।

***ବିବାହ ଏକ ଚୁକ୍ତିନାମା ହେବା ଉଚିତ***

"ଏନିମନ୍ତେ ମନୁଷ୍ୟ ଆପଣା ପିତାମାତାଙ୍କୁ ଛାଡ଼ି ଆପଣା ଭାର୍ଯ୍ୟାଠାରେ ଆସକ୍ତ ହେବ, ଆଉ ସେମାନେ ଏକାଙ୍ଗ ହେବେ" (ଆଦିପୁସ୍ତକ ୨:୨୪) । ଦୃଢ଼ ବିବାହ ରୋମାନ୍ସ ଉପରେ ନିର୍ଭର କରେ ନାହିଁ (ରୋମାଣ୍ଟିକ୍ ଅନୁଭବ ଆସିବ ଏବଂ ଯିବ) କିମ୍ବା ଆନନ୍ଦ (ଯଦିଓ ସୁସ୍ଥ ବିବାହ ଆନନ୍ଦ ଆଣିଦିଏ) । କିମ୍ବା ବ୍ୟକ୍ତିଗତ ସିଦ୍ଧି (ଯଦିଓ ଦୃଢ଼ ବିବାହ ପ୍ରକୃତରେ ପରିପୂର୍ଣ୍ଣ ଅଟେ) । ବିବାହର

---

[9] *Ellicot's Commentary for English Readers* (ଆଦିପୁସ୍ତକ ୨:୨୨ ଉପରେ ଲିଖିତ) : ପ୍ରାପ୍ତ https://biblehub.com/Genesis/2:22.htm ଡିସେମ୍ବର ୨୯, ୨୦୨୦

[10] *Matthew Henry's Commentary on the Whole Bible*

ଆଶ୍ଚର୍ଯ୍ୟଜନକ ଲାଭ ଏକ ଦୃଢ଼ ବିବାହର କାରଣ ହୁଏ ନାହିଁ । ଏହା ଏକ ଦୃଢ଼ ବିବାହର ଫଳାଫଳ ଅଟେ । ବିବାହ ଚୁକ୍ତିର ଅଟଳ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ - ଜଣେ ପୁରୁଷ ଏବଂ ଜଣେ ନାରୀ ଜୀବନ ପାଇଁ ପରସ୍ପର ପ୍ରତି ସମ୍ପୂର୍ଣ୍ଣ ଭାବରେ ପ୍ରତିବଦ୍ଧ ।

ବିବାହ ଏକ ସଚ୍ଚୋଟ, ବିଶ୍ୱାସ୍ୟ, ଗ୍ରହଣୀୟ ସମ୍ପର୍କ ହେବା ଉଚିତ ଅଟେ - "ଆଦମ ଓ ତାଙ୍କର ଭାର୍ଯ୍ୟା, ଦୁହେଁ ଉଲଙ୍ଗ ଥିଲେ ହେଁ ସେମାନଙ୍କର ଲଜ୍ଜାବୋଧ ନ ଥିଲା" (ଆଦିପୁସ୍ତକ ୨:୨୫) । ଯେହେତୁ ପାପ ଏପର୍ଯ୍ୟନ୍ତ ପ୍ରଥମ ଦମ୍ପତ୍ତିଙ୍କ ନିର୍ଦ୍ଦୋଷତାକୁ କଳୁଷିତ କରି ନ ଥିଲା, ସେମାନଙ୍କର ବିବାହ ବିଚାର ବିହୀନ, ଲଜ୍ଜା ବିହୀନ ଏବଂ ଭୟ ବିହୀନ ହୋଇଥିଲା । ନୂତନ ନୀୟମ ଆମକୁ କହେ, "ବିବାହ ସମସ୍ତଙ୍କ ମଧ୍ୟରେ ଆଦରଣୀୟ ହେଉ ଓ ତାହାର ଶଯ୍ୟା ଶୁଚି ଥାଉ" (ଏବ୍ରୀ ୧୩:୪) ।

ଯେଉଁଠାରେ ଅସୁରକ୍ଷିତ, ଅବିଶ୍ୱାସ, ସନ୍ଦେହ କିମ୍ବା ଭୟ ଥାଏ, ଯେଉଁଠାରେ ପତି-ପତ୍ନୀ ପରସ୍ପରର ବିବାହ ପ୍ରତିବଦ୍ଧତା ବିଷୟରେ ନିଶ୍ଚିତ ନୁହନ୍ତି, ସେଠାରେ ଏକ ଦୃଢ଼ ବିବାହ ତିଷ୍ଠି ପାରେ ନାହିଁ । ଦୃଢ଼ ବିବାହ ପାଇଁ ଏକ ଦୃଢ଼ ପ୍ରତିଜ୍ଞା ଆବଶ୍ୟକ ଯାହା କେବଳ ଜଣେ ପତି କିମ୍ବା ପତ୍ନୀଙ୍କ ମୃତ୍ୟୁ ପରେ ଶେଷ ହୁଏ (ରୋମୀୟ ୭:୧-୨) ।

ଈଶ୍ୱରଙ୍କ ଉଦ୍ଦେଶ୍ୟ ହେଉଛି ଯେ, ବିବାହ ଜଣେ ପୁରୁଷ ଏବଂ ଜଣେ ମହିଳାଙ୍କ ମଧ୍ୟରେ ଜୀବନବ୍ୟାପୀ ଚୁକ୍ତି ହେବା ଆବଶ୍ୟକ (ମାଥିଉ ୧୯:୩-୬) । ପାଉଲ କହିଛନ୍ତି ଯେ ଯେତେବେଳେ ସେମାନଙ୍କର ଅବିଶ୍ୱାସୀ ସ୍ୱାମୀ/ସ୍ତ୍ରୀ ସେମାନଙ୍କଠାରୁ ଅଲଗା ହୁଅନ୍ତି, ସେତେବେଳେ ବିଶ୍ୱାସୀମାନେ ବନ୍ଧନରେ ଆବଦ୍ଧ ନୁହଁନ୍ତି (୧ କରିନ୍ଥୀୟ ୭:୧୫) କିନ୍ତୁ ଜଣେ ବିଶ୍ୱାସୀ ଜଣେ ଅବିଶ୍ୱାସୀ ଦମ୍ପତ୍ତିଙ୍କଠାରୁ ବିଭିନ୍ନ ନ ହେଉ (୧ କରିନ୍ଥୀୟ ୭:୧୨-୧୪, ୧୬) । ପୂର୍ବରୁ ପାଉଲ ଯାହା ଲେଖିଥିଲେ, ଈଶ୍ୱର ସମାନ କଥା କହନ୍ତି : ବିଶ୍ୱାସୀମାନେ ସେମାନଙ୍କର ଦମ୍ପତ୍ତିଙ୍କୁ ପରିତ୍ୟାଗ କରିବା ଉଚିତ ନୁହେଁ, କିନ୍ତୁ ଯଦି ସେମାନେ ତାହା କରନ୍ତି ତେବେ ସେମାନେ ଅନ୍ୟ ଜଣଙ୍କୁ ବିବାହ କରିବା ଉଚିତ ନହେଁ (୧ କରିନ୍ଥୀୟ ୭:୧୦-୧୧, ମାଥିଉ ୫:୩୧-୩୨, ମାଥିଉ ୧୯:୯) ।

ଯେତେବେଳେ ଚୁକ୍ତିବଦ୍ଧ ପ୍ରେମ ସମ୍ପର୍କ କଷ୍ଟକର ହେଲେ ମଧ୍ୟ ଆତ୍ମ-ଦାନକାରୀ, ସମ୍ମାନଜନକ ଏବଂ ସୁନ୍ଦର କରିଥାଏ (୧ କରିନ୍ଥୀୟ ୧୩) ଦୁର୍ବଳ ପ୍ରତିବଦ୍ଧତା ଅସ୍ଥାୟୀ ପ୍ରୟାସ, ଭାବପ୍ରବଣ ବିଚ୍ଛିନ୍ନତା, ପ୍ରତ୍ୟାହାର ଏବଂ ପ୍ରଲୋଭନ ସୃଷ୍ଟି କରେ ।

ଜଣେ ସ୍ୱାମୀ ଯେତେବେଳେ ତାଙ୍କ ସ୍ତ୍ରୀ ପ୍ରତି ପ୍ରତିକ୍ରୀୟାହୀନ, ଅସମ୍ମାନଜନକ, କିମ୍ବା ଅସୁସ୍ଥ ଥିଲେ ମଧ୍ୟ କେବେବି ହାର ମାନି ନ ଥାଏ, ସେତେବେଳେ ସେ ପ୍ରତିଜ୍ଞାବଦ୍ଧ ପ୍ରେମକୁ ପାଳନ କରନ୍ତି । ଜଣେ ସ୍ତ୍ରୀ ଯେତେବେଳେ ତାଙ୍କ ସ୍ୱାମୀ ତାଙ୍କୁ ଭଲ ପାଉ ନ ଥିଲେ ମଧ୍ୟ ଖ୍ରୀଷ୍ଟଙ୍କ ପାଇଁ ତାଙ୍କ ସ୍ୱାମୀଙ୍କୁ ସମ୍ମାନ ଏବଂ ଆଜ୍ଞାପାଳନ କରିବାକୁ ପସନ୍ଦ କରେ, ସେତେବେଳେ ସେ ଚୁକ୍ତିମୂଳକ ପ୍ରେମ ପାଳନ କରେ ।

ସ୍ୱାମୀର ପ୍ରେମ ସ୍ତ୍ରୀର ସମ୍ମାନ ଜିଣେ ଏବଂ ସ୍ତ୍ରୀର ସମ୍ମାନ ସ୍ୱାମୀର ପ୍ରେମକୁ ଜିଣେ ଏବଂ ସେମାନେ ନିୟମିତ ଭାବରେ ବୃଦ୍ଧି ପାଆନ୍ତି ।

► ଯଦି ଲୋକମାନେ ବିବାହରେ ଅସନ୍ତୁଷ୍ଟ ହେଲା ପରେ ସେମାନଙ୍କର ନିଷ୍ପତ୍ତି ପରିବର୍ତ୍ତନ କରିପାରିବେ ବୋଲି ଭାବି ବିବାହ କରନ୍ତି, ତେବେ କ'ଣ ସମସ୍ୟା ହୁଏ? ସମ୍ପୂର୍ଣ୍ଣ ପ୍ରତିବଦ୍ଧତା କ'ଣ ପାର୍ଥକ୍ୟ ସୃଷ୍ଟି କରେ - ଯେତେବେଳେ ଜଣେ ବ୍ୟକ୍ତି ବିଶ୍ୱାସ କରନ୍ତି ଯେ, ତାଙ୍କ ବିବାହ ସ୍ଥାୟୀ ଅଟେ ?

### ବାଇବଲ ଅନୁଯାୟୀ ବିବାହ ସୃଷ୍ଟି ନିମନ୍ତେ ସ୍ଥାନ ଅଟେ : *ପ୍ରଜନନ*

"ଦେଖ, ସନ୍ତାନଗଣ ସଦାପ୍ରଭୁଙ୍କର ଦତ୍ତ ଅଧିକାର ଓ ଗର୍ଭଜାତ ଫଳ ତାହାଙ୍କ ଦତ୍ତ ପୁରସ୍କାର'' (ଗୀତସଂହିତା ୧୨୭:୩) ।

ସନ୍ତାନଗଣ ଈଶ୍ୱରଙ୍କଠାରୁ ଦତ୍ତ ଏକ ପୁରସ୍କାର ଅଟନ୍ତି, କିନ୍ତୁ ଅନ୍ୟ ଅର୍ଥରେ ସେମାନେ ମଧ୍ୟ ପରମେଶ୍ୱରଙ୍କୁ ପିତାମାତାଙ୍କ ଉପହାର । "ପୁଣି, ତାହାଙ୍କଠାରେ ଆତ୍ମାର ଅବଶିଷ୍ଟାଂଶ ଥିଲେ ହେଁ ସେ କି ଏକ ନ କଲେ ? ଆଉ କାହିଁକି ଏକ କଲେ ? ସେ ଈଶ୍ୱରୀୟ ଏକ ବଂଶର ଚେଷ୍ଟା କଲେ । ଏଥିପାଇଁ ତୁମ୍ଭେମାନେ ଆପଣା ଆପଣା ଆତ୍ମା ବିଷୟରେ ସାବଧାନ ହୁଅ ଓ କେହି ଆପଣା ଆପଣା ଯୌବନ କାଳର ଭାର୍ଯ୍ୟା ପ୍ରତି ବିଶ୍ୱାସଘାତକତା ନ କରୁ'' (ମଲାଖି ୨:୧୫) । ଏକ ବିଶ୍ୱାସୀ ସ୍ୱାମୀ ଓ ସ୍ତ୍ରୀଙ୍କର ମିଳନରୁ ଈଶ୍ୱରୀୟ ସନ୍ତାନ ଜାତ ହେଉ ତାହା ଈଶ୍ୱରଙ୍କର ଇଚ୍ଛା ।

କିଛି ଲୋକ ଏପରି ଜୀବନଶୈଳୀ ଅନୁସରଣ କରିବାକୁ ପସନ୍ଦ କରନ୍ତି ଯେଉଁଥିରେ ସନ୍ତାନମାନେ ଅନ୍ତର୍ଭୁକ୍ତ ନ ଥାନ୍ତି, କିନ୍ତୁ ବାଇବଲ ଶିକ୍ଷା ଦିଏ ଯେ, ଯେତେବେଳେ ପିତାମାତାଙ୍କର ଧାର୍ମିକ ସନ୍ତାନ ଥାଆନ୍ତି, ସେତେବେଳେ ଈଶ୍ୱର ଖୁସି ହୁଅନ୍ତି ।

ଏହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ, ଈଶ୍ୱର କେବଳ ପ୍ରଜନନ ଚାହାନ୍ତି ନାହିଁ, ବରଂ ଧାର୍ମିକ ସନ୍ତାନ ଚାହାନ୍ତି । ସେମାନଙ୍କର ସନ୍ତାନମାନେ ଖ୍ରୀଷ୍ଟଙ୍କୁ ଅନୁସରଣ କରିବାକୁ ପିତାମାତାଙ୍କୁ ଈଶ୍ୱର ଆହ୍ୱାନ କରିଛନ୍ତି ।

### ବାଇବଲ ଅନୁଯାୟୀ ବିବାହ ଖ୍ରୀଷ୍ଟଙ୍କ ନିମନ୍ତେ ଅଟେ

ଏଫିସୀୟ ୫:୩୦-୩୨ ରେ ପବିତ୍ର ଆତ୍ମା ବିବାହର ଗଭୀର ଅର୍ଥ ପ୍ରକାଶ କରନ୍ତି, ଯାହା ଯୀଶୁଙ୍କ ଆସିବା ପୂର୍ବରୁ ଲୁକ୍କାୟିତ ଥିଲା । ବିବାହ ଏକ ଜାଗତିକ ଛବି, ଏକ ପ୍ରତିବିମ୍ବ, ଖ୍ରୀଷ୍ଟ ଯୀଶୁ ଏବଂ ତାଙ୍କ ମଣ୍ଡଳୀ ସହିତ ସମ୍ପର୍କ ।

ପାଉଲ ଏହି ବିଭାଗକୁ ବିଶ୍ୱାସୀମାନଙ୍କୁ ଆତ୍ମାରେ ପରିପୂର୍ଣ୍ଣ ହେବାକୁ ଉତ୍ସାହିତ କରି ଆରମ୍ଭ କରନ୍ତି (ଏଫିସୀୟ ୫:୧୮) । ଏହି ପରିପ୍ରେକ୍ଷୀରେ ସେ ବିବାହ ବିଷୟରେ ନିମ୍ନଲିଖିତ ନିର୍ଦ୍ଦେଶ ପ୍ରଦାନ କରନ୍ତି :

**ଆତ୍ମା-ପୂର୍ଣ୍ଣ କନ୍ୟା** ପ୍ରଭୁଙ୍କଠାରେ ତାଙ୍କ ବର (ତାଙ୍କ "ମସ୍ତକ'')ର *ବଶବର୍ତ୍ତୀ* ହେବେ, ଯେପରି ବିଶ୍ୱାସୀମାନେ ଯୀଶୁଙ୍କ ପ୍ରତି ସମର୍ପିତ ହୁଅନ୍ତି, ସେହିପରି (ଏଫିସୀୟ ୫:୨୪, ୩୨, ୧ ପିତର ୩:୧) । ଏହି ପ୍ରକାରେ ସେ ଯୀଶୁଙ୍କୁ ଏବଂ ତା'ର ସ୍ୱାମୀଙ୍କୁ ସମ୍ମାନ ଦିଏ ।

ପ୍ରତ୍ୟେକ ସ୍ତ୍ରୀମାନଙ୍କ ପାଇଁ ତାଙ୍କ ବଶବର୍ତ୍ତୀତାରେ ପ୍ରଭୁଙ୍କୁ ମନେରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ । ସେ କେବଳ ତାଙ୍କ ସ୍ୱାମୀଙ୍କ ପାଇଁ ନୁହେଁ, ବରଂ ତାଙ୍କ ପ୍ରତି ଏବଂ ତାଙ୍କ ପାଇଁ ସମର୍ପଣ କରନ୍ତି । ତାଙ୍କ ଚକ୍ଷୁ ଯୀଶୁଙ୍କ ଉପରେ ଯିଏ କେବଳ ନିର୍ଦ୍ଦୋଷ ଅଟନ୍ତି । ଜଣେ ସ୍ତ୍ରୀର ତାଙ୍କ ସ୍ୱାମୀଙ୍କ ପ୍ରତି ଇଚ୍ଛାକୃତ ଆତ୍ମ-ସମର୍ପଣ ହେଉଛି ଖ୍ରୀଷ୍ଟଙ୍କ ପ୍ରତି ଉପାସନା ।

ବାଇବଲ ଅନୁଯାୟୀ ସମର୍ପଣ, ଯେପରି ପ୍ରେମ, ବାଧ୍ୟ କରାଯାଇ ନ ପାରେ । ବାଇବଲ ଅନୁଯାୟୀ ସମର୍ପଣ ହେଉଛି ଏକ ଉପହାର ଯାହା ସ୍ତ୍ରୀମାନେ ଖ୍ରୀଷ୍ଟଙ୍କ ପ୍ରତି ଭକ୍ତି ଭାବରୁ ସେମାନଙ୍କ ସ୍ୱାମୀମାନଙ୍କୁ ପ୍ରଦାନ କରନ୍ତି (ଏଫିସୀୟ ୫:୩୩) । ପ୍ରତ୍ୟେକ ବିଷୟରେ ସମର୍ପଣ, ଯୀଶୁଙ୍କ ପ୍ରତି ଉପାସନା କରିବାର ଏକ କାର୍ଯ୍ୟ ଅଟେ ।[11]

ଜଣେ ସ୍ତ୍ରୀର ତାଙ୍କ ସ୍ୱାମୀଙ୍କ ପ୍ରତି ସମର୍ପଣ ଆତ୍ମା ପୂର୍ଣ୍ଣ-ଜୀବନର (ଏଫିସୀୟ ୫:୧୮-୨୧) ଏକ ଅଂଶ ଭାବରେ ତାଙ୍କ ପ୍ରତି ସମ୍ମାନର (ପଦ ୩୩) କାର୍ଯ୍ୟ ଅଟେ । ଏହି ସମ୍ମାନ, ଏକ ନମ୍ର ଏବଂ ଶାନ୍ତ ଆତ୍ମାରୁ ଆସେ, ପରମେଶ୍ୱରଙ୍କ ଦୃଷ୍ଟିରେ ବହୁତ ମୂଲ୍ୟବାନ ଅଟେ (୧ ପିତର ୩:୪-୫) ।

**ଆତ୍ମା-ପୂର୍ଣ୍ଣ ବର** ତା'ର କନ୍ୟାକୁ *ପ୍ରେମ* କରିବ ଯେପରି ତାଙ୍କର ମଣ୍ଡଳୀକୁ ଯୀଶୁ ପ୍ରେମ କରନ୍ତି (ଏଫିସୀୟ ୫:୨୫) । ବର ଯେପରି ତା'ର ଶରୀରକୁ ପ୍ରେମ କରେ ସେପରି ତା'ର କନ୍ୟାକୁ ପ୍ରେମ କରିବା ଉଚିତ (ଏଫିସୀୟ ୫:୨୮-୨୯) । ଯେପରି ଯୀଶୁ ତାଙ୍କ ମଣ୍ଡଳୀ ପ୍ରତି ଆତ୍ମା-ପୂର୍ଣ୍ଣ ସ୍ୱୟଂ-ବଳିଦାନ ପ୍ରଦର୍ଶନ କରିଥିଲେ, ଯେତେବେଳେ ତା' ପାଇଁ ନିଜକୁ ବଳି ଦେଲେ, ବର ମଧ୍ୟ ତା'ର କନ୍ୟା ପ୍ରତି ସେପରି କରିବା ଉଚିତ । ଏହା ତାହାର ସମର୍ପଣର କାର୍ଯ୍ୟ ଅଟେ (ଏଫିସୀୟ ୫:୨୧) । ଜଣେ ଭାଷ୍ୟକାର ଏହାକୁ ଏପରି ବର୍ଣ୍ଣନା କରନ୍ତି:

> ମଣ୍ଡଳୀକୁ ଉଦ୍ଧାର କରିବାକୁ କ୍ରୁଶ ଉପରେ ଦୁଃଖଭୋଗ କରିବାକୁ ଯୀଶୁ ଯେପରି ନିଜକୁ ଦାନ କଲେ ସେପରି ଆମେ ନିଜକୁ ଅସ୍ୱୀକାର କରିବା ଏବଂ ଯନ୍ତ୍ରଣା ଓ ପରୀକ୍ଷା ସହ୍ୟ କରିବା ଆବଶ୍ୟକ ଯେପରି ଆମେ ସ୍ତ୍ରୀର ଖୁସିକୁ ପ୍ରୋତ୍ସାହିତ କରିପାରିବା । ତାଙ୍କ ସମର୍ଥନ ପାଇଁ ପରିଶ୍ରମ ସହିବା ସ୍ୱାମୀର କର୍ତ୍ତବ୍ୟ, ତା'ର ଆବଶ୍ୟକତା ଯୋଗାଇବା, ଅସୁସ୍ଥତା ସମୟରେ ତାଙ୍କ ସେବା କରିବା ପାଇଁ, ଆବଶ୍ୟକ ହେଲେ, ନିଜକୁ ବିଶ୍ରାମ ଏବଂ ଆରାମରୁ ବଞ୍ଚିତ କରିବା, ବିପଦରେ ତାଙ୍କ ପୂର୍ବରୁ ଯିବା, ଯଦି ସେ ବିପଦରେ ଅଛନ୍ତି ତେବେ ତାଙ୍କୁ ରକ୍ଷା କରିବା, ଯେତେବେଳେ ସେ ବିରକ୍ତ ହୁଅନ୍ତି ତାଙ୍କୁ ସହ୍ୟ କରିବା, ଯେତେବେଳେ ସେ ଦୂରକୁ ଠେଲି ଦିଅନ୍ତି, ସେତେବେଳେ ତାଙ୍କ ସହିତ ଲାଗି ରହିବା, ଆତ୍ମିକ ସମସ୍ୟା ସମୟରେ

[11] ବାଇବଲଗତ ସମର୍ପଣ ବିଷୟରେ ଅଧିକ ଅଧ୍ୟୟନ ପାଇଁ "*Spiritual Formation*" ପାଠ ୧୦ ଦେଖନ୍ତୁ, ଯାହା Shepherds Global Classroomରେ ଉପଲବ୍ଧ ଅଛି ।

ତାଙ୍କ ସହିତ ପ୍ରାର୍ଥନା କରିବା ଏବଂ ତାଙ୍କୁ ବଞ୍ଚାଇବା ପାଇଁ ମରିବା ନିମନ୍ତେ ପ୍ରସ୍ତୁତ ରହିବା । ଏହା କାହିଁକି ହେବା ଉଚିତ୍ ନୁହେଁ? ଯଦି ଜାହାଜଗୁଡ଼ିକ ଭାଙ୍ଗିଯାଏ ଏବଂ ଗୋଟିଏ ପଟା ଥାଏ ଯାହା ଉପରେ ସୁରକ୍ଷା ସୁରକ୍ଷିତ ହୋଇପାରିବ, ତେବେ ସେ କ'ଣ ତାକୁ ସେହି ପଟ୍ଟା ଉପରେ ରଖିବାକୁ ଏବଂ ନିଜ ପାଇଁ ସମସ୍ତ ବିପଦରେ ସ୍ତ୍ରୀକୁ ସୁରକ୍ଷିତ ଦେଖିବାକୁ ଇଚ୍ଛୁକ ହେବା ଉଚିତ ନୁହେଁ କି ? କିନ୍ତୁ ତା'ଠାରୁ ଅଧିକ ଅଛି ... ଜଣେ ସ୍ୱାମୀଙ୍କୁ ଅନୁଭବ କରିବା ଆବଶ୍ୟକ ଯେ, ତାଙ୍କ ସ୍ତ୍ରୀଙ୍କ ପରିତ୍ରାଣ ପାଇବା ତାଙ୍କ ଜୀବନର ଏକମାତ୍ର ମହାନ ଉଦ୍ଦେଶ୍ୟ ହେବା ଉଚିତ । ତାଙ୍କ ଆତ୍ମା ପାଇଁ ଯାହା ଆବଶ୍ୟକ ତାହା ଯୋଗାଇବାକୁ ପଡ଼ିବ ... ଏବଂ ତାହାଙ୍କୁ (ସ୍ୱାମୀଙ୍କୁ) ଦୃଷ୍ଟାନ୍ତ ସ୍ଥାପନ କରିବାକୁ ହେବ, ଯଦି ତାଙ୍କୁ ପରାମର୍ଶର ଆବଶ୍ୟକତା ଅଛି, ତେବେ ତାଙ୍କୁ ପରାମର୍ଶ ଦେବେ, ଯଥା ସମ୍ଭବ ତାଙ୍କର ପରିତ୍ରାଣର ପଥକୁ ସହଜ କରିବେ । ଯଦି ଜଣେ ସ୍ୱାମୀଙ୍କ ମନରେ ତ୍ରାଣକର୍ତ୍ତାଙ୍କ ଆତ୍ମା ଏବଂ ଆତ୍ମ-ଅସ୍ୱୀକାର ଅଛି, ତେବେ ସେ ତାଙ୍କ ପରିବାରର ମୁକ୍ତିକୁ ପ୍ରୋତ୍ସାହିତ କରିପାରିଲେ କୌଣସି ବଳିଦାନକୁ ବହୁତ ବଡ଼ ମନେ କରିବେ ନାହିଁ ।[12]

ଖ୍ରୀଷ୍ଟ ତାଙ୍କ କନ୍ୟା, ମଣ୍ଡଳୀକୁ ଯେପରି ପବିତ୍ର କରନ୍ତି, ସେହିପରି ବର ତାଙ୍କ କନ୍ୟାର ପବିତ୍ରତା ଖୋଜିବା ଉଚିତ, "ଯେପରି ବାକ୍ୟ ଓ ଜଳ ପ୍ରକ୍ଷାଳନ ଦ୍ୱାରା ସେ ତାହାକୁ ପରିଷ୍କାର କରି ପବିତ୍ର କରନ୍ତି, ଯେପରି ମଣ୍ଡଳୀ ନିଷ୍କଳଙ୍କ, ନିଖୁନ୍ତ ଓ ସମସ୍ତ ପ୍ରକାର ଦୋଷରହିତ ହୋଇ ପବିତ୍ର ଓ ଅନିନ୍ଦନୀୟ ହୁଏ, ଆଉ ଏହିପରି ଗୌରବମୟ ଅବସ୍ଥାରେ ସେ ତାହାକୁ ଆପଣା ନିକଟରେ ଉପସ୍ଥିତ କରନ୍ତି'' (ଏଫିସୀୟ ୫:୨୬-୨୭) ।

ପ୍ରାଚୀନ କାଳରେ ରାଜାମାନଙ୍କ ବଧୂମାନଙ୍କୁ ମହଙ୍ଗା ଚିକିତ୍ସା ଦ୍ୱାରା ଶାରୀରିକ ଭାବରେ ଶୁଦ୍ଧ କରାଯାଉଥିଲା, —"ଛଅ ମାସ ଗନ୍ଧରସର ତୈଳ ଓ ଛଅ ମାସ ସୁଗନ୍ଧି ଓ ସ୍ତ୍ରୀଲୋକଙ୍କ ଅଙ୍ଗରାଗାର୍ଥକ ଦ୍ରବ୍ୟ ସେବନ କରିବାକୁ ହେଲା" (ଏଷ୍ଟର ୨:୧୨ ଦେଖନ୍ତୁ) । ଏହିପରି ଭାବରେ ଜଣେ କୁମାରୀ ତା'ର ସ୍ୱାମୀ ପାଇଁ ପ୍ରସ୍ତୁତ ହେଉଥିଲା ।

ଆଧ୍ୟାତ୍ମିକ ଅର୍ଥରେ, ସ୍ୱାମୀ ତାଙ୍କ ସ୍ତ୍ରୀର ଉନ୍ନତି ପାଇଁ ଆବଶ୍ୟକ ସମସ୍ତ ଉପାୟ ଯୋଗାଇବା ଉଚିତ - ବିଶ୍ୱସ୍ତତା, ନିଃସର୍ତ୍ତ ପ୍ରେମ, ବୁଝାମଣା, ପ୍ରାର୍ଥନା, ପରାମଶ୍ର ଶିକ୍ଷା ଏବଂ ଅନୁକମ୍ପା ।

ଯେତେବେଳେ ସ୍ୱାମୀ ତା'ର ସ୍ତ୍ରୀକୁ ଏହିପରି ପ୍ରେମ କରେ, ତାଙ୍କୁ ଖୁସିରେ ପରିଶୋଧ କରାଯିବ । ପାଉଲ କହନ୍ତି, "ଯେ ନିଜ ସ୍ତ୍ରୀକୁ ପ୍ରେମ କରେ, ସେ ଆପଣାକୁ ପ୍ରେମ କରେ'' (ଏଫିସୀୟ ୫:୨୮) । ଯେଉଁ ସ୍ୱାମୀମାନେ ନିଜ ସ୍ତ୍ରୀମାନଙ୍କୁ ଏହି ଆତ୍ମ-ତ୍ୟାଗୀ

[12] Albert Barnes, *Commentary on Ephesians* (୫ ପର୍ବ)

ଉପାୟରେ ଭଲ ପାଆନ୍ତି, ସମ୍ଭବତଃ ତାଙ୍କ ସ୍ତ୍ରୀଙ୍କ ସମ୍ମାନ, ସ୍ନେହ ଏବଂ ବିଶ୍ୱସ୍ତତା ଦ୍ୱାରା ସେମାନେ ପ୍ରଭୁଙ୍କଠାରୁ ଅଧିକ ପରିଶୋଧ ପାଇବେ ।

► ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ଆଧ୍ୟାତ୍ମିକ ସମର୍ଥନ ଯୋଗାଇବା ପାଇଁ କ'ଣ ନିର୍ଦ୍ଦିଷ୍ଟ କାର୍ଯ୍ୟଗୁଡ଼ିକ କରିବା ଉଚିତ?

## ଦମ୍ପତ୍ତିମାନେ ସେମାନଙ୍କର ବିବାହ ଦୃଢ଼ କରିବାର ଉପାୟଗୁଡ଼ିକ

### (୧) ସେମାନେ ପରମେଶ୍ୱରଙ୍କ ମୂଳ ପରିକଳ୍ପନାକୁ ପାଳନ କରିବା ଉଚିତ ଏବଂ ବିବାହ ମଧ୍ୟରେ ସେମାନଙ୍କର ସ୍ୱତନ୍ତ୍ର ଭୂମିକାକୁ ପ୍ରଶଂସା କରିବା ଉଚିତ ।

ଜେଣ ସ୍ୱାମୀ ଜାଣିରଖିବା ଦରକାର ଯେ, ତାଙ୍କର ସ୍ତ୍ରୀ ଈଶ୍ୱରଙ୍କଠାରୁ ଦାନ ଅଟନ୍ତି, ଜଣେ ସାହାଯ୍ୟକାରିଣୀ ଯେ ତାହାଙ୍କୁ ସମ୍ପୂର୍ଣ୍ଣ କରନ୍ତି । ତାଙ୍କ ସୁସ୍ଥତା, ତାଙ୍କ ଆଧ୍ୟାତ୍ମିକ, ଭାବପ୍ରବଣ ଏବଂ ଶାରୀରିକ ସୁସ୍ଥତା ପାଇଁ ତାଙ୍କୁ ନିଜ ଜୀବନ ଦେବାକୁ ପଡ଼ିବ । ସେ ତାଙ୍କ ପ୍ରତି କୃତଜ୍ଞ ହେବା ଉଚିତ ଏବଂ ସେ ପ୍ରେମ ପାଇବାକୁ ସର୍ବନିମ୍ନ ଯୋଗ୍ୟ ହୋଇଥିଲେ ମଧ୍ୟ ତାଙ୍କୁ ପ୍ରେମ କରିବା ଉଚିତ, ଏହା ହୃଦୟଙ୍ଗମ କରି ଯେ, କେବଳ ଈଶ୍ୱର ହିଁ ତାଙ୍କ ଭିତରେ ଯାହା ପରିବର୍ତ୍ତନ କରିବାକୁ ପଡ଼ିବ, ତାହା ପରିବର୍ତ୍ତନ କରିପାରିବେ । ଈଶ୍ୱର ତାଙ୍କର ଆଜ୍ଞାପାଳନ ଏବଂ ବିଶ୍ୱାସକୁ ସମ୍ମାନ ଦେବେ ।

ଜଣେ ସ୍ତ୍ରୀ ଈଶ୍ୱରଙ୍କ ଦ୍ୱାରା ତାଙ୍କ ସ୍ୱାମୀଙ୍କୁ ମସ୍ତକ ଭାବରେ ବାଛିଥିବା ବିଷୟକୁ ସମ୍ମାନ କରିବା ଉଚିତ, ତାଙ୍କୁ ଯଥା ସମ୍ଭବ ସମ୍ମାନ ଦେଖାଇବା ଉଚିତ ଓ ତାଙ୍କ ନେତୃତ୍ୱକୁ ସମ୍ମାନ କରିବା ଉଚିତ । ଯେତେବେଳେ ସେ ଭୁଲ୍ କରନ୍ତି ଏବଂ ସବୁଠାରୁ କମ୍ ଯୋଗ୍ୟ ହୁଅନ୍ତି, ସେତେବେଳେ ମଧ୍ୟ ତାଙ୍କୁ ବଶବର୍ତ୍ତୀ ହେବାକୁ ପଡ଼ିବ ଏବଂ ସମ୍ମାନ ବାଛିବାକୁ ପଡ଼ିବ ଏବଂ ଈଶ୍ୱର ତାଙ୍କ ଭିତରେ ଯାହା ପରିବର୍ତ୍ତନ ଆଣିବାକୁ ପଡ଼ିବ ତାହା ପରିବର୍ତ୍ତନ କରନ୍ତୁ ବୋଲି ପ୍ରାର୍ଥନା କରିବାକୁ ପଡ଼ିବ । ଈଶ୍ୱର ତାଙ୍କର ଆଜ୍ଞାବହତା ଏବଂ ବିଶ୍ୱାସକୁ ସମ୍ମାନ ଦେବେ ।

### (୨) ବିବାହିତ ଦମ୍ପତିମାନେ ପ୍ରକୃତ ଆଧ୍ୟାତ୍ମିକ ଏବଂ ଶାରୀରିକ ଘନିଷ୍ଠତା ବୃଦ୍ଧି କରିବା ଉଚିତ ।

ସେମାନେ ଭୟ, ସମାଲୋଚନା, ଅନ୍ୟମାନଙ୍କ ସହ ତୁଳନା, ଅପବ୍ୟବହାର, କାମନା, ଆତ୍ମ-ସନ୍ତୋଷ କିମ୍ବା ଅବମାନନା ବିନା ପରସ୍ପରକୁ *ଜାଣିବାକୁ* ଚେଷ୍ଟା କରିବା ଉଚିତ । ସେମାନଙ୍କୁ ପରମେଶ୍ୱର ଏବଂ ପରସ୍ପର ସମ୍ମୁଖରେ ସ୍ୱଚ୍ଛତା ଏବଂ ସଙ୍କୋଚତାର ସହିତ ବଞ୍ଚିବାକୁ ପଡ଼ିବ ।

**(୩) ବିବାହିତ ଦମ୍ପତିମାନେ ଈଶ୍ୱରଙ୍କ ଅନୁଗ୍ରହର ଦୃଷ୍ଟାନ୍ତକୁ ଅନୁସରଣ କରିବା ଆବଶ୍ୟକ, ଯେତେବେଳେ ସେମାନେ ନୀତିର ମାନଦଣ୍ଡ ପୂରଣ କରିବାରେ ବିଫଳ ହୁଅନ୍ତି ।**

ଯେତେବେଳେ ଆଦମ ଓ ହବା ପାପରେ ପତିତ ହେଲେ ଏବଂ ଲଜ୍ଜାବୋଧ ଏବଂ ଅନୁତାପ କଲେ, ଈଶ୍ୱର ସେମାନଙ୍କର ଅସଫଳତାରୁ ଉଦ୍ଧାର କରିବାର ଶକ୍ତି ପ୍ରକାଶ କଲେ । ସେମାନଙ୍କର ଉଲଙ୍ଗତାକୁ ଘୋଡ଼ାଇବା ନିମନ୍ତେ ଆଦମ ଓ ହବାଙ୍କର ପୋଷାକ ନିମନ୍ତେ ଏକ ପଶୁକୁ ବଳି ଦେଲେ (ଆଦିପୁସ୍ତକ ୩:୨୧) । ଈଶ୍ୱରଙ୍କ ଏହି ପ୍ରେମିକ କାର୍ଯ୍ୟ ଅନୁଗ୍ରହର ଏକ ଛବି ଏବଂ ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱରଙ୍କ ଉଦ୍ଧାରର ପ୍ରତିଜ୍ଞାର ଛବି ଥିଲା । କ୍ଷମା ପାଇବାକୁ ଏବଂ ପୁନରୁଦ୍ଧାର ହେବାକୁ ଖ୍ରୀଷ୍ଟ ଆମକୁ ସକ୍ଷମ କଲେ । ଖ୍ରୀଷ୍ଟଙ୍କ ମାଧ୍ୟମରେ ବିବାହିତ ଦମ୍ପତିମାନେ ବିନା ଲଜ୍ଜାରେ ମିଳନକୁ ଫେରି ପାରିବେ, ସେମାନଙ୍କର ବିଫଳତାର ଉତ୍ତାରେ ମଧ୍ୟ ।

## ଯୀଶୁଙ୍କର ମହିଳାମାନଙ୍କ ନିମନ୍ତେ ସମ୍ମାନର ଦୃଷ୍ଟାନ୍ତ

ପ୍ରଥମ ଶତାବ୍ଦୀର ରୋମୀୟ ଜଗତ ଏବଂ ଯିହୁଦୀ ଧର୍ମରେ ମହିଳାମାନଙ୍କୁ ପୁରୁଷମାନଙ୍କ ତୁଳନାରେ ନିକୃଷ୍ଟ ବୋଲି ବିବେଚନା କରାଯାଉଥିଲା । ବିଶ୍ୱର ଅନେକ ସଂସ୍କୃତି ଏବଂ ଅନେକ ଗୃହମାନଙ୍କରେ ମହିଳାମାନଙ୍କ ପ୍ରତି ଏକ ନିମ୍ନ ଦୃଷ୍ଟିକୋଣ ଏବେ ମଧ୍ୟ ପ୍ରଚଳିତ ଅଛି । ମହିଳାମାନଙ୍କୁ ଅସମ୍ମାନ କରାଯାଏ, ଯୌନ ସାମଗ୍ରୀ ଭାବରେ ବ୍ୟବହାର କରାଯାଏ ଏବଂ ନିର୍ଯ୍ୟାତନା ଦିଆଯାଏ । କିନ୍ତୁ ମହିଳାଙ୍କ ପ୍ରତି ଯୀଶୁଙ୍କର ଉଚ୍ଚ ସମ୍ମାନ ଆମର ଉଦାହାରଣ ହେବା ଉଚିତ ।

ଖ୍ରୀଷ୍ଟଙ୍କ ପାଇଁ, ପୁରୁଷମାନଙ୍କ ପରି ମହିଳାମାନଙ୍କର ଅନ୍ତର୍ନିହିତ ମର୍ଯ୍ୟାଦା ଏବଂ ମୂଲ୍ୟ ସମାନ ଅଟେ । ଯୀଶୁ କହିଲେ, "ସୃଷ୍ଟିକର୍ତ୍ତା ଆଦ୍ୟରୁ ସେମାନଙ୍କୁ ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟି କଲେ" (ମାଥିଉ ୧୯:୪, ଆଦିପୁସ୍ତକ ୧:୨୭) । ପୁରୁଷମାନଙ୍କ ପରି ସ୍ତ୍ରୀ ଲୋକମାନେ ମଧ୍ୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଛନ୍ତି । ପୁରୁଷମାନଙ୍କ ପରି ସେମାନଙ୍କର ଆତ୍ମ-ସଚେତନତା, ବ୍ୟକ୍ତିଗତ ସ୍ୱାଧିନତା, ଆତ୍ମ-ନିର୍ଣ୍ଣୟର ଏକ ପରିମାଣ ଏବଂ ସେମାନଙ୍କ କାର୍ଯ୍ୟ ପାଇଁ ବ୍ୟକ୍ତିଗତ ଦାୟିତ୍ୱ ଅଛି । ଯୀଶୁ ମହିଳାମାନଙ୍କୁ କେବଳ ପୁରୁଷମାନଙ୍କ ଅଭିଳାଷର ବସ୍ତୁ ଭାବରେ ନୁହେଁ, ବରଂ ପ୍ରକୃତ ବ୍ୟକ୍ତି ଭାବରେ ଦେଖନ୍ତି । ସେ ସେମାନଙ୍କୁ ସେହି ବ୍ୟକ୍ତି ଭାବରେ ଦେଖୁଥିଲେ, ଯେଉଁମାନଙ୍କ ପାଇଁ ସେ ଜଗତକୁ ଆସିଥିଲେ (ଲୂକ ୮:୧-୩) ।

ଚାରୋଟି ସୁସମାଚାରରେ ଦେଖାଯାଇଥିବା ଯୀଶୁଙ୍କ ମହିଳାମାନଙ୍କ ପ୍ରତି ଉଚ୍ଚ ଦୃଷ୍ଟି କୋଣ ଏବଂ ମହିଳାଙ୍କ ପ୍ରତି ତାଙ୍କର ସମ୍ମାନର ଏହି ସ୍ପଷ୍ଟ ଉଦାହରଣ ଜେମ୍ସ ବେରଲାଣ୍ଡ, ଜନ୍ ପାଇପର୍ ଏବଂ ୱେନ୍ ଗ୍ରୁଡେମ୍ ପ୍ରଦାନ କରନ୍ତି :

**(୧) ଯୀଶୁ ନିୟମିତ ଭାବରେ ସାଧାରଣ ସ୍ଥାନରେ ମହିଳାମାନଙ୍କୁ ସିଧାସଳଖ ସମ୍ବୋଧନ କରୁଥିଲେ ।**

ଯୀଶୁଙ୍କ ସମୟରେ ଜଣେ ପୁରୁଷ ପାଇଁ ଏହା ଅସାଧାରଣ ଥିଲା (ଯୋହନ ୪:୨୭) । ସୁଖାରର କୂପ ନିକଟରେ ଶମିରୋଣୀୟା ସ୍ତ୍ରୀ ସହିତ ଯୀଶୁଙ୍କର କଥା ହେବାର ଦେଖି ଶିଷ୍ୟମାନେ ଆଶ୍ଚର୍ଯ୍ୟ ହେଲେ (ଯୋହନ ୪:୭-୨୬) । ସେ ମଧ୍ୟ ବ୍ୟଭିଚାରିଣୀ ସ୍ତ୍ରୀ ସହିତ ବିନା ଦ୍ୱିଧାରେ କଥା ହେଲେ (ଯୋହନ ୮:୧୦-୧୧) । ନାଇନର ବିଧବା ସହିତ ସାଧାରଣ ସ୍ଥାନରେ କଥା ହେବାର ଲୂକ ଉଲ୍ଲେଖ କରନ୍ତି (ଲୂକ ୭:୧୨-୧୩), ପ୍ରଦରାରୋଗୀ ମହିଳା ସହିତ ଯୀଶୁ କଥା ହେଲେ (ଲୂକ ୮:୪୮, ମାଥିଉ ୯:୨୨, ମାର୍କ ୫:୩୪) ଏବଂ ଜଣେ ମହିଳା ଯିଏ ଲୋକସମୂହ ମଧ୍ୟରୁ ତାଙ୍କୁ ଡାକ ପକାଇଲା (ଲୂକ ୧୧:୨୭-୨୮) । ୧୮ ବର୍ଷରୁ ଊର୍ଦ୍ଧ୍ୱ ଜଣେ କୁବ୍‌ଜା ସ୍ତ୍ରୀ ଲୋକ ସହିତ ଯୀଶୁ କଥା ହେଲେ (ଲୂକ ୧୩:୧୨) । କ୍ରୁଶର ପଥରେ ଏକ ମହିଳା ଦଳ ସହିତ କଥା ହେଲେ (ଲୂକ ୨୩:୨୭-୩୧) ।

**(୨) ସେମାନଙ୍କ ପ୍ରତି କିପରି କଥା ହେବା ଦ୍ୱାରା ଯୀଶୁ ତାଙ୍କର ମହିଳାମାନଙ୍କ ପ୍ରତି ଉଚ୍ଚ ସମ୍ମାନ ପ୍ରାଦର୍ଶନ କଲେ ।**

ସେ ଏକ ଚିନ୍ତନଶୀଳ ଏବଂ ଯତ୍ନବାନ ଢ଼ଙ୍ଗରେ କଥା କହୁଥିଲେ । ମାର୍କ ଏବଂ ଲୂକ ଲେଖନ୍ତି ଯେ, ପ୍ରଦରାଗ୍ରସ୍ତ ସ୍ତ୍ରୀ ଲୋକକୁ ସେ ଏକ "କନ୍ୟା" ବୋଲି ସମ୍ବୋଧନ କଲେ (ଲୂକ ୧୩:୧୬) । ସେମାନଙ୍କୁ "ଅବ୍ରହାମଙ୍କ କନ୍ୟାଗଣ'' ସମ୍ବୋଧନ କରିବା ଦ୍ୱାରା ଯୀଶୁ ସେମାନଙ୍କୁ "ଅବ୍ରହାମଙ୍କର ପୁତ୍ର''ଙ୍କ ସହିତ ସମାନ ଆଧ୍ୟାତ୍ମିକ ସ୍ଥାନରେ ସ୍ଥାପନ କରନ୍ତି ।

**(୩) ଯୀଶୁ ମହିଳାମାନଙ୍କୁ ସେମାନଙ୍କ ପାପ ପାଇଁ ବ୍ୟକ୍ତିଗତ ଭାବରେ ଦାୟି କରି ସେମାନଙ୍କର ଅନ୍ତର୍ନିହିତ ମୂଲ୍ୟ ଦେଖାନ୍ତି ।**

କୂପ ପାଖରେ ମହିଳାଙ୍କ ସହିତ ତାଙ୍କର ପାରସ୍ପରିକ କ୍ରିୟାରୁ ଏହା ଦେଖାଯାଇପାରେ (ଯୋହନ ୪:୧୬-୧୮) ବ୍ୟଭିଚାରିଣୀ (ଯୋହନ ୮:୧୦-୧୧), ଏବଂ ପାପୀନୀ ସ୍ତ୍ରୀ ଯିଏ ତାଙ୍କ ପାଦକୁ ସୁଗନ୍ଧି ତୈଳରେ ଲେପନ କରିଥିଲା (ଲୂକ ୭:୪୪- ୫୦) । ଏହିଗୁଡ଼ିକରେ ତାଙ୍କ କାର୍ଯ୍ୟ ଦେଖି ପାରିବା । ସେମାନଙ୍କ ପାପକୁ ଅଣଦେଖା କରାଯାଇ ନ ଥିଲା ବରଂ ସମ୍ନା କରାଯାଇଥିଲା । ତାଙ୍କର କାର୍ଯ୍ୟ ଦର୍ଶାଉ ଥିଲା ଯେ, ପ୍ରତ୍ୟେକ ସ୍ତ୍ରୀ ଲୋକଙ୍କର ବ୍ୟକ୍ତିଗତ ସ୍ୱାଧିନତା ଥିଲା, ତାଙ୍କର ପସନ୍ଦ ପାଇଁ ସେମାନେ ଦାୟୀ ଥିଲେ ଏବଂ ବ୍ୟକ୍ତିଗତ ଭାବରେ ପାପର ସମସ୍ୟାଗୁଡ଼ିକର ସମାଧାନ କରିବାକୁ ପଡ଼ିବ, ଅନୁତାପ ଏବଂ କ୍ଷମା ।

**ମହିଳାମାନଙ୍କ ପ୍ରତି ଯୀଶୁଙ୍କର ମୂଲ୍ୟ ଆଜିର ମଣ୍ଡଳୀକୁ କିପରି ମାର୍ଗଦର୍ଶନ କରିବା ଉଚିତ ।**

ସେବାକାର୍ଯ୍ୟରେ ଏବଂ ଗୃହମାନଙ୍କରେ ବାଇବଲ ଅନୁଯାୟୀ ମହିଳାମାନଙ୍କର ଆଦର୍ଶ ଭୂମିକା ଅନେକ ମଣ୍ଡଳୀମାନଙ୍କରେ ଏବଂ ସମ୍ପ୍ରଦାୟମାନଙ୍କରେ ଆଜି ଆଲୋଚନା ହେଉଛି, ତଥାପି ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ବ୍ୟକ୍ତି ଭାବରେ ମହିଳାମାନଙ୍କର ମୂଲ୍ୟ ଏବଂ ସମାନତା ଉପରେ କଦାପି ପ୍ରଶ୍ନ ଉଠାଇବା ଉଚିତ ନୁହେଁ । ବ୍ୟକ୍ତି ବିଶେଷ ଭାବରେ ମହିଳାମାନଙ୍କର ମୂଲ୍ୟ ଏବଂ ମର୍ଯ୍ୟାଦାକୁ ଯୀଶୁ ବାରମ୍ବାର ପ୍ରଦର୍ଶନ କରିଛନ୍ତି । ଯୀଶୁ ତାଙ୍କ ପୁନରୁତ୍‌ଥାନର ପ୍ରଥମ ଘୋଷଣାକାରୀ ଭାବରେ ମହିଳାମାନଙ୍କୁ ନିଯୁକ୍ତ

କରିଥିଲେ (ଯୋହନ ୨୦:୧୭) । ସେମାନଙ୍କର ସହଭାଗିତାକୁ, ପ୍ରାର୍ଥନାକୁ, ଖ୍ରୀଷ୍ଟିୟ ସେବାକାର୍ଯ୍ୟକୁ, ଆର୍ଥିକ ସାହାଯ୍ୟକୁ, ସାକ୍ଷ୍ୟକୁ ସେ ମୂଲ୍ୟ ଦେଇଥଲେ । ଯୀଶୁ ମହିଳାମାନଙ୍କୁ ସମ୍ମାନ ଦେଇଥିଲେ, ମହିଳାମାନଙ୍କୁ ଶିକ୍ଷା ଦେଇଥିଲେ ଏବଂ, ଚିନ୍ତନଶୀଳ ଭାବରେ ମହିଳାମାନଙ୍କର ସେବା କରିଥିଲେ ।

## ନୂତନ ନିୟମରେ ମହିଳାମାନଙ୍କ ପ୍ରତି ସମ୍ମାନ

ପବିତ୍ର ଆତ୍ମାଙ୍କ ଜୀବନରେ ମହିଳାମାନଙ୍କ ପ୍ରତି ଯୀଶୁଙ୍କର ସମ୍ମାନର ଉଦାହରଣ ଦେଖାଯାଏ । ପେଣ୍ଟିକଷ୍ଟ ଦିବସରେ, ଉଭୟ ପୁଅ ଓ ଝିଅମାନଙ୍କ ଉପରେ ଏବଂ ଦାସ ଓ ଦାସୀମାନଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କରିଥିଲେ (ପ୍ରେରିତ ୨:୧୭-୧୮) । ପବିତ୍ର ଆତ୍ମା ପକ୍ଷପାତିତା କରି ନ ଥିଲେ ।

ରୋମୀୟ ୧୬, ରେ ପାଉଲ ଫୈବି ନାମକ ଜଣେ ମହିଳାଙ୍କୁ ମଣ୍ଡଳୀର ଜଣେ ସେବକ ଭାବରେ ପ୍ରଶଂସା କରିଛନ୍ତି (ପଦ ୧), ଯୀଶୁ ଖ୍ରୀଷ୍ଟଙ୍କ କାର୍ଯ୍ୟକାରୀ ଭାବରେ ଉଭୟ ପ୍ରୀସ୍କା ଓ ଆକ୍ୱିଲା ଯେଉଁମାନେ ନିଜ ପ୍ରାଣକୁ ବିପଦଗ୍ରସ୍ତ କଲେ (ପଦ ୩-୪), ମରିୟମ ଯିଏ କି କଠିନ ପରିଶ୍ରମ କରିଥିଲେ (ପଦ ୬), ଯୂନିୟା ଯିଏ ପ୍ରେରିତମାନଙ୍କ ମଧ୍ୟରେ ବିଖ୍ୟାତ ଥିଲେ (ପଦ ୭) ଏବଂ ଅନ୍ୟାନ୍ୟ ମହିଳାମାନେ ମଧ୍ୟ ।

୧ ଥେସଲନୀକୀୟରେ, ପାଉଲ ଯେତେବେଳେ ଲେଖନ୍ତି, "କିନ୍ତୁ ଆମ୍ଭେମାନେ ତୁମ୍ଭମାନଙ୍କ ମଧ୍ୟରେ ମୃଦୁଶୀଳ ହୋଇ, ମାତା ଯେପରି ଆପଣା ସନ୍ତାନମାନଙ୍କୁ ଲାଳନପାଳନ କରେ'' (୧ ଥେସଲନୀକୀୟ ୨:୭), ସେତେବେଳେ ସେ ଈଶ୍ୱରଙ୍କ ପରିକଳ୍ପିତ କୋମଳତା ଏବଂ ମହିଳାମାନଙ୍କ ମାତୃ ପ୍ରେମକୁ ପ୍ରଶଂସା କରନ୍ତି ।

ଏଫିସୀୟରେ ସେ ସ୍ୱାମୀମାନଙ୍କୁ ନିର୍ଦ୍ଦେଶ ଦିଅନ୍ତି, "ଖ୍ରୀଷ୍ଟ ଯେପରି ମଣ୍ଡଳୀକି ପ୍ରେମ କଲେ, ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର, ସେ ତ ତାହା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ," ଏବଂ "ସ୍ୱାମୀମାନଙ୍କର ମଧ୍ୟ ଆପଣା ଆପଣା ସ୍ତ୍ରୀମାନଙ୍କୁ ନିଜ ନିଜ ଶରୀର ସଦୃଶ ପ୍ରେମ କରିବା" (ଏଫିସୀୟ ୫:୨୫-୨୮) । ସ୍ୱାମୀମାନଙ୍କୁ ପିତର ଆବେଦନ କରନ୍ତି, "ଜ୍ଞାନରେ ସେମାନଙ୍କର ସହିତ ବାସ କର ଓ ସେମାନଙ୍କୁ ସମାଦର କର'' (୧ ପିତର ୩:୭) ।

ସ୍ପଷ୍ଟ ଭାବରେ, ଆଦ୍ୟ ମଣ୍ଡଳୀରେ ମହିଳାମାନଙ୍କୁ ମୂଲ୍ୟବାନ ବିବେଚନା କରାଯାଇଥିଲା ଏବଂ ପୁରୁଷମାନଙ୍କୁ ମହିଳାମାନଙ୍କୁ ସମ୍ମାନ କରିବାକୁ ଶିକ୍ଷା ଦିଆଯାଇଥିଲା । ସମୟ ଆସିଛି ଯେ, ସବୁଠି ଆଧ୍ୟାତ୍ମିକ ନେତାମାନେ ମହିଳାମାନଙ୍କ ପାଇଁ ଠିଆ ହେବା ଆବଶ୍ୟକ ଏବଂ ପ୍ରତ୍ୟେକ ସଂସ୍କୃତିରେ ସେମାନଙ୍କ ପ୍ରତି ହେଉଛି ଦୁର୍ବ୍ୟବହାର ବିରୁଦ୍ଧରେ ଠିଆ ହେବା ଆବଶ୍ୟକ । ସମୟ ଆସିଛି ଯେ ଆମେ ମହିଳାମାନଙ୍କୁ ସେମାନଙ୍କ ସୃଷ୍ଟିକର୍ତ୍ତାଙ୍କ ଦ୍ୱାରା ତାଙ୍କ ପ୍ରତିଛବିରେ ଅନନ୍ୟ ଭାବରେ ଡିଜାଇନ୍ ହୋଇଥିବା ବ୍ୟକ୍ତି

ଭାବରେ ସମ୍ମାନ ଦେବା । ଗୀର୍ଜାରେ କିମ୍ବା ଘରେ ପୁରୁଷ ଏବଂ ମହିଳା ଭୂମିକାର ପାର୍ଥକ୍ୟ ବିଷୟରେ ଯେକୌଣସି ଶିକ୍ଷା ଏହି ମୂଳଦୁଆରୁ ଆରମ୍ଭ ହେବା ଉଚିତ ନ ହେଲେ, ଆମର ଶିକ୍ଷାଦାନ ଅପବ୍ୟବହାରର ଏକ ପଥ ହୋଇଯିବ ।

## ଉପସଂହାର

ବିବାହ ଈଶ୍ୱରଙ୍କର ସୃଷ୍ଟି, ମନୁଷ୍ୟର ନୁହେଁ । ତେଣୁ ପରାମର୍ଶ ନିମନ୍ତେ ଆମେ ଈଶ୍ୱରଙ୍କ ନିକଟକୁ ଯିବା ଉଚିତ, ଜଗତ ନିକଟକୁ କିମ୍ବା ସଂସ୍କୃତି ନିକଟକୁ ନୁହେଁ । ଆମର ବିବାହ କିପରି ଦୃଢ଼ କରିବାକୁ ହେବ, ସ୍ଥାୟୀ ଏବଂ ପୁରସ୍କାର ପ୍ରାପ୍ତ ହେବାକୁ ହେବ, କେବଳ ସେ ଜାଣନ୍ତି । କିନ୍ତୁ ପବିତ୍ର ଆତ୍ମାଙ୍କ ବିନା ଆମେ କେବେବି ସେହି ଜୀବନସାଥି ହୋଇପାରିବୁ ନାହିଁ,ଯେପରି ଆମେ ହେବା ଉଚିତ

## ଦଳ ସେୟାରିଂ ନିମନ୍ତେ

► ବିବାହଗୁଡ଼ିକୁ ସୁଦୃଢ଼ କରିବା ପାଇଁ ମଣ୍ଡଳୀ ଯେଉଁ ନୀତିଗୁଡ଼ିକ ଶିକ୍ଷା ଦେବା ଉଚିତ ତାହା ବର୍ଣ୍ଣନା କରନ୍ତୁ । ତୁମର ପରିବେଶରେ କେଉଁ ପ୍ରକାରର ବୁଝାମଣାର ଅଭାବ ରହିଛି?

► ତୁମର ସଂସ୍କୃତି ମହିଳାମାନଙ୍କୁ ପୁରୁଷମାନଙ୍କଠାରୁ କିପରି ଭିନ୍ନ ଭାବରେ ବ୍ୟବହାର କରେ? ତୁମ ଦେଶର ମଣ୍ଡଳୀଗୁଡ଼ିକ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କୁ କିପରି ଭିନ୍ନ ଭାବରେ ବ୍ୟବହାର କରନ୍ତି ?

► ମଣ୍ଡଳୀଗୁଡ଼ିକ ଏବଂ ସଂସ୍କୃତି ମଧ୍ୟରେ କୌଣସି ପାର୍ଥକ୍ୟ ଅଛି କି?

► ଯୀଶୁଙ୍କର ଦୃଷ୍ଟାନ୍ତ ଆଧାରରେ, କେଉଁ ପ୍ରଥା ପରିବର୍ତ୍ତନ କରିବା ଉଚିତ?

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା,

ଆମକୁ ବିବାହର ସୁନ୍ଦର ଉପହାର ପ୍ରଦାନ କରିଥିବା ହେତୁ ତୁମକୁ ଧନ୍ୟବାଦ ଦେଉଛି । ତୁମର ଯୋଜନା ଅନୁସାରେ ବିବାହ ଅନୁଭବ କରିବା ପାଇଁ ଆମକୁ ଆବଶ୍ୟକୀୟ ପ୍ରତିବଦ୍ଧତାକୁ ପୂରଣ କରିବାରେ ଆମକୁ ସାହାଯ୍ୟ କର ।

ଖ୍ରୀଷ୍ଟ ଏବଂ ମଣ୍ଡଳୀ ମଧ୍ୟରେ ଥିବା ପ୍ରେମ ପରି ପ୍ରେମ ପ୍ରଦର୍ଶନ କରିବାରେ ଆମକୁ ସାହାଯ୍ୟ କର ।

ପରସ୍ପର ପ୍ରତି ସମ୍ମାନ ଦେବାରେ ଆମ ସଂସ୍କୃତିର ଊର୍ଦ୍ଧ୍ୱରେ ଯିବାକୁ ଆମକୁ ସାହାଯ୍ୟ କର ।

ପବିତ୍ର ଆତ୍ମାଙ୍କ କାର୍ଯ୍ୟ ପାଇଁ ଧନ୍ୟବାଦ ଦେଉଛୁ ଯାହା ଆନନ୍ଦଦାୟକ, ଦୃଢ଼ ସମ୍ପର୍କକୁ ସମ୍ଭବ କରିଥାଏ ।

ଆମେନ୍

## ପାଠ ୬ - ଦିଆଯାଇଥିବା କାର୍ଯ୍ୟ

(୧) ତୁମର ସଂସ୍କୃତିରେ ପୁରୁଷ ଏବଂ ମହିଳାମାନଙ୍କ ମଧ୍ୟରେ ପ୍ରଚଳିତ ଥିବା ପାର୍ଥକ୍ୟ ଗୁଡ଼ିକୁ ଲିଖିତ ଭାବରେ ବର୍ଣ୍ଣନା କର । ବାଇବଲରେ ଥିବା ସତ୍ୟର ଯତ୍ନର ସହିତ ପ୍ରୟୋଗ ଦ୍ୱାରା ସେହି ପାର୍ଥକ୍ୟ ଗୁଡ଼ିକୁ କିପରି ସଂଶୋଧନ କରାଯିବ?

(୨) ଏହି ପାଠରେ ଥିବା ଦୁଇଟି ନିୟମକୁ ବାଛନ୍ତୁ ଯାହା ତୁମ ପାଇଁ ନୂତନ ଅଟେ, ନିଜ ଶବ୍ଦରେ ସେଗୁଡ଼ିକୁ ଏକ ଅନୁଚ୍ଛେଦ ଲେଖି ବର୍ଣ୍ଣନା କର ।

(୩) ନିମ୍ନରେ ତାଲିକା କରାଯାଇଥିବା ବିଷୟବସ୍ତୁ ମଧ୍ୟରୁ ଗୋଟିଏ ଉପରେ ଏକ କ୍ଷୁଦ୍ର ଉପସ୍ଥାପନା ପ୍ରସ୍ତୁତ କର: (ଶ୍ରେଣୀର ନେତା ପ୍ରତ୍ୟେକ ଛାତ୍ରଙ୍କୁ ଗୋଟିଏ ଲେଖାଏଁ ବିଷୟ ଦେବେ) । ପରବର୍ତ୍ତି ଶ୍ରେଣୀର ପ୍ରାରମ୍ଭରେ ତାହା ଉପସ୍ଥାପନ କର ।

- ବିବାହରେ ଏକତାର ଈଶ୍ୱରଙ୍କ ପରିକଳ୍ପନା
- ବିବାହ ପାଇଁ ବାଇବଲୀୟ ଉଦ୍ଦେଶ୍ୟମାନେ
- ଜଣଙ୍କର ବିବାହ ସୁଦୃଢ଼ କରିବାର ଉପାୟ
- ମହିଳାମାନଙ୍କ ପ୍ରତି ବାଇବଲର ଏକ ଦୃଷ୍ଟିକୋଣ
- ବିବାହରେ ଈଶ୍ୱର-ପ୍ରଦତ୍ତ ଭୂମିକା ଏବଂ ସେହି ଭୂମିକାଗୁଡ଼ିକୁ ପୂରଣ କରିବା ପାଇଁ ଆତ୍ମାରେ ପରିପୂର୍ଣ୍ଣ ହେବାର ଗୁରୁତ୍ୱ ।

# ପାଠ - ୭

# ବିବାହର ପବିତ୍ରତା

## ପାଠର ଉଦ୍ଦେଶ୍ୟ

ଏହି ପାଠର ଶେଷ ସୁଦ୍ଧା ଛାତ୍ର ଛାତ୍ରୀମାନେ ଯେପରି :

(୧) ବିବାହ ପାଇଁ ଈଶ୍ୱରଙ୍କ ଯୋଜନା ଏବଂ ସମସ୍ୟାରୁ ସୁରକ୍ଷା ଦେଉଥିବା ଏବଂ ଆଶୀର୍ବାଦ ପ୍ରଦାନ କରୁଥିବା ବିବାହର ନିୟମଗୁଡ଼ିକୁ ବୁଝିପାରିବେ ।

(୨) ପରିବାର ପାଇଁ ଶାସ୍ତ୍ରରେ ଥିବା ନିର୍ଦ୍ଦେଶାବଳୀ ବ୍ୟାଖ୍ୟା କରିପାରିବ ।

## ରବର୍ଟସନ୍ ମ୍ୟାକ୍‌କ୍ୱିଲ୍‌କିନ୍, ଜଣେ ପ୍ରତିଷ୍ଠିତ ପ୍ରତିଜ୍ଞା ରକ୍ଷାକାରୀ

ଡ. ରବର୍ଟସନ୍ ମ୍ୟାକ୍‌କ୍ୱିଲ୍‌କିନ୍ ୧୨ ବର୍ଷ ପର୍ଯ୍ୟନ୍ତ ଜାପାନରେ ମିଶନେରୀ ଭାବରେ ସେବାକାର୍ଯ୍ୟ କରୁଥିଲେ । ପରବର୍ତ୍ତି ସମୟରେ ସେ କଲମ୍ବିଆ ଆନ୍ତର୍ଜାତିୟ ବିଶ୍ୱବିଦ୍ୟାଳୟର ସଭାପତି ହେଲେ । ସେ ଜଣେ ଜଣାଶୁଣା ଲେଖକ, ବକ୍ତା ଏବଂ ପ୍ରଶିକ୍ଷକ ଥିଲେ । ତାଙ୍କର ସ୍ତ୍ରୀ ମୁରିଏଲ୍ ଆଲଜାଇମର ରୋଗରେ ପୀଡ଼ିତ ଥିଲେ । ଯେତେବେଳେ ଏହି ରୋଗ ବୃଦ୍ଧି ପାଇଲା ଏବଂ ମୁରିଏଲଙ୍କୁ ସେବାଯତ୍ନର ଆବଶ୍ୟକ ହେଲା, ଡ. ରବର୍ଟସନ୍ ମ୍ୟାକ୍‌କ୍ୱିଲ୍‌କିନ୍ ତାଙ୍କ ସ୍ତ୍ରୀଙ୍କର ସେବାଯତ୍ନ କରିବା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ଦାୟୀତ୍ୱରୁ ଇସ୍ତଫା ଦେଲେ । ସେ କହିଲେ ଯେ, ବିବାହ ସମୟରେ ତାଙ୍କ ସ୍ତ୍ରୀଙ୍କୁ ଦେଇଥିବା ପ୍ରତିଜ୍ଞାକୁ ସେ ପାଳନ କରୁଛନ୍ତି । ସେ ବିଶ୍ୱାସ କରନ୍ତି ଯେ, ବିଶ୍ୱବିଦ୍ୟାଳୟର ସଭାପତି ପଦଠାରୁ ତାଙ୍କ ସ୍ତ୍ରୀଙ୍କର ଯତ୍ନ ନେବା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ଈଶ୍ୱରଙ୍କର ବିବାହ ପ୍ରତିଷ୍ଠା

ପରମେଶ୍ୱର, ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ପ୍ରଥମ ପୁରୁଷ ଏବଂ ନାରୀଙ୍କ ପାଇଁ ବିବାହ ସ୍ଥାପନ କରିଥିଲେ ।

► ଜଣେ ଛାତ୍ର ଆଦିପୁସ୍ତକ ୨:୨୧-୨୪ ଦଳ ପାଇଁ ପାଠ କରିବେ । ଏହି ପଦଗୁଡ଼ିକ ବିବାହ ବିଷୟରେ ଆମକୁ କ'ଣ କହେ?

ପରମେଶ୍ୱର ବିବାହକୁ ଲୋକମାନଙ୍କର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିଥିଲେ । ଏହା ମାନବ ପ୍ରକୃତି ପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ କରାଯାଇଥିଲା । ପରମେଶ୍ୱର ଯାହା ଡିଜାଇନ୍ କରନ୍ତି ଏବଂ ଯାହା ଆବଶ୍ୟକ କରନ୍ତି, ସେ ସବୁଥିରେ, ସେ ସର୍ବଦା ଆମ

ପାଇଁ ସର୍ବୋତ୍ତମ ଚାହାଁନ୍ତି (ଦ୍ୱିତୀୟ ବିବରଣ ୬:୨୪) । ପରମେଶ୍ୱର ଜାଣନ୍ତି ଯେ ତାଙ୍କ ବିବାହ ଯୋଜନା ପ୍ରତ୍ୟେକ ପତି/ପତ୍ନୀଙ୍କୁ ସର୍ବୋତ୍ତମ ଭାବପ୍ରବଣ, ସମ୍ପର୍କୀୟ ଏବଂ ଆଧ୍ୟାତ୍ମିକ ସୁସ୍ଥତା ପ୍ରଦାନ କରିବ ।

ବିବାହ ମଧ୍ୟ ପରମେଶ୍ୱରଙ୍କ ଚରିତ୍ର ଏବଂ ତାଙ୍କ ସମ୍ପର୍କର ପ୍ରତିଫଳନ ହେବା ପାଇଁ ଡିଜାଇନ୍ କରାଯାଇଛି । ପିତା ଈଶ୍ୱର, ପୁତ୍ର ଈଶ୍ୱର ଏବଂ ପବିତ୍ରଆତ୍ମା ଈଶ୍ୱର ସର୍ବଦା ପରସ୍ପରର ସମ୍ପର୍କରେ ଅଛନ୍ତି । ପ୍ରତ୍ୟେକଙ୍କର ସ୍ୱତନ୍ତ୍ର ଭୂମିକା ଅଛି କିନ୍ତୁ ତ୍ରିତ୍ତ୍ୱ ପରମେଶ୍ୱରଙ୍କର ପ୍ରତ୍ୟେକ ବ୍ୟକ୍ତି ସ୍ଥାୟୀ ଭାବରେ ଏକ ଅଟନ୍ତି ଏବଂ ଏକ ମହତ୍ତ୍ ଅଟନ୍ତି । ତ୍ରିତ୍ତ୍ୱ ପରମେଶ୍ୱରଙ୍କ ବ୍ୟକ୍ତିତ୍ୱ ମଧ୍ୟରେ ଆମେ ଦେଖୁ ଏକତା, ଘନିଷ୍ଠତା, ବିଶ୍ୱସ୍ତତା ଏବଂ ସ୍ଥିରତା । ବାଇବଲର ବିବାହ ଏହି ଆଶ୍ଚର୍ଯ୍ୟଜନକ ସମ୍ପର୍କ ଅନୁସାରେ ସଜ୍ଜିତ ଅଟେ । ପ୍ରତ୍ୟେକ ସ୍ୱାମୀ ଏବଂ ସ୍ତ୍ରୀଙ୍କ ପ୍ରେମରେ ପବିତ୍ର ଏବଂ ଜୀବନସାରା ପରସ୍ପର ପ୍ରତି ପ୍ରତିବଦ୍ଧ ହେବା ପାଇଁ ପରମେଶ୍ୱରଙ୍କ ଯୋଜନା ଅଟେ ।

ଈଶ୍ୱର କହିଲେ ବିବାହରେ ଜଣେ ପୁରୁଷ ଏବଂ ଜଣେ ସ୍ତ୍ରୀ ସେମାନଙ୍କର ପିତାମାତାଙ୍କୁ ପରିତ୍ୟାଗ କରିବେ ଏବଂ ଏକତ୍ର ହେବେ । ବିବାହ ଦୁଇଜଣଙ୍କୁ ଏକ ବନ୍ଧୁତା ଏବଂ ସହଭାଗିତାରେ ଧାରଣ କରେ ଯାହା ଅନ୍ୟ ଯେକୌଣସି ମାବନ ସମ୍ପର୍କ ଅପେକ୍ଷା ଅଧିକ ଦୃଢ଼ ଏବଂ ନିକଟତର ଅଟେ ।

ବିବାହ କେବଳ ଏକ ସୀମିତ ସହଭାଗିତାରେ ଦୁଇ ଜଣଙ୍କ ସହିତ ମିଶିବା ନୁହେଁ । ସେମାନଙ୍କର ଜୀବନ ଏପରି ମିଶ୍ରିତ ହେବ ଯେ, ଗୋଟିଏ ଅର୍ଥରେ ସେମାନେ ଗୋଟିଏ ବ୍ୟକ୍ତି ପରି ହେବେ । ଏହା ସେମାନଙ୍କର ବ୍ୟକ୍ତିଗତ ବ୍ୟକ୍ତିତ୍ୱର ବିଲୋପ ନୁହେଁ, ବରଂ ଏକ ବିଶେଷ ଏକତା ଅଟେ ।

### ବିବାହର ସ୍ଥାୟୀତ୍ୱ

ସ୍ଥାୟୀ ହେବା ନିମନ୍ତେ ଈଶ୍ୱର ବିବାହକୁ ଡିଜାଇନ୍ କରିଛନ୍ତି । ବିବାହରେ, ଜଣେ ପୁରୁଷ ଏବଂ ନାରୀ ଉଭୟ ଜୀବିତ ଥିବା ପର୍ଯ୍ୟନ୍ତ ଅନ୍ୟମାନଙ୍କୁ ଶିକ୍ଷା ଦେବା ପାଇଁ ବିଶ୍ୱସ୍ତ ରହିବାର ପ୍ରତିଶ୍ରୁତି ଦିଅନ୍ତି ।

ବିବାହ ବିଷୟରେ ଫାରୂଶୀମାନଙ୍କ ସହିତ ଯୀଶୁଙ୍କର କଥାବାର୍ତ୍ତା ବାଇବଲରେ ଲେଖାଯାଇଛି ।

► ଜଣେ ଛାତ୍ର ମାଥିଉ ୧୯:୩-୮ ଦଳ ପାଇଁ ପାଠ କରିବେ ।

ଯୀଶୁ କହିଲେ ଯେ, ଈଶ୍ୱର ବିବାହକୁ ସ୍ଥାୟୀ କରିବାକୁ ଇଚ୍ଛା କରୁଥିଲେ । ସେ କହିଲେ, ଯେ ଯେଉଁମାନେ ଈଶ୍ୱରଙ୍କୁ ଅନୁସରଣ କରନ୍ତି ନାହିଁ, ସେମାନଙ୍କ ନିମନ୍ତେ ଛାଡ଼ପତ୍ର ଲାଗୁ ହୋଇଥିଲା ।

ବିବାହକୁ ସ୍ଥାୟୀ କରିବା ନିମନ୍ତେ ଈଶ୍ୱର ଅନେକ କାରଣ ଡିଜାଇନ୍ କରିଥିଲେ, ଯାହା ମଧ୍ୟରୁ କିଛି ବିଷୟରେ ଆମେ ପୂର୍ବ ଭାଗରେ ଆଲୋଚନା କରିଥିଲୁ । ସନ୍ତାନମାନଙ୍କ ନିମନ୍ତେ ବିବାହ ସ୍ଥାୟୀ ହେବା ଅନ୍ୟ ଏକ କାରଣ ଅଟେ । ଈଶ୍ୱରଙ୍କ ବିବାହ ଯୋଜନାର ଆଜ୍ଞାପାଳନ ସନ୍ତାନମାନଙ୍କୁ ପାଳନ କରିବା ପାଇଁ ସର୍ବୋତ୍ତମ ପରିବେଶ ସୃଷ୍ଟି କରେ । ପିତାମାତାମାନେ ସେମାନଙ୍କ ବିବାହ ଏବଂ ପରିବାରରେ ଈଶ୍ୱରଙ୍କ ନିୟମଗୁଡ଼ିକୁ ପାଳନ କରି ତାଙ୍କୁ ସମ୍ମାନ କରନ୍ତି, ସେଥିପାଇଁ ସେମାନେ ଈଶ୍ୱର ଭକ୍ତ ସନ୍ତାନମାନଙ୍କୁ ପାଳନ କରିପାରିବେ (ମଲାଖି ୨:୧୫) ।

ଈଶ୍ୱର ମାନବ ଜୀବନକୁ ଏପରି ଭାବରେ ଡିଜାଇନ୍ କରିଛନ୍ତି ଯେ, ସନ୍ତାନମାନେ ପରିଣତ ବୟସରେ ପହଞ୍ଚିବାକୁ କିଛି ବର୍ଷ ସମୟ ନିଅନ୍ତି । ଏହି ସମୟରେ ପିଲାମାନେ ସୁରକ୍ଷା, ଯୋଗାଣ ଏବଂ ତାଲିମ୍ ପାଇଁ ପିତାମାତାଙ୍କର ଉପରେ ନିର୍ଭରଶୀଳ ହୁଅନ୍ତି । ଏହା ପଶୁମାନଙ୍କଠାରୁ ଭିନ୍ନ ଯେଉଁମାନେ ଗୋଟିଏ କିମ୍ବା ଦୁଇଟି ବର୍ଷରେ ପରିପକ୍ୱ ହୁଅନ୍ତି । ଲୋକମାନେ ପରିପକ୍ୱ ଚରିତ୍ର ବିକାଶ କରିବାକୁ ଅଧିକ ସମୟ ଆବଶ୍ୟକ କରନ୍ତି । ପିଲାମାନଙ୍କୁ ଲାଳନପାଳନ କରିବାକୁ ଈଶ୍ୱର ପରିବାରକୁ ମାଧ୍ୟମ ଭାବରେ ଡିଜାଇନ୍ କରିଥିଲେ । ସମାଜରେ ଅନେକ ସମସ୍ୟା ଆସେ, ଯେଉଁ ପରିବାରଗୁଡ଼ିକରେ ପିତାମାତାଙ୍କର ବିଶ୍ୱସ୍ତତାର ଅଭାବ ଥାଏ ।

ବିବାହ ନିମନ୍ତେ ଲୋକମାନେ ପରସ୍ପରକୁ ସାରା ଜୀବନ ସମର୍ପିତ କରିବାର ପ୍ରତିଶ୍ରୁତି ଦେବା ଆବଶ୍ୟକ । ପ୍ରତ୍ୟେକ ସଂସ୍କୃତିର ଏକ ରୂପ ଏବଂ ଏକ ଉତ୍ସବ ଅଛି ଯାହା ଦର୍ଶାଏ ଯେ, ବିବାହ ଏକ ଗମ୍ଭୀର ପ୍ରତିବଦ୍ଧତା । ଏହି ଉତ୍ସବ ପୁରୁଷ ଏବଂ ମହିଳା ଉଭୟଙ୍କ ପାଇଁ ସାର୍ବଜନୀନ ଭାବରେ କହିବାର ଏକ ଉପାୟ ଯେ, ସେମାନେ ଜୀବନବ୍ୟାପୀ ପ୍ରତିବଦ୍ଧତା କରୁଛନ୍ତି ।

ଅଧିକାଂଶ ସରକାର ବିବାହର ରେକର୍ଡ଼ ରଖନ୍ତି । ବିବାହ ସମ୍ବନ୍ଧୀୟ ଆଇନ୍‌ଗୁଡ଼ିକ ସମ୍ପତ୍ତିର ମାଲିକାନା, ପିଲାମାନଙ୍କ ତତ୍ତ୍ୱାବଧାନ ଏବଂ ଉତ୍ତରାଧିକାରକୁ ପ୍ରଭାବିତ କରେ ।

ଏଠାରେ ବିବାହ ଶପଥର ଏକ ଉଦାହରଣ ଦିଆଯାଇଛି, ଯାହା ଅନେକ ବିବାହରେ ବ୍ୟବହାର କରାଯାଏ :

> ମୁଁ ତୁମକୁ ମୋର ବିବାହିତ (ସ୍ୱାମୀ/ଭାର୍ଯ୍ୟା) ରୂପେ ଗ୍ରହଣ କରୁଅଛି । ମୁଁ ଈଶ୍ୱରଙ୍କ ଓ ଉପସ୍ଥିତ ସାଥୀମାନଙ୍କ ସାକ୍ଷାତରେ ପ୍ରତିଜ୍ଞା କରୁଅଛି ଯେ, ଆମ ଜୀବନର ଶେଷ ପର୍ଯ୍ୟନ୍ତ ମୁଁ ତୁମର (ସ୍ୱାମୀ/ଭାର୍ଯ୍ୟା) ରୂପେ ପ୍ରାଚୁର୍ଯ୍ୟରେ ବା ଅଭାବରେ, ଆନନ୍ଦରେ ବା ନିରାନନ୍ଦରେ, ଅସୁସ୍ଥତାରେ ବା ସୁସ୍ଥତାରେ ତୁମକୁ ପ୍ରେମ କରିବି ଓ ତୁମ ପ୍ରତି ବିଶ୍ୱସ୍ତ ରହିବି ।

ପ୍ରେମପୂର୍ଣ୍ଣ ଭାବନା ସବୁ ସମୟରେ ସ୍ଥିର ରହିବ ନାହିଁ । ବିବାହ ପରିବର୍ତ୍ତନଶୀଳ ବ୍ୟକ୍ତିଗତ ଭାବନା ଉପରେ ଆଧାରିତ ହୋଇ ପାରିବ ନାହିଁ । ବିବାହ ପ୍ରତିଜ୍ଞାର ଅର୍ଥ ହେଉଛି ଜଣେ ପୁରୁଷ ଏବଂ ମହିଳା ଉଭୟେ ବଞ୍ଚିଥିବା ପର୍ଯ୍ୟନ୍ତ ପରସ୍ପର ପ୍ରତି ବିଶ୍ୱସ୍ତ ରହିବା ପାଇଁ ପ୍ରତିଶ୍ରୁତି ଦେଉଛନ୍ତି ଏବଂ ସେହି ପ୍ରତିଶ୍ରୁତି କୌଣସି ସର୍ତ୍ତ ଉପରେ ନିର୍ଭର କରେ ନାହିଁ ।

## ଏକ ଖ୍ରୀଷ୍ଟିୟାନ ଅଂଶୀଦାର ଭାବରେ ବିବାହ

► ଜଣେ ଛାତ୍ର ୨ କରିନ୍ଥୀୟ ୬:୧୪-୧୮ ଦଳ ପାଇଁ ପାଠ କରିବେ ।

ଏହି ପଦଗୁଡ଼ିକ ଆମକୁ କହେ ଯେ, ଯଦି ଜଣେ ବିଶ୍ୱାସୀ ଅବିଶ୍ୱାସୀମାନଙ୍କ ସହିତ ଅତ୍ୟଧିକ ଘନିଷ୍ଠ ଭାବରେ ଜଡ଼ିତ ଥାଏ, ତେବେ ତାହାର ପ୍ରତିବଦ୍ଧତା ବାଧାପ୍ରାପ୍ତ ହୁଏ । ଯେପରି ଜଣେ ବିଶ୍ୱାସୀ ଏକ ବ୍ୟକ୍ତି ସହିତ ଉପାସନା କରିପାରିବ ନାହିଁ, ଯିଏ ଶୟତାନକୁ ପୂଜା କରେ, ସେ ଅବିଶ୍ୱାସୀମାନଙ୍କର ଜୀବନଶୈଳୀ ଏବଂ ପ୍ରାଥମିକତାଗୁଡ଼ିକୁ ଅନୁସରଣ କରିପାରିବ ନାହିଁ । ଏହି ଚେତାବନୀ ବ୍ୟବସାୟିକ ସହଭାଗିତା ସମେତ ବିଭିନ୍ନ ପ୍ରକାରର ସମ୍ପର୍କ ପାଇଁ ପ୍ରଯୁଜ୍ୟ ହୋଇପାରେ ।

ବିବାହ ହେଉଛି ଅତି ନିକଟତର ମାନବୀୟ ସହଭାଗିତା । ଜଣେ ବିଶ୍ୱାସୀ ଏକ ବିଶ୍ୱାସୀ ସମର୍ପିତ ହୋଇ ନ ଥିବା ବିଶ୍ୱାସୀ ସହିତ ବିବାହ କରିବାକୁ ବିବେଚନା ମଧ୍ୟ କରିବା ଉଚିତ ନୁହେଁ (୧ କରିନ୍ଥୀୟ ୭:୩୯, ୨ କରିନ୍ଥୀୟ ୬:୧୪-୧୮) । ଜଣେ ବିଶ୍ୱାସୀ ଜଣେ ଅଣ-ବିଶ୍ୱାସୀ ସହିତ ବିବାହ କଲେ ଅଧିକ ଦୁଃଖଭୋଗ କରିବ ଏବଂ ପିଲାମାନଙ୍କୁ ବଢ଼ାଇବାରେ ଅନେକ ବାଧା ସୃଷ୍ଟି ହେବ ଏବଂ ଜୀବନଶୈଳୀ ନିଷ୍ପତ୍ତିରେ ବାଧା ସୃଷ୍ଟି ହେବ ।

ଯଦି ସ୍ୱାମୀ ଏବଂ ସ୍ତ୍ରୀ ବିଶ୍ୱାସୀ ହୋଇଥାଆନ୍ତି ଏବଂ ପୃଥକ ମଣ୍ଡଳୀରୁ ଆସିଥାଆନ୍ତି, ତେବେ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ସମସ୍ୟାଗୁଡ଼ିକ ବିଷୟରେ ସେମାନେ ଚୁକ୍ତି କରିବା ଉଚିତ । ବିବାହ ଉତ୍ତାରେ ସେମାନେ କେଉଁ ସ୍ଥାନୀୟ ମଣ୍ଡଳୀର ଅଂଶୀ ହେବେ ତାହା ଯୋଜନା କରିବା ଉଚିତ ।

► କାହିଁକି ଏକ ବିବାହ ଏକ ପ୍ରେମର ଉକ୍ତି ନ ହୋଇ ଶପଥ ସହିତ ଆରମ୍ଭ ହୁଏ?

## ଈଶ୍ୱରଙ୍କ ନୈତିକମାନ

► ଜଣେ ଛାତ୍ର ଏବ୍ରୀ ୧୩:୪ ଦଳ ପାଇଁ ପାଠ କରିବେ ।

ଏହି ପଦ ଆମକୁ କହେ ଯେ, ବିବାହ ସର୍ବୋଚ୍ଚ ସମ୍ମାନୀୟ ହେବା ଉଚିତ । ଯୌନ ପାପ ବିବାହର ଏକ ଅସମ୍ମାନ ଅଟେ । ଯୌନ ଅନୈତିକତାକୁ ଈଶ୍ୱର ବିଚାର କରିବେ ।

ଯୌନ ପାପ ମଧ୍ୟରେ କାମୁକ କଳ୍ପନା, ବ୍ୟଭିଚାର, ସମଲିଙ୍ଗୀ କାର୍ଯ୍ୟକଳାପ, କାମ ପ୍ରକ୍ରିୟାର ପ୍ରତ୍ୟକ୍ଷ ଚିତ୍ର ଅନ୍ତର୍ଭୁକ୍ତ । କାମୁକ କଳ୍ପନା ହେଉଛି ଯିଏ ଆପଣଙ୍କର ଜୀବନସାଥି ନୁହେଁ ତା' ସହିତ ଯୌନ କାର୍ଯ୍ୟକଳାପକୁ ଇଚ୍ଛାକୃତ ଭାବରେ କଳ୍ପନା କରିବା । ଅଶ୍ଳୀଳତା ହେଉଛି ଅବିବାହିତ ଲୋକମାନଙ୍କ ମଧ୍ୟରେ ଯୌନ କାର୍ଯ୍ୟକଳାପ । ବ୍ୟଭିଚାର ଯୌନ କାର୍ଯ୍ୟକଳାପ ଯେଉଁଥିରେ ଅନ୍ୟ କାହା ସହିତ ବିବାହିତ ବ୍ୟକ୍ତି ସାମିଲ ଥାଏ । ସମଲିଙ୍ଗୀ କାର୍ଯ୍ୟକଳାପ ହେଉଛି ସମାନ ଲିଙ୍ଗର ଲୋକଙ୍କ ମଧ୍ୟରେ ଯୌନ କାର୍ଯ୍ୟକଳାପ । ଅଶ୍ଳୀଳତା ରେ ଲେଖା, ଚିତ୍ର ଏବଂ ଭିଡ଼ିଓ ଅନ୍ତର୍ଭୁକ୍ତ, ଯାହା ନଗ୍ନତା କିମ୍ବା ଯୌନ କାର୍ଯ୍ୟକଳାପ ଦେଖାଇ ଯୌନ ପ୍ରତିକ୍ରିୟା ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ସବୁ ବିବାହ ସମ୍ପର୍କର ଉଲଙ୍ଘନ ଅଟେ ।

> ମନେରଖନ୍ତୁ - ଶରୀରରେ ଆମକୁ ପ୍ରଲୋଭିତ କରୁଥିବା ପ୍ରତ୍ୟେକ ଇଚ୍ଛା ହେଉଛି ଏକ ଆବଶ୍ୟକତାର ଶୋଷଣ ଯାହା ଈଶ୍ୱରଙ୍କ ଦ୍ୱାରା ଭଲ ଭାବରେ ପୂରଣ କରାଯାଇପାରିବ । ଈଶ୍ୱରୀୟ ଯୌନ ସମ୍ପର୍କର ଏକମାତ୍ର ପ୍ରସଙ୍ଗ ହେଉଛି ବୈବାହିକ ଯୌନ ସଂପର୍କ । ଅବୈଧ ଯୌନ ତତ୍କାଳ ମଧୁର, କିନ୍ତୁ ଏପରି କିଛି ଯାହା ଆମର ଆଧ୍ୟାତ୍ମିକ କ୍ଷୁଧାକୁ ବିଷାକ୍ତ କରିଦେବ, ଯେ ପର୍ଯ୍ୟନ୍ତ ଆମେ ଏପରି କିଛି ଇଚ୍ଛା କରୁ ନାହିଁ ଯାହା ଶେଷରେ ଆମକୁ ଧ୍ୱଂସ କରିବ । ଅବୈଧ ଯୌନ ସମ୍ପର୍କ ଆମ ଜୀବନରେ ପବିତ୍ରତା, ଧାର୍ମିକତା ଏବଂ ପରମେଶ୍ୱରଙ୍କ ଉପସ୍ଥିତି ପ୍ରତି ଆମର ସମ୍ବେଦନଶୀଳତାକୁ ହ୍ରାସ କରିବା ବ୍ୟତୀତ ଆଉ କିଛି କରିବ ନାହିଁ । [13]

ଅନେକ ଶାସ୍ତ୍ରାଂଶରେ ହିତୋପଦେଶ ଚେତାବନୀ ଦେଇଥାଏ ଯେ ଯୌନ ଅନୈତିକତା ଜଣେ ବ୍ୟକ୍ତିଙ୍କ ଜୀବନକୁ ନଷ୍ଟ କରିଦିଏ ଏବଂ ମୃତ୍ୟୁ ଆଡ଼କୁ ଘେନିଯାଏ । (ଉଦାହରଣ : ହିତୋପଦେଶ ୨:୧୬-୧୯ ଏବଂ ହିତୋପଦେଶ ୬:୨୪-୨୯, ୩୨-୩୩) ।

ରବର୍ଟସନ୍ ମ୍ୟାକ୍‌କ୍ୱିଲିକିନ୍ ଲେଖନ୍ତି ଯେ, ମାନବୀୟ ଯୌନଗତ ଭାବରେ ଈଶ୍ୱରଙ୍କ ଉଦ୍ଦେଶ୍ୟ

> ... ମାନସିକ ଭାବରେ ଉଲଙ୍ଘନ କରାଯାଇଛି ପ୍ରାୟ ସେତିକି କଠୋର ଭାବରେ ଯେପରି ସେମାନେ କାର୍ଯ୍ୟ ଦ୍ୱାରା ହୋଇଥାନ୍ତି । ସେ କେବଳ ପୁରୁଷ ଏବଂ ସ୍ତ୍ରୀ ସୃଷ୍ଟି କରି ନ ଥିଲେ, ସେ ସେମାନଙ୍କୁ ପରସ୍ପର ପାଇଁ ଏକ ଅନ୍ତରଙ୍ଗ, ସ୍ଥାୟୀ ବିବାହ ବନ୍ଧନରେ ସୃଷ୍ଟି କରିଥିଲେ, ଯାହା ତାଙ୍କ ନିଜ ସ୍ୱଭାବ ଅନୁସାରେ ଏକତା ଥିଲା । ଏହି ଉଚ୍ଚ ଉଦ୍ଦେଶ୍ୟ ପୂରଣ ପାଇଁ, ଘନିଷ୍ଠତା ଅନନ୍ୟ ଏବଂ ପ୍ରତିବଦ୍ଧତା ସ୍ଥାୟୀ ହେବା ଆବଶ୍ୟକ ନଚେତ୍ ଏହା ଏକତା ନୁହେଁ । ମନର ବିଶ୍ୱସ୍ତତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ସ୍ୱତନ୍ତ୍ର ଘନିଷ୍ଠତା, ସ୍ଥାୟୀ ପ୍ରତିବଦ୍ଧତା ଏବଂ ପାରସ୍ପରିକ ବିଶ୍ୱାସ ପ୍ରଥମେ ମନରେ ଉଲଙ୍ଘନ ହୁଏ । [14]

---

[13] Gary Thomas, *Sacred Marriage* (Grand Rapids, MI: Zondervan, 2000), ୨୧୦

[14] Robertson McQuilkin, *An Introduction to Biblical Ethics (2nd edition)*, (Wheaton, IL: Tyndale House Publishers, Inc., 1995), ୨୧୬

► ଛାତ୍ରଛାତ୍ରୀମାନେ ଦଳ ନିମନ୍ତେ ୧ କରିନ୍ଥୀୟ ୬:୯-୧୧, ୧୫-୨୦ ଏବଂ ମାଥିଉ ୫:୨୭-୩୦ ପାଠ କରନ୍ତୁ ।

ପ୍ରତ୍ୟେକ ସମାଜରେ ପୁରୁଷ ଏବଂ ମହିଳାମାନଙ୍କ ମଧ୍ୟରେ ସମ୍ପର୍କକୁ ନେଇ ସାଂସ୍କୃତିକ ଦୃଷ୍ଟିକୋଣ ରହିଛି । ଏହି ସାଂସ୍କୃତିକ ଦୃଷ୍ଟିକୋଣଗୁଡ଼ିକର ମାନ ବାଇବଲର ନୈତିକତାର ମାନଦଣ୍ଡ ଅପେକ୍ଷା ନିମ୍ନମାନଦଣ୍ଡ ଅଛି । ଅନେକ ସଂସ୍କୃତିରେ କେବଳ ଏକ ସୁବ୍ୟବସ୍ଥିତ ସମାଜ ବଜାୟ ରଖିବା ପାଇଁ ଆବଶ୍ୟକୀୟ ନିୟମ ଅଛି । ଯଦି ପ୍ରତିକୂଳ ଫଳାଫଳ କିମ୍ବା ଅପବାଦକୁ ଏଡାଇବା ପାଇଁ ଯତ୍ନର ସହ୍ୟ କରାଯାଏ, ତେବେ ସେ କିମ୍ବା ଅପମାନକୁ ଏଡ଼ାଇବା ପାଇଁ ଯଥେଷ୍ଟ ଯତ୍ନର ସହ୍ୟ କରାଯାଏ, ତେବେ ସେମାନେ ଯୌନ ପାପକୁ ସହ୍ୟ କରନ୍ତି । ବାଇବଲର ନୈତିକତାର ମାନ ଭିନ୍ନ ଅଟେ ।

ଦୁଃଖର ବିଷୟ ଯେ, କେତେକ ମଣ୍ଡଳୀ ବାଇବଲ ନୈତିକତା ବଦଳରେ ସେମାନଙ୍କର ସଂସ୍କୃତିର ନୈତିକତାକୁ ଅନୁସରଣ କରନ୍ତି । ଯେଉଁମାନଙ୍କର ପାପ ନିଶ୍ଚିତ ଏବଂ ଅସାବଧାନତାରୁ ହୋଇଥାଏ ସେମାନେ ତାଙ୍କୁ ଦଣ୍ଡ ଦେଇଥାନ୍ତି, କିନ୍ତୁ ଲୋକମାନଙ୍କ ଦ୍ୱାରା ସମାନ ପାପ ଅଧିକ ସାବଧାନତାରୁ ହୋଇଥାଏ, ତେବେ ସେମାନେ ତାକୁ ସହ୍ୟ କରନ୍ତି ।

ଏହି ପଦଗୁଡ଼ିକ ଆମକୁ କହେ ଯେ, ଯେଉଁମାନେ ଏହି ପାପ କରୁଛନ୍ତି ସେମାନେ ବିଶ୍ୱାସୀ ନୁହଁନ୍ତି ଏବଂ ସେମାନେ ସ୍ୱର୍ଗକୁ ଯିବେ ନାହିଁ । କରିନ୍ଥୀର କେତେକ ବିଶ୍ୱାସୀ ଅତୀତରେ ଏହି ପ୍ରକାର ପାପ କରିଥିଲେ, କିନ୍ତୁ ତହିଁରୁ ଉଦ୍ଧାର ପ୍ରାପ୍ତ ହୋଇଥିଲେ ।

ନିଜକୁ ବିଶ୍ୱାସୀ ବୋଲି ଦାବି କରୁଥିବା ବ୍ୟକ୍ତିଙ୍କ ପାଇଁ ଏହିପରି ପାପଗୁଡ଼ିକୁ କ୍ଷମା କରୁଥିବା ଯେକୌଣସି ସିଦ୍ଧାନ୍ତ ହେଉଛି ଏକ ମିଥ୍ୟା ସିଦ୍ଧାନ୍ତ । ଯଦି ଜଣେ ବ୍ୟକ୍ତି ଯୀଶୁଙ୍କ ଅନୁସରଣକାରୀ ବୋଲି ଦାବି କରେ ତଥାପି ବ୍ୟଭିଚାର କରେ ଶାସ୍ତ୍ର ଅନୁଯାୟୀ ତାକୁ ବାହାର କରିଦେବା ଆବଶ୍ୟକ ଏବଂ ତାକୁ ବିଶ୍ୱାସୀ ବୋଲି ବିବେଚନା ନ କରା ଯିବା ଆବଶ୍ୟକ (୧ କରିନ୍ଥୀୟ ୫:୧୧-୧୩) ।

ମଣ୍ଡଳୀ ନେତାଗଣ ଏକ ଉତ୍ତମ ଚରିତ୍ରର ଦୃଷ୍ଟାନ୍ତ ସ୍ଥାପନ କରିବା ଉଚିତ । ଯେତେବେଳେ ଏକ ମଣ୍ଡଳୀ ଉପାସନା ନେତାମାନଙ୍କୁ ଅସଭ୍ୟ ପୋଷାକ ପିନ୍ଧିବାକୁ ଅନୁମତି ଦିଏ କିମ୍ବା ଚର୍ଚ୍ଚରେ କାମୁକ ନୃତ୍ୟର ପ୍ରକାରଗୁଡ଼ିକୁ ଅନୁମତି ଦିଏ, ସେମାନେ ସୂଚୀତ କରନ୍ତି ଭୁଲ୍ ଯୌନ ଇଚ୍ଛା ସ୍ୱାଭାବିକ । ସେମାନେ ସୂଚୀତ କରନ୍ତି ଯେ ଯୌନ ପାପ ଗମ୍ଭୀର ନୁହେଁ ।

ଏକ ସମାଜର ପୋଷାକ ଶୈଳୀ ସୂଚାଇ ପାରେ ଯେ, ଜଣେ ବ୍ୟକ୍ତି ଯୌନ ଆକର୍ଷଣ ସୃଷ୍ଟି କରିବା ପାଇଁ ଶାରୀରିକ ପ୍ରଦର୍ଶନ ବିନା ଭଲ ପୋଷକ ପିନ୍ଧି ନାହିଁ । ଏହିପରି ତୃଟିରେ କେତେକ ମଣ୍ଡଳୀ ପଡ଼ିଯାଆନ୍ତି ବିଶେଷ ଭାବରେ ବିଶେଷ ଅବସରଗୁଡ଼ିକରେ । ସେମାନେ ମନେ କରନ୍ତି ଯେ, ସେମାନଙ୍କର ସମାଜର ଫେସନ୍‌କୁ ଅନୁସରଣ କରି ପୋଷାକ ନ ପିନ୍ଧିଲେ, ତାହା ଉତ୍ତମ ପୋଷାକ ନୁହେଁ । ତାହା ଭୁଲ୍ ଅଟେ ବୋଲି ମଣ୍ଡଳୀ ଶିକ୍ଷା ଦେବା ଉଚିତ । ଜଣେ ବିଶ୍ୱାସୀ ଅନ୍ୟମାନଙ୍କ ମଧ୍ୟରେ ଭୁଲ୍ କାମନା ସୃଷ୍ଟି କରିବା ଉଚିତ୍ ନୁହେଁ । ୧ ତୀମଥି ୨:୯-୧୦ ଆମକୁ କହେ ଯେ, ବିଶ୍ୱାସୀମାନେ ଏପରି ପୋଷାକ ପିନ୍ଧିବା ଏବଂ ଆଚରଣ କରିବା ଉଚିତ

ଯେ, ଯେକୌଣସି ବ୍ୟକ୍ତି ସେମାନଙ୍କୁ ଦେଖିଲେ ଜାଣିପାରିବେ ଯେ ସେମାନେ ସତର୍କ ଏବଂ ପବିତ୍ର ଜୀବନ କାଟୁଛନ୍ତି ଏବଂ ପାପ କରିବାକୁ ଇଚ୍ଛା କରୁ ନାହାନ୍ତି କିମ୍ବା ଅନ୍ୟମାନଙ୍କ ପାଇଁ ପାପ କରିବାର କାରଣ ହେବାକୁ ମନା କରୁଛନ୍ତି । ଖ୍ରୀଷ୍ଟିୟାନମାନେ ସମ୍ମାନଜନକ ପୋଷାକ ପିନ୍ଧି, ଭଦ୍ରତା ଏବଂ ଆତ୍ମ-ସଂଯମ ସହିତ ନିଜକୁ ସଜାଇବା ଉଚିତ ।

**ପାପୀମାନଙ୍କ ନିମନ୍ତେ ସାହାଯ୍ୟ**

ଗାଲାତୀୟ ୬:୧ କହେ, ଯେ ପାପ କରିଥିବା ସଦସ୍ୟକୁ ପୁନରୁଦ୍ଧାର କରିବା ପାଇଁ ମଣ୍ଡଳୀର ଏକ ଦାୟିତ୍ୱ ଅଛି । ଏହାର ଅର୍ଥ ନୁହେଁ ଯେ, ଜଣେ ବ୍ୟକ୍ତିଙ୍କୁ ଏକ ସେବାକାର୍ଯ୍ୟ ପଦବୀରେ ରହିବା ଉଚିତ୍ କିମ୍ବା ପାପ କରିବା ଉତ୍ତାରେ ସଙ୍ଗେ ସଙ୍ଗେ ତାକୁ ଏକ ସେବାକାର୍ଯ୍ୟରେ ପୁନଃ ଦାୟିତ୍ୱ ଦେବା ଉଚିତ । ପୁନରୁଦ୍ଧାରର ଅର୍ଥ ହେଉଛି ମଣ୍ଡଳୀର ସହଭାଗିତାରେ ପୁଣି ଗ୍ରହଣ କରିବା ଏବଂ ମଣ୍ଡଳୀ ତାଙ୍କୁ ଯତ୍ନ କରିବା । ଯଦି ସଦସ୍ୟ ଜଣକ ବାସ୍ତବରେ ଅନୁତାପ କରେ ତେବେ ଏହା ଦ୍ୱାରା ଈଶ୍ୱର ଏବଂ ମଣ୍ଡଳୀ ଦ୍ୱାରା ସେ କ୍ଷମା ପ୍ରାପ୍ତ ହୁଏ । ତାଙ୍କୁ ବିଜୟ ବଜାୟ ରଖିବା ଏବଂ ଆଧ୍ୟାତ୍ମିକ ଭାବରେ ଶକ୍ତିଶାଳୀ ହେବାରେ ସାହାଯ୍ୟ କରିବା ପାଇଁ ମଣ୍ଡଳୀକୁ ଆଧ୍ୟାତ୍ମିକ ଉତ୍ତରଦାୟିତ୍ୱ ପ୍ରଦାନ କରିବା ଉଚିତ ।

ଯଦି ଜଣେ ଅବିବାହିତ ଝିଅ ଗର୍ଭବତୀ ହୁଏ ତେବେ ଆଧ୍ୟାତ୍ମିକ ପୁନରୁଦ୍ଧାର ପାଇଁ ଚେଷ୍ଟା ନ କରି ମଣ୍ଡଳୀ ତାକୁ ସହଭାଗିତାରୁ ଏବଂ ମଣ୍ଡଳୀର ଯତ୍ନ ନେବାରୁ ବାଦ କରିବା ଉଚିତ ନୁହେଁ । ଯଦି ସେ ଅନୁତାପ କଲା ଏବଂ ଆଧ୍ୟାତ୍ମିକ ଉତ୍ତରଦାୟିତ୍ୱ ପ୍ରତି ସମର୍ପିତ ହେଲା ତେବେ ସେ କ୍ଷମା ପ୍ରାପ୍ତ ହେବ । ତା'ର ପାପ ସେହି ପୁରୁଷର ପାପ ଅପେକ୍ଷା ଅଧିକ ମନ୍ଦ ନୁହେଁ, ଯିଏ ଏହି କାର୍ଯ୍ୟରେ ଲିପ୍ତ ଥିଲା । ବେଳେବେଳେ ଝିଅଟିର ପାପର ପରିଣାମ ଏତେ ଦୃଶ୍ୟମାନ ହୋଇଥିବାରୁ ତାକୁ କଠୋର ବ୍ୟବହାର କରାଯାଏ ।

କିଛି ସମାଜରେ, ଯେଉଁମାନେ ନିଜ ଅବିବାହିତ ଝିଅର ଗର୍ଭଧାରଣ ପାଇଁ ଲଜ୍ଜିତ ଅନୁଭବ କରନ୍ତି, ସେମାନେ ନିଜ ପରିବାରର ମୁହଁ ରକ୍ଷା କରିବା ପାଇଁ ଗର୍ଭସ୍ଥ ଶିଶୁକୁ ହତ୍ୟା କରିବାକୁ ପ୍ରଲୋଭିତ ହୁଅନ୍ତି । କିନ୍ତୁ ହତ୍ୟା ନିମନ୍ତେ ଏହା ଉତ୍ତମ ଉଦ୍ଦେଶ୍ୟ କଦାପି ନୁହେଁ (ଯାତ୍ରା ୨୦:୧୩) । ପ୍ରତ୍ୟେକ ଗର୍ଭସ୍ଥ ଶିଶୁ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଗଢ଼ା ଅଟନ୍ତି (ଆଦିପୁସ୍ତକ ୯:୬, ଗୀତସଂହିତା ୧୩୯:୧୩-୧୪) । ଝିଅର ଶିଶୁଟି ସୁରକ୍ଷା, ପ୍ରେମ ଏବଂ ସେବା ପାଇବା ଉଚିତ ।

ମଣ୍ଡଳୀ ବିଶ୍ୱାସର ଏକ ପରିବାର ଅଟେ । ପାପକୁ ନିନ୍ଦା କରିବା ମଣ୍ଡଳୀ ପାଇଁ ଯଥେଷ୍ଟ ନୁହେଁ । ମଣ୍ଡଳୀ ତା'ର ସଦସ୍ୟମାନଙ୍କର ଯତ୍ନ ନେବା ଉଚିତ୍ । ଉଦାହରଣ ସ୍ୱରୂପ, ପାପପୂର୍ଣ୍ଣ କାର୍ଯ୍ୟକଳାପ ଦ୍ୱାରା ଆର୍ଥିକ ଭାବରେ ସମର୍ଥିତ ଜଣେ ବ୍ୟକ୍ତିଙ୍କୁ ବିକଳ୍ପ ଆର୍ଥିକ ସହାୟତା ବିକାଶ କରିବା ପାଇଁ ସାହାଯ୍ୟର ଆବଶ୍ୟକତା ପଡ଼ିପାରେ ।

*ଏକ ବାସ୍ତବ ପରିସ୍ଥିତି...*

ଅନେକ ଝିଅ ଏକ ବଡ଼ ଚର୍ଚ୍ଚରେ ଯୋଗ ଦେଉଥିଲେ ଏବଂ ସଙ୍ଗୀତ ଦଳରେ ଗୀତ ଗାଉଥିଲେ । ସେମାନଙ୍କ ପରିବାର ଗରୀବ ଥିଲେ । ସେମାନଙ୍କ ପରିବାରକୁ ସାହାଯ୍ୟ କରିବାକୁ ଅର୍ଥ ଉପାର୍ଜନ ପାଇଁ ସେହି ଝିଅମାନେ ପୁରୁଷମାନଙ୍କ ସହିତ ଅନୈତିକ ସଂପର୍କ ରଖିଥିଲେ । ଏହି ପରିସ୍ଥିତିରେ ମଣ୍ଡଳୀ କ'ଣ କରିବା ଉଚିତ ?

► ଲୋକମାନେ ପାପପୂର୍ଣ୍ଣ ଜୀବନ ପରିତ୍ୟାଗ କରିବା ପାଇଁ ଆପଣଙ୍କ ମଣ୍ଡଳୀ କ'ଣ କରିବା ଉଚିତ?

**ଅଶ୍ଳୀଳତା**

ପର୍ଣ୍ଣୋଗ୍ରାଫି ହେଉଛି ଲେଖା, ଚିତ୍ର କିମ୍ବା ଭିଡ଼ିଓ ଯାହା ନଗ୍ନତା କମ୍ବା ଯୌନ କାର୍ଯ୍ୟକଳାପ ଦେଖାଇ ଯୌନ ପ୍ରତିକ୍ରିୟା ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି ।

ଇଣ୍ଟରନେଟ୍ ସାରା ବିଶ୍ୱରେ ପର୍ଣ୍ଣୋଗ୍ରାଫିକୁ ସହଜରେ ଉପଲବ୍ଧ କରାଉଛି । ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ପର୍ଣ୍ଣୋଗ୍ରାଫିକୁ ସେହି ଲୋକମାନଙ୍କ ପାଇଁ ଏକ ପ୍ରଲୋଭନ କରିଥାଏ ଯେଉଁମାନେ ଏହି ପ୍ରସଙ୍ଗରେ ଖ୍ରୀଷ୍ଟିୟାନ ନୀତିଗୁଡ଼ିକୁ ପ୍ରୟୋଗ କରିବାକୁ ଶିଖିନାହାନ୍ତି । ଅନେକ ପାଳକ ଏବଂ ନେତାମାନେ ଏହିପରି ପ୍ରଲୋଭନର ଶୀକାର ହୋଇନାହାନ୍ତି, କାରଣ ସେମାନଙ୍କ ଯୌବନ ସମୟରେ ଇଣ୍ଟରନେଟ୍ ଉପଲବ୍ଧ ନ ଥିଲା । କିଶୋର ଅବସ୍ଥାରେ ପିଲାମାନେ କ'ଣ ସମ୍ମୁଖିନ ହେଉଛନ୍ତି ତାହା ସେମାନେ ସମ୍ପୂର୍ଣ୍ଣ ଭାବରେ ବୁଝିପାରୁ ନାହାଁନ୍ତି ।

**ଅଶ୍ଳୀଳତା/ପର୍ଣ୍ଣୋଗ୍ରାଫି ଭୁଲ୍ ଅଟେ**, କାରଣ ଏହା ଜଣେ ବ୍ୟକ୍ତିଙ୍କୁ ବ୍ୟଭିଚାର ଏବଂ ଅନେକ ପ୍ରକାରର ଯୌନ ବିକୃତିର କଳ୍ପନା କରିବାରେ ଆନନ୍ଦ ଦେବା ପାଇଁ ପ୍ରସ୍ତୁତ କରାଯାଇଛି । ଏହା ପାପପୂର୍ଣ୍ଣ ଇଚ୍ଛା ଥିବା ବ୍ୟକ୍ତି ପାଇଁ ଆକର୍ଷଣୀୟ ଅଟେ । ଅଶ୍ଳୀଳତା ଜଣେ ବ୍ୟକ୍ତିଙ୍କୁ ପରମେଶ୍ୱର ନିନ୍ଦା କରୁଥିବା ଅନୈତିକ କାର୍ଯ୍ୟରେ ଆନନ୍ଦ ଦେବାକୁ ଆମନ୍ତ୍ରଣ କରେ ଏବଂ ସକ୍ଷମ କରେ ।

**ଅଶ୍ଳୀଳତା/ପର୍ଣ୍ଣୋଗ୍ରାଫି ନିଶା ସୃଷ୍ଟି କରେ** । ପର୍ଣ୍ଣୋଗ୍ରାଫି ବ୍ୟବହାର କରୁଥିବା ବ୍ୟକ୍ତି ଏହାର ପ୍ରବଳ ଆବଶ୍ୟକତା ଅନୁଭବ କରନ୍ତି । ସେ ଏହା ବିନା ବଞ୍ଚିବାର କଳ୍ପନା କରିପାରିବ ନାହିଁ । ତାଙ୍କୁ ଲାଗେ ଯେ, ପର୍ଣ୍ଣୋଗ୍ରାଫିରୁ ସେ ଯେଉଁ କଳ୍ପନା ପାଆନ୍ତି ତାହା ବିନା ଜୀବନ ଶୂନ୍ୟ ଏବଂ ଆଗ୍ରହହୀନ ହୋଇଥାଆନ୍ତା । ଇଚ୍ଛା ମଧ୍ୟ ଗ୍ରାସକାରୀ ହୋଇଯାଏ ଅନ୍ୟ ସମସ୍ତ ନିଶା ପରି,ଏବଂ ଉପଭୋକ୍ତା ତାଙ୍କ ଜୀବନର ଭଲ ଜିନିଷଗୁଡ଼ିକୁ ବଳିଦାନ ଦେବାକୁ ଆରମ୍ଭ କରନ୍ତି ।

**ଅଶ୍ଳୀଳତା ପ୍ରଗତିଶୀଳ ।** ଉପଭୋକ୍ତା ଏପରି ସାମଗ୍ରୀ ଆବଶ୍ୟକ କରନ୍ତି ଯାହା କ୍ରମଶଃ ସ୍ୱଷ୍ଟ ଏବଂ ବିକୃତ ହୋଇଯାଏ । ସେ ଏପରି କଳ୍ପନାରେ ଆନନ୍ଦ ପାଇବା ଆରମ୍ଭ କରିବେ ଯାହା ତାଙ୍କୁ ପୂର୍ବରୁ ଘୃଣା ଏବଂ ଭୟଭୀତ କରିଥାନ୍ତା ।

**ଅଶ୍ଳୀଳତା/ପର୍ଣ୍ଣୋଗ୍ରାଫି କ୍ଷତିକାରକ ଅଟେ ।** ଉପଭୋକ୍ତା ଏକ ସାଧାରଣ ସମ୍ପର୍କ ଉପଭୋଗ କରିବା ପାଇଁ କମ୍ ସକ୍ଷମ ହୋଇଯାଆନ୍ତି । ତାଙ୍କର ଇଚ୍ଛାଗୁଡ଼ିକ ଏତେ ଅପ୍ରାକୃତିକ ହୋଇଯାଏ ଯେ, ସେଗୁଡ଼ିକ କେବେବି ପୂରଣ ହୋଇପାରେ ନାହିଁ । ସେ ଅନ୍ୟମାନଙ୍କ ଅପବ୍ୟବହାର ପ୍ରତି ସମ୍ବେଦନହୀନ ହୋଇଯାଏ ।

ନିଶାର ବିପଦକୁ ଯୁବାମାନଙ୍କୁ ପାଳକମାନେ ଏବଂ ପିତାମାତା ସଚେତନ କରାଇ ଦେବା ଉଚିତ । ଯେତେବେଳେ ପିଲାମାନଙ୍କ ପାଖରେ ପ୍ରଲୋଭନ ପ୍ରତିରୋଧ କରିବାର ପରିପକ୍ୱତା ନାହିଁ, ସେତେବେଳେ ପିତାମାତାମାନେ ସେମାନଙ୍କୁ ଇଣ୍ଟରନେଟ୍ ବ୍ୟବହାର କରିବାକୁ ଅନୁମତି ଦେବା ଉଚିତ ନୁହେଁ । ଯେଉଁମାନେ ପର୍ଣ୍ଣୋଗ୍ରାଫି ବ୍ୟବହାର କରିବାର, ପ୍ରଲୋଭନ ସହିତ ସଂଘର୍ଷ କରୁଛନ୍ତି, ସେମାନେ ନିୟମିତ ଭାବରେ ଜଣେ ବିଶ୍ୱସ୍ତ, ଧାର୍ମିକ ବ୍ୟକ୍ତିଙ୍କୁ ବିଜୟ କିମ୍ବା ବିଫଳତାର ରିପୋର୍ଟ ଦେବା ଉଚିତ । ଏହି ପରିପକ୍ୱ ବିଶ୍ୱାସୀଙ୍କ ସହିିତ ନିୟମିତ ଯାଞ୍ଚ, ସଂଘର୍ଷ କରୁଥିବା ବ୍ୟକ୍ତିଙ୍କୁ ପବିତ୍ରତା ପ୍ରତି ପ୍ରତିବଦ୍ଧତା ବଜାୟ ରଖିବା ଏବଂ ସ୍ଥିର ବିଜୟ ହାସଲ କରିବାରେ ସାହାଯ୍ୟ କରିପାରେ ।

► ଅଶ୍ଳୀଳତା/ପର୍ଣ୍ଣୋଗ୍ରାଫିର ନିଶାରୁ ରକ୍ଷା କରିବା ପାଇଁ ଆପଣ ଲୋକମାନଙ୍କୁ କେଉଁ ଅଭ୍ୟାସଗୁଡ଼ିକ ସୁପାରିଶ କରିବା ଉଚିତ ? ମଣ୍ଡଳୀ କିପରି ସାହଯ୍ୟ କରିପାରିବ ?

### ସମଲିଙ୍ଗୀ କାର୍ଯ୍ୟକଳାପ

ବାଇବଲର ଅଧିକାରକୁ ପ୍ରତ୍ୟାଖ୍ୟାନ କରୁଥିବା କିଛି ସମାଜ ବିବାହର ବାଇବଲର ବର୍ଣ୍ଣନାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରନ୍ତି । ସେମାନେ କୁହନ୍ତି ଯେ, ଲୋକମାନେ ସମଲିଙ୍ଗୀ ସମ୍ପର୍କ ବାଛିବାକୁ ସ୍ୱାଧିନ ଅଟନ୍ତି ।

ବାଇବଲ ସମଲିଙ୍ଗୀ କାର୍ଯ୍ୟକଳାପକୁ ନିନ୍ଦା କରେ ।

► ଛାତ୍ରଛାତ୍ରୀମାନେ ଦଳ ନିମନ୍ତେ ରୋମୀୟ ୧:୨୬-୨୭, ୧ ତୀମଥି ୧:୧୦ ଏବଂ ୧ କରିନ୍ଥୀୟ ୬:୯-୧୦ ପାଠ କରନ୍ତୁ ।

ବାଇବଲର ଏହି ତିନୋଟି ଅଂଶରେ ସମଲିଙ୍ଗୀ ଆଚରଣକୁ ସବୁଠାରୁ ଖରାପ ପ୍ରକାରର ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ପାପ ଅନୁସରଣ କରୁଥିବା ଲୋକମାନେ ପରମେଶ୍ୱରଙ୍କ କର୍ତ୍ତୃତ୍ୱକୁ ଅଗ୍ରାହ୍ୟ କରନ୍ତି ।

କିଛି ଲୋକ ଦାବୀ କରନ୍ତି ଯେ, ସେମାନଙ୍କର ସ୍ୱାଭାବିକ ଭାବରେ ସମଲିଙ୍ଗୀ ପ୍ରବୃତ୍ତି ଅଛି । ସେମାନେ କୁହନ୍ତି ଯେ, ସେମାନଙ୍କର ଆଚରଣ ପାଇଁ ସେମାନଙ୍କୁ ଦୋଷୀ କରାଯିବା ଉଚିତ ନୁହେଁ, କାରଣ ସେମାନେ ସେହି ଇଚ୍ଛା ରଖିବାକୁ ବାଛି ନ ଥିଲେ ।

ବାଇବଲ ଶିକ୍ଷା ଦିଏ ଯେ, ପ୍ରତ୍ୟେକ ବ୍ୟକ୍ତି ପାପ କରିବାର ଏକ ସ୍ୱାଭାବିକ ପ୍ରବୃତ୍ତି ଅନୁସରଣ କରିଛି (ଯିଶାଇୟ ୫୩:୬) । ଈଶ୍ୱର ଆମକୁ ଆମର ନିଜସ୍ୱ ପାପରୁ ଅନୁତାପ କରିବାକୁ ଡାକୁଛନ୍ତି (ଯିଶାଇୟ ୫୫:୭) । ଯେହେତୁ ଆମେ ପାପପୂର୍ଣ୍ଣ ସ୍ୱଭାବ ସହିତ ଜନ୍ମ ହୋଇଛୁ । ଆମର ପ୍ରାକୃତିକ ଇଚ୍ଛା ଆମକୁ ଆଗେଇ ନେବା ପାଇଁ ବିଶ୍ୱାସ କରାଯାଇ ପାରିବ ନାହିଁ । ଜଣେ ବ୍ୟକ୍ତି ବ୍ୟବଭିଚାର କରିବା, ହିଂସାତ୍ମକ ହେବା କିମ୍ବା ଚୋରି କରିବା ପାଇଁ ଏକ ପ୍ରବଳ ପ୍ରାକୃତିକ ପ୍ରବୃତ୍ତି ଅନୁଭବ କରିପାରେ କିନ୍ତୁ ପ୍ରାକୃତିକ ପ୍ରବୃତ୍ତିର ଅର୍ଥ ଏହା ନୁହେଁ ଯେ, ଇଚ୍ଛା ଠିକ୍ ଅଟେ ।

## ଆତ୍ମ ଯୌନ ସଂପର୍କ

ଯୌନ ଇଚ୍ଛା ହେତୁ, କିଛି ଅବିବାହିତ ବ୍ୟକ୍ତି ହସ୍ତମୈଥୁନ କରନ୍ତି । ହସ୍ତମୈଥୁନ କରିବା ହେଉଛି ଯୌନ ଆନନ୍ଦ ପାଇଁ କିମ୍ବା ଯୌନ ଉତ୍ତେଜନା ଦୂର କରିବା ପାଇଁ ନିଜ ଜନନେନ୍ଦ୍ରିୟକୁ ଉତ୍ତେଜିତ କରିବା ।

ପର୍ଣ୍ଣୋଗ୍ରାଫି ବ୍ୟବହାର କରିବା କିମ୍ବା ଇଚ୍ଛାକୁ ଯୌନ କଳ୍ପନା ରଖିବା ପାପପୂର୍ଣ୍ଣ ଅଟେ (ମାଥିଉ ୫:୨୭-୨୮, ମାଥିଉ ୧୫:୧୯-୨୦) । ବାଇବଲ ହସ୍ତମୈଥୁନ ଅନୈତିକ ବୋଲି ନିର୍ଦ୍ଦିଷ୍ଟ ଭାବରେ ନିନ୍ଦା କରେ ନାହିଁ । ତଥାପି, ଆତ୍ମ-ସମବାସ କାମୁକ ଚିନ୍ତାଧାରା, ପର୍ଣ୍ଣୋଗ୍ରାଫି/ଅଶ୍ଳୀଳତା ବ୍ୟବହାର ଏବଂ ବିବାହିତ ଯୌନ ସମ୍ପର୍କ ଏକ ବ୍ୟଭିଚାର ଆଡ଼କୁ ନେଇପାରେ ।

ହସ୍ତମୈଥୁନ କିରବା ମଧ୍ୟ ବୁଦ୍ଧିମାନର ନୁହେଁ କାରଣ ଏହା ନିଶାକର ଅଟେ, ଆପଣ ଯେତେ ଅଧିକ ଏହା କରିବେ, ଆପଣଙ୍କୁ ସେତେ ଅଧିକ ଏହା କରିବାକୁ ପଡ଼ିବ ବୋଲି ଅନୁଭବ ହେବ । ବାଧ୍ୟତାମୂଳକ ହସ୍ତମୈଥୁନ ମଧ୍ୟ ପ୍ରାୟତଃ ଗଭୀର ସମସ୍ୟାକୁ ସୂଚାଇ ଥାଏ, ଯେପରିକି ଭାବ ପ୍ରବଣ କିମ୍ବା ଯୁକ୍ତିଯୁକ୍ତ ସମସ୍ୟା, କିମ୍ବା ଅତୀତରେ ଯୌନ ନିର୍ଯ୍ୟାତନାର ଶୀକାର ହେବା ।

► ଛାତ୍ରଛାତ୍ରୀମାନେ ଦଳ ନିମନ୍ତେ ୧ କରିନ୍ଥୀୟ ୬:୧୨-୧୩ ଏବଂ ୧ ଥେସଲନୀକୀୟ ୪:୧-୮ ପାଠ କରନ୍ତୁ ।

ସ୍ୱାମୀ ଏବଂ ସ୍ତ୍ରୀଙ୍କୁ ଭାବପ୍ରବଣ ଓ ଆଧ୍ୟାତ୍ମିକ ଭାବରେ ଏକତ୍ର କରିବାରେ ସାହାଯ୍ୟ କରିବା ପାଇଁ ପରମେଶ୍ୱର ବିବାହରେ ଶାରୀରିକ ଏକତା ସୃଷ୍ଟି କରିଥିଲେ (୧ କରିନ୍ଥୀୟ ୬:୧୬-୨୦, ମଲାଖି ୨:୧୫) ।

> ଅନେକ ଲୋକ ଭାବନ୍ତି ଯେ ହସ୍ତମୈଥୁନ ସେମାନଙ୍କୁ ବିବାହ ହେବା ପର୍ଯ୍ୟନ୍ତ ଅବିବାହିତ ଜୀବନକୁ ସମ୍ଭାଳିବାରେ ସାହାଯ୍ୟ କରିପାରେ । ତଥାପି ସେମାନେ ଅନୁଭବ କରିବାରେ ବିଫଳ ହୁଅନ୍ତି ଯେ, ଯେତେବେଳେ ଏହି ଅଭ୍ୟାସ ଅଭ୍ୟାସଗତ ହୋଇଯାଏ, ଏହା ଭବିଷ୍ୟତରେ ବୈବାହିକ ଯୌନ ସମ୍ପର୍କର ସୌନ୍ଦର୍ଯ୍ୟ ଏବଂ ଘନିଷ୍ଠତାକୁ ବିପଦରେ ପକାଇପାରେ ।

ଆତ୍ମ-ଯୌନ ସମ୍ପର୍କ ଏକ ଯୌନ ଅଭିଜ୍ଞତା ପ୍ରଦାନ କରେ ଯାହା ଯୌନର ମୂଳ ଉଦ୍ଦେଶ୍ୟକୁ ହରାଇଥାଏ : ଶାରୀରିକ ଏବଂ ଭାବପ୍ରବଣ ଭାବରେ ଦୁଇଜଣଙ୍କର ଏକ ଶରୀର ହେବା ପାଇଁ ଯୋଗଦାନ ... ବିବାହରେ ସୁସ୍ଥ ସ୍ୱାଭାବିକ ଯୌନ କାର୍ଯ୍ୟକଳାପର ବିକଳ୍ପ ଭାବରେ ହସ୍ତମୈଥୁନକୁ ବ୍ୟବହାର କରିବା ଉଚିତ ନୁହେଁ ।[15]

ଯଦି ଜଣେ ଅବିବାହିତ ବ୍ୟକ୍ତିଙ୍କ ଜୀବନରେ ହସ୍ତମୈଥୁନ ଏକ ସମସ୍ୟା ହୁଏ, ତେବେ କ'ଣ କରିବା ଉଚିତ ? ଯଦିଓ କେହି କେବଳ ଯୌନ ଉତ୍ତେଜନା ଦୂର କରିବା ଉଦ୍ଦେଶ୍ୟରେ ହସ୍ତମୈଥୁନ କରୁଛନ୍ତି, ତେବେ ଏହାକୁ ଏଡ଼ାଇବା ଭଲ, କାରଣ ବର୍ତ୍ତମାନର ପ୍ରଲୋଭନ ଏବଂ ଆତ୍ମ-ଯୌନ ଯୌନତା ପାଇଁ ପରମେଶ୍ୱରଙ୍କ ଉଦ୍ଦେଶ୍ୟ ପୂରଣ କରେ ନାହିଁ ।

- ଯଦି ସେମାନଙ୍କ ଜୀବନରେ କୌଣସି ଧରଣର ଅନୈତିକତା ଥାଏ, ତେବେ ସେମାନେ ସେହି ପାପ ସ୍ୱୀକାର କରିବେ ଓ ସମ୍ପୂର୍ଣ୍ଣ ତ୍ୟାଗ କରିବା ଉଚିତ । ଜଣେ ଈଶ୍ୱରୀୟ ବୟସ୍କ ପ୍ରଶିକ୍ଷକଙ୍କୁ ନିୟମିତ ଭାବରେ ଏବଂ ଥରକୁ ଥର ସେମାନଙ୍କର ବିଜୟ ଓ ଅସଫଳତାର ରିପୋର୍ଟ ଦେବା ଉଚିତ ଯିଏ ସେମାନଙ୍କ ପାଇଁ ପ୍ରାର୍ଥନା କରିବେ ଏବଂ ପରାମର୍ଶ ଦେବେ ।

- ଯଦି ଭାବପ୍ରବଣର କିମ୍ବା ସମ୍ପର୍କୀୟ ସମସ୍ୟାର କିମ୍ବା ଅତୀତ ଯୌନ ଅପବ୍ୟବହାରର ଫଳାଫଳ ହସ୍ତମୈଥୁନ ହୁଏ ତେବେ ପେସାଦାର ପରାମର୍ଶଦାତାଙ୍କଠାରୁ ପରାମର୍ଶ ଗ୍ରହଣ କରିବା ସଠିକ୍ ହେବ ।

ଜଣେ ଯୀଶୁଙ୍କ ଅନୁସରଣକାରୀ ତାହାଙ୍କ ଦ୍ୱାରା ସାହଯ୍ୟ ପ୍ରାପ୍ତ ହେବ :

୧) **ନିଶ୍ଚିତ ରହିବା ଯେ, ଯୀଶୁ ଯତ୍ନ ନିଅନ୍ତି (ଗୀତସଂହିତା ୧୩୯:୧-୩, ୧ ପିତର ୫:୬-୧୦)** । ସେ ଆପଣଙ୍କର ବିଶ୍ୱାସ, ଆପଣଙ୍କର ଶାରୀରିକ ଆବଶ୍ୟକତାଗୁଡ଼ିକର ଏବଂ ଆପଣଙ୍କର ପବିତ୍ରତାର ଯତ୍ନ ନିଅନ୍ତି । ଆମେ ସମ୍ମୁଖିନ ହେଉଥିବା ଶାରୀରିକ ଏବଂ ମାନସିକ ପରୀକ୍ଷାଗୁଡ଼ିକୁ ସେ ବିଜୟୀ ଭାବରେ ଯନ୍ତ୍ରଣା ସହ୍ୟ ଏବଂ ଆମେ ବିଜୟୀ ହେବାକୁ ଆବଶ୍ୟକ କରୁଥିବା ଅନୁଗ୍ରହ ତାହାଙ୍କଠାରେ ଅଛି (ଏବ୍ରୀ ୪:୧୪-୧୬) ।

୨) **ଶୟତାନର ମିଥ୍ୟାକୁ ବିଶ୍ୱାସ ନ କରିବା (ଯୋହନ ୮:୪୪)** । ଶୟତାନ ଆପଣଙ୍କୁ କହିପାରିବ ଯେ, ଯୀଶୁ ତୁମର ଯତ୍ନ ନିଅନ୍ତି ନାହିଁ, କିମ୍ବା ଯୀଶୁ ଯୌନ ଇଚ୍ଛା ଦୂର କରିଦେବେ ଯାହା ତୁମକୁ ବହୁତ ହତାଶ କରେ (୧ ପିତର ୫:୭-୮), ଯୌନ ଇଚ୍ଛା ଥିବାରୁ ଶୟତାନ ତୁମକୁ ପାପୀ ବୋଲି ଅଭିଯୋଗ କରିପାରେ (ପ୍ରକାଶିତ ୧୨:୧୦) ।

---

[15] Dr. Tim Clinton ଏବଂ Dr. Diane Langberg, *The Quick-Reference Guide to Counseling Women*, (Grand Rapids, MI: Baker Books, 2011), ୧୮୫

**୩) ଯୀଶୁଙ୍କୁ ଲକ୍ଷ୍ୟ କରିବା ଏବଂ ସେ କିଏ ସେଥିପାଇଁ ତାଙ୍କୁ ପ୍ରଶଂସା କରିବା (ଗୀତସଂହିତା ୧୦୮:୩-୪) ।** ଏହି ପରୀକ୍ଷା ମାଧ୍ୟମରେ ଈଶ୍ୱରଙ୍କ ସହିତ ଆପଣଙ୍କର ସମ୍ପର୍କ ଏବଂ ବିଶ୍ୱାସକୁ ବିନାଶ କରିବା ପାଇଁ ଶୟତାନ ଭଲ ପାଏ (ଯୋହନ ୧୦:୧୦) । କିନ୍ତୁ ଏହି ପରୀକ୍ଷା ଦ୍ୱାରା ଯୀଶୁଙ୍କ ଉଦ୍ଦେଶ୍ୟ ହେଉଛି ଯେ, ତୁମର ବିଶ୍ୱାସ ଦୃଢ଼ ହେବ ଏବଂ ତୁମେ ତାଙ୍କୁ ଭଲ ଭାବରେ ମହିମା ଦେଇପାରିବ (୧ ପିତର ୧:୫-୯) । ଯେତେବେଳେ ଆପଣ ତାହାଙ୍କ ଉପାସନା ଉପରେ ଧ୍ୟାନ ଦେବେ, ଆପଣଙ୍କୁ ସାହାଯ୍ୟ କରିବାକୁ ସେ ଉପସ୍ଥିତ ହେବେ (ଗୀତସଂହିତା ୪୬:୧) ।

**୪) ଈଶ୍ୱରଙ୍କ ବାକ୍ୟରେ ଧ୍ୟାନ (ଗୀତସଂହିତା ୧୧୯:୯) ।** ଈଶକ୍ୱରଙ୍କ ବାକ୍ୟ ପାଠ କରିବା ଦ୍ୱାରା, ଶ୍ରବଣ କରିବା ଦ୍ୱାରା ଏବଂ ଧ୍ୟାନ କରିବା ଦ୍ୱାରା ପରୀକ୍ଷା ସମୟରେ ବିଜୟୀ ହେବାରେ ତୁମକୁ ସାହାଯ୍ୟ କରିବ । ଯେତେବେଳେ ଯୀଶୁ ପରୀକ୍ଷିତ ହେଲେ ବିଜୟୀ ହେବା ପାଇଁ ସେ ଶାସ୍ତ୍ର ବ୍ୟବହାର କଲେ (ମାଥିଉ ୪) । ଆମକୁ ମଧ୍ୟ ସେହିପରି କରିବାକୁ ପଡ଼ିବ ।

**୫) ଅତି କମ୍‌ରେ ଜଣେ ପରିପକ୍ୱ ଏବଂ ଧାର୍ମିକ ବ୍ୟକ୍ତିଙ୍କ ପ୍ରତି ଦାୟୀ ରହିବା (ଗାଲାତୀୟ ୬:୨) ।** ଆପଣଙ୍କ ଅପେକ୍ଷା ବିଶ୍ୱାସର ଯାତ୍ରାରେ ଅଧିକ ଆଗରେ ଥିବା ବ୍ୟକ୍ତିଙ୍କ ସହିତ ଖୋଲା ଏବଂ ସଚ୍ଚୋଟ ହେବା ଅତ୍ୟନ୍ତ ସହାୟକ ହେବ । ସୋମନେ ଆପଣଙ୍କ ପାଇଁ ପ୍ରାର୍ଥନା କରିବେ ଏବଂ ପରାମର୍ଶ ଦେବେ । ଆପଣଙ୍କ ସଂଘର୍ଷ ବିଷୟରେ ସେମାନଙ୍କ ସହିତ କଥାବାର୍ତ୍ତା କରିବା ଦ୍ୱାରା ଆପଣ ପବିତ୍ରତା ବଜାୟ ରଖିପାରିବେ ଏବଂ ଆପଣଙ୍କ ବିଶ୍ୱାସରେ ଉତ୍ସାହିତ ରହିବେ ।

**୬) ଅନ୍ୟମାନଙ୍କୁ ସେବା କରିବା ଏବଂ ସେମାନଙ୍କର ଆବଶ୍ୟକତାଗୁଡ଼ିକ ଉପରେ ଧ୍ୟାନ ଦେବା (ଫିଲିପ୍ପୀୟ ୨:୩-୫) ।** ଅନ୍ୟ ଲୋକମାନଙ୍କର ସେବା କରିବା ଦ୍ୱାରା ନିଜର ଆବଶ୍ୟକ ଏବଂ ଇଚ୍ଛା ବିରୁଦ୍ଧରେ ଲଢ଼ନ୍ତୁ ।

**୭) ଈଶ୍ୱରଙ୍କ ମନୋନୀତ ସମୟରେ ଜଣେ ଈଶ୍ୱରୀୟ ବ୍ୟକ୍ତିଙ୍କୁ ବିବାହ କରିବା (ହିତୋପଦେଶ ୫:୧୫, ୧୮-୧୯) ।**

## ବିବାହ ପୂର୍ବରୁ ନୈତିକ ପବିତ୍ରତା ସହିତ ପରମେଶ୍ୱରଙ୍କୁ ସମ୍ମାନ କରିବା ପାଇଁ ନୀତିଗୁଡ଼ିକ

ବିବାହ ପୂର୍ବରୁ ଯୁବା ଲୋକମାନେ ଦୃଢ଼ ପରୀକ୍ଷାଗୁଡ଼ିକର ସମ୍ମୁଖିନ ହୁଅନ୍ତି । ସେମାନଙ୍କ ପାଇଁ ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ, ସେମାନଙ୍କୁ ଜଣେ ଜୀବନସାଥି ଆବଶ୍ୟକ ଯିଏ ବିଶ୍ୱସ୍ତ ହୋଇଥିବ ।[16] ବିବାହ ବିନା କ୍ଷଣସ୍ଥାୟୀ ଆନନ୍ଦ ପାଇବାକୁ ଚାହୁଁଥିବା ବ୍ୟକ୍ତିଙ୍କ ସହିତ ସମ୍ପର୍କ ରଖିବା ଉଚିତ ନୁହେଁ । ଯିଏ ଜଣେ ସମର୍ପିତ ବିଶ୍ୱାସୀ ନୁହେଁ ସେହିପରି ବ୍ୟକ୍ତି ସହିତ ସମ୍ପର୍କ

[16] ହିତୋପଦେଶ ୩୧:୧୧-୧୨, ୧ ତୀମଥି ୩:୧୧-୧୨, ମଲାଖି ୨:୧୪-୧୬, ହିତୋପଦେଶ ୨:୧୬-୧୭

ରଖିବାକୁ ଚିନ୍ତା କରିବା ଉଚିତ ନୁହେଁ (୧ କରିନ୍ଥୀୟ ୭:୩୯) । ଯିଏ ଜଣେ ଉତ୍ତମ ବିବାହିତ ସଙ୍ଗୀ ହୋଇପାରିବ ଏବଂ ଜଣେ ଉତ୍ତମ ପିତା କିମ୍ୱା ମାତା ହୋଇପାରିବ କେବଳ ସେପରି ବ୍ୟକ୍ତି ପାଇଁ ଚିନ୍ତା କରିବା ଉଚିତ ।

ଜଣେ ଯୁବ ଲୋକ ଯିଏ ଏକ ଭଲ ବିବାହ କରିବାକୁ ଚାହେଁ, ସେ ଖ୍ରୀଷ୍ଟଙ୍କର ଜଣେ ବିଶ୍ୱସ୍ତ, ପ୍ରତିବଦ୍ଧ ଅନୁଗାମୀ ହେବା ଉଚିତ ଯାହା ଦ୍ୱାରା ସଠିକ୍ ପ୍ରକାରର ବ୍ୟକ୍ତି ଆକର୍ଷିତ ହେବେ (ହିତୋପଦେଶ ୩:୪-୮) । ଜଣେ ବ୍ୟକ୍ତି ଉପଯୁକ୍ତ ଆଚରଣ ଏବଂ ଭଦ୍ର ପୋଷାକ ସହିତ ଭଲ ଚରିତ୍ର ପ୍ରଦର୍ଶନ କରନ୍ତି (୧ ତୀମଥି ୨:୯-୧୦) । ଯେଉଁମାନେ ବିପରୀତ ଲିଙ୍ଗର ଲୋକଙ୍କ ସହିତ ଅସାବଧାନତାର ସହ ବ୍ୟବହାର କରନ୍ତି,ବୁଝାଯାଆନ୍ତି ଯେ, ସେମାନେ ଭୁଲ୍ ଇଚ୍ଛା ଉପରେ ଆଧାରିତ ସମ୍ପର୍କ ରଖିବାକୁ ଇଚ୍ଛୁକ (୧ ଥେସଲନୀକୀୟ ୪:୧-୪) । ଯେଉଁ ବ୍ୟକ୍ତି ଏପରି ପୋଷକ ପିନ୍ଧେ ଯାହା ଭୁଲ୍ ଇଚ୍ଛା ସୃଷ୍ଟି କରେ, ସେ ଭୁଲ୍ ପ୍ରକାରର ବ୍ୟକ୍ତିଙ୍କୁ ଆକର୍ଷିତ କରେ (ହିତୋପଦେଶ ୭) ।

ଈଶ୍ୱର ଯୁବାମାନଙ୍କୁ ଆଚରଣ, ପୋଷାକ ଏବଂ ସମ୍ପର୍କ ଚୟନରେ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ ପିତାମାତା, ପାଳକ ଏବଂ ଅନ୍ୟାନ୍ୟ ଖ୍ରୀଷ୍ଟିୟାନ ନେତାମାନଙ୍କୁ ଦେଇଛନ୍ତି । ଯେତେବେଳେ ଯୁବାମାନେ ଈଶ୍ୱରଙ୍କ ଆଜ୍ଞା ପାଳନ କରି ଏହି ନେତାମାନଙ୍କ ନିକଟରେ ଆତ୍ମସମର୍ପଣ କରିବେ, ସେମାନେ ଈଶ୍ୱରଙ୍କ ସର୍ବୋତ୍ତମ ଆଶୀର୍ବାଦ ପାଇବେ ଏବଂ ଅନେକ କ୍ଷତି ଓ ପ୍ରଲୋଭନରୁ ସୁରକ୍ଷିତ ରହିବେ ।

► ଜଣେ ଛାତ୍ର ୧ ପିତର ୫:୫ ଏବଂ ଏବ୍ରୀ ୧୩:୧୭ ଦଳ ପାଇଁ ପାଠ କରିବେ ।

ପିଲା ଏବଂ ଯୁବାମାନଙ୍କର ଦାୟିତ୍ୱ ହେଉଛି ଯେ, ସେମାନେ ସେମାନଙ୍କ ପିତାମାତା ଏବଂ ଆଧ୍ୟାତ୍ମିକ କର୍ତ୍ତୃପକ୍ଷଙ୍କ ଜ୍ଞାନ ଏବଂ ନେତୃତ୍ୱର ଅଧିନରେ ରୁହନ୍ତୁ । ଯୁବପିଢ଼ିଙ୍କୁ ପ୍ରଲୋଭନ ଉପରେ ବିଜୟୀ ହୋଇ ବଞ୍ଚିବାରେ ସାହାଯ୍ୟ କରିବା ଏହି ନେତାମାନଙ୍କର ଦାୟିତ୍ୱ ।

► ଜଣେ ଛାତ୍ର ରୋମୀୟ ୧୩:୧୪ ଏବଂ ୧ କରିନ୍ଥୀୟ ୧୦:୧୩ ଦଳ ପାଇଁ ପାଠ କରିବେ ।

ଈଶ୍ୱର ବିଶ୍ୱାସୀମାନଙ୍କୁ ସେମାନଙ୍କ ସକ୍ଷମତାଠାରୁ ଅଧିକ ପ୍ରଲୋଭନର ପରିସ୍ଥିତିରେ ରହିବାକୁ ଅନୁମତି ଦିଅନ୍ତି ନାହିଁ ଯାହା ସେମାନେ ପ୍ରତିରୋଧ କରିପାରିବେ ଏବଂ ଯଦି ସେମାନେ ଇଚ୍ଛୁକ ହୁଅନ୍ତି, ତେବେ ସେଠାରୁ ଖସି ଯାଆନ୍ତୁ । ପ୍ରଲୋଭନଠାରୁ ପଳାୟନ କରିବା ଯୁବାମାନଙ୍କର ଦାୟିତ୍ୱ ଅଟେ (୨ ତୀମଥି ୨:୨୨) । ତଥାପି, ପିତାମାତାମାନେ ଯଥା ସମ୍ଭବ ସେମାନଙ୍କ ଯୁବ ପିଢ଼ିଙ୍କୁ ଅନାବଶ୍ୟକ ପ୍ରଲୋଭନର ସମ୍ମୁଖିନ ହେବାରୁ ରୋକିବା ଉଚିତ । ଅତି କମ୍‌ରେ ପିତାମାତା ଏହାକୁ ତିନୋଟି ଉପାୟରେ କରିପାରିବେ:

**(୧)** ପିଲାମାନେ କ'ଣ କରିବା ଏବଂ ନ କରିବା ଉଚିତ, ସେମାନେ କାହା ସହିତ ରହିବା ଉଚିତ୍ ଏବଂ ସେମାନେ କେଉଁଠାକୁ ଯିବା ଉଚିତ ସେ **ବିଷୟରେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ** ଦେବା ଦ୍ୱାରା (ଏଫିସୀୟ ୬:୧-୪) ।

ପିତାମାତାମାନେ ସେମାନଙ୍କ ସନ୍ତାନମାନଙ୍କୁ ଏପରି ପରିସ୍ଥିତିରେ ରହିବାକୁ ଦେବା ଉଚିତ ନୁହେଁ, ଯେଉଁଠାରେ ସେମାନଙ୍କର ପରିପକ୍ୱତା ସେମାନଙ୍କୁ ପ୍ରଲୋଭନରୁ ରକ୍ଷା କରିବା ପାଇଁ ଯଥେଷ୍ଟ ହେବ ନାହିଁ । ଉଦାହରଣ ସ୍ୱରୂପ, ଯଦି ଜଣେ ଯୁବକ ଏବଂ ଜଣେ ଯୁବତୀ ଏକାକୀ ଏକ ଗୁପ୍ତ ସ୍ଥାନରେ ରହିବେ, ସେମାନେ ମନ୍ଦ ଆଚରଣ କରିବାକୁ ପ୍ରଲୋଭିତ ହେବେ ।

**(୨) ପ୍ରଲୋଭନ କ୍ଷେତ୍ରରେ ସେମାନଙ୍କ ଯୁବାମାନଙ୍କୁ ଦାୟୀ ରଖିବା ଦ୍ୱାରା** ।

**(୩) ଯୁବାମାନଙ୍କୁ ବାଇବଲ ଉପଦେଶ ପ୍ରଦାନ କରିବା ଦ୍ୱାରା** ।

ପିତାମାତାମାନେ ସେମାନଙ୍କ ଯୁବ ପିଢ଼ିଙ୍କୁ ବାଇବଲ ନୀତିଗୁଡ଼ିକୁ ମନରେ ରଖି ପରିସ୍ଥିତି ବିଷୟରେ ବିଚାର କରିବାକୁ ଶିଖିବା ଉଚିତ (ହିତୋପଦେଶ ୪:୧-୯, ହିତୋପଦେଶ ୭:୧, ୪-୫) । ସେମାନେ ଦେଖିପାରୁଥିବା ବିପଦଗୁଡ଼ିକ ବିଷୟରେ ସେମାନଙ୍କ ପିଲାମାନଙ୍କ ସହିତ କଥା ହେବା ଉଚିତ । ସେମାନେ ସେମାନଙ୍କର ଯୁବ ପିଢ଼ିଙ୍କୁ ବିଭିନ୍ନ ପସନ୍ଦ ବିଷୟରେ ବିଚାର କରିବାରେ ସାହାଯ୍ୟ କରିବା ଉଚିତ ଯାହା ସେମାନଙ୍କୁ କରିବାକୁ ପଡ଼ିବ । ସେମାନେ ସେମାନଙ୍କ ଯୁବ ପିଢ଼ିଙ୍କୁ ପ୍ରଲୋଭନରୁ କିପରି ଦୂରେଇ ରହିବେ ଏବଂ ପ୍ରଲୋଭନ ଆସିଲେ କ'ଣ କରିବେ ସେ ବିଷୟରେ ପୂର୍ବରୁ ଚିନ୍ତା କରିବାରେ ସାହାଯ୍ୟ କରିପାରିବେ ।

ଯେତେବେଳେ ଚର୍ଚ୍ଚ ବାଇବଲର ନୈତିକତାକୁ ରକ୍ଷା କରେ, ସେତେବେଳେ ତାହା ଏହିପରି ସଂସ୍କୃତିଠାରୁ ଭିନ୍ନ ହେବା ଉଚିତ । ଅଧିକାଂଶ ସଂସ୍କୃତି ଯୌନ ପାପ ଗମ୍ଭୀର ବୋଲି ମନେକରନ୍ତି ନାହିଁ । ବିବାହ ପୂର୍ବରୁ ଅବିବାହିତ ଯୁବାମାନେ ଯୌନ ସମ୍ପର୍କ ରଖନ୍ତୁ ବୋଲି ସେମାନେ ଅପପେକ୍ଷା କରନ୍ତି । ମଣ୍ଡଳୀ ପାପ ସହିତ ଆପୋଷ ସମାଧାନ କରିବା ଉଚିତ ନୁହେଁ । ଯୁବାମାନଙ୍କ ମଧ୍ୟରେ ଯୌନ ପାପ ସାଧାରଣ ଅଟେ ବୋଲି ମନେ କରିବା ଉଚିତ ନୁହେଁ । ଈଶ୍ୱର କହନ୍ତି, ଯେ, ଯେଉଁମାନେ ଅନୈତିକ ଅଟନ୍ତି, ସେମାନଙ୍କର ଖ୍ରୀଷ୍ଟଙ୍କ ରାଜ୍ୟରେ କୌଣସି ଉତ୍ତରାଧିକାର ନାହିଁ ।

► ଛାତ୍ରଛାତ୍ରୀମାନେ ଦଳ ନିମନ୍ତେ ଏଫିସୀୟ ୫:୩-୭ ଏବଂ ଏବ୍ରୀ ୧୩:୪ ପାଠ କରନ୍ତୁ ।

ବିବାହ ପୂର୍ବରୁ ସମ୍ପର୍କ ଥିବା ସମୟ ଯୌନ ସମ୍ପର୍କ ଆରମ୍ଭ ହେବାର ସମୟ ନୁହେଁ । ବରଂ ଏହା ଏପରି ଏକ ସମୟ ଯେତେବେଳେ ପୁରୁଷ ଏବଂ ମହିଳା ନିଶ୍ଚିତ କରନ୍ତି ଯେ, ସେମାନେ ସମାନ ଆଧ୍ୟାତ୍ମିକ ଏବଂ ବାଇବଲର ପ୍ରାଥମିକତାରେ ଅଂଶୀଦାର କରନ୍ତି । ଏହା ଏପରି ଏକ ସମୟ ଯେତେବେଳେ ସେମାନେ ପରସ୍ପରକୁ ବୁଝାମଣା ବିକଶିତ କରନ୍ତି ଯାହା ସେମାନଙ୍କୁ ପରସ୍ପର ପ୍ରତି ସ୍ଥାୟୀ

ପ୍ରତିବଦ୍ଧତା ପାଇଁ ଯଥେଷ୍ଟ ବିଶ୍ୱାସ କରିବାକୁ ସକ୍ଷମ କରିଥାଏ । ଯଦି ସେମାନେ ପରସ୍ପରର ଚରିତ୍ର ପ୍ରତି ବିଶ୍ୱାସକୁ ଆସିପାରିବେ ନାହିଁ, ତେବେ ସେମାନେ ସମ୍ପର୍କ ସମାପ୍ତ କରିବା ଉଚିତ ଏବଂ ବିବାହ କରିବା ଉଚିତ ନୁହେଁ ।

କିଛି ସମାଜର ଲୋକମାନେ ବିବାହକୁ ବିଳମ୍ବ କରନ୍ତି କାରଣ ସେମାନଙ୍କ ସଂସ୍କୃତି ବିବାହକୁ ଏକ ବିସ୍ତୃତ ଏବଂ ବ୍ୟୟବହୁଳ ଉତ୍ସବ ବୋଲି ଆଶା କରେ । ଅନେକ ସମୟରେ, ସମ୍ପତ୍ତିମାନେ ବର୍ଷ ବର୍ଷ ଧରି ଏକାଠି ରୁହନ୍ତି ଏବଂ ବିବାହକୁ ବିଳମ୍ବ କରି ସନ୍ତାନ ଜନ୍ମ କରନ୍ତି । କିଛି ଦମ୍ପତ୍ତିଙ୍କ ପାଇଁ, ସେମାନଙ୍କ ବିବାହ ଖର୍ଚ୍ଚ ସେମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆର୍ଥିକ ଭାବରେ କ୍ଷତି ପହଞ୍ଚାଏ କାରଣ ସେମାନେ ବିବାହ କାର୍ଯ୍ୟକ୍ରମ ପାଇଁ ସେମାନଙ୍କର ସବୁକିଛି ଖର୍ଚ୍ଚ କରନ୍ତି ଏବଂ ହୁଏତ ଟଙ୍କା ଉଧାର ମଧ୍ୟ ନିଅନ୍ତି । ମଣ୍ଡଳୀ ଏକ ବିଶ୍ୱାସର ସମ୍ପ୍ରଦାୟ ହେବା ଉଚିତ ଯାହା ବିବାହର ଏକ ଭିନ୍ନ ମଡେଲ ପ୍ରଦାନ କରେ । ଖ୍ରୀଷ୍ଟିୟାନ ବିବାହ ଏପରି ପୁରୁଷ ଏବଂ ମହିଳାଙ୍କ ପାଇଁ ଯେଉଁମାନେ ପରସ୍ପର ପ୍ରତି ଏବଂ ପରମେଶ୍ୱରଙ୍କ ପ୍ରତି ପ୍ରତିବଦ୍ଧ ଏବଂ ବିବାହକୁ ବିଳମ୍ବ କରୁଥିବା କିମ୍ବା ଦମ୍ପତ୍ତିଙ୍କ ଭବିଷ୍ୟତ୍‌କୁ କ୍ଷତି ପହଞ୍ଚାଉଥିବା ଅଧିକ ଖର୍ଚ୍ଚ କରିବା ଉଚିତ ନୁହେଁ ।

► ସମାଜର ବିବାହ ରୀତି ନୀତିଠାରୁ ଖ୍ରୀଷ୍ଟିୟ ବିବାହ କେଉଁ କେଉଁ ପ୍ରକାରର ଭିନ୍ନତା ଅଛି ?

## ଯେଉଁମାନେ କେବେ ବିବାହ କରନ୍ତି ନାହିଁ

ଅଧିକାଂଶ ଲୋକଙ୍କ ପାଇଁ ବିବାହ ଈଶ୍ୱରଙ୍କର ଯୋଜନା ଅଟେ । ତଥାପି ପ୍ରେରିତ ପାଉଲ କେତେକ କାରଣ ବର୍ଣ୍ଣନା କରନ୍ତି, ଯେଉଁମାନେ ବିବାହ କରିପାରନ୍ତି ନାହିଁ । ୧ କରିନ୍ଥୀୟ ୭:୨୬ରେ ସେ ଉଲ୍ଲେଖ କରନ୍ତି "ଆସନ୍ନ ଦୁର୍ଦ୍ଦଶା" - ଜୀବନର କଷ୍ଟଦାୟକ ପରିସ୍ଥିତି ଯେଉଁଥିରେ ତାଡ଼ନା ଅନ୍ତର୍ଭୁକ୍ତ । ଏହିପରି ପରିସ୍ଥିତିରେ ବିବାହ ନ କରିବା ଉତ୍ତମ ବୋଲି ସେ ପରାମର୍ଶ ଦିଅନ୍ତି ।

କେତେକ ଶାସ୍ତ୍ରାଂଶ କହେ (୧ କରିନ୍ଥୀୟ ୭:୩୨-୩୪) ଜଣେ ଅବିବାହିତ ବ୍ୟକ୍ତିଠାରେ ଏକ ବିଶେଷ ସୁଯୋଗ ଅଛି । ଜଣେ ଅବିବାହିତ ବ୍ୟକ୍ତି ସ୍ତ୍ରୀର ଯତ୍ନ ନେବାରୁ ମୁକ୍ତ ହୋଇ ଈଶ୍ୱରଙ୍କ ସେବାରେ ଧ୍ୟାନ ଦେଇ ପାରିବେ । ଯେତେବେଳେ ଜଣେ ବ୍ୟକ୍ତି ବିବାହିତ ନ ହୋଇ ସେବାକାର୍ଯ୍ୟ ନିମନ୍ତେ ଈଶ୍ୱରଙ୍କ ଦ୍ୱାରା ଆହ୍ୱାନ ପ୍ରାପ୍ତ ହୁଏ, ସେ ଅସାଧାରଣ ଭାବରେ ପ୍ରଭାବଶାଳୀ ହୋଇପାରେ ଏବଂ ତାଙ୍କ ସେବାକାର୍ଯ୍ୟରେ ଆଶୀର୍ବାଦ ପ୍ରାପ୍ତ ହୋଇଥାଆନ୍ତି ।

ଏକ ବ୍ୟକ୍ତିକୁ ଅବିବାହିତ ରହିବାକୁ ଅନ୍ୟ କାରଣ ହେତୁ ଈଶ୍ୱର ମନୋନୀତ କରିପାରନ୍ତି (ମାଥିଉ ୧୯:୧୦-୧୨) । ଏହା ଏକ ଅପ୍ରାକୃତିକ ପରିସ୍ଥିତି ଅଟେ ବୋଲି ଆମେ ମନେକରିବା ଉଚିତ ନୁହେଁ । ଆମେ ଏହା ଧରିନେବା ଉଚିତ୍ ନୁହେଁ ଯେ ପ୍ରତ୍ୟେକ ଅବିବାହିତ ବ୍ୟକ୍ତିଙ୍କୁ ଜୀବନସାଥୀ ଖୋଜିବା ଆବଶ୍ୟକ । ବିବାହ ଉପରେ ଖୁସି ଏବଂ ସମ୍ପୂର୍ଣ୍ଣତା ନିର୍ଭର କରେ ବୋଲି ମନେକରିବା ଉଚିତ ନୁହେଁ (ଗୀତସଂହିତା ୧୦୭:୯) ।

ଜଣେ ଅବିବାହିତ ବ୍ୟକ୍ତି ଭାବପ୍ରବଣ ଏବଂ ଶାରୀରିକ ଆବଶ୍ୟକତା ହେତୁ ଭୁଲ୍ ସମ୍ପର୍କ ସୃଷ୍ଟି ନ କରିବା ପାଇଁ ଯତ୍ନବାନ ହେବା ଆବଶ୍ୟକ ଅଟେ । ଈଶ୍ୱର ସେତିକି ତାଙ୍କପାଇଁ ପୂର୍ଣ୍ଣ ସମର୍ପିତ ବ୍ୟକ୍ତିଙ୍କୁ ଆନନ୍ଦ ଏବଂ ସନ୍ତୋଷ ଦିଆନ୍ତି ।

## ବିବାହ ପାଇଁ ବାଇବଲ ନିର୍ଦ୍ଦେଶନାମା

► ଛାତ୍ରଛାତ୍ରୀମାନେ ଦଳ ନିମନ୍ତେ ୧ ପିତର ୩:୧-୭ ଏବଂ ଏଫିସୀୟ ୫:୨୨-୨୩ ପାଠ କରନ୍ତୁ । ଏହି ଆଲୋଚନା ସମୟରେ ପଯୀକ୍ଷା ନିମନ୍ତେ ଶାସ୍ତ୍ରାଂଶକୁ ଦଳ ଖୋଲା ରଖିବେ ।

**ଖ୍ରୀଷ୍ଟ ଯେପରି ମଣ୍ଡଳୀକୁ ପ୍ରେମ କଲେ, ସେହିପରି ପୁରୁଷ ତା'ର ସ୍ତ୍ରୀକୁ ପ୍ରେମ କରିବା ପାଇଁ କୁହାଯାଇଛି** । ମଣ୍ଡଳୀ ନିମନ୍ତେ ଯୀଶୁ ନିଜକୁ ଦାନ କଲେ । ତାଙ୍କ ପତ୍ନୀଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱାମୀ ତାଙ୍କର ଲାଭକୁ, ଆରାମକୁ ଏବଂ ଇଚ୍ଛାକୁ ବଳି ଦେବାକୁ ହେବ । ୧ ପିତର ୩:୭ କହେ ତାଙ୍କ ପତ୍ନୀଙ୍କ ସହିତ ସେ ଏକ ବୁଝାମଣାରେ ଜୀବନ କାଟିବା ଆବଶ୍ୟକ, ଅର୍ଥାତ୍ ତାକୁ ବୁଝିବା ପାଇଁ ତାଙ୍କୁ ସର୍ବୋତ୍ତମ କରିବାକୁ ହେବ । ତାଙ୍କର ଆବଶ୍ୟକତାଗୁଡ଼ିକ ବୁଝିବା ପାଇଁ ତାଙ୍କୁ ଜାଣିବାକୁ ହେବ ।

ଏହି ଶାସ୍ତ୍ରାଂଶରେ ମହିଳାଙ୍କୁ "ଦୁର୍ବଳ ପାତ୍ର" ବୋଲି କୁହାଯାଇଛି । ଜଣେ ପତ୍ନୀ ତାଙ୍କ ସ୍ୱାମୀଙ୍କଠାରୁ ସହାନୁଭୂତି ଆବଶ୍ୟକ କରନ୍ତି । ସେ କେବଳ ଶାରୀରିକ କ୍ଷତିରୁ ନୁହେଁ ବରଂ ଚିନ୍ତା ଏବଂ ଭାବପ୍ରବଣ ଚାପରୁ ମଧ୍ୟ ସୁରକ୍ଷା ଦେବା ଉଚିତ୍ ।

**ତାଙ୍କ ସ୍ୱାମୀଙ୍କଠାରେ ସମର୍ପଣ ଏବଂ ତାଙ୍କୁ ସମ୍ମାନ ଦେବା ପାଇଁ ପତ୍ନୀଙ୍କୁ କୁହାଯାଇଛି** । ଯଦିଚ ସ୍ୱାମୀ ଜଣେ ବିଶ୍ୱାସୀ ନୁହଁନ୍ତି, ତଥାପି ପତ୍ନୀ ତାଙ୍କ ସ୍ୱାମୀଙ୍କ ନେତୃତ୍ୱକୁ ଗ୍ରହଣ କରିବା ଉଚିତ । ଯଦି ସେ ଏହା କରନ୍ତି ତେବେ ତାଙ୍କ ଉଦ୍ଧାର ପ୍ରାପ୍ତ ହୋଇ ନ ଥିବା ସ୍ୱାମୀ ଜଣେ ବିଶ୍ୱାସୀ ହୋଇପାରିବେ ।

ଏହି ପଦଗୁଡ଼ିକରେ କିପରି ନିର୍ଦ୍ଦେଶଗୁଡ଼ିକ ଦିଆଯାଇଛି, ତାହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ । ସ୍ୱାମୀଙ୍କୁ ତାଙ୍କ ସ୍ତ୍ରୀଙ୍କ ଉପରେ କର୍ତ୍ତୃତ୍ୱ ଜାରି କରିବାକୁ କୁହାଯାଇ ନାହିଁ । ସ୍ୱାମୀଙ୍କ କଥା ମାନିବାକୁ ସ୍ତ୍ରୀଙ୍କୁ କୁହାଯାଇଛି, କିନ୍ତୁ ସେ ସ୍ୱାମୀଙ୍କୁ ମାନିବେ ବୋଲି ସ୍ୱାମୀ ତାଙ୍କୁ ବାଧ୍ୟ କରିପାରିବେ ନାହିଁ । ତାଙ୍କୁ ତାଙ୍କ ସ୍ତ୍ରୀଙ୍କୁ ପ୍ରେମ କରିବା ଏବଂ ତାଙ୍କର ଯତ୍ନ ନେବା ପାଇଁ ଆବଶ୍ୟକ ବଳିଦାନ ଦେବାକୁ କୁହାଯାଇଛି । ସେହିପରି ତାଙ୍କ ସ୍ୱାମୀଙ୍କଠାରୁ ସ୍ତ୍ରୀ ଯତ୍ନ ନେବାକୁ ଦାବି କରିବେ ନାହିଁ ବୋଲି କୁହାଯାଇଛି, ସ୍ୱାମୀଙ୍କୁ ସମ୍ମାନ ଦେବାକୁ ତାଙ୍କୁ କୁହାଯାଇଛି ।

ସ୍ୱାମୀର ପ୍ରାଥମିକତା ତାଙ୍କ କର୍ତ୍ତୃତ୍ୱ ବଜାୟ ରଖିବା ନୁହେଁ ବରଂ ପ୍ରେମପୂର୍ଣ୍ଣ ଯତ୍ନ ଯୋଗାଇବା ଉଚିତ । ସ୍ତ୍ରୀର ପ୍ରାଥମିକତା ନିଜ ପାଇଁ ଯତ୍ନ ଦାବି କରିବା ନୁହେଁ ବରଂ ତାଙ୍କ ସ୍ୱାମୀଙ୍କୁ ସମ୍ମାନ କରିବା ଉଚିତ ।

ସ୍ୱାମୀଙ୍କୁ ପ୍ରେରିତ ସଚେତନ କରାଇ ଦେଇଛନ୍ତି ଯେ, ତାଙ୍କର ପ୍ରାର୍ଥନା ବାଧାପ୍ରାପ୍ତ ହେବ ଯଦି ସେ ତାଙ୍କ ସ୍ତ୍ରୀଙ୍କର ସଠିକ୍ ଯତ୍ନ ନେଉ ନାହାନ୍ତି । ଏହା ଆମକୁ କୁହେ ଯେ, **ବିବାହରେ ଆମର ଆଚରଣ ପରମେଶ୍ୱରଙ୍କ ସହିତ ଆମର ସମ୍ପର୍କକୁ ପ୍ରଭାବିତ କରେ ।**

ପ୍ରେରିତ ଯୋହନ କହନ୍ତି, ଯଦି ଜଣେ ବ୍ୟକ୍ତି ତା'ର ଭାଇକୁ ପ୍ରେମ ନ କରେ, ତେବେ ସେ ଈଶ୍ୱରଙ୍କୁ ପ୍ରେମ କରେ ନାହିଁ (୧ ଯୋହନ ୪:୨୦) । ସେହିପରି ଭାବରେ ପାଉଲ ଏବଂ ପିତରଙ୍କ ବାକ୍ୟରୁ ଆମେ ଦେଖୁ ଯେ, ଜଣେ ପୁରୁଷ ଯିଏ ତା'ର ସ୍ତ୍ରୀଙ୍କୁ ଯେପରି ପ୍ରେମ କରିବା ଉଚିତ୍ ସେପରି କରେ ନାହିଁ, ସେ ସେପରି ଈଶ୍ୱରଙ୍କୁ ମଧ୍ୟ ପ୍ରେମ କରେ ନାହିଁ, ଯେପରି କରିବା ଉଚିତ । ଜଣେ ମହିଳା ତା'ର ସ୍ୱାମୀଙ୍କୁ ସମ୍ମାନ ଦିଏ ନାହିଁ, ସେ ଈଶ୍ୱରଙ୍କୁ ମଧ୍ୟ ସମ୍ମାନ ଦିଏ ନାହିଁ, ଯେପରି ସେ ଦେବା ଉଚିତ୍ ।

► ଜଣେ ଛାତ୍ର ୧ କରିନ୍ଥୀୟ ୭:୧-୫ ଦଳ ପାଇଁ ପାଠ କରିବେ ।

ଏହି ପଦଗୁଡ଼ିକ କହେ ଯେ, ବିବାହର ଗୋଟିଏ ଇଚ୍ଛା ହେଉଛି ଯୌନ ଇଚ୍ଛା ପୂରଣ କରିବା । ସ୍ୱାମୀ ଏବଂ ସ୍ତ୍ରୀ ପରସ୍ପରକୁ ନିଜକୁ ସମର୍ପି ଦେଇଛନ୍ତି ଏବଂ ନିଜ ଶରୀରର ମାଲିକାନା ଦାବୀକୁ ପରିତ୍ୟାଗ କରିଛନ୍ତି । ଏହାର ଅର୍ଥ ହେଉଛି ଜଣେ ବିବାହିତ ବ୍ୟକ୍ତି କେବଳ ଇଚ୍ଛା କଲେ ଯୌନ ସମ୍ପର୍କ ସ୍ଥାପନ କରିବାକୁ ଆଶା କରିବା ଉଚିତ ନୁହେଁ ବରଂ ପତି/ପତ୍ନୀଙ୍କ ଇଚ୍ଛା ପ୍ରତି ମଧ୍ୟ ପ୍ରତିକ୍ରୀୟାଶୀଳ ହେବା ଉଚିତ । ଏହି ପଦଗୁଡ଼ିକ କହେ ନାହିଁ ଯେ, ଜଣେ ବ୍ୟକ୍ତି ପତୀ/ପତ୍ନୀଙ୍କ ଇଚ୍ଛା ବିରୁଦ୍ଧରେ ସନ୍ତୁଷ୍ଟି ଦାବି କରିପାରିବେ । ପଦଗୁଡ଼ିକ ପ୍ରତ୍ୟେକଙ୍କୁ ଅନ୍ୟ ଜଣଙ୍କ ଆବଶ୍ୟକତା ପ୍ରତି ପ୍ରତିକ୍ରିୟାଶୀଳ ହେବା କହେ ।

ଏହି ଅଂଶଟି ଆମକୁ କୁହେ ଯେ, ବିବାହିତ ଲୋକମାନେ ପରସ୍ପରକୁ ଏହି ସୁବିଧାରୁ ବଞ୍ଚିତ କରିବା ଉଚିତ୍ ନୁହେଁ । ଉପବାସ ସହିତ ଏକ ଅଳ୍ପ ସମୟ ପାଇଁ ଯୌନ ନିଷ୍କ୍ରିୟତା ବୈଧ, କିନ୍ତୁ ଦୀର୍ଘ ସମୟ ଧରି ପୃଥକ ରହିବା ଅସନ୍ତୁଷ୍ଟ ଇଚ୍ଛା ଯୋଗୁଁ ପ୍ରଲୋଭନ ସୃଷ୍ଟି କରିବ । ବେଳେବେଳେ ଦମ୍ପତିମାନେ କିଛି ମାସ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଅଲଗା ରହିବାକୁ ପସନ୍ଦ କରନ୍ତି, କାରଣ ଜଣେ ଦୂର ସ୍ଥାନକୁ କାମ କରିବାକୁ କିମ୍ବା ପାଠ ପଢ଼ିବାକୁ ଯାଆନ୍ତି । ଏପରି ନିଷ୍ପତ୍ତି ନେବା ପୂର୍ବରୁ, ସେମାନେ ବିଚାର କରିବା ଉଚିତ ଯେ, ଏପରି ଯୋଜନା ପରମେଶ୍ୱରଙ୍କ ଯୋଜନା ସହିତ ମେଳ ଖାଉଛି କି ନାହିଁ । ଦୀର୍ଘ ସମୟର ପୃଥକ୍ କାରଣରୁ ସେମାନେ ସମସ୍ୟାର ସମ୍ମୁଖିନ ହୋଇପାରନ୍ତି ।

ବିବାହର ଗୋଟିଏ ଉଦ୍ଦେଶ୍ୟ ହେଉଛି ଏପରି ପରିବାର ସୃଷ୍ଟି କରିବା ଯାହା ସେମାନଙ୍କ ସଦସ୍ୟଙ୍କ ପାଇଁ ଯତ୍ନ ନେଉଥିବ ।

► ଜଣେ ଛାତ୍ର ୧ ତୀମଥି ୫:୮ ଦଳ ପାଇଁ ପାଠ କରିବେ ।

ଏହି ପଦଟି ମଣ୍ଡଳୀର ସଦସ୍ୟମାନଙ୍କ ପରସ୍ପରର ଯତ୍ନ ନେବାର ଦାୟିତ୍ୱକୁ ବର୍ଣ୍ଣନା କରୁଥିବା ଏକ ଅଂଶରେ ଆସିଛି । ଜଣେ ବ୍ୟକ୍ତିଙ୍କର ପ୍ରଥମ ଦାୟିତ୍ୱ ହେଉଛି ତାଙ୍କ ପରିବାର । ପିତାମାତା ନିଶ୍ଚିତ ହେବା ଆବଶ୍ୟକ ଯେ, ତାଙ୍କର ସନ୍ତାନର

ଆବଶ୍ୟକତାଗୁଡ଼ିକ ଯୋଗାଇ ଦିଆଯାଇଛି, ଯେପରି ଖାଦ୍ୟ, ପୋଷାକ, ବାସସ୍ଥାନ ଏବଂ ଶିକ୍ଷା । ଜଣେ ପିତାମାତା ଏହି ଦାୟତ୍ୱ ଅନ୍ୟମାନଙ୍କ ଉପରେ ଛାଡ଼ିବା ପରିବର୍ତ୍ତେ ଯାହା କରିପାରିବେ ତାହାକରିବା ଉଚିତ ।

## ଦଳଗତ ଆଲୋଚନା ନିମନ୍ତେ

ଏହି ପାଠର ବିଷୟଟି ବହୁତ ଆଲୋଚନାର କାରଣ ହେବ ।

ଛାତ୍ର/ଛାତ୍ରୀମାନେ ଏହି ପାଠର ଶାସ୍ତ୍ରୀୟ ନୀତିଗୁଡ଼ିକୁ ସେମାନଙ୍କ ପରିସ୍ଥିତିରେ ପ୍ରୟୋଗ କରିବାକୁ ଚେଷ୍ଟା କରିବା ଉଚିତ ।

► ବିବାହ ବିଷୟରେ ଏପରି କ'ଣ ସତ୍ୟ ଯାହାକୁ ଅନେକ ଲୋକ ଭୁଲି ଯାଆନ୍ତି?

► ଜଗତର ପ୍ରଲୋଭନ ସହିତ ସଂଘର୍ଷ କରୁଥିବା ଯୁବାଯୁବତୀମାନଙ୍କୁ ମଣ୍ଡଳୀ କିପରି ସାହାଯ୍ୟ କରିପାରିବ?

► ପିଲାମାନଙ୍କୁ ଖ୍ରୀଷ୍ଟଙ୍କୁ ଅନୁସରଣ କରିବା ପାଇଁ ତାଲିମ ଦେବାର ଚ୍ୟାଲେଞ୍ଜରେ ସାହାଯ୍ୟ କରିବା ପାଇଁ ମଣ୍ଡଳୀର ଲୋକମାନେ କିପରି ଏକାଠି କାମ କରିପାରିବେ?

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା,

ବିବାହର ତୁମ ସୁନ୍ଦର ଡିଜାଇନ୍ ପାଇଁ ତୁମକୁ ଧନ୍ୟବାଦ ଦେଉଛୁ । ମୋ' ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ତୁମର ଇଚ୍ଛା ପ୍ରତି ବିଶ୍ୱସ୍ତ ରହିବାରେ ମୋତେ ସାହାଯ୍ୟ କର । ଖ୍ରୀଷ୍ଟିୟାନ ବିଶ୍ୱସ୍ତତାର ଏକ ଉତ୍ତମ ଉଦାହରଣ ହେବାରେ ମୋତେ ସାହାଯ୍ୟ କର । ତୁମର ଇଚ୍ଛା ଅନୁସରଣ କରିବାକୁ ଅନ୍ୟମାନଙ୍କୁ ଉତ୍ସାହିତ କରିବାରେ ମୋତେ ସାହାଯ୍ୟ କର ।

ପରିବାର, ଯୁବା ଯୁବତୀ ଏବଂ ପିଲାମାନଙ୍କୁ ବିଶ୍ୱାସ ଏବଂ ଆଜ୍ଞାବହତା ଦୃଢ଼ ହେବା ପାଇଁ ମଣ୍ଡଳୀରେ ସହଯୋଗ କରିବାରେ ମୋତେ ସାହାଯ୍ୟ କର ।

ଆମକୁ ଆଶୀର୍ବାଦ କରୁଥିବା ସମ୍ପର୍କ ରଖିବା ପାଇଁ ଯେଉଁ ସୁଯୋଗ ଦେଇଛ, ସେଥିପାଇଁ ତୁମକୁ ଧନ୍ୟବାଦ ଦେଉଛୁ ।

ଆମେନ୍

## ପାଠ ୭ - ଦିଆଯାଇଥିବା କାର୍ଯ୍ୟ

(୧) ଯଦି ଆପଣ ଅବିବାହିତ, ତେବେ ଆପଣଙ୍କ ବିବାହ ପୂର୍ବ ସମ୍ପର୍କ ଏବଂ ଆପଣଙ୍କ ଭବିଷ୍ୟତ୍ ବିବାହ ପାଇଁ ଈଶ୍ୱରଙ୍କ ନୀତିଗୁଡ଼ିକୁ ପାଳନ କରିବା ପ୍ରତିବଦ୍ଧତାର ଦୁଇଟି ଅନୁଚ୍ଛେଦ ଲେଖନ୍ତୁ । ଯଦି ଆପଣ ବିବାହିତ, ତେବେ ଆପଣଙ୍କ ବିବାହ ପାଇଁ ଈଶ୍ୱରଙ୍କ ନୀତିଗୁଡ଼ିକୁ ପାଳନ କରିବା ପାଇଁ ପ୍ରତିବଦ୍ଧତାର ଦୁଇଟି ଅନୁଚ୍ଛେଦ ଲେଖନ୍ତୁ ।

(୨) ଏହି ପାଠରୁ ଗୋଟିଏ କିମ୍ବା ଅଧିକ ବିଷୟ ବାଛନ୍ତୁ ଏବଂ ଆପଣଙ୍କ ସମାଜରେ ଜଣେ ବ୍ୟକ୍ତି ଆଧ୍ୟାତ୍ମିକ ନୀତିଗୁଡ଼ିକୁ କିପରି ପ୍ରୟୋଗ କରିବେ ତାହା ବର୍ଣ୍ଣନା କରି ଏକ ପୃଷ୍ଠା ଲେଖନ୍ତୁ ।

ଉଦାହରଣ :

- ଆପଣଙ୍କ ସମାଜରେ ବିବାହ କରିବାକୁ ଯୋଜନା କରୁଥିବା ଜଣେ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ଏକ ଖ୍ରୀଷ୍ଟିୟାନ ସମ୍ପର୍କ ବର୍ଣ୍ଣନା କରନ୍ତୁ ।
- ଆପଣଙ୍କ ସମାଜରେ ବିବାହ ପ୍ରତି ବିଶ୍ୱସ୍ତତା ଦେଖାଇବାକୁ ଚାହୁଁଥିବା ଜଣେ ପୁରୁଷ କିମ୍ବା ମହିଳାଙ୍କ ଆଚରଣ ବର୍ଣ୍ଣନା କରନ୍ତୁ ।

# ପାଠ-୮

# ଖ୍ରୀଷ୍ଟିୟାନ ପରିବେଶ ବିଜ୍ଞାନ

## ପାଠର ଉଦ୍ଦେଶ୍ୟ

ଏହି ପାଠର ଶେଷ ସୁଦ୍ଧା ଛାତ୍ର ଛାତ୍ରୀମାନେ ଯେପରି :

(୧) ବୁଝିପାରିବେ ଯେ, ପରମେଶ୍ୱର କାହିଁକି ସମସ୍ତ ବିଷୟ ସୃଷ୍ଟି କରିଛନ୍ତି ଏବଂ ମାନବଜାତି କିପରି ପରମେଶ୍ୱର ସୃଷ୍ଟି କରିଥିବା ଅନ୍ୟ ସମସ୍ତ ବିଷୟଠାରୁ ଅନନ୍ୟ ଅଟେ ।

(୨) ବୁଝିପାରିବେ ଯେ, ପରମେଶ୍ୱର ମାନବଜାତିକୁ ବାକି ସୃଷ୍ଟିର ଦାୟିତ୍ୱ ଦେଇଛନ୍ତି ।

(୩) ଜାଣିପାରିବେ ଯେ, ସେ କିପରି ପରମେଶ୍ୱରଙ୍କ ସୃଷ୍ଟିକୁ ସଠିକ୍ ଭାବରେ ପରିଚାଳିତ କରିପାରିବେ ତାହାର ଅନେକ ଉପାୟ ଜ୍ଞାତ ହେବେ ।

## ଜର୍ଜ ୱାସିଂଟନ୍ କାରଭେର୍, କୃଷି ବୈଜ୍ଞାନିକ

୧୮୬୦ ମସିହା ଆମେରିକାରେ କ୍ରୀତଦାସ ପ୍ରଥା ସମୟରେ ଜର୍ଜ ୱାସିଂଟନ୍ କାରଭେର୍ ଜନ୍ମଗ୍ରହଣ କରିଥିଲେ । କ୍ରୀତଦାସର ପ୍ରଥା ଉଚ୍ଛିନ୍ନ ହେଲା ଉତ୍ତାରେ, ସେ ଶିକ୍ଷାର ଆବଶ୍ୟକ କଲେ । ସେହି ସମୟରେ କୃଷ୍ଣ ବର୍ଣ୍ଣ ପିଲାମାନଙ୍କ ନିମନ୍ତେ ଶିକ୍ଷା ଅତି ସହଜରେ ଉପଲବ୍ଧ ନ ଥିଲା, କିନ୍ତୁ ଜଣେ ଦୟାଳୁ ମହିଳା ତାଙ୍କୁ କହିଲେ, "ତୁମେ ଯଥା ସମ୍ଭବ ଶିକ୍ଷା କର ଏବଂ ବ୍ରହ୍ମାଣ୍ଡକୁ ଫେରିଯାଇ ତୁମର ଜ୍ଞାନ ଲୋକମାନଙ୍କୁ ପ୍ରଦାନ କର ।" ଜର୍ଜ ପ୍ରାର୍ଥନା କଲେ, "ହେ ଈଶ୍ୱର, ବ୍ରହ୍ମାଣ୍ଡର ରହସ୍ୟ ମୋତେ ଦେଖାଅ ।" ଏବଂ କହିଲେ ଯେ ଈଶ୍ୱର ଉତ୍ତର ଦେଇଥିଲେ, "ତୁମେ ବ୍ରହ୍ମାଣ୍ଡର ରହସ୍ୟଗୁଡ଼ିକୁ ବୁଝିବା ପାଇଁ ବହୁତ ଛୋଟ ।" ତା'ପରେ ଜର୍ଜ ପ୍ରାର୍ଥନା କଲେ, "ହେ ଈଶ୍ୱର, ମୋତେ ବାଦାମର ରହସ୍ୟ ଦେଖାଅ," ଏବଂ କହିଲେ ଯେ, ଈଶ୍ୱର ସମ୍ମତ ହେଲେ । ବାଦାମ ମୁଖ୍ୟ ଥିଲା କାରଣ ଅନେକ ଗରୀବ ଚାଷୀମାନଙ୍କର ଏହା ମୁଖ୍ୟ ଶସ୍ୟ ଉତ୍ପାଦନ ଥିଲା । ଜର୍ଜ ଜାଣିଥିଲେ ଯେ, ବାଦାମରୁ ଅଧିକ ଉତ୍ପାଦ ଉଦ୍ଭାବନ କଲେ ବାଦାମ ଫସଲର ମୂଲ୍ୟ ବୃଦ୍ଧି ପାଇବ । ଜର୍ଜ ବାଦାମରୁ ୩୦୦ ସମ୍ଭାବନା ଯୋଗ୍ୟ ଉତ୍ପାଦ ଏବଂ ମିଠା ଆଳୁର ୧୦୦ ଉତ୍ପାଦ ଆବିଷ୍କାର କରିଥିଲେ । ସେ ଟସ୍କେଗି ପ୍ରତିଷ୍ଠାନରେ ୪୭ ବର୍ଷ ଧରି କୃଷି କ୍ଷେତ୍ରରେ ଶିକ୍ଷା ଦେଇଥିଲେ ଏବଂ ଚାଷୀମାନଙ୍କୁ ନୂତନ ପଦ୍ଧତି ଶିଖାଇବାର ଉପାୟ ଖୋଜି ବାହାର କରିଥିଲେ, ଯାହା ଦ୍ୱାରା ସେମାନଙ୍କୁ ସେମାନଙ୍କର ଜମିକୁ ଉନ୍ନତ କରିବାରେ ଏବଂ ଭଲ

ଫସଲ ପାଇବାରେ ସାହାଯ୍ୟ ହୋଇଥିଲା । ଜର୍ଜ ୱାଶିଂଟନ୍ କାରଭେର୍ ଏକ ମହାନ ଆଶୀର୍ବାଦ ଥିଲେ, କାରଣ ତାଙ୍କର ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଥିଲା ଯେ, ଈଶ୍ୱରଙ୍କ ସୃଷ୍ଟି ସଠିକ୍ ଭାବରେ ପରିଚାଳିତ ହେଲେ, ମାନବଜାତି ପାଇଁ ବହୁତ ଲାଭ ଆଣିପାରେ ।

**ଜୀବଜଗତ ପରସ୍ପର ଏବଂ ସେମାନଙ୍କ ପରିବେଶ ସହିତ କିପରି ସମ୍ପର୍କ ତାହାର ଅଧ୍ୟୟନ ହେଉଛି ପରିବେଶ ବିଜ୍ଞାନ ।**

## ପ୍ରକୃତି ଉପରେ ମାନବ କର୍ତ୍ତୃତ୍ୱ

► ଜଣେ ଛାତ୍ର ଆଦିପୁସ୍ତକ ୧:୧, ୨୬-୨୮ ଦଳ ପାଇଁ ପାଠ କରିବେ ।

ପୃଥିବୀ ପ୍ରତି ମାନବ ଦାୟୀତ୍ୱ ଏହି ବାସ୍ତବ ଉପରେ ଆଧାରିତ ଯେ, ପରମେଶ୍ୱର ତାଙ୍କ ପ୍ରଶଂସା ନିମନ୍ତେ ପୃଥିବୀ ସୃଷ୍ଟି କରିଅଛନ୍ତି (ଗୀତସଂହିତା ୧୪୮) ଏବଂ ମନୁଷ୍ୟକୁ ଏହାର ପରିଚାଳକ ଭାବରେ ନିଯୁକ୍ତ କରିଅଛନ୍ତି । ଯେହେତୁ ଲୋକମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଛନ୍ତି, ସେପରି ପରମେଶ୍ୱରଙ୍କ ପରି ଶାସନ କରିବା ପାଇଁ ଆମେ ସୃଷ୍ଟି ହୋଇଛୁ । ଗୀତରଚକ କହନ୍ତି, "ପୁଣି, ତୁମ୍ଭେ ତାହାକୁ ଦୂତଗଣଙ୍କ ଅପେକ୍ଷା ଅଳ୍ପମାତ୍ର ନ୍ୟୂନ କରିଅଛ, ଆଉ ଗୌରବ ଓ ସମ୍ଭ୍ରମରୂପ ମୁକୁଟରେ ତାହାକୁ ଭୂଷିତ କରୁଅଛ । ତୁମ୍ଭେ ଆପଣା ହସ୍ତକୃତ ସକଳ କର୍ମ ଉପରେ ତାହାକୁ କର୍ତ୍ତୃତ୍ୱ ଦେଉଅଛ; ତୁମ୍ଭେ ତାହାର ପଦ ତଳେ ସମୁଦାୟ ବିଷୟ ରଖିଅଛ" (ଗୀତସଂହିତା ୮:୫-୬) । ଜଗତରେ ମନୁଷ୍ୟର ଏକ ବିଶେଷ ଭୂମିକା ରହିଅଛି । ସେମାନେ ପଶୁ ନୁହଁନ୍ତି । ଈଶ୍ୱର ମନୁଷ୍ୟକୁ ପୃଥିବୀ ଏବଂ ତହିଁରେ ବାସ କରୁଥିବା ପଶୁମାନଙ୍କ ଉପରେ ଶାସନ କରିବାର ଭୂମିକା ଦେଇଥିଲେ ।

ପରମେଶ୍ୱର ଆଦମ ଏବଂ ହବାଙ୍କୁ ପୃଥିବୀକୁ ବୃଦ୍ଧି କରି ପୂର୍ଣ୍ଣ କରିବାକୁ କହିଥିଲେ । ସେ ସେମାନଙ୍କୁ ପୃଥିବୀକୁ ବଶୀଭୂତ କରିବାକୁ କହିଥିଲେ । ପୃଥିବୀକୁ ବଶୀଭୂତ କରିବାର ପ୍ରକ୍ରିୟା ସେମାନଙ୍କ ବଂଶଧରମାନଙ୍କ ଦ୍ୱାରା ଜାରି ରହିବ । ପୃଥିବୀକୁ ବଶୀଭୂତ କରିବାର କାର୍ଯ୍ୟରେ, ଅନୁସନ୍ଧାନ, ନୂତନ ଅଞ୍ଚଳରେ ବାସ କରିବାକୁ ଶିଖିବା, ଖଣିଜ ପଦାର୍ଥ ଆବିଷ୍କାର ଏବଂ ବ୍ୟବହାର କରିବା, ପ୍ରାଣୀ ପାଳନ କରିବା ଏବଂ ପ୍ରଯୁକ୍ତି ବିଦ୍ୟା ବିକାଶ କରିବା ଅନ୍ତର୍ଭୁକ୍ତ ।

ଯେତେବେଳେ ପରମେଶ୍ୱର ଏହାକୁ ସୃଷ୍ଟି କଲେ, ସବୁ ବିଷୟ ଉତ୍ତମ ଥିଲା । ମନୁଷ୍ୟର ଏଦନ ଉଦ୍ୟାନର ଯତ୍ନ ନେବା ମଣିଷର କାମ (ଆଦିପୁସ୍ତକ ୨:୧୫) ପ୍ରକୃତି ସହିତ ସମନ୍ୱୟ ରକ୍ଷା କରିବା ଏକ ଉପଭୋଗ୍ୟ କାର୍ଯ୍ୟ ଥିଲା । ପାପ ଘଟିବା ପରେ, ପ୍ରକୃତି ଅଭିଶାପ ଦ୍ୱାରା ପ୍ରଭାବିତ ହେଲା ଏବଂ ମନୁଷ୍ୟର କାର୍ଯ୍ୟ କଷ୍ଟକର ହୋଇଗଲା (ଆଦିପୁସ୍ତକ ୩:୧୭-୧୯) । ପୃଥିବୀରେ ଯେଉଁ ମୂଳ ସିଦ୍ଧତା ଥିଲା ତାହା ନାହିଁ (ରୋମୀୟ ୮:୧୮-୨୩), କିନ୍ତୁ ଏହା ଏବେ ମଧ୍ୟ ଏହାର ଆଶ୍ଚର୍ଯ୍ୟଜନକ ଆକାର ପରମେଶ୍ୱରଙ୍କ ମହିମା ଦେଖାଏ ।

ଜଳ ପ୍ଲାବନ ଉତ୍ତାରେ ଈଶ୍ୱର କହିଲେ ଯେ ପ୍ରତ୍ୟେକ ଗମନଶୀଳ ପ୍ରାଣୀଙ୍କୁ ଲୋକମାନେ ଭକ୍ଷଣ କରିପାରିବେ (ଆଦିପୁସ୍ତକ ୯:୩) । ପରମେଶ୍ୱର ମୋଶାଙ୍କୁ ଦେଇଥିବା ନିୟମ ଲୋକମାନଙ୍କୁ କିଛି ପ୍ରାଣୀ ଖାଇବାରୁ ନିଷେଧ କରିଥିଲା, କିନ୍ତୁ ନୂତନ ନିୟମ ଆମକୁ କହେ ଯେ, ଆମେ ଏବେ ଖାଇବା ପଇଁ ଯାହା ଉତ୍ତମ ଯେକୌଣସି ପ୍ରାଣୀ ଖାଇବାକୁ ଅନୁମତି ପାଇଛୁ (ମାର୍କ ୭:୧୯, ୧ ତୀମଥି ୪:୪) । ପ୍ରାଣୀମାନଙ୍କର ଏପରି ଅଧିକାର ନାହିଁ ଯାହା ସେମାନଙ୍କୁ ମଣିଷ ସହିତ ତୁଳନୀୟ ସ୍ତରରେ ରଖେ ।

**ସମ୍ବଳ ପରିଚାଳନା ପାଇଁ ମନୁଷ୍ୟର ଦାୟିତ୍ୱ**

ଯଦିଚ ଲୋକମାନଙ୍କୁ ପୃଥିବୀକୁ କର୍ତ୍ତୃତ୍ୱ କରିବାର ଅଧିକାର ଦିଆଯାଇଥିଲା (ଆଦିପୁସ୍ତକ ୧: ୨୮), ସେମାନେ ସର୍ବୋଚ୍ଚ ଅଧିକାରୀ ନୁହଁନ୍ତି । ସମସ୍ତ ଲୋକ ଈଶ୍ୱରଙ୍କ ନିକଟରେ ଉତ୍ତରଦାୟୀ । ପୃଥିବୀ ଏବଂ ଏଥିର ସମସ୍ତ ଉତ୍ପାଦ ଏପର୍ଯ୍ୟନ୍ତ ଈଶ୍ୱରଙ୍କର ଅଟେ ।

► ଛାତ୍ରଛାତ୍ରୀମାନେ ଦଳ ନିମନ୍ତେ ଗୀତସଂହିତା ୨୪:୧ ଏବଂ ଗୀତସଂହିତା ୫୦:୧୦-୧୧ ପାଠ କରନ୍ତୁ ।

ପରମେଶ୍ୱର ପୃଥିବୀର ମାଲିକ ଅଟନ୍ତି । ତାହାଙ୍କ ଗୌରବ ପ୍ରକାଶ କରିବା ନିମନ୍ତେ (ଗୀତସଂହିତା ୧୯:୧), ମାନବଜାତିର ଆବଶ୍ୟକ ମେଣ୍ଟାଇବାକୁ (ଆଦିପୁସ୍ତକ ୧:୨୯), ସେମାନଙ୍କ ବାସ କରିବା ନିମନ୍ତେ ଏକ ସୁନ୍ଦର ସ୍ଥାନ ହେବା ନିମନ୍ତେ, ଈଶ୍ୱର ପୃଥିବୀକୁ ଡିଜାଇନ୍ କଲେ । ସେ ଆମକୁ ପୃଥିବୀ ଏବଂ ଏହାଦ୍ୱାରା ଉତ୍ପନ୍ନ ହେଇଥିବା ବିଷୟଗୁଡ଼ିକୁ ଉପଭୋଗ କରିବାକୁ ଚାହାନ୍ତି । ଆମେ ପୃଥିବୀକୁ ପୂଜା କରିବା ଉଚିତ ନୁହେଁ, କାରଣ ଏହା ଈଶ୍ୱରଙ୍କ ହସ୍ତ ନିର୍ମିତ ଅଟେ (ରୋମୀୟ ୧:୨୫) । କିମ୍ବା ବିନାଶକାରୀ ଉପାୟରେ ଆମେ ପୃଥିବୀକୁ ଶୋଷଣ କରିବା ଉଚିତ ନୁହେଁ ।

ବେଳେବେଳେ ଲୋକମାନେ ଜମିରୁ ଲାଭ ନିଅନ୍ତି କିନ୍ତୁ ସେହି ସମାନ ସମୟରେ ଜମିକୁ ବିନଷ୍ଟ କରନ୍ତି । ଲୋକମାନେ ଖଣି ଖୋଳି ତହିଁରୁ ପଦାର୍ଥ ନିଅନ୍ତି କିନ୍ତୁ ଅବ୍ୟବହାର ଏବଂ ଅସୁନ୍ଦର ପରିଛାଡ଼ି ଦିଅନ୍ତି । ବେଳେବେଳେ ଲୋକମାନେ ଏକ ସ୍ଥାନରୁ ସମସ୍ତ ଗଛ ନେଇଯାଆନ୍ତି, ବର୍ଷା ଦ୍ୱାରା ଉତ୍ତମ ମାଟି ଧୋଇ ହୋଇଯାଏ ।

ବେଳେବେଳେ ଲେକାମାନେ କିଛି କିଛି ସ୍ଥାନରେ ଖାଇବା ପାଇଁ ସବୁ ବନ୍ୟଜନ୍ତୁ ଶୀକାର କରି ସଫା କରିଦିଅନ୍ତି । ଲୋକମାନେ ନଦୀ ପାଣିରେ ଅଳିଆ ପକାଇଥାନ୍ତି ଯଦ୍ଦ୍ୱାରା ପାଣି ବ୍ୟବହାର ଯୋଗ୍ୟ ହୋଇ ନ ଥାଏ ।

ପରମେଶ୍ୱର ପୃଥିବୀକୁ ଉତ୍ପାଦନକ୍ଷମ କରିବା ପାଇଁ ଡିଜାଇନ୍ କରିଥିଲେ । ଲେକାମାନେ ଜମିକୁ ନଷ୍ଟ କରିବା ପରି ବ୍ୟବହାର କରିବା ଭୁଲ୍ ଅଟେ । ଭୂମିର ବିନାଶକାରୀ ବ୍ୟବହାର ଦ୍ୱାରା ପରମେଶ୍ୱରଙ୍କୁ ଅପମାନିତ କରାଯାଇଛି ।

ପରମେଶ୍ୱର ହଜାର ହଜାର ବର୍ଷ ଧରି ଅନେକ ପିଢ଼ିର ଲୋକଙ୍କ ସେବା କରିବା ପାଇଁ ପୃଥିବୀକୁ ଡିଜାଇନ୍ କରିଛନ୍ତି । ଆମେ ଆଗାମୀ ପିଢ଼ି ପାଇଁ ପରିବେଶକୁ ପରିଚାଳନା ଏବଂ ଉନ୍ନତ କରିବା ପାଇଁ ଦାୟୀ ଅନୁଭବ କରିବା ଉଚିତ । ଯେଉଁ ବ୍ୟକ୍ତି ତୁରନ୍ତ ଲାଭ ପାଇଁ ଜମିକୁ ନଷ୍ଟ କରେ ସେ ତା'ର ପ୍ରତିବାସୀକୁ ପ୍ରେମ କରେ ନାହିଁ କିମ୍ବା ଆଗାମୀ ବଂଶକୁ ପ୍ରେମ କରେ ନାହିଁ ।

ବର୍ତ୍ତମାନଠାରୁ ୨୦ ବର୍ଷରେ ଆପଣଙ୍କର ସନ୍ତାନମାନଙ୍କୁଠାରୁ କେହି ଚୋରି କରନ୍ତୁ ବୋଲି ଆପଣ ମନେକରନ୍ତି କି ? ନିଶ୍ଚୟ ନାହିଁ । ତଥାପି ଲୋକମାନେ ସେମାନଙ୍କ ପିଲାମାନେ ଯେଉଁଠାରେ ରହିବେ ସେହି ପରିବେଶକୁ ନଷ୍ଟ କରି ନିଜ ପିଲାଙ୍କଠାରୁ ଚୋରି କରନ୍ତି । ଯଦି ଆପଣଙ୍କର ନିଜର ସନ୍ତାନ ନ ଥାଏ ତେବେ ମଧ୍ୟ ଆପଣ ଅନ୍ୟମାନଙ୍କର ସନ୍ତାନମାନଙ୍କ ବିଷୟରେ ଚିନ୍ତା କରିବା ଉଚିତ୍ ଯେଉଁମାନେ କୌଣସି ଦିନ ସେହି ଜମିର ଉତ୍ତରାଧିକାରୀ ହୋଇପାରନ୍ତି ।

ଅନେକ ଲୋକ ନିଜ ମାଲିକାନାରେ ଥିବା ଜମି ପ୍ରତି ସତର୍କ ରୁହନ୍ତି କିନ୍ତୁ ସାର୍ବଜନୀନ ଜମି ପ୍ରତି ସେମାନଙ୍କର କୌଣସି ଚିନ୍ତା ନାହିଁ । ବିଶ୍ୱାସୀମାନେ ପରିବେଶ ପ୍ରତି ଯତ୍ନର ଉଦାହରଣ ସୃଷ୍ଟି କରିବା ଉଚିତ କାରଣ ଆମେ ଜାଣୁ ଯେ, ଏହା ପରମେଶ୍ୱରଙ୍କର ଏବଂ ଆମେ ଆମର ପଡ଼ୋଶୀ ଏବଂ ପରିବର୍ତ୍ତି ପୀଢ଼ିର ଚିନ୍ତା କରୁ ।

କେହି କେହି ମନେ କରନ୍ତି, "ଏହି ଜମି ମୋର ନୁହେଁ ତେଣୁ ଏଠାରେ ମୁଁ ଅଳିଆ ପକାଇ ପାରେ, କିମ୍ବା ସବୁ ଗଛ କାଟି ପାରେ ଏପରିକି ଛୋଟ ଗଛ ମଧ୍ୟ" ।

► ଜଣେ ଛାତ୍ର ଦ୍ୱିତୀୟ ବିବରଣ ୨୨:୬ ଦଳ ପାଇଁ ପାଠ କରିବେ ।

ପୃଥିବୀର ଯେଉଁ ପ୍ରାନ୍ତରେ ଦ୍ୱିତୀୟ ବିବରଣ ପୁସ୍ତକ ଲେଖାଯାଇଥିଲା, ସେଠାରେ ଏପରି ପକ୍ଷୀ ଥିଲେ ଯାହାକୁ ସହଜରେ ଧରି ପାରୁଥିଲେ ଯେତେବେଳେ ସେମାନେ ବସା ଉପରେ ବସୁଥିଲେ । ଯଦି ଲୋକମାନେ ସବୁବେଳେ ମାଆ ଏବଂ ଅଣ୍ଡା କିମ୍ବା ଛୁଆମାନଙ୍କୁ ନେଇ ଯାଆନ୍ତି, ତେବେ ସେହି ପକ୍ଷୀଗୁଡ଼ିକ ଶୀଘ୍ର ଅସ୍ତିତ୍ୱ ହରାଇଥାଆନ୍ତି । ପରମେଶ୍ୱର ସେମାନଙ୍କୁ କହିଥିଲେ ଯେ, ପ୍ରଜାତି ଯେପରି ବିନଷ୍ଟ ନ ହୁଏ, ସେଥିପାଇଁ ମାଆକୁ ଛାଡ଼ିଦିଅ । ଆଜି ବିଭିନ୍ନ ସ୍ଥାନରେ ଆମର ନିୟମ ସମାନ ହେବ ନାହିଁ, କିନ୍ତୁ ଏହି ପଦ ଆମକୁ କୁହେ ଯେ,ଆମେ ସାର୍ବଜନୀନ ଜମିର ସମ୍ପଦ ସଂରକ୍ଷଣ ପାଇଁ ଯତ୍ନବାନ ହେବା ଉଚିତ ।

### ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରଶଂସା

ଯେତେବେଳେ ସଦାପ୍ରଭୁ ବୃକ୍ଷ ଲତା ସୃଷ୍ଟି କଲେ, ସେ କେବଳ ପରିବା ଏବଂ ଫଳ ସୃଷ୍ଟି କରି ନ ଥିଲେ ବରଂ ସେ ଫୁଲ ଏବଂ ଅନେକ ସୁନ୍ଦର ବିଷୟ ସବୁ ସୃଷ୍ଟି କଲେ । ଏହା ଆମକୁ କୁହେ ଯେ, ଈଶ୍ୱର କେବଳ ଭୂମିର ବ୍ୟବହାରିକ ବ୍ୟବହାର ବିଷୟରେ ଚିନ୍ତା କରନ୍ତି

ନାହିଁ, ବରଂ ସେ ସୁନ୍ଦରତା ନିମନ୍ତେ ମଧ୍ୟ ଚିନ୍ତା କରନ୍ତି (ଲୂକ ୧୨:୨୭) । ଲୋକମାନଙ୍କ ବାସସ୍ଥାନ ପାଇଁ ଏକ ସୁନ୍ଦର ପରିବେଶ ଯୋଗାଇବା ନିମନ୍ତେ ଈଶ୍ୱର ପ୍ରକୃତିର ସୌନ୍ଦର୍ଯ୍ୟ ସୃଷ୍ଟି କରିଥିଲେ ।

ପାହାଡ଼, ପର୍ବତ, ମରୁଭୂମି, ନଦୀ, ସ୍ଥଳ ଭାଗ ଏବଂ ଜଙ୍ଗଲ ପ୍ରତ୍ୟେକଙ୍କଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଅଛି । ଯେଉଁ ଲୋକମାନେ ଏହି ସ୍ଥାନ ମାନଙ୍କରେ ଜନ୍ମ ଗ୍ରହଣ କରନ୍ତି, ସେମାନେ ଏଥିର ସୌନ୍ଦର୍ଯ୍ୟକୁ ଦେଖିପାରନ୍ତି ନାହିଁ କାରଣ ଏହି ସବୁ ସେମାନଙ୍କ ନିମନ୍ତେ ସାଧାରଣ ଅଟେ ।

► ମନେକରନ୍ତୁ, ଆପଣ ଜଣେ ଚିତ୍ରକାର ଅଟନ୍ତି । ଆପଣ ଏକ ଚିତ୍ରକୁ ଆଙ୍କିବା ପାଇଁ ଅନେକ ଦିନ ପରିଶ୍ରମ କରିଛନ୍ତି, ସେହି ଚିତ୍ରଟିକୁ ଆପଣ ଆପଣଙ୍କର ଜଣେ ବନ୍ଧୁଙ୍କୁ ପ୍ରଦାନ କରିଛନ୍ତି । ତା'ପରେ ଦିନେ ସେହି ବନ୍ଧୁଙ୍କ ଗୃହକୁ ପରିଦର୍ଶନ କରି ଆପଣ ଦେଖିଲେ ଯେ, ସେହି ଚିତ୍ରଟି ତଳେ ପଡ଼ି ରହିଛି ଏବଂ ଲୋକଙ୍କ ପାଦତଳେ ପଡ଼ି କ୍ଷତିଗ୍ରସ୍ତ ହୋଇଯାଇଛି । ଆପଣ କିପରି ଅନୁଭବ କରିବେ?

ଅନେକ ସମ୍ପ୍ରଦାୟ ଅଛନ୍ତି ଯେଉଁମାନେ ତଳେ ଅଳିଆ ପକେଇ ଦେଇଥାନ୍ତି । ସେମାନେ ସେମାନଙ୍କର ଯାଗାକୁ ପରିଷ୍କାର କରନ୍ତି ଏବଂ ଅନ୍ୟ ଯାଗାଗୁଡ଼ିକୁ ଅପରିଷ୍କାର କରିଥାଆନ୍ତି । ସେମାନଙ୍କର ପଡ଼ୋଶୀର ରାସ୍ତା ଅପରିଷ୍କାରରେ ପୂର୍ଣ୍ଣ ଅଟେ ।

► ଏହି ଲୋକମାନଙ୍କୁ କ'ଣ ବୁଝିବା ଆବଶ୍ୟକ?

ଆମେ ଅନ୍ୟମାନଙ୍କ ପାଇଁ ଏବଂ ନିଜ ପାଇଁ ଅନ୍ୟମାନଙ୍କ ସହିତ ଅଂଶୀଦାର କରୁଥିବା କ୍ଷେତ୍ରଗୁଡ଼ିକ ବିଷୟରେ ଚିନ୍ତା କରିବା ଉଚିତ ।

► ଏକ ମଣ୍ଡଳୀ ତା'ର ପଡ଼ୋଶୀକୁ ପରିବର୍ତ୍ତନ କରିବା ପାଇଁ କ'ଣ କରିପାରିବ?

## ପ୍ରାଣୀମାନଙ୍କର ବ୍ୟବହାର

ପ୍ରାଣୀମାନେ ମନୁଷ୍ୟମାନଙ୍କଠାରୁ ଭିନ୍ନ ଅଟନ୍ତି । ସେମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇ ନାହାନ୍ତି । ତେଣୁ ସେମାନଙ୍କର ଅମର ଆତ୍ମା ନାହିଁ ଏବଂ ସେମାନଙ୍କର ମାନବିକ ଅଧିକାର ନାହିଁ (ଉପଦେଶକ ୩:୨୧) ।

ପ୍ରାଣୀମାନଙ୍କର ମାଂସ ଖାଇବାକୁ ଈଶ୍ୱର ଲୋକମାନଙ୍କୁ ଅନୁମତି ଦେଲେ, ଯାହା ସୂଚାଇ ଦିଏ ଯେ, ଖାଦ୍ୟ ପାଇଁ ବନ୍ୟ ପ୍ରାଣୀ ଶୀକାର କରିବା ଏବଂ ଖାଦ୍ୟ ପାଇଁ ଗୃହପାଳିତ ପ୍ରାଣୀ ପାଳନ କରିବା ଅନୁମତି ପ୍ରାପ୍ତ ।

ମାନବ ଇତିହାସର ଅଧିକାଂଶ ସମୟ ପାଇଁ ଲୋକମାନେ ଗୃହପାଳିତ ପଶୁ କିମ୍ବା କାମ କରିବା ପାଇଁ ପଶୁ ରଖିବା ସାଧାରଣ କଥା ।

► ଲୋକମାନେ ପଶୁମାନଙ୍କ ପ୍ରତି କିପରି ବ୍ୟବହାର କରନ୍ତି, ପରମେଶ୍ୱର କ'ଣ ଚିନ୍ତା କରନ୍ତି?

► ଜଣେ ଛାତ୍ର ହିତୋପଦେଶ ୧୨:୧୦ ଦଳ ପାଇଁ ପାଠ କରିବେ ।

ଏହି ପଦ ଆମକୁ କହେ ଯେ, ଧାର୍ମିକ ଲୋକଙ୍କର ଗୋଟିଏ ଗୁଣ ହେଉଛି ଯେ, ସେମାନେ ସେମାନଙ୍କର ପଶୁମାନଙ୍କର ଭଲ ଯତ୍ନ ନିଅନ୍ତି । ନିଷ୍ଠୁରତା ଜଣେ ଦୁଷ୍ଟ ବ୍ୟକ୍ତିଙ୍କର ଏକ ଗୁଣ ଅଟେ ।

ଜଣେ ବ୍ୟକ୍ତି ଯିଏ ଏକ ପଶୁ ରଖେ, ନିଶ୍ଚିତ ହେବା ଆବଶ୍ୟକ ଯେ, ତା' ପାଇଁ ଦରକାର ଖାଦ୍ୟ, ଜଳ ଏବଂ ବାସସ୍ଥାନ । ଯେଉଁମାନେ ସେମାନଙ୍କ ପଶୁମାନଙ୍କର ଆବଶ୍ୟକତା ବିଷୟରେ ଚିନ୍ତା କରନ୍ତି ନାହିଁ ସେମାନଙ୍କ ମଧ୍ୟରେ କିଛି ତ୍ରୁଟି ରହିଛି ।

ମନେରଖନ୍ତୁ ଯେ, ପ୍ରତ୍ୟେକ ପଶୁ ଈଶ୍ୱରଙ୍କର ଅଟନ୍ତି (ଗୀତସଂହିତା ୫୦:୧୦-୧୧) । ସେମାନେ ସମସ୍ତେ ଈଶ୍ୱରଙ୍କ ଦ୍ୱାରା ରଚିତ ଏବଂ ସୃଷ୍ଟ । ପରମେଶ୍ୱର ସେମାନଙ୍କୁ ବହୁ ପ୍ରକାରର ସୃଷ୍ଟି କରିଥିଲେ । ଖାଇବା ପାଇଁ ଏବଂ କାମ କରିବା ପାଇଁ ସେ କେବଳ କିଛି ସୃଷ୍ଟି କରିପାରିଥାନ୍ତେ, କିନ୍ତୁ ସେ କୀଟପତଙ୍ଗ ଏବଂ ସୂକ୍ଷ୍ମ ଜୀବନ ବ୍ୟତୀତ ହଜାର ହଜାର ପ୍ରଜାତିର ପ୍ରାଣୀ ସୃଷ୍ଟି କରିଥିଲେ । ପଶୁମାନଙ୍କର ବିବିଧତାରେ ଈଶ୍ୱରଙ୍କର ସୃଜନଶୀଳତା ପ୍ରଦର୍ଶିତ ହୋଇଛି ।

କିଛି ପ୍ରାଣୀ ସେମାନଙ୍କ ମାଲିକଙ୍କ ପ୍ରତି ବିଶ୍ୱସ୍ତତା ଏବଂ କୃତଜ୍ଞତା ଦେଖାଇବାକୁ ସକ୍ଷମ । ସେମାନେ ମନୁଷ୍ୟଠାରୁ ଧ୍ୟାନ ପାଆନ୍ତି ଏବଂ ପ୍ରତିକ୍ରିୟା ଦେବା ଶିଖିଥାଆନ୍ତି । ସେମାନେ ବହୁତ ଶିଖିବା ପାଇଁ ଯଥେଷ୍ଟ ବୁଦ୍ଧିମାନ ଅଟନ୍ତି । ଏହା ସ୍ପଷ୍ଟ ଯେ, ପରମେଶ୍ୱର ସେମାନଙ୍କୁ ଲୋକଙ୍କ ସହିତ ପାରସ୍ପରିକ କ୍ରିୟା ପାଇଁ ରଚନା କରିଥିଲେ । ପରମେଶ୍ୱର ପଶୁମାନଙ୍କୁ ମଣିଷ ପ୍ରତି ଏକ ବିଶେଷ ସମ୍ମାନ ଦେଇଥିଲେ (ଆଦିପୁସ୍ତକ ୯:୨) ।

ପରମେଶ୍ୱର ପଶୁମାନଙ୍କୁ ବୁଦ୍ଧି ଏବଂ ପ୍ରକୃତି ସହିତ ସୃଷ୍ଟି କରିଥିଲେ ଯାହା ଲୋକଙ୍କ ପ୍ରତି ପ୍ରତିକ୍ରିୟା ପ୍ରକାଶ କରେ । ସେମାନଙ୍କୁ ଅପବ୍ୟବହାର କରିବା ହେଉଛି ପରମେଶ୍ୱରଙ୍କ ଉଦ୍ଦେଶ୍ୟକୁ ଅସମ୍ମାନ କରିବା । ଏହା ସତ୍ୟ ଯେ, ଯଦି ଜଣେ ବ୍ୟକ୍ତି ପ୍ରାଣୀଙ୍କୁ ଯନ୍ତ୍ରଣା ଦେବାରେ ଉପଭୋଗ କରେ, ସେଥିରେ କିଛି ଭୁଲ୍ ଏବଂ ବିକୃତ କଥା ଅଛି ।

ଶାସ୍ତ୍ରରେ ଅନେକ ଥର ମେଷପାଳକର ଉଦାହରଣ ବ୍ୟବହାର କରାଯାଇଛି । ଇସ୍ରାଏଲର ରାଜା ହେବା ପୂର୍ବରୁ ଦାଉଦ ଜଣେ ମେଷପାଳକ ଥିଲେ । ଦାଉଦ ଗୀତସଂହିତା ୨୩ରେ ଈଶ୍ୱରଙ୍କ ସହିତ ମେଷପାଳକଙ୍କୁ ତୁଳନା କରିଛନ୍ତି । ଦାଉଦ ଜାଣିପାରିଥିଲେ ଯେ, ଜଣେ ମେଷପାଳକ ଯେପରି ତାଙ୍କ ମେଷମାନଙ୍କର ଯତ୍ନ ନିଅନ୍ତି, ପରମେଶ୍ୱର ସେହିପରି ତାଙ୍କ ଲୋକମାନଙ୍କର ଯତ୍ନ

ନିଅନ୍ତି । ନୂତନ ନିୟମରେ, ପାଷ୍ଟରମାନଙ୍କୁ ମେଷପାଳକଙ୍କ ସହିତ ତୁଳନା କରାଯାଇଛି (୧ ପିତର ୫:୨ ଏବଂ ଅନେକ ପଦ ଅଛି) । ଯଦି ପରମେଶ୍ୱର, ଲୋକମାନେ ସେମାନଙ୍କ ପଶୁମାନଙ୍କର ଯତ୍ନ ନେବେ ବୋଲି ଆଶା କରି ନ ଥାନ୍ତେ, ତେବେ ଏହି ତୁଳନା ଅର୍ଥପୂର୍ଣ୍ଣ ହେବ ନାହିଁ ।

ଦାଉଦଙ୍କ ଯତ୍ନ ନେବା ପାଇଁ ଦାଉଦଙ୍କ ମେଷପାଳକ ଲୋକମାନଙ୍କର ଯତ୍ନ ନେବା ପାଇଁ ତାଙ୍କର ତାଲିମର ଏକ ଅଂଶ ଥିଲା । ସେହିପରି, ପରମେଶ୍ୱର ଆମକୁ ଯେଉଁ ଭୂମି ଏବଂ ପ୍ରାଣୀମାନଙ୍କ ଉପରେ ନିର୍ଭର କରିଛନ୍ତି, ସେମାନଙ୍କ ପ୍ରତି ଆମର ଯତ୍ନ ଆମକୁ ମଣିଷମାନଙ୍କ ଯତ୍ନ ନେବା ପାଇଁ ପ୍ରସ୍ତୁତ କରିବ ।

## ସବୁଜ ରଙ୍ଗର ମହତ୍ତ୍ୱ

ସବୁଜ ରଙ୍ଗ ପ୍ରକୃତିରେ ସବୁଠାରୁ ସାଧାରଣ ରଙ୍ଗ ଯାହା ଦଳ କିମ୍ବା ଭଲ ଭୂମିର ଅଭାବ ବ୍ୟତୀତ ଦେଖିବାକୁ ମିଳେ । ଏହା ଆମ ପାଇଁ ସବୁଠାରୁ ଆରାମଦାୟକ ରଙ୍ଗ ଅଟେ ।

ସହରରେ ରହୁଥିବା ଅନେକ ଲୋକ ସହରରୁ ବାହାରେ ଏକ ପ୍ରାକୃତିକ ପରିବେଶରେ ପ୍ରବେଶ କରି ସତେଜ ଅନୁଭବ କରନ୍ତି ।

ଅନେକ ସହରରେ ପ୍ରାୟ ବୃକ୍ଷ ଜୀବନ ନାହିଁ । ଅଧିକାଂଶ ଜମି କଂକ୍ରିଟ ଏବଂ ପିଚୁରେ ଅଧିକୃତ ଅଟେ । ସହରମାନଙ୍କର କେତେକ ସମାଜ ସବୁଜ ନିମନ୍ତେ ପାର୍କ ତିଆରି କରିଛନ୍ତି । ପ୍ରତ୍ୟେକ ସମ୍ପ୍ରଦାୟର ଲୋକମାନେ ଏକାଠି କାମ କରି ଗଛ ଏବଂ ଅନ୍ୟାନ୍ୟ ଗଛଲତା ବୃଦ୍ଧି ପାଇଁ ସ୍ଥାନ ଯୋଗାଇବା ଉଚିତ । ଲୋକମାନେ ଉପଭୋଗ କରିବା ପାଇଁ ଏବଂ ବିଶେଷ କରି ପିଲାମାନଙ୍କ ଖେଳିବା ପାଇଁ ସବୁଜ ଅଞ୍ଚଳ ସଂରକ୍ଷଣ କରିବା ଉଚିତ । ପରିବାରଗୁଡ଼ିକ ଗଛ ଲଗାଇ ନିଜ ଘର ବାଡ଼ିରେ ନିଜସ୍ୱ ସବୁଜ ସ୍ଥାନ ପାଇପାରିବେ ।

## ଖ୍ରୀଷ୍ଟିୟାନ ପରିବେଶ ବିଜ୍ଞାନର ପାର୍ଥକ୍ୟ

ଏହି ପାଠର ଆରମ୍ଭରେ ପରିବେଶ ବିଜ୍ଞାନର ଏକ ପରିଭାଷା ଅଛି ।

► ପରିବେଶ ବିଜ୍ଞାନ ବିଷୟରେ ବିଶ୍ୱାସୀମାନେ କାହିଁକି ଯତ୍ନଶୀଳ ହେବା ଆବଶ୍ୟକ?

କେତେକ ଲୋକ ମନେ କରନ୍ତି ଯେ, ପ୍ରଦୂଷଣ ନିବାରଣ କରିବା ଦ୍ୱାରା ଆମେ ପୃଥିବୀ ରକ୍ଷା କରିପାରିବୁ । ଆମେ ମନୁଷ୍ୟ ଭାବରେ ଏହା ଉଦ୍ଧାର କରିପାରିବା ନାହିଁ, ଯଦିଚ ଆମର ସକ୍ଷମ ଅନୁସାରେ କାର୍ଯ୍ୟ କରୁ । ବିଶ୍ୱାସୀମାନେ ଜାଣନ୍ତି ଯେ, ଆମେ

ଶେଷରେ ପୃଥିବୀର ଅବନତିକୁ ଫେରାଇ ପାରିବୁ ନାହିଁ । ପରମେଶ୍ୱର ଶେଷରେ ପୃଥିବୀକୁ ନବୀକରଣ କରିବେ (ପ୍ରକାଶିତ ୨୧:୧) ।ସେଥିପାଇଁ ଆମେ ଜାଣୁ ଯେ, ଆମେ ପୃଥିବୀକୁ ରକ୍ଷା କରିପାରିବା ନାହିଁ ।

କେତକ ଲୋକ ବିଶ୍ୱାସ କରନ୍ତି ଯେ ମଣିଷ ପଶୁମାନଙ୍କଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଆମେ ପଶୁମାନଙ୍କୁ ସମ୍ମାନ କରିବା ଉଚିତ କାରଣ ସେମାନଙ୍କର ଅଧିକାର ଆମ ଅଧିକାର ସହିତ ସମାନ ଅଟେ ।ବିଶ୍ୱାସୀମାନେ ଜାଣନ୍ତି ଯେ, ପରମେଶ୍ୱର ମଣିଷଙ୍କୁ ପୃଥିବୀ ଉପରେ ଶାସନ ଭାର ଦେଇଛନ୍ତି ।ଆମେ ଜାଣୁ ଯେ, ମନୁଷ୍ୟମାନେ ପଶୁମାନଙ୍କଠାରୁ ଭିନ୍ନ ଅଟନ୍ତି କାରଣ ଆମେ ସ୍ୱତନ୍ତ୍ର ଭାବେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଅଛୁ ଏବଂ ଆମଠାରେ ଅନନ୍ତ ଆତ୍ମା ଅଛି । ତେଣୁ ମାନବ ଅଧିକାର ଏବଂ ପ୍ରାଣୀମାନଙ୍କର ଅଧିକାର ମଧ୍ୟରେ ତୁଳନା ନାହିଁ ।

ବିଶ୍ୱାସୀମାନେ ପୃଥିବୀ ବିଷୟରେ ଯତ୍ନ ନେବେ କାରଣ :

୧) ଏହା ଈଶ୍ୱରଙ୍କର ଅଟେ

୨) ପୃଥିବୀର ଯତ୍ନ ନେବା ମନୁଷ୍ୟମାନଙ୍କୁ ଈଶ୍ୱରଙ୍କଠାରୁ ଦାୟିତ୍ୱ ପ୍ରଦତ୍ତ ଅଟେ

୩) ଆଗାମୀ ପିଢ଼ିର ଆମେ ଯତ୍ନ ନେବା

► ଆପଣଙ୍କ ଦେଶ କିମ୍ବା ସମ୍ପ୍ରଦାୟର କେଉଁ ସାଧାରଣ ଅଭ୍ୟାସଗୁଡ଼ିକ ଦର୍ଶାଏ ଯେ, ଲୋକଙ୍କର ପରିବେଶ ବିଜ୍ଞାନ ବିଷୟରେ ସ୍ଥିର ଖ୍ରୀଷ୍ଟିୟାନ ବୁଝାମଣା ନାହିଁ?

► ଛାତ୍ରମାନେ କୁହନ୍ତୁ ଯେ, ସେମାନେ ଆଖି ବନ୍ଦ କରି ସେମାନଙ୍କ ଚର୍ଚ୍ଚ ଅଗଣାକୁ ଛାଡ଼ିବା ସମୟରେ କ'ଣ ଦେଖନ୍ତି ତାହା ବର୍ଣ୍ଣନା କରନ୍ତୁ । ଚର୍ଚ୍ଚର ସମ୍ମୁଖରେ ସ୍ଥାନଗୁଡ଼ିକ କିପରି ଦେଖାଯାଉଛି । ତଳେ ଅଳିଆ ପଡ଼ିଛି କି? ସେହି ସ୍ଥାନ ଏପରି ଦେଖାଯାଉଛି କି ଯେପରି କେହି ଏହାର ଯତ୍ନ ନେଉଛନ୍ତି ? କିଏ ସେହି ସ୍ଥାନର ଯତ୍ନ ନେବା ଉଚିତ ? ମଣ୍ଡଳୀର ଲୋକ ଏହାକୁ କିପରି ପରିବର୍ତ୍ତନ କରିପାରିବେ, ତାହା ବର୍ଣ୍ଣନା କର । ସେମାନେ ଏହି ଅଞ୍ଚଳର ଯତ୍ନ ନେବା ବିଷୟରେ କାହିଁକି ବିଚାର କରିବା ଉଚିତ ? ସେମାନଙ୍କ ଯତ୍ନ ନେବା ଅନ୍ୟମାନଙ୍କର ଉପରେ ପ୍ରଭାବ ପକାଇପାରେ ? ଛାତ୍ରମାନେ ସେମାନଙ୍କ ଘର ଚାରିପାଖର ଅଞ୍ଚଳ ବିଷୟରେ ସମାନ ଭାବରେ ଚିନ୍ତା କରିପାରିବେ ।

## ଦଳଗତ ଆଲୋଚନା ନିମନ୍ତେ

► କେଉଁ ଅଭ୍ୟାସ ଆପଣ ପରିବର୍ତ୍ତନ କରିବା ଉଚିତ?

► ଆପଣଙ୍କ ଚର୍ଚ୍ଚ କିପରି ଉଦାହରଣ ଏବଂ ଶିକ୍ଷା ଦ୍ୱାରା ଏହାର ସମ୍ପ୍ରଦାୟରେ ଏକ ପରିବର୍ତ୍ତନ ଆଣିପାରିବ?

► ଯଦି ସମାଜର ଲୋକମାନେ ସହଯୋଗୀ ଅଟନ୍ତି, ତେବେ ଆପଣଙ୍କର ସମାଜ ଏହାର ପରିବେଶକୁ କିପରି ଉନ୍ନତି କରିପାରିବ?

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା, ସୌନ୍ଦର୍ଯ୍ୟ ଏବଂ ଉତ୍ସଗୁଡ଼ିକ ସହିତ ଏକ ପୃଥିବୀ ସୃଷ୍ଟି କରିଥିବା ହେତୁ ତୁମକୁ ଧନ୍ୟବାଦ ଦେଉଛୁ । ତୁମେ ଯେଉଁ ବିଶ୍ୱ ସୃଷ୍ଟି କରିଛ, ତାହାର ଯତ୍ନ ନେବାର ଦାୟିତ୍ୱ ଆମ ଉପରେ ଭରସା ରଖି ଦେଇଥିବା ହେତୁ ଧନ୍ୟବାଦ ।

ତୁମର ସୁନ୍ଦର ସୃଷ୍ଟି ପ୍ରତି କୃତଜ୍ଞତା ସହିତ ବଞ୍ଚିବାରେ ଆମକୁ ସାହାଯ୍ୟ କର । ପୃଥିବୀର ଉତ୍ସଗୁଡ଼ିକୁ ଏବଂ ସୌନ୍ଦର୍ଯ୍ୟକୁ ମିଳିତ ଭାବରେ ରକ୍ଷା କରିବାକୁ ଆମକୁ ସାହାଯ୍ୟ କର ।

ଆମେନ୍

## ପାଠ ୮ - ଦିଆଯାଇଥିବା କାର୍ଯ୍ୟ

(୧) ଏହି ପାଠରେ ଆପଣ ଶିଖିଥିବା ସତ୍ୟ ଯୋଗୁ ଆପଣଙ୍କ ଅଭ୍ୟାସ ପରିବର୍ତ୍ତନ କରିବାର ଯୋଜନା ବର୍ଣ୍ଣନା କରି ଏକ ଅନୁଚ୍ଛେଦ ଲେଖନ୍ତୁ ।

(୨) ତୁମର ସମାଜର ଭୁଲ୍ ଅଭ୍ୟାସଗୁଡ଼ିକୁ ବର୍ଣ୍ଣନା କରି ଏକ ପୃଷ୍ଠା ଲେଖ । ତା'ପରେ ବର୍ଣ୍ଣନା କରନ୍ତୁ ଯେ, ଆପଣ କାହାକୁ କିପରି ବୁଝାଇବେ ଯେ, ଅଭ୍ୟାସଗୁଡ଼ିକ *କାହିଁକି* ଭିନ୍ନ ହେବା ଉଚିତ । ନିର୍ଦ୍ଦିଷ୍ଟ ଧର୍ମଗ୍ରନ୍ଥ ଏବଂ ବାଇବଲର ବିଶ୍ୱ ଦୃଷ୍ଟିକୋଣ ଉପରେ ଆପଣଙ୍କ ଦାବିଗୁଡ଼ିକୁ ଆଧାର କରନ୍ତୁ ।

# ପାଠ - ୯

# ଟଙ୍କା

## ପାଠର ଉଦ୍ଦେଶ୍ୟ

ଏହି ପାଠର ଶେଷ ସୁଦ୍ଧା ଛାତ୍ର ଛାତ୍ରୀମାନେ ଯେପରି :

(୧) ଟଙ୍କା ଏବଂ ସମ୍ବଳର ଉପଯୁକ୍ତ ବ୍ୟବହାର ଏବଂ ପରିଚାଳନା ପାଇଁ ପରମେଶ୍ୱରଙ୍କ ନୀତିଗୁଡ଼ିକୁ ପାଳନ କରିବାକୁ ପ୍ରତିବଦ୍ଧ ହେବେ ।

(୨) ଟଙ୍କା ବିଷୟରେ ଅନୁପଯୁକ୍ତ ବିଶ୍ୱାସ ଏବଂ ବ୍ୟବହାର ସହିତ ଜଡ଼ିତ ଆଧ୍ୟାତ୍ମିକ ବିପଦଗୁଡ଼ିକୁ ବୁଝିବା ଏବଂ ସେଗୁଡ଼ିକୁ କିପରି ଏଡ଼ାଇବାକୁ ହେବ ତାହା ଜାଣିବେ ।

## ଜନ୍ ୱେସଲି, ଉଦାର ଦାତା

ଜନ୍ ୱେସଲି, ୧୭୩୦-୧୭୯୧ ପର୍ଯ୍ୟନ୍ତ ଇଂଲଣ୍ଡରେ ରହିଥିଲେ । ସେ ଗରିବ ଲୋକମାନଙ୍କୁ ବାହାରେ ସୁସମାଚାର ପ୍ରଚାର କରୁଥିଲେ, ଯେଉଁମାନଙ୍କୁ ଚର୍ଚ୍ଚରେ ସ୍ୱାଗତ କରାଯାଉ ନ ଥିଲା । ସେ ଜୀବନର ପ୍ରତ୍ୟେକ ବିବରଣୀରେ, ଅର୍ଥ ବ୍ୟବହାରରେ ମଧ୍ୟ ପରମେଶ୍ୱରଙ୍କୁ ସମ୍ମାନ ଦେବାକୁ ଚେଷ୍ଟା କରି ସତର୍କତାର ସହିତ ଜୀବନଯାପନ କରୁଥିଲେ । ସେ ଶିକ୍ଷା ଦେଉଥିଲେ ଯେ, ଯେତେବେଳେ ବିଶ୍ୱାସୀମାନେ ଟଙ୍କା ରୋଜଗାର କରନ୍ତି, ସେମାନେ ଯାହା ସମ୍ଭବ ସଞ୍ଚୟ କରିବା ଉଚିତ ଏବଂ ଯାହା ସମ୍ଭବ ତାହା ଦେବା ଉଚିତ । ସେ ଶୃଙ୍ଖଳିତ ଆର୍ଥିକ ଅଭ୍ୟାସ ବ୍ୟବହାର କରିବାର ଏକ ବିଶ୍ୱସ୍ତ ଉଦାହରଣ ଥିଲେ । ସେ ତାଙ୍କର ବାର୍ଷିକ ଖର୍ଚ୍ଚ ହ୍ରାସ କରିଥିଲେ, ଯାହା ଫଳରେ ତାଙ୍କ ପାଖରେ ଦାନ କରିବା ପାଇଁ ଅଧିକ ରହିବ । ତା'ପରେ, ଯେତେବେଳେ ତାଙ୍କର ଆୟ ବୃଦ୍ଧି ହେଲା, ସେ ତାଙ୍କର ଖର୍ଚ୍ଚକୁ ସମାନ ରଖିଲେ ଏବଂ ଅତିରକ୍ତକୁ ଦାନ କରୁଥିଲେ । ଯଦିଓ ସେ ତାଙ୍କ ଜୀବନକାଳ ମଧ୍ୟରେ ବହୁତ ସମ୍ପତ୍ତି ଅର୍ଜ୍ଜନ କରିଥିଲେ, ତାଙ୍କ ମୃତ୍ୟୁ ସମୟରେ ତାଙ୍କ ପାଖରେ କେବଳ କିଛି ମୁଦ୍ରା ଥିଲା । ୱେସ୍‌ଲି ଜାଣିଥିଲେ ଯେ, ଈଶ୍ୱର ଲୋକମାନଙ୍କୁ ତାଙ୍କ ଟଙ୍କା ପରିଚାଳନା କରିବାକୁ ବିଶ୍ୱାସ କରନ୍ତି ଏବଂ ସେ ଶିକ୍ଷା ଦେଇଥିଲେ ଯେ, ଟଙ୍କା ସହିତ କାରବାର କରିବା ପାଇଁ ପରମେଶ୍ୱରଙ୍କ ନୀତିଗୁଡ଼ିକୁ ଅନୁସରଣ କରିବା ଉଚିତ ।

## ପରିଚୟ

ନୂତନ ନିୟମ ଅଧିକାଂଶ ବିଷୟ ଅପେକ୍ଷା ଟଙ୍କା ବିଷୟରେ ଅଧିକ ଉଲ୍ଲେଖ କରେ, କାରଣ ଟଙ୍କା ପରମେଶ୍ୱରଙ୍କ ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଲୋକମାନଙ୍କର ଟଙ୍କା ସହିତ ବହୁତ ସମସ୍ୟା ଥିବା ହେତୁ ।

ସୃଷ୍ଟିକର୍ତ୍ତା ଭାବରେ, ପରମେଶ୍ୱର ସମସ୍ତ ଲୋକଙ୍କ ଏବଂ ସେମାନଙ୍କ ପାଖରେ ଥିବା ସମ୍ପତ୍ତିର ମାଲିକ ଅଟନ୍ତି । ବିଶ୍ୱାସୀ ଭାବରେ, ଆମେ ଏକ ବିଶେଷ ଉପାୟରେ ପରମେଶ୍ୱରଙ୍କର ଅଟୁ, କାରଣ ସେ ଆମକୁ ମୁକ୍ତ କରିଛନ୍ତି । ଆମେ ନିଜକୁ ପରମେଶ୍ୱରଙ୍କ ମହିମା ପାଇଁ ବ୍ୟବହୃତ ସମ୍ପତ୍ତିର ପରିଚାଳନା ବୋଲି ଭାବିବା ଉଚିତ୍ ।

ଭଲ ବିଷୟ ଉପଭୋଗ କରିବା ଭୁଲ୍ ନୁହେଁ । ଯଦି ଆମେ କୃତଜ୍ଞତା ଏବଂ ନମ୍ରତାର ସହିତ ସବୁକିଛି ଗ୍ରହଣ କରୁ, ତେବେ ପରମେଶ୍ୱର ଆମକୁ ଆଶୀର୍ବାଦ କରିବାକୁ ଖୁସି ହୁଅନ୍ତି ।

କିନ୍ତୁ ଟଙ୍କା ଅଧିକାଂଶ ଲୋକଙ୍କ ପାଇଁ ଏକ ଆଧ୍ୟାତ୍ମିକ ବିପଦ ଅଟେ ।

## ଧନୀମାନଙ୍କ ପାଇଁ ଚେତାବନୀ ଏବଂ ନିର୍ଦ୍ଦେଶ

► ଧନୀ ହେବାର ଅର୍ଥ କ'ଣ ?

ଜଣେ ବ୍ୟକ୍ତିଙ୍କୁ ଧନୀ ବୋଲି ବିବେଚନା କରାଯିବାର ବିଭିନ୍ନ କାରଣ ଅଛି ।

ଯଦି ତୁମ ପାଖରେ ମୌଳିକ ଆବଶ୍ୟକତାଠାରୁ ଅଧିକ କିଣିବା ନିମନ୍ତେ ଟଙ୍କା ଅଛି, ତେବେ ତୁମେ ବିଶ୍ୱର ଅତିକମ୍‌ରେ ଅଧା ଲୋକଙ୍କ ଅପେକ୍ଷା ଧନୀ ଅଟନ୍ତି । ଅନେକ ଲୋକ ସେହି ଦିନର ଖାଦ୍ୟ ଖାଇବା ପାଇଁ ପ୍ରତିଦିନ କାମ କରନ୍ତି, ଯଦି ସେମାନଙ୍କର କାମ କରିବାକୁ କୌଣସି ବାଧା ସୃଷ୍ଟି ହେଲା, ତେବେ ସେମାନଙ୍କର ଖାଦ୍ୟ ନ ଥାଏ ।

ଲୋକମାନେ ସାଧାରଣତଃ ଜଣେ ବ୍ୟକ୍ତିଙ୍କୁ ଧନୀ ବୋଲି ବିବେଚନା କରନ୍ତି ଯାହାର ନିଜ ସମାଜର ଅଧିକାଂଶ ଲୋକଙ୍କ ଅପେକ୍ଷା ଅଧିକ ସମ୍ପତ୍ତି ଅଛି । ତାଙ୍କ ଜୀବନଶୈଳୀ ଦର୍ଶାଏ ଯେ, ସେ ଅଧିକାଂଶ ଲୋକଙ୍କ ଅପେକ୍ଷା ଅଧିକ ଟଙ୍କା ଖର୍ଚ୍ଚ କରନ୍ତି । ଲୋକମାନେ ତାଙ୍କୁ ଏକ ଉଚ୍ଚ ସାମାଜିକ ଶ୍ରେଣୀର ବୋଲି ଭାବନ୍ତି । ସେ ଏପରି ବିଳାସପୂର୍ଣ୍ଣ ଜିନିଷ ଉପଭୋଗ କରନ୍ତି ଯାହାକୁ ଅଧିକାଂଶ ଲୋକ କିଣି ପାରିବେ ନାହିଁ । ତାଙ୍କର କ୍ଷମତାସୀନ ଲୋକଙ୍କ ଉପରେ ପ୍ରଭାବ ଥାଏ । ତାଙ୍କର ଉତ୍ସ ହେତୁ ଲୋକମାନେ ତାଙ୍କର ସେବା କରିବାକୁ ପ୍ରସ୍ତୁତ ହୁଅନ୍ତି ।

ବାଇବଲରେ ଧନୀ ଲୋକଙ୍କ ପାଇଁ ବିଶେଷ ନିର୍ଦ୍ଦେଶ ଏବଂ ଚେତାବନୀ ଅଛି ।

ଜଣେ ଧନୀ ବ୍ୟକ୍ତି ସ୍ୱର୍ଗକୁ ଯିବା ବହୁତ କଷ୍ଟକର, ଯୀଶୁଙ୍କ ଏହି ଉକ୍ତି ହେଉଛି ଏକ ଅତ୍ୟନ୍ତ ଗମ୍ଭୀର ଚେତାବନୀ (ମାଥିଉ ୧୯:୨୪) ।

ଧନୀ ଲୋକଙ୍କ ପାଇଁ ପ୍ରେରିତ ପାଉଲଙ୍କ ଏକ ବାର୍ତ୍ତାରୁ ଆମେ ଧନର ବିପଦ ବିଷୟରେ କିଛି ବୁଝିପାରିବା ।

► ଜଣେ ଛାତ୍ର ୧ ତୀମଥି ୬:୧୭-୧୯ ଦଳ ପାଇଁ ପାଠ କରିବେ ।

ପାଉଲ ଧନୀମାନଙ୍କୁ ଅନ୍ୟ ଲୋକଙ୍କ ତୁଳନାରେ ନିଜକୁ ଉଚ୍ଚ ଶ୍ରେଣୀର ବୋଲି ନ ଭାବିବାକୁ ସତର୍କ କରାଇ ଦିଅନ୍ତି । ଧନୀ ଲୋକମାନେ ନିଜକୁ ଅନ୍ୟମାନଙ୍କ ଅପେକ୍ଷା ଭଲ ଭାବିବା ଏକ ପ୍ରଲୋଭନ ଥାଏ । ଲୋକମାନଙ୍କୁ ସେମାନଙ୍କ ଧନ କିମ୍ବା ସାମାଜିକ ସ୍ଥିତି ଯୋଗୁଁ ସମ୍ମାନ ଦେଇ, ଚର୍ଚ୍ଚ ସମାନ ଭୁଲ୍ ନ କରିବାକୁ ଯାକୁବ ସତର୍କ କରାଇ ଦିଅନ୍ତି (ଯାକୁବ ୨:୧-୪) ।

ଧନୀ ବ୍ୟକ୍ତି ନିଜ ଧନ ହେତୁ ସୁରକ୍ଷିତ ଅନୁଭବ କରିବା ଉଚିତ ନୁହେଁ ବରଂ ପରମେଶ୍ୱରଙ୍କ ଉପରେ ନିର୍ଭର କରିବା ଉଚିତ । ଯେତେବେଳେ ଜଣେ ଧନୀ ବ୍ୟକ୍ତିଙ୍କ ପାଖରେ ଆର୍ଥିକ ସଂରକ୍ଷଣ ଥାଏ, ସେତେବେଳେ ତାଙ୍କ ପାଇଁ ପରମେଶ୍ୱରଙ୍କ ବ୍ୟବସ୍ଥାର ଆବଶ୍ୟକତା ଅନୁଭବ କରିବା କଷ୍ଟକର ହୋଇଯାଏ । ପରମେଶ୍ୱରଙ୍କ ସାହାଯ୍ୟର ଆବଶ୍ୟକତା ଅନୁଭବ ନ କରିବା ହେତୁ ଆଧ୍ୟାତ୍ମିକ ଭାବରେ ଅସାବଧାନ ହେବାର ପ୍ରଲୋଭନ ଅଛି (ଦ୍ୱିତୀୟ ବିବରଣ ୮:୬-୧୮) ।

ଧନୀ ଲୋକମାନେ ଉଦାର ଦାନକାରୀ ହେବା ଉଚିତ ଏବଂ ସେମାନଙ୍କର ଟଙ୍କାରେ ଭଲ କାମ କରିବା ଉଚିତ ।

ଯାକୁବ ୫:୫ରେ ସାଂସାରିକ ଧନୀ ଲୋକମାନଙ୍କୁ ନିନ୍ଦା କରାଯାଇଛି ଯେ, ସେମାନେ ଆନନ୍ଦରେ ବଞ୍ଚୁଥିଲେ, ଯେତେବେଳେ ଅନ୍ୟମାନେ ଦୁଃଖଭୋଗ କରୁଥିଲେ । ବୁଦ୍ଧିମାନ ଦାନ ଦ୍ୱାରା ବହୁତ ଭଲ କାର୍ଯ୍ୟ ସାଧନ କରାଯାଇ ପାରିବ । ଟଙ୍କା ସୁଖ କିଣି ପାରିବ ନାହିଁ, କିନ୍ତୁ ଏହା ଅନେକ ଦୁଃଖ ଦୂର କରିପାରିବ । ବିଳାସପୂର୍ଣ୍ଣ ଜୀବନଯାପନ କରିବା ସମୟରେ ଅନ୍ୟର ଦୁଃଖକୁ ଅଣଦେଖା କରିବା ଜଣେ ବ୍ୟକ୍ତି ପାଇଁ ଭୁଲ୍ ଅଟେ ।

ଭବିଷ୍ୟଦ୍ ବକ୍ତା ଆମୋଷଙ୍କ ମାଧ୍ୟମରେ, ପରମେଶ୍ୱର ମାନବ ନ୍ୟାୟ ପାଇଁ ତାଙ୍କର ହୃଦୟ ପ୍ରକାଶ କରନ୍ତି (ଗରୀବ ଏବଂ ନିଷ୍ପେଷିତଙ୍କ ପ୍ରତି ଦୟା ଏବଂ କରୁଣା) ଏହି ସବୁ ବାକ୍ୟ ସହିତ : "ମାତ୍ର ନ୍ୟାୟ ବିଚାର ଜଳରାଶି ତୁଲ୍ୟ ଓ ଧାର୍ମିକତା ପ୍ରବଳ ସ୍ରୋତ ତୁଲ୍ୟ ବହିଯାଉ" (ଆମୋଷ ୫:୨୪) । ଯେତେବେଳେ ସମୃଦ୍ଧି ସହଜତା, ଆତ୍ମ-ପ୍ରଦର୍ଶନ ଏବଂ ଗରୀବଙ୍କ ଦୁଃଖ ପ୍ରତି ଉଦାସୀନତା ଆଣିଥିଲା, ସେତେବେଳେ ପରମେଶ୍ୱର ସମୃଦ୍ଧି ଉପରେ ବିଚାର ଘୋଷଣା କଲେ (ଆମୋଷ ୬:୧, ୩-୬, ଆମୋଷ ୮:୪-୭, ୧୧-୧୨) ।

ପ୍ରତ୍ୟେକ ବିଶ୍ୱାସୀ ଗରୀବ ଏବଂ ନିର୍ଯ୍ୟାତିତମାନଙ୍କୁ ସାହାଯ୍ୟ କରିବା ପାଇଁ ତ୍ୟାଗପୂର୍ଣ୍ଣ ଭାବରେ ଦାନ କରିବା ଉଚିତ, ତାଙ୍କ ସ୍ଥାନୀୟ ମଣ୍ଡଳୀକୁ ସାହାଯ୍ୟ କରିବା ପାଇଁ ଦଶମାଂସ ଦେବା ଉଚିତ ଏବଂ ସୁସମାଚାରର ପ୍ରସାର ନିମନ୍ତେ ମିଶନେରୀ କାର୍ଯ୍ୟକୁ

ସାହାଯ୍ୟ କରିବା ପାଇଁ ଦାନ ଦେବା ଉଚିତ । ଜନ୍ ୱେସ୍‌ଲି କହିଥିଲେ ଯେ, ତାଙ୍କ ସମୟରେ ଚର୍ଚ୍ଚ ବିଶ୍ୱରେ, ଏତେ କମ୍ ପ୍ରଭାବ ପକାଇବାର ତିନୋଟି କାରଣ ଥିଲା :

୧) ସଠିକ୍ ସିଦ୍ଧାନ୍ତର ଅଭାବ

୨) ଦାୟିତ୍ୱପୂର୍ଣ୍ଣ ଶୃଙ୍ଖଳାର ଅଭାବ

୩) ବ୍ୟକ୍ତିଗତ ତ୍ୟାଗର ଅଭାବ

## ଟଙ୍କାର ପ୍ରେମ

► ଜଣେ ଛାତ୍ର ୧ ତୀମଥି ୬:୮-୧୦ ଦଳ ପାଇଁ ପାଠ କରିବେ ।

ଟଙ୍କା ବିଷୟରେ ଚେତାବନୀ କେବଳ ଧନୀ ଲୋକମାନଙ୍କୁ ଦିଆଯାଇ ନାହିଁ । ଅନେକ ଗରୀବ ଲୋକ ଭାବନ୍ତି ଯେ, ସେମାନେ ଗରୀବ ହୋଇଥିବା ହେତୁ କଦାପି ଖୁସି ହୋଇପାରିବେ ନାହିଁ । ବାଇବଲ ଆମକୁ କହେ ଯେ, ଟଙ୍କା ପ୍ରତି ପ୍ରେମ ସମସ୍ତ ପ୍ରକାରର ମନ୍ଦର କାରଣ ହୁଏ । ସେହି ଚେତାବନୀ ସମସ୍ତଙ୍କ ପାଇଁ ଲାଗୁ ଅଟେ ।

ଟଙ୍କା ପ୍ରତି ଲୋଭ କଦାପି ସନ୍ତୁଷ୍ଟ କରାଇ ପାରିବ ନାହିଁ । ଯେଉଁ ବ୍ୟକ୍ତି ଟଙ୍କା ଲୋଭ କରେ ସେ ଏହାର କୌଣସି ପରିମାଣରେ ସନ୍ତୁଷ୍ଟ ହେବ ନାହିଁ (ଉପଦେଶକ ୫:୧୦) । ବାଇବଲ ଆମକୁ କୁହେ ଯେ, ଆମେ ଟଙ୍କା ପ୍ରେମରୁ ଦୂରେଇ ରହିବା ଉଚିତ ଏବଂ ଆମର ମୌଳିକ ଆବଶ୍ୟକତାରେ ସନ୍ତୁଷ୍ଟ ରହିବା ଉଚିତ (ଏବ୍ରୀ ୧୩:୫) ।

ଯେଉଁ ବ୍ୟକ୍ତି ଧନୀ ହେବାକୁ ଆଗ୍ରହୀ, ତାଙ୍କ ଚରିତ୍ର ସହିତ ବୁଝାମଣା କରିବା ପାଇଁ ଅନେକ ପ୍ରଲୋଭନ ଥାଏ । ଧନୀ ହେବାକୁ ଚେଷ୍ଟା କରିବା ପ୍ରକ୍ରିୟା ମାଧ୍ୟମରେ ଜଣେ ବ୍ୟକ୍ତି ନିଜର ବିଶ୍ୱାସ ଛାଡ଼ି ପାରେ ଏବଂ ସେ ଆଶା କରିଥିବା ଆନନ୍ଦ ବଦଳରେ ଅନେକ ଦୁଃଖ ପାଇପାରେ ।

ବେଳେବେଳେ ଧାର୍ମିକ ନେତାମାନେ ଅନୁଗାମୀମାନଙ୍କୁ ଧନସମ୍ପତ୍ତିର ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଆକର୍ଷିତ କରନ୍ତି । ସେମାନେ କହନ୍ତି ଯେ, ଜଣେ ବ୍ୟକ୍ତିଠାରେ ବିଶ୍ୱାସ ସହିତ ଧନ ଥିବା ଉଚିତ । ଗରୀବ ସମାଜର ଅନେକ ଲୋକ ଏହି ପ୍ରତିଶ୍ରୁତି ଦ୍ୱାରା ଆକର୍ଷିତ ହୁଅନ୍ତି, କାରଣ ସେମାନଙ୍କ ଜୀବନ କଷ୍ଟକର ଥାଏ । ଏହି ନେତାମାନେ ନିରନ୍ତର ଟଙ୍କା ବିଷୟରେ ପ୍ରଚାର କରନ୍ତି ଓ କଥାବାର୍ତ୍ତା କରନ୍ତି ଏବଂ ବିଶ୍ୱର ଲୋକମାନେ ଯେଉଁ ଆର୍ଥିକ ସଫଳତା ଦେଖନ୍ତି, ସେହି ସମାନ ଲକ୍ଷଣ ଦେଖାଇ ପାରନ୍ତି ।

ବାଇବଲ କହେ ଯେ, ସନ୍ତୋଷ ସହିତ ଈଶ୍ୱର ପରାୟଣତା ଏକ ମହାନ ମୂଲ୍ୟ ଅଟେ (୧ ତୀମଥି ୬:୬) । ଧାର୍ମିକ ଉପାୟରେ ଧନ ପଛରେ ଧାଉଁଥିବା ବ୍ୟକ୍ତିର ବିପଦ ବିଶ୍ୱର ଯେକୌଣସି ବ୍ୟକ୍ତିର ବିପଦ ପରି ସମାନ ଅଟେ । ଧନ ସମ୍ପତ୍ତିର ପ୍ରତିଶ୍ରୁତି ଦେଉଥିବା

ମଣ୍ଡଳୀଗୁଡ଼ିକ ସେମାନଙ୍କର ବ୍ୟକ୍ତିଗତ ଇଚ୍ଛାକୁ ଆକର୍ଷିତ କରି ଧର୍ମାନ୍ତରିତ ହୋଇ ନ ଥିବା ଲୋକମାନଙ୍କୁ ଆକର୍ଷଣ କରନ୍ତି । ତଥାପି, ଏହି ମଣ୍ଡଳୀଗୁଡ଼ିକ ଆଶାବାଦୀ ଲୋକଙ୍କ ଦ୍ୱାରା ପରିପୂର୍ଣ୍ଣ ଯେଉଁମାନେ କେବେବି ପ୍ରତିଶ୍ରୁତି ଦିଆଯାଇଥିବା ବିଷୟ ପାଆନ୍ତି ନାହିଁ । ଧନର ସୁସମାଚାର ଦ୍ୱାରା ଧନୀ ହେଉଥିବା ଲୋକମାନେ ହିଁ କେବଳ ପ୍ରଚାରକମାନେ, ଯେଉଁମାନେ ସେମାନଙ୍କୁ ବିଶ୍ୱାସ କରୁଥିବା ଲୋକଙ୍କଠାରୁ ଦାନ ସଂଗ୍ରହ କରନ୍ତି ।

► ଜଣେ ଛାତ୍ର ଫିଲିପ୍ପୀୟ ୪:୧୦-୧୩ ଦଳ ପାଇଁ ପାଠ କରିବେ ।

ପାଉଲ କୃତଜ୍ଞ ଥିଲେ ଯେ, ଫିଲିପ୍ପୀୟ ବିଶ୍ୱାସୀମାନେ ତାଙ୍କୁ ସାହାଯ୍ୟ କରିବା ପାଇଁ ଏକ ନୈବେଦ୍ୟ ପଠାଇଥିଲେ । ସେ ସେମାନଙ୍କୁ କହିଲେ ଯେ, ସେ ଯେକୌଣସି ପରିସ୍ଥିତିରେ ସନ୍ତୁଷ୍ଟ ରହିବା ଶିଖିଛନ୍ତି, ଏପରିକି କ୍ଷୁଧାରେ ମଧ୍ୟ । ଏହି ଉକ୍ତି ଆମକୁ ଦର୍ଶାଏ ଯେ, ପାଉଲଙ୍କ ପାଖରେ ସର୍ବଦା ପ୍ରଚୁର ଟଙ୍କା ନ ଥିଲା । ସେ କହିଲେ ଈଶ୍ୱରଙ୍କ ସାହାଯ୍ୟରେ ସେ ସବୁକିଛି କରିପାରିବେ । ଏହି ବକ୍ତବ୍ୟର ପ୍ରସଙ୍ଗ ଦର୍ଶାଏ ଯେ, ଯେକୌଣସି ପରିସ୍ଥିତିରେ ସେ ଈଶ୍ୱରଙ୍କ ପ୍ରତି ସନ୍ତୁଷ୍ଟ ଏବଂ ବିଶ୍ୱସ୍ତ ରହିପାରିବେ ।

### ଧାର୍ମିକତା

► ଜଣେ ଛାତ୍ର ହିତୋପଦେଶ ୧୧:୧ ଦଳ ପାଇଁ ପାଠ କରିବେ ।

ଏହି ପଦଟି ଓଜନ ଅନୁସାରେ କିଛି ବିକ୍ରୟ କରିବା ପାଇଁ ବ୍ୟବହୃତ ତରାଜୁ ବିଷୟରେ କହେ ଯେପରି ଫଳ, ପନିପରିବା କିମ୍ବା ମାଂସ । ବେଳେବେଳେ ଲୋକଙ୍କ ପାଖରେ ଏପରି ତରାଜୁ ଥାଏ ଯାହା ଅତିରିକ୍ତ ଟଙ୍କା ନେବା ପାଇଁ ମିଥ୍ୟା ଓଜନ ଦେବାକୁ ଡିଜାଇନ୍ ଡିଜାଇନ୍ କରାଯାଇଥାଏ । ଏହି ପଦ କହେ ଯେ, ଈଶ୍ୱର ଅବିଶ୍ୱସ୍ତକୁ ଘୃଣା କରନ୍ତି ।

ଟଙ୍କା ପାଇଁ ଅନେକ ଲୋକ ଅସାଧୁ ବିଷୟ ସବୁ କରନ୍ତି । ଏହି ପାଠ୍ୟକ୍ରମର ପରବର୍ତ୍ତି ପାଠ ଧାର୍ମିକତା ବିଷୟରେ ଅଟେ ।

### ଈଶ୍ୱରଙ୍କ ଉପରେ ବିଶ୍ୱାସ

ପ୍ରେରିତ ପାଉଲ ଫିଲିପ୍ପୀୟ ବିଶ୍ୱାସୀମାନଙ୍କୁ ଲେଖନ୍ତି ଏବଂ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଈଶ୍ୱର ସେମାନଙ୍କ ଆବଶ୍ୟକତା ପୂରଣ କରିବେ । ଏହା ଏକ ଚମତ୍କାର ପ୍ରତିଜ୍ଞା ଅଟେ । ଆମେ ସେହି ଅଂଶଟିକୁ ଦେଖିବା ଯେଉଁଠାରେ ଏହି ପରିସ୍ଥିତି ବିଦ୍ୟମାନ ।

► ଜଣେ ଛାତ୍ର ଫିଲିପ୍ପୀୟ ୪:୧୫-୧୯ ଦଳ ପାଇଁ ପାଠ କରିବେ ।

ମଣ୍ଡଳୀ ପାଉଲଙ୍କ ନିକଟକୁ ଆର୍ଥିକ ସାହାଯ୍ୟ ପ୍ରେରଣ କଲା । ସେ କହିଲେ ଏହା ଈଶ୍ୱରଙ୍କ ପ୍ରତି ଏକ ବଳିଦାନ ଅଟେ । ସେ ପ୍ରତିଜ୍ଞା କଲେ ଯେ, ଈଶ୍ୱର ସେମାନଙ୍କର ଆବଶ୍ୟକତାଗୁଡ଼ିକ ଯୋଗାଇବେ । ସେ ସେମାନଙ୍କ ଟଙ୍କାରେ ଅନେକ ଗୁଣାତ୍ମକ କରିବାର ପ୍ରତିଶ୍ରୁତି ଦେଇ ନ ଥିଲେ ।

ଏହି ପ୍ରତିଜ୍ଞା ଦାୟିତ୍ୱହୀନ ଲୋକଙ୍କ ନିମନ୍ତେ ନ ଥିଲା । ଏହା ସେହି ଲୋକମାନଙ୍କ ପାଇଁ ଥିଲା ଯେଉଁମାନେ ଆଧ୍ୟାତ୍ମିକ ପ୍ରାଥମିକତା ଅନୁସାରେ ସେମାନଙ୍କର ଟଙ୍କା ପରିଚାଳନା କରିଥିଲେ ।

► ଜଣେ ଛାତ୍ର ମାଥିଉ ୬:୨୫-୩୩ ଦଳ ପାଇଁ ପାଠ କରିବେ ।

କିପରି ଈଶ୍ୱର ପକ୍ଷୀମାନଙ୍କୁ ଖାଦ୍ୟ ଦିଅନ୍ତି ଏବଂ ଫୁଲଗୁଡ଼ିକୁ ସୁନ୍ଦର କରନ୍ତି ସେ ବିଷୟରେ ଯୀଶୁ କହିଥିଲେ ଏବଂ ପ୍ରତିଜ୍ଞା କରିଥିଲେ ଯେ, ସେ ଆମର ଯତ୍ନ ନେବେ ଆମ ବଞ୍ଚିବା ବିଷୟରେ ଚିନ୍ତିତ ହେବା ନାହିଁ ବୋଲି ସେ କୁହନ୍ତି । ସେ ପ୍ରତିଜ୍ଞା କରିଛନ୍ତି ଯେ, ଯଦି ଆମେ ଈଶ୍ୱରଙ୍କ ରାଜ୍ୟକୁ ପ୍ରଥମରେ ରଖିବା ତେବେ ଆମର ଆବଶ୍ୟକତାଗୁଡ଼ିକ ଯୋଗାଇ ଦିଆଯିବ ।

ସାଧାରଣତଃ ଲୋକମାନେ *ଆଜି* ବିଷୟରେ ଚିନ୍ତା କରନ୍ତି ନାହିଁ କିନ୍ତୁ *ଭବିଷ୍ୟତ୍* ବିଷୟରେ ଚିନ୍ତିତ ହୁଅନ୍ତି । ଈଶ୍ୱର ବହୁତ ପୂର୍ବରୁ ସବୁକିଛି ଯୋଗାଇବାକୁ ପ୍ରତିଶ୍ରୁତି ଦେଇନାହାନ୍ତି । ସ୍ମରଣ କରନ୍ତୁ, ପୁରାତନ ନିୟମରେ ଯେତେବେଳେ ମାନ୍ନା ପଡ଼ିଲା, ଏହା ପ୍ରତିଦିନ ପଡ଼ିଲା (ଯାତ୍ରା ପୁସ୍ତକ ୧୬) । ସେହି ପରି ଭାବରେ ଯୀଶୁ କହନ୍ତି ଆମର ଦୈନିକ ଆହାର ପାଇଁ ଆମେ ପ୍ରତିଦିନ ପ୍ରାର୍ଥନା କରିବା ଉଚିତ (ମାଥିଉ ୬:୧୧) । ଈଶ୍ୱର ଚାହାନ୍ତି, ଯେ, ଆମେ ପ୍ରତିଦିନ ତାଙ୍କ ଉପରେ ବିଶ୍ୱାସ କରୁ ।

ଯାକୁବ କହନ୍ତି ଯେ, ପରମେଶ୍ୱର ଦରିଦ୍ର ଲୋକଙ୍କୁ ବିଶ୍ୱାସରେ ଧନୀ କରିଛନ୍ତି (ଯାକୁବ ୨:୫) । ଗରିବ ଲୋକମାନେ ଆର୍ଥିକ ସୁରକ୍ଷା ଅଛି ବୋଲି ଭାବୁଥିବା ଲୋକଙ୍କ ଅପେକ୍ଷା ଈଶ୍ୱରଙ୍କ ଉପରେ ନିର୍ଭର କରିବାର ଅଧିକ ସୁଯୋଗ ପାଆନ୍ତି ।

ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବାର ଅର୍ଥ ନୁହେ ଯେ, ଆମେ ଦାୟିତ୍ୱହୀନ ହେବା ଉଚିତ । ସାଧାରଣତଃ ଆମର କାର୍ଯ୍ୟ ମାଧ୍ୟମରେ ଈଶ୍ୱର ଆମକୁ ଯୋଗାଇ ଥାଆନ୍ତି (ଏଫିସୀୟ ୪:୨୮) । ଯଦି କୌଣସି ବ୍ୟକ୍ତି କାର୍ଯ୍ୟ କରେ ନାହିଁ, ତେବେ ତା' ପାଇଁ ସେ ଈଶ୍ୱରଙ୍କଠାରୁ ଆଶା କରିବା ଉଚିତ ନୁହେଁ ଏବଂ ଅନ୍ୟମାନେ ମଧ୍ୟ ତାକୁ ଦେବା ଉଚିତ ନୁହେଁ (୨ ଥେସଲନୀକୀୟ ୩:୧୦) ।

ଆମେ ଧନୀ ହେବା ନିମନ୍ତେ ଈଶ୍ୱରଙ୍କ ଯୋଗାଣକୁ ଅପେକ୍ଷା କରିବା ଉଚିତ ନୁହେଁ । ଈଶ୍ୱର ଅଳ୍ପ କେତେକ ଲୋକଙ୍କୁ ଧନୀ ହେବାକୁ ଆଶୀର୍ବାଦ କରିଥାନ୍ତି, କିନ୍ତୁ ସମସ୍ତେ ଧନୀ ହେବା ଈଶ୍ୱରଙ୍କ ଯୋଜନାରେ ନାହିଁ । ଯେଉଁ ବ୍ୟକ୍ତି ଧନ ସମ୍ପତ୍ତିକୁ ଦୃଢ଼ ଭାବରେ ଇଚ୍ଛା କରନ୍ତି, ତାଙ୍କର ଆଧ୍ୟାତ୍ମିକ ସମସ୍ୟା ହେବ ।

## କାର୍ଯ୍ୟକ୍ଷମ ସମ୍ବଳଗୁଡ଼ିକ

କାର୍ଯ୍ୟକ୍ଷମ ସମ୍ବଳ ହେଉଛି ଏପରି ଜିନିଷ ଯାହା ଲୋକଙ୍କ ପାଖରେ ଅଛି ଯାହା ସେମାନଙ୍କୁ ଉତ୍ପାଦନ କରିବାରେ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ : ଜମି, ଏକ ଯନ୍ତ୍ରପାତି, କିମ୍ବା ଏକ କମ୍ପ୍ୟୁଟର । ଜଣେ ବ୍ୟକ୍ତି ଲାଭ କରିବା ପାଇଁ ଏକ କାର୍ଯ୍ୟକ୍ଷମ ସମ୍ବଳ ବ୍ୟବହାର କରିପାରିବେ, କିନ୍ତୁ ତାଙ୍କୁ ଏହା ବଜାୟ ରଖିବାକୁ ପଡ଼ିବ ଏହାକୁ ବିକ୍ରୟ କରିପାରିବେ ନାହିଁ, ନ ହେଲେ ଉତ୍ପାଦନ ବନ୍ଦ ହୋଇଯିବ । କାର୍ଯ୍ୟକ୍ଷମ ସମ୍ବଳ ବିଷୟରେ ବାଇବଲର ପଦ : ହିତୋପଦେଶ ୧୪:୪ - "ଗୋରୁ ନ ଥିଲେ, କୁଣ୍ଡ ନିର୍ମଳ ଥାଏ; ପୁଣି, ଗୋରୁର ବଳରେ ବହୁ ସମ୍ପତ୍ତି ଉତ୍ପନ୍ନ ହୁଏ ।"

ଜଣେ ଗରୀବ ବ୍ୟକ୍ତି କାର୍ଯ୍ୟକ୍ଷମ ସମ୍ବଳର ଧାରଣାକୁ ବୁଝିପାରିବ ନାହିଁ । ଉଦାହରଣ ସ୍ୱରୂପ, ସେ ମନେ କରେ ଯେ, ଯେହେତୁ ତା'ର ବନ୍ଧୁ ପାଖରେ ଦାମୀ ସରଞ୍ଜାମଗୁଡ଼ିକ ଅଛି ସେଥିପାଇଁ ତା'ଠାରେ ବହୁତ ଟଙ୍କା ଅଛି ଯେପରି ଯନ୍ତ୍ରପାତି, ଗାଡ଼ି, କମ୍ପ୍ୟୁଟର ଇତ୍ୟାଦି । ସେ ଭାବନ୍ତି ଯେ, ତାଙ୍କ ବନ୍ଧୁ କିମ୍ବା ସମ୍ପର୍କୀୟ ଯାହାର ଏପରି କିଛି ଅଛି, ତାଙ୍କୁ ଆବଶ୍ୟକ ହେଲେ ଟଙ୍କା ଦେଇପାରିବେ । ତଥାପି, ସେହି ଜିନିଷଗୁଡ଼ିକ ମଧ୍ୟରୁ ଯେକୌଣସି ଏକ କାର୍ଯ୍ୟକାରୀ ସମ୍ବଳ ହୋଇପାରେ ଯାହାକୁ ବିକ୍ରୀ କରାଯାଇ ପାରିବ ନାହିଁ, କାରଣ ବ୍ୟକ୍ତି ତାଙ୍କର ଆୟ ହରାଇବେ ।

► ଆପଣଙ୍କ ପରିବେଶରେ କାର୍ଯ୍ୟକ୍ଷମ ସମ୍ବଳର ଅନ୍ୟ କ'ଣ ଉଦାହରଣ ଅଛି?

ଯଦି ଜଣେ ବ୍ୟକ୍ତି ଅନ୍ୟମାନଙ୍କ ପାଇଁ କିପରି କାର୍ଯ୍ୟକ୍ଷମ ସମ୍ବଳ କାମ କରେ ତାହା ବୁଝିପାରୁ ନାହିଁ, ତେବେ ସେ ହୁଏତ ଜାଣି ନାହିଁ ଯେ, କେଉଁ ସମ୍ବଳ ତାଙ୍କ ପାଇଁ ସମାନ ଭାବରେ କାମ କରିବ । ସେ ହୁଏତ କହିପାରିବେ ନାହିଁ ଯେ, ତାଙ୍କୁ ସବୁଠାରୁ ଅଧିକ କ'ଣ ଆବଶ୍ୟକ କିମ୍ବା କେଉଁ ପ୍ରକାରର ସାହଯ୍ୟ ତାଙ୍କ ଅବସ୍ଥାକୁ ପରିବର୍ତ୍ତନ କରିବ । ସେ ଜୀବନର ପ୍ରକୃତ ପରିବର୍ତ୍ତନ ପରିବର୍ତ୍ତେ ତାଙ୍କ ଦୈନନ୍ଦିନ ପ୍ରୟାସରେ ଏକ ତୁରନ୍ତ, କ୍ଷଣିକ ପ୍ରୋତ୍ସାହନ ଭାବରେ ସାହାଯ୍ୟକୁ ବର୍ଣ୍ଣନା କରିପାରନ୍ତି ।

ଦାରିଦ୍ର୍ୟର ଗୋଟିଏ ଦିଗ ହେଉଛି କାର୍ଯ୍ୟକ୍ଷମ ସମ୍ବଳର ଅଭାବ । ଯେପର୍ଯ୍ୟନ୍ତ ଦାରିଦ୍ର୍ୟରେ ଥିବା ବ୍ୟକ୍ତି କାର୍ଯ୍ୟକ୍ଷମ ସମ୍ବଳ ହାସଲ, ରକ୍ଷଣାବେକ୍ଷଣ ଏବଂ ସଂରକ୍ଷଣର ଆବଶ୍ୟକତା ଶିଖି ପାରିବେ ନାହିଁ, ସେ ପର୍ଯ୍ୟନ୍ତ ତାଙ୍କୁ ନିର୍ଭରଶୀଳତାରୁ ବାହାର କରାଯାଇପାରିବ ନାହିଁ ।

କିଛି ସଂସ୍କୃତିରେ, ଜଣେ ବ୍ୟକ୍ତି ପାଇଁ ଟଙ୍କା ସଞ୍ଚୟ କରିବା ଏବଂ କାର୍ଯ୍ୟକ୍ଷମ ସମ୍ବଳ ବିକାଶ କରିବା କଷ୍ଟକର ହୋଇ ପଡ଼େ, କାରଣ ତାଙ୍କ ଚାରିପାଖରେ ଥିବା ଲୋକମାନେ ତାଙ୍କୁ ସବୁକିଛି ବାଣ୍ଟିବାକୁ ଆଶା କରନ୍ତି । ସେମାନେ ବୁଝିପାରନ୍ତି ନାହିଁ ଯେ ଯେତେବେଳେ

ଅନ୍ୟ କାହାକୁ ଟଙ୍କା ଦରକାର ସେ କାହିଁକି ଟଙ୍କା ଜମା କରୁଛନ୍ତି । ସେମାନେ ଆଶା କରନ୍ତି ଯେ ତାଙ୍କ ପାଖରେ ଯାହା ଅଛି ତାହା ସେ ବାଣ୍ଟିବେ, ଯଦିଓ ସେମାନେ ଦାୟିତ୍ୱହୀନ ହୋଇଥିବେ ।

ଜଣେ ଖ୍ରୀଷ୍ଟଙ୍କ ଅନୁଗାମୀ ହୋଇଥିବା ହେତୁ ତାଙ୍କ ସଂସ୍କୃତିର ଆଶାକୁ ସମ୍ମାନ କରିବା ଉଚିତ ଏବଂ ବାଇବଲର ନୀତିଗୁଡ଼ିକୁ ମଧ୍ୟ ପ୍ରୟୋଗ କରିବା ଉଚିତ । ଶାସ୍ତ୍ର ଆମକୁ କୁହେ ଯେ, ଆମେ ଜଣେ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ବାଧ୍ୟ ନୋହୁଁ ଯଦି ଯିଏ ଯାହା କରିପାରେ ତାହା କରିବ ନାହିଁ (୨ ଥେସଲନୀକୀୟ ୩:୧୦) । ଯଦି ଜଣେ ବ୍ୟକ୍ତି ତା'ର କାର୍ଯ୍ୟକ୍ଷମ ସମ୍ବଳକୁ ସାହାଯ୍ୟ କରିବା ପାଇଁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଦାନ କରେ ଯିଏ ଦାୟିତ୍ୱ ହୀନ ତେବେ ଉଭୟେ ଦରିଦ୍ର ରହିବେ ।

ଶାସ୍ତ୍ରରୁ ଜଣାପଡ଼େ ଯେ, ପରମେଶ୍ୱର ଯେଉଁ ପ୍ରକାରର ସମୃଦ୍ଧି ଦିଅନ୍ତି ତାହା ହେଉଛି, ଲୋକମାନଙ୍କର ନିଜସ୍ୱ କାର୍ଯ୍ୟକ୍ଷମ ସମ୍ବଳ ନିମନ୍ତେ । ଭବିଷ୍ୟଦ୍‌ବକ୍ତା ମୀଖା କହନ୍ତି ଯେ, ଏକ ଆଶୀର୍ବାଦପ୍ରାପ୍ତ ସମାଜରେ, ପ୍ରତ୍ୟେକ ବ୍ୟକ୍ତି ସୁରକ୍ଷିତ ଭାବରେ ନିଜର ଦ୍ରାକ୍ଷାଲତା ଏବଂ ଡିମ୍ବିରି ଗଛର ମାଲିକ ହେବେ (ମୀଖା ୪:୪) । ତାହା ବ୍ୟକ୍ତିଗତ ମାଲିକାନା ସମ୍ପତ୍ତି ଏବଂ କିଛି ଉତ୍ପାଦନର ଉପାୟକୁ ବୁଝାଏ । କେତେକ କ୍ଷେତ୍ରରେ ଚାଷ ଉତ୍ତମ ଉତ୍ପାଦନ ହୋଇ ନ ପାରେ, କିନ୍ତୁ ନୀତି ହେଉଛି ଯେ, ଆଶୀର୍ବାଦ ପ୍ରାପ୍ତ ଲୋକମାନେ ସମ୍ବଳ ଉତ୍ପାଦନ କରିବା ପାଇଁ ଯାହା ଆବଶ୍ୟକ କରନ୍ତି ତାହା ପାଇବା ଉଚିତ ।

ବେଳେବେଳେ ଗରୀବ ଲୋକ ଯିଏ ବିଶ୍ୱାସୀ ହୁଅନ୍ତି, ଅଧିକ ଉନ୍ନତି କରିବାରେ ଆରମ୍ଭ କରନ୍ତି ଏହା କେବଳ ଈଶ୍ୱରଙ୍କ ସିଧାସଳଖ ଆଶୀର୍ବାଦ ଯୋଗୁଁ ନୁହେଁ ବରଂ ସେମାନଙ୍କର ଉତ୍ତମ ଜୀବନଶୈଳୀ ନିମନ୍ତେ । ସେମାନେ ବୃଥା ଖର୍ଚ୍ଚ ପାଇଁ ଟଙ୍କା ନଷ୍ଟ କରନ୍ତି ନାହିଁ ଯେପରି ମଦ, ଜୁଆ ଏବଂ ମନ୍ଦ ମନୋରଞ୍ଜନ । ସେମାନେ ଉତ୍ତମ କାମ କରୁଥିବା କର୍ମଚାରୀ ହେଉଛନ୍ତି ଏବଂ ଭଲ ଖ୍ୟାତି ପାଆନ୍ତି । ପରମେଶ୍ୱର ସେମାନଙ୍କ ସେବାର ସମର୍ଥନକୁ ଆଶୀର୍ବାଦ କରନ୍ତୁ । ଅନେକ ସମୟରେ ବିଶ୍ୱାସୀମାନଙ୍କର ଦ୍ୱିତୀୟ ପିଢ଼ି ପ୍ରଥମ ପିଢ଼ିଠାରୁ ଉତ୍ତମ ପରିସ୍ଥିତିରେ ରୁହନ୍ତି ।

► ଆପଣଙ୍କ ପରିବେଶର ଲୋକମାନେ କେଉଁ ଉପାୟରେ କାମ କରିପାରିବେ ଏବଂ ସେମାନଙ୍କ ଆର୍ଥିକ ପରିସ୍ଥିତିକୁ ଉନ୍ନତ କରିବା ପାଇଁ ସଞ୍ଚୟ କରିପାରିବେ?

### ଜୁଆ ଖେଳ

ଜୁଆ ଖେଳ ହେଉଛି ସ୍ୱାଧୀନ ଭାବରେ ଟଙ୍କା ରୋଜଗାର କରିବା ପାଇଁ ଟଙ୍କାକୁ ବିପଦରେ ପକାଇବା । ପ୍ରତ୍ୟେକ ବ୍ୟକ୍ତି ଯିଏ ଜିତେ ହାରିବା ଲୋକଠାରୁ ଟଙ୍କା ନେଇଯାଏ, କିଛି ନ ଫେରାଇ । ଅନେକ ଲୋକ ଜୁଆ ଖେଳର ଅଭ୍ୟସ୍ତ ହୋଇଥାନ୍ତି, ସେମାନଙ୍କର ଟଙ୍କା ନଷ୍ଟ କରନ୍ତି ଏବଂ ସେମାନଙ୍କର ପରିବାରଗୁଡ଼ିକର ଯତ୍ନ ନେବାରେ ବିଫଳ ହୁଅନ୍ତି । ଅନେକ ଲୋକ ଅନ୍ୟମାନଙ୍କର ଟଙ୍କା ଜୁଆ

ଖେଳରେ ଲଗାନ୍ତି, ଆଶା କରନ୍ତି ଯେ, ସେମାନେ ଜିତି ଟଙ୍କା ଫେରାଇବେ । ଜୁଆ ଖେଳ ହେତୁ ଟଙ୍କା ଚୋରି କରି ଅନେକେ ବନ୍ଦୀ ଅଛନ୍ତି । ଅନେକ ଲୋକ ଦାରିଦ୍ର୍ୟରେ ଥାଇ ଜୁଆ ଖେଳନ୍ତି କାରଣ ସେମାନେ ମନେ କରନ୍ତି ଯେ, ସେମାନଙ୍କର ପରିସ୍ଥିତି ପରିବର୍ତ୍ତନର କୌଣସି ଆଶା ନାହିଁ କେବଳ ସୌଭାଗ୍ୟ ବଶତଃ ଟଙ୍କା ଜିତିବା ।

ଜୁଆ ଖେଳ ଅନେକ ଖ୍ରୀଷ୍ଟିୟାନ ନୀତିଠାରୁ ବିପରିତ ଅଟେ ।

୧) କାର୍ଯ୍ୟ ମାଧ୍ୟମରେ ଧନ ଅର୍ଜନ କରିବାର ନୀତି (ଏଫିସୀୟ ୪:୨୮)

୨) ସନ୍ତୁଷ୍ଟ ହେବାର ନୀତି (୧ ତୀମଥି ୬:୬)

୩) ବୁଣିବା ଏବଂ ଅମଳ କରିବାର ନୀତି (ଗାଲାତୀୟ ୬:୭)

ମଧ୍ୟ, ଈଶ୍ୱର ଚାହାନ୍ତି ଅନ୍ୟଠାରୁ ଟଙ୍କା ନେବା ଅପେକ୍ଷା ଲାଭ ନିମନ୍ତେ ସେବା କିମ୍ବା ଉତ୍ପାଦ ଯୋଗାଇ ଦେବା । ଜୁଆଖେଳ କ୍ଷତିକାରକ ଅଟେ କାରଣ ଏହା ଅଭ୍ୟାସଗତ ଏବଂ ଅପରାଧ ବୃଦ୍ଧି କରେ ।

ଜୁଆ ଖେଳ ଈଶ୍ୱରଙ୍କ ଉପରେ ନିର୍ଭର କରିବାଠାରୁ ବିପରିତ ଅଟେ । ଜଣେ ବ୍ୟକ୍ତି ପଚାରିବା ଉଚିତ, "ଈଶ୍ୱର ମୋର ଯତ୍ନ ନିଅନ୍ତି କ'ଣ ତାହା ମୁଁ ବିଶ୍ୱାସ କରେ ?" "ଈଶ୍ୱର ମୋତେ ଯୋଗାଇବେ ବୋଲି କ'ଣ ମୁଁ ପ୍ରାର୍ଥନା କରିପାରେ ?" "ମୁଁ କ'ଣ ବିଶ୍ୱାସ କରେ ଯେ ପରମେଶ୍ୱର ମୋତେ ଜୁଆ ଖେଳିବା ପାଇଁ ଟଙ୍କା ବାଜି ଲଗାଇ ଅନ୍ୟ କାହାଠାରୁ ଟଙ୍କା ନେବାକୁ ଆଶା କରି ମୋ ପାଇଁ ଯତ୍ନ ନେବାକୁ ଚାହାଁନ୍ତି ?" "ମୁଁ କ'ଣ ଏହା ଭାବୁଛି କି ଜୁଆ ଖେଳିବା ପାଇଁ ଈଶ୍ୱର ମୋତେ ପୁରସ୍କୃତ କରିବେ, ଯାହା ଦ୍ୱାରା ମୁଁ ବହୁତ ଟଙ୍କା ଜିତିବି ?" ଯେଉଁ ବ୍ୟକ୍ତି ଜୁଆ ଖେଳେ ତା'ର ଆର୍ଥିକ ପରିସ୍ଥିତିରେ ଈଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ । ଯେତେବେଳେ ଆମେ ପ୍ରକୃତରେ ଈଶ୍ୱରଙ୍କୁ ବିଶ୍ୱାସ କରୁ, ଆମେ ତାଙ୍କ ସ୍ପଷ୍ଟ ନିର୍ଦ୍ଦେଶଗୁଡ଼ିକୁ ପାଳନ କରୁ । ଏହା ଜାଣୁ ଯେ, ଆମେ ଆଜ୍ଞାପାଳନ କରିବା ସମୟରେ ସେ ବିଶ୍ୱସ୍ତ ଭାବରେ ଆମର ଆବଶ୍ୟକତା ପୂରଣ କରିବେ ।

## ଋଣ

ଯେତେବେଳେ ଜଣେ ବ୍ୟକ୍ତି ଟଙ୍କା ଋଣ ନିଅନ୍ତି, ସେ ଧରି ନିଅନ୍ତି ଯେ, ସେ ଭବିଷ୍ୟତରେ ପାଇଥିବା ଟଙ୍କାର ତାହା ପରିଶୋଧ କରିପାରିବେ । ତେଣୁ ଋଣ ନେବା ହେଉଛି ଭବିଷ୍ୟତ୍‌ରୁ ଟଙ୍କା ଖର୍ଚ୍ଚ କରିବା, ଯଦିଓ ଭବିଷ୍ୟତ ନୂତନ ଆବଶ୍ୟକତା ମଧ୍ୟ ଆଣିବ ।

ବାଇବଲ କହେ ଋଣ ଗ୍ରହୀତା ଋଣ ଦାତାର ଦାସ ଅଟେ (ହିତୋପଦେଶ ୨୨:୭) । ଜଣେ ଋଣ ଗ୍ରହୀତାଙ୍କ ସ୍ୱାଧୀନତାକୁ ସୀମିତ କରୁଥିବା ବାଧ୍ୟବାଧକତା ସୃଷ୍ଟି କରେ ।

କିଛି ପ୍ରକାରର ଋଣ ଅନ୍ୟମାନଙ୍କ ଅପେକ୍ଷା ଖରାପ ଅଟେ । ଯେତେବେଳେ ଜଣେ ବ୍ୟକ୍ତି ଖାଦ୍ୟ ଭଳି ମୌଳିକ ଆବଶ୍ୟକତା ପାଇଁ ଟଙ୍କା ଧାର ନିଅନ୍ତି, ସେତେବେଳେ ସେ ଆହୁରି ଖରାପ ପରିସ୍ଥିତିରେ ପଡ଼ନ୍ତି । ଖାଦ୍ୟ ହଜମ ହୋଇଯିବ ଏବଂ ଋଣ ରହିଯିବ ଓ ସେ ପୂର୍ବ ଅପେକ୍ଷା ଗରିବ ହୋଇଯିବେ ।

ଯେତେବେଳେ ଜଣେ ବ୍ୟକ୍ତି ଅନାବଶ୍ୟକ ଜିନିଷ ପାଇଁ ଟଙ୍କା ଧାର ନିଅନ୍ତି, ଯେପରିକି ବ୍ୟକ୍ତିଗତ ସାଜସଜ୍ଜା, ଅନାବଶ୍ୟକ ପୋଷାକ, ମନୋରଞ୍ଜନ, କିମ୍ବା ଘର ସାଜସଜ୍ଜା, ସେ ତାଙ୍କ ଭବିଷ୍ୟତ୍‌ର ଟଙ୍କା ଖର୍ଚ୍ଚ କରୁଛନ୍ତି । ସେ ତାଙ୍କର ଭବିଷ୍ୟତର ସ୍ୱାଧୀନତାକୁ ସୀମିତ କରୁଛନ୍ତି, ଭବିଷ୍ୟତ୍‌ରେ ସେ କିଛି ଜିନିଷ କିଣି ପାରିବେ ନାହିଁ, କାରଣ ଟଙ୍କା ଖର୍ଚ୍ଚ ହୋଇସାରିଛି ।

କିଛି ବ୍ୟବସାୟ ଉଚ୍ଚ ସୁଧ ହାରରେ ଟଙ୍କା ଋଣ ଦିଅନ୍ତି । ଯେଉଁମାନେ ସେମାନଙ୍କଠାରୁ ଋଣ ନିଅନ୍ତି ସେମାନେ ଶୀଘ୍ର ମୂଳ ଋଣ ଅପେକ୍ଷା ବହୁତ ଅଧିକ ଋଣ ନିଅନ୍ତି । କିଛି ଦୋକାନ ବାକିରେ ଉଚ୍ଚ ସୁଧହାରରେ ଜିନିଷ ବିକ୍ରୀ କରନ୍ତି । ଲୋକମାନେ ଶେଷରେ ଧାର ନେଇ କିଣୁଥିବା ଜିନିଷ ପାଇଁ ବହୁତ ଅଧିକ ମୂଲ୍ୟ ଦିଅନ୍ତି କାରଣ ସେମାନେ ସାଧାରଣ ମୂଲ୍ୟ ଦେବା ପାଇଁ ପର୍ଯ୍ୟାପ୍ତ ଟଙ୍କା ନ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଇଚ୍ଛୁକ ନୁହଁନ୍ତି ।

ବେଳେବେଳେ ଲୋକମାନେ ସେମାନଙ୍କ ସଂସ୍କୃତି ଦ୍ୱାରା ଆଶା କରାଯାଉଥିବା ମହଙ୍ଗା ବିବାହ କାର୍ଯ୍ୟକ୍ରମ ପାଇଁ ଟଙ୍କା ଧାର ନିଅନ୍ତି । ଏକ ବଡ଼ ଧରଣର ଋଣ ସହିତ ସେମାନେ ବିବାହ ଆରମ୍ଭ କରନ୍ତି । ଏକ ବିଶ୍ୱାସର ପରିବାର ଭାବରେ ମଣ୍ଡଳୀକୁ ନୂତନ ପରମ୍ପରା ବିକଶିତ କରି କିମ୍ବା ଅତ୍ୟଧିକ ମହଙ୍ଗା ନ ହୋଇ ବିବାହକୁ ସୁନ୍ଦର କରିବାର ଉପାୟ ଖୋଜି ଏହାର ସଦସ୍ୟମାନଙ୍କୁ ସାହାଯ୍ୟ କରିବା ଉଚିତ ।

► ଜଣେ ଛାତ୍ର ରୋମୀୟ ୧୩:୭-୮ ଦଳ ପାଇଁ ପାଠ କରିବେ ।

ଅନ୍ୟମାନଙ୍କୁ ଯାହା ଦେବା କଥା ତାହା ଦେବାକୁ ଏହି ପଦ ଆମକୁ କହେ । ଆମେ କର୍ତ୍ତୃପକ୍ଷଙ୍କ ପ୍ରତି ସମ୍ମାନ ଏବଂ ଆଜ୍ଞାପାଳନ କରିବା ଉଚିତ । ଆମେ ସରକାରକୁ ଟିକସ ଦେବା ଉଚିତ । ୮ ପଦର ପ୍ରଥମ ବାକ୍ୟ ପଦ ୭ରେ ଥିବା ବାକ୍ୟଗୁଡ଼ିକୁ ସାରାଂଶିତ କରେ । ଯାହାକୁ ଯାହା ଦେବା କଥା ସେଥିରେ ଆମେ ବିଫଳ ହେବା ଉଚିତ ନୁହେଁ । ଏହାର ଅର୍ଥ ନୁହେଁ ଯେ, ଆମେ କଦାପି ଋଣ କରିବା ନାହିଁ, କାରଣ ଯଦି ଆମେ ଋଣ ଦାତାଙ୍କ ସହ ଚୁକ୍ତି ଅନୁସାରେ ପରିଶୋଧ କରୁ, ତେବେ ଆମେ ଯାହା ଦେବା କଥା ତାହା ଦେବାରେ ବିଫଳ ହେଉନହୁଁ ।

ଉଦ୍ଦେଶ୍ୟ ରଖି ଋଣ ପରିଶୋଧ ନ କରିବା ଜଣେ ବ୍ୟକ୍ତି ନିମନ୍ତେ ଏହା ଭୁଲ୍ ଅଟେ କି ଋଣ ନେଇ ପରେ ପରିଶୋଧ ନକରିବାକୁ ନିଷ୍ପତ୍ତି ନେବା (ଗୀତସଂହିତା ୩୭:୨୧) ।

ପୁରାତନ ନିୟମର ବ୍ୟବସ୍ଥାଗୁଡ଼ିକ ମୁଖ୍ୟତଃ ଇସ୍ରାଏଲ ଜାତିକୁ ଏକ ଆଦିମ କୃଷି ସମାଜ ଭାବରେ ସମ୍ବୋଧିତ କରାଯାଇଛି । ଅଧିକାଂଶ ଲୋକ ଚାଷ କରି ଏବଂ ନିଜ ପରିବାରରେ ଆବଶ୍ୟକ ଜିନିଷ ଉତ୍ପାଦନ କରି ଜୀବନଯାପନ କରୁଥିଲେ । ପରିବାରଗୁଡ଼ିକ ବହୁ ପିଢ଼ି ଧରି ସମାନ ଜମିର ମାଲିକ ଥିଲେ । ତେଣୁ, ଜମି କିଣିବା କିମ୍ବା ବ୍ୟବସାୟ କରିବା ପାଇଁ କେହି ଟଙ୍କା ଧାର ନେବା ବହୁତ କମ୍ ଥିଲା । ଯଦି ଜଣେ ବ୍ୟକ୍ତି ଟଙ୍କା ଧାର ନେଉଥିଲେ, କେବଳ ଏକ ଖରାପ ପରିସ୍ଥିତି କାରଣରୁ କିମ୍ବା ମୌଳିକ ଆବଶ୍ୟକ ହେତୁ ଟଙ୍କା ଧାର ନେଉଥିଲେ । ଈଶ୍ୱର ଚାହୁଁଥିଲେ ଯେ, ଇସ୍ରାଏଲ ଏକ ବିଶ୍ୱାସର ପରିବାର ହେଉ ଯାହା ଏହାର ସଦସ୍ୟଙ୍କ ଯତ୍ନ ନେଉଥିବ । ଈଶ୍ୱର ସେମାନଙ୍କୁ ସୁଧ ନ ନେଇ ଅଭାବୀ ଲୋକଙ୍କୁ ଟଙ୍କା ଋଣ ଦେବାକୁ କହିଥିଲେ (ଯାତ୍ରାପୁସ୍ତକ ୨୨:୨୫) । ଗୀତସଂହିତା ୧୫ରେ ବର୍ଣ୍ଣିତ ଧାର୍ମିକ ବ୍ୟକ୍ତିଙ୍କ ଗୁଣଗୁଡ଼ିକ ମଧ୍ୟରୁ ଗୋଟିଏ ଯେ, ସେ ସୁଧ ନେଇ ଋଣ ଦିଏ ନାହିଁ (ଯିହିଜିକଲ ୧୮:୫-୯, ଗୀତସଂହିତା ୧୫ ସହିତ ସମାନ ଅଟେ) ।

ଜଣେ ନିବେଶକ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିବା ପାଇଁ କାହାକୁ ଟଙ୍କା ଋଣ ଦେଲେ ସୁଧ ନେବା ଭୁଲ ନୁହେଁ (ମାଥିଉ ୨୫:୨୭) । ବ୍ୟବସାୟକୁ ସମ୍ଭବ କରିବା ପାଇଁ ସୁଧ ହେଉଛି ନିବେଶକଙ୍କ ପୁରସ୍କାର ।

ଗରୀବ ଲୋକଙ୍କ ସହିତ ବ୍ୟବସାୟ କରୁଥିବା ଲୋକମାନେ କେବଳ ଲାଭ କିପରି କରିବେ ତାହା ଚିନ୍ତା କରିବା ଉଚିତ ନୁହେଁ (ହିତୋପଦେଶ ୨୨:୧୬) । ଯେହେତୁ ଗରିବ ଲୋକଠାରେ ଅନ୍ୟ କୌଣସି ବିକଳ୍ପ ନାହିଁ ସେଥିପାଇଁ ତାଙ୍କୁ ନିମ୍ନମାନର ଉତ୍ପାଦ ବିକ୍ରୀ କରିବା କିମ୍ବା ଅନୁଚିତ ମୂଲ୍ୟ ଆଦାୟ କରିବା ଉଚିତ ନୁହେଁ । କଷ୍ଟକର କରିସ୍ଥିତି ଯୋଗୁଁ ଋଣ ନେଉଥିବା ଲୋକଙ୍କଠାରୁ ଅଧିକ ଲାଭ ନେବା ଉଦ୍ଦେଶ୍ୟରେ ଋଣ ଦେବା କିମ୍ବା ଋଣରେ ଜିନିଷ ବିକ୍ରୟ କରିବା ଭୁଲ୍ ଅଟେ । ଜଣେ ବ୍ୟବସାୟୀ ତାଙ୍କ ଗ୍ରାହକଙ୍କ ପରିସ୍ଥିତିର ଉନ୍ନତି ଆଣିବା ପାଇଁ ଉପାୟ ଖୋଜିବା ଉଚିତ ।

ଯିହିଜିକଲ ଭବିଷ୍ୟଦ୍‌ବକ୍ତା କହନ୍ତି ଯେ, ସଦୋମର ପାପ କେବଳ ଯୌନ ଅନୈତିକତା ନ ଥିଲା ବରଂ ଲୋକମାନେ ବିଳାସରେ ଜୀବନ କାଟୁଥିଲେ ଏବଂ ଗରୀବ ଓ ଦରିଦ୍ରମାନଙ୍କୁ ସାେହାଯ୍ୟ କରୁ ନ ଥିଲେ (ଯିହିଜିକଲ ୧୬:୪୯) । ଈଶ୍ୱର ଆମକୁ କେବଳ ଗରିବମାନଙ୍କୁ ଦାନ କରିବା ପାଇଁ ନୁହେଁ, ବରଂ ସେମାନଙ୍କୁ ଆହୁରି ଶକ୍ତିଶାଳୀ କରିବା ପାଇଁ ରଣନୈତିକ ଉପାୟରେ ସାହାଯ୍ୟ କରିବା ପାଇଁ ଆହ୍ୱାନ କରିଛନ୍ତି ।

ପ୍ରାଚୀନ ଇସ୍ରାଏଲ ପାଇଁ ପରମେଶ୍ୱରଙ୍କ ବ୍ୟବସ୍ଥା ଆମକୁ ତାଙ୍କର ପ୍ରାଥମିକତା ଦେଖାଏ । ଆଜି ଆମ ଦେଶର ନିୟମ ଈଶ୍ୱର ଇସ୍ରାଏଲକୁ ଦେଇଥିବା ନିୟମ ପରି ନୁହେଁ, କିନ୍ତୁ ଈଶ୍ୱରଙ୍କର ଚିନ୍ତା ସମାନ ଅଟେ ଏବଂ ନିୟମ ନୀତି ସମାନ ଅଟେ । ମଣ୍ଡଳୀ ପ୍ରଥମେ ବିଶ୍ୱାସୀ ପରିବାରର ଯତ୍ନ ନେବା ପରେ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଗରୀବ ଲୋକଙ୍କୁ ସଶକ୍ତ କରିବାର ଉପାୟ ଖୋଜିବା ଉଚିତ ।

## ଆୟ ବ୍ୟୟ ଅଟକଳ କରିବା/ବଜେଟିଂ

କିଛି ଲୋକ ଟଙ୍କା ପାଇବା ମାତ୍ରେ ସମସ୍ତ ଟଙ୍କା ଖର୍ଚ୍ଚ କରିଦିଅନ୍ତି । ସେମାନେ ପୁଣି ଟଙ୍କା ପାଇବା ପୂର୍ବରୁ ସେମାନଙ୍କର ଆବଶ୍ୟକ ହେତୁ କଷ୍ଟ ପାଆନ୍ତି । ସେମାନେ ଅନ୍ୟମାନଙ୍କର ଦାୟିତ୍ୱ ନେଇପାରନ୍ତି ନାହିଁ ।

ବଜେଟ ହେଉଛି ନିୟମିତ ଖର୍ଚ୍ଚ ପରିଚାଳନା ପାଇଁ ଏକ ଯୋଜନା । ଅଧିକାଂଶ ଲୋକଙ୍କର କିଛି ନିର୍ଦ୍ଦିଷ୍ଟ ସମୟରେ ଖର୍ଚ୍ଚ ଆଶା କରାଯାଇ ପାରିବ, ଏବଂ ସେମାନେ ସମୟ ସହିତ ସେହି ଆବଶ୍ୟକତା ପାଇଁ ଟଙ୍କା ସରଂକ୍ଷଣ କରିବା ଉଚିତ ।

ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ଏକ ଘର ଭଡ଼ାରେ ନେଇଛନ୍ତି । ତାଙ୍କୁ ମାସିକ କିମ୍ବା ବାର୍ଷିକ ଭଡ଼ା ବାବଦରେ ଟଙ୍କା ଦେବାକୁ ହେବ । ସେ ନିୟମିତ ଭାବରେ ତାଙ୍କ ଆୟରୁ ଏକ ଅଂଶ ଅଲଗା ରଖିବାକୁ ପଡ଼ିବ ଯେପରି ଭଡ଼ା ସମୟ ଆସିଲେ ସେ ଟଙ୍କା ଦେଇପାରିବେ । ଯଦି ସେ ବାର୍ଷିକ ଭାବରେ ଭଡ଼ା ଦେଉଛନ୍ତି, ତାଙ୍କୁ ଅଧିକ ସମୟ ପାଇଁ ଟଙ୍କା ରଖିବାକୁ ହେବ, ଏବଂ ସେହି ଟଙ୍କାରୁ ଖର୍ଚ୍ଚ କରିବାର ଏକ ଲୋଭ ଅଛି, କିନ୍ତୁ ତାଙ୍କୁ ସେହି ଟଙ୍କା ଗଚ୍ଛିତ କରି ରଖିବାକୁ ହେବ ଏବଂ ଧରି ନେବାକୁ ହେବ ଯେ, ସେହି ଟଙ୍କା ଖର୍ଚ୍ଚ ହୋଇଯାଇଛି ।

ପ୍ରଥମ ସଂରକ୍ଷିତ ଟଙ୍କା ଦଶମାଂସ ହେବା ଉଚିତ (ହିତୋପଦେଶ ୩:୯-୧୦) । ସେବାକାର୍ଯ୍ୟକୁ ସାହାଯ୍ୟ କରିବା ନିମନ୍ତେ ଆପଣ ଆପଣଙ୍କର ଆୟର ୧୦% ଦେବାକୁ ପ୍ରତିଜ୍ଞା କରିବା ଉଚିତ । ଆପଣଙ୍କର ଖର୍ଚ୍ଚ ଉତ୍ତାରେ ଦଶମାଂସ ପାଇଁ ଆପଣଙ୍କଠାରେ ଟଙ୍କା ଅଛି କି ନାହିଁ ତାହା ଅପେକ୍ଷା କରନ୍ତୁ ନାହିଁ । ଆପଣଙ୍କର ବିଶ୍ୱସ୍ତତା ପାଇଁ ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରିବେ ।[17]

ତାଙ୍କର ଅବଶିଷ୍ଟ ଆୟରୁ ମୌଳିକ ଆବଶ୍ୟକତା ପୂରଣ ହେବା ପରେ, ଜଣେ ବ୍ୟକ୍ତି ଜରୁରୀକାଳୀନ ପରିସ୍ଥିତି ପାଇଁ ଟଙ୍କା ସଂରକ୍ଷଣ କରିବା ଉଚିତ । ତାଙ୍କର ପରିସ୍ଥିତିକୁ ସୁଧାରିବା ପାଇଁ ସେ ଟଙ୍କା ସଂରକ୍ଷିତ କରିବା ଉଚିତ ଯେପରି, ନିଜ ଘର କିଣିବାକୁ ଟଙ୍କା ସଂରକ୍ଷଣ । ତାଙ୍କ ଆୟକୁ ବୃଦ୍ଧି କରିବା ପାଇଁ ସେ ଟଙ୍କାକୁ ବିନିଯୋଗ କରିବା ଉଚିତ । ଏକ କ୍ଷୁଦ୍ର ନିବେଶର ଏକ ଉଦାହରଣ ହୋଇପାରେ ଏପରି ଉପକରଣ କିଣିବା ଯାହା ତାଙ୍କୁ କାମ ପାଇଁ ଅଧିକ ପାରିଶ୍ରମିକ ଦେଇପାରିବ ।

---

[17] Shepherds Global Classroom କୋର୍ସ *Doctrine and Practice of the Church* ଦଶମାଂଶ ପାଇଁ ସମ୍ପୂର୍ଣ୍ଣ ବିଷୟ https://www.shepherdsglobal.org/courses ରେ ଉପଲବ୍ଧ

ଯେଉଁ ବ୍ୟକ୍ତିଙ୍କ ପାଖରେ ଯାନବାହନ କିମ୍ବା କେଠା ଭଳି ଏକ କାର୍ଯ୍ୟକ୍ଷମ ସମ୍ବଳ ଅଛି, ସେ ସମ୍ବଳ ବଜାୟ ରଖିବା ପାଇଁ ଟଙ୍କା ବଜେଟ୍ କରିବା ଉଚିତ୍ । ଯଦି ଜଣେ ବ୍ୟକତି ତାଙ୍କ କାର୍‌ରୁ ଲାଭ କରନ୍ତି କିନ୍ତୁ ଟଙ୍କା ସଂରକ୍ଷଣ କରନ୍ତି ନାହିଁ, ତେବେ ସେ ଗାଡ଼ି ମରାମତି ପାଇଁ ବଡ଼ ଦେୟ ଦେଇପାରିବେ ନାହିଁ କିମ୍ବା ଅନ୍ୟ ଏକ ଗାଡ଼ି କିଣିପାରିବେ ନାହିଁ, ଶେଷରେ ତାଙ୍କ ଲାଭ ସମାପ୍ତ ହୋଇଯିବ ।

ଯେଉଁ ବ୍ୟକ୍ତି ବଜେଟ୍ କରେ ନାହିଁ ଅନେକ ସମୟରେ ତା'ର ନିଜର ଦାୟିତ୍ୱ ନେବାରେ ଅସକ୍ଷମ ହୋଇଥାଏ । ସେ ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ ଅକ୍ଷମ ହୋଇଥାଏ ଓ ସାହାଯ୍ୟ ପାଇଁ ଅନ୍ୟ ଉପରେ ନିର୍ଭର କରିଥାଏ । ତାଙ୍କର ପରିସ୍ଥିତି କଦାପି ସୁଧୁରିବ ନାହିଁ କାରଣ ସେ କୌଣସି ପ୍ରକାରେ ନିବେଶ କରନ୍ତି ନାହିଁ ।

ଯୀଶୁ ଉତ୍ତମ ଶମିରୋଣୀୟ ବିଷୟରେ କହନ୍ତି ଯିଏ କ୍ଷତ ବିକ୍ଷତ ବ୍ୟକ୍ତିକୁ ସାହାଯ୍ୟ କରିଥିଲେ (ଲୂକ ୧୦:୨୫-୩୭) । ଧ୍ୟାନ ଦିଅନ୍ତୁ ସେହି କ୍ଷତବିକ୍ଷତ ବ୍ୟକ୍ତିକୁ ଘେନି ଯିବା ପାଇଁ ଶମିରୋଣୀୟଙ୍କ ପାଖରେ କିଛି ଟଙ୍କା ଏବଂ ଗୋଟିଏ ଗଧ ଥିଲା । ଯଦି ସେହି ଶମିରୋଣୀୟ ଗଧଟିକୁ ବିକ୍ରୀ କରିଦେଇ ଥାଆନ୍ତେ ଏବଂ ତାଙ୍କ ପାଖରେ ଥିବା ଟଙ୍କା ଖର୍ଚ୍ଚ କରିଦେଇ ଥାଆନ୍ତେ, ତେବେ କ'ଣ ହୋଇଥାଆନ୍ତା ? ଯଦିଓ ତାଙ୍କଠାରେ ସାହାଯ୍ୟ କରିବାର ଇଚ୍ଛା ଥିଲେ ମଧ୍ୟ ଏହି ପରିସ୍ଥିତିରେ ମଧ୍ୟସ୍ଥ ହେବା ପାଇଁ ସେ ତାଙ୍କର ସକ୍ଷମତାକୁ ସୀମିତ କରିଥାନ୍ତେ ।

ବଜେଟିଂ ଜଣେ ବ୍ୟକ୍ତିଙ୍କୁ ତାଙ୍କ ଆବଶ୍ୟକତା ପାଇଁ ପ୍ରସ୍ତୁତ ହେବାକୁ, ତାଙ୍କ ଉପରେ ନିର୍ଭର କରୁଥିବା ଲୋକଙ୍କ ପାଇଁ ଦାୟିତ୍ୱ ନେବାକୁ, ତାଙ୍କ ଭବିଷ୍ୟତରେ ବିନିଯୋଗ କରିବାକୁ, ଜରୁରୀକାଳୀନ ପରିସ୍ଥିତିରେ ପ୍ରତିକ୍ରିୟା ଦେବାକୁ ଏବଂ ସେବାକାର୍ଯ୍ୟକୁ ସମର୍ଥନ କରିବାକୁ ସକ୍ଷମ କରିଥାଏ ।

## ବିଶ୍ୱାସର ପରିବାର

ପେଣ୍ଟିକଷ୍ଟ ଉତ୍ତାରେ, ମଣ୍ଡଳୀର ପ୍ରାରମ୍ଭିକ ଦିନଗୁଡ଼ିକରେ, ବିଶ୍ୱାସୀମାନେ ବିଶ୍ୱାସର ପରିବାର ପ୍ରତି ଏତେ ପ୍ରତିବଦ୍ଧ ଥିଲେଯେ, ସେମାନେ ନିଶ୍ଚିତ କରୁଥିଲେ ଯେ, ସମସ୍ତଙ୍କ ଆବଶ୍ୟକତା ପୂରଣ ହେଉଛି । ସେମାନେ ସେମାନଙ୍କର ସମ୍ପତ୍ତି ବାଣ୍ଟି ନେଉଥିଲେ, ଏବଂ କେହି କିଛି ନିଜର ବୋଲି କହୁ ନଥିଲେ । ସେମାନଙ୍କର ମଧ୍ୟରୁ ଅନେକେ ସେମାନଙ୍କର ସମ୍ପତ୍ତି ବିକ୍ରୟ କରି ମଣ୍ଡଳୀକୁ ବିକ୍ରୟ କରିଥିବା ଟଙ୍କା ଦାନ କରୁଥିଲେ (ପ୍ରେରିତ ୨:୪୪-୪୫) । ଯଦିଓ ଆମେ ମଣ୍ଡଳୀରେ ଜୀବନ ସର୍ବଦା ସେହିପରି ରହିବ ବୋଲି ଆଶା କରି ନ ପାରୁ, କିନ୍ତୁ ଆମେ ଦେଖୁ ଯେ, ଯେତେବେଳେ ମଣ୍ଡଳୀ ଏହାର ସର୍ବୋତ୍ତମ ସ୍ଥିତିରେ ଥାଏ, ସେତେବେଳେ ଉଦାରତା ଏବଂ ପରିବାରର ଯତ୍ନ ନେବା ପାଇଁ ପ୍ରତିବଦ୍ଧତା ଥାଏ ।

ଥେସଲନୀକୀୟ ବିଶ୍ୱାସୀମାନେ ନିଶ୍ଚିତ କରୁଥିଲେ ଯେ, ସମସ୍ତ ସଦସ୍ୟଙ୍କୁ ଖାଦ୍ୟ ମିଳୁଥିଲା, କିନ୍ତୁ କେତେ ଜଣ କାମ କରୁ ନ ଥିଲେ । ସେହି ଲୋକମାନେ ମଣ୍ଡଳୀର ଉଦାରତା ଉପରେ ନିର୍ଭର କରି ଅବସରରେ ସମୟ କାଟୁଥିଲେ । ପାଉଲ ପରିବାରର ଯତ୍ନ ନେବା ଭୁଲ୍ ବୋଲି ମଣ୍ଡଳୀକୁ କହି ନ ଥିଲେ କିନ୍ତୁ କହିଥିଲେ ଯେ, ଯଦି ଜଣେ ବ୍ୟକ୍ତି କାମ କରିବାକୁ ଇଚ୍ଛା କରୁ ନାହାନ୍ତି ତେବେ ତାଙ୍କୁ ଖାଦ୍ୟ ଦିଆଯିବା ଉଚିତ ନୁହେଁ (୨ ଥେସଲନୀକୀୟ ୩:୧୦) । କିଛି ଲୋକଙ୍କ ପାଇଁ କାମ ମଜୁରୀ ପାଇଁ ନିଯୁକ୍ତି ନୁହେଁ, କିନ୍ତୁ ଆବଶ୍ୟକତା ଅନୁସାରେ, ଅନ୍ୟ ବିଶ୍ୱାସୀମାନଙ୍କୁ ସାହାଯ୍ୟ କରିବା ହୋଇପାରେ ।

କିଛି ଲୋକ ନିଯୁକ୍ତି ପାଇପାରିବେ ନାହିଁ, କିନ୍ତୁ ପ୍ରାୟ ସମସ୍ତେ ସାହାଯ୍ୟ କରିବା ପାଇଁ କିଛି କରିପାରିବେ ।

ଅନ୍ୟ ପତ୍ରଗୁଡ଼ିକରେ ପାଉଲ ବିଧବାମାନଙ୍କୁ ସାହାଯ୍ୟ କରିବା ଏବଂ ପାଳକମାନଙ୍କୁ ସମର୍ଥନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ (୧ ତୀମଥି ୫:୩-୧୮, ଗାଲାତୀୟ ୬:୬) ।

ପ୍ରତ୍ୟେକ ବିଶ୍ୱାସୀ ସ୍ଥାନୀୟ ବିଶ୍ୱାସୀ ପରିବାରର ଅଂଶ ହେବା ଉଚିତ ଏବଂ ସଦସ୍ୟମାନଙ୍କର ଆବଶ୍ୟକତା ଓ ସେବାର ସମର୍ଥନରେ ସାହାଯ୍ୟ କରିବା ପାଇଁ ପ୍ରତିବଦ୍ଧ ହେବା ଉଚିତ୍ ।

### ଦଳଗତ ଆଲୋଚନା ନିମନ୍ତେ

► ଲୋକଙ୍କୁ ଦାୟିତ୍ୱ ନେବା ପାଇଁ ବାଧ୍ୟ କରିବା ସହିତ ମଣ୍ଡଳୀର ଲୋକମାନେ କିପରି ମଣ୍ଡଳୀର ଆବଶ୍ୟକତା ପୂରଣ କରିବା ପାଇଁ ଏକାଠି କାମ କରିପାରିବେ?

► ଆପଣଙ୍କ ପରିବେଶରେ ମଣ୍ଡଳୀର ଲୋକଙ୍କ ପାଇଁ କାର୍ଯ୍ୟକ୍ଷମ ସମ୍ବଳ ବିକାଶ ନିମନ୍ତେ ଏକାଠି କାମ କରିବାର କେଉଁ ସୁଯୋଗ ଅଛି?

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା,

ମୋର ଆବଶ୍ୟକତାଗୁଡ଼ିକ ଯୋଗାଇବାର ପ୍ରତିଜ୍ଞା ନିମନ୍ତେ ତୁମକୁ ଧନ୍ୟବାଦ ଦେଉଅଛି । ମୋ' ପ୍ରତି ଏବଂ ମୋ' ଉପରେ ନିର୍ଭର କରୁଥିବା ଅନ୍ୟମାନଙ୍କ ପାଇଁ ମୋର ଦାୟିତ୍ୱରେ ବିଶ୍ୱସ୍ତ ରହିବାରେ ମୋତେ ସାହାଯ୍ୟ କର । ମୋ' ପାଖରେ ଯାହା ଅଛି ତାହା ସହିତ ଉଦାର ହେବାକୁ ମୋତେ ସାହାଯ୍ୟ କର । ଅନ୍ୟମାନଙ୍କର ଆବଶ୍ୟକତାକୁ ବୁଦ୍ଧିମାନ ଭାବରେ ପୂରଣ କରିବାରେ ମୋତେ ସାହାଯ୍ୟ କର ।

ମୁଁ ତୁମର ଆର୍ଥିକ ଆଶୀର୍ବାଦ ପାଇଁ ପ୍ରାର୍ଥନା କରୁଅଛି, କିନ୍ତୁ ସର୍ବୋପରି ମୁଁ ଆଧ୍ୟାତ୍ମିକ ପ୍ରାଥମିକତା ରଖିବାକୁ ଚାହେଁ ଏବଂ ତୁମ ସହିତ ମୋର ସମ୍ପର୍କ ଯୋଗୁଁ ସନ୍ତୁଷ୍ଟ ରହିବାକୁ ଚାହେଁ ।

ଆମେନ୍

## ପାଠ ୯ - ଦିଆଯାଇଥିବା କାର୍ଯ୍ୟ

(୧) ପାଠରେ ଦିଆଯାଇଥିବା ଶାସ୍ତ୍ରୀୟ ନୀତିଗୁଡ଼ିକୁ ପ୍ରାର୍ଥନା ପୂର୍ବକ ବିଚାର କରନ୍ତୁ । ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲିଖିତ ଭାବରେ ଦିଅନ୍ତୁ ।

- ଟଙ୍କା ଏବଂ ସମ୍ବଳ ବିଷୟରେ ମୁଁ କେଉଁ ପ୍ରଲୋଭନର ସମ୍ମୁଖିନ ହୋଇଛି?
- ମୁଁ ବର୍ତ୍ତମାନ କିପରି ଟଙ୍କା ଏବଂ/କିମ୍ବା ସମ୍ବଳ ରୋଜଗାର କରିବି?
- ମୁଁ ଟଙ୍କା ଏବଂ ସମ୍ବଳଗୁଡ଼ିକୁ କିପରି ବ୍ୟବହାର ଓ ପରିଚାଳନା କରିବି?
- ଟଙ୍କା ଏବଂ/କିମ୍ବା ସମ୍ବଳ ସହିତ ପରମେଶ୍ୱରଙ୍କୁ ବିଶ୍ୱାସ କରିବାର ଅର୍ଥ କ'ଣ?
- କେଉଁ କାର୍ଯ୍ୟକ୍ଷମ ସମ୍ବଳ ମୋ'ଠାରେ ଅଛି?
- ଭବିଷ୍ୟତରେ କାର୍ଯ୍ୟକ୍ଷମ ସମ୍ବଳ ପାଇବାର ମୋର ଯୋଜନା କରିବା ଉଚିତ କି? ଯଦି ହଁଏ ତେବେ କିପରି ମୁଁ ଏହା କରିବି ?
- କେଉଁ ଉପାୟରେ ମୁଁ ଟଙ୍କା ଏବଂ ସମ୍ବଳକୁ ଅପବ୍ୟବହାର କରିଛି?
- ଉପରେ ତାଲିକା ଭୁକ୍ତ ଟଙ୍କା ଏବଂ ସମ୍ବଳର ଅପବ୍ୟବହାରକୁ ମୁଁ କିପରି ସଂଶୋଧନ କରିବି?

(୨) ଏହି ପାଠରୁ ନୀତିଗୁଡ଼ିକର ଏକ ୧ ପୃଷ୍ଠାର ଉପସ୍ଥାପନା ଲେଖ, ବିଶେଷରେ ଆପଣଙ୍କ ପରିବେଶରେ ନିର୍ଦ୍ଦିଷ୍ଟ ପ୍ରୟୋଗ ପ୍ରସ୍ତୁତ କରି । ଆପଣଙ୍କ ପରିବେଶରେ ଟଙ୍କାର ଖ୍ରୀଷ୍ଟିୟାନ ବୁଝାମଣା ବିଷୟରେ ଲୋକମାନେ କ'ଣ ବୁଝିବା ଆବଶ୍ୟକ ?

(୩) ହିତୋପଦେଶ ୩:୧୩-୧୭ ମୁଖସ୍ଥ କର ଏବଂ ଏହା ଉପରେ ଗୋଟିଏ ଅନୁଚ୍ଛେଦ ପ୍ରତିଫଳନ ଲେଖ । ପରବର୍ତ୍ତି କ୍ଲାସ୍ର ପ୍ରାରମ୍ଭରେ ମୁଖସ୍ଥ କରିଥିବା ଏହି ଅନୁଚ୍ଛେଦକୁ ଲେଖ ଏବଂ ଶ୍ରେଣୀ ନେତାଙ୍କୁ ଦିଅ ।

# ପାଠ - ୧୦
# ଧାର୍ମିକତା

## ପାଠର ଉଦ୍ଦେଶ୍ୟ

ପାଠର ଶେଷ ସୁଦ୍ଧା, ଛାତ୍ରଟି ସର୍ବଦା ସମସ୍ତ ପରିସ୍ଥିତିରେ ସମ୍ପୂର୍ଣ୍ଣ ସଚ୍ଚୋଟ ହେବାକୁ ପ୍ରତିଜ୍ଞାବଦ୍ଧ ହେବା ଉଚିତ ।

## ଅବ୍ରହାମ ଲିଙ୍କଲ୍ନ୍, ସଚ୍ଚୋଟ ଧାର୍ମିକତା

ଏକ ଦୋକାନରେ ଅବ୍ରହାମ କାର୍ଯ୍ୟ କରୁଥିଲେ । ଦିନେ ସେ ଅନୁଭବ କଲେ ଯେ, ସେ ଜଣେ ଗ୍ରାହକଙ୍କୁ ସଠିକ୍ ଟଙ୍କା ଫେରାଇ ନାହାନ୍ତି । ମହିଳା ଜଣକ ସେଠାରୁ ଯାଇସାରିଥିଲେ । ସେ କିଛି ମାଇଲ ଦୂରରେ ଏକ ଗ୍ରାମରେ ରହୁଥିଲେ ଏବଂ ଅବ୍ରହାମ ଜାଣିଥିଲେ ଯେ, ସେ ତାଙ୍କୁ ଶୀଘ୍ର ଆଉ ଦେଖିପାରିବେ ନାହିଁ । ଯଦିଓ ଟଙ୍କାର ପରିମାଣ କମ୍ ଥିଲା, ସେ ଚିନ୍ତିତ ଥିଲେ ଯେ, ତାଙ୍କୁ ଏହି ଟଙ୍କାର ଆବଶ୍ୟକତା ପଡ଼ିପାରେ । ସେ ଏହା ମଧ୍ୟ ନିଶ୍ଚିତ କରିବାକୁ ଚାହୁଁଥିଲେ ଯେ, ସେ ଯେପରି ନ ଭାବନ୍ତି ଯେ, ସେ ଜାଣିଶୁଣି ତାଙ୍କ ଟଙ୍କା ରଖିଛନ୍ତି । ଯେତେବେଳେ ଦିନକ ପାଇଁ ଦୋକାନଟି ବନ୍ଦ ହେଲା, ଅବ୍ରହାମ ଟଙ୍କା ଫେରାଇବା ପାଇଁ ଅନେକ ମାଇଲ ଚାଲିଲେ । ସେହି ପରିସ୍ଥିତିରେ ଏବଂ ଅନ୍ୟ ସମୟରେ ତାଙ୍କର ସତର୍କତା ଯୋଗୁ ତାଙ୍କ ବନ୍ଧୁମାନେ ତାଙ୍କୁ "ସତ୍ ଆବେ" ବୋଲି ଡାକୁଥିଲେ । ସେ ପରେ ଜଣେ ଓକିଲ ହେଲେ ତା'ପରେ ସରକାରରେ ସାମିଲ୍ ହେଲେ । ତାଙ୍କର ସଚ୍ଚୋଟତାକୁ ସମ୍ମାନ ଦିଆଯାଇଥିଲା ଏବଂ ଶେଷରେ ସେ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ଭାବରେ କାର୍ଯ୍ୟ କଲେ ।

## ଈଶ୍ୱରଙ୍କ ପ୍ରକୃତି

ବାଇବଲ କହେ, ଈଶ୍ୱର ମିଥ୍ୟା କହନ୍ତି ନାହିଁ (ତୀତସ ୧:୨, ଏବ୍ରୀ ୬:୧୮) । ସର୍ବଦା ତାଙ୍କର ପ୍ରକୃତି ସ୍ଥିର ଏବଂ ଅପରିବର୍ତ୍ତନୀୟ ଅଟେ (ଯାକୁବ ୧:୧୭) । ଈଶ୍ୱର କେବଳ ଯେତେବେଳେ ଏହା ସୁବିଧା ଦିଏ ସେତେବେଳେ ସତ୍ୟ କୁହନ୍ତି ନାହିଁ । ଭଲ ଫଳାଫଳ ପାଇଁ ସେ ମିଥ୍ୟା କହନ୍ତି ନାହିଁ । ଆମେ ନିଶ୍ଚିତ ହୋଇପାରୁ ଯେ, ଈଶ୍ୱରଙ୍କ ବାକ୍ୟ ସମ୍ପୂର୍ଣ୍ଣ ଭାବରେ ସତ୍ୟ ଏବଂ ନିର୍ଭରଯୋଗ୍ୟ ଅଟେ । ତାଙ୍କର ସତ୍ୟତା ଆମକୁ ସୁରକ୍ଷା ଦିଏ (ଗୀତସଂହିତା ୪୦:୧୧, ଗୀତସଂହିତା ୯୧:୪) ।

► ଯଦି ତୁମେ ପରମେଶ୍ୱରଙ୍କୁ ସର୍ବଦା ସତ୍ୟ କହିବା ପାଇଁ ବିଶ୍ୱାସ ନ କର, ତେବେ ତାଙ୍କ ସହିତ ତୁମର ସମ୍ପର୍କ କିପରି ପ୍ରଭାବିତ ହେବ?

ପରମେଶ୍ୱରଙ୍କ ସହିତ ଆମର ସମ୍ପର୍କ ନିମନ୍ତେ ସତ୍ୟ କେତେ ଗୁରୁତ୍ୱପୂର୍ଣ୍ଣ ଅଟେ ତାହା ଚିନ୍ତା କରନ୍ତୁ । ଈଶ୍ୱର ସମ୍ପୂର୍ଣ୍ଣ ଭାବରେ ତାଙ୍କ ପ୍ରତି ସମର୍ପିତ ହେବା ନିମନ୍ତେ ଆମକୁ ଆହ୍ୱାନ କରନ୍ତି । ଯଦି ଆମେ ତାହାଙ୍କୁ ସମ୍ପୂର୍ଣ୍ଣ ରୂପେ ବିଶ୍ୱାସ ନ କରୁ ଆମେ ତାହା କରିପାରିବୁ ନାହିଁ ।

## ଈଶ୍ୱରଙ୍କ ସତ୍ୟତାର ମାନଦଣ୍ଡ

ଈଶ୍ୱର ଚାହାନ୍ତି ଆମେ ସର୍ବଦା ସତ୍ୟ କହୁ । ଯେଉଁ ବ୍ୟକ୍ତି ମିଥ୍ୟା କହେ ସେ ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ନୁହେଁ (ହିତୋପଦେଶ ୧୨:୨୨) ।

ବେଳେବେଳେ କୋର୍ଟରେ କେସ୍ ଜିତିବା ପାଇଁ ଲୋକମାନେ ମିଥ୍ୟା ବ୍ୟବହାର କରନ୍ତି । ଟଙ୍କା ଥିବା ଲୋକମାନେ ଅନ୍ୟଠାରୁ ସମ୍ପତ୍ତି ନେବା ପାଇଁ ମିଥ୍ୟା ଗ୍ରହଣ କରିବାକୁ ଜଣେ ବିଚାରପତିଙ୍କୁ ଟଙ୍କା ଦେଇପାରନ୍ତି (ଯାକୁବ ୨:୬) । ଧନୀଲୋକମାନେ ନ୍ୟାୟ ବିଚାରରୁ ବଞ୍ଚି ଯାଆନ୍ତି ଏବଂ ମିଥ୍ୟା ପ୍ରତିଷ୍ଠା କରିବା ପାଇଁ ଲାଞ୍ଚ ଦେଇ ନିର୍ଦ୍ଦୋଷ ଲୋକଙ୍କୁ ଦୋଷୀ କରନ୍ତି (ଯାକୁବ ୫:୧, ୬) ।

ଯଦି ତୁମେ ତୁମର କାରଣ ଠିକ୍ ବୋଲି ଭାବୁଛ, ତେବେ ମିଥ୍ୟା ସାକ୍ଷ୍ୟ ଦେବା ପାପ ଅଟେ । ବାଇବଲ ମିଥ୍ୟା ସକ୍ଷୀଙ୍କୁ ନିନ୍ଦା କରେ ଏବଂ ବ୍ୟତିକ୍ରମକୁ ଅନୁମତି ଦିଏ ନାହିଁ (ଯାତ୍ରାପୁସ୍ତକ ୨୦:୧୬, ହିତୋପଦେଶ ୬:୧୬-୧୯, ହିତୋପଦେଶ ୧୪:୨୫, ହିତୋପଦେଶ ୧୯:୫, ୯) । ଅନେକେ ମନେ କରନ୍ତି ଯେ, ଭଲ ପାଇବାକୁ ବା ଉତ୍ତମ ବିଷୟ ପାଇବାକୁ ହେଲେ ଯଦି ମିଥ୍ୟା କହିବାକୁ ହୁଏ ତେବେ କୌଣସି କ୍ଷତି ନାହିଁ, କିନ୍ତୁ ବାଇବଲ ସେହି ବିକଳ୍ପ ଦିଏ ନାହିଁ । ଆମେ କେତେବେଳେ ମିଥ୍ୟା କହିବୁ ସେପରି ବାଇବଲ ଆମକୁ କଦାପି କହିନାହିଁ ।

ବିଶ୍ୱାସୀମାନେ ବିନା ବ୍ୟତିକ୍ରମରେ ସତ୍ୟ କହିବା ଉଚିତ । ଆମ ସମ୍ପର୍କ ପାଇଁ ସତ୍ୟ ଅତ୍ୟନ୍ତ ଜରୁରୀ ଅଟେ (ଏଫିସୀୟ ୪:୨୫) ।

ଏଫିସୀୟ ୪:୧୫ କହେ ଯେ, ଆଧ୍ୟାତ୍ମିକ ପରିପକ୍ୱ ହାସଲ କରିବା ପାଇଁ ସତ୍ୟ କହିବା ଆବଶ୍ୟକ ଅଟେ ।

କଲସୀୟ ୩:୯ କହେ, ମିଥ୍ୟା କହିବା ହେଉଛି ପାପପୂର୍ଣ୍ଣ ଜୀବନର ଏକ ଅଂଶ ଯାହାକୁ ଆମେ ପରିତ୍ୟାଗ କରିଅଛୁ ।

ମିଥ୍ୟାବାଦୀକୁ ଈଶ୍ୱର ବିଚାର କରିବେ । ମିଥ୍ୟାବାଦୀମାନେ ପରମେଶ୍ୱରଙ୍କ ନିୟମ ଦ୍ୱାରା ନିନ୍ଦିତ, ଭୟଙ୍କର ପାପୀମାନଙ୍କ ତାଲିକାରେ ଅନ୍ତର୍ଭୁକ୍ତ ଅଟନ୍ତି (୧ ତୀମଥି ୧:୧୦, ପ୍ରକାଶିତ ୨୨:୧୫) । ସମସ୍ତ ମିଥ୍ୟାବାଦୀଙ୍କୁ ଅଗ୍ନି ହ୍ରଦରେ ଫିଙ୍ଗି ଦିଆଯିବ (ପ୍ରକାଶିତ ୨୧:୮) । ମିଥ୍ୟାବାଦୀମାନେ ଈଶ୍ୱରଙ୍କ ନଗରୀରେ ପ୍ରବେଶ କରିପାରିବେ ନାହିଁ (ପ୍ରକାଶିତ ୨୧:୨୭) ।

## ବ୍ୟବସାୟ ଏବଂ ସମ୍ପର୍କରେ ସତ୍ୟତା ପ୍ରୟୋଗ କରିବା ।

► ଜଣେ ଛାତ୍ର ହିତୋପଦେଶ ୧୧:୧ ଦଳ ପାଇଁ ପାଠ କରିବେ ।

ଏହି ପଦଟି ଓଜନ ଅନୁସାରେ କିଛି ବିକ୍ରୟ କରିବା ପାଇଁ ବ୍ୟବହୃତ ତରାଜୁ ବିଷୟରେ କହେ ଯେପରି ଫଳ, ପନିପରିବା କିମ୍ବା ମାଂସ । ବେଳେବେଳେ ଲୋକଙ୍କ ପାଖରେ ଏପରି ତରାଜୁ ଥାଏ ଯାହା ଅତିରିକ୍ତ ଟଙ୍କା ନେବା ପାଇଁ ମିଥ୍ୟା ଓଜନ ଦେବାକୁ ଡିଜାଇନ୍ କରାଯାଇଥାଏ । ଏହି ପଦ କହେ ଯେ, ଈଶ୍ୱର ଅବିଶ୍ୱସ୍ତକୁ ଘୃଣା କରନ୍ତି ।

କୌଣସି ଜିନିଷର ସ୍ଥିତି ବିଷୟରେ ମିଛ କହି କିମ୍ବା ତାହାର ତ୍ରୁଟି ଲୁଚାଇ ବିକ୍ରୟ କରିବା ଜଣେ ବ୍ୟକ୍ତି ପାଇଁ ଭୁଲ୍ ଅଟେ । ଅଧିକ ମୂଲ୍ୟରେ କୌଣସି ଜିନିଷ ବିକ୍ରୟ କରିବା ପାଇଁ ଆପଣ କେତେ ଟଙ୍କା ଦେଇଛନ୍ତି, ତାହା କହିବା ସମୟରେ ମିଛ କହିବା ଭୁଲ୍ ଅଟେ ।

ଟଙ୍କା ଦେବାରୁ ବଞ୍ଚିବା ପାଇଁ ଜଣେ ବ୍ୟକ୍ତି ନିଜ ନାମକୁ ଅସତ୍ୟ କିଛିରେ ଦସ୍ତଖତ କରିବା ଠିକ୍ ନୁହେଁ । ଜଣେ ବ୍ୟକ୍ତି ଲାଭ ପାଇଁ ଲୋକଙ୍କୁ ଠକିବାରେ ତାଙ୍କ ନିଯୁକ୍ତିଦାତାଙ୍କୁ ସାହାଯ୍ୟ କରିବା ଠିକ୍ ନୁହେଁ ।

► କେଉଁ କେଉଁ ପ୍ରକାରର ଅବିଶ୍ୱସ୍ତତାକୁ ତୁମେ ଲକ୍ଷ କରିଅଛ?

ବାଇବଲ କହେ, ଦୁଷ୍ଟ ଲୋକ ଋଣ ନେଇ ଫେରସ୍ତ କରେ ନାହିଁ (ହିତୋପଦେଶ ୩୭:୨୧, ହିତୋପଦେଶ ୩:୨୮) । କିଛି ଲୋକ ଋଣ ନିଅନ୍ତି ଏବଂ ସେମାନଙ୍କ ଋଣ ପରିଶୋଧ କରିବାକୁ କୌଣସି ବାଧ୍ୟତା ଅନୁଭବ କରନ୍ତି ନାହିଁ । ବାଇବଲ କହେ ଯେ, ଆମେ ନିଶ୍ଚିତ କରିବା ଉଚିତ, ଯେ, ଆମେ ଅନ୍ୟମାନଙ୍କୁ ଯାହା ଦେବା, ତାହା ଦେବାର ବିଫଳ ନ ହେଉ (ରୋମୀୟ ୧୩:୭-୮) ।

ସଚ୍ଚୋଟତାର ଅର୍ଥ ହେଉଛି ତୁମେ ତୁମର ପ୍ରତିଶ୍ରୁତି ଏବଂ ପ୍ରତିବଦ୍ଧତାକୁ ପାଳନ କରୁଛ । ଯେଉଁ ବ୍ୟକ୍ତି ପରମେଶ୍ୱରଙ୍କ ସହିତ ଉତ୍ତମ ସମ୍ପର୍କରେ ଅଛି ତାହା ଗୀତସଂହିତା ୧୫ ବର୍ଣ୍ଣନା କରେ । ଏହି ପ୍ରକାରର ବ୍ୟକ୍ତିଙ୍କର ଗୋଟିଏ ଗୁଣ ହେଉଛି ଯେ ମହଙ୍ଗା ପଡ଼ିଲେ ମଧ୍ୟ ସେ ତାଙ୍କ ପ୍ରତିଶ୍ରୁତିକୁ ପାଳନ କରନ୍ତି (ଗୀତସଂହିତା ୧୫:୪) ।

ଜଣେ ବ୍ୟକ୍ତି ତାଙ୍କୁ ନିଯୁକ୍ତି ଦେଇଥିବା ବ୍ୟକ୍ତିଙ୍କ ପାଇଁ ଯେପରି କାମ କରିବା ଉଚିତ ସେପରି କାମ ନ କଲେ ତାହା ଅସାଧୁତା ଅଟେ (ଏଫିସୀୟ ୬:୫-୬) ।

ଜଣେ ବ୍ୟକ୍ତି ତାଙ୍କ ମାଲିକଙ୍କର ଜିନିଷ ଚୋରି କରିବା ଭୁଲ୍ ଅଟେ (ତୀତସ ୨:୯-୧୦) ।

କୌଣସି ଜିନିଷର ମୂଲ୍ୟ ପ୍ରକୃତ ମୂଲ୍ୟଠାରୁ ଅଧିକ ବୋଲି କହିବା ପାଇଁ ମିଥ୍ୟା ରସିଦ୍ ଦେବା ଭୁଲ୍ ଅଟେ । ଜଣେ କର୍ମଚାରୀ କିମ୍ବା ଏଜେଣ୍ଟ କିଛି ଟଙ୍କା ରଖିବା ପାଇଁ କୌଣସି ଜିନିଷର ମୂଲ୍ୟ ବିଷୟରେ ମିଛ କହିବା ଭୁଲ୍ ଅଟେ ।

ଜଣେ ନିଯୁକ୍ତିଦାତା ଶ୍ରମିକଙ୍କଠାରୁ ପ୍ରତିଶ୍ରୁତିବଦ୍ଧ ମଜୁରୀ ସ୍ଥଗିତ ରଖିବା ଭୁଲ୍ ଅଟେ (ଯାକୁବ ୫:୪) ।

ଭୁଲ୍ ବଶତଃ କେହି ତାଙ୍କ ଜିନିଷକୁ ଭୁଲି ଯାଇଥିବା ହେତୁ ସେହି ଜିନିଷକୁ ଲୁଚାଇ ରଖିବା ବା ରଖିନେବା ଭୁଲ୍ ଅଟେ । ସେହି ଜିନିଷକୁ ତା'ର ମାଲିକକୁ ଫେରାଇ ଦେବା ଉଚିତ (ଦ୍ୱିତୀୟ ବିବରଣ ୨୨:୧) ।

ଯଦି ଆପଣ ଅନ୍ୟ କାହାର ସମ୍ବଳ ପରିଚାଳନା କରୁଛନ୍ତି (ଯେପରିକି ନିଯୁକ୍ତିଦାତା କିମ୍ବା ସେବାକର୍ଯ୍ୟ), ତେବେ ଅନୁମତି ନ ନେଇ ନିଜ ପାଇଁ ଟଙ୍କା କିମ୍ବା ଜିନିଷ ବ୍ୟବହାର କରିବା ଭୁଲ୍ ଅଟେ ।

## ସଚ୍ଚୋଟତା ପ୍ରତି ସାଂସ୍କୃତିକ ସମସ୍ୟାର ଏକ ଉଦାହରଣ

କେତେକ ସଂପ୍ରଦାୟମାନଙ୍କରେ ଲୋକମାନେ ମୁଖିଆଙ୍କ ଯତ୍ନର ଅଧିନରେ ରହିଥାନ୍ତି । ଲୋକମାନେ ମୁଖିଆଙ୍କର ବିଶ୍ୱସ୍ତ ଥାଆନ୍ତି ଏବଂ ମୁଖିଆ ସମସ୍ତ ଆବଶ୍ୟକତା ଯୋଗାଇ ସେମାନଙ୍କୁ ସାହାଯ୍ୟ କରନ୍ତି । ଏହି ସମ୍ପ୍ରଦାୟରେ ଅଧିକାଂଶ ଲୋକଙ୍କ ପରେ ସେମାନଙ୍କର ନିଜର ସମ୍ପତ୍ତି ନ ଥାଏ । ଅଧିକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଯେପରି ଜମି, ତାହା ସମ୍ପ୍ରଦାୟ ଅଧିନରେ ଥାଏ । ନେତାମାନେ ସମସ୍ତଙ୍କ ହିତ ପାଇଁ ସମ୍ବଳ ପରିଚାଳନା କରିବା କଥା । ଯେତେବେଳେ ଜଣେ ବ୍ୟକ୍ତିର ଆବଶ୍ୟକତା ଥାଏ, ସେ ଅନୁଭବ କରେ ଯେ, ସେ ସମାଜର ସମ୍ବଳରୁ ଯାହା ଆବଶ୍ୟକ ତାହା ନେବାର ଅଧିକାର ଅଛି ।

ମୁଲୁମ୍ବା ଏକ ଜଙ୍ଗଲ ଗ୍ରାମରେ ଜନ୍ମ ଗ୍ରହଣ କଲା । ଯେଉଁ ଜମି ଗ୍ରାମର ଥିଲା ସେଥିରେ ତା'ର ପରିବାର ଏବଂ ତା'ର ଆଖ ପାଖ ପରିବାର ଚାଷ କଲେ । ସେମାନେ ଜଙ୍ଗଲରୁ ଉତ୍ସ ପାଇଲେ । ସେମାନଙ୍କ ମଧ୍ୟରୁ ସେହି ଜମିର ମାଲିକ କେହି ନ ଥିଲେ । ଏପରିକି ଯେଉଁ ଜମିରେ ସେମାନଙ୍କର ଘର ଥିଲା । ଯେତେବେଳେ ସେମାନଙ୍କର ସମସ୍ୟା ହୁଏ ସେମାନେ ପରସ୍ପରକୁ ସାହାଯ୍ୟ କରନ୍ତି । ମୁଖିଆ ଗ୍ରାମର ପିତା ସଦୃଶ ଥିଲେ । ଲୋକମାନେ ସେମାନଙ୍କର ଆବଶ୍ୟକତାଗୁଡ଼ିକର ସେ ଯତ୍ନ ନେବେ ବୋଲି ଆଶା କରୁଥିଲେ ।

ଯେତେବେଳେ ମୁଲୁମ୍ବା ଯୁବା ଲୋକ ହେଲା, ସେ ଏକ କମ୍ପାନୀରେ କାର୍ଯ୍ୟ ପାଇଲା, ଯେଉଁ କମ୍ପାନୀ କାଠ କାଟି ପଟା ତିଆରି କରୁଥିଲା । ସେ ତା'ର ଗୃହ ଛାଡ଼ି କାର୍ଯ୍ୟ ସ୍ଥଳ ନିକଟରେ ରହିଲା । ପ୍ରତି ମାସ ତାକୁ ଦରମା ଦିଆଯାଉଥିଲା । କେବେକେବେ ତା' ପାଖରେ ଖାଇବା ପାଇଁ ଟଙ୍କା ନ ଥାଏ, କାରଣ ସେ ତା'ର ଦରମାକୁ ବଜେଟିଂ କରି ସିଖି ନ ଥିଲା । ସେ ଆଶା କରିଥିଲେ ଯେ ବସ୍ ତାଙ୍କ ପାଇଁ ଖାଦ୍ୟ ଯୋଗାଇବେ, ଏବଂ ଯେତେବେଳେ ବସ୍ କହିଲେ ଯେ ତାଙ୍କ ନିଜ ଦରମାରେ ତାଙ୍କର ଆବଶ୍ୟକୀୟ ସବୁକିଛି

କିଣିବା ମୁଲୁମ୍ବାଙ୍କ ଦାୟିତ୍ୱ, ସେ ଆଶ୍ଚର୍ଯ୍ୟ ହୋଇଗଲେ । ଯେତେବେଳେ ମୁଲୁମ୍ବା ଭଉଣୀର ଡାକ୍ତର ଆବଶ୍ୟକ ହୁଏ, ତା' ପାଇଁ ମୁଲୁମ୍ବା ମାଲିକଙ୍କଠାରୁ ଟଙ୍କା ମାଗେ । ଯେତେବେଳେ ମାଲିକ ସାହାଯ୍ୟ କରନ୍ତି ନାହିଁ, ମୁଲୁମ୍ବା ରାଗିଯାଏ । ମୁଲୁମ୍ବା ମନେ କରୁଥିଲା ଯେ, ତା'ର ଏହି ସମସ୍ୟାରେ ତା'ର ମାଲିକ ସାହାଯ୍ୟ କରିବା କଥା । କିନ୍ତୁ ମାଲିକ କହନ୍ତି ମୁଲୁମ୍ବା ଦରମା ପାଉଛି ଏହା ତା'ର ଦାୟିତ୍ୱ ଅଟେ । ଯେତେବେଳେ ମୁଲୁମ୍ବା ଚାକିରୀ ଚାଡ଼ିଲା ସେ କିଛି ଯନ୍ତ୍ରପାତି ଚୋରି କରି ଗୃହକୁ ଚାଲିଗଲା । କାରଣ ସେ ଅନୁଭବ କଲା ଯେ, ତା'ର ମାଲିକ ତାକୁ ଯଥେଷ୍ଟ ସାହାଯ୍ୟ କରିନାହାନ୍ତି ।

ପରବର୍ତ୍ତୀ ସମୟରେ ମୁଲୁମ୍ବା ତା'ର ସ୍ତ୍ରୀ ଏବଂ ପିଲାମାନଙ୍କୁ ନେଇ ସହରକୁ ଯାଇ ଏକ ବଡ଼ ରାସନ ଦୋକାନରେ ଚାକିରି କଲା । ସେଠାରେ ମୁଲୁମ୍ବା ତା'ର ପିଲାର ସ୍କୁଲ୍ ଫିସ୍ ପାଇଁ ମାଲିକଙ୍କୁ ଟଙ୍କା ମାଗିଲା, କିନ୍ତୁ ତା'ର ମାଲିକ ଦେଲେ ନାହିଁ । ଅନେକ ସମୟରେ ମୁଲୁମ୍ବା ତା'ର ପରିବାରର ଆବଶ୍ୟକତା ପୂରଣ କରିବାକୁ ତା' ପାଖରେ ଯଥେଷ୍ଟ ଟଙ୍କା ନ ଥିଲା । ଯେହେତୁ ସେ ଯେଉଁ ଦୋକାନରେ କାର୍ଯ୍ୟ କରୁଥିଲା ସେହି ଦୋକାନ ଖାଦ୍ୟ ସାମଗ୍ରୀ ବିକ୍ରୀ କରୁଥିଲା । ସେ ମନେ କଲା ଯେ ସେହି ଦୋକାନରୁ ତା'ର ଘର ପାଇଁ ଖାଦ୍ୟ ନେଇଯିବାକୁ ତାକୁ ଅନୁମତି ମିଳିଯିବା ଉଚିତ । ସେ ଜାଣିଥିଲା ଯେ, ତା'ର ମାଲିକ ଏଥିରେ ରାଜି ହେବେ ନାହିଁ, ତେଣୁ ସେ ଗୁପ୍ତ ଭାବରେ ଖାଦ୍ୟ ନେଇଗଲା ।

କିଛି ଶ୍ରମିକ ନିଯୁକ୍ତିଦାତାଙ୍କ ପତିବଦ୍ଧତାର ସୀମା ବୁଝନ୍ତି ନାହିଁ । ସେମାନେ ମନେକରନ୍ତି ଯେ, ସେମାନଙ୍କର ପ୍ରତ୍ୟେକ ଆବଶ୍ୟକ ପାଇଁ ନିଯୁକ୍ତିଦାତା ଦାୟୀ ଅଟନ୍ତି । ସେମାନେ ତାଙ୍କ କାମର ପାରିଶ୍ରମିକ ବ୍ୟତୀତ ଅନେକ ପ୍ରକାରର ସାହାଯ୍ୟ ମାଗନ୍ତି । ଯଦି ସେମାନଙ୍କର ଆବଶ୍ୟକତା ସେ ସେମାନଙ୍କୁ ଦିଅନ୍ତି ନାହିଁ ସେମାନେ ଚୋରି କରିବାରେ ଯଥାର୍ଥ ମନେ କରନ୍ତି, କାରଣ ସେମାନେ ମନେକରନ୍ତି ଯେ, ସେମାନଙ୍କର ଆବଶ୍ୟକ ଜିନିଷଗୁଡ଼ିକ ହେତୁ ସେ ସେମାନଙ୍କ ପାଇଁ ଋଣୀ ଅଟନ୍ତି ।

► ଜଣେ ଛାତ୍ର ତୀତସ ୨:୯-୧୪ ଦଳ ପାଇଁ ପାଠ କରିବେ ।

ଏହି ପଦଟି ଆମକୁ କହେ ଯେ, ଜଣେ କାର୍ଯ୍ୟକାରୀ ତା'ର ନିଯୁକ୍ତି ଦାତାଙ୍କଠାରୁ ଚୋରି କରିବା ଉଚିତ୍ ନୁହେଁ । ୧୦ ପଦ କହେ ଯେ, ସାଧୁତା ଖ୍ରୀଷ୍ଟଙ୍କର ସିଦ୍ଧାନ୍ତକୁ ସୁନ୍ଦର କରିଥାଏ । ପରବର୍ତ୍ତୀ କିଛି ପଦରେ ଜଣେ ବ୍ୟକ୍ତି ଅନୁଗ୍ରହ ଦ୍ୱାରା ପରିବର୍ତ୍ତିତ ହେଲେ ସେ କିପରି ଜୀବନଯାପନ କରନ୍ତି ତାହା ବର୍ଣ୍ଣନା କରାଯାଇଛି ।

## ନିର୍ଭରଯୋଗ୍ୟତା

ସଚ୍ଚୋଟତା କେବଳ ଟଙ୍କା ଏବଂ ସମ୍ପତ୍ତି ବିଷୟରେ ନୁହେଁ ।

ସେଖର ତା'ର ସହକର୍ମୀଙ୍କ ସହିତ ସକାଳ ୮:୦୦ରେ ମିଶିବା ପାଇଁ ପ୍ରତିଜ୍ଞା କଲା । ତଥାପି, ସେ ଡେରିରେ ଶୋଇଲା ଏବଂ ଜଳଖିଆ ଖାଇବାକୁ ସମୟ ନେଲା ଓ ଗୋଟେ ଘଣ୍ଟାରୁ ଅଧିକ ବିଳମ୍ବ କଲା । ସେ ତା'ର ସହକର୍ମୀଙ୍କୁ କହିଲା ଯେ, ତାକୁ ନେବା ପାଇଁ ତା'ର ଡ୍ରାଇଭର୍ ଡେରିରେ ଆସିଥିଲା । ସହକର୍ମୀ ଆଶ୍ଚର୍ଯ୍ୟ ହୋଇ ନ ଥିଲା । ସେଖର ର ସବୁ ବନ୍ଧୁମାନେ ଜାଣନ୍ତି ଯେ, ସେ କଦାପି ତା'ର ପ୍ରତିଜ୍ଞା ରକ୍ଷା କରିପାରେ ନାହିଁ ।

ଦୁଇଟି ଦିଗରେ ସେଖର ଅବିଶ୍ୱସ୍ତ ଥିଲା

୧) ସେ ତା'ର କଥା ରଖିପାରିଲା ନାହିଁ
୨) କେଉଁଥିପାଇଁ ତା'ର ବିଳମ୍ବ ହୋଇଥିଲା ସେ ବିଷୟରେ ସେ ମିଥ୍ୟା କହିଥିଲା ।

ଯେତେବେଳେ ଆପଣ କୁହନ୍ତି ଯେ, ମୁଁ ସେହି କାମ କରିବି କିମ୍ବା ମୁଁ ସେହି ସ୍ଥାନରେ ଥିବି, ଏଥିରେ ଲୋକମାନେ କ'ଣ ଆପଣଙ୍କୁ ବିଶ୍ୱାସ କରନ୍ତି ? ଏହା ଯେତେବେଳେ ଆପଣ କହନ୍ତି, କ'ଣ ଆପଣ ଆପଣଙ୍କ ଉପରେ ବିଶ୍ୱାସ କରନ୍ତି ? ଯେତେବେଳେ ଆପଣ କିଛି ପ୍ରତିଶ୍ରୁତି ଦିଅନ୍ତି, ଆପଣ ତାହା ପୂରଣ କରିବା ପାଇଁ ଆବଶ୍ୟକ ପ୍ରୟାସ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦିଅନ୍ତି । କିଛି ପ୍ରତିଶ୍ରୁତି ଦେବା ପରେ ନିଜ ପ୍ରତିଶ୍ରୁତି ପାଳନ କରିବାକୁ କୌଣସି ପ୍ରୟାସ ନ କରିବା ଭୁଲ୍ ଅଟେ ।

ଆପଣ ପ୍ରତିଜ୍ଞା ରକ୍ଷା କରି ନ ପାରିଲେ, ଆପଣ କ୍ଷମା ମାଗିବା ଉଚିତ । ଆପଣ ବିଫଳ ହେବାର କାରଣ ବିଷୟରେ ମିଛ କହିବା ଉଚିତ୍ ନୁହେଁ ।

ଆପଣଙ୍କ ସଂଗଠନର ଆପଣଙ୍କର ଭୁଲ୍ ସକାଶୁ ଅନ୍ୟ କାହାକୁ ଦୋଷ ଦେବା ଉଚିତ ନୁହେଁ । ଯଦି ତୁମର ଦଳ ଜାଣେ ଯେ ତୁମେ ଭୁଲ ବିଷୟରେ ମିଛ କହିବ, ତେବେ ସେମାନେ ତୁମକୁ ବିଶ୍ୱାସ କରିବେ ନାହିଁ ।

ଜଣେ ବିଶ୍ୱସ୍ତ ନେତା ସତ୍ୟ ନୁହେଁ ବୋଲି କହି ଲୋକମାନଙ୍କୁ ତାଙ୍କ ଧାରଣା ଅନୁସରଣ କରିବାକୁ ବାଧ୍ୟ କରନ୍ତି ନାହିଁ । ଷ୍ଟିଫେନ୍ କୋଭେ ଲେଖନ୍ତି ଯେ, "ନେତୃତ୍ୱ ଏପରି ଫଳା ଫଳ ପାଇଛି ଯାହା ବିଶ୍ୱାସକୁ ପ୍ରେରଣା ଦିଏ" ।[18]

## ସମ୍ପର୍କ ଘଟକ

ଅନେକ ଲୋକ ବିଶ୍ୱାସ କରନ୍ତି ଯେ, ବନ୍ଧୁ କିମ୍ବା ସମ୍ପର୍କୀୟଙ୍କୁ ମିଛ କହିବା ଭୁଲ, କିନ୍ତୁ ଅନ୍ୟ ବର୍ଗର ଲୋକଙ୍କୁ ମିଛ କହିବା ଠିକ୍ ଅଟେ । ଅନେକ ଲୋକ ସେମାନଙ୍କର ନିଯୁକ୍ତିକର୍ତ୍ତାଙ୍କଠାରୁ ଟଙ୍କା କିମ୍ବା ଜିନିଷ ଚୋରି କରି ନିଅନ୍ତି, କାରଣ ସେମାନେ ମନେକରନ୍ତି ଯେ,

[18] Stephen M. R. Covey. *The Speed of Trust: The One Thing That Changes Everything*. (New York: Free Press, 2006) ।

ସେମାନେ ଅଧିକ ପାଇବାର ଯୋଗ୍ୟ ଅଟନ୍ତି । କେତେକ ଲୋକ ଧନୀ ବ୍ୟକ୍ତିମାନଙ୍କଠାରୁ ବିଶେଷକରି ଧନୀ ବିଦେଶୀମାନଙ୍କଠାରୁ ଚୋରି କରନ୍ତି । କିଛି ଲୋକ ଭିନ୍ନ ଜାତିଗତ ଗୋଷ୍ଠୀ କିମ୍ବା ସାମାଜିକ ଶ୍ରେଣୀର ଲୋକଙ୍କ ସହିତ ଅନୁଚିତ କାରବାର କରନ୍ତି ।

ଯୀଶୁ କହିଲେ, ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର (ମାର୍କ ୧୨:୩୧) । ଧ୍ୟାନ ଦିଅନ୍ତୁ, ଜଣେ ଶାସ୍ତ୍ରୀ ଯୀଶୁଙ୍କୁ ପ୍ରଶ୍ନ କଲେ, "ତେବେ ମୋର ପ୍ରତିବାସୀ କିଏ ?" (ଲୂକ ୧୦:୨୯) । ଶାସ୍ତ୍ରୀ ଜଣକ ଚାହୁଁଥିଲେ ଯେ, ଯୀଶୁ କେଉଁ ପ୍ରକାରର ଲୋକଙ୍କୁ ପ୍ରେମ କରିବା ଉଚିତ୍ ତାହା ନିର୍ଦ୍ଦିଷ୍ଟ କରନ୍ତୁ, ତେଣୁ ଯୀଶୁ ଉତ୍ତମ ଶମିରୋଣୀୟ କାହାଣୀ କହିଲେ (ଲୂକ ୧୦:୩୦-୩୭) । କାହାଣୀଟି ପ୍ରଥମ ଥର ପାଇଁ ସାକ୍ଷାତ ହୋଇଥିବା ଭିନ୍ନ ଜାତିର ଦୁଇଜଣ ବ୍ୟକ୍ତିଙ୍କ ବିଷୟରେ । ସେମାନଙ୍କର କୌଣସି ପୂର୍ବ ସମ୍ପର୍କ ନ ଥିଲା, ଏବଂ ସେମାନଙ୍କ ଜାତିଗତ ଗୋଷ୍ଠୀ ମଧ୍ୟରେ ଦ୍ୱନ୍ଦ ଥିଲା । ଶମିରୋଣୀୟ ଜଣକ ମୁମୂର୍ଷୁ ବ୍ୟକ୍ତିଙ୍କୁ ସାହାଯ୍ୟ କରିଥିଲେ, ଯଦିଓ ସେ କୌଣସି ସମ୍ପର୍କ ଦ୍ୱାରା ବାଧ୍ୟ ନ ଥିଲେ । ଏହି କାହାଣୀ ମାଧ୍ୟମରେ ଯୀଶୁ ଗୋଟିଏ କଥା କହିବାକୁ ଚାହାନ୍ତି - ଯେ, ଆମ ପ୍ରେମରୁ କୌଣସି ବ୍ୟକ୍ତିଙ୍କୁ ଦିଆଯିବା ଉଚିତ ନୁହେଁ ।

ଆମ ସଚ୍ଚୋଟତା କିଏ ପାଇବା ଉଚିତ୍ ତାହା ଆମେ ନିଷ୍ପତ୍ତି ନେବା ଉଚିତ ନୁହେଁ । କେବଳ ନିର୍ଦ୍ଦିଷ୍ଟ ଲୋକମାନଙ୍କ ପ୍ରତି ଆମେ ସଚ୍ଚୋଟ ରହିବା ଉଚିତ ନୁହେଁ । ଯଦିଓ ଆମେ ଭାବୁଛୁ ଯେ, ଆମର ଅବିଶ୍ୱସ୍ତତା ଦ୍ୱାରା ଜଣେ ବ୍ୟକ୍ତିର କ୍ଷତି ହେବ ନାହିଁ, ଆମେ ସଚ୍ଚୋଟ ହୋଇ ଈଶ୍ୱରଙ୍କୁ ଖୁସି କରିବାକୁ ଚାହୁଁ (ପ୍ରେରିତ ୨୪:୧୬, ମଧ୍ୟ ଦେଖନ୍ତୁ ଫିଲିପ୍ପୀୟ ୧:୧୦, ୨ କରିନ୍ଥୀୟ ୫:୯) ।

କେଉଁ ପ୍ରକାରର ବ୍ୟକ୍ତି ହେବାକୁ ଆପଣ ଚାହୁଁଛନ୍ତି ? ଆପଣ କେଉଁ ପ୍ରକାରର ବ୍ୟକ୍ତି ହେବାକୁ ଈଶ୍ୱର ଚାହାନ୍ତି ?

କେହି ଆପଣଙ୍କର ସୌଜନ୍ୟତା ପାଇବାର ଯୋଗ୍ୟ ନ ହୋଇପାରେ, କିନ୍ତୁ ଈଶ୍ୱର ଚାହାନ୍ତି ଯେ,ଆପଣ ଜଣେ ଭଦ୍ର ବ୍ୟକ୍ତି ହୁଅନ୍ତୁ । କେହି ଆପଣଙ୍କର ସଚ୍ଚୋଟତା ପାଇଁ ଯୋଗ୍ୟ ହୋଇ ନ ପାରେ କିନ୍ତୁ ଈଶ୍ୱର ଚାହାନ୍ତି ଆପଣ ଜଣେ ସଚ୍ଚୋଟ ବ୍ୟକ୍ତି ହୁଅନ୍ତୁ । କେହି ଆପଣଙ୍କର ପ୍ରେମ ପାଇବାର ଯୋଗ୍ୟ ହୋଇ ନ ପାରେ, କିନ୍ତୁ ଈଶ୍ୱର ଆପଣଙ୍କୁ ପ୍ରେମ କଲେ ଯେତେବେଳେ ଆପଣ ଯୋଗ୍ୟ ନ ଥିଲେ ଏବଂ ଆପଣ ଜଣେ ପ୍ରେମିକ ବ୍ୟକ୍ତି ହୁଅନ୍ତୁ ବୋଲି ଈଶ୍ୱରଙ୍କର ଇଚ୍ଛା ଅଟେ ।

► ଛାତ୍ରଛାତ୍ରୀମାନେ ଦଳ ନିମନ୍ତେ ୧ ପିତର ୨:୨୧-୨୩ ଏବଂ ୧ ପିତର ୩:୮-୧୨ ପାଠ କରନ୍ତୁ ।

ଅନ୍ୟମାନଙ୍କ ଚରିତ୍ର ଆପଣଙ୍କ ଚରିତ୍ରକୁ ନିର୍ଣ୍ଣୟ ନ କରୁ । ଜଣେ ବ୍ୟକ୍ତି ଆପଣଙ୍କୁ ମିଥ୍ୟା କହିପାରେ, କିନ୍ତୁ ଆପଣ ଜଣେ ମିଛୁଆ ହେବା ଉଚିତ ନୁହେଁ । ଜଣେ ବ୍ୟକ୍ତି ଆପଣଙ୍କଠାରୁ ଚୋରି କରିପାରେ, କିନ୍ତୁ ଆପଣ ଚୋର ହେବା ଉଚିତ ନୁହେଁ । ଜଣେ ବ୍ୟକ୍ତି ଆପଣଙ୍କ ପ୍ରତି ଅଭଦ୍ର ହୋଇପାରେ, କିନ୍ତୁ ଆପଣ ଜଣେ ସମ୍ମାନୀୟ ବ୍ୟକ୍ତି ହେବା ଉଚିତ ।

## ଜୀବନର ଦୃଷ୍ଟାନ୍ତଗୁଡ଼ିକ

ଏହି ବିଭାଗରେ ଆମେ ଯେଉଁ ଘଟଣାଗୁଡ଼ିକ ଦେଖିବା, ସେ ସବୁ ପ୍ରକୃତ ଅଟେ । ସେମାନଙ୍କର ନାମ କେବଳ ପରିବର୍ତ୍ତନ କରାଯାଇଛି । ଏହି ଦୃଷ୍ଟାନ୍ତଗୁଡ଼ିକରେ ଚୋରି କରିବା କିମ୍ବା ମିଥ୍ୟା କହିବା ଉଭୟ ଦେଖିବା ।

*ଶ୍ରେଣୀର ନେତା ଧ୍ୟାନ ଦିଅନ୍ତୁ : ପ୍ରତ୍ୟେକ ଉଦାହରଣରେ କ'ଣ ଘଟୁଛି, ଛାତ୍ରମାନେ ଯେପରି ବୁଝିପାରିବେ । ଏହି ଦୃଷ୍ଟାନ୍ତଗୁଡ଼ିକରେ କାର୍ଯ୍ୟଗୁଡ଼ିକ କାହିଁକି ଭୁଲ୍ ଅଟେ ଛାତ୍ରମାନେ ତାହା ବର୍ଣ୍ଣନା କରନ୍ତୁ ।*

୧) ଅଭିନାଶ ଏକ ଫ୍ୟାକ୍ଟ୍ରିରେ କାମ କରୁଥିଲା । ଅଧିକାଂଶ ସମୟରେ ସଫା କରିବା ସାମଗ୍ରୀ, ଉପକରଣଗୁଡ଼ିକ ଏବଂ ଛୋଟ ଛୋଟ ଜିନିଷଗୁଡ଼ିକ ନେଇ ଯାଉଥିଲା, କାରଣ ସେ ଜାଣୁଥିଲା ଯେ, ଫ୍ୟାକ୍ଟ୍ରି ସେଗୁଡ଼ିକୁ ବଦଳାଇ ପାରିବ ।

୨) ସମୀର ଏକ ବଡ଼ କମ୍ପାନୀର ଟ୍ରକ୍ ଡ୍ରାଇଭର ଥିଲା । ବେଳେବେଳେ ସେ ଟ୍ରକ ଚଳାଇବା ସମୟରେ ରାସ୍ତା କଡ଼ରେ ଏକ ସାଇନ୍ ବୋର୍ଡ଼ ଦେଖୁଥିଲା ଯେଉଁଥିରେ ଲେଖାଥିଲା, “ଆମେ ଡିଜେଲ୍ କିଣୁ” । ବେବେଳବେଳେ ସେ ସେହି ସ୍ଥାନରେ ଟ୍ରକ ରଖି ଟ୍ରକରୁ କିଛି ଡିଜେଲ୍ ବିକ୍ରୀ କରୁଥିଲା, ଜାଣୁଥିଲା ଯେ, ଅଳ୍ପ ତେଲ ବିକିବା ଦ୍ୱାରା କମ୍ପାନୀ ଜାଣିପାରିବ ନାହିଁ ।

୩) ରିନା ଯେଉଁଠାରେ କାମ କରୁଥିଲେ ତାଙ୍କୁ କମ୍ପ୍ୟୁଟର କିଣିବା ପାଇଁ ବିଶ୍ୱାସ କରାଯାଇଥିଲା । ସେ ଦୋକାନର ବିକ୍ରେତାଙ୍କୁ ଅଧିକ କ୍ରୟମୂଲ୍ୟ ଦର୍ଶାଇ ରସିଦ ଲେଖିବାକୁ ଲାଞ୍ଚ ଦେଇତିଲା ଯେପରି ସେ କିଛି ଟଙ୍କା ରଖିପାରିବ ।

୪) ସହରର ପାର୍କ ପାଖରେ ଜଣେ ବ୍ୟକ୍ତି ପୋଡ଼ି ଯାଇଥିବା ବଲ୍ବ ସବୁ ବିକ୍ରୟ କରୁଥିଲା । ଯେଉଁ ଲୋକମାନେ ତାହାକୁ କିଣୁ ଥିଲେ ସେମାନେ ଜାଣିଥିଲେ ଯେ, ସେଗୁଡ଼ିକ କାମ କରିବ ନାହିଁ । ସେଗୁଡ଼ିକ କିଣି ସେମାନେ ସେମାନଙ୍କ ଅଫିସ୍‌କୁ ନେଇଯାଆନ୍ତି ଯେଉଁଠାରେ ସେମାନେ ଭଲ ବଲ୍ବ ଚୋରି କରି ଏହି ଖରାପ ବଲ୍ବକୁ ବଦଳାଇ ଥାଆନ୍ତି ।

୫) ପ୍ରବୀଣ ଜଣେ ସ୍କୁଲ୍ ପ୍ରିନ୍ସିପାଲ ଥିଲେ । ଦିନେ ଜଣେ ଛାତ୍ରର ପିତା ଆସି ତାଙ୍କୁ ଦାବି କଲେ ଯେ ଆଲ୍‌ଜେବ୍ରା ବିଷୟରେ ତାଙ୍କ ପୁଅର ଭଲ ନମ୍ବର ଦରକାର । ପ୍ରବୀଣଙ୍କୁ ସେ ଟଙ୍କା ଦେଲେ । ପ୍ରବୀଣ ଆଲ୍‌ଜେବ୍ରା ଶିକ୍ଷକଙ୍କୁ ସେହି ଛାତ୍ରକୁ ଭଲ ନମ୍ବର ଦେବାକୁ ଆଦେଶ ଦେଲେ ।

୬) ରାହୁଲ - ଏକ ବିଶ୍ୱବିଦ୍ୟାଳୟର ପ୍ରଫେସର ଥିଲେ । ତାଙ୍କ ଦରମା ଖୁବ୍ ଅଳ୍ପ ଥିଲା । ସେ ଛାତ୍ରମାନଙ୍କୁ କହିଲେ, ଯେ, ପରୀକ୍ଷା ଅତି କଠିନ ହେବ । କୌଣସି ଛାତ୍ର ପାସ୍ କରିପାରିବେ ନାହିଁ, ଉତ୍ତର କାଗଜ ନ କିଣିବା ପର୍ଯ୍ୟନ୍ତ ।

୭) ଆଶିଷ - ସରକାରୀ ସ୍କୁଲ୍‌ର ପ୍ରିନ୍ସିପାଲ ଥିଲେ । ତାଙ୍କ ବନ୍ଧୁ ସିଧାର୍ଥ ଏକ ମିଶନରେ କାର୍ଯ୍ୟ କରୁଥିଲେ, ଦିନେ ଆସି ପଚାରିଲେ ସ୍କୁଲ୍‌ର କିଛି ରୁମ୍ ମିଶନ୍‌କୁ ଭଡ଼ାରେ ଲଗାଇବା ପାଇଁ । ଆଶିଷ ଟଙ୍କା ବିଷୟରେ କହିଲେ ଏବଂ ସିଧାର୍ଥ ପ୍ରତି ମାସରେ ଆଶିଷ ପାଇଁ ଟଙ୍କା ଆଣୁଥିଲେ । ଆଶିଷ ସେହି ଟଙ୍କା ନିଜ ପାଖରେ ରଖିଲେ ଓ କାହାକୁ ଜଣାଇଲେ ନାହିଁ ।

୮) ସିଧାର୍ଥ ଏକ ମିଶନ୍‌ରେ କାର୍ଯ୍ୟ କରୁଥିଲେ ଯାହାକୁ ଶ୍ରେଣୀଗୃହ ପାଇଁ କିଛି ସ୍ଥାନ ଭଡା ନେବାକୁ ପଡିଲା । ସେହି ମିଶନ କ୍ଲାସ୍‌ରୁମ ପାଇଁ ଭଡ଼ାରେ ଘର ଖୋଜୁଥିଲେ । ସିଧାର୍ଥ ତାଙ୍କ ବନ୍ଧୁ ଆଶିଷ ପାଖକୁ ଗଲେ ଯିଏ ଏକ ସ୍କୁଲ୍‌ର ପ୍ରିନ୍ସିପାଲ ଥିଲେ । ସେମାନେ ଭଡ଼ା ଟଙ୍କାରେ ଏକମତ ହେଲେ, ତା'ପରେ ସିଦ୍ଧାର୍ଥ ତାଙ୍କ ମିଶନକୁ ରାଜି ହୋଇଥିବା ଟଙ୍କାଠାରୁ ଅଧିକ କହିଲେ । ପ୍ରତିମାସ ସିଦ୍ଧାର୍ଥ ଆଶିଷଙ୍କୁ ଟଙ୍କା ଦେଉଥିଲେ କିନ୍ତୁ ଅତିରିକ୍ତ ଟଙ୍କା ନିଜ ପାଖରେ ରଖୁଥିଲେ ।

୯) ଆଲୋକ ଏକ ମନ୍ତ୍ରଣାଳୟରେ ପାଇଁ କାମ କରୁଥିଲେ ଯାହାକୁ ଏକ ନୂତନ କୋଠା ଆବଶ୍ୟକ ଥିଲା । ଆଲୋକକୁ ସେମାନଙ୍କ ପାଇଁ ନିର୍ମାଣ କରିବା ପାଇଁ ଏକ ନିର୍ମାଣ କମ୍ପାନୀ ଖୋଜିବାକୁ କହିଲେ । ଆଲୋକ ଅନେକଗୁଡ଼ିଏ ଘର ତିଆରି କମ୍ପାନୀମାନଙ୍କ ସହିତ କଥା ହେଲେ । ସର୍ବୋତ୍ତମ ମୂଲ୍ୟ ଦେଉଥିବା କମ୍ପାନୀକୁ ବାଛିବା ପରିବର୍ତ୍ତେ, ସେ ଏପରି ଏକ କମ୍ପାନୀକୁ ବାଛିଲେ ଯିଏ ତାଙ୍କୁ ସେବାକାର୍ଯ୍ୟାଳୟରୁ ମିଳୁଥିବା କିଛି ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲା ।

୧୦) ତବିଶ - ତାଙ୍କ କାର୍ ପାଇଁ ଲାଇସନ୍ସେ ଆବଶ୍ୟକ କରୁଥିଲେ, କିନ୍ତୁ ସେ ଜାଣିଥିଲେ ଯେ, ତାଙ୍କ କାର୍ ଇନ୍ସପେକସନ୍‌ରେ ପାସ୍ ହେବ ନାହିଁ କାରଣ ଗାଡ଼ି ଲାଇଟ କାମ କରୁ ନ ଥିଲା । ସେ ତାଙ୍କ କାର୍‌କୁ ଲାଇସେନ୍ସ ଡିପୋର୍ଟମେଣ୍ଟକୁ ନେଇ ଗଲେ ଏବଂ ଦେଖିଲେ, ଯେ, ଲୋକମାନେ ସେମାନଙ୍କ ଗାଡ଼ିଗୁଡ଼ିକୁ ଇନ୍ସପେକ୍ସନ୍ କରାଇ ଲାଇସେନ୍ସ ପାଇବାକୁ ଲମ୍ବା ଧାଡ଼ିରେ ଠିଆ ହୋଇଛନ୍ତି । ଫାଟକ ପାଖରେ ତାଙ୍କୁ ଜଣେ କହିଲା କିଛି ଟଙ୍କା ଦେଲେ ତାଙ୍କ ଗାଡ଼ି ବିନା ଇନ୍ସପେକ୍ସନ୍‌ରେ ତୁରନ୍ତ ଲାଇସେନ୍ସ ପାଇପାରିବେ । ତବିଶ ତାକୁ କିଛି ଟଙ୍କା ଦେଲେ ଏବଂ ଶୀଘ୍ର ସେ ଲାଇସେନ୍ସ ନେଇ ଘରକୁ ଫେରିଗଲେ ।

୧୧) ଅନିକେତ ପାର୍କିଂ ସ୍ଥାନରୁ ତାଙ୍କ କାରକୁ ନେବା ପାଇଁ ଆସିଲେ । ପାର୍କିଂ ଦାୟିତ୍ୱରେ ଥିବା ବ୍ୟକ୍ତି ପାର୍କିଂର ମୂଲ୍ୟ କହିଲେ । ଅନିକେତ ପାର୍କିଂ ବ୍ୟକ୍ତିକୁ କମ୍ ଟଙ୍କା ଦେଲେ, କିନ୍ତୁ ପାର୍କିଂ ଟିକେଟ୍ ଅନ୍ୟ ଗ୍ରାହକଙ୍କୁ ଦେଇଦେବା ପାଇଁ କହିଲେ, ଯେପରି ଦେଇଥିବା ଟଙ୍କା ପାର୍କିଂ ବ୍ୟକତି ନିଜ ପାଖରେ ରଖିପାରିବେ ।

୧୨) ସନ୍ଧ୍ୟା ପରୀକ୍ଷା ପାଇଁ ଯଥେଷ୍ଟ ପଢ଼ି ନ ଥିଲା । ଯେତେବେଳେ ସେ କ୍ଲାସ୍‌କୁ ଗଲା, ସେ ଜଣେ ବନ୍ଧୁ ନିକଟରେ ବସିଲା ଯିଏ ଭଲ ଛାତ୍ର ଥିଲା, ଯେପରି ସେ ତା'ର ବନ୍ଧୁ ପାଖରୁ କପି କରିପାରିବ ।

୧୩) ସୁଭାଶିଷ ଏକ ବଡ଼ ସରକାରୀ ଫାର୍ମ ପାଇଁ ଲଙ୍ଗଳ ଟାଣି ଟ୍ରାକ୍‌ଟର ଚଳାଉଥିଲେ, ସେ ଶୀଘ୍ର ଶେଷ କରିବାକୁ ଇଚ୍ଛା କରୁଥିଲେ । ସେ ଲଙ୍ଗଳକୁ ଟିକେ ଉଠାଇ ଦେଲେ ଯେପରି ବେଶି ଗାତ ନ ହୁଏ ଏବଂ ଟ୍ରାକ୍‌ଟର ଚଳାଇବା ସହଜ ହୁଏ । ଜଣାଗଲା ଯେ, ଜମି ପ୍ରସ୍ତୁତ ହୋଇଗଲା କିନ୍ତୁ ଭଲ ଫସଲ ହେଲା ନାହିଁ, ଯେହେତୁ ଏହା ଗଭୀର ଭାବରେ ହଳ କରାଯାଇ ନ ଥିଲା ।

୧୪) ପାଳକ ଅଜୟ ଏକ ମଣ୍ଡଳୀରେ ପାଳକ ଦାୟିତ୍ୱ ନେବା ପାଇଁ ମିଶନ୍ ଦ୍ୱାରା ପ୍ରେରଣ କରାଗଲେ । ମିଶନ୍ ତାଙ୍କୁ ମାସିକ ଦରମା ପଠାଇଲେ । ଯେହେତୁ ପାଳକ ଅଜୟ ଚାହୁଁଥିଲେ ଯେ, ମଣ୍ଡଳୀ ମଧ୍ୟ ତାଙ୍କୁ ଦରମା ଦେଉ । ତେଣୁ ସେ ମଣ୍ଡଳୀ ଲୋକମାନଙ୍କୁ କହିଲେ ଯେ, ମିଶନ୍ ତାଙ୍କୁ କିଛି ସାହାଯ୍ୟ କରୁ ନାହିଁ ।

୧୫) ଜଣେ ଚୋର ସମିତା ଘରେ ପଶି ଟଙ୍କା ଚୋରି କରିନେଲା । ଯେତେବେଳେ ସେ ତା'ର ବନ୍ଧୁମାନଙ୍କୁ ଏ ବିଷୟରେ କହିଲା, ସେ କହିଲା ଯେ, ଚୋର ଅନ୍ୟ ଜିନିଷ ମଧ୍ୟ ଚୋରି କରି ନେଇଗଲା । ତା'ର ବନ୍ଧୁମାନେ ତା' ପ୍ରତି ସହାନୁଭୂତି ଦେଖାଇ ତାକୁ ଟଙ୍କା ସାହାଯ୍ୟ କଲେ ଯେପରି ସେ ପୁନର୍ବାର ଚୋରି ହୋଇଥିବା ଜିନିଷ କିଣିପାରେ ।

୧୬) ଦେବାଶିଷ ଏକ ଛୋଟ ଗ୍ରାମର ମୁଖିଆ ଥିଲେ । ସେ ମଧ୍ୟ ଗ୍ରାମ ମଣ୍ଡଳୀର ଜଣେ ନେତା ଥିଲେ । ତାଙ୍କର ଲୋକମାନେ ଶିକ୍ଷିତ ନ ଥିଲେ, ଗରୀବ ଥିଲେ କିନ୍ତୁ ଗ୍ରାମର ଅନେକ ଜମି ଥିଲା । ସହରର ବ୍ୟବସାୟୀମାନେ ଫାର୍ମ କରିବା ପାଇଁ ଜମି କିଣିବାକୁ କହିଲେ । ଦେବାଶିଷ ଗ୍ରାମର ସମସ୍ତ ଜମି ବିକ୍ରୀ କରି ସେହି ଟଙ୍କାରେ ସହରରେ ନିଜ ପାଇଁ ଗୃହ ନିର୍ମାଣ କଲେ ।

୧୭) ପ୍ରତି ବର୍ଷ ଫେୟାର୍‌ଫିଲ୍ଡ କମ୍ୟୁନିଟି ଚର୍ଚ୍ଚ ଜଣେ ମାଆଙ୍କୁ "ସେହି ବର୍ଷର ମାଆ" ବୋଲି ସମ୍ମାନ କରିବା ପାଇଁ ମନୋନୀତ କରନ୍ତି । ସେମାନେ ନିରୂପମାଙ୍କୁ ମନୋନୀତ କଲେ, ଏଥିପାଇଁ ନୁହେଁ ଯେ, ସେ ଜଣେ ଦୃଷ୍ଟାନ୍ତସ୍ୱରୂପ ମାଆ ଅଟନ୍ତି । କିନ୍ତୁ ସେମାନେ ତାଙ୍କୁ ଏଥିପାଇଁ ବାଛିଲେ, ଯେପରି ସେ ମଣ୍ଡଳୀକୁ ଦାନ ଦେଇପାରିବେ । ସେମାନେ ତାଙ୍କୁ ସମ୍ମାନ ଦେବା ଉତ୍ତାରେ ନିରୂପମା ମଣ୍ଡଳୀର ନୂଆ ଫାଟକ ପାଇଁ ମଣ୍ଡଳୀକୁ ଦାନ କଲେ । ପରବର୍ତ୍ତୀ ବର୍ଷରେ ସେମାନେ ନିରୂପମାକୁ "ସେହି ବର୍ଷର ମାଆ" ସମ୍ମାନ ଦେବା ପାଇଁ ନିଷ୍ପତ୍ତି ନେଲେ, ଯଦିଓ ସେ ଅନ୍ୟ ସହରକୁ ଚାଲିଯାଇଥିଲେ ।

୧୮) ଶିବରାମ ଏକ ସେବାକାର୍ଯ୍ୟାଳୟର ଜଣେ ଡ୍ରାଇଭର । ପ୍ରତ୍ୟେକ ସନ୍ଧ୍ୟାରେ ସେ ଗାଡ଼ିଟି ନେଇ ଏକ ସୁରକ୍ଷିତ ପାର୍କିଂ ସ୍ଥାନରେ ରଖିବାକୁ ନିଅନ୍ତି । ବେଳେବେଳେ ପାର୍କିଂ କରିବା ପୂର୍ବରୁ ସେ ଗାଡ଼ି ନେଇ ଯାତ୍ରୀ ନେଇଯାଆନ୍ତି କିମ୍ବା ଜିନିଷ ନେଇଯାଆନ୍ତି ନିଜ ଗ୍ରାହକମାନଙ୍କ ପାଇଁ ।

## ଅସାଧୁତାର ଜାତୀୟ ଦୁର୍ଦ୍ଦଶା

କାହାଣୀଟି କାଳ୍ପନିକ କିନ୍ତୁ ଅନେକ ସ୍ଥାନରେ ଯାହା ଘଟିଚି ତାହା ବର୍ଣ୍ଣନା କରେ ।

ବୋରୋଲ୍ ସହରର ବିଶ୍ୱାସୀମାନେ ଜାଣିବାକୁ ପାଇଲେ ଯେ, ପରବର୍ତ୍ତୀ ଦେଶର ଏକ ଅଞ୍ଚଳରେ ଥିବା ଏକ ବଡ଼ ସମ୍ପ୍ରଦୟ ଅଛି ଯେଉଁମାନେ ଦାରିଦ୍ର୍ୟତାରେ ବାସ କରୁଥିଲେ । ସେହି ଅଞ୍ଚଳର ଲୋକମାନେ ଏକ ଜନଜାତି ଯାହାକୁ (ଲ୍ୱାନିସ୍) ଏଲବାନୀଜ୍ ଜନଜାତି ବୋଲି କୁହାଯାଏ । ପିଢ଼ି ପିଢ଼ି ଧରି ଏଲ୍‌ବାନୀଜ୍ ଲୋକମାନେ ଡାକ୍ତରି ସୁବିଧା ଏବଂ ଶିକ୍ଷାର ସୁବିଧା ବିନା ଆଦିମ ଗୃହମାନଙ୍କରେ ବାସ କରୁଥିଲେ । ଅନେକଙ୍କଠାରେ ଯଥେଷ୍ଟ ଖାଦ୍ୟ ନ ଥିଲା ଏବଂ କେତେକ ଅନାହାରରେ ମରୁଥିଲେ ।

ବୋରୋଲ୍ ବିଶ୍ୱାସୀମାନେ ଏଲବାନୀଜ୍‌ମାନଙ୍କୁ ଟଙ୍କା ପ୍ରଦାନ କରି ସାହାଯ୍ୟ ଆରମ୍ଭ କଲେ । ସେମାନେ ଦାନ ସଂଗ୍ରହ କରିବା ପାଇଁ ଅନ୍ୟ ଅଞ୍ଚଳ ମଣ୍ଡଳୀମାନଙ୍କୁ ସେମାନଙ୍କର ପ୍ରତିନିଧିମାନଙ୍କୁ ପ୍ରେରଣ କଲେ ।

ବୋରୋଲ୍‌ର ବିଶ୍ୱାସୀମାନେ ଏଲ୍‌ବାନୀଜ୍‌ମାନଙ୍କ ପାଇଁ ଏକ ଟ୍ରକ୍ ଲୋଡ଼ କରି ଖାଦ୍ୟ ପଠାଇଲେ । ଏହି ଖାଦ୍ୟକୁ ବାଣ୍ଟିବା ପାଇଁ ସେମାନେ ଏଲ୍‌ବାନୀଜ୍ ମଣ୍ଡଳୀ ନେତାଙ୍କ ଉପରେ ନିର୍ଭର କଲେ ।

ଏହି ଏଲ୍‌ବାନୀଜ୍ ନେତାମାନେ ନିଜ ଲୋକମାନଙ୍କୁ ଖାଦ୍ୟ ବିକ୍ରୟ କରିବାକୁ ବଜାର ସ୍ଥାପନ କଲେ । କେବଳ ଟଙ୍କା ଥିବା ଲୋକମାନେ ଏହାକୁ କିଣିପାରିଲେ, ତେଣୁ ଭୋକରେ ଥିବା ଲୋକଙ୍କ ପାଖରେ ଏହା ପହଞ୍ଚି ନଥିଲା । ମଣ୍ଡଳୀ ନେତାମାନେ ଏବଂ ସେମାନଙ୍କର ବନ୍ଧୁମାନେ ନିଜ ପାଖରେ ଲାଭ ଟଙ୍କା ରଖିଲେ । ଏହି ଖାଦ୍ୟ ମଧ୍ୟରୁ ଅନ୍ୟ ଅଞ୍ଚଳକୁ ପଠାଗଲା ଯେପରି ଲୋକମାନେ ଅଧିକ ଟଙ୍କା ଦେଇ କିଣିପାରିବେ ।

ବୋରୋଲ୍ ବିଶ୍ୱାସୀମାନେ ଜିଦ୍ ଧରିଥିଲେ ଯେ, ଖାଦ୍ୟକୁ ଅଧିକ ଆବଶ୍ୟକ କରୁଥିବା ଲୋକଙ୍କୁ ମୁକ୍ତ ଭାବରେ ଦିଆଯିବା ଉଚିତ । ଏଲ୍‌ବାନୀଜ୍ ମଣ୍ଡଳୀ ନେତାମାନେ ବଣ୍ଟନ ପାଇଁ ଏକ ବଜେଟ୍ ପ୍ରସ୍ତୁତ କଲେ, ଯାହା ଡ୍ରାଇଭର ସହିତ ଟ୍ରକ୍ ଏବଂ ବଣ୍ଟନ କରିବା ନିମନ୍ତେ ଲୋକମାନଙ୍କର ମଜୁରୀ ଅନ୍ତର୍ଭୁକ୍ତ ଥିଲା । ସାଧାରଣ ମୂଲ୍ୟଠାରୁ ସେମାନେ ମୂଲ୍ୟ ଅଧିକ ସେଟ୍ କଲେ ଏବଂ ବଳକା ଟଙ୍କା ରଖିଲେ । ଯେତେବେଳେ ବୋରୋଲ୍ ବିଶ୍ୱାସୀମାନେ ଖର୍ଚ୍ଚର ବିବରଣୀ ଆବଶ୍ୟକ କଲେ, ଏଲ୍‌ବାନୀଜ୍‌ମାନେ ସେମାନଙ୍କୁ ମିଥ୍ୟା ବିବରଣୀ ଦେଲେ ।

ପ୍ରତ୍ୟେକ ଥର ବୋରଲ୍ ବିଶ୍ୱାସୀମାନେ ଅସାଧୁ କାର୍ଯ୍ୟକୁ ଜାଣିପାରିଲେ, ସେମାନେ ହତାଶ ଏବଂ ନିରାଶ ହେଲେ । ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସେମାନେ ଅନ୍ୟ ଏଲ୍‌ବାନୀଜ୍ ନେତାମାନଙ୍କୁ ଖୋଜି ବାହାର କଲେ, କିନ୍ତୁ ସମାନ ସମସ୍ୟା ଥିଲା । ଅଧିକାଂଶ ବୋରୋଲ୍ ବିଶ୍ୱାସୀମାନେ ଦାନ ଦେବା ବନ୍ଦ କରିଦେଲେ । କେତେ ଜଣ ଦାନ ଦେବା ଚାଲୁ ରଖିଲେ । ଏହି ବୋରୋଲ୍

ସାହାଯ୍ୟ ହେତୁ ଅତି ଶୀଘ୍ର କେତେକ ଏଲ୍‌ବାନୀଜ୍ ପାଳକଙ୍କ ପାଖରେ ଗାଡ଼ି ଏବଂ ସୁନ୍ଦର ଘର ହେଲା । ଅନ୍ୟ ପାଳକମାନେ ସେମାନଙ୍କୁ ଈର୍ଷା କରି ବୋରୋଲ୍ ପ୍ରଦାନକାରୀଙ୍କ ସହିତ ଯୋଗା ଯୋଗ ପାଇଁ ଇଚ୍ଛା କଲେ । ଅପହଞ୍ଚ ଅଞ୍ଚଳରେ ଭୋକରେ ଥିବା ଅଧିକାଂଶ ଲୋକମାନେ କଦାପି ସାହାଯ୍ୟ ପାଇଲେ ନାହିଁ ।

## ଏକ ଶେଷ ଉଦାହରଣ

ୱାରେନ୍ ବଫେଟ୍ ବର୍କସାୟାରର ହାଥୋହୀ ନାମକ ଏକ କମ୍ପାନୀର ଜଣେ ସିଇଓ ଥିଲେ । ସେ ଏକ କମ୍ପାନୀ କିଣିବା ପାଇଁ ଇଚ୍ଛା କଲେ ଯାହାର ନାମ ଥିଲା ମାକ୍‌ଲେନ୍ ଡିଷ୍ଟ୍ରିବ୍ୟୁସନ୍ ଏବଂ ତା'ର ମାଲିକ ୱାଲ୍‌ମାର୍ଟ । ତା'ର କିଣା ମୂଲ୍ୟ ଥିଲା ୨୩ କୋଟି ଡଲାର୍ । ସାଧାରଣତଃ ଏହି କ୍ରୟ ମାସ ମାସ ଧରି ପରିଦର୍ଶନ ଆବଶ୍ୟକ କରୁଥିଲା, ଯେପରି କ୍ରେତା ସବୁ ବିଷୟକୁ ଯାଞ୍ଚ କରିପାରନ୍ତି । ବଫେଟ୍ ୱାଲମାର୍ଟର ନେତାମାନଙ୍କୁ ସାକ୍ଷାତ କଲେ ଏବଂ ଗୋଟିଏ ମିଟିଙ୍ଗରେ ଚୁକ୍ତି କଲେ । ସମ୍ପତ୍ତି ଏବଂ ଅନ୍ୟାନ୍ୟ ଦରକାରୀ ସମ୍ପତ୍ତି ଠିକ୍ ଅଛି ବୋଲି ନିଶ୍ଚିତ କରିବାକୁ ସେ କାହାକୁ ପଠାଇ ନ ଥିଲେ । ପରେ ସେ କହିଲେ, "ଆମେ ଜାଣିଥିଲୁ ଯେ, ସବୁକିଛି ଠିକ୍ ସେହିପରି ହେବ ଯେପରି ୱାଲ୍‌ମାର୍ଟ କହିଥିଲା ଏବଂ ଏହା ହିଁ ହୋଇଥିଲା" । ନେତାମାନେ ପରସ୍ପର ଉପରେ ବିଶ୍ୱାସ କରିଥିବାରୁ ଏହି ବିଶାଳ ଚୁକ୍ତି ଶୀଘ୍ର ସମାପ୍ତ ହୋଇଥିଲା ।[19]

ପୂର୍ବ ଉଦାହରଣରେ ଲୋକମାନଙ୍କୁ ବର୍ଣ୍ଣନା କରାଯାଇଥିବା ବିଷୟରେ ବର୍ତ୍ତମାନ ଭାବନ୍ତୁ । ସେମାନଙ୍କ ମଧ୍ୟରୁ କେହି ଏପରି ଚୁକ୍ତି କରିପାରିବେ ନାହିଁ, କାରଣ ସେମାନେ ବିଶ୍ୱସ୍ତ ନୁହଁନ୍ତି । ସବୁକିଛି ଯାଞ୍ଚ କରିବାକୁ ପଡ଼ିବ, ଯାହା ପାଇଁ ବହୁତ ସମୟ ଏବଂ ଖର୍ଚ୍ଚର ଆବଶ୍ୟକ ହେବ ।

## ଦଳଗତ ଆଲୋଚନା ନିମନ୍ତେ

► ଆପଣଙ୍କ ସଂସ୍କୃତିରେ କେଉଁ ଅସଚ୍ଚୋଟ ଅଭ୍ୟାସକୁ ଏଡାଇବା ଲୋକଙ୍କ ପାଇଁ କଷ୍ଟକର

► ଅପଣ କରୁଥିବା କେଉଁ ବିଷୟଗୁଡ଼ିକୁ ପରିବର୍ତ୍ତନ କରିବା ଆବଶ୍ୟକ?

---

[19] Stephen M. R. Covey. *The Speed of Trust: The One Thing That Changes Everything*. (New York: Free Press, 2006), ୧୫

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା,

ଧାର୍ମିକତା ଏବଂ ସତ୍ୟର ପରମେଶ୍ୱର ହୋଇଥିବାରୁ ଆମେ ତୁମର ପ୍ରଶଂସା କରୁଅଛୁ । ଆମ ସହିତ ଆପଣଙ୍କ ବ୍ୟବହାରରେ ସର୍ବଦା ସତ୍ୟବାଦୀ ରହିଥିବା ହେତୁ ଆମେ ଆପଣଙ୍କୁ ଧନ୍ୟବାଦ ଜ୍ଞାପନ କରୁଛୁ ।

ଆମ ପାଇଁ ତୁମ ସଚ୍ଚୋଟତାର ମାନଦଣ୍ଡ ଅନୁସରଣ କରିବାକୁ ଆମକୁ ସାହାଯ୍ୟ କର । ଆମେ ଯାହା କହୁଛୁ ଏବଂ କରୁଛୁ, ସବୁଥିରେ ସଚ୍ଚୋଟତାର ନୀତିଗୁଡ଼ିକୁ ପ୍ରୟୋଗ କରିବାରେ ଆମକୁ ସାହାଯ୍ୟ କର ।

ଆମକୁ ଯୋଗାଇବା ଏବଂ ମାର୍ଗଦର୍ଶନ କରିବା ପାଇଁ ଆମ ପିତା ହୋଇଥିବାରୁ ଆପଣଙ୍କୁ ଧନ୍ୟବାଦ ଦେଉଛୁ । ଆମର ଯତ୍ନ ନେବାକୁ ଆମେ ଆପଣଙ୍କ ଉପରେ ବିଶ୍ୱାସ କରିବାକୁ ଚାହୁଁଛୁ ।

ଆମେନ୍

## ପାଠ ୧୦ - ଦିଆଯାଇଥିବା କାର୍ଯ୍ୟ

(୧) ନିମ୍ନଲିଖିତ ପ୍ରତ୍ୟେକଟି ବିଷୟରେ ଏକ ଅନୁଚ୍ଛେଦ ଲେଖ :

- ଈଶ୍ୱରଙ୍କ ଚରିତ୍ର (ସତ୍ୟ) ଏବଂ ଆମ ପାଇଁ ଈଶ୍ୱରଙ୍କ ମାନଦଣ୍ଡ (ସଚ୍ଚୋଟତା) ମଧ୍ୟରେ ସମ୍ପର୍କ ବ୍ୟାଖ୍ୟା କରନ୍ତୁ । ଆମେ କହୁଛୁ ଏବଂ ଆମର ସମସ୍ତ କାର୍ଯ୍ୟରେ ସଚ୍ଚୋଟ ହେବା ପାଇଁ କାହିଁ ଈଶ୍ୱର ଚାହାନ୍ତି, ତାହା ବର୍ଣ୍ଣନା କରନ୍ତୁ ।
- ସଚ୍ଚୋଟତା ବିଷୟରେ ବାଇବଲ କ'ଣ କହେ, ସଂକ୍ଷେପରେ ଲେଖ । ଅତି କମ୍‌ରେ ତିନୋଟି ଶାସ୍ତ୍ରାଂଶ ଆପଣଙ୍କ ସାରାଂଶରେ ଉଲ୍ଲେଖ କର ।
- ଅନ୍ୟମାନଙ୍କ ସହିତ ଆମର ସମ୍ପର୍କକୁ ଅସଚ୍ଚୋଟତା/ସଚ୍ଚୋଟତା ପ୍ରଭାବିତ କରିବାର ଅତି କମ୍‌ରେ ଚାରୋଟି ଉପାୟ ବର୍ଣ୍ଣନା କର ।

(୨) ସଚ୍ଚୋଟତା ବିଷୟରେ ଏକ ବାଇବଲ ସମ୍ବନ୍ଧୀୟ ଉପସ୍ଥାପନା ପ୍ରସ୍ତୁତ କରନ୍ତୁ ଯାହା ଆପଣ ଆପଣଙ୍କ ସଂସ୍କୃତିର କିଛି ଲୋକଙ୍କ ସହିତ ବାଣ୍ଟିପାରିବେ । ପରମେଶ୍ୱରଙ୍କ ମାନଦଣ୍ଡ ପାଇଁ ଏକ ବାଇବଲ ଆଧାର ଦିଅନ୍ତୁ । ତା'ପରେ ଏହାକୁ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ପ୍ରୟୋଗ କରନ୍ତୁ ।

# ପାଠ - ୧୧

# ମାନବିକ ମୂଲ୍ୟବୋଧ

## ପାଠ୍ୟକ୍ରମର ଉଦ୍ଦେଶ୍ୟ

ଏହି ପାଠର ଶେଷ ସୁଦ୍ଧା ଛାତ୍ର ଛାତ୍ରୀମାନେ ଯେପରି :

(୧) ବିଶ୍ୱାସ କରିପାରିବ ଯେ, ପ୍ରତ୍ୟେକ ବ୍ୟକ୍ତି ମୂଲ୍ୟବାନ ଅଟନ୍ତି ଏବଂ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ହୋଇଥିବାରୁ ସମ୍ମାନ ପାଇବାର ଯୋଗ୍ୟ ଅଟନ୍ତି ।

(୨) ତାଙ୍କ ଅଞ୍ଚଳରେ ଦୁର୍ବ୍ୟବହାରର ଶୀକାର ହେଉଥିବା ଲୋକଙ୍କ ପାଇଁ ନ୍ୟାୟ ଏବଂ ଦୟା ପ୍ରଦର୍ଶନ କରିବାର ଦାୟିତ୍ୱ ନେଇପାରିବେ ।

(୩) ଯେକୌଣସି ପରିସ୍ଥିତି ହେଉନା କାହିଁକି, ସମସ୍ତ ଲୋକଙ୍କୁ ସମ୍ମାନର ସହିତ ବ୍ୟବହାର କରିବାକୁ ପ୍ରତିବଦ୍ଧ ହେବେ ।

## Dale Carnegie (ଡେଲ୍ କର୍ନେଗି), ଜଣେ ବ୍ୟକ୍ତି ଯିଏ ଲୋକମାନଙ୍କୁ ମୂଲ୍ୟ ଦେଉଥିଲେ ।

Dale Carnegie (ଡେଲ୍ କର୍ନେଗି) ତାଙ୍କର ପୁସ୍ତକ ପାଇଁ ପ୍ରସିଦ୍ଧ ଥିଲେ *How to Win Friends and Influence People* (*କିପରି ବନ୍ଧୁମାନଙ୍କୁ ଜିତିବେ, ଏବଂ ଲୋକଙ୍କୁ ପ୍ରଭାବିତ କରିବେ*) । ସେ ବିଶ୍ୱାସ କରୁଥିଲେ ଯେ, ସମସ୍ତ ଲୋକ ଧ୍ୟାନ ଏବଂ ସମ୍ମାନ ପାଇବାକୁ ଯୋଗ୍ୟ ଅଟନ୍ତି, କାରଣ ମନୁଷ୍ୟ ହୋଇଥିବାରୁ ସ୍ୱାଭାବିକ ଭାବରେ ସେମାନେ ମୂଲ୍ୟବାନ ଅଟନ୍ତି । ଡେଲ୍ କର୍ନେଗି ପ୍ରତିଷ୍ଠାନ ତାଙ୍କ ନୀତିଗୁଡ଼ିକୁ ଶିକ୍ଷା ଦେବା ପାଇଁ ପ୍ରତିଷ୍ଠିତ ହୋଇଥିଲା ।

ଥରେ ଡେଲ୍ କର୍ନେଗି ପ୍ରତିଷ୍ଠାନ ବ୍ୟବସାୟ ବୃତ୍ତିଗତଙ୍କ ପାଇଁ ଏକ ସନ୍ଧ୍ୟାକାଳୀନ ଶ୍ରେଣୀ ପାଠ ପଢ଼ାଉଥିଲେ, ସେମାନଙ୍କୁ କିପରି ବନ୍ଧୁତ୍ୱପୂର୍ଣ୍ଣ ହେବାକୁ ହେବ ଏବଂ ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ କରାଇବାକୁ ଶିଖାଉଥିଲେ । ଯେତେବେଳେ ଛାତ୍ରମାନେ ପରୀକ୍ଷା ଦେଉଥିଲେ ସେମାନେ ଗୋଟିଏ ପ୍ରଶ୍ନ ଦ୍ୱାରା ଆଶ୍ଚର୍ଯ୍ୟ ହେଲେ । ଅନପେକ୍ଷିତ ପ୍ରଶ୍ନଟି ଥିଲା, "ଯେତେବେଳେ ତୁମେ କ୍ଲାସ୍ ସାରି ଚାଲିଯାଅ ଯେଉଁ ମହିଳା ଜଣକ ଲପି ପୋଛି ପରିଷ୍କାର କରେ ତାଙ୍କ ନାମ କ'ଣ ?" ଛାତ୍ରମାନେ କ୍ଲାସ୍ ସାରି ଯେତେବେଳେ ଘରକୁ ଯାଆନ୍ତି ଅନେକ ଥର ତାଙ୍କ ପାଖ ଦେଇ ଯାଇଥାନ୍ତି, କିନ୍ତୁ ସେମାନେ ତାଙ୍କୁ ଧ୍ୟାନ ଦେବା ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ମନେ କରି ନ ଥିଲେ, ଯଦିଓ ସେମାନେ, କିପରି ବନ୍ଧୁତ୍ୱପୂର୍ଣ୍ଣ ହେବେ ଏବଂ ସମ୍ପର୍କ ସ୍ଥାପନ କରିବେ ସେ ବିଷୟ ସାରି ଏକ ଶ୍ରେଣୀରୁ ଫେରୁଥିଲେ ।

ସେମାନେ ମନେ କରୁଥିଲେ ଯେ, ସେମାନେ କେବଳ ସେମାନଙ୍କର ନୂତନ କୌଶଳ ଗୁରୁତ୍ୱପୂର୍ଣ୍ଣ ଲୋକମାନଙ୍କ ସହିତ ବ୍ୟବହାର କରିବେ ।

## ମାନବିକତାର ଖ୍ରୀଷ୍ଟିୟାନ ମୂଲ୍ୟବୋଧ

ପ୍ରତ୍ୟେକ ମନୁଷ୍ୟ ଯେଉଁମାନେ ସେମାନଙ୍କର ବିଶ୍ୱାସ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ସ୍ଥାପନ କରିଛନ୍ତି ସେମାନେ ଏକ ଶରୀର ସଦସ୍ୟ ଅଟନ୍ତି - ଖ୍ରୀଷ୍ଟଙ୍କ ଶରୀର : "ଯିହୁଦୀ କି ଗ୍ରୀକ୍, ଦାସ କି ସ୍ୱାଧୀନ, ପୁରୁଷ କି ସ୍ତ୍ରୀ, ତୁମ୍ଭମାନଙ୍କ ମଧ୍ୟରେ କିଛିର ହିଁ ପ୍ରଭେଦ ନାହିଁ, କାରଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ତୁମ୍ଭେମାନେ ଏକ" (ଗାଲାତୀୟ ୩:୨୮) ।

ଲୂକଙ୍କ ସୁସମାଚାର ଏକ ବାର୍ତ୍ତାଳାପ ବିଷୟରେ କହେ, ଯେତେବେଳେ ଯୀଶୁ ଆଜ୍ଞାଗୁଡ଼ିକୁ ଉଦ୍ଧୃତ କରିଥିଲେ, "ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର ।'' ଜଣେ ବ୍ୟବସ୍ଥାଶାସ୍ତ୍ରଜ୍ଞ ତାହାଙ୍କୁ ପଚାରିଲେ "ତେବେ ମୋର ପ୍ରତିବାସୀ କିଏ ?'' (ଲୂକ ୧୦:୨୯) । ପ୍ରଶ୍ନଟି ଗୁରୁତ୍ୱପୂର୍ଣ୍ଣ ଥିଲା କାରଣ ବ୍ୟବସ୍ଥାଶାସ୍ତ୍ରଜ୍ଞ ମନେ କରୁଥିଲେ ଯେ, ସେ କାହାକୁ ପ୍ରେମ କରିବା ଦରକାର ନାହିଁ । ସେ ଭାବୁଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ଦଳକୁ ପ୍ରେମ କରିବା ପାଇଁ ଏହି ଆଜ୍ଞା ଅଟେ ।

ସମସ୍ତ ସଂସ୍କୃତିର ଲୋକଙ୍କର ନୈତିକତା ସମାନ ଅଟେ । ସେମାନେ ଜାଣନ୍ତି ଯେ, ଚୋରି, ହତ୍ୟା ଏବଂ ଅତ୍ୟାଚାର ଭୁଲ୍ ଅଟେ । ତଥାପି ସେମାନେ ଭାବନ୍ତି ନାହିଁ ଯେ, ସମସ୍ତେ ସେମାନେ ନ୍ୟାୟପୂର୍ଣ୍ଣ ବ୍ୟବହାର ପାଇବାକୁ ଯୋଗ୍ୟ । ହୁଏତ ସେମାନେ ତାଙ୍କ ବନ୍ଧୁଙ୍କ ପାଖରୁ ଚୋରି କରି ନ ପାରନ୍ତି କି ସେମାନେ ଜଣେ ଅଜଣା ବ୍ୟକ୍ତିଠାରୁ ଚୋରୀ କରିପରିବେ । ହୁଏତ ସେମାନେ ତାଙ୍କ ଜାତିର ଲୋକଙ୍କୁ ହତ୍ୟା କରି ନ ପାରନ୍ତି, କିନ୍ତୁ ସେମାନେ ଜଣେ ବିଦେଶୀକୁ ହତ୍ୟ କରିପାରିବେ । ହୁଏତ ସେମାନେ ନିଜର ପରିଜନଙ୍କୁ ଅତ୍ୟାଚାର କରି ନ ପାରନ୍ତି, କିନ୍ତୁ ସେମାନେ ଅବହେଳିତ/ନିଚ୍ଚଜାତିର ଲୋକଙ୍କୁ ଅତ୍ୟାଚାର କରିପାରିବେ ।

ଖ୍ରୀଷ୍ଟଙ୍କ ଅନୁଗାମୀମନେ ବିଶ୍ୱାସ କରନ୍ତି ଯେ, ପ୍ରତ୍ୟେକ ମନୁଷ୍ୟ ଅସୀମ ମୂଲ୍ୟ ସହିତ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଛନ୍ତି ।

ଯେତେବେଳେ ଜଣେ ଦୂତ ମନୁଷ୍ୟମାନଙ୍କ ପ୍ରତି ଉଭା ଉପସ୍ଥିତ ହୁଅନ୍ତି, ଯେପରି ଶାସ୍ତ୍ରରେ ଲେଖାଅଛି, ତାଙ୍କର ପ୍ରଥମ ବାକ୍ୟହେଉଛି, "ଭୟ କର ନାହିଁ'', କାରଣ ତାଙ୍କର ଉପସ୍ଥିତି ଅଦ୍ଭୁତ ଏବଂ ଆଶ୍ଚର୍ଯ୍ୟ ଜନକ ଥାଏ । ଅନେକ ସମୟରେ ଲୋକମାନେ

ସେମାନଙ୍କ ସମ୍ମୁଖରେ ପୂଜା ଉପାସନା କରିବାକୁ ପଡ଼ିଯାଆନ୍ତି ।[20] କିନ୍ତୁ ଦୂତମାନଙ୍କଠାରୁ ମନୁଷ୍ୟମାନଙ୍କର ମୂଲ୍ୟ ଅଧିକ ଅଟେ (୧ କରିନ୍ଥୀୟ ୬:୩) ।

ଆପଣ ହୁଏତ ଜଣେ ବ୍ୟକ୍ତିଙ୍କୁ ସାକ୍ଷାତ କରିପାରନ୍ତି ଯିଏ ନିମ୍ନ ଶ୍ରେଣୀର ଭିକାରୀ ହୋଇଥିବ, ଅଶିକ୍ଷିତ, ଅଜ୍ଞାନୀ, ମନ୍ଦ ଚରିତ୍ର, କୌଶଳର ଅଭାବ, ପ୍ରଭାବହୀନ, ଘୃଣ୍ୟ ଚେହେରା ଏବଂ ଏକ ଘୃଣ୍ୟ ବ୍ୟକ୍ତିତ୍ୱ ଥାଇପାରେ, ତଥାପି ସେ ଅନନ୍ତ ଫଳାଫଳ ସହିତ ନିଷ୍ପତ୍ତି ନିଅନ୍ତି । ଯଦି ତାଙ୍କୁ ପରମେଶ୍ୱର ମୁକ୍ତ କରନ୍ତି, ତେବେ ସେ ପୃଥିବୀରେ ଆମେ ଦେଖିଥିବା ଯେକୌଣସି ପ୍ରାଣୀ ଅପେକ୍ଷା ମହାନ ହୋଇଯିବେ ।[21] ତେଣୁ ସେ ସମ୍ମାନ ପାଇବାର ଯୋଗ୍ୟ ।

► ଜଣେ ଛାତ୍ର ଗାଲାତୀୟ ୩:୨୮ ଦଳ ପାଇଁ ପାଠ କରିବେ ।

ଏହି ପଦଟି ତିନୋଟି ଉପାୟରେ ଉଲ୍ଲେଖ କରିଛି ଯେ, ଲୋକମାନେ ପ୍ରାୟତଃ ବର୍ଗୀକୃତ ହୁଅନ୍ତି - ଜାତିଗତ, ସାମାଜିକ ଶ୍ରେଣୀ ଏବଂ ଲିଙ୍ଗ । ସାମାଜିକ ଶ୍ରେଣୀ ଅର୍ଥନୈତିକ ସ୍ତରରେ ଅନ୍ତର୍ଭୁକ୍ତ । ଆମେ ବୟସ, ଶିକ୍ଷାଗତ ସ୍ତର ଏବଂ ଦକ୍ଷତା ଭଳି ଅନ୍ୟାନ୍ୟ ବର୍ଗୀକରଣ ଯୋଡ଼ି ପାରିବା । ଏହି ବର୍ଗୀକରଣଗୁଡ଼ିକ ମଧ୍ୟରୁ କୌଣସିଟି ଈଶ୍ୱରଙ୍କ ବ୍ୟକ୍ତିତ୍ୱର ମୂଲ୍ୟକୁ ପ୍ରଭାବିତ କରେ ନାହିଁ ।

► ଅନ୍ୟ ଲୋକଙ୍କ ଅପେକ୍ଷା କେହି ଜଣେ ଅଧିକ ମୂଲ୍ୟବାନ ହୋଇପାରେ କି? ବର୍ଣ୍ଣନା କର ।

ଉଚ୍ଚ ବୁଦ୍ଧିମତା, ଶିକ୍ଷା, ଦକ୍ଷତା, ଶାରୀରିକ ଶକ୍ତି, ନେତୃତ୍ୱ ଅଭିଜ୍ଞତା, କିମ୍ବା ଟଙ୍କା ଥିବା ଜଣେ ବ୍ୟକ୍ତି ନିର୍ଦ୍ଦିଷ୍ଟ କାର୍ଯ୍ୟ *ହାସଲ କରିବା ପାଇଁ ଅଧିକ ମୂଲ୍ୟବାନ ଅଟନ୍ତି* । ତଥାପି ସେହି ବୈଶିଷ୍ଟ୍ୟଗୁଡ଼ିକ ଯୋଗୁଁ ଜଣେ ବ୍ୟକ୍ତିକୁ *ମନୁଷ୍ୟ*ଭାବରେ ଅଧିକ ମୂଲ୍ୟବାନ ଭାବିବା ଭୁଲ୍ ଅଟେ । ସେହି ବୈଶିଷ୍ଟ୍ୟଗୁଡ଼ିକର ବ୍ୟବହାରିକ ମୂଲ୍ୟ ଅଛି । କିନ୍ତୁ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ମାନବତାର ଅତ୍ୟାବଶ୍ୟକ ପ୍ରକୃତିର ଅସୀମ ଏବଂ ଅନନ୍ତ ମୂଲ୍ୟ ଅଛି ।

---

[20] ଏହାର ଗୋଟିଏ ଉଦାହରଣ ହେଉଛି ପ୍ରକାଶିତ ବାକ୍ୟ 22:୪-9, "ମୁଁ ଯୋହନ ସ୍ୱୟଂ ଏହିସମସ୍ତ ଶ୍ରବଣ ଓ ଦର୍ଶନ କଲି । ଶ୍ରବଣ ଓ ଦର୍ଶନ କରିବା ପରେ, ଯେଉଁ ଦୂତ ମୋତେ ଏହିସମସ୍ତ ଦର୍ଶନ କରାଇଲେ, ମୁଁ ତାହାଙ୍କ ପାଦ ତଳେ ପ୍ରଣାମ କରିବା ନିମନ୍ତେ ଉବୁଡ଼ ହେଲି । କିନ୍ତୁ ସେ ମୋତେ କହିଲେ, ସାବଧାନ, ଏହା କର ନାହିଁ, କାରଣ ମୁଁ ତୁମ୍ଭର, ତୁମ୍ଭର ଭ୍ରାତୃବୃନ୍ଦ ଭାବବାଦୀ-ମାନଙ୍କର ଓ ଏହି ପୁସ୍ତକର ବାକ୍ୟ ପାଳନକାରୀମାନଙ୍କର ସହଦାସ; ଈଶ୍ୱରଙ୍କୁ ପ୍ରଣାମ କର ।"

[21] ପୁନରୁତ୍‌ଥାନ ସମୟରେ ଖ୍ରୀଷ୍ଟିଆନମାନଙ୍କର ଶରୀରର ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନକୁ ୧ କରିନ୍ଥୀୟ ୧୫ ବର୍ଣ୍ଣନା କରେ ।

## ପକ୍ଷପାତ

ଲୋକମାନେ ଭାବନ୍ତି ଯେ, ଏକ ନିର୍ଦ୍ଦିଷ୍ଟ ଜାତିଗତ ଗୋଷ୍ଠୀର ସମସ୍ତଙ୍କର କିଛି ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟଗୁଡ଼ିକ ଅଛି । ବେଳେବେଳେ ଏହି ବକ୍ତବ୍ୟଗୁଡ଼ିକ ଚର୍ମର ରଙ୍ଗକୁ ନେଇ ଦିଆଯାଇଥାଏ, ଯେପରିକି "ଶ୍ୱେତବର୍ଣ୍ଣ ଲୋକ ____________" କିମ୍ବା କଳା ଲୋକମାନେ ସମସ୍ତେ ____________" ।

ବେଳେବେଳେ ଏହି ବିବୃତ୍ତିଟି ହାଇତୀୟ, ଜର୍ମାନ କିମ୍ବା ଜାପାନୀ ପରି ଜାତୀୟତାକୁ ବୁଝାଏ । ବେଳେବେଳେ ଏହା ଅଧିକ ନିର୍ଦ୍ଦିଷ୍ଟ ହୋଇଥାଏ, ଯେପରିକି ଏକ ଜନଜାତିର ନାମ କିମ୍ବା ଏକ ଜାତି ମଧ୍ୟରେ ଆଉ ଏକ ଜାତିଗତ ଗୋଷ୍ଠୀ ।

ଲୋକମାନଙ୍କ ବର୍ଗ ବିଷୟରେ ଲୋକମାନେ ଯେଉଁ ବକ୍ତବ୍ୟ ଦିଅନ୍ତି, ତାହା କେତେକ ସମୟରେ ପ୍ରଶଂସାମୂଳକ ହୋଇଥାଏ, କିନ୍ତୁ ପ୍ରାୟତଃ ସେଗୁଡ଼ିକର ସମାଲୋଚନାମୂଳକ ହୋଇଥାଏ । ଉକ୍ତ ବିବୃତ୍ତିଟି କହିପାରେ ଯେ, ସେହି ଗୋଷ୍ଠୀର ପ୍ରତ୍ୟେକଙ୍କର କିଛି ନା କିଛି ଦୋଷ ଅଛି ।

ଜାତିଗତ ଗୋଷ୍ଠୀ କିମ୍ବା ଜାତୀୟତା ବିଷୟରେ ଲୋକମାନେ ଦେଉଥିବା ସମାଲୋଚନାମୂଳକ ବକ୍ତବ୍ୟର ଉଦାହରଣ ଏଠାରେ ଦିଆଯାଇଛି । ବିଭିନ୍ନ ଜାତିଗତ ଗୋଷ୍ଠୀର ନାମ ଖାଲି ସ୍ଥାନରେ ରହିବ ।

- ______________ ଅଳସୁଆ ଅଟନ୍ତି
- ______________ ବାରମ୍ବାର ମଦ୍ୟପାନ କରନ୍ତି
- ______________ ସୁଯୋଗ ପାଇଲେ ଚୋରି କରନ୍ତି
- ______________ ବାରମ୍ବାର ଲଢ଼େଇ କରନ୍ତି
- ______________ କଦାପି ଭଲ ଭାବରେ କାର୍ଯ୍ୟ ସମାପ୍ତ କରନ୍ତି ନାହିଁ
- ______________ ସ୍କୁଲ୍‌ରେ ଭଲ କରିବା ପାଇଁ ଯଥେଷ୍ଟ ବୁଦ୍ଧିମାନ ନୁହନ୍ତି
- ______________ ଶୀଘ୍ର ରାଗି ଯାଆନ୍ତି
- ______________ ସର୍ବଦା ମିଥ୍ୟା କୁହନ୍ତି

ଏହା ସ୍ପଷ୍ଟ ଅଟେ ଯେ, ଜାତିଗତ ପାର୍ଥକ୍ୟ ରହିଛି, ଏବଂ ଏହି ପାର୍ଥକ୍ୟଗୁଡ଼ିକ ଶାରୀରିକ ଆବିର୍ଭାବ ଅପେକ୍ଷା ଅଧିକ ଅଟେ । ଏକ ଜାତିଗତ ଗୋଷ୍ଠୀ ସେମାନଙ୍କର ଶାରୀରିକ ଏବଂ ମାନସିକ କ୍ଷମତା ଯୋଗୁ କିଛି କ୍ରୀଡ଼ା କିମ୍ବା କାମରେ ଉତ୍କର୍ଷ ହାସଲ କରିପାରନ୍ତି ।

ଏହି ଲୋକ ଦଳର ସାଂସ୍କୃତିକ ଚରିତ୍ର ରହିଛି । ସଂସ୍କୃତି କିଛି ଲୋକଙ୍କୁ ନିର୍ଦ୍ଦିଷ୍ଟ ପରିସ୍ଥିତିରେ କିଛି ନିର୍ଦ୍ଦିଷ୍ଟ ଉପାୟରେ ପ୍ରତିକ୍ରିୟା କରିବାକୁ ଶିଖାଇ ଥାଏ । ତେଣୁ ନିର୍ଦ୍ଦିଷ୍ଟ ସଂସ୍କୃତିର ଲୋକମାନଙ୍କଠାରୁ ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ପାଇବାକୁ ଶିକ୍ଷା କରିଥାଉ ।

ଗୋଟିଏ ଗୋଷ୍ଠୀର ଶାରୀରିକ ଏବଂ ସାଂସ୍କୃତିକ ଚରିତ୍ରଗୁଡ଼ିକୁ ଲକ୍ଷ କରିବା ଭୁଲ୍ ନୁହେଁ । ତଥାପି ଜଣେ ବ୍ୟକ୍ତି ତା'ର ଜାତିଗତ ଏବଂ ସାଂସ୍କୃତିକ ଚରିତ୍ର ହେତୁ ବିଚାର କରିବା ଭୁଲ୍ ଅଟେ । ଜଣେ ବ୍ୟକ୍ତି କୌଣସି ଜାତିଗତ ଗୋଷ୍ଠୀର ଈଶ୍ୱରୀୟ, ବିଶ୍ୱସ୍ତ ଏବଂ ଦୟାଳୁ ହୋଇପାରେ, ଯେତେବେଳେ ତୁମେ ତାଙ୍କୁ ଜଣେ ବ୍ୟକ୍ତି ଭାବରେ ଜାଣି ନାହଁ, ସେତେବେଳେ ତାଙ୍କ ସହିତ ଖରାପ ଚରିତ୍ର ଥିବା ପରି ବ୍ୟବହାର କରିବା ଭୁଲ୍ ଅଟେ ।

ଆମର ବ୍ୟକ୍ତିଗତ ଅଭିଜ୍ଞତା ଆମେ ଅନ୍ୟ ଲୋକଙ୍କୁ ଦେଖିବାର ଢ଼ଙ୍ଗକୁ ପ୍ରଭାବିତ କରେ । ଯଦି ଜଣେ ବ୍ୟକ୍ତି ଅନ୍ୟ ଜନଜାତି ଗୋଷ୍ଠୀର ଲୋକଙ୍କ ଦ୍ୱାରା ଖରାପ ବ୍ୟବହାର ପାଏ, ତେବେ ସେ ଅନୁଭବ କରିବା ଆରମ୍ଭ କରେଯେ, ଜାତିଗତ ଗୋଷ୍ଠୀ ସମାନ । ଯଦି ସେହି ବ୍ୟକ୍ତିଙ୍କୁ ସେହି ଜାତିଗତ ଗୋଷ୍ଠୀର ଲୋକମାନେ ବାରମ୍ବାର ଖରାପ ବ୍ୟବହାର କରନ୍ତି, କିମ୍ବା ତାଙ୍କ ଯୁବକ ଅବସ୍ଥାରେ ଖରାପ ଅଭିଜ୍ଞତା ଘଟେ, ତେବେ ସେହି ଭାବନା ଦୃଢ଼ ହୋଇଥାଏ ।

ଦୁଇଟି ଜାତିଗତ ଗୋଷ୍ଠୀ ମଧ୍ୟରେ ଦୀର୍ଘକାଳୀନ ସଂଘର୍ଷ ଏପରି ପିଢ଼ି ସୃଷ୍ଟି କରେ ଯେଉଁମାନେ ପରସ୍ପର ପ୍ରତି ପକ୍ଷପାତିତା ରଖନ୍ତି ।

ଯେତେବେଳେ ଜଣେ ପିଲା ତାଙ୍କ ପିମାମାତା ଏବଂ ଅନ୍ୟ ବୟସ୍କମାନେ ଏକ ଜାତିଗତ ଗୋଷ୍ଠୀ ଲୋକଙ୍କ ବିଷୟରେ କଥାବାର୍ତ୍ତା ଶୁଣନ୍ତି, ସେତେବେଳେ ସେହି ଜାତିଗତ ଗୋଷ୍ଠୀ ବିଷୟରେ ତାଙ୍କର ମତାମତ ଗଠିତ ହୋଇଥାଏ ।

ଜଣେ ବିଶ୍ୱାସୀ ଜାତିଗତ ଗୋଷ୍ଠୀ ପ୍ରତି ନିଜର ମନୋଭାବ ପରୀକ୍ଷା କରିବା ଉଚିତ ଏବଂ ପରମେଶ୍ୱର ତାଙ୍କୁ ନ୍ୟାୟ ଏବଂ ପ୍ରେମ ଦେଖାଇବାରେ ସାହାଯ୍ୟ କରନ୍ତୁ ବୋଲି ପ୍ରାର୍ଥନା କରିବା ଉଚିତ୍ । ଆମକୁ ମନେ ରଖିବା ଉଚିତ ଯେ, ପରମେଶ୍ୱର ଅନ୍ୟମାନଙ୍କ ବିଷୟରେ ସେହିପରି ଚିନ୍ତା କରନ୍ତି, ଯେପରି ସେ ଆମ ବିଷୟରେ ଚିନ୍ତା କରନ୍ତି ଏବଂ ଯଦି ଆମେ ସେମାନଙ୍କ ସହିତ ଅନ୍ୟାୟ ବ୍ୟବହାର କରୁ ତେବେ, ସେ ଖୁସି ହୁଅନ୍ତି ନାହିଁ ।

## ସେବାକାର୍ଯ୍ୟରେ ପକ୍ଷପାତ

ପୁରାତନ ନିୟମର ଯୂନସଙ୍କ କାହାଣୀ ଶିକ୍ଷଣୀୟ ଅଟେ । ଯୂନସ କାହିଁକି ଈଶ୍ୱରଙ୍କ ନିକଟରୁ ପାଳାୟନ କଲେ ତାହା କହନ୍ତି :

> "ଆଉ, ସେ ସଦାପ୍ରଭୁଙ୍କର ନିକଟରେ ପ୍ରାର୍ଥନା କରି କହିଲେ, ହେ ସଦାପ୍ରଭୁ, ବିନତି କରେ, ମୁଁ ସ୍ୱଦେଶରେ ଥିବା ବେଳେ କି ଏହି କଥା କହି ନ ଥିଲି? ଏଥିପାଇଁ ଶୀଘ୍ର କରି ତର୍ଶୀଶକୁ ପଳାଇଲି; କାରଣ ତୁମ୍ଭେ ଯେ କୃପାମୟ, ସ୍ନେହଶୀଳ, କ୍ରୋଧରେ

ଧୀର, ଦୟାରେ ମହାନ ଓ ଅମଙ୍ଗଳର ବିଷୟରେ ଅନିଚ୍ଛୁକ ପରମେଶ୍ୱର ଅଟ, ଏହା ମୁଁ ଜାଣିଲି । ଏହେତୁ ହେ ସଦାପ୍ରଭୁ, ବିନତି କରେ, ଏବେ ମୋ' ପ୍ରାଣ ମୋ'ଠାରୁ ନିଅ; କାରଣ ବଞ୍ଚିବା ଅପେକ୍ଷା ମୋର ମରିବାର ଭଲ" (ଯୂନସ ୪:୨-୩) ।

ଯୂନସ ଅଶୂରୀୟମାନଙ୍କ ପ୍ରତି ଗଭୀର ଘୃଣା ହେତୁ ପରମେଶ୍ୱରଙ୍କଠାରୁ ଦୌଡ଼ି ପଳାଇଥିଲେ ଏବଂ ସେ ଜାଣିଥିଲେ ଯେ, ପରମେଶ୍ୱର ତାଙ୍କୁ ନୀନିବୀୟମାନଙ୍କ ମଧ୍ୟରେ କାମ କରିବାକୁ ଆହ୍ୱାନ କରିଥିଲେ, ଯାହାର ଅର୍ଥ ହେଉଛି ପରମେଶ୍ୱର ସେମାନଙ୍କ ପ୍ରତି ଭଲ ହେବାର ଏକ ଦୃଢ଼ ସମ୍ଭାବନା ଥିଲା ।

ଜାତିର ସାମାଜିକ ଧାରଣା ଏକ ବାଇବଲ ଧାରଣା ନୁହେଁ । ବାଇବଲ ଶିକ୍ଷା ଦିଏ ଯେ, ସମସ୍ତ ମାନବଜାତି *ଏକ ଜାତି ଅଟନ୍ତି- ମାନବ ଜାତି* । "ଆଉ, ସେ ପୃଥିବୀର ସର୍ବତ୍ର ବାସ କରିବା ନିମନ୍ତେ ଏକ ବ୍ୟକ୍ତିଠାରୁ ସମସ୍ତ ମାନବଜାତି ସୃଷ୍ଟି କରିଅଛନ୍ତି; ସେ ସେମାନଙ୍କର ନିର୍ଦ୍ଦିଷ୍ଟ କାଳ ଓ ନିବାସର ସୀମା ସ୍ଥିର କରିଅଛନ୍ତି" (ପ୍ରେରିତ ୧୭:୨୬) ।

ଜଗତର ପ୍ରତ୍ୟେକ ଜାତି ନିକଟରେ ସୁସମାଚାର ପହଞ୍ଚାଇବାକୁ ଈଶ୍ୱର ମଣ୍ଡଳୀକୁ ଆହ୍ୱାନ କରିଅଛନ୍ତି (ପ୍ରେରିତ ୧:୮) । ଯେକୌଣସି ଜନଜାତି ହୋଇଥାଆନ୍ତୁ ନା କାହିଁକି ଜଣେ ମାନବ ଆତ୍ମାର ମୂଲ୍ୟ ସମାନ ଅଟେ ।

## ଲୋକଙ୍କ ବର୍ଗକୁ ଅସମ୍ମାନ କରିବା

ଲୋକମାନେ ପାର୍ଥିବ, ସାଂସାରିକ ପ୍ରାଥମିକତାକୁ ଗ୍ରହଣ କରିବାର ପ୍ରବୃତ୍ତି ହେତୁ, ସେମାନେ ଲୋକଙ୍କ ମୂଲ୍ୟ ନିର୍ଦ୍ଧାରଣ କରିବାର ଭୁଲ୍ ଉପାୟ ବ୍ୟବହାର କରନ୍ତି । ଅନେକ ସମାଜ କିଛି ଲୋକଙ୍କୁ କମ୍ ଗୁରୁତ୍ୱପୂର୍ଣ୍ଣ ଭାବରେ ବର୍ଗୀକୃତ କରନ୍ତି ଏବଂ ସେମାନଙ୍କୁ ଏପରି ବ୍ୟବହାର କରନ୍ତି ଯେପରି ସେମାନେ ମନୁଷ୍ୟଠାରୁ ନ୍ୟୁନ ଅଟନ୍ତି ।

ବିଭିନ୍ନ ସମାଜ କିଛି ବର୍ଗର ଲୋକଙ୍କୁ ଅସମ୍ମାନଜନକ ବ୍ୟବହାର କରିଥିବା ଉଦାହରଣଗୁଡ଼ିକର ଏକ ତାଲିକା ତଳେ ଦିଆଯାଇଛି । ଏହି ପ୍ରଥାଗୁଡ଼ିକ ମଧ୍ୟରୁ କିଛି ଐତିହାସିକ ଏବଂ ଅନ୍ୟଗୁଡ଼ିକ ଏବେ ବି ପ୍ରଚଳିତ ।

ଲୋକମାନଙ୍କର ବର୍ଗ ଅସମ୍ମାନର ପ୍ରକୃତ ଉଦାହରଣ :

- ବୃଦ୍ଧ ଲୋକମାନେ ଆଉ ବ୍ୟବହାର ଯୋଗ୍ୟ ନୁହଁନ୍ତି, ତେଣୁ ସେମାନଙ୍କୁ ଏକ ପୃଥକ ସ୍ଥାନରେ ମରିବା ପାଇଁ ଛାଡ଼ି ଦିଅନ୍ତି ।
- ଲୋକମାନେ ଅନ୍ୟଜାତିର ଲୋକମାନଙ୍କୁ କ୍ରୀତଦାସ ରୂପେ କିଣି ନିଅନ୍ତି ଏବଂ ସେମାନଙ୍କୁ ମନ ଇଚ୍ଛା ବିକ୍ରୀ କରିଦିଅନ୍ତି କିମ୍ବା ବ୍ୟବହାର କରନ୍ତି ।
- ଏକ ନିର୍ଦ୍ଦିଷ୍ଟ ଜାତିର ଲୋକଙ୍କୁ ବ୍ୟବହାର କରାଯିବ ନାହିଁ ବୋଲି ବ୍ୟବସାୟ ସାଇନ୍ ବୋର୍ଡ଼ରେ ଏପରି ଲେଖାଅଛି ।

- ସ୍ତ୍ରୀମାନେ ସେମାନଙ୍କର ସ୍ୱାମୀଙ୍କର ସମ୍ପତ୍ତି ବୋଲି ଧରି ନିଆଯାଇଥାଏ, ସ୍ୱାମୀମାନେ ସେମାନଙ୍କର ଇଚ୍ଛା ଅନୁସାରେ ସେମାନଙ୍କୁ ବ୍ୟବହାର କରନ୍ତି ।
- ଶିଶୁ କନ୍ୟାକୁ ମରିବାକୁ ଛାଡ଼ି ଦିଆଯାଏ, କାରଣ ପରିବାର ପୁଅ ଇଚ୍ଛା କରୁଥିଲେ ।
- ଏକ ଦେଶର ସରକାର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଜାତିର ସମସ୍ତଙ୍କୁ ହତ୍ୟା କରିବାକୁ ସୈନ୍ୟ ପ୍ରେରଣ କରନ୍ତି ।
- ପିଲାମାନେ ପରିତ୍ୟକ୍ତ କାରଣ ସେମାନେ ମାନସିକ ଏବଂ ଶାରୀରିକ ବିକଳାଙ୍ଗ ଅଟନ୍ତି ।
- ଏକ ଦେଶର ଆଇନ୍ ଅଛି, ଯାହା ଜଣେ ମହିଳାଙ୍କୁ ଗାଡ଼ି ଚଳାଇବା କିମ୍ବା ବିଶ୍ୱ ବିଦ୍ୟାଳୟ ଶିକ୍ଷା ପାଇବାକୁ ନିଷେଧ କରେ ।
- ଯେଉଁ ଲୋକମାନେ ଦେଶର ସାଧାରଣ ଭାଷା କହନ୍ତି, କିନ୍ତୁ ସ୍କୁଲ୍‌ରେ ପଢ଼ା ଯାଇଥିବା ଭାଷା କହନ୍ତି ନାହିଁ, ସରକାରୀ ଅଫିସ୍‌ରେ ସେମାନଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଏ ନାହିଁ ।
- ଆଫ୍ରିକୀୟ ନାମ ବଦଳରେ ଇଂରାଜୀ ନାମ ଥିବାରୁ ଲୋକଙ୍କୁ ନିଯୁକ୍ତି ଦିଆଯାଏ ।
- ଝିଅମାନଙ୍କୁ ବାପାମାନେ ଦାସୀ ହେବା ପାଇଁ କିମ୍ବା ବେଶ୍ୟା ହେବାକୁ ବିକ୍ରୀ କରନ୍ତି ।
- ଗର୍ଭସ୍ଥ ଶିଶୁକୁ ହତ୍ୟା କରନ୍ତି ଯେହେତୁ ମାଆ ସନ୍ତାନ ନିମନ୍ତେ ପ୍ରସ୍ତୁତ ନୁହେଁ ।

କିଛି ଦର୍ଶନ ଶାସ୍ତ୍ର ଏବଂ ଧର୍ମ ବିଭିନ୍ନ ବର୍ଗର ଲୋକଙ୍କ ପ୍ରତି ଦୁର୍ବ୍ୟବହାରକୁ ସମର୍ଥନ କରନ୍ତି ।

ନାସ୍ତିକ ବିବର୍ତ୍ତନବାଦୀମାନେ ବିଶ୍ୱାସ କରନ୍ତି ନାହିଁ ଯେ, ଲୋକମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ବିଶେଷ ଭାବରେ ସୃଷ୍ଟି ହୋଇଛନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ, ଆଧୁନିକ ମାନବ ମାନବତାର ଦୁର୍ବଳ ଏବଂ କମ୍ ବୁଦ୍ଧିମାନ ପରିବର୍ତ୍ତନଗୁଡ଼ିକୁ ପ୍ରତିଯୋଗୀତା କରି ନଷ୍ଟ କରି ବିକଶିତ ହୋଇଛି । ସେମାନେ ବିଶ୍ୱାସ କରନ୍ତି ଯେ, "ଉପାଦାନଗୁଡ଼ିକର ଜୀବିତାବସ୍ଥା'' ଆମକୁ ସୃଷ୍ଟି କରିଛି । ଯଦି ତାହା ସତ୍ୟ ହୋଇଥାଆନ୍ତା, ତେବେ ଲୋକମାନେ ଦୁର୍ବଳ ମାନବତାକୁ ନଷ୍ଟ କରିଚାଲିବା ପ୍ରଶଂସା ଯୋଗ୍ୟ ହେବ । କିନ୍ତୁ ଆମେ ଜାଣୁ ଯେ, ପ୍ରତ୍ୟେକ ଲୋକ ଈଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟି ହୋଇଛନ୍ତି, ତେଣୁ ପ୍ରତ୍ୟେକେ ଈଶ୍ୱରଙ୍କ ପ୍ରତି ବହୁମୂଲ୍ୟ ଅଟନ୍ତି ।

ପୃଥିବୀର ଅନେକ ଦେଶ ଗର୍ଭସ୍ଥ ଶିଶୁକୁ ମାରି ଦେବା ପାଇଁ ଅନୁମତି ଦିଅନ୍ତି । ଅତ୍ୟଧିକ ଜନସଂଖ୍ୟା ହେତୁ କେତେକ ସରକାର ଶିଶୁମାନଙ୍କୁ ହତ୍ୟା କରିବାକୁ ମଧ୍ୟ ବାଧ୍ୟତାମୂଳକ କରିଛନ୍ତି । ଅଧିକାଂଶ ଦେଶମାନଙ୍କରେ ମାଆମାନେ ସେମାନଙ୍କ ଶିଶୁମାନଙ୍କୁ ମାରି ଦେବା ପାଇଁ ଡାକ୍ତରମାନଙ୍କୁ କୁହନ୍ତି, କାରଣ ସେମାନେ ଶନ୍ତାନ ପାଇବାକୁ ପ୍ରସ୍ତୁତ ନୁହଁନ୍ତି । ଯେତେବେଳେ ଗର୍ଭସ୍ଥ ଶିଶୁକୁ ହତ୍ୟା କରାଯାଏ, ସେମାନଙ୍କୁ ଏପରି ବ୍ୟବହାର କରାଯାଏ ଯେପରି ସେମାନେ ଈଶ୍ୱରଙ୍କ ସାଦୃଶ୍ୟ ନୁହଁନ୍ତି ଏବଂ ସେମାନଙ୍କଠାରେ

କୌଣସି ମୂଲ୍ୟ ନାହିଁ । ସେମାନଙ୍କ ଅଧିକାର ଉଲଂଘନ ହେଇଛି ଏବଂ ସେମାନେ ନିଜ ପାଇଁ କହିପାରିବେ ନାହିଁ କିମ୍ବା ନିଜକୁ ରକ୍ଷା କରିପାରିବେ ନାହିଁ ।

ହିନ୍ଦୁ ଏବଂ ବୌଦ୍ଧ ଧର୍ମର ଲୋକମାନେ ବିଶ୍ୱାସ କରନ୍ତି ଯେ, ପୂର୍ବଜନ୍ମର ମନ୍ଦ କର୍ମ ହେତୁ ଲୋକମାନେ ଦୁଃଖ ପାଆନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ, ଦଳିତ ଲୋକମାନେ ସେମାନଙ୍କର ମାନ୍ୟତା ପାଇବାକୁ ଯୋଗ୍ୟ । ସେମାନେ ବିଶ୍ୱାସ କରନ୍ତି ଯେ, ଯଦି ଜଣେ ବ୍ୟକ୍ତି ଦୁଃଖ ଏବଂ ଅତ୍ୟାଚାରକୁ ଭଲ ଭାବରେ ସହ୍ୟ କରେ, ତେବେ ସେ ପରବର୍ତ୍ତୀ ସମୟରେ ଏକ ଭଲ ଜୀବନ ପାଇପାରିବ । ସେହି ଧର୍ମଗୁଡ଼ିକ ଜଣେ ନିର୍ଯ୍ୟାତିତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାର ବହୁତ କମ୍ କାରଣ ଦିଅନ୍ତି, କାରଣ ସେମାନେ ଭାବନ୍ତି ଯେ, ସେହି ବ୍ୟକ୍ତି ଏକ ଆବଶ୍ୟକ ପ୍ରକ୍ରିୟା ଦେଇ ଗତି କରୁଛନ୍ତି ।

ଭୁଲ୍ ଦର୍ଶନ ଏବଂ ଧର୍ମ ଲୋକଙ୍କୁ ବିଭିନ୍ନ ବର୍ଷର ଲୋକଙ୍କ ପ୍ରତି ଭୟଙ୍କର ଦୁର୍ବ୍ୟବହାର ସହ୍ୟ କରିବାକୁ ବାଧ୍ୟ କରେ । ସମାଜଗୁଡ଼ିକ ଚରମ ସାମାଜିକ ଅନ୍ୟାୟର ପରିସ୍ଥିତିକୁ ସାଧାରଣ ଭାବରେ ଗ୍ରହଣ କରନ୍ତି । ବିଶ୍ୱାସୀମାନେ ଭିନ୍ନ ଅଟନ୍ତି । ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିଶେଶେଷ ସୃଷ୍ଟିର ବାଇବଲ ସିଦ୍ଧାନ୍ତ ମାନବ ମୂଲ୍ୟ ପାଇଁ ଏକମାତ୍ର ପର୍ଯ୍ୟାପ୍ତ ଆଧାର ପ୍ରଦାନ କରେ ।

► ତୁମ ସମାଜରେ କେଉଁ ବର୍ଗର ଲୋକଙ୍କ ପ୍ରତି ଅସମ୍ମାନ ଅତି ସାଧାରଣ ଅଟେ ?

## ଉତ୍ତମ ପ୍ରତିବାସୀ

ଯୀଶୁଙ୍କର ଅନେକ ଦୃଷ୍ଟାନ୍ତ ପରି, ଉତ୍ତମ ଶମିରୋଣୀୟ (ଲୂକ ୧୦:୨୯-୩୭)ଙ୍କ କାହାଣୀ ତାଙ୍କ ଶ୍ରେତାମାନଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା । ଯେତେବେଳେ ସେ କହୁଥିଲେ ଯେ, କିପରି ଜଣେ ଯାଜକ ଏବଂ ଜଣେ ଲେବୀୟ ସାହାଯ୍ୟ ନ କରି କ୍ଷତବିକ୍ଷତ ଲୋକର ବାଟ ଦେଇ ଚାଲିଗଲେ, ସେତେବେଳେ କେହି ଆଶ୍ଚର୍ଯ୍ୟ ହୋଇ ନ ଥିଲେ । ଯାଜକ ଓ ଲେବୀୟମାନେ ଧାର୍ମିକ ପ୍ରତିଷ୍ଠାନର ଅଂଶ ଥିଲେ, କିନ୍ତୁ ଲୋକମାନେ ଭାବୁଥିଲେ ଯେ, ସେମାନେ ଟଙ୍କା ଏବଂ କ୍ଷମତା ଦ୍ୱାରା କଳୁଷିତ ।

କାହାଣୀର ହିରୋ ତୃତୀୟ ବ୍ୟକ୍ତି ହୋଇଥିବେ ବୋଲି ଶ୍ରୋତାମାନେ ଅପେକ୍ଷା କରିଥିଲେ କିନ୍ତୁ ସେମାନେ ଆଶ୍ଚର୍ଯ୍ୟ ଏବଂ ନିରାଶ ହେଲେ ଯେ, ଏହି ବ୍ୟକ୍ତି ଜଣେ ଶମିରୋଣୀୟ ଥିଲେ । ଶମିରୋଣୀୟମାନେ ମିଶ୍ରଣ ଜାତି ଥିଲେ ଏବଂ ସେମାନେ ସେମାନଙ୍କର ଧର୍ମ ବିଷୟରେ ଦ୍ୱନ୍ଦରେ ଥିଲେ । ଯିହୁଦୀମାନେ ଉଭୟ ଗୁଣ ପାଇଁ ସେମାନଙ୍କୁ ଘୃଣା କରୁଥିଲେ ।

ଧ୍ୟାନ ଦିଅନ୍ତୁ ଜଣେ ବ୍ୟବସ୍ଥାଶାସ୍ତ୍ରଜ୍ଞ ଯୀଶୁଙ୍କୁ ପ୍ରଶ୍ନ କରିଥିଲେ, "ତେବେ ମୋର ପ୍ରତିବାସୀ କିଏ ?" ସେ କହୁଁଥିଲେ ଯେ, ଯୀଶୁ କେଉଁମାନଙ୍କୁ ଭଲପାଇବା ଆବଶ୍ୟକ ତାହା ଉଲ୍ଲେଖ କରନ୍ତୁ, ଏକ ସଂକୀର୍ଣ୍ଣ ବର୍ଗ ସ୍ଥାପନ କରି । ବିଶ୍ୱର ଅଧିକାଂଶ ଲୋକଙ୍କ ପରି

ସେ ଭାବୁଥିଲେ ଯେ, ତାଙ୍କର ନୈତିକ ଦାୟିତ୍ୱ କେବଳ କିଛି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ପାଇଁ ଏବଂ ତାଙ୍କୁ ଅନ୍ୟମାନଙ୍କ ବିଷୟରେ ଚିନ୍ତା କରିବାକୁ ପଡ଼ିବ ନାହିଁ ।

ଯୀଶୁ ପ୍ରଶ୍ନର ଉତ୍ତର ଦେଇ ଦର୍ଶାଇଲେ ଯେ, ଆମେ ଯେକୌଣସି ବ୍ୟକ୍ତିଙ୍କୁ ଭେଟି ଯତ୍ନ ନେବା ପାଇଁ ଚିନ୍ତା କରିବା ଉଚିତ । ଯେକୌଣସି ବ୍ୟକ୍ତିଙ୍କୁ ଆମେ ଭେଟିଥାଉ ସେ ଆମର ପ୍ରତିବାସୀ ଅଟେନ୍ତି । କିନ୍ତୁ ଯୀଶୁ ମଧ୍ୟ ଗୋଟିଏ ପ୍ରଶ୍ନର ଉତ୍ତର ଦେଲେ ଯାହା କେହି ପଚାରି ନ ଥିଲେ, "କିଏ ଉତ୍ତମ ପ୍ରତିବାସୀ" କିମ୍ବା "ଏହି ପ୍ରେମ କେଉଁ ପ୍ରକାର ବ୍ୟକ୍ତି ଦର୍ଶାଇ ପାରେ ?" ସେ ଦେଖାଇଲେ ଯେ, ଜଣେ ବ୍ୟକ୍ତି ଯାହାକୁ ସମାଜ ସମ୍ମାନ ଦିଏ ନାହିଁ, ସେହି ଜଣକ ବ୍ୟକ୍ତି ହୋଇପାରେ ଯିଏ ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରେ ଏବଂ ପରମେଶ୍ୱର ଦେଖିବାକୁ ଚାହୁଁଥିବା ପ୍ରେମ ଦେଖାଏ ।

ପ୍ରେରିତ ଯାକୁବ ମଣ୍ଡଳୀକୁ ସତର୍କ କରାଇ ଦିଅନ୍ତି ଯେ, ସେମାନେ ଲୋକମାନଙ୍କୁ ଜଗତର ମାନଦଣ୍ଡ ଅନୁସାରେ ସମ୍ମାନ ନ ଦିଅନ୍ତୁ ।

► ଜଣେ ଛାତ୍ର ଯାକୁବ ୨:୧-୯ ଦଳ ପାଇଁ ପାଠ କରିବେ । ମଣ୍ଡଳୀଗୁଡ଼ିକ କ'ଣ କରିବାର ତୁମେ ଦେଖୁଛ ଯାହା ଏହା ସହିତ ସମାନ ଅଟେ ।

ପୃଥିବୀରେ ଗୁରୁତ୍ୱପୂର୍ଣ୍ଣ ବୋଲି ଗଣାହୋଇଥିବା ଅନେକ ଲୋକ ଈଶ୍ୱରଙ୍କ ଦ୍ୱାରା ସମ୍ମାନିତ ନୁହେଁ । ଅନେକ ଲୋକ ଯେଉଁମାନେ ଈଶ୍ୱରଙ୍କୁ ସନ୍ତୁଷ୍ଟ କରନ୍ତି ସେମାନେ ପୃଥିବୀରେ ସମ୍ମାନ ପାଆନ୍ତି ନାହିଁ । ଯୀଶୁ କହିଲେ ଯେ, ଅନନ୍ତକାଳରେ ଅନେକ ଲୋକଙ୍କର ସ୍ଥିତି ଓଲଟା ହୋଇଯିବ (ମାଥିଉ ୧୯:୩୦) ।

ଯେତେବେଳେ ଖ୍ରୀଷ୍ଟିୟାନ ଭାଇମାନେ ଏକତ୍ର ହୁଅନ୍ତି, ଗରୀବ ବ୍ୟକ୍ତି ଏପରି ଏକ ପଦବୀ ପାଏ ଯାହା ତାକୁ ଜଗତ ଦେଇ ନ ଥାଏ, କାରଣ ସେ ଜଣେ ଖ୍ରୀଷ୍ଟିୟ ଭାଇ ସ୍ୱରୂପେ ସମ୍ମାନ ପାଏ । ଧନୀ ବ୍ୟକ୍ତି ଈଶ୍ୱରଙ୍କ ଅର୍ଥନୀତି ମଧ୍ୟରେ ଜଗତରେ ତାଙ୍କର ଥିବା ସ୍ଥିତି ହରାଇଥାଏ, କାରଣ ତାଙ୍କର ଟଙ୍କା ତାଙ୍କୁ ମଣ୍ଡଳୀରେ ଅନ୍ୟମାନଙ୍କଠାରୁ ଉର୍ଦ୍ଧ୍ୱରେ ସ୍ଥାନ ଦିଏ ନାହିଁ (ଯାକୁବ ୧:୯-୧୦) ।

## ଦାସତ୍ୱ

ଜଣେ ଦାସ ହେଉଛି ଜଣେ ଯିଏ ଅନ୍ୟ ବ୍ୟକ୍ତିଙ୍କର ସମ୍ପତ୍ତି ଭାବରେ କିଣା ଯାଇଥାଏ । ଯେଉଁ ଦେଶମାନଙ୍କରେ ଦାସତ୍ୱ ପ୍ରଥା ଅଛି ସେଠାରେ ଦାସର ମନୁଷ୍ୟ ଭାବରେ କୌଣସି ଅଧିକାର ନ ଥାଏ । ମାଲିକ ଦାସକୁ ପଶୁପରି କିମ୍ବା ମେସିନ୍ ପରି ବ୍ୟବହାର କରିଥାଏ । ଦାସର ନିଜ ଇଚ୍ଛା କିମ୍ବା ଅଭିଳାଷ ମାଲିକର ଅଧିନରେ ଥାଏ । ଜଣେ ସ୍ୱାମୀ ଏବଂ ସ୍ତ୍ରୀ ତାଙ୍କ ମାଲିକଙ୍କ ଦ୍ୱାରା ଅଲଗା ହୋଇଥାଆନ୍ତି ଏବଂ ସନ୍ତାନମାନଙ୍କୁ ସେମାନଙ୍କର ପିତାମାତାଠାରୁ ନିଆଯାଇପାରିବ ।

ପୁରାତନ ନିୟମରେ, ଈଶ୍ୱର ଦାସତ୍ୱକୁ ସୀମିତ କରିଥିଲେ ଏବଂ ଦାସ ପାଇଁ କିଛି ଅଧିକାରକୁ ସୁରକ୍ଷିତ ରଖିଥିଲେ (ଯାତ୍ରା ୨୧:୧-୧୧, ୨୬-୨୭) । ସେହି ସମୟରେ ଦାସମାନଙ୍କର ଅଧିକାର ପ୍ରତି ଚିନ୍ତା କରିବା ଅତ୍ୟନ୍ତ ଅସାଧାରଣ ଥିଲା । ନୂତନ ନିୟମରେ ଈଶ୍ୱର କହିଲେ, ସେ ସମସ୍ତ ଲୋକଙ୍କର ପ୍ରଭୁ ଅଟନ୍ତି ପ୍ରତିଷ୍ଠା ହେତୁ ସେ କାହାର ମୁଖାପେକ୍ଷା କରନ୍ତି ନାହିଁ ଏବଂ ଦାସର ମାଲିକ ଦୟାଳୁ ଓ ନ୍ୟାୟପୂର୍ଣ୍ଣ ହେବା ଉଚିତ (ଏଫିସୀୟ ୬:୯) । ପ୍ରତ୍ୟେକ ମନୁଷ୍ୟର ଯୋଗ୍ୟ ବିଚାର ସହ ଦାସ ସହିତ ବ୍ୟବହାର କରାଯିବା ଉଚିତ, ଏହି ନିୟମ ହେତୁ ଶେଷରେ ବାଇବଲ ଦ୍ୱାରା ସର୍ବାଧିକ ପ୍ରଭାବିତ ରାଷ୍ଟ୍ରଗୁଡ଼ିକରେ ଦାସତ୍ୱ ପ୍ରଥାର ଉଚ୍ଛେଦ ହୋଇଥିଲା ।

ବିଭିନ୍ନ ରୂପରେ ଅଧିକାଂଶ ସ୍ଥାନରେ ଦାସତ୍ୱ ପ୍ରଥା ଜୀବିତ ଅଛି । ଉଦାହରଣ ସ୍ୱରୂପ ପିଲାମାନଙ୍କୁ ପିତାମାତାମାନେ କାମ କରିବାକୁ କିମ୍ବା ଯୌନ କାର୍ଯ୍ୟ କରିବାକୁ ବିକ୍ରୀ କରିଦିଅନ୍ତି । କେତେକ ସମୟରେ ରୋଗ କିମ୍ବା ଅଭିଶାପରୁ ମୁକ୍ତି ପାଇବା ପାଇଁ ପିଲାମାନଙ୍କୁ ମୂର୍ତ୍ତିପୂଜକ ମନ୍ଦିରରେ ଦିଆଯାଇଥାଏ । ଅନେକ ସମୟରେ ସେମାନଙ୍କର ଇଚ୍ଛା ବିରୁଦ୍ଧରେ ମହିଳାମାନଙ୍କୁ ବେଶ୍ୟା ବୃତ୍ତି କରିବାକୁ ରଖାଯାଇଥାଏ । ବେଳେବେଳେ ଲୋକମାନଙ୍କୁ ଦାସ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଅନ୍ୟ ଦେଶରେ ବନ୍ଦୀ କରି ରଖାଯାଏ ।

## ଅର୍ଥନୈତିକ ଅତ୍ୟାଚାର

ଯେଉଁ ସ୍ଥାନରେ ଆଥିକ ସ୍ୱାଧୀନତାର ଅଭାବ ଅଛି, ସେହି ସ୍ଥାନର ଅବସ୍ଥା ଆଂଶିକ ଭାବରେ ଦାସତ୍ୱ ସଦୃଶ ହୋଇପାରେ । ଲୋକମାନଙ୍କୁ ନିଜ ବ୍ୟବସାୟ ଚଳାଇବାକୁ ସେମାନଙ୍କଠାରେ ସ୍ୱାଧୀନତା ନାହିଁ । ଭଲ ବିଷୟ ପାଇଁ ନିଜର ଚାକିରୀ ପରିବର୍ତ୍ତନ କରିବାର ସୁଯୋଗ ଜଣେ ବ୍ୟକ୍ତି ପାଇଁ ବହୁତ କମ୍ ଥାଏ । କେତେ ଲୋକ ମଜୁରୀ ପାଇଁ କାର୍ଯ୍ୟ କରନ୍ତି, ଯାହା ତା'ର ପରିବାରକୁ ପୋଷିବା ପାଇଁ କଷ୍ଟକର ହୋଇଥାଏ । ଦରକାରୀ ଖାଦ୍ୟ ବ୍ୟତୀତ ସେମାନେ ଅନ୍ୟ କିଛି କିଣି ପାରନ୍ତି ନାହିଁ । ସେମାନେ ମେଡିକାଲ ଯତ୍ନ ପାଇଁ ଅର୍ଥ ଯୋଗାଡ଼ କରି ପାରନ୍ତି ନାହିଁ । ଯେତେ କଷ୍ଟ କାର୍ଯ୍ୟ କଲେ ମଧ୍ୟ, ସେମାନେ କଦାପି ଏକ ଭଲ ଘରେ ରହିପାରନ୍ତି ନାହିଁ । କାରଣ ସେମାନଙ୍କ ଆବଶ୍ୟକତା ନିମନ୍ତେ ଟଙ୍କା ଯଥେଷ୍ଟ ହୋଇ ନ ଥାଏ । ସେମାନଙ୍କର ନିଯୁକ୍ତିଦାତା ସେମାନଙ୍କୁ ଅଧିକ ମଜୁରୀ ଦିଅନ୍ତି ନାହିଁ, କାରଣ ଅଳ୍ପ ମଜୁରୀରେ ମଧ୍ୟ କାମ କରିବା ପାଇଁ ସେମାନେ ଲୋକ ଖୋଜି ପାଆନ୍ତି ।

ଅର୍ଥନୈତିକ ନିର୍ଯ୍ୟାତନା ଜଟିଳ ଏବଂ ଏହା କେବଳ ନିଯୁକ୍ତିଦାତାଙ୍କ ଦୋଷ ନୁହେଁ । କିଛି ରାଷ୍ଟ୍ରରେ ବହୁତ ଶ୍ରମିକ ଉପଲବ୍ଧ ଅଛନ୍ତି, କିନ୍ତୁ କମ୍ କାରଖାନା ଓ ବଡ଼ ବ୍ୟବସାୟ ଅଛି । ଯଦି ଏକ ସରକାର ଦୁର୍ନୀତିଗ୍ରସ୍ତ, ତେବେ ଏହା ଅଧିକ କର ଏବଂ ଲାଞ୍ଚ ଦାବି କରି ବଡ଼ ବ୍ୟବସାୟକୁ ଆରମ୍ଭ କରିବାରୁ ରୋକିପାରେ । ଯଦି ଅନେକ ବ୍ୟବସାୟକୁ ଅନୁମତି ଦିଆଯାଆନ୍ତି, କାର୍ଯ୍ୟକାରୀମାନଙ୍କର ମଜୁରୀ ଅଧିକ ହୁଅନ୍ତା କାରଣ କାର୍ଯ୍ୟକାରୀମାନେ କେଉଁଠାରେ କାର୍ଯ୍ୟ କରିବେ ସେମାନେ ବାଛି ପାରନ୍ତେ ଏବଂ ବ୍ୟବସାୟଗୁଡ଼ିକୁ ସେମାନଙ୍କୁ ଭଲ ମଜୁରୀ ଏବଂ ସର୍ତ୍ତାବଳୀ ସହିତ ଆକର୍ଷିତ କରିବାକୁ ପଡ଼ନ୍ତା । ଯେହେତୁ ଅଳ୍ପ କିଛି ବ୍ୟବସାୟକୁ ଅନୁମତି

ଦିଆଯାଇଛି, ଏବଂ ଶ୍ରମିକମାନଙ୍କ ପାଖରେ ନିଯୁକ୍ତି ପାଇଁ କିଛି ବିକଳ୍ପ ନାହିଁ, ନିଯୁକ୍ତି ଦାତାମାନେ ସେମାନଙ୍କର କର୍ମଚାରୀମାନଙ୍କୁ ଅଳ୍ପ ମଜୁରୀ ଦେଇପାରିବେ । ଶ୍ରମିକମାନେ ସେମାନଙ୍କର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଯଥେଷ୍ଟ ରୋଜଗାର କରିପାରିବେ ନାହିଁ ।

ଲୋକମାନଙ୍କର ସ୍ୱାଧୀନତାକୁ ସୁରକ୍ଷା ଦେବା ଦ୍ୱାରା ଏବଂ ସେମାନଙ୍କୁ ଆକ୍ରମଣରୁ ରକ୍ଷା କରିବା ଦ୍ୱାରା ଲୋକମାନଙ୍କର ସେବା କରିବା ସରକାରର ଉଦ୍ଦେଶ୍ୟ ଅଟେ । ମନୁଷ୍ୟର ମୌଳିକ ସ୍ୱାଧୀନତାଗୁଡ଼ିକ ହେଉଛି : ସେମାନଙ୍କର ମତାମତ ଦେବାର ଅଧିକାର, ଧର୍ମକୁ ପାଳନ କରିବା, ଲାଭ ନିମନ୍ତେ କାର୍ଯ୍ୟ କରିବା ଏବଂ ନିଜର ସମ୍ପତ୍ତି କରିବା । ଏହି ସମସ୍ତ ବିଷୟକୁ କରିବା ପାଇଁ ଅନୁମତି ନ ପାଇଲେ ସମ୍ପୂର୍ଣ୍ଣମାନବ ଭାବରେ ବ୍ୟବହାର ପାଏ ନାହିଁ ।

ବେଳେବେଳେ ବିଶ୍ୱାସୀମାନେ ପରିସ୍ଥିତିକୁ ସାଧାରଣ ଭାବରେ ଗ୍ରହଣ କରନ୍ତି ଏବଂ ଯେଉଁମାନେ ଅର୍ଥନୈତିକ ଅତ୍ୟାଚାରରେ ଅଛନ୍ତି ସେହି ଲୋକମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରନ୍ତି ନାହିଁ ।

ଜୁଲିୟା ଏକ ଛୋଟ ଗ୍ରାମରେ ବାସ କରେ ଯେଉଁଠାରେ ଚାକିରୀ ଉପଲବ୍ଧ ନ ଥିଲା । ତା'ର ତିନୋଟି ସନ୍ତାନକୁ ବୁଢ଼ିମାଁ ପାଖରେ ଛାଡ଼ି ସହରରେ ଥିବା ଏକ ପାଳକଙ୍କ ଘରେ ଜଣେ ଚାକର ଭାବରେ କାମ କରିବାକୁ ବାହାରି ଗଲେ, ପ୍ରତ୍ୟେକ ମାସ କେବଳ ଅଳ୍ପ ଆୟ କରୁଥିଲା । ଖୁବ୍ କମ ସମୟ ତା'ର ସନ୍ତାନମାନଙ୍କୁ ଦେଖା କରିପାରୁ ଥିଲା । ଏହିପରି ସନ୍ତାନମାନଙ୍କଠାରୁ ପୃଥକ ହେବା ଜଣେ ମାଆ ପାଇଁ ଏକ ଉତ୍ତମ ବୋଲି କେହି ବିବେଚନା କରିବେ ନାହିଁ, ବିଶ୍ୱାସୀମାନେ ମଧ୍ୟ ଜୁଲିଆଙ୍କ ପରି କଷ୍ଟକର ପରିସ୍ଥିତିରେ ବିଶ୍ୱାସୀମାନେ ମଧ୍ୟ ଜୁଲିଆଙ୍କ ପରି କଷ୍ଟକର ପରିସ୍ଥିତିରେ ଆଉ ଜଣକୁ ନିଯୁକ୍ତି ଦେଇପାରିବେ । ସେମାନେ ଆଶ୍ଚର୍ଯ୍ୟ ହେଲେ କାହିଁକି ସେମାନେ ଅଧିକ ଟଙ୍କା ଦେବେ, ଯେତେବେଳେ କେହି ଅଳ୍ପ ଟଙ୍କାରେ କାମ କରିବାକୁ ଇଚ୍ଛା କରୁଛି ? କାହିଁକି ସେମାନେ ତା'ର ସନ୍ତାନମାନଙ୍କଠାରୁ ପୃଥକ ବିଷୟରେ ଚିନ୍ତା କରିବେ, ଯଦି ସେ ତା'ର ଇଚ୍ଛାରେ ସେମାନଙ୍କୁ ଛାଡ଼ି କାମ କରେ ?

► ଜୁଲିୟାର ପରିସ୍ଥିତିରେ ହସ୍ତକ୍ଷେପ କରିବାକୁ ବିଶ୍ୱାସୀମାନଙ୍କର ଏକ ବାଧ୍ୟତାମୂଳକ ଅଛି କି? କିପରି ?

ଅର୍ଥନୈତିକ ଅତ୍ୟାଚାର ବିଷୟରେ ଆମୋଷ ପୁସ୍ତକ ଅନେକ ଥର କହେ । ଆମୋଷ ୫:୧୧-୧୨ରେ ଭବିଷ୍ୟତ୍‌ବକ୍ତା ଲାଞ୍ଚ ବିଷୟରେ କହିଛନ୍ତି ଯେ, ବିଚାରକମାନଙ୍କୁ ଟଙ୍କା ଥିବା ବ୍ୟକ୍ତିଙ୍କ ପକ୍ଷ ନେବାକୁ ବାଧ୍ୟ କରେ ଏବଂ ଗରୀବଙ୍କ ପାଇଁ ନ୍ୟାୟ ଅପହଞ୍ଚ କରି ଦିଏ ।ଆମୋଷ ୮:୪-୬ରେ ଭବିଷ୍ୟତ୍‌ବକ୍ତା ଗରୀବ ଲୋକଙ୍କୁ ଠକିବା ପାଇଁ ମିଥ୍ୟା ମାପ ବ୍ୟବହାର କରୁଥିବା ଲୋକଙ୍କୁ ନିନ୍ଦା କରନ୍ତି ।ଆମୋଷ ୪:୧ରେ ସେ କହନ୍ତି ଯଦି ଗରୀବମାନଙ୍କୁ ନିର୍ଯ୍ୟାତନା ଦେଇ ସ୍ୱାମୀମାନେ ଲାଭ କରୁଥିବା ଅର୍ଥରେ ସ୍ତ୍ରୀମାନେ ବିଳାଶପୂର୍ଣ୍ଣ ଜୀବନ କାଟନ୍ତି ତେବେ ମହିଳାମାନେ ଦୋଷୀ ଅଟନ୍ତି । ଭାବବାଦୀ କହନ୍ତି, ନ୍ୟାୟ ନଦୀ ପରି ଢ଼ଳା ଯିବା ଉଚିତ (ଆମୋଷ ୫:୨୪), ଅର୍ଥାତ୍ ତାହା ପ୍ରତ୍ୟେକଙ୍କ ନିମନ୍ତେ ପ୍ରଚୁର ଏବଂ ଉପଲବ୍ଧ ହେବା ଉଚିତ ।

## ମାନବୀକ ମୂଲ୍ୟବୋଧ ଏବଂ କର୍ତ୍ତୃତ୍ୱ ଭୂମିକା ।

ପ୍ରତ୍ୟେକ ବ୍ୟକ୍ତି ଅସୀମ ମୂଲ୍ୟବାନ, ଏହାର ଅର୍ଥ ନୁହେଁ ଯେ, ଲୋକଙ୍କ ମଧ୍ୟରେ କୌଣସି କର୍ତ୍ତୃପକ୍ଷ ଗଠନ ରହିବା ଉଚିତ ନୁହେଁ । ସମାନ ମୂଲ୍ୟର ଅର୍ଥ ନୁହେଁ ଯେ, ସମାନ କର୍ତ୍ତୃତ୍ୱ । ଉଦାହରଣ ସ୍ୱରୂପ, ଯଦିଓ ତ୍ରିତ୍ତ୍ୱ ଈଶ୍ୱରଙ୍କର ପ୍ରତ୍ୟେକ ବ୍ୟକ୍ତି ସମ୍ପୂର୍ଣ୍ଣ ଭାବରେ ଏବଂ ସମାନ ଭାବରେ ପରମେଶ୍ୱର ଅଟନ୍ତି, ଏବଂ ପୁତ୍ର, ପିତାଙ୍କଠାରେ ସମର୍ପିତ ଅଟନ୍ତି (ଯୋହନ ୬:୩୮) । ଈଶ୍ୱର ସ୍ତ୍ରୀଙ୍କୁ ତାଙ୍କ ସ୍ୱାମୀଙ୍କ କଥା ମାନିବାକୁ ଆଦେଶ ଦେଇଛନ୍ତି, ଏହାର ଅର୍ଥ ନୁହେଁ ଯେ, ସେ ତାଙ୍କଠାରୁ ନ୍ୟୁନ ଅଟନ୍ତି (ଏଫିସୀୟ ୫:୨୨) । ପରମେଶ୍ୱର ପିଲାମାନଙ୍କୁ ସେମାନଙ୍କର ପିତାମାତାଙ୍କର କଥା ମାନିବାକୁ ଆଦେଶ ଦେଇଛନ୍ତି ତା'ର ଅର୍ଥ ନୁହେଁ ଯେ, ସେମାନେ ସେମାନଙ୍କର ପିତାମାତାଙ୍କଠାରୁ ନ୍ୟୁନ ଅଟନ୍ତି, ବିକାଶ ବ୍ୟତୀତ (ଏଫିସୀୟ ୬:୧) ।

ଈଶ୍ୱର ସରକାରଙ୍କୁ ସ୍ଥାପନ କରିଅଛନ୍ତି (ରୋମୀୟ ୧୩:୧-୫) । ସେ ମଧ୍ୟ ମଣ୍ଡଳୀରେ କର୍ତ୍ତାମାନଙ୍କୁ ସ୍ଥାପନ କରିଅଛନ୍ତି (ଏବ୍ରୀ ୧୩:୧୭) ।

ପ୍ରତ୍ୟେକ ନେତା ମନେରଖିବା ଉଚିତ ଯେ, ସେମାନେ ଦାସ ଅଟନ୍ତି (ମାଥିଉ ୨୦:୨୫-୨୮) । ନେତୃତ୍ୱ ନେଇ ସେବା କରିବା, ଯେଉଁମାନେ ଅନୁସରଣ କରନ୍ତି ସେମାନଙ୍କୁ ଲାଭ ଦିଗରେ କଢ଼ାଇ ନେବା । ନେତା ତା'ର ଲାଭ ନିମନ୍ତେ ନେତୃତ୍ୱ ନିଏ ନାହିଁ ବରଂ ଯେଉଁମାନେ ଅନୁସରଣ କରନ୍ତି ସେମାନଙ୍କର ସେବା କରିବା ହେତୁ ନିଜ ଲାଭକୁ ବଳି ଦିଅନ୍ତି ।

► ଆପଣ ଏହି ସତ୍ୟକୁ କିପରି ବ୍ୟାଖ୍ୟା କରିବେ ଯେ, ଗୋଟିଏ ଅର୍ଥରେ କିଛି ଲୋକ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଅନ୍ୟ ଅର୍ଥରେ ସମସ୍ତ ଲୋକ ସମାନ ଗୁରୁତ୍ୱପୂର୍ଣ୍ଣ?

## ବିଶ୍ୱାସୀମାନଙ୍କ ପାଇଁ ଆବେଦନ

ନିଶ୍ଚିତ କରନ୍ତୁ ଯେ, ସମସ୍ତ ଲୋକଙ୍କ ଯତ୍ନ ମଣ୍ଡଳୀ ପରିବାର ଦ୍ୱାରା ଦିଆଯିବ ।

- ବୟସ୍କ ଲୋକଙ୍କୁ ସ୍ମରଣ କରାଯାଉଛି କି ଏବଂ ଆବଶ୍ୟକ ଅନୁସାରେ ସେମାନଙ୍କୁ ସାହାଯ୍ୟ କରାଯାଉଛି କି?
- ପିଲାମାନଙ୍କୁ ମୂଲ୍ୟ ଦିଆଯାଉଛି କି ଓ ସେମାନଙ୍କର ପରିପକ୍ୱତାର ସ୍ତର ପାଇଁ ଶିକ୍ଷା ଏବଂ ପ୍ରୋତ୍ସାହନ ଦିଆଯାଉଛି କି?
- ଆପଣଙ୍କ ମଣ୍ଡଳୀରେ ଗରୀବ ଲୋକଙ୍କୁ ସ୍ୱାଗତ କରାଯାଉଛି କି?
- ଆପଣ କ'ଣ ଆପଣଙ୍କର ମଣ୍ଡଳୀର ଲୋକମାନଙ୍କୁ ସମାଜରେ ସେମାନଙ୍କ ଧନ କିମ୍ବା ସ୍ଥିତି ପାଇଁ ସମ୍ମାନିତ କରିବା ଏଡ଼ାଇ ଦେଉଛନ୍ତି?

- ସମସ୍ତ ଜନଜାତି ଲୋକଙ୍କୁ ମଣ୍ଡଳୀର ସହଭାଗିତାରେ ଏବଂ ସେବାକାର୍ଯ୍ୟରେ ଭାଗ ନେବା ପାଇଁ ସ୍ୱାଗତ କରାଯାଇଛି କି?
- ଆପଣଙ୍କ ଅଞ୍ଚଳରେ ଥିବା ଜନଜାତିମାନଙ୍କୁ ସୁସମାଚାର ପ୍ରଚାର କରିବା ଆବଶ୍ୟକ କି?
- ଆପଣଙ୍କର ପ୍ରତିବାସୀମାନେ ଯେଉଁମାନେ ନିର୍ଯ୍ୟାତିତ ହେଉଛନ୍ତି ଜଣେ ମଧ୍ୟସ୍ଥତାର ଆବଶ୍ୟକ କରନ୍ତି କି?

ଜଣେ ଧାର୍ମିକ ପରିବାର ସମସ୍ତ ଲୋକଙ୍କ ମୂଲ୍ୟ ପ୍ରଦର୍ଶନ କରିବା ଉଚିତ । ଉଭୟ ସ୍ୱାମୀ ଓ ସ୍ତ୍ରୀ ସମ୍ମାନ ପାଇବା ଉଚିତ । ସେମାନଙ୍କ ଆବଶ୍ୟକ ପାଇଁ ବିବେଚନା କରିବା ଉଚିତ । ପିଲାମାନଙ୍କୁ ଅଣଦେଖା କିମ୍ବା ଗୁରୁତ୍ୱହୀନ ବୋଲି ବ୍ୟବହାର କରିବା ଉଚିତ ନୁହେଁ । ପିଲାମାନଙ୍କୁ ଠିକ୍ ଭାବରେ ଶୃଙ୍ଖଳିତ କରିବା ଉଚିତ । ପଡ଼ୋଶୀଙ୍କ ପ୍ରତି ଏପରି ବ୍ୟବହାର କରିବାର ଅଧିକାର ଯେପରି ତୁମର ନାହିଁ, ସେହିପରି ତୁମର ପିଲା କିମ୍ବା ସ୍ତ୍ରୀଙ୍କ ସହିତ ହିଂସାତ୍ମକ ହେବାର ଅଧିକାର ନାହିଁ ।

ଆମେ ଗରୀବମାନଙ୍କୁ ଏପରି ସାହାଯ୍ୟ କରିବା ଉଚିତ ଯାହା ସେମାନଙ୍କର ସମ୍ମାନକୁ ଦୃଢ଼ କରିବ । ଗରୀବମାନଙ୍କୁ ଅପମାନିତ କରିବା ସହିତ ନିଜକୁ ସମ୍ମାନ ଦେବା ପାଇଁ ସାର୍ବଜନୀନ ଭାବରେ ଦାନ କରନ୍ତୁ ନାହିଁ । ଯଦି ଜଣେ ଗରୀବ ବ୍ୟକ୍ତିଙ୍କୁ ତାଙ୍କର ଆବଶ୍ୟକତା ଅନୁସାରେ ରୋଜଗାର କରିବାର ଏକ ଉଚିତ ଉପାୟ ପ୍ରଦାନ କର, ତା'ର ସମ୍ମାନ ସୁରକ୍ଷିତ ହେବ କାରଣ ସେମାନେ ଲାଭ ନିମନ୍ତେ କାର୍ଯ୍ୟ ପରିବର୍ତ୍ତନ କରିପାରିବେ । ଗରୀବମାନଙ୍କୁ ସର୍ବୋତ୍ତମ ସାହାଯ୍ୟ ସେମାନଙ୍କର ପରିସ୍ଥିତି ପରିବର୍ତ୍ତନ କରିବାର ସୁଯୋଗ ଦେଇଥାଏ ।

ପୁରାତନ ନିୟମରେ ଗୁରୁତ୍ୱ ଦିଆଯାଏ ଯେ, ଈଶ୍ୱର ଚାହାନ୍ତି ନିର୍ଯ୍ୟାତିତ ଲୋକମାନଙ୍କୁ ତାଙ୍କ ଲୋକମାନେ ମୁକ୍ତ କରନ୍ତୁ (ଯିଶାଇୟ ୫୮:୬) ।

ନୂତନ ନିୟମ ଏହି ସତ୍ୟକୁ ଗୁରୁତ୍ୱ ଦିଏ ଯେ, ଯୀଶୁ ଗରୀବ ଲୋକଙ୍କ ମଧ୍ୟରୁ ଆସିଥିଲେ (୨ କରିନ୍ଥୀୟ ୮:୯) । ସେ ଏପରି ସ୍ଥାନରେ ଜନ୍ମ ହୋଇଥିଲେ ଯେଉଁଠାରେ ପଶୁମାନଙ୍କୁ ରଖାଯାଉଥିଲା (ଲୂକ ୨:୭) । ତାଙ୍କର ଅଧିକାଂଶ ବନ୍ଧୁ ଏବଂ ଅନୁସରଣକାରୀମାନେ କାମ କରୁଥିବା ଲୋକ ଏବଂ ଗରିବ ଲୋକ ଥିଲେ । ସେମାନଙ୍କ ସମାଜରେ ଯେଉଁମାନଙ୍କୁ ଗୁରୁତ୍ୱ ଦିଆଯାଉ ନ ଥିଲା ଯୀଶୁ ସେମାନଙ୍କର ଯତ୍ନ ନେଉଥିଲେ : ଗରୀବ, କୁଷ୍ଠୀ, ବିଧବା, ବିଦେଶୀମାନେ ଏବଂ ପିଲାମାନେ (ଲୂକ ୭:୨୨) । ସେ କହିଲେ, ଦୀନହୀନମାନଙ୍କ ନିକଟରେ ସୁସମାଚାର ପହଞ୍ଚାଇବା ପାଇଁ ସେ ଆସିଥିଲେ । ନିର୍ଯ୍ୟାତିତ ଲୋକଙ୍କୁ ସୁସମାଚାର ମୁକ୍ତ କରିବ (ଲୂକ ୪:୧୮-୧୯) ।

ମଣ୍ଡଳୀର ପ୍ରାଥମିକ ଦିନଗୁଡ଼ିକଠାରୁ, ବିଶ୍ୱାସୀମାନେ ସେମାନଙ୍କ ସମାଜରେ ସକ୍ରୀୟ ହେଲେ । ସେମାନେ ପରିତ୍ୟକ୍ତ ପିଲାମାନଙ୍କୁ ସେମାନଙ୍କ ଗୃହକୁ ନେଲେ, କ୍ରୀତଦାସମାନଙ୍କୁ ମୁକ୍ତ କଲେ ଏବଂ ରୋଗୀମାନଙ୍କୁ ସାହାଯ୍ୟ କଲେ । ଯେଉଁମାନଙ୍କୁ ସେମାନଙ୍କର ସମାଜ ମୂଲ୍ୟହୀନ ବୋଲି ବିବେଚନା କରୁଥିଲେ, ସେମାନଙ୍କର ଯତ୍ନ ସେମାନେ ନେଲେ ।

ଯୀଶୁ କହିଲେ, ଈଶ୍ୱରଙ୍କ ରାଜ୍ୟ ଆସୁ ଏବଂ ତାଙ୍କର ଇଚ୍ଛା ସଫଳ ହେଉ ବୋଲି ଆମେ ପ୍ରାର୍ଥନା କରିବା ଉଚିତ (ମାଥିଉ ୬:୧୦) । ଆମେ ଜାଣୁ ଯେ, ଯେତେବେଳେ ଈଶ୍ୱରଙ୍କ ରାଜ୍ୟ ସମ୍ପୂର୍ଣ୍ଣ ଭାବରେ ପୃଥିବୀରେ ଆସିବ ସେତେବେଳେ ନିର୍ଯ୍ୟାତନା ସମାପ୍ତ ହେବ । ଏହି ସମୟ ମଧ୍ୟରେ ପ୍ରତ୍ୟେକ ସ୍ଥାନରେ ନିର୍ଯ୍ୟାତିତ ଲୋକଙ୍କ ପାଇଁ ଈଶ୍ୱର ମଧ୍ୟସ୍ଥତା କରନ୍ତୁ ବୋଲି ଆମେ ପ୍ରାର୍ଥନା କରିବା ଉଚିତ ।

### ଦଳଗତ ଆଲୋଚନା ନିମନ୍ତେ

ଅଧିକାଂଶ ଦଳ ପାଇଁ, ଏହି ବିଷୟ ବହୁତ ଆଲୋଚନାର କାରଣ ହେବ । କିଛି ଛାତ୍ରଙ୍କର ସେମାନେ ଯାହା ଅନୁଭବ କରିଛନ୍ତି କିମ୍ବା ଦେଖିଛନ୍ତି ସେ ବିଷୟରେ ଦୃଢ଼ ଭାବନା ଥାଇପାରେ ।

► ତୁମେ ଯଦି ପ୍ରତ୍ୟେକ ବ୍ୟକ୍ତିଙ୍କର ପରମେଶ୍ୱରଙ୍କ ପ୍ରତି ମୂଲ୍ୟ ମନେରଖିବା, ତେବେ ଅନ୍ୟ ଜାତିର ଦଳ ପ୍ରତି ତୁମର ମନୋଭାବ କିପରି ପରିବର୍ତ୍ତନ ହେବ?

► ମାନବ ମୂଲ୍ୟ ବିଷୟରେ ଏବେ ଯାହା ଜାଣିଲ, ସେଥିପାଇଁ ତୁମେ କ'ଣ ଭିନ୍ନ ଭାବରେ କରିବାକୁ ଚାହୁଁଛ? ଅନ୍ୟମାନେ କ'ଣ କରିଛନ୍ତି, ତାହା ବିଷୟରେ କ୍ରୋଧ ପ୍ରକାଶ କରିବା ଅପେକ୍ଷା ନିଜସ୍ୱ ପ୍ରତିବଦ୍ଧତାକୁ ବାଣ୍ଟିବାକୁ ଛାତ୍ରମାନଙ୍କୁ ଉତ୍ସାହିତ କରନ୍ତୁ ।

► ମାନବୀୟ ମୂଲ୍ୟବୋଧ କିପରି ଏକ ମଣ୍ଡଳୀର ସେବାକାର୍ଯ୍ୟକୁ ପ୍ରଭାବିତ କରିବା ଉଚିତ ?

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା,

ତୁମର ସାଦୃଶ୍ୟରେ ଆମକୁ ଗଢ଼ି ତୋଳି ଥିବା ହେତୁ ତୁମକୁ ଧନ୍ୟବାଦ ଦେଉଅଛୁ । ପ୍ରତ୍ୟେକ ଲୋକଙ୍କୁ ସମ୍ମାନ ଦେବା ପାଇଁ ମୋତେ ସାହାଯ୍ୟ କର । ଲୋକଙ୍କ ବିରୁଦ୍ଧରେ ଥିବା ମୋର ଯେକୌଣସି ପକ୍ଷପାତ ଏବଂ ଅସନ୍ତୋଷରୁ ଅନୁତାପ କରିବାରେ ମୋତେ ସାହାଯ୍ୟ କର ।

ଜଗତରେ ସେମାନଙ୍କର ଜାତିଗତ ହେତୁ, ଲିଙ୍ଗ ହେତୁ, ବୟସ ହେତୁ କିମ୍ବା ଅନ୍ୟ ଚରିତ୍ର ହେତୁ ଯେଉଁମାନେ ଖରାପ ବ୍ୟବହାର ପାଉଛନ୍ତି, ସେମାନଙ୍କ ପ୍ରତି ତୁମେ ନ୍ୟାୟ ଆଣ ବୋଲି ମୁଁ ପ୍ରାର୍ଥନା କରୁଅଛି ।

ମୋତେ ନିର୍ଯ୍ୟାତିତ ଲୋକଙ୍କୁ ରକ୍ଷା କରିବାରେ ସାହାଯ୍ୟ କର ଏବଂ ମୋ' ସମାଜକୁ ସମସ୍ତଙ୍କ ପାଇଁ ନ୍ୟାୟପୂର୍ଣ୍ଣ କାର୍ଯ୍ୟ କରିବାରେ ସାହାଯ୍ୟ କର । ଆମ ମଣ୍ଡଳୀ ଏବଂ ପ୍ରତ୍ୟେକ ବିଶ୍ୱାସୀଙ୍କୁ ନିର୍ଦ୍ଦିଷ୍ଟ ଉପାୟରେ ଜଗଜ ପ୍ରତି ତୁମର ପ୍ରେମ ଦେଖାଇବାରେ ସାହାଯ୍ୟ କର ।

ଆମେନ୍

## ପାଠ ୧୧: ଦିଆଯାଇଥିବା କାର୍ଯ୍ୟ

(୧) ସମାଜରେ ଲୋକଙ୍କ ପ୍ରତି ବ୍ୟବହାର ପରିବର୍ତ୍ତନ କରିବା ପାଇଁ ମଣ୍ଡଳୀର ଈଶ୍ୱର ଦତ୍ତ ଦାୟିତ୍ୱ ବିଷୟରେ ଲେଖ ।

- ତୁମର ମଣ୍ଡଳୀ କ'ଣ କରିବା ଉଚିତ?
- ବିଶ୍ୱାସୀମାନେ ବ୍ୟକ୍ତିଗତ ଭାବରେ କ'ଣ କରିବା ଉଚିତ?
- ତୁମେ କ'ଣ କରିବ?

(୨) ଦ୍ୱିତୀୟ ବିବରଣ ୨୪:୧୦-୧୧ ପାଠ କର । ନିର୍ଦ୍ଦେଶଗୁଡ଼ିକୁ ତାଲିକା କର ଯାହା ଲୋକମାନଙ୍କର ମୂଲ୍ୟକୁ ଦର୍ଶାଏ । ପ୍ରତ୍ୟେକ ନିର୍ଦ୍ଦେଶର ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କର ।

# ପାଠ - ୧୨

# ସରକାର

## ପାଠର ଉଦ୍ଦେଶ୍ୟ

ଏହି ପାଠର ଶେଷ ସୁଦ୍ଧା ଛାତ୍ର ଛାତ୍ରୀମାନେ ଯେପରି :

(୧) ବୁଝିପାରିବେ ଯେ, ଈଶ୍ୱର ସରକାରଙ୍କ ଉପରେ କେଉଁ ଦାୟିତ୍ୱ ଏବଂ ସୀମାବଦ୍ଧତା ରଖିଛନ୍ତି ।

(୨) ସରକାରଙ୍କ ସହିତ ସମ୍ପର୍କିତ ଶାସ୍ତ୍ରୀୟ ନିର୍ଦ୍ଦେଶ ଏବଂ ନୀତିଗୁଡ଼ିକୁ ପାଳନ କରିପାରିବେ ।

(୩) ସମାଜରେ ଧାର୍ମିକତାର ପ୍ରଭାବଶାଳୀ ହେବାକୁ ପ୍ରତିବଦ୍ଧ ହେବେ ।

## William Wilberforce (ୱିଲିୟମ ୱିଲବରଫୋର୍ସ), ମାନବିକତାର ରକ୍ଷକ

(୧୭୫୯ - ୧୮୩୩)ରେ ୱିଲିୟମ ୱିଲବରଫୋର୍ସ ବ୍ରିଟିଶ୍ ପାର୍ଲାମେଣ୍ଟରେ ଜଣେ ସଦସ୍ୟ ଥିଲେ, ଯିଏ ପରବର୍ତ୍ତି ସମୟରେ ଜଣେ ବିଶ୍ୱାସୀ ହେଲେ ଓ ଦାସତ୍ୱ ପ୍ରଥା, ଶିଶୁ ଶ୍ରମିକ ଏବଂ ଗରୀବମାନଙ୍କ ପ୍ରତି ଦୁର୍ବ୍ୟବହାରକୁ ବିରୋଧ କରିବା ଆରମ୍ଭ କରିଥିଲେ । ସେ ୨୦ ବର୍ଷ ଧରି ଏକ ଆଇନ୍ ପ୍ରଣୟନ କରିବା ପାଇଁ କାର୍ଯ୍ୟ କରିଥିଲେ ଯାହା ଆଫ୍ରିକାରୁ ବନ୍ଦୀମାନଙ୍କୁ ଆଣି ବ୍ରିଟଶ୍ ସାମ୍ରାଜ୍ୟରେ ବିକ୍ରୀ କରିବା ପାଇଁ କ୍ରୀତଦାସ ବାଣିଜ୍ୟକୁ ସମାପ୍ତ କରିବ । ଏହି ସମସ୍ୟା ବିଷୟରେ କେହି ଧ୍ୟାନ ଦେଉ ନ ଥିବାରୁ ସେ ନିରାଶ ହେଉଥିଲେ । ଥରେ ସେ ସଂସଦର ଅଧିକାଂଶ ସଦସ୍ୟଙ୍କୁ ଆଇନ୍‌କୁ ସମର୍ଥନ କରିବାକୁ ରାଜି କରାଇଥିଲେ, କିନ୍ତୁ ବିରୋଧିମାନେ କେତେଜଣ ସଦସ୍ୟଙ୍କୁ ଅନୁପସ୍ଥିତ ରହିବା ପାଇଁ ସେମାନଙ୍କ ପାଇଁ ସିନେମା ଟିକଟ କିଣି ଦେଲେ ଏବଂ ଆଇନ୍ ପାସ୍ ହୋଇପାରିଲା ନାହିଁ । ୧୮୦୭ ମସିହାରେ ଏହି ଆଇନ୍ କ୍ରୀତଦାସ ବାଣିଜ୍ୟକୁ ସମାପ୍ତ କରିଥିଲା, କିନ୍ତୁ ଦାସତ୍ୱ ଏପର୍ଯ୍ୟନ୍ତ ବେଆଇନ୍ ହୋଇ ନ ଥିଲା । ସେ ଦାସତ୍ୱର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଅଭିଯାନ ଜାରି ରଖିଥିଲେ । ୧୮୩୩ ମସିହାରେ ବ୍ରିଟିଶ ସାମ୍ରାଜ୍ୟର ଅଧିକାଂଶ ସ୍ଥାନରେ ଦାସତ୍ୱ ପ୍ରଥା ସମାପ୍ତ ହେଲା ବୋଲି ଆଇନ୍ ପ୍ରଣୟନ ହେବା ଖବର ପାଇବାର ତିନି ଦିନ ପରେ ୱିଲିୟମ ୱିଲବରଫୋର୍ସଙ୍କର ମୃତ୍ୟୁ ହୋଇଥିଲା ।

## ପରିଚୟ

ବିଶ୍ୱାସୀମାନେ ସେମାନଙ୍କ ସରକାରଙ୍କ ସହିତ ଯେଉଁ ସମ୍ପର୍କରେ ରହିଥିଲେ, ସେଥିରେ ବହୁତ ବିବଧତା ରହିଛି । ଇତିହାସରେ କିଛି ସମୟରେ ଏବଂ ସ୍ଥାନଗୁଡ଼ିକରେ ଏକ ଜାତୀୟ ଚର୍ଚ୍ଚ ଥିଲା, ଯାହା ସରକାରଙ୍କ ସହିତ ମିଳିତ ଥିଲା । ଅନ୍ୟ ସମୟରେ ଏବଂ ସ୍ଥାନଗୁଡ଼ିକରେ, ସରକାର ଚର୍ଚ୍ଚକୁ ଅବୈଧ କରିଛନ୍ତି ଏବଂ ତାଡ଼ାନ କରିଛନ୍ତି । କିଛି ଦେଶ ଅଛି ଯେଉଁମାନେ ଲୋକମାନଙ୍କୁ ସ୍ୱାଧୀନ ଭାବରେ ଯେକୌଣସି ଧର୍ମ ପାଳନ କରିବାକୁ ଅନୁମତି ଦିଅନ୍ତି ଏବଂ ସେଠାରେ ସରକାରମାନେ କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ସମର୍ଥନ କରନ୍ତି ନାହିଁ ବୋଲି ଦାବି କରନ୍ତି ।

ବିଶ୍ୱାସୀ ଏବଂ ସରକାରଙ୍କ ମଧ୍ୟରେ ସମ୍ପର୍କ ଅନେକ କଷ୍ଟକର ପ୍ରଶ୍ନ ସୃଷ୍ଟି କରେ । କେତେକ ସମୟରେ କେତେକ ସ୍ଥାନରେ ମଣ୍ଡଳୀ ସରକାରଙ୍କ ସହିତ ଏପରି ସମ୍ପର୍କ ବିକଶିତ କରେ ଯାହା ବିଶ୍ୱର ଅନ୍ୟ ସ୍ଥାନରେ ହୋଇପାରେ ନାହିଁ, ଯେଉଁଠାରେ ସରକାର ବହୁତ ଭିନ୍ନ ।

ଏହି ପାଠ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବ ନାହିଁ କିମ୍ବା ଖ୍ରୀଷ୍ଟଙ୍କ ଜଣେ ଅନୁଗାମୀ ପ୍ରତ୍ୟେକ କ୍ଷେତ୍ରରେ କ'ଣ କରିବା ଉଚିତ, ତାହା ବ୍ୟାଖ୍ୟା କରିବ ନାହିଁ, କିନ୍ତୁ ବାଇବଲ ଦୃଷ୍ଟିକୋଣରୁ ଜଣେ ବିଶ୍ୱାସୀ ସହିତ ସରକାରଙ୍କର କ'ଣ ସମ୍ପର୍କ ତାହା ଆମେ ଦେଖିବା ।

► ଜଣେ ଛାତ୍ର ରୋମୀୟ ୧୩:୧-୭ ଦଳ ପାଇଁ ପାଠ କରିବେ । ଏହି ପଦରେ ସରକାର ବିଷୟରେ ଉଲ୍ଲେଖ କେଉଁ ବିଷୟ ତୁମେ ଦେଖ?

ବାଇବଲ ଆମକୁ କହେ ଯେ, ଈଶ୍ୱର ମାନବ ସରକାର ସ୍ଥାପନ କରିଛନ୍ତି । ସରକାର ରହୁ ଏହା ଈଶ୍ୱରଙ୍କର ଇଚ୍ଛା ଅଟେ ଏବଂ ଯେକେହି ମାନବ ସରକାରକୁ ପ୍ରତ୍ୟାଖ୍ୟାନ କରେ ସେ ଈଶ୍ୱରଙ୍କ ବିରୁଦ୍ଧ ଅଟେ (ରୋମୀୟ ୧୩:୧-୨) ।

► ଏହି ପଦ ଅନୁଯାଇ ସରକାରର ଉଦ୍ଦେଶ୍ୟ କ'ଣ ଅଟେ?

ସରକାରଙ୍କର ଗୋଟିଏ ଉଦ୍ଦେଶ୍ୟ ହେଉଛି ଆଇନ ପ୍ରବର୍ତ୍ତନ କରି ଖରାପ ଆଚରଣକୁ ଦଣ୍ଡ ଦେବା (ରୋମୀୟ ୧୩:୩) । ଶାସକ ଈଶ୍ୱରଙ୍କ ସେବା କରନ୍ତି ଏବଂ ଯେତେବେଳେ ନିୟମ ଭଙ୍ଗକାରୀଙ୍କୁ ଦଣ୍ଡ ଦିଅନ୍ତି ସେତେବେଳେ ସେ ଈଶ୍ୱରଙ୍କ ଉଦ୍ଦେଶ୍ୟ ପୂରଣ କରନ୍ତି (ରୋମୀୟ ୧୩:୪) ।

► ଜଣେ ଛାତ୍ର ୧ ତୀମଥି ୨:୧-୨ ଦଳ ପାଇଁ ପାଠ କରିବେ ।

ଆମେ ସରକାରଙ୍କ ନିମନ୍ତେ ପ୍ରାର୍ଥନା କରିବା ଉଚିତ ଯେପରି ଆମେ ଶାନ୍ତିରେ ବସବାସ କରିପାରିବା । ଏହା କହେ ଯେ, ଯେତେବେଳେ ସରକାର ଯେପରି କାମ କରିବା ଉଚିତ୍ ସେପରି କାମ କରେ, ଏହା ସମାଜରେ ଶାନ୍ତି ରକ୍ଷା କରେ ।

## ଖ୍ରୀଷ୍ଟିୟାନ ପ୍ରଭାବ

► ମାଥିଉ ୫:୧୩-୧୬ ପାଠ କର । ଯେତେବେଳେ ଯୀଶୁ ଆମକୁ ଲବଣ ଏବଂ ଜ୍ୟୋତିଃ ସଦୃଶ ହେବାକୁ କୁହନ୍ତି, ତା'ର ଅର୍ଥ କ'ଣ?

କେତେ ଲୋକ ବିଶ୍ୱାସ କରନ୍ତି ଯେ, ଯୀଶୁଙ୍କର ଅନୁଗାମୀମାନେ ଭୋଟ୍ ଦେବା ଉଚିତ ନୁହେଁ କିମ୍ବା ସରକାରର ପଦବୀରେ ରହିବା ଉଚିତ ନୁହେଁ, କାରଣ ଜଗତର ସରକାର ଖ୍ରୀଷ୍ଟିୟାନ ନୀତି ନିୟମ ଦ୍ୱାରା ଶାସିତ ହୁଏ ନାହିଁ । କିଛି ଖ୍ରୀଷ୍ଟିୟାନ ବିଶ୍ୱାସ କରନ୍ତି ଯେ, ମଣ୍ଡଳୀ ଏକ ପୃଥକ ସମ୍ପ୍ରଦାୟ ହେବା ଉଚିତ, ଯାହା ସମାଜରେ ସାମିଲ୍ ହୁଏ ନାହିଁ, କାରଣ ସେ ସମାଜ ଅତ୍ୟଧିକ ଦୁର୍ନିତିଗ୍ରସ୍ତ ଅଟେ ।

ଭବିଷ୍ୟଦ୍‌ବକ୍ତା ଯିରିମିୟ ସେହି ଯିହୁଦୀମାନଙ୍କୁ ଲେଖିଥିଲେ, ଯେଉଁମାନେ ନିଜ ଦେଶରୁ ମୂର୍ତ୍ତିପୂଜକ ସମାଜରେ ରହିବା ପାଇଁ ନିଆଯାଇଥିଲେ । ସେମାନେ ସେଠାରେ ଇଚ୍ଛୁକ ନ ଥିଲେ । ଯଦି ଈଶ୍ୱରଙ୍କଠାରେ ବିଶ୍ୱାସୀମାନଙ୍କର ସମାଜରେ ଅଂଶଗ୍ରହଣରୁ ନିବୃତ୍ତ ରହିବାର କାରଣ କେବେ ଥିଲା, ତେବେ ନିଶ୍ଚିତ ଭାବରେ ଏହି ଯିହୁଦୀମାନଙ୍କର ଥିଲା । ସେମାନେ ସେଠାରେ ନିଜର ଇଚ୍ଛା ବିରୁଦ୍ଧରେ ଥିଲେ, ସମାଜର ଧର୍ମ ମୂର୍ତ୍ତିପୂଜା ଥିଲା, ସରକାର ଅତ୍ୟାଚାରୀ ଥିଲେ ଏବଂ ସେମାନଙ୍କ ଜାତିକୁ ଧ୍ୱଂସ କରିଥିଲା ଓ ଯିହୁଦୀମାନେ ସେହି ଦିନକୁ ଅପେକ୍ଷା କରିଥିଲେ, କେତେବେଳେ ସେମାନେ ସେଠାରୁ ବାହାରି ଯିବେ ।

କିନ୍ତୁ ଏହି ଲୋକମାନଙ୍କ ନିମନ୍ତେ ଭାବବାଦୀଙ୍କୁ ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ବାକ୍ୟ ଶୁଣନ୍ତୁ :

> "ପୁଣି, ଆମ୍ଭେ ଯେଉଁ ନଗରରେ ତୁମ୍ଭମାନଙ୍କୁ ନିର୍ବାସିତ କରାଇଅଛୁ, ତହିଁର ଶାନ୍ତି ଚେଷ୍ଟା କର ଓ ତହିଁ ନିମନ୍ତେ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କର, କାରଣ ତହିଁର ଶାନ୍ତିରେ ତୁମ୍ଭମାନଙ୍କର ଶାନ୍ତି ହେବ" (ଯିରିମିୟ ୨୯:୭) ।

"*ଶାଲୋମ୍*", ଏହି ପଦରେ ବ୍ୟବହୃତ ହିବ୍ରୁ ଶବ୍ଦ କେବଳ ଶାନ୍ତିକୁ ନୁହେଁ, ବରଂ ଶାନ୍ତି ସହିତ ଆସୁଥିବା ଆଶୀର୍ବାଦକୁ ମଧ୍ୟ ବୁଝାଏ । ଏହା ଈଶ୍ୱରଙ୍କ ଆଶୀର୍ବାଦକୁ ବୁଝାଏ । ପରମେଶ୍ୱରଙ୍କ ଏହି ଉପାସକମାନେ ପରମେଶ୍ୱରଙ୍କ ଆଶୀର୍ବାଦ ପାଇପାରିବେ ଯେତେବେଳେ ସେମାନେ ସେହି ଆଶୀର୍ବାଦଗୁଡ଼ିକୁ ଏକ ପାପୀ ସମାଜରେ ଆଣିବାକୁ ଚେଷ୍ଟା କରିବେ, ଯେଉଁମାନେ ତାଙ୍କୁ ଜାଣି ନ ଥିଲେ ଏବଂ ତାଙ୍କ ଲୋକମାନଙ୍କୁ ତାଡ଼ନା କରିଥିଲେ ।

ପରମେଶ୍ୱରଙ୍କ ସେବା କରୁଥିବା ଲୋକମାନେ ସେମାନଙ୍କ ସମାଜକୁ ପରମେଶ୍ୱରଙ୍କ ଇଚ୍ଛାକୁ ସମ୍ମାନ ଦେବା ପାଇଁ ପ୍ରଭାବିତ କରିବା ଉଚିତ, ଯାହା ଦ୍ୱାରା ସେମାନଙ୍କର ସମାଜ ଆଶୀର୍ବାଦ ପ୍ରାପ୍ତ ହୋଇପାରିବ । ସେମାନେ କେବଳ ସୁସମାଚାର ବାଣ୍ଟିବା ଉଚିତ ନୁହେଁ, ବରଂ ଈଶ୍ୱରଙ୍କ ନୀତିକୁ ପ୍ରତ୍ୟେକ ପରିସ୍ଥିତିରେ ଏବଂ ପ୍ରତ୍ୟେକ ନିଷ୍ପତ୍ତିରେ ମଧ୍ୟ ପ୍ରୟୋଗ କରିବା ଉଚିତ ।

ସରକାର ଏବଂ ସମାଜ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ଗଢ଼ି ଉଠିବା ଉଚିତ । ଈଶ୍ୱରଙ୍କ ପ୍ରକାଶିତ ସତ୍ୟରୁ ନୀତିଶାସ୍ତ୍ର (ସଠିକ୍ କାର୍ଯ୍ୟ ପାଇଁ ନିୟମ) ଆସିବା ଉଚିତ, ନୀତିଶାସ୍ତ୍ରରୁ ରାଜାନୀତି ଆସିବା ଉଚିତ (ନ୍ୟାୟ ଏବଂ ସ୍ୱାଧୀନତା ନିମନ୍ତେ ସରକାର), ଏବଂ ତା'ପରେ ଅର୍ଥ ନୀତି (ଉତ୍ସକୁ ପରିଚାଳନା) । ତେଣୁ ସଠିକ୍ କ୍ରମ ହେଉଛି ସତ୍ୟ, ତା'ପରେ ନୀତି ଶାସ୍ତ୍ର, ତା'ପରେ ରାଜନୀତି ଏବଂ ତା'ପରେ ଅର୍ଥ ନୀତି ।

୧) ଶାସ୍ତ୍ର

୨) ନୀତିଶାସ୍ତ୍ର

୩) ରାଜନୀତି

୪) ଅର୍ଥ ନୀତି

ମାନବ ସମାଜର ପ୍ରାକୃତିକ ପ୍ରବୃତ୍ତି ହେଉଛି କ୍ରମକୁ ଓଲଟା କରିବା । ଲୋକମାନେ ସେମାନଙ୍କର ବ୍ୟକ୍ତିଗତ ଅର୍ଥନୀତିକୁ ପ୍ରାଥମିକତା ଦିଅନ୍ତି, ତା'ପରେ ନେତା ଏବଂ ଆଇନ୍‌କୁ ସମର୍ଥନ କରନ୍ତି ଯାହା ସେମାନଙ୍କୁ ନ୍ୟାୟ ଏବଂ ସ୍ୱାଧୀନତା ହରାଇବାକୁ ପଡ଼ିଲେ ମଧ୍ୟ ସେମାନେ ଯାହା ଚାହୁଁଛନ୍ତି ତାହା ଦେବେ, ତା'ପରେ ସେମାନଙ୍କର ନୀତିଶାସ୍ତ୍ରରୁ ସେମାନେ ଯାହା କରନ୍ତି ତାହା ସହିତ ମେଳଖାଏ, ତା' ପରେ ସେମାନଙ୍କର ଆଚରଣକୁ ଅନୁମୋଦନ କରିବା ପାଇଁ ଧର୍ମକୁ ଡିଜାଇନ୍ କରେ । ତେଣୁ ସ୍ୱାଭାବିକ ଭାବରେ ଯାହା ସ୍ୱାଭାବିକ କ୍ରମରେ ଆସେ ତାହା ହେଉଛି ଅର୍ଥନୀତି, ତା'ପରେ ରାଜନୀତି, ତା'ପରେ ନୀତିଶାସ୍ତ୍ର, ତା'ପରେ ଧର୍ମ ।

୧) ଅର୍ଥ ନୀତି

୨) ରାଜନୀତି

୩) ନୀତି ଶାସ୍ତ୍ର

୪) ଧର୍ମ

ସେହି ପ୍ରକାରର ଧର୍ମ ଭୁଲ୍ ନୀତି ଦ୍ୱାରା ଏତେ ରୂପ ପାଇଛି ଯେ, ଏଥିରେ ସତ୍ୟର ଅଭାବ ଅଛି ।

ମଣ୍ଡଳୀ ବାଇବଲ ସତ୍ୟ ନିମନ୍ତେ ପକ୍ଷ ନେବା ଉଚିତ, କେବଳ ସମାଜର ପାପକୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା ନୁହେଁ ବରଂ ସମାଜ କିପରି ହେବା ଉଚିତ୍ ତାହା ବ୍ୟାଖ୍ୟା କରି ଏବଂ ପ୍ରଦର୍ଶନ କରି । ଯଦି ବିଶ୍ୱାସୀମାନେ ସମାଜ କିପରି ହେବା ଉଚିତ୍ ତାହା ବ୍ୟାଖ୍ୟା କରିପାରେ ନାହିଁ ଏବଂ ପ୍ରଦର୍ଶନ କରିପାରେ ନାହିଁ, ଆମେ ଆଶା କରିବା ଉଚିତ୍ ଯେ, ଯେଉଁମାନେ ବାଇବଲ୍‌ର ସତ୍ୟ ବିଷୟରେ ଅଜ୍ଞ, ସେମାନେ ଏହାକୁ ପ୍ରୟୋଗ କରିବାରେ ବିଫଳ ହେବେ ।

ବିଶ୍ୱାସୀମାନେ କେବଳ ସେମାନଙ୍କ ସମାଜକୁ ସମାଲୋଚନା କରିବା ଉଚିତ ନୁହେଁ । ବିଶ୍ୱାସୀମାନେ ସେମାନଙ୍କର ସମାଜର ଏକ ଅଂଶ ହେବା ଆବଶ୍ୟକ । ବିଶ୍ୱାସୀମାନେ ସେମାନଙ୍କ ସମାଜରେ ନିଜକୁ ସକ୍ରୀୟ କରିବା ଉଚିତ ଏବଂ ନ୍ୟାୟ ପାଇଁ ଓକିଲାତି କରିବା ଉଚିତ । ବିଶ୍ୱାସୀମାନେ ସର୍ବଦା ସେମାନଙ୍କର ସମସ୍ତ କାର୍ଯ୍ୟରେ ନୀତିବାଦୀ ହେବା ଉଚିତ ଏବଂ ଏହିପରି ଅନ୍ୟମାନଙ୍କୁ ଧାର୍ମିକତା ପାଇଁ ପ୍ରଭାବିତ କରିବା ଉଚିତ । ସେମାନେ ଖ୍ରୀଷ୍ଟିଆନ ନୀତିଗୁଡ଼ିକୁ ଉଲ୍ଲଂଘନ ନକରି ସମାଜକୁ ପ୍ରଭାବିତ କରୁଥିବା ସରକାର ଏବଂ ସଂଗଠନଗୁଡ଼ିକରେ ଅଂଶଗ୍ରହଣ କରିବା ଉଚିତ, ଯେପର୍ଯ୍ୟନ୍ତ ସେମାନେ ଏହା କରିପାରିବେ । ଯଦି ଅନୁମତି ଦିଆଯାଏ, ତେବେ ସେମାନେ ଖ୍ରୀଷ୍ଟିୟାନ ଚରିତ୍ରର ନିକଟତମ ପ୍ରାର୍ଥୀଙ୍କୁ ଭୋଟ ଦେବା ଏବଂ ସମର୍ଥନ କରିବା ଉଚିତ୍ ।

► ଶାସ୍ତ୍ରୀୟ ସତ୍ୟ ଉପରେ ଆଧାରିତ ନିଷ୍ପତ୍ତି ନେବା ଅପେକ୍ଷା ଆର୍ଥିକ ମଙ୍ଗଳ ପାଇଁ ନିଷ୍ପତ୍ତି ନେବାକୁ ମଣ୍ଡଳୀ ଉପରେ ସମାଜର ଚାପର ଏକ ଉଦାହରଣ କ'ଣ?

## ବିଶ୍ୱାସୀମାନେ ଏବଂ ମାନବୀୟ ସରକାରଙ୍କର ନିୟମ

ସାରା ଇତିହାସରେ ବିଶ୍ୱାସୀମାନେ ଯେତେବେଳେ ସେମାନଙ୍କର ସରକାର ଭିନ୍ନ ନୀତି ଅନୁସରଣ କରନ୍ତି, ସେତେବେଳେ ଖ୍ରୀଷ୍ଟିୟାନ ନୀତିଗୁଡ଼ିକୁ କିପରି ଅନୁସରଣ କରିବେ ତାହା ଜାଣିବା ପାଇଁ ସଂଘର୍ଷ କରନ୍ତି । ବେଳେବେଳେ ସେମାନଙ୍କର ସଂଘର୍ଷ ଗମ୍ଭୀର ହୋଇଥାଏ ଏବଂ ବିଶ୍ୱାସୀମାନେ ସେମାନଙ୍କର ବିଶ୍ୱାସ ପାଇଁ ଦୁଃଖଭୋଗ କରନ୍ତି, କାରଣ ସେମାନେ ସରକାରଙ୍କ ଆବଶ୍ୟକ କରୁଥିବା କାମ କରିପାରନ୍ତି ନାହିଁ ।

ବାଇବଲ କହେ ଯାହା ସରକାରଙ୍କର ଆବଶ୍ୟକ କର ତାହା ସରକାରଙ୍କୁ ଦିଅ (ରୋମୀୟ ୧୩:୬, ମାଥିଉ ୨୨:୨୧) ।

ଆମ ଦେଶର ନିୟମ ପାଳନ କରିବାକୁ ବାଇବଲ ଆମକୁ କହେ (ତୀତସ ୩:୧) । ତଥାପି, ବାଇବଲ ଆମକୁ ଏହା ମଧ୍ୟ କୁହେ ଯେ, ଯେତେବେଳେ ପରମେଶ୍ୱରଙ୍କ ଆଜ୍ଞା ମନୁଷ୍ୟର ବ୍ୟବସ୍ଥାର ବିରୁଦ୍ଧାଚରଣ କରେ, ସେତେବେଳେ ଆମକୁ ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବାକୁ ପଡ଼ିବ (ପ୍ରେରିତ ୫:୨୯) ।

ସରକାର ଦାବି କରିପାରନ୍ତି ଯେ, ଲୋକମାନେ ଏକ ଅନ୍ୟାୟ କାରଣ ପାଇଁ ସୈନିକ ଭାବରେ ଲଢ଼ନ୍ତୁ । ସରକାର ଅତ୍ୟଧିକ ଜନସଂଖ୍ୟାକୁ ହ୍ରାସ କରିବା ପାଇଁ ଶିଶୁଙ୍କ ମୃତ୍ୟୁ ଦାବି କରିପାରନ୍ତି । ସରକାର ଏକ ଜାତିଗତ ଗୋଷ୍ଠୀର ଦାସତ୍ୱ ପାଇଁ ସହଯୋଗ ଦାବି କରିପାରନ୍ତି ।

ବେଳେବେଳେ ଉପାସନା ବିଷୟରେ ସମସ୍ୟା ହୁଏ । ଖ୍ରୀଷ୍ଟଙ୍କ ଅନୁଗାମୀମାନେ ତାଡ଼ନାପ୍ରାପ୍ତ ହୋଇପାରନ୍ତି, ଯେତେବେଳେ ସେମାନେ ସେମାନଙ୍କର ପରିବାରର କିମ୍ବା ଜାତିର ଦେବତାମାନଙ୍କୁ ପୂଜା କରନ୍ତି ନାହିଁ । ବିଶ୍ୱାସୀମାନେ ତାଡ଼ନା ପ୍ରାପ୍ତ ହେଇପାରନ୍ତି, ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଧର୍ମକୁ ତାଙ୍କଙ୍କର ସରକାର ପ୍ରିୟ ମନେ କରନ୍ତି ।

କେତେକ ଦେଶମାନଙ୍କରେ ସୁସମାଚାର ଏବଂ ବାଇବଲ ଶିକ୍ଷା ବିରୁଦ୍ଧରେ ଆଇନ୍ ଅଛି । ଯେତେବେଳେ ବିଶ୍ୱାସୀମାନେ ସୁସମାଚାର ପ୍ରଚାର କରନ୍ତି ସେମାନେ ତାଡ଼ନା ପାଆନ୍ତି । କେତେକ ଦେଶରେ ପିତାମାତାମାନେ ଦଣ୍ଡ ପାଆନ୍ତି, ଯେତେବେଳେ ସେମାନେ ପିଲାମାନଙ୍କୁ ଈଶ୍ୱରଙ୍କ ବିଷୟରେ ଶିକ୍ଷା ଦିଅନ୍ତି ।

ଶାସକମାନଙ୍କର ଦ୍ୱାରା ଅନ୍ୟାୟ ଆଦେଶ ଅମାନ୍ୟ କରିଥିବା ଲୋକଙ୍କର ବାଇବଲ ଉଦାହରଣ ଆମ ପାଖରେ ଅଛି । ପ୍ରାର୍ଥନା ଅବୈଧ ହୋଇଥିଲେ ମଧ୍ୟ ଦାନିଏଲ ପ୍ରାର୍ଥନା କରିଚାଲିଥିଲେ (ଦାନିଏଲ ୬:୧୦) । ରାଜାଙ୍କର ମୂର୍ତ୍ତିକୁ ପୂଜା କରିବା ପାଇଁ ଦାନିଏଲଙ୍କର ତିନି ବନ୍ଧୁ ଅସ୍ୱୀକାର କଲେ (ଦାନିଏଲ ୩:୧୬-୧୮) । ଇସ୍ରାଏଲୀୟ ଶିଶୁମାନଙ୍କୁ ହତ୍ୟା କରିବାକୁ ଫାରୋ ଆଦେଶ ଦେବା ସମୟରେ ଇସ୍ରାଏଲୀୟ ଧାତ୍ରୀମାନେ ତାଙ୍କ କଥା ମାନି ନ ଥିଲେ (ଯାତ୍ରା ପୁସ୍ତକ ୧:୧୭) ।

ସାରା ଇତିହାସରେ ସୁସମାଚାର ଅବୈଧ ହେଲେ ମଧ୍ୟ ବିଶ୍ୱାସୀମାନେ ପ୍ରଚାର କରୁଥିଲେ । ବିଶ୍ୱାସୀମାନେ ସୀମା ପାର ହୋଇ ଅବୈଧ ଭାବରେ ବାଇବଲ ନେଇ ଯାଉଥିଲେ । ଗୁପ୍ତ ଭାବରେ ଉପାସନା କରିବାକୁ ବିଶ୍ୱାସୀମାନେ ଏକାଠି ହେଉଥିଲେ । ବିଶ୍ୱାସୀମାନେ - ବିନା ହିଂସାରେ - ଗର୍ଭପାତ କରୁଥିବା କ୍ଲିନିକ୍ ଗୁଡ଼ିକୁ ଅବରୋଧ କଲେ । ରକ୍ଷା କରାଯାଇଥିବା ଦାସମାନଙ୍କୁ ବିଶ୍ୱାସୀମାନେ ସାହାଯ୍ୟ କଲେ ।

ଅଧିକାଂଶ ବିଶ୍ୱାସୀମାନେ ଶାନ୍ତିରେ ଜୀବନଯାପନ କରିବାକୁ ପସନ୍ଦ କରିବେ ଏବଂ ଏପରି ନିଷ୍ପତ୍ତିର ସମ୍ମୁଖିନ ହେବେ ନାହିଁ । ତଥାପି, ଯଦି ବିଶ୍ୱାସୀମାନେ ଏକ ନୈତିକ ଦ୍ୱନ୍ଦର ସମ୍ମୁଖିନ ହୁଅନ୍ତି, ତେବେ ସେମାନଙ୍କୁ ଯାହା ଠିକ୍ ତାହା କରିବାକୁ ପଡ଼ିବ, ଯଦିଓ ଏଥିପାଇଁ ବଳିଦାନର ଆବଶ୍ୟକ ହୁଏ । ଯଦି ସେମାନଙ୍କ ପାଖରେ ଅନ୍ୟାୟକୁ ରୋକିବା କିମ୍ବା ସୁସମାଚାର ବାଣ୍ଟିବାର ସୁଯୋଗ ଥାଏ, ତେବେ ସେମାନେ କାର୍ଯ୍ୟ କରିବେ କି ନାହିଁ ତାହା ନିଷ୍ପତ୍ତି ନେବା ସମୟରେ ଏକ ଗମ୍ଭୀର ନିଷ୍ପତ୍ତି ନିଅନ୍ତି ।

► ଆପଣଙ୍କ ଦେଶରେ ଜଣେ ବିଶ୍ୱାସୀ ପାଇଁ ଘଟୁଥିବା ଆଇନଗତ ଦ୍ୱନ୍ଦକୁ ଆପଣ ବର୍ଣ୍ଣନା କରିପାରିବେ କି?

## ଲାଞ୍ଚ

ଜଣେ ପାଳକ ବିଦେଶ ମଧ୍ୟ ଦେଇ ଯାତ୍ରା କରୁଥିଲେ । ତାଙ୍କ ପାଖରେ ସଠିକ୍ ଡକ୍ୟୁମେଣ୍ଟ ଥିଲା, କିନ୍ତୁ ପ୍ରାୟ ପ୍ରତ୍ୟେକ ଥର ପରି ତାଙ୍କୁ ଅଟକାଇ ଅଳ୍ପ ଟଙ୍କା ମାଗୁଥିଲେ । ଯଦି ସେ ଟଙ୍କା ନ ଦିଅନ୍ତି, ତେବେ ତାଙ୍କ ଯାତ୍ରା ବିଳମ୍ବ ହେବ ଏବଂ ତାଙ୍କୁ ସେମାନେ ହଇରାଣ କରିବେ ।

► ଜଣେ ପାଳକ ଏହିପରି ପରିସ୍ଥିତିରେ କ'ଣ କରିବେ?

ଲାଞ୍ଚ ହେଉଛି ଜଣେ କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କୁ କିଛି ଅନୁମତି ଦେବା ପାଇଁ ପ୍ରଭାବିତ କରିବା ନିମନ୍ତେ ଦିଆଯାଇଥିବା ଟଙ୍କା । ଜଣେ ବ୍ୟକ୍ତିଙ୍କୁ ଏପରି କାମ କରିବା ପାଇଁ ଲାଞ୍ଚ ଦେବା ଭୁଲ ଯାହା ସେ କରିବା ଉଚିତ୍ ନୁହେଁ (ଦ୍ୱିତୀୟ ବିବରଣ ୧୬:୧୯) । ଉଦାହରଣ ସ୍ୱରୂପ ଯଦି ଏକ ଘର କିମ୍ବା ଗାଡ଼ି ସେମାନଙ୍କର ସଠିକ୍ ଆବଶ୍ୟକ ମେଣ୍ଟାଇ ନାହାନ୍ତି, ଜଣେ ଅଧିକାରୀଙ୍କୁ ଲାଞ୍ଚ ଦେଇ ଯାହା ସତ୍ୟ ନୁହେଁ ସେଥିହିରେ ଦସ୍ତଖତ ନେବା ଭୁଲ୍ ଅଟେ । ଅନ୍ୟାୟ ବିଚାର କରିବାକୁ ଜଣେ ବିଚାରପତି କିମ୍ବା ପୋଲିସ୍‌କୁ ଲାଞ୍ଚ ଦେବା ଭୁଲ୍ ଅଟେ ।

ବେଳେବେଳେ ଜଣେ ଅଧିକାରୀ ସେ ଯାହା କରିବା କଥା ତାହା କରିବା ପାଇଁ ଲାଞ୍ଚ ମାଗେ । ସେହି କ୍ଷେତ୍ରରେ, ଯିଏ ଦେଉଛି ସେ ତାକୁ କିଛି ଭୁଲ କରିବା ପାଇଁ ଦେଉ ନାହିଁ । ଅଧିକାରୀଙ୍କ ଦ୍ୱାରା ଏହା ଦାବି କରିବା ଭୁଲ୍ (ଲୂକ ୩:୧୪), କିନ୍ତୁ ଯେଉଁ ବ୍ୟକ୍ତି ଦେଉଛି ତା'ର ଅନ୍ୟ କୌଣସି ବିକଳ୍ପ ନାହିଁ ଉଦାହରଣ ସ୍ୱରୂପ ଏପରି କିଛି ପାଇଁ ଅନୁମତି ପାଇବା ଯାହାକୁ ଅନୁମତି ଦିଆଯିବା ଉଚିତ କିମ୍ବା ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କ ସ୍ୱାଧୀନତା ପାଇବା । ଚୋରି ଭୁଲ୍ ଅଟେ, କିନ୍ତୁ ଆମେ ପୀଡ଼ିତଙ୍କୁ ଦୋଷ ଦେଉ ନାହୁଁ ।

ଶାସ୍ତ୍ରକୁ ସତର୍କତାର ସହିତ ଦେଖିବା ଦ୍ୱାରା ଜଣା ପଡ଼େ ଯେ, ଯେଉଁମାନେ ଲାଞ୍ଚ ନିଅନ୍ତି, ପରମେଶ୍ୱର ସେମାନଙ୍କୁ ନିନ୍ଦା କରନ୍ତି କିନ୍ତୁ ଯେଉଁମାନେ ଲାଞ୍ଚ ଦେବାକୁ ବାଧ୍ୟ ହୁଅନ୍ତି, ସେମାନଙ୍କ ପ୍ରତି ସେ ଦୟାଳୁ ହୁଅନ୍ତି (ଯାତ୍ରା ପୁସ୍ତକ ୧୮:୨୧, ଯାତ୍ରା ପୁସ୍ତକ ୨୩:୮, ଦ୍ୱିତୀୟ ବିବରଣ ୧୦:୧୭, ଦ୍ୱିତୀୟ ବିବରଣ ୧୬:୧୯, ଦ୍ୱିତୀୟ ବିବରଣ ୨୭:୨୫) । ବିଶ୍ୱାସୀମାନେ ସୁବିଧା ପାଇଁ କଦାପି ଲାଞ୍ଚ ଦେବା ଉଚିତ ନୁହେଁ, କିନ୍ତୁ ଯେତେବେଳେ ସେମାନେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଦ୍ୱାରା ବାଧ୍ୟ ହୁଅନ୍ତି, ସେତେବେଳେ ସେମାନେ ଦୋଷୀ ନୁହଁନ୍ତି ।

► ଏକ ଭୁଲ୍ ଲାଞ୍ଚର ଦୃଷ୍ଟାନ୍ତ କ'ଣ ଅଟେ?

## ସାମରିକ ସେବା

ଯୀଶୁଙ୍କର ଅନେକ ଅନୁଗାମୀ ବିଶ୍ୱାସ କରନ୍ତି ଯେ, ସେମାନଙ୍କ ଦେଶ ନିମନ୍ତେ ସୈନ୍ୟ ଭାବରେ ସେବା କରିବା ଭୁଲ୍ ଅଟେ । ଶାସ୍ତ୍ରର ନିର୍ଦ୍ଦିଷ୍ଟ ଉକ୍ତି ଉପରେ ସେମାନଙ୍କର ବିଶ୍ୱାସକୁ ସ୍ଥାପନ କରନ୍ତି । ଯୀଶୁ କହିଲେ, ଯିଏ ଗୋଟେ ଗାଲରେ ଚାପୁଡ଼ା ମାରେ ତାକୁ ଅନ୍ୟ ଗାଲ ଦେଖାଇ ଦିଅ (ମାଥିଉ ୫:୩୯) । ଯୀଶୁ କହିଲେ, ଯେ, ତାଙ୍କ ଦାସମାନେ ଯୁଦ୍ଧ କରନ୍ତି ନାହିଁ କାରଣ ତାଙ୍କ ରାଜ୍ୟ ଏହି ଜଗତର ନୁହେଁ (ଯୋହନ ୧୮:୩୬) । ପ୍ରେରିତ ପାଉଲ କହିଲେ ଆମର ଅସ୍ତ୍ରଶସ୍ତ୍ର ଶାରୀରିକ ନୁହେଁ (୨ କରିନ୍ଥୀୟ ୧୦:୪) । ଏହି ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରନ୍ତି ଯେ, ଅନ୍ୟ ଲୋକଙ୍କ ବିରୁଦ୍ଧରେ ଯେକୌଣସି ହିଂସା ଭୁଲ୍ ଅଟେ । ସେମାନଙ୍କ ମଧ୍ୟରୁ ଅନେକେ ଏପରି ଦେଶରେ ବାସ କରନ୍ତି ଯେଉଁଠାରେ ସରକାର ସ୍ୱାଧୀନତା ଅନୁମତି ଦିଅନ୍ତି ନାହିଁ ଏବଂ ବିଶ୍ୱାସୀମାନଙ୍କୁ ତାଡ଼ନା କରିଛନ୍ତି ।

ଅନ୍ୟ ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରନ୍ତି ଯେ, ସୈନିକ ଭାବରେ ଆମେ ଦେଶକୁ ରକ୍ଷା କରିବାର ଇଚ୍ଛା ରଖିବା ଉଚିତ । ଶାସ୍ତ୍ର କହେ, ଯେ ଈଶ୍ୱର ସରକାର ସ୍ଥାପନ କରିଛନ୍ତି ଏବଂ ସରକାର ଭୁଲ୍ କାମ କରୁଥିବା ଲୋକଙ୍କୁ ଦଣ୍ଡ ଦେବା ପାଇଁ ଅସ୍ତ୍ର ବ୍ୟବହାର କରିପାରିବେ (ରୋମୀୟ ୧୩:୪) । ଏହା ସ୍ପଷ୍ଟ ମନେହୁଏ ଯେ, ପରମେଶ୍ୱର ଜଣେ ପୁରୁଷଙ୍କୁ ତାଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ସୃଷ୍ଟି କରିଥିଲେ, ଏବଂ ତେଣୁ ପୁରୁଷମାନେ ସେମାନଙ୍କ ପରିବାରକୁ ଏକ ସେନା ରୂପରେ ଆକ୍ରମଣରୁ ରକ୍ଷାକରିବା ପାଇଁ ସଂଗଠିତ ହେବା ସ୍ୱାଭାବିକ ମନେହୁଏ । ଯେତେବେଳେ ଜଣେ ସୈନ୍ୟ ବାପ୍ତିଜକ ଯୋହନଙ୍କୁ ପଚାରିଲେ, କିପରି ଅନୁତାପ କରିବେ, ଯୋହନ ତାଙ୍କୁ ଲାଞ୍ଚ ନ ନେବାକୁ କିମ୍ବା ବ୍ୟକ୍ତିଗତ ହିଂସା ନ କରିବାକୁ କହିଥିଲେ କିନ୍ତୁ ସେନା ଛାଡିବାକୁ କହି ନଥିଲେ । (ଲୂକ ୩:୧୪) । ଯେତେବେଳେ ଯୀଶୁ କହିଲେ, ଅନ୍ୟଗାଲ ଦେଖାଇବାକୁ ତାଙ୍କର କହିବାର ଅର୍ଥ ନ ଥିଲା ଯେ, ଆମେ ନିଜକୁ ଆକ୍ରମଣରୁ ରକ୍ଷା ନ କରୁ କିନ୍ତୁ ଆମେ ଆମର ଆକ୍ରମଣାତ୍ମକ କାର୍ଯ୍ୟର ପ୍ରତିଶୋଧ ନେବା ଉଚିତ ନୁହେଁ ଯେପରି ମୁହଁରେ ଚାପୁଡ଼ା ମାରିବା । ସେ କହିଲେ ଯେ, ତାଙ୍କ ସେବକମାନେ ତାଙ୍କ ପାଇଁ ଏକ ପାର୍ଥିବ ରାଜ୍ୟ ସ୍ଥାପନ କରିବା ପାଇଁ ଯୁଦ୍ଧ କରନ୍ତି ନାହିଁ କାରଣ ସେ ଏପରି ଭାବରେ ରାଜ୍ୟ ସ୍ଥାପନ କରିବେ ନାହିଁ । ଯଦି ଏକ ସରକାର ପରମେଶ୍ୱରଙ୍କ ଧାରଣା, ଏବଂ ଯଦି ଏକ ସରକାର ତା'ର ଲୋକଙ୍କୁ ରକ୍ଷା କରିବା ଉଚିତ, ତେବେ ବିଶ୍ୱାସୀମାନେ ତା'ର ଦାୟୀତ୍ୱ ପୂରଣ କରିବାରେ ସାହାଯ୍ୟ କରିବା ପାଇଁ ତା'ର ସରକାରର ସେବା କରିବା ସଠିକ୍ ହେବ ।

ମଣ୍ଡଳୀ ଇତିହାସର ଶତାବ୍ଦୀ ଧରି, ଅନେକ ଦେଶର ଅନେକ ବିଶ୍ୱାସୀ ସାମରୀକ ବାହିନୀରେ, ଯୁଦ୍ଧରେ ମଧ୍ୟ ସେବା କରିଛନ୍ତି, କାରଣ ସେମାନେ ବିଶ୍ୱାସ କରନ୍ତି ଯେ, ମନ୍ଦ ଆକ୍ରମଣରୁ ନିଜ ଜାତିକୁ ରକ୍ଷା କରିବା ପାଇଁ ସେମାନଙ୍କୁ ନିଜର ଭୂମିକା ଗ୍ରହଣ କରିବାକୁ ପଡ଼ିବ ।

ସାରା ବିଶ୍ୱରେ ଖ୍ରୀଷ୍ଟିୟାନମାନେ ସାମରିକ ସେବା ପ୍ରସଙ୍ଗରେ ସହମତ ନୁହଁନ୍ତି । ଜଣେ ବ୍ୟକ୍ତି ପାଇଁ ପ୍ରାର୍ଥନା ପୂର୍ବକ ଶାସ୍ତ୍ର ଏବଂ ଯୁକ୍ତି ଉପରେ ବିଚାର କରିବା, ତା'ପରେ ବିଶ୍ୱସ୍ତ ଭାବରେ ତାଙ୍କ ବିଶ୍ୱାସକୁ ଅନୁସରଣ କରିବା ଗୁରୁତ୍ୱପୂର୍ଣ୍ଣ ।

► ଆପଣଙ୍କ ଦେଶର ମଣ୍ଡଳୀଗୁଡ଼ିକ ସାମରିକ ସେବାର ପ୍ରଶ୍ନର ଉତ୍ତର କିପରି ଦିଅନ୍ତି?

## ଦଳଗତ ଆଲୋଚନା ନିମନ୍ତେ

ଅନେକ ବିଶ୍ୱାସୀମାନଙ୍କର ଏହି ବିଷୟଗୁଡ଼ିକ ଉପରେ ଦୃଢ଼ ମତ ଅଛି ।

ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ, ବିଭିନ୍ନ ସମୟରେ ଏବଂ ସ୍ଥାନଗୁଡ଼ିକରେ ଖ୍ରୀଷ୍ଟଙ୍କ ଅନୁଗାମୀମାନେ ଏହି ପ୍ରଶ୍ନଗୁଡ଼ିକ ବିଷୟରେ ସମସ୍ତେ ଏକମତ ହୋଇନାହାନ୍ତି । ଅନ୍ୟମାନଙ୍କ ମତାମତ ଦେଖି ସେମାନଙ୍କ ଉଦ୍ଦେଶ୍ୟକୁ ବିଚାର କରିବାଠାରୁ ଦୂରେଇ ରହିବା ଉଚିତ ।

► ଆମ ଦେଶରେ ମଣ୍ଡଳୀ ଏବଂ ସରକାରଙ୍କ ମଧ୍ୟରେ ସାଧାରଣ ସମ୍ପର୍କକୁ ଆମେ କିପରି ମୂଲ୍ୟାଙ୍କନ କରିବା ଉଚିତ? କିଛି ପରିବର୍ତ୍ତ'ର୍ନ ହେବା ଉଚିତ କି ?

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା,

ସୁରକ୍ଷା ଏବଂ ସ୍ୱାଧୀନତା ପ୍ରଦାନ କରିବା ପାଇଁ ସରକାର ଗଠନ କରିବା ନିମନ୍ତେ ଆପଣଙ୍କୁ ଧନ୍ୟବାଦ ଦେଉଛୁ । ମାନବ ସରକାରଙ୍କ ଅସମ୍ପୂର୍ଣ୍ଣତା ସତ୍ତ୍ୱେ ତୁମ ପ୍ରତି ବିଶ୍ୱସ୍ତ ରହିବାରେ ମୋତେ ସାହାଯ୍ୟ କର ।

ଅନ୍ୟମାନଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କୁ ପ୍ରଭାବିତ କରିବାର ମୋର ଦାୟିତ୍ୱ ପୂରଣ କରିବାରେ ମୋତେ ସାହାଯ୍ୟ କର ।

ଆମେ ତୁମର ରାଜ୍ୟର ପୂର୍ଣ୍ଣତାରେ ଆସିବାକୁ ଅପେକ୍ଷା କରୁଛୁ ।

ଆମେନ୍

## ପାଠ ୧୨ - ଦିଆଯାଇଥିବା କାର୍ଯ୍ୟ

(୧) ବାଇବଲରେ ପରମେଶ୍ୱରଙ୍କ ଲୋକଙ୍କ ଜୀବନରେ ତାଙ୍କର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସରକାରୀ ଅଧିକାରୀମାନଙ୍କ ମାଧ୍ୟମରେ କାର୍ଯ୍ୟ କରିବାର ଅନେକ ଘଟଣା ରହିଛି । ହିତୋପଦେଶ ୨୧:୧ କୁହେ, "ରାଜାର ଅନ୍ତଃକରଣ ସଦାପ୍ରଭୁଙ୍କ ହସ୍ତରେ ଜଳପ୍ରଣାଳୀ ତୁଲ୍ୟ ଥାଏ; ସେ ଯେଉଁ ଆଡ଼େ ଇଚ୍ଛା, ସେ ଆଡ଼େ ତାହା ଫେରାନ୍ତି ।" ଏହି ପଦମାନଙ୍କ ମଧ୍ୟରୁ ପାଠ କରିବା ପାଇଁ ଗୋଟିଏ ମନୋନୀତ କର :

- ଆଦିପୁସ୍ତକ ୪୧:୧୪-୪୯, ଆଦିପୁସ୍ତକ, ୪୨:୧-୩, ଆଦିପୁସ୍ତକ ୪୫:୪-୭
- ଏଷ୍ଟର ୪:୭-୮
- ନିହିମିୟା ୧-୨

ତୁମର ପର୍ଯ୍ୟବେକ୍ଷଣ ବିଷୟରେ ଲେଖ

- ଈଶ୍ୱରଙ୍କ ଲୋକମାନଙ୍କ ଜୀବନରେ କ'ଣ ଘଟିବା ଆବଶ୍ୟକ ଥିଲା?
- ଈଶ୍ୱର ତାଙ୍କର ଉଦ୍ଦେଶ୍ୟ ସଫଳ କରିବା ପାଇଁ କିପରି ଜଣେ ଅଧାର୍ମିକ ଶାସକଙ୍କୁ ବ୍ୟବହାର କଲେ?
- ଈଶ୍ୱର ତାଙ୍କର ଉଦ୍ଦେଶ୍ୟ ସଫଳ କରିବା ପାଇଁ କିପରି ଜଣେ ଧାର୍ମିକ ବ୍ୟକ୍ତିଙ୍କୁ ବ୍ୟବହାର କଲେ?

(୨) ଏହି ବିଷୟମାନଙ୍କରୁ ଗୋଟିଏ ବାଛ :

- ଖ୍ରୀଷ୍ଟିୟାନ ପ୍ରଭାବ
- ଖ୍ରୀଷ୍ଟିଆନମାନେ ଏବଂ ମାନବୀୟ ନିୟମ
- ଲାଞ୍ଚ
- ସାମରୀକ ସେବା

ଆପଣଙ୍କ ବିଷୟ ସହିତ ଜଡ଼ିତ ଏହି ପାଠରେ ମିଳିଥିବା ଶାସ୍ତ୍ରକୁ ଦେଖନ୍ତୁ । ଏହି ବିଷୟ ପ୍ରତି ଶାସ୍ତ୍ରୀୟ ଦୃଷ୍ଟିକୋଣ କ'ଣ ବୋଲି ଆପଣ ଭାବୁଛନ୍ତି ତାହା ବ୍ୟାଖ୍ୟା କରି ଏକ ପୃଷ୍ଠା ଲେଖନ୍ତୁ ।

# ପାଠ - ୧୩

# ଖ୍ରୀଷ୍ଟିୟାନର ଶରୀର

## ପାଠର ଉଦ୍ଦେଶ୍ୟ

ଏହି ପାଠର ଶେଷ ସୁଦ୍ଧା ଛାତ୍ର ଛାତ୍ରୀମାନେ ଯେପରି :

(୧) ଜାଣିପାରିବେ ଯେ, କିପରି ଶାରୀରିକ ସମସ୍ୟା ଆଧ୍ୟାତ୍ମିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ।

(୨) ଈଶ୍ୱରଙ୍କ ନିକଟରେ ତାଙ୍କର ଶରୀରକୁ ସମର୍ପିତ କରିବେ ଏବଂ ନୂଆ ଅଭ୍ୟାସଗୁଡ଼ିକ ଶିଖିପାରିବେ ଯାହା ଈଶ୍ୱରଙ୍କୁ ଗୌରବ ଦିଏ ।

## ମାର୍ଟିନ୍ ଲୁଥର୍, ଈଶ୍ୱରଙ୍କ ସେବକ

ମାର୍ଟିନ୍ ଲୁଥର୍ ଜଣେ ସନ୍ୟାସୀ ପାଲଟିଗଲେ କାରଣ ସେ ମନେ କଲେ ଯେ, ଈଶ୍ୱରଙ୍କୁ ସେବାକରିବା ପାଇଁ ସମର୍ପିତ ହେବା ଏହା ଏକ ଉତ୍ତମ ଉପାୟ ଅଟେ । ଜଣେ ସନ୍ୟାସୀଙ୍କ ଜୀବନଶୈଳୀର ଶୃଙ୍ଖଳାରେ ଖାଦ୍ୟ ପ୍ରତିବନ୍ଧକ, ଉପବାସ, ସରଳ ପୋଷାକ, ସୀମିତ ସମ୍ପତ୍ତି ଏବଂ ବ୍ରହ୍ମଚର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା । ମାର୍ଟିନ୍ ଲୁଥର୍ ନିଜ ଶରୀରକୁ ପରମେଶ୍ୱରଙ୍କ ନିକଟରେ ସମର୍ପଣ କରିବା ପାଇଁ ତାଙ୍କ ଉତ୍ସାହ ତାଙ୍କୁ ଚାବୁକମାଡ଼ରେ ତାଙ୍କ ଶରୀରକୁ ଦଣ୍ଡ ଦେବାକୁ ବାଧ୍ୟ କରିଥିଲା । ମାର୍ଟିନ୍ ଲୁଥର୍ ବିଶ୍ୱାସ ମାଧ୍ୟମରେ ଅନୁଗ୍ରହ ଦ୍ୱାରା ପରିତ୍ରାଣର ସୁସମାଚାର ବୁଝିବା ପରେ, ସେ ଅନୁଭବ କଲେ ଯେ, ସେ ନିଜ ଶରୀରକୁ କଷ୍ଟ ଦେଇ ଅନୁଗ୍ରହ ଅର୍ଜନ କରିପାରିବେ ନାହିଁ । ସେ ତାଙ୍କର ମଠ ପ୍ରତିଜ୍ଞାକୁ ଶାସ୍ତ୍ର ବିରୋଧୀ ବୋଲି ପରିତ୍ୟାଗ କରିଥିଲେ । ସେ ଜଣେ କୃଷକ ନନ୍ କାଥେରିନାଙ୍କୁ ବିବାହ କରିଥିଲେ ଏବଂ ତାଙ୍କର ଛଅଟି ସନ୍ତାନ ଥିଲେ ।

## ପରିଚୟ : କରିନ୍ଥରେ ଦ୍ୱନ୍ଦ

ଖ୍ରୀଷ୍ଟଙ୍କ ଅନୁଗମନକାରୀମାନେ ପୁନରୁତ୍ଥିତ ହେବେ ନାହିଁ ବୋଲି କରିନ୍ଥର କେତେକ ଲୋକ ବିଶ୍ୱାସ କରୁ ନ ଥିଲେ । ସେମାନେ ଭାବୁଥିଲେ ଯେ, ମୃତ୍ୟୁ ସମୟରେ ଶରୀର ଅଲଗା ହେଉଥିଲା ଏବଂ କେବଳ ବିଶ୍ୱାସୀଙ୍କ ଆତ୍ମା ସ୍ୱର୍ଗକୁ ଯାଏ । କେତେକ କହିଲେ, "ଯେହେତୁ ଶରୀର ମରିଯିବ ଏବଂ ପରିତ୍ୟକ୍ତ ହୋଇଯିବ, ତେଣୁ ଆମେ ଏହାକୁ ଏବେ କ'ଣ କରିବା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଶରୀରର ପାପପୂର୍ଣ୍ଣ ବ୍ୟବହାର ଗୁରୁତ୍ୱପୂର୍ଣ୍ଣ ନୁହେଁ, କାରଣ ଶରୀରର କୌଣସି ଚୂଡ଼ାନ୍ତ ମୂଲ୍ୟ ନାହିଁ" ।

ଅନ୍ୟ ଯେଉଁମାନେ ପୁନରୁତ୍ଥାନକୁ ଅସ୍ୱୀକାର କରୁଥିଲେ ସେମାନେ କହିଲେ, "ଏହାର ମନ୍ଦ ଉଦ୍ଦେଶ୍ୟ ହେତୁ ଶରୀର ପୃଥକ ହୋଇଯିବ । ସ୍ୱର୍ଗରେ ଆମର କୌଣସି ଶାରୀରିକ ଇଚ୍ଛା ନ ଥାଏ । କାରଣ ଶାରୀରିକ ଇଚ୍ଛା ମନ୍ଦ ଅଟେ, ବର୍ତ୍ତମାନ ଆମେ ସେଗୁଡ଼ାକ ଅନୁସରଣ କରିବା ଉଚିତ ନୁହେଁ । ଆମେ ଉତ୍ତମ ଖାଦ୍ୟ ଖାଇବା ଉଚିତ ନୁହେଁ, ଆରାମ ଦାୟକ ପୋଷାକ ପିନ୍ଧିବା ଉଚିତ ନୁହେଁ କିମ୍ବା ଏପରିକି ବିବାହରେ ଯୌନ କ୍ରିୟା କରିବା ଉଚିତ ନୁହେଁ । ଆମ ଶରୀରକୁ ଛାଡ଼ିବା ପର୍ଯ୍ୟନ୍ତ ଯଥା ସମ୍ଭବ ଦମନ କରିବା ଉଚିତ" ।

ଉଭୟ ଦୃଷ୍ଟିକୋଣ ଭୁଲ୍ ଅଟେ । ସେଗୁଡ଼ିକ ତ୍ରୁଟି ଉପରେ ଆଧାରିତ ଅଟେ । ୧ କରିନ୍ଥୀୟ ୧୫ରେ ପାଉଲ ବର୍ଣ୍ଣନା କରିଛନ୍ତି ଯେ, କାହିଁକି ପୁନରୁତ୍ଥାନର ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଯଦିଓ ଆମେ ଶାରୀରିକ ସମସ୍ୟା ଅପେକ୍ଷା ଆଧ୍ୟାତ୍ମିକ ଜୀବନ ବିଷୟରେ ଅଧିକ କଥା ହେବା ଠିକ୍ ହୁଏ, ତେବେ ଆମର ଶରୀର ଆଧ୍ୟାତ୍ମିକ ସମସ୍ୟାଗୁଡ଼ିକୁ ପ୍ରଭାବିତ କରିବ । ଈଶ୍ୱର କେବଳ ଆମକୁ ଆତ୍ମାରେ ସୃଷ୍ଟି କରି ନାହାନ୍ତି କିନ୍ତୁ ଶାରୀରିକ ଶରୀର ସହିତ ଏକ ଆତ୍ମାରେ ସୃଷ୍ଟି କରିଛନ୍ତି । ଆମେ ସାଧାରଣ ପଶୁ ନୋହୁଁ, ତଥାପି ଆମେ କେବଳ ଶରୀରରେ ଅସ୍ଥାୟୀ ଭାବରେ ବାସ କରୁଥିବା ଆତ୍ମା ନୁହଁନ୍ତି ।

## ଈଶ୍ୱରଙ୍କ ପ୍ରତି ସମର୍ପଣ

► ଜଣେ ଛାତ୍ର ୧ କରିନ୍ଥୀୟ ୬:୧୯-୨୦ ଦଳ ପାଇଁ ପାଠ କରିବେ ।

ଏହି ପଦ ଆମକୁ କହେ ଯେ, ଆମର ଶରୀର ଈଶ୍ୱରଙ୍କର ଅଟେ, କାରଣ ସେ ଆମକୁ ଉଦ୍ଧାର କରିଛନ୍ତି । ଆମ ଶରୀର ପବିତ୍ର ଆତ୍ମାଙ୍କ ମନ୍ଦିର ଅଟେ ଏବଂ ପାପ ପାଇଁ ବ୍ୟବହାର ହେବା ଉଚିତ ନୁହେଁ ।

ବାଇବଲ ଆମକୁ କହେ ଯେ, ଶାରୀରିକ ଶରୀର ସମ୍ପୂର୍ଣ୍ଣ ଭାବେ ଈଶ୍ୱରଙ୍କ ପ୍ରତି ସମର୍ପିତ ହେବା ଉଚିତ ।

► ଜଣେ ଛାତ୍ର ରୋମୀୟ ୧୨:୧ ଦଳ ପାଇଁ ପାଠ କରିବେ ।

ଏହି ପଦ ଆମକୁ କହେ ଯେ, ଆମ ଶରୀର ପବିତ୍ର ହେବା ଆବଶ୍ୟକ ଏବଂ ତାହା ଈଶ୍ୱରଙ୍କର ଅଟେ । ଯେଉଁ ଉପାସନା ଈଶ୍ୱର ଆମଠାରୁ ଚାହାନ୍ତି, ତାହା ହେଉଛି ସମ୍ପୂର୍ଣ୍ଣ ଆଜ୍ଞା ପାଳନ ।

ଯଦି ଆମେ ଆମ ଶରୀରର ଇଚ୍ଛା ଦ୍ୱାରା ନିୟନ୍ତ୍ରିତ, ତେବେ ଆମେ ନିରନ୍ତର ଈଶ୍ୱରଙ୍କ ସେବା କରିପାରିବୁ ନାହିଁ । ପାପର ଯେକୌଣସି ଅଭ୍ୟାସ ଏକ ନିଶାପରି ଅଟେ ।

ମନେ କରନ୍ତୁ ଗୋଟେ ପଶୁର ଦୁଇଟି ମାଲିକ ଅଛନ୍ତି । ଜଣେ ମାଲିକ ଅର୍ଡର ଦେବ, କିନ୍ତୁ ପଶୁଟି ମାନିବ ନାହିଁ, କାରଣ ଅନ୍ୟ ମାଲିକ ହାତରେ ପଶୁଟିର ଜଞ୍ଜିର ଅଛି । ଜଞ୍ଜିର ଧରିଥିବା ମାଲିକ ପଶୁଟିକୁ ଯେଉଁ ଆଡ଼େ ଇଚ୍ଛା ସେଆଡ଼େ ଟାଣିବ । ହୋଇପାରେ ପଶୁଟି ଅନ୍ୟ ମାଲିକକୁ ଅଧିକ ଭଲ ପାଏ, କିନ୍ତୁ ସେ ତାକୁ ମାନିପାରିବ ନାହିଁ । ଏହା ହେଉଛି ଏକ ମନ୍ଦ ନିଶା ପରି । ଜଣେ ବ୍ୟକ୍ତି ଈଶ୍ୱରଙ୍କ ସେବା କରିବାକୁ ଇଚ୍ଛା କରୁଥିବ କିନ୍ତୁ ନିଶା ଏକ ଜଞ୍ଜିର ଅଟେ, ଯାହାକୁ ସେ ପ୍ରତିରୋଧ କରିପାରିବ ନାହିଁ ।

ନିଶା ଏବଂ ଅଧିକାଂଶ ପ୍ରକାରର ପାପ ଜଣେ ବ୍ୟକ୍ତିଙ୍କ ଶରୀର ଏବଂ ମନକୁ କ୍ଷତି ପହଞ୍ଚାଏ । ଯେହେତୁ ଆମ ଶରୀର ଈଶ୍ୱରଙ୍କର ଅଟେ ଏବଂ ତାଙ୍କୁ ସେବା କରିବା ନିମନ୍ତେ ସମର୍ପିତ ଅଟେ, ସେଗୁଡ଼ିକୁ କ୍ଷତି କରିବା ଭୁଲ୍ ଅଟେ । ରୋମୀୟ ପୁସ୍ତକର ଯେଉଁ ପଦ ଆମେ ପାଠ କଲୁ ଆମକୁ କହେ ଯେ, ଆମ ଶରୀର ଈଶ୍ୱରଙ୍କ ପ୍ରତି ଏକ ନୈବେଦ୍ୟ ସ୍ୱରୂପ ଅଟେ, କିନ୍ତୁ ଆମେ ତାହା କରିପାରିବୁ ନାହିଁ, ଯଦି ଆମେ ଆମ ଉପରେ ନିୟନ୍ତ୍ରଣ ନ ରଖୁ ।

► ଜଣେ ଛାତ୍ର ୧ କରିନ୍ଥୀୟ ୯:୨୪-୨୭ ଦଳ ପାଇଁ ପାଠ କରିବେ ।

ଆପଣଙ୍କ ଶରୀର ଆପଣଙ୍କ ଦାସ ଅଟେ, କିନ୍ତୁ ଆପଣ ଏହାକୁ ନିଜର ନିୟନ୍ତ୍ରଣରେ ରଖିବା ଆବଶ୍ୟକ । ଏକ ଦାସ ଭାବରେ ଏହା ଅତି ଉତ୍ତମ ଅଟେ । ଯଦି ଏହା ନିୟନ୍ତ୍ରଣରୁ ବାହାରେ ହୋଇଯାଏ, ଏହା ଆପଣଙ୍କର ମାଲିକ ହୋଇଯାଏ ଏବଂ ଶରୀର ଏକ ଭୟଙ୍କର ମାଲିକ ଅଟେ । ପାଉଲ କହନ୍ତି ଯେ, ଯେକୌଣସି ଇଚ୍ଛା ତାଙ୍କୁ ନିୟନ୍ତ୍ରଣ କରୁ ତାହା ସେ ପ୍ରତ୍ୟାଖ୍ୟାନ କରନ୍ତି (୧ କରିନ୍ଥୀୟ ୬:୧୨) ।

► ଜଣେ ଛାତ୍ର ରୋମୀୟ ୬:୧୩ ଦଳ ପାଇଁ ପାଠ କରିବେ ।

ଶରୀର ଏକ ଯନ୍ତ୍ରପାତି ସଦୃଶ ଯାହା ଆପଣଙ୍କର ଅଟେ । ଯନ୍ତ୍ରପାତି ଆପଣଙ୍କ ଅଧିନରେ ଅଟେ । ଆପଣ ଏହାକୁ କେବେ ମଧ୍ୟ ପାପ ପାଇଁ ବ୍ୟବହାର କରିବେ ନାହିଁ, ମାତ୍ର ଈଶ୍ୱରଙ୍କ ନିମନ୍ତେ ବ୍ୟବହାର କରିବେ ।

## ପ୍ରାକୃତିକ ଇଚ୍ଛା

କେତେ ଲୋକ ମନେ କରନ୍ତି ଆମେ ପାପକୁ ଏଡ଼ାଇ ପାରିବା ନାହିଁ, ଯେହେତୁ ଆମର ପ୍ରାକୃତିକ ଇଚ୍ଛା ସକାଶୁ । ଏହା ସତ୍ୟ ଯେ, ଆମେ ପାପ ଆଚରଣରେ ଜନ୍ମ ଯାହା ଆମକୁ ପାପ ମଧ୍ୟକୁ ଘେନି ଯାଏ । ପ୍ରକୃତିରେ କେବଳ ଶାରୀରିକ ଇଚ୍ଛା ନୁହେଁ ବରଂ ମନର ଇଚ୍ଛା ଏବଂ ପାପ ଆଡ଼କୁ ଢ଼ଳୁଥିବା ଇଚ୍ଛା ମଧ୍ୟ ଅନ୍ତର୍ଭୁକ୍ତ । ଯେଉଁ ବ୍ୟକ୍ତି ଯିଏ ଈଶ୍ୱରଙ୍କ ଆତ୍ମା ଦ୍ୱାରା ନୂତନ ଜୀବନ ପ୍ରାପ୍ତ ହୋଇନାହିଁ, ସେ ପାପ କରିବାରୁ ନିବୃତ୍ତ ହୋଇପାରିବ ନାହିଁ, ଯଦିଚ ସେ କିଛି ପାପକୁ ପ୍ରତିରୋଧ କରିବାରେ ସଫଳ ହୁଅନ୍ତି । ଜଣେ ଅଣ ବିଶ୍ୱାସୀ ଯିଏ ଈଶ୍ୱରଙ୍କ ଅନୁଗ୍ରହକୁ ଅନୁଭବ କରି ନାହିଁ । ବିଶ୍ୱାସ କରିପାରିବ ନାହିଁ ଯେ, ସେ କଦାପି ବିଜୟୀ ଜୀବନ କାଟିପାରିବ ।

ପ୍ରାକୃତିକ ଇଚ୍ଛାଗୁଡ଼ିକ ସମସ୍ୟା ନୁହେଁ । ପ୍ରାକୃତିକ ଇଚ୍ଛାଗୁଡ଼ିକୁ ଈଶ୍ୱର ସୃଷ୍ଟି କରିଛନ୍ତି । ଆଦମଙ୍କଠାରେ ପ୍ରାକୃତିକ ଇଚ୍ଛା ଥିଲା କିନ୍ତୁ ଯେପର୍ଯ୍ୟନ୍ତ ସେ ଈଶ୍ୱରଙ୍କ ଅବାଧ୍ୟ ହେବାକୁ ବାଛି ନ ଥିଲେ ସେ ପର୍ଯ୍ୟନ୍ତ ପାପୀ ନ ଥିଲେ । ଏହି ଇଚ୍ଛାଗୁଡ଼ିକ ଈଶ୍ୱର ମାନବଜାତିକୁ ଯାହା ପାଇଁ ଡିଜାଇନ୍ କରିଛନ୍ତି ତାହାର ଏକ ଅଂଶ । ଇଚ୍ଛାଗୁଡିକ ନିଜେ ପାପପୂର୍ଣ୍ଣ ନୁହନ୍ତି, କିନ୍ତୁ ସେମାନେ ପ୍ରଲୋଭନକୁ ସମ୍ଭବ କରିପାରନ୍ତି ।

► ପ୍ରାକୃତିକ ଇଚ୍ଛାଗୁଡ଼ିକର କେତେକ ଉଦାହରଣ କ'ଣ ଅଟେ?

ନିମ୍ନଲିଖିତ ଚାର୍ଟଟି ସମ୍ପୂର୍ଣ୍ଣ ନୁହେଁ, କିନ୍ତୁ ପ୍ରାକୃତିକ ଇଚ୍ଛାର କିଛି ଉଦାହରଣ, ସେହି ଇଚ୍ଛାଗୁଡ଼ିକର କିଛି ସାଧାରଣ ଏବଂ ଉପଯୁକ୍ତ ପ୍ରକାଶନ ଏବଂ ସେଗୁଡ଼ିକ ପ୍ରଲୋଭନକୁ ସମ୍ଭବ କରୁଥିବା କିଛି ଉପାୟ ପ୍ରଦାନ କରେ ।

ଧ୍ୟାନ ଦିଅନ୍ତୁ, ପ୍ରାକୃତିକ ଇଚ୍ଛାଗୁଡ଼ିକ ଶରୀରର ଇଚ୍ଛା ନୁହେଁ । ସେଗୁଡ଼ିକ ପ୍ରାକୃତିକ ଅଟେ, କାରଣ ସେଗୁଡ଼ିକ ମନୁଷ୍ୟ ପ୍ରକୃତିରୁ ଆସେ କିନ୍ତୁ ସେ ସମସ୍ତ ଶାରୀରିକ ଇଚ୍ଛା ନୁହେଁ ।

| ପ୍ରାକୃତିକ ଇଚ୍ଛାର ବର୍ଗଗୁଡ଼ିକ | ପ୍ରାକୃତିକ ଇଚ୍ଛାର ସଠିକ୍ ପ୍ରକାଶନର ଉଦାହରଣ | ସମ୍ଭାବ୍ୟ ପାପ |
|---|---|---|
| ଆତ୍ମ-ସଂରକ୍ଷଣ | ସୁରକ୍ଷା ସାବଧାନତା ଅବଲମ୍ବନ କରିବା | ଭୟଭୀତ। |
| ମାନବ ଅନୁମୋଦନ। | ସାବଧାନତାର ସହିତ ପୋଷାକ ପିନ୍ଧିବା, ସୌଜନ୍ୟତା ଦେଖାଇବା | ଗର୍ବ, ଈର୍ଷା |
| ଶାରୀରିକ ସନ୍ତୁଷ୍ଟତା | ବିବାହରେ ଖାଇବା, ଶୋଇବା ଏବଂ ଯୌନ ସମ୍ପର୍କ ରଖିବା | ପାପରେ ଲିପ୍ତ ହେବା |
| ସାମାଜିକ ଉପଭୋଗ | ଅନ୍ୟମାନଙ୍କ ସହିତ ସହଭାଗିତା | ଗପସପ, ନିନ୍ଦା |
| ଶାରୀରିକ ଆରାମ | ସହଜତାକୁ ପସନ୍ଦ କରୁଥିବା | ଆଳସ୍ୟ, ଭୌତିକବାଦ |
| ଆର୍ଥିକ ସୁରକ୍ଷା | ମିତବ୍ୟୟୀ ହେବା, ନିବେଶ କରିବା | ଲୋଭ, ଅସତ୍ତା |

► ଏପରି କୌଣସି ପ୍ରାକୃତିକ ଇଚ୍ଛା ଅଛି କି ଯାହା ଆପଣ ସର୍ବଦା ପାଳନ କରିପାରିବେ ?

କୌଣସି ପ୍ରାକୃତିକ ଇଚ୍ଛାକୁ ବିନା ପ୍ରଶ୍ନରେ ଶାସନ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ । ଏପରି କୌଣସି ପ୍ରାକୃତିକ ଇଚ୍ଛା ନାହିଁ ଯାହାକୁ ଆପଣ ସୁରକ୍ଷିତ ଭାବରେ ଅନୁସରଣ କରିପାରିବେ କାରଣ ଏକ ଇଚ୍ଛା କେବଳ ଆପଣଙ୍କ ପାଇଁ ଠିକ୍ ଜିନିଷଗୁଡ଼ିକରେ ସୀମିତ ନୁହେଁ । ଉଦାହରଣ ସ୍ୱରୂପ, ଭୋକର ଇଚ୍ଛା ନିଜସ୍ୱ ଖାଦ୍ୟ, ଅନ୍ୟ ଜଣଙ୍କ ଖାଦ୍ୟ, କିମ୍ବା ଜଣେ କିଣି ପାରୁନଥିବା ଖାଦ୍ୟ ମଧ୍ୟରେ ପାର୍ଥକ୍ୟ କରେ ନାହିଁ।

ଏପରି ସମୟ ଅଛି ଯେତେବେଳେ ଇଚ୍ଛାର ଉପଯୁକ୍ତ ପ୍ରକାଶନକୁ ମଧ୍ୟ ଦମନ କରିବାକୁ ପଡ଼ିଥାଏ । ଯେହେତୁ ଜଣେ ବ୍ୟକ୍ତି ଭୋକିଲା ଅଛି ତା'ର ଅର୍ଥ ନୁହେଁ ଯେ, ସେ ଅନ୍ୟଜଣଙ୍କର ଖାଦ୍ୟ ଖାଇବ । ବିଶ୍ରାମ ନେବାର ଇଚ୍ଛା ସାଧାରଣ ଅଟେ, କିନ୍ତୁ ବେଳେବେଳେ ଜଣେ ବ୍ୟକ୍ତି କ୍ଲାନ୍ତ ଥିଲେ ମଧ୍ୟ କାର୍ଯ୍ୟ କରିବାକୁ ହୋଇଥାଏ । ବିପଦକୁ ଏଡ଼ାଇବା ଆମର ପ୍ରାକୃତିକ ଇଚ୍ଛା, କିନ୍ତୁ ଯଦି କାହାକୁ ରକ୍ଷା କରିବାର ସମୟ ଆସେ ଜଣେ ବ୍ୟକ୍ତି ବିପଦ ମଧ୍ୟକୁ ଯାଇଥାଏ ।

ପ୍ରାକୃତିକ ଇଚ୍ଛାଗୁଡ଼ିକ ଏତେ ବିକୃତ ଏବଂ ଭୁଲ୍ ଦିଗକୁ ଯାଇପାରେ ଯେ, ସେଗୁଡ଼ିକ ଅପ୍ରାକୃତିକ ଏବଂ ଅମାନବୀୟ ରୂପ ନେଇଥାଏ । ସେଥିପାଇଁ କିଛି ଲୋକ ଅତ୍ୟନ୍ତ ବିକୃତ କିମ୍ବା ନିଷ୍ଠୁର କାର୍ଯ୍ୟ କରନ୍ତି । ଭୁଲ୍ ଶିକ୍ଷା, ଖରାପ ଚିନ୍ତାଧାରା ବିକାଶ, ପାପପୂର୍ଣ୍ଣ ପରିବେଶ କିମ୍ବା ନିଜସ୍ୱ ପାପପୂର୍ଣ୍ଣ କାର୍ଯ୍ୟ ଦ୍ୱାରା ପ୍ରାକୃତିକ ଇଚ୍ଛାଗୁଡ଼ିକ ବିକୃତ କିମ୍ବା ଭୁଲ୍ ଦିଗରେ ଗତି କରେ ।

ପ୍ରତ୍ୟେକ ବିଶ୍ୱାସୀ ପ୍ରାକୃତିକ ଇଚ୍ଛା ହେତୁ ପରୀକ୍ଷାରେ ପଡ଼ିବା ଆଶା କରାଯାଇ ପାରେ । ଅନୁଗ୍ରହ ସାଧାରଣତଃ ପ୍ରାକୃତିକ ଇଚ୍ଛାକୁ ଦୂର କରେ ନାହିଁ, କିନ୍ତୁ ଏହା ଜଣେ ବ୍ୟକ୍ତିକୁ ତାଙ୍କ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଏବଂ ତାଙ୍କ ଇଚ୍ଛାକୁ ବୈଧ ବସ୍ତୁ ଆଡ଼କୁ ନିର୍ଦ୍ଦେଶିତ କରିବାର ଶକ୍ତି ଦିଏ ।

ପ୍ରାକୃତିକ ଇଚ୍ଛା ଆଧ୍ୟାତ୍ମିକ ବିଜୟ ବଜାୟ ରଖିବା ପାଇଁ ଆଧ୍ୟାତ୍ମିକ ଶୃଙ୍ଖଳାକୁ ଆବଶ୍ୟକ କରିଥାଏ । ଅନୁଗ୍ରହ ଜଣେ ବ୍ୟକ୍ତିଙ୍କୁ ଶାସ୍ତ୍ରର ନିର୍ଦ୍ଦେଶ ପାଳନ କରିବା, ଉପାସନାରେ ଯୋଗ ଦେବା, ଶରୀରକୁ ବଶୀଭୂତ ରଖିବା ଏବଂ ପ୍ରାର୍ଥନା ଓ ବାଇବଲ ଅଧ୍ୟୟନ ଅଭ୍ୟାସ କରିବା ଭଳି ଆବଶ୍ୟକତାରୁ ମୁକ୍ତ କରେ ନାହିଁ । ଜଣେ ବିଶ୍ୱାସୀ ଯିଏ ଆଧ୍ୟାତ୍ମିକ ବିଜୟ ବଜାର ରଖିବା ପାଇଁ ଗମ୍ଭୀର ଅଟେ, ସେ ତାଙ୍କର ଦୁର୍ବଳତାର କ୍ଷେତ୍ରଗୁଡ଼ିକୁ ସୁରକ୍ଷା ଦେବା ପାଇଁ ବ୍ୟକ୍ତିଗତ ପ୍ରତିବନ୍ଧକ ମଧ୍ୟ ସ୍ଥିର କରିପାରନ୍ତି ।

ପ୍ରଲୋଭନ ଆକର୍ଷଣୀୟ ଦେଖାଯିବ, କିନ୍ତୁ ଯଦି ହୃଦୟ ଈଶ୍ୱରଙ୍କ ଇଚ୍ଛା ପାଇଁ ସ୍ଥିର ଥାଏ, ତେବେ ବ୍ୟକ୍ତି ପ୍ରକୃତରେ ହୃଦୟରୁ ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରିପାରିବ (୧ ଯୋହନ ୫:୩) । ସେ ଭାବିବ ନାହିଁ ଯେ, ଯାହା ପ୍ରକୃତରେ ତାକୁ ଖୁସି କରାଇଥାଆନ୍ତା ତାହା ସେ ତ୍ୟାଗ କରୁଛି । ବିଶ୍ୱାସ ଦ୍ୱାରା ସେ ଜାଣେ ଯେ, ଈଶ୍ୱର କୌଣସି ନିର୍ଦ୍ଦୋଷ/ଅକ୍ଷତିକାରକ ଜିନିଷକୁ ନିଷିଦ୍ଧ କରନ୍ତି ନାହାନ୍ତି,

ଯଦିଓ ସେ ନିଷେଧ ହୋଇଥିବା ଜିନିଷର କ୍ଷତିକାରକତା ଦେଖନ୍ତି ନାହିଁ (ଦ୍ୱିତୀୟ ବିବରଣ ୬:୨୪) । ବିଶ୍ୱାସ ଦ୍ୱାରା ସେ ଜାଣେ ଯେ, ଈଶ୍ୱରଙ୍କ ଇଚ୍ଛା ବିରୋଧୀ କୌଣସି ଜିନିଷ ପ୍ରକୃତରେ ତାକୁ ସନ୍ତୁଷ୍ଟ କରିବ ନାହିଁ, କାରଣ ତାଙ୍କର ସନ୍ତୁଷ୍ଟି ପରମେଶ୍ୱରଙ୍କଠାରେ ଅଛି (ଗୀତସଂହିତା ୧୬:୨, ୮୪:୧୧) ।

## ଖାଦ୍ୟ ଏବଂ ବ୍ୟାୟାମ୍

► ଖାଦ୍ୟ ବିଷୟରେ ବାଇବଲ କ'ଣ କହେ?

ବାଇବଲ ଖାଦ୍ୟ ପାଇଁ କୌଣସି ବିଷୟକୁ ନିଷେଧ କରେ ନାହିଁ । ନୂତନ ନିୟମର ବିଶ୍ୱାସୀମାନଙ୍କ ପାଇଁ ପୁରାତନ ନିୟମର ଖାଦ୍ୟ ପ୍ରତିବନ୍ଧକ ଆବଶ୍ୟକ ନ ଥିଲା (୧ ତୀମଥି ୪:୪, ମାର୍କ ୭:୧୯) । ମୂର୍ତ୍ତିଗୁଡ଼ିକୁ ଅର୍ପଣ କରାଯାଇଥିବା ଖାଦ୍ୟର ଏକ ସମସ୍ୟା ଥିଲା, କିନ୍ତୁ ତାହାର କାରଣ ନ ଥିଲା ଯେ, ଖାଦ୍ୟ ଭୁଲ୍ ଥିଲା, କିନ୍ତୁ କାରଣ ଥିଲା କିଛି ଲୋକ ମୂର୍ତ୍ତିକୁ ଅର୍ପଣ ହୋଇଥିବା ଖାଦ୍ୟକୁ ଖାଉଥିଲେ (୧ କରିନ୍ଥୀୟ ୮) ।

ଶାରୀରିକ ସ୍ୱାସ୍ଥ୍ୟ ଏବଂ ଶକ୍ତି ପାଇଁ ଖାଦ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ଆମେ ଈଶ୍ୱରଙ୍କର ସେବକ ଅଟୁ, ଆମେ ଉତ୍ତମ ଶାରୀରିକ ଅବସ୍ଥାରେ ରହିବାକୁ ଚାହୁଁ । ଆମେ ଖରାପ ଖାଦ୍ୟ ସହିତ ଆମ ଶରୀରକୁ କ୍ଷତି ପହଞ୍ଚାଇବା କିମ୍ବା ଆମ ଜୀବନକୁ ଛୋଟ କରିବା ପାଇଁ ଚେଷ୍ଟା କରିବା ଉଚିତ ନୁହେଁ । ଅନେକ ଲୋକଙ୍କ ପାଖରେ ଖାଦ୍ୟର ବିକଳ୍ପ ନାହିଁ, କାରଣ ସେମାନଙ୍କୁ ଯାହା ଉପଲବ୍ଧ ଏବଂ ଯାହା ସେମାନେ କିଣି ପାରିବେ ତାହା ଖାଇବାକୁ ପଡ଼ିବ କିନ୍ତୁ ସେମାନଙ୍କୁ ସର୍ବୋତ୍ତମ ନିଷ୍ପତ୍ତି ନେବା ଉଚିତ । ସେମାନେ ମଧ୍ୟ ସେମାନଙ୍କ ପିଲାମାନଙ୍କୁ ଖାଦ୍ୟର ଉତ୍ତମ ନିଷ୍ପତ୍ତି ନେବାକୁ ଶିକ୍ଷା ଦେବା ଉଚିତ ।

ଯେଉଁ ଲୋକମାନଙ୍କ ପାଖରେ ଖାଦ୍ୟ ପାଇଁ ଖର୍ଚ୍ଚ କରିବାକୁ ଟଙ୍କା ଥାଏ, ସେମାନେ ବେଳେବେଳେ ସର୍ବୋତ୍ତମ ପୃଷ୍ଟିକର ଖାଦ ବାଛିବା ଅପେକ୍ଷା ନିଜ ପସନ୍ଦର ସ୍ୱାଦ ପାଇଁ ଅତ୍ୟଧିକ ଖାଦ୍ୟ ଖାଆନ୍ତି । ଲୋକମାନେ ଅସ୍ୱାସ୍ଥ୍ୟକର ଖାଦ୍ୟ ପାଇଁ ଅତ୍ୟଧିକ ଟଙ୍କା ଖର୍ଚ୍ଚ କରିବାକୁ ମଧ୍ୟ ପ୍ରଲୋଭିତ ହୁଅନ୍ତି । କେତେ ଲୋକ ସେବାକାର୍ଯ୍ୟ ନିମନ୍ତେ ଏକ ପୁସ୍ତକ କିଣିବାକୁ ଅସକ୍ଷମ ଅଟନ୍ତି କିନ୍ତୁ ସେତିକି ଅର୍ଥରେ ସେମାନେ ପ୍ରତ୍ୟେକ ସପ୍ତାହରେ କ୍ୟାଣ୍ଡି ଏବଂ କୋକ୍‌ରେ ଖର୍ଚ୍ଚ କରନ୍ତି ।

ଜଣେ ବ୍ୟକ୍ତିଙ୍କୁ ଭଲ ଶାରୀରିକ ସ୍ଥିତିରେ ରହିବା ପାଇଁ ଶାରୀରିକ ବ୍ୟାୟାମ ଆବଶ୍ୟକ । ଜଣେ ବ୍ୟକ୍ତି ବ୍ୟାୟାମର ଅଭାବକୁ ଶକ୍ତିର ଅଭାବ କିମ୍ବା ଶରୀରର ଅତ୍ୟଧିକ ଓଜନ ହେବାକୁ ଦେବା ଉଚିତ୍ ନୁହେଁ, ଯାହା ତାଙ୍କୁ ଈଶ୍ୱରଙ୍କ ପାଇଁ ସର୍ବୋତ୍ତମ କାର୍ଯ୍ୟ କରିବାରେ ବାଧା ସୃଷ୍ଟି କରେ । ଯଦି ଜଣେ ବ୍ୟକ୍ତିଙ୍କ ଚାକିରୀ ପାଇଁ ଶାରୀରିକ ପରିଶ୍ରମ ଆବଶ୍ୟକ ହୁଏ, ତେବେ ତାଙ୍କୁ ଅତିରିକ୍ତ ଶାରୀରିକ ବ୍ୟାୟାମର ଆବଶ୍ରକତା ପଡ଼ି ନ ପାରେ । ନଚେତ୍, ସେ ନିଜ ଶରୀରକୁ ଭଲ ଅବସ୍ଥାରେ ରଖିବା ପାଇଁ ଶୃଙ୍ଖଳାବଦ୍ଧ କରିବା ଉଚିତ୍ ।

ଜଣେ ବିଶ୍ୱାସୀ ଖାଦ୍ୟ ଏବଂ ବ୍ୟାୟାମ୍ ବିଷୟରେ ଚିନ୍ତା କରିବା ଉଚିତ କାରଣ ସେ ଈଶ୍ୱରଙ୍କର ଅଟେ । ତଥାପି ଖାଦ୍ୟ ଏବଂ ବ୍ୟାୟାମ ବିଷୟରେ ବାଇବଲରେ ନିର୍ଦ୍ଦିଷ୍ଟ ଭାବରେ ନିର୍ଦ୍ଦେଶ ଦିଆଯାଇ ନାହିଁ । ଲୋକମାନେ ନିଜ ନିଜ ପରିସ୍ଥିତିରେ ଈଶ୍ୱରଙ୍କ ପ୍ରତି ସମର୍ପଣର ନୀତିଗୁଡ଼ିକୁ ପ୍ରୟୋଗ କରିବାର ଉପାୟ ଖୋଜିବା ଉଚିତ । ଆମେ ଅନ୍ୟମାନଙ୍କୁ ବିଚାର ଏବଂ ସମାଲୋଚନା କରିବାରୁ ଦୂରେଇ ରହିବା ଉଚିତ । ଏହି ବିବରଣୀଗୁଡ଼ିକୁ ଆଧ୍ୟାତ୍ମିକ ଜୀବନର ନିୟମ କରାଯିବା ଉଚିତ ନୁହେଁ, ଯଦି ନାହିଁ ତେବେ ଏକ ମନୋନୀତ ଗୋଷ୍ଠୀ ନିର୍ଦ୍ଦିଷ୍ଟ ଶୃଙ୍ଖଳା ପ୍ରତି ପ୍ରତିବଦ୍ଧ ହୁଅନ୍ତି ।

► ଜଣେ ଛାତ୍ର ରୋମୀୟ ୧୪:୪ ଦଳ ପାଇଁ ପାଠ କରିବେ ।

ଆମେ ପ୍ରତ୍ୟେକଙ୍କୁ ଶାସ୍ତ୍ରୀୟ ନୀତିଗୁଡ଼ିକୁ ନିର୍ଦ୍ଦିଷ୍ଟ ଉପାୟରେ ପ୍ରୟୋଗ କରିବାକୁ ପଡ଼ିବ, କିନ୍ତୁ ସେଗୁଡ଼ିକୁ ଭିନ୍ନ ଭାବରେ ପ୍ରୟୋଗ କରୁଥିବା ଲୋକଙ୍କୁ ବିଚାର କରିବା ଉଚିତ ନୁହେଁ, ଯେତେବେଳେ ନିର୍ଦ୍ଦିଷ୍ଟ ପ୍ରୟୋଗଗୁଡ଼ିକ ଶାସ୍ତ୍ରରେ ନାହିଁ ।

## ଚମତ୍କାର ଶାରୀରିକ ଆରୋଗ୍ୟ

► ଜଣେ ଛାତ୍ର ରୋମୀୟ ୮:୧୮-୨୩ ଦଳ ପାଇଁ ପାଠ କରିବେ ।

ପ୍ରଥମ ମନୁଷ୍ୟ ପାପ କରିବା ହେତୁ ସମସ୍ତ ସୃଷ୍ଟି ଉପରେ ଆସିଥିବା ଅଭିଶାପର ଫଳ ହେଉଛି ରୋଗ । ଈଶ୍ୱରଙ୍କ ପରିତ୍ରାଣର ଯୋଜନା ଶେଷରେ ସୃଷ୍ଟିକୁ ପୁନଃସ୍ଥାପିତ କରିବ ଏବଂ ସମସ୍ତ ଦୁଃଖ କଷ୍ଟର ଅନ୍ତ କରିବ । ତଥାପି, ଏହି ପଦଗୁଡ଼ିକ ଆମକୁ କହେ ଯେ, ଏହି ପୁନଃରୁଦ୍ଧାର ତୁରନ୍ତ ଘଟିବ ନାହିଁ । ଯଦିଚ ଆମ୍ଭେମାନେ ଉଦ୍ଧାର ପାଇଅଛୁ । ପରମେଶ୍ୱରଙ୍କ ପରିତ୍ରାଣ ଯୋଜନା ସମାପ୍ତ ନ ହେବା ପର୍ଯ୍ୟନ୍ତ ଆମ ଶରୀର ବାର୍ଦ୍ଧକ୍ୟ ଏବଂ ରୋଗ ଭୋଗିବ ।

ଈଶ୍ୱର ପୂର୍ବରୁ ଜଗତରେ ଆଶ୍ଚର୍ଯ୍ୟ କାର୍ଯ୍ୟ କରିଛନ୍ତି । ଅନେକ ସୁସ୍ଥତାର ଆଶ୍ଚର୍ଯ୍ୟ କାର୍ଯ୍ୟ ବାଇବଲରେ ଉଲ୍ଲେଖ କରାଯାଇଛି । ମଣ୍ଡଳୀ ଦ୍ୱାରା ବିଶ୍ୱାସର ପ୍ରାର୍ଥନାର ଉତ୍ତରରେ ସୁସ୍ଥତା ପାଇବା ପାଇଁ ଈଶ୍ୱର ପ୍ରତିଜ୍ଞା କରିଛନ୍ତି (ଯାକୁବ ୫:୧୪-୧୫) । ରୋଗୀର ନିଜ ଆରୋଗ୍ୟତା ପାଇଁ ବିଶ୍ୱାସ କରିବା ଜରୁରୀ ନୁହେଁ, ତା' ପାଇଁ ମଣ୍ଡଳୀର ବିଶ୍ୱାସ ରହିବା ଆବଶ୍ୟକ । ତେଣୁ ରୋଗୀଙ୍କୁ ବିଶ୍ୱାସର ଅଭାବ ବୋଲି ଅଭିଯୋଗ କରାଯିବା ଉଚିତ ନୁହେଁ ।[22]

ଆମେ କହିପାରିବା ନାହିଁ ଯେ, ବିଶ୍ୱାସୀ ବ୍ୟକ୍ତି କଦାପି ରୋଗର ଶୀକାର ହେବ ନାହିଁ । ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଥାଇ ମଧ୍ୟ ଈଶ୍ୱର ଆୟୁବଙ୍କୁ କିଛି ସମୟ ପାଇଁ ଶାରୀରିକ ପୀଡ଼ା ନିମନ୍ତେ ଅନୁମତି ଦେଇଥିଲେ (ଆୟୁବ ୨:୮) ।

---

[22] ତାହାର ବନ୍ଧୁମାନଙ୍କର ବିଶ୍ୱାସ ହେତୁ ଯୀଶୁ ପକ୍ଷାଘାତ ବ୍ୟକ୍ତିକୁ ସୁସ୍ଥ କଲେ (ମାର୍କ ୨:୫) ।

ପାଉଲ କହିଲେ, ଈଶ୍ୱରଙ୍କ ଅନୁମତିରେ "ମୋହର ଶରୀରରେ କଣ୍ଟକ", ଯେପରି ଈଶ୍ୱରଙ୍କଠାରେ ସେ ନିର୍ଭର କରିବେ ଏବଂ ନମ୍ର ହେବେ । ଯେପରି ତାହା ଦ୍ୱାରା ହୁଏ, ସେଥିପାଇଁ ସେ ତିନିଥର ପ୍ରାର୍ଥନା କରୁଥିଲେ, କିନ୍ତୁ ଶେଷରେ ସେ ଅନୁଭବ କଲେ ଯେ, ଈଶ୍ୱର ତାଙ୍କୁ ସୁସ୍ଥ କରିବା ଅପେକ୍ଷା ଧୈର୍ଯ୍ୟ ପାଇଁ ଶକ୍ତି ଦେବାକୁ ଚାହାନ୍ତି (୨ କରିନ୍ଥୀୟ ୧୨:୭-୯) । ଏହା ସମ୍ଭବତଃ ମନେ ହୁଏ ଯେ, "ମୋହର ଶରୀରରେ କଣ୍ଟକ" ଏକ ଶାରୀରିକ କଷ୍ଟ ଥିଲା, ଯଦିଓ ଆମେ ତାହା ନିଶ୍ଚିତ ଭାବରେ ଜାଣି ନାହୁଁ ।

ପାଉଲ ଗାଲାତୀୟମାନଙ୍କୁ ପ୍ରଚାର କରିବା ସମୟରେ ଶାରୀରିକ କଷ୍ଟ ଭୋଗ କରିଥିଲେ (ଗାଲାତୀୟ ୪:୧୩-୧୫) । ସ୍ପଷ୍ଟ ଭାବରେ ତାଙ୍କ ଆଖିରେ ସମସ୍ୟା ଥିଲା, କାରଣ ସେ କହିଥିଲେ ଯେ, ଗାଲାତୀୟମାନେ ତାଙ୍କୁ ଏତେ ଭଲ ପାଉଥିଲେ ଯେ ସେମାନେ ତାଙ୍କୁ ସେମାନଙ୍କର ଆଖି ଦେବାକୁ ପ୍ରସ୍ତୁତ ହୋଇଥାନ୍ତେ । ଆମେ ଜାଣିନାହୁଁ ଯେ ପାଉଲ ପରେ ଏହି ସମସ୍ୟାରୁ ସୁସ୍ଥ ହୋଇଥିଲେ କି ନାହିଁ, ସେ ସଙ୍ଗେ ସଙ୍ଗେ ଭଲ ହୋଇ ନ ଥିଲେ । ଏହା ନିଶ୍ଚିତ ଅଟେ ଯେ, ପାଉଲ ଶିକ୍ଷା ଦେଇ ନ ଥିଲେ ଯେ, ପ୍ରତ୍ୟେକ ବିଶ୍ୱାସୀ ସର୍ବଦା ରୋଗମୁକ୍ତ ହେବେ ଏବଂ ଗାଲାତୀୟମାନେ ଭାବୁ ନ ଥିଲେ ଯେ, ତାଙ୍କର ସୁସମାଚାର ପ୍ରଚାର ତାଙ୍କର ଅସୁସ୍ଥତାର ବିପରିତ ।

► ଜଣେ ଛାତ୍ର ଫିଲିପ୍ପୀୟ ୨:୨୫-୩୦ ଦଳ ପାଇଁ ପାଠ କରିବେ ।

ଏପାଫ୍ରାଦିତ ଅସୁସ୍ଥ ଥିଲେ ଏବଂ ମୃତ୍ୟୁର ଆଶଙ୍କାରେ ଥିଲେ । ପାଉଲଙ୍କୁ ସାହାଯ୍ୟ କରିବା ପାଇଁ ସେ ବହୁତ ପରିଶ୍ରମ କରୁଥିବାରୁ ସେ ଅସୁସ୍ଥ ହୋଇ ପଡ଼ିଥିଲେ । ପାଉଲ କହିଲେ ଯେ, ଏପାଫ୍ରାଦିତ ସମ୍ମାନ ପାଇବାର ଯୋଗ୍ୟ କାରଣ ସେ ଖ୍ରୀଷ୍ଟଙ୍କ କାର୍ଯ୍ୟ ପାଇଁ ନିଜ ଜୀବନକୁ ବିପଦରେ ପକାଇ ଥିଲେ ।

ଆୟୁବ, ପାଉଲ ଏବଂ ଏପାଫ୍ରାଦିତଙ୍କ ଉଦାହରଣ ଆମକୁ ଦର୍ଶାଏ ଯେ, ଯେତେବେଳେ ଲୋକମାନେ ଅସୁସ୍ଥ ଥାଆନ୍ତି, ଆମେ ସେମାନଙ୍କୁ ବିଶ୍ୱାସର ଅଭାବ ପାଇଁ ଦୋଷାରୋପ କରିବା ଉଚିତ ନୁହେଁ । ଆମେ ଭାବିବା ନାହିଁ ଯେ, ପାପ ହେତୁ ସେମାନେ ଦଣ୍ଡ ପାଉଛନ୍ତି । କାହାର ଦୁଃଖର କୌଣସି ଆଧ୍ୟାତ୍ମିକ କାରଣ ଅଛି କି ନାହିଁ, ତାହା କେବଳ ଈଶ୍ୱର ଜାଣନ୍ତି । ଇତିହାସର କିଛି ମହାନ ଖ୍ରୀଷ୍ଟିୟାନ, ମହାନ ବିଶ୍ୱାସର ବ୍ୟକ୍ତିମାନେ ଦୀର୍ଘ ସମୟ ଧରି ରୋଗର ଶୀକାର ହୋଇଥିଲେ ।

ଔଷଧ ଖାଇବାକୁ, ଡାକ୍ତରଙ୍କ ପାଖକୁ ରୋଗ ନିମନ୍ତେ ଯିବାକୁ ବାଇବଲ ନିଷେଧ କରେ ନାହିଁ । ଯଦିଚ ଆମେ ସ୍ୱାସ୍ଥ୍ୟ ପାଇଁ ଏବଂ ସୁସ୍ଥତା ପାଇଁ ପ୍ରାର୍ଥନା କରୁ ତଥାପି ଯାହା ଉପଲବ୍ଧ ତାହାର ସାହାଯ୍ୟ ବ୍ୟବହାର କରିବା ଭୁଲ୍ ନୁହେଁ ।

ଯେଉଁମାନେ ଯାଦୁକାରୀ ଶକ୍ତି କିମ୍ବା ପରମେଶ୍ୱରଙ୍କଠାରୁ ନ ଥିବା ଆତ୍ମାର ସେବା କରୁଥିବା ଦାବି କରନ୍ତି, ସେମାନଙ୍କଠାରୁ ଆରୋଗ୍ୟ ପାଇବା ଭୁଲ୍ ଅଟେ । ଆମେ ଶୟତାନର ସେବା କରୁ ନାହୁଁ ଏବଂ ଆମେ ତା'ଠାରୁ କୌଣସି ଲାଭର ଅନୁସନ୍ଧାନ କରିବା

ଉଚିତ ନୁହେଁ । ଆମର ବିଶ୍ୱସ୍ତତା ଈଶ୍ୱରଙ୍କ ପ୍ରତି ଏବଂ ଆମେ ତାଙ୍କ ଆଶୀର୍ବାଦରେ ସନ୍ତୁଷ୍ଟ ହେବା ଉଚିତ । ଯଦି ସେ ସୁସ୍ଥ କରିବା ପାଇଁ ଚାହାନ୍ତି ନାହିଁ, ତେବେ ଆମେ ବିଶ୍ୱସ୍ତ ରହିବା ନିମନ୍ତେ ଅନୁଗ୍ରହ ଏବଂ ଶକ୍ତି ପାଇଁ ପ୍ରାର୍ଥନା କରିବା ଉଚିତ ।

## କ୍ଷତିକାରକ ପଦାର୍ଥ

କିଛି ଲୋକ ଏପରି ପଦାର୍ଥ ବ୍ୟବହାର କରନ୍ତି ଯାହା ସେମାନଙ୍କ ଶରୀରକୁ ଆନନ୍ଦ ଦିଏ କିନ୍ତୁ ଖରାପ ପରିଣାମ ଥାଏ ।

ଚିକିତ୍ସା ପାଇଁ ବେଳେବେଳେ ନିଶାଦ୍ରବ୍ୟ ଆବଶ୍ୟକ ହେଲେ ମଧ୍ୟ ସେଗୁଡ଼ିକୁ କେବେବି ଆନନ୍ଦ ପାଇଁ ବ୍ୟବହାର କରାଯିବା ଉଚିତ ନୁହେଁ । ସେଗୁଡ଼ିକ ଶରୀରକୁ କ୍ଷତି ପହଞ୍ଚାଇ ପାରନ୍ତି ଏବଂ ନିଶା ସୃଷ୍ଟି କରିପାରନ୍ତି । ଅନେକ ସ୍ଥାନରେ ଡାକ୍ତରଙ୍କ ପ୍ରେସକ୍ରିପ୍ସନ୍ ଏବଂ ତଦାରଖ ବିନା ନିଶାଦ୍ରବ୍ୟ ବ୍ୟବହାର କରିବା ବେଆଇନ୍ ଅଟେ ।

ଅତି କମ୍ ପରିମାଣ ବ୍ୟତୀତ, ମଦ୍ୟପାନ ଜଣେ ବ୍ୟକ୍ତିଙ୍କ ଧାରଣାକୁ ପ୍ରଭାବିତ କରେ ଏବଂ ତାଙ୍କୁ ଏପରି କାର୍ଯ୍ୟ କରିବାକୁ ବାଧ୍ୟ କରେ ଯାହା ଦ୍ୱାରା ସେ ପ୍ରଭାବିତ ନ ହୋଇଥିଲେ କାର୍ଯ୍ୟ କରିବେ ନାହିଁ । ମଦ ମଧ୍ୟ ନିଶା ଅଟେ । ଅଧିକ ପରିମାଣ ମଦ୍ୟପାନ ଶରୀରକୁ କ୍ଷତି କରେ । ଏହା ସାଂସାରିକ, ଅନୈତିକ ମନୋରଞ୍ଜନର ସ୍ଥାନରେ ଅତ୍ୟଧିକ ବ୍ୟବହୃତ ହୋଇଥାଏ । ବାଇବଲ ସିଧାସଳଖ ମଦ୍ୟପାନକୁ ନିଷେଧ କରେ ନାହିଁ, କିନ୍ତୁ ଅନେକ ଚର୍ଚ୍ଚ ଏହାକୁ ନିଷେଧ କରେ କାରଣ ଏହା ଆଚରଣ ଏବଂ ବିଚାରକୁ ପ୍ରଭାବିତ ତରେ, ନିଶାକର ଏବଂ ପ୍ରାୟତଃ ଅନୈତିକ ଆଚରଣ ସହିତ ଆସିଥାଏ । ଅନେକ ବିଶ୍ୱାସୀ ଚିନ୍ତିତ ଯେ, ଯଦି ଜଣେ ବ୍ୟକ୍ତି ବିପଦକୁ ଏଡ଼ାଇବା ସହିତ ସତର୍କତାର ସହ ମଦ୍ୟପାନ କରେ, ତେବେ ସେ ଅନ୍ୟମାନଙ୍କୁ, ବିଶେଷ କରି ଯୁବାମାନଙ୍କୁ କ୍ଷତିକାରକ ଭାବରେ ପ୍ରଭାବିତ କରିପାରେ ।

► ଜଣେ ଛାତ୍ର ହିତୋପଦେଶ ୨୦:୧ ଏବଂ ହିତୋପଦେଶ ୩୧:୪-୫ ଦଳ ପାଇଁ ପାଠ କରିବେ ।

ଧୂମ୍ରପାନ କିମ୍ବା ନିୟମିତ ଚୋବାଇ ଖାଉଥିବା ତମାଖୁ ନିଶାକାରକ ଏବଂ ଜୀବନକୁ ଅନେକ ବର୍ଷ ହ୍ରାସ କରିଥାଏ । କ୍ୟାନସର୍ ହେବାର ବିପଦ ଥାଏ ।

ବାଇବଲ ବିଶେଷ ଭାବରେ ନିଶ୍ରାଦ୍ରବ୍ୟ, ମଦ୍ୟପାନ କିମ୍ବା ତମାଖୁକୁ ନିଷେଧ କରେ ନାହିଁ । ତଥାପି, ଅଧିକାଂଶ ଲୋକ ଯେଉଁମାନେ ସେମାନଙ୍କର କ୍ଷତିକାରକତାକୁ ବୁଝନ୍ତି ସେମାନେ ବିଶ୍ୱାସ କରନ୍ତି ଯେ, ଖ୍ରୀଷ୍ଟଙ୍କର ଜଣେ ଅନୁଗାମୀ ହୋଇଥିବା ହେତୁ ସେଗୁଡ଼ିକୁ ବ୍ୟବହାର କରିବା ଉଚିତ ନୁହେଁ । ଲୋକମାନେ ଏହି ପଦାର୍ଥଗୁଡ଼ିକର ପୂର୍ଣ୍ଣ ପ୍ରଭାବ ଜାଣିବା ପୂର୍ବରୁ, ସବୁଠାରେ ଏହା ସର୍ବଦା ହୋଇ ନ ଥିଲା ।

ଏହି ପଦାର୍ଥଗୁଡ଼ିକର ସବୁଠାରୁ ବଡ଼ ବିପଦ ହେଉଛି ବ୍ୟବହାରକାରୀଙ୍କୁ ନିଶାଗ୍ରସ୍ତ କରିବାର ପ୍ରବୃତ୍ତି । ନିଶା ଜଣେ ବ୍ୟକ୍ତିର ଜୀବନକୁ ନିୟନ୍ତ୍ରଣ କରେ । ସେଗୁଡ଼ିକ ତା'ର ସମ୍ବଳକୁ ବ୍ୟବହାର କରନ୍ତି । ସେଗୁଡ଼ିକ ତାଙ୍କର ଧାରଣାକୁ ପ୍ରଭାବିତ କରନ୍ତି, ତାଙ୍କୁ ଅଯୌକ୍ତିକ ଭାବରେସେଗୁଡ଼ିକୁ ଯଥାର୍ଥ କରିବାକୁ ବାଧ୍ୟ କରନ୍ତି । ସେ ଏପରି ବଳିଦାନ ଦିଅନ୍ତି ଯାହା ତାଙ୍କ ପରିବାର ଏବଂ କାର୍ଯ୍ୟକୁ କ୍ଷତି ପହଞ୍ଚାଏ । ନିଶା ଏପରି ଆନୁଗତ୍ୟ ଦାବି କରେ ଯାହା ଏକ ଧର୍ମ ସହିତ ସମାନ ଏବଂ ଈଶ୍ୱରଙ୍କ ପ୍ରତି ଆନୁଗତ୍ୟ ସହିତ ସଂଘର୍ଷ କରେ ।

ଏଫିସୀୟ ୫:୧୮ ଆମକୁ କହେ, ବିଶ୍ୱାସୀମାନେ ମତ୍ତ ନ ହୋଇ, ବରଂ ଈଶ୍ୱରଙ୍କ ଆତ୍ମାରେ ପରିପୂର୍ଣ୍ଣ ହେବା ଉଚିତ ।

## ପରିଷ୍କାର, ପରିଚ୍ଛନ୍ନତା ଏବଂ ଦୃଶ୍ୟ

ବିଶ୍ୱାସୀଙ୍କ ଶାରୀରିକ ପରିଷ୍କାର ପରିଚ୍ଛନ୍ନତା ଅଭ୍ୟାସ ରହିବା ଉଚିତ ଯାହା ଅତି କମ୍‌ରେ ତାଙ୍କ ସଂସ୍କୃତିର ସାଧାରଣ ରୀତି ପରି ଭଲ ତାଙ୍କ ଶରୀରରେ ଦୁର୍ଗନ୍ଧ, ଅବ୍ୟବସ୍ଥିତ କେଶ, ମଇଳା କିମ୍ବା ଖରାପ ଅବସ୍ଥାରେ ଥିବା ପୋଷାକ ପାଇଁ ଅନ୍ୟମାନେ ତାଙ୍କୁ ଲକ୍ଷ୍ୟ କରିବା ଉଚିତ୍ ନୁହେଁ । ଦାରିଦ୍ର୍ୟତାରେ ଥିବା ବ୍ୟକ୍ତିଙ୍କୁ ଭଲ ଦେଖାଣିଆ ରଖିବାରେ କିଛି ଅସୁବିଧା ହୋଇପାରେ, କିନ୍ତୁ ସେ ଯାହା କରିପାରିବେ, ତାହା କରିବା ଉଚିତ ।

ଯଦି ଆପଣଙ୍କ ବନ୍ଧୁ ଆପଣଙ୍କ ବେଶ କିମ୍ବା ପରିଷ୍କାର ପରିଚ୍ଛନ୍ନତାକୁ ଦେଖି ପରିହାସ କରେ, ତେବେ ଆପଣ ତାହା ଶୁଣିବା ଉଚିତ୍ । ପିତାମାତା ସେମାନଙ୍କ ସନ୍ତାନମାନଙ୍କୁ ଭଲ ଅଭ୍ୟାସ ଶିଖାଇବା ଉଚିତ ।

ବିଶ୍ୱାସୀମାନେ ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ ବୋଲି ଦେଖାଇବା ପାଇଁ ପୋଷାକ ଏବଂ ସାଜସଜ୍ଜା ବ୍ୟବହାର କରି ଜଗତର ଢ଼ାଞ୍ଚା ଅନୁସରଣ କଙ୍କରିବା ଉଚିତ ନୁହେଁ ।

ତଥାପି, ଏକ ଅସାବଧାନ ଦେଖାଣିଆ ସୂଚାଇପାରେ ଯେ, ଜଣେ ବ୍ୟକ୍ତି ଯେଉଁମାନଙ୍କୁ ସେ ଭେଟିଥାଏ, ସେମାନଙ୍କ ପ୍ରତି ତାଙ୍କର କମ୍ ସମ୍ମାନ ଅଛି । ଉଦାହରଣ ସ୍ୱରୂପ, ଯଦି ଆପଣ ସଭାକୁ ଯିବା ସମୟରେ ଆପଣଙ୍କ ବାହ୍ୟରୂପ ପ୍ରତି ଅସାବଧାନ ହୁଅନ୍ତି, ତେବେ ଏହା ଦେଖାଯାଇପାରେ ଯେ ଆପଣ ଭାବୁଛନ୍ତି ଯେ, ସଭା ଏବଂ ଲୋକମାନେ ସମମାନ ପାଇବାର ଯୋଗ୍ୟ ନୁହଁନ୍ତି । ଖ୍ରୀଷ୍ଟିୟାନମାନେ କିପରି ପରମେଶ୍ୱରଙ୍କୁ ସମ୍ମାନ ଏବଂ ଅନ୍ୟମାନଙ୍କ ପ୍ରତି ଭଲ ଉପସ୍ଥିତ ଭାବରେ ସମ୍ମାନ ଦେଖାଇବେ ତାହା ପ୍ରଦର୍ଶନ କରିବା ଉଚିତ ।

ଯେଉଁମାନଙ୍କର ଆଧ୍ୟାତ୍ମିକ ପ୍ରାଥମିକତା ନାହିଁ, ସେମାନେ ପ୍ରାୟତଃ ଦୃଷ୍ଟି ଆକର୍ଷଣ କରିବା ପାଇଁ ପୋଷକ ପିନ୍ଧି ଶରୀରକୁ ଗୁରୁତ୍ୱ ଦିଅନ୍ତି । ଜଣେ ବ୍ୟକ୍ତି ତାଙ୍କର ମାଂସପେଶୀ ଦେଖାଇବାକୁ ଇଚ୍ଛା କରିବେ । ଜଣେ ମହିଳା, ପୁରୁଷମାନଙ୍କ ପାଇଁ ଶାରୀରିକ

ଭାବରେ ଆକର୍ଷଣୀୟ ହେବାକୁ ଚାହିଁ ପାରନ୍ତି । ବିଶ୍ୱାସୀମାନେ ନିଜ ପୋଷକ ଦ୍ୱାରା ଗର୍ବ ଦେଖାଇବାକୁ କିମ୍ବା ଭୁଲ୍ ପ୍ରକାରର ଧ୍ୟାନ ଆକର୍ଷଣ କରିବା ଉଚିତ ନୁହେଁ ।

## ଦଳଗତ ଆଲୋଚନା ନିମନ୍ତେ

ଈଶ୍ୱରଙ୍କ ପ୍ରତି ସମର୍ପଣ କିପରି ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଉଚିତ, ସେ ବିଷୟରେ ଚିନ୍ତା କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରନ୍ତୁ ।

► କିପରି ଆପଣଙ୍କର ଅଭ୍ୟାସ ଦର୍ଶାଇବା ଯେ, ଆପଣଙ୍କ ଶରୀର ଈଶ୍ୱରଙ୍କର ଅଟେ?

ବିଶ୍ୱାସୀମାନଙ୍କ ପାଇଁ ଆବଶ୍ୟକତା ଭାବରେ ଖାଦ୍ୟ ନିୟମ କିମ୍ବା ସମାନ ପ୍ରତିବନ୍ଧକ ଲାଗୁ କରିବା ପାଇଁ ଉଦ୍ଦିଷ୍ଟ ଲମ୍ବା ଯୁକ୍ତିକୁ ଏଡ଼ାନ୍ତୁ ।

► ତୁମେ କାହିଁକି କିଛି ପଦାର୍ଥ ବ୍ୟବହାର କରୁ ନାହଁ, ତାହା ଜଣେ ବ୍ୟକ୍ତିଙ୍କୁ କିପରି ବୁଝାଇବ?

## ପ୍ରାର୍ଥନା

ସ୍ୱର୍ଗସ୍ଥ ପିତା,

ପ୍ରଥମେ ପୃଥିବୀରେ ଏବଂ ତା'ପରେ ସ୍ୱର୍ଗରେ ରହିବା ପାଇଁ ତୁମେ ଆମକୁ ଯେଉଁ ସୁନ୍ଦର ଆକାର ଦେଇଅଛ ସେଥିପାଇଁ ତୁମକୁ ଧନ୍ୟବାଦ ଦେଉଛୁ ।

ତୁମେ ମୋତେ ସୃଷ୍ଟି କରିଅଛ ଏବଂ ମୋତେ ମୁକ୍ତି ଦେଇଅଛ ବୋଲି ଜାଣି ତୁମ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ହୋଇ ବଞ୍ଚିବାକୁ ମୋତେ ସାହାଯ୍ୟ କର ।

ତୁମର ସେବା ଏବଂ ତୁମର ଉପାସନାକୁ ବାଧା ଦେଉଥିବା ଯେକୌଣସି ଜିନିଷରୁ ମୋତେ ମୁକ୍ତ ଭାବରେ ବଞ୍ଚିବାକୁ ସାହାଯ୍ୟ କର ।

ତୁମର ପବିତ୍ର ଆତ୍ମାଙ୍କର ମନ୍ଦିର ହେବା ପାଇଁ ମୋତେ ଯେଉଁମାନେ ସୁଯୋଗ ଦେଇଅଛ ସେଥିପାଇଁ ଧନ୍ୟବାଦ ଦେଉଛୁ । ମୁଁ ଏପରି ଭାବରେ ବଞ୍ଚିବାକୁ ଚାହୁଁଛି, ଯାହା ତୁମକୁ ସମ୍ମାନ କରେ ।

ଆମେନ୍

## ପାଠ ୧୩ - ଦିଆଯାଇଥିବା କାର୍ଯ୍ୟ

(୧) ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଏକ ବ୍ୟକ୍ତିଗତ ଡାଏରୀରେ ଲେଖ (ଶ୍ରେଣୀର ନେତାଙ୍କୁ ଦେଖାନ୍ତୁ ନାହିଁ)

- ଈଶ୍ୱରଙ୍କ ପ୍ରତି ଆପଣ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କି? ଆପଣଙ୍କ ପାଇଁ ତା'ର ଅର୍ଥ କ'ଣ ?
- କେଉଁ ପ୍ରାକୃତିକ ଇଚ୍ଛାଗୁଡ଼ିକ ଆପଣଙ୍କ ଜୀବନରେ ପ୍ରାୟତଃ ପ୍ରଲୋଭନ ଆଣିଥାଏ?
- ଏହି ପ୍ରଲୋଭନଗୁଡ଼ିକୁ ନିରନ୍ତର ଭାବରେ ପରାସ୍ତ କରିବା ପାଇଁ ତୁମେ କେଉଁ ଦୁଇ କିମ୍ବା ତିନୋଟି ଶାସ୍ତ୍ରାଂଶ ମନେ ରଖିବା ଉଚିତ?
- ଏହି ପାଠଟି ଅଧ୍ୟୟନ କରିବା ସମୟରେ ଈଶ୍ୱର ତୁମକୁ କେଉଁ ପରିବର୍ତ୍ତନ ଆଣିବା ବିଷୟେ କହିଛନ୍ତି?

(୨) ୧ କରିନ୍ଥୀୟ ୧୫ ପର୍ବ ପାଠ କର । ପ୍ରଥମେ ଏହାକୁ ବିଭାଗରେ ଭାଗ କର, ଯେପରି ପ୍ରତ୍ୟେକ ବିଭାଗ ଛୋଟ ଛୋଟ ବିଷୟବସ୍ତୁ ହୋଇପାରିବ । ପ୍ରତ୍ୟେକ ବିଭାଗ ପାଇଁ ସେହି ବିଭାଗର ମ୍ୟାସେଜ୍ ବ୍ୟାଖ୍ୟା କରି ଏକ ଅନୁଚ୍ଛେଦ ଲେଖ । ଏହି ଅଧ୍ୟାୟ ଉପରେ ଆଧାରିତ ବ୍ୟବହାରିକ ନିର୍ଦ୍ଦେଶଗୁଡ଼ିକ କ'ଣ ?

# ସୁପାରିଶ କରାଯାଇଥିବା ସାଧନଗୁଡ଼ିକ

ଏହି ପାଠ୍ୟକ୍ରମରେ ଅନୁସନ୍ଧାନ କରାଯାଇଥିବା ବିଷୟଗୁଡ଼ିକ ବିଷୟରେ ଅଧିକ ଜାଣିବା ପାଇଁ, ଦୟାକରି ନିମ୍ନଲିଖିତ ସମ୍ବଳଗୁଡ଼ିକ ଦେଖନ୍ତୁ ।

## ପାଠ - ୧ - ଖ୍ରୀଷ୍ଟିୟାନ ମର୍ଯ୍ୟାଦା


McDowell, Josh, and Bob Hostetler. *Right from Wrong.* Nashville: W Publishing Group, ୧୯୯୪.

Sider, Ron. *The Scandal of the Evangelical Conscience.* Grand Rapids: Baker Books, ୨୦୦୫.


## ପାଠ - ୨ - ଈଶ୍ୱରଙ୍କ ପ୍ରତି ଆଜ୍ଞାପାଳନର ଅଭ୍ୟାସ


Keep, Tim and Becky. *It's All about Obedience.* Shoals: Whispering Pines Publishing, ୨୦୧୬.

*Spiritual Formation* (course from Shepherds Global Classroom) । ଅନ୍ ଲାଇନ୍‌ରେ ଉପଲବ୍ଧ: https://www.shepherdsglobal.org/courses


## ପାଠ - ୩ - କାର୍ଯ୍ୟ


McQuilkin, Robertson. *An Introduction to Biblical Ethics.* (Second Edition) । Wheaton: Tyndale House Publishers, Inc., ୧୯୯୫.


## ପାଠ - ୪ - ସମ୍ପର୍କ


Chapman, Gary. *The Five Love Languages.* Chicago: Northfield Publishing, ୨୦୧୫.

Carnegie, Dale. *How to Win Friends and Influence People*. New York: Pocket Books, ୧୯୩୬.


## ପାଠ - ୫ - ଈଶ୍ୱରଙ୍କ ପରିଚାଳନା


Duewel, Wesley. *Let God Guide You Daily*. Greenwood, IN: One Mission Society, ୧୯୮୮.

## ପାଠ - ୬-୭ - ବିବାହ


Drescher, John. *For Better, For Worse.* Morgantown, PA: Masthof Press, ୨୦୧୨.

Eggerichs, Emerson. *Love and Respect*. Nashville: Thomas Nelson, ୨୦୦୪.

Thomas, Gary. *Sacred Marriage.* Grand Rapids: Zondervan, ୨୦୦୦.


## ପାଠ - ୮ - ଖ୍ରୀଷ୍ଟିୟାନ ପରିବେଶ


Schaeffer, Francis, Udo W. Middelmann, Lynn White Jr., and Richard Means. *Pollution and the Death of Man*. Wheaton: Tyndale House, ୧୯୭୦.


## ପାଠ - ୯ - ଟଙ୍କା


Ramsey Dave. *The Financial Peace Planner*. New York: Penguin Books, ୧୯୯୮.

Wesley, John. "The Use of Money" (a sermon) । ଅନ୍ ଲାଇନ୍‌ରେ ଉପଲବ୍ଧ https://holyjoys.org/john-wesley-on-the-use-of-money/ (as of October ୧୨, ୨୦୨୨) ।


## ପାଠ - ୧୦ - ସାଧୁତା


Covey, Stephen M. R. *The Speed of Trust: The One Thing that Changes Everything.* New York: Free Press, ୨୦୦୬.


## ପାଠ - ୧୧ - ମାନବୀୟ ମୂଲ୍ୟବୋଧ


Lewis, C. S. *The Abolition of Man*.

Colson, Charles and Nancy Pearcey. *How Shall We Now Live?* Wheaton: Tyndale House Publishers, ୧୯୯୯.


## ପାଠ – ୧୨ - ସରକାର


Schaeffer, Francis. *A Christian Manifesto*. Wheaton: Crossway Books, ୧୯୮୧.


## ପାଠ – ୧୩ - ଖ୍ରୀଷ୍ଟିୟାନର ଶରୀର


Foster, Richard. *Celebration of Discipline*. New York: HarperCollins Publishers, ୧୯୭୮.

# ଦିଆଯାଇଥିବା କାର୍ଯ୍ୟର ରେକର୍ଡ

ଛାତ୍ରର ନାମ ______________________________________

ପ୍ରତ୍ୟେକ ଭାରାର୍ପିତ ଦିଆଯାଇଥିବା କାର୍ଯ୍ୟ ସମାପ୍ତ ହେବା ପରେ ସାଇନ୍ କରନ୍ତୁ । Shepherds Global Classroom ଠାରୁ ଏକ ସାର୍ଟିପିକେଟ୍ ଗ୍ରହଣ କରିବାକୁ ହେଲେ ସମସ୍ତ ଦିଆଯାଇଥିବା କାର୍ଯ୍ୟ ସଫଳତାର ସହ ସମାପ୍ତ କରିବାକୁ ହେବ ।

| ପାଠ | ଦିଆଯାଇଥିବା କାର୍ଯ୍ୟ ୧ | ଦିଆଯାଇଥିବା କାର୍ଯ୍ୟ ୨ | ଦିଆଯାଇଥିବା କାର୍ଯ୍ୟ ୩ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |
| ୬ | | | |
| ୭ | | | |
| ୮ | | | |
| ୯ | | | |
| ୧୦ | | | |
| ୧୧ | | | |
| ୧୨ | | | |
| ୧୩ | | | |

Shepherds Global Classroomରୁ ସମାପ୍ତିର ପ୍ରମାଣ ପତ୍ର ପାଇଁ ଆବେଦନ ଆମର ୱେବ୍ ପେଜ୍‌ରେ ଉପଲବ୍ଧ www.shepherdsglobal.org/courses । SGC ର ପ୍ରେସିଡେଣ୍ଟଙ୍କଠାରୁ ସାର୍ଟିଫିକେଟ ଅନ୍‌ଲାଇନ୍/ଡିଜିଟାଲ୍‌ରେ ଶିକ୍ଷକଙ୍କ ନିକଟକୁ ପଠାଯିବ ଏବଂ ଛାତ୍ରଙ୍କ ପ୍ରତି ବଦଳରେ ତାଙ୍କର ଫେସିଲିଟେଟର୍‌ଙ୍କ ପାଖକୁ ପଠାଯିବ ।